ସ୍ଥାନୀୟ ନିକାୟଗୁଡ଼ିକ ଉପରେ

ମାର୍ଚ୍ଚ 2021 ରେ ସମାପିତ ବର୍ଷ ପାଇଁ

ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକଙ୍କ ପ୍ରତିବେଦନ

SUPREME AUDIT INSTITUTION OF INDIA
लोकहितार्थ सत्यनिष्ठा
Dedicated to Truth in Public Interest

ଓଡ଼ିଶା ସରକାର

ପ୍ରତିବେଦନ ସଂଖ୍ୟା 3 ବର୍ଷ 2023

© ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକ
https//cag.gov.in/ag1/odisha

ସ୍ଥାନୀୟ ନିକାୟଗୁଡ଼ିକ ଉପରେ

ମାର୍ଚ୍ଚ 2021 ରେ ସମାପିତ ବର୍ଷ ପାଇଁ

ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକଙ୍କ ପ୍ରତିବେଦନ

ଓଡ଼ିଶା ସରକାର

ପ୍ରତିବେଦନ ସଂଖ୍ୟା 3 ବର୍ଷ 2023

ସୂଚୀପତ୍ର

	ପ୍ରସଙ୍ଗ	
	ଅନୁଚ୍ଛେଦ	*ପୃଷ୍ଠା*
ମୁଖବନ୍ଧ		v
ବିହଙ୍ଗାବଲୋକନ		vii-xi
ଭାଗ-କ **ଅଧ୍ୟାୟ 1** **ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ବିହଙ୍ଗାବଲୋକନ**		
ଉପକ୍ରମ	1.1	1
ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ସାଙ୍ଗଠନିକ ବ୍ୟବସ୍ଥା	1.2	1
ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟକାରିତା	1.3	3
ପିଆର୍‌ଆଇଗୁଡ଼ିକର କର୍ମଚାରୀ ନିଯୁକ୍ତି ପଦ୍ଧତି	1.4	3
ବିଭିନ୍ନ କମିଟିର କାର୍ଯ୍ୟକାରିତା	1.5	4
ପାଣ୍ଠିର ପ୍ରବାହିତ ବ୍ୟବସ୍ଥା	1.6	4
ରାଜ୍ୟ ଅର୍ଥ ଆୟୋଗ (ଏସ୍‌ଏଫ୍‌ସି)ଙ୍କ ସୁପାରିଶ	1.7	6
କେନ୍ଦ୍ରୀୟ ଅର୍ଥ ଆୟୋଗଙ୍କ ସୁପାରିଶ (ସିଏଫ୍‌ସି)	1.8	7
ଅଡିଟ୍ ଜନାଦେଶ	1.9	7
ପ୍ରାଥମିକ ଅଡିଟର	1.9.1	7
ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକଙ୍କ ଦ୍ୱାରା ଅଡିଟ୍	1.9.2	8
ପ୍ରତିବେଦନ କରିବା ବ୍ୟବସ୍ଥା	1.10	8
ପ୍ରାରମ୍ଭିକ ଅଡିଟରଙ୍କ ଅଡିଟ୍ ପ୍ରତିବେଦନ	1.10.1	8
ସ୍ଥାନୀୟ ନିକାୟଗୁଡ଼ିକ ଉପରେ ସିଏଜିଙ୍କ ପ୍ରତିବେଦନ	1.10.2	8
ଅଡିଟ୍ ଅବଲୋକନ ଉପରେ ଜବାବ	1.10.3	9
ଦାୟିତ୍ୱଧ୍ୱନତା ସଂକ୍ରିୟା	1.11	10
ନ୍ୟାୟପାଳ (ଓମ୍ବୁଡସ୍‌ମ୍ୟାନ୍)	1.11(i)	10
ଲୋକାୟୁକ୍ତ	1.11(ii)	10
ସାମାଜିକ ଅଡିଟ୍	1.11(iii)	10
ଉପଯୋଗ ପ୍ରମାଣ ପତ୍ର (ୟୁସି) ପ୍ରଦାନରେ ବିଳମ୍ବ	1.12	10
ବକେୟା ଅଗ୍ରୀମ	1.13	10
କ୍ୟାସ୍ ବହିର ଅବଶେଷ ନେଳଜ ନହେବା	1.14	10
ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଦ୍ୱାରା ହିସାବ ପରିଚାଳନା	1.15	10
ଅଧ୍ୟାୟ 2 **ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଯୋଜନାର ସମ୍ପାଦନ ସମୀକ୍ଷା**		
ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣର କାର୍ଯ୍ୟାନ୍ୱୟର ଦକ୍ଷତା ଉପରେ ସମୀକ୍ଷା	2	13
ଅଧ୍ୟାୟ 3 **ପଞ୍ଚାୟତିରାଜ ଅନୁଷ୍ଠାନର ହିସାବର ଅନୁପାଳନ ଅଡିଟ୍**		
ଉପକ୍ରମ	3.1	49
ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ପ୍ରାପ୍ତ କରିଥିବା ଚତୁର୍ଦ୍ଦଶ ଅର୍ଥ ଆୟୋଗର ଅନୁଦାନର ବିନିଯୋଗ	3.2	49
ଆମ ଗାଁ ଏବଂ ଆମ ବିକାଶ ଯୋଜନା ପାଣ୍ଠିର ଉପଯୋଗ	3.3	51
ସ୍ୱଚ୍ଛ ଭାରତ ମିଶନ-ଗ୍ରାମୀଣର କାର୍ଯ୍ୟକାରିତା	3.4	55

ଭାଗ-ଖ		
ଅଧ୍ୟାୟ 4		
ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର ବିହଙ୍ଗାବଲୋକନ		
ଉପକ୍ରମ	4.1	59
ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର ସଂଗଠିତ ସେଟ୍‌ଅପ୍	4.2	60
ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର କାର୍ଯ୍ୟାବଳୀ	4.3	61
ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର କର୍ମଚାରୀ ବ୍ୟବସ୍ଥିକରଣ	4.4	62
ସ୍ଥାୟୀ କମିଟି	4.5	62
ଜିଲ୍ଲା ଯୋଜନା କମିଟ	4.6	62
ପାଣ୍ଠି ପ୍ରବାହ ବ୍ୟବସ୍ଥା	4.7	63
ରାଜ୍ୟ ଅର୍ଥ କମିଶନ (ଏସ୍‌ଏଫ୍‌ସି)ଙ୍କ ସୁପାରିଶ	4.8	63
କେନ୍ଦ୍ରୀୟ ଅର୍ଥ ଆୟୋଗର ସୁପାରିଶ (ସିଏଫ୍‌ସି)	4.9	63
ସେବା ସ୍ତରୀୟ ମାନଦଣ୍ଡ	4.9.1	65
ଅଡିଟ୍ ଜନାଦେଶ	4.10	66
ପ୍ରାଥମିକ ଅଡିଟର	4.10.1	66
ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକଙ୍କ ଦ୍ୱାରା ଅଡିଟ୍	4.10.2	66
ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକଙ୍କ ଦ୍ୱାରା ବୈଷୟିକ ମାର୍ଗଦର୍ଶନ ଏବଂ ସମର୍ଥନ (ଟିଜିଏସ୍)	4.10.3	66
ରିପୋର୍ଟିଂ ବ୍ୟବସ୍ଥା	4.11	67
ପ୍ରାଥମିକ ଅଡିଟରଙ୍କ ଅଡିଟ୍ ରିପୋର୍ଟ	4.11.1	67
ପୌରସଂସ୍ଥା ଉପରେ ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକଙ୍କ ରିପୋର୍ଟ	4.11.2	67
ଅଡିଟ୍ ବିଶ୍ଳେଷଣର ପ୍ରତିଉତ୍ତର	4.11.3	67
ବାର୍ଷିକ ବୈଷୟିକ ଯାଞ୍ଚ ରିପୋର୍ଟ (ଓଟିଆଇଆର୍)	4.11.4	68
ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ହିସାବିତ ଢାଞ୍ଚା	4.12	69
ହିସାବର ରକ୍ଷଣାବେକ୍ଷଣ ଏବଂ ହିସାବର ପ୍ରମାଣିକରଣ	4.12.1	69
ଏକ୍ରୁଆଲ୍ ଆଧାରିତ ଆକାଉଣ୍ଟିଂ ସିଷ୍ଟମ ଗ୍ରହଣ କରିବା	4.12.2	69
ନିଜସ୍ୱ ରାଜସ୍ୱ ସୃଷ୍ଟି	4.13	69
ସମ୍ପତ୍ତି ଟିକସ ଉପରେ କେନ୍ଦ୍ରୀୟ ମୂଲ୍ୟାୟନ ବୋର୍ଡ	4.13.1	69
ଆର୍ଥିକ ରିପୋର୍ଟିଂ ବିଷୟ	4.14	70
ଉପଯୋଗ ପ୍ରମାଣପତ୍ର ଦାଖଲ	4.14.1	70
ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଖୋଲିବା	4.14.2	70
ବ୍ୟାଙ୍କ ଆକାଉଣ୍ଟ ବାଲାନ୍ସ ସହ ନଗଦ ବହିର ସମନ୍ୱୟ ନ ହେବା	4.14.3	70
ଅଧ୍ୟାୟ 5		
74 ତମ ସମ୍ବିଧାନ ସଂଶୋଧନ ଅଧିନିୟମର କାର୍ଯ୍ୟକାରିତା ଉପରେ କାର୍ଯ୍ୟଦକ୍ଷତା ସମୀକ୍ଷା		
3 ଏଫ୍‌ଏସ୍ ପାଣ୍ଠି, କାର୍ଯ୍ୟ ଏବଂ କାର୍ଯ୍ୟକାରିତା ଉପରେ ଧ୍ୟାନ ଦେଇ 74 ତମ ସମ୍ବିଧାନ ସଂଶୋଧନ ଅଧିନିୟମର କାର୍ଯ୍ୟକାରିତା ଉପରେ କାର୍ଯ୍ୟଦକ୍ଷତା ଅଡିଟ୍	5	71
ଅଧ୍ୟାୟ 6		
ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର ଅନୁପାଳନ ସମୀକ୍ଷା		
ଉପକ୍ରମ	6.1	111
ଜିଲ୍ଲା ଭିତ୍ତିକ ସମୀକ୍ଷାର ଉଦ୍ଦେଶ୍ୟ	6.1.1	111
ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ଆର୍ଥିକ ପରିଚାଳନା	6.2	111

ସମୀକ୍ଷା ହୋଇଥିବା ୟୁଏଲ୍‌ବି ଗୁଡ଼ିକରେ ସଠିକ୍ ଆର୍ଥିକ ନିୟନ୍ତ୍ରଣ ପରିଚାଳନାର ଅନୁପସ୍ଥିତି	6.3	113
ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଦ୍ୱାରା ସେବା ବିତରଣ	6.4	116
ସ୍ୱଚ୍ଛ ଭାରତ ମିଶନ	6.5	124
ପ୍ରଧାମନ୍ତ୍ରୀ ଆବାସ ଯୋଜନା (ସହରୀ)	6.6	128
ଅଡିଟ୍ ଅନୁଚ୍ଛେଦ	6.7	132
କଟକ ମହାନଗର ନିଗମ ଦ୍ୱାରା ସଂଶୋଧିତ ଭଡ଼ା ଶୁଳ୍କ ଆଦାୟ କରାଯାଉନଥିବାରୁ 2.73 କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି	6.7.1	132
ଅସଫଳ ବ୍ୟୟ	6.7.2	133
ବର୍ଜ୍ୟବସ୍ତୁ ପରିବହନ ପାଇଁ ଅତିରିକ୍ତ/ ପରିହାର୍ଯ୍ୟ ଯୋଗ୍ୟ ଦେୟ	6.7.3	134
କେନ୍ଦ୍ରୀୟ ଅନୁଦାନର ସ୍ଥାନାନ୍ତର/ ବିବିଧତା	6.7.4	136
ଜାଲିଆତି ଦେୟ	6.7.5	137
କର୍ମଚାରୀ ଏବଂ ଏଜେନ୍ସୀମାନଙ୍କୁ 4.70 କୋଟି ଟଙ୍କାର ଅଦଳବଦଳ ଅଗ୍ରୀମ ପ୍ରଦାନ କରାଯିବା	6.7.6	138

ପରିଶିଷ୍ଟ

ପରିଶିଷ୍ଟ ସଂଖ୍ୟା	ବିଷୟ	ଅନୁଚ୍ଛେଦ	ପୃଷ୍ଠା
1.1	ରାଜ୍ୟ ସରକାରଙ୍କର ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ଉତ୍ତରାଧିକାରୀ ସୂତ୍ରେ ପ୍ରବର୍ତ୍ତିତ 29 ଟି କାର୍ଯ୍ୟର ସ୍ଥିତିର ବିବରଣୀ	1.3	141
1.2	ସ୍ଥାୟୀ କମିଟିର କାର୍ଯ୍ୟକାରିତା ବିବରଣୀ	1.5	142
2.1	ଜିଲ୍ଲା ଅନୁଯାୟୀ ହିତାଧିକାରୀମାନଙ୍କର ସ୍ଥାୟୀ ଅପେକ୍ଷା ତାଲିକାର ସବିଶେଷ ବିବରଣୀ(ମାର୍ଚ୍ଚ 2021 ସୁଦ୍ଧା)	2.1.5.1	143
2.2	ଅଗ୍ରାଧିକାର ତାଲିକାର ଉଲ୍ଲଙ୍ଘନର ଉଦାହରଣ	2.1.5.6(i)	144
2.3	ଆୱାସ ସଫ୍ଟରେ ପଞ୍ଜୀକୃତ ହୋଇଥିବା ହିତାଧିକାରୀମାନଙ୍କ ବିପକ୍ଷରେ ଅଣହିତାଧିକାରୀମାନଙ୍କୁ ଅନୁମୋଦିତ ହୋଇଥିବା ଘରଗୁଡ଼ିକର ସବିଶେଷ ବିବରଣୀ	2.1.5.7	145
2.4	ହିତାଧିକାରୀ ମିସ୍ତ୍ରୀମାନେ ଘର ସହିତ ଟ୍ୟାଗ୍ ହୋଇଥିବା ବେଳେ ସେହି ସମାନ ସମୟରେ ସେମାନଙ୍କର ନିଜର ଘରର ନିର୍ମାଣ କାର୍ଯ୍ୟ ଚାଲୁରହିଥିବାର ସବିଶେଷ ବିବରଣୀ	2.1.5.10(ii)	150
2.5	ପିଏମ୍‌ଏୱାଇ-ଜି ସହିତ ସମାନ ସମୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ କରୁଥିବାର ଦର୍ଶାଯାଇଥିବା ହିତାଧିକାରୀମାନଙ୍କର ସବିଶେଷ ବିବରଣୀ	2.1.5.10(ii)	152
2.6	2016-17 ରୁ 2020-21 ମଧ୍ୟରେ ଜିଲ୍ଲା ପିଏମ୍‌ଏୱାଇର ଅଧିନରେ ସଂପୂର୍ଣ୍ଣ ଏବଂ ଅସମ୍ପୂର୍ଣ୍ଣ ହୋଇଥିବାର ସବିଶେଷ ବିବରଣୀ	2.1.6.2	153
2.7	ଯେଉଁ ହିତାଧିକାରୀମାନେ ବଡ଼ ଜାଗାରେ ଘର ନିର୍ମାଣ କରିଛି ଏବଂ ସଂପୂର୍ଣ୍ଣ ନହୋଇ ରହିଥିବାର ସବିଶେଷ ବିବରଣୀ	2.1.6.5	154
2.8	ପିଏମ୍‌ଜିଏୱାଇ-ଜି ହିତାଧିକାରୀଙ୍କୁ ଜିଲ୍ଲାୱାରୀ ବ୍ୟକ୍ତି-ଦିବସର ସକ୍ଷତାର ବ୍ୟବସ୍ଥା	2.1.7.1	160
2.9	ଏସ୍‌ଏନ୍‌ଏକୁ ଫେରସ୍ତ ହୋଇନଥିବା ପ୍ରଶାସନିକ ପାଣ୍ଠିର ସବିଶେଷ ବିବରଣୀ	2.1.8.6	161
3.1	ପରୀକ୍ଷିତ ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତ	3.1	162
3.2	ସମ୍ମାଦନ ଅନୁଦାନ ହରାଇଥିବା ଗ୍ରାମ ପଞ୍ଚାୟତଗୁଡ଼ିକ	3.2.1	163

ପରିଶିଷ୍ଟ ସଂଖ୍ୟା	ବିଷୟ	ଅନୁଚ୍ଛେଦ	ପୃଷ୍ଠା
3.3	ସରକାରୀ ଦେୟ ଆଦାୟ ନହେବା	3.2.3	164
3.4	14ତମ ଅର୍ଥ ଆୟୋଗ ପାଣ୍ଠିରେ କାର୍ଯ୍ୟକାରୀ ଅସ୍ୱୀକାର୍ଯ୍ୟ ପ୍ରକଳ୍ପ	3.2.4	165
3.5	ଏଜିଏବି ଯୋଜନାରେ କାର୍ଯ୍ୟକାରୀ ଅସ୍ୱୀକାର୍ଯ୍ୟ ପ୍ରକଳ୍ପ	3.3.2	166
3.6	ଏଜିଏବି ଯୋଜନା ଅଧିନରେ ଥିବା ଅସମ୍ପୂର୍ଣ୍ଣ ପ୍ରକଳ୍ପ	3.3.3	167
3.7	ପ୍ରଶାସନିକ ମଞ୍ଜୁରୀ ବିନା ନିର୍ବାହ କରାଯାଇଥିବା କାର୍ଯ୍ୟସବୁ	3.3.4	168
5.1	ଦ୍ୱାଦଶ କାର୍ଯ୍ୟ ସଚୀରେ ଗଣିତ କାର୍ଯ୍ୟଗୁଡ଼ିକର ବିବରଣୀ	5.1.1	170
5.2	ଓଡ଼ିଶାରେ ବର୍ଗ ଭିତ୍ତିରେ ପୌରସଂସ୍ଥା	5.1.3	171
5.3	ୟୁଏଲ୍‌ବି ଦ୍ୱାରା ପରିଚାଳିତ କାର୍ଯ୍ୟର ବ୍ୟାପକ ଢାଞ୍ଚା	5.1.4	172
5.4	74ତମ ସିଏଏର ବ୍ୟବସ୍ଥା ସହିତ ରାଜ୍ୟ ସ୍ତରୀୟ ଆଇନଗୁଡ଼ିକର ତୁଳନା	5.3.1	173
5.5	କାର୍ଯ୍ୟଗୁଡ଼ିକର କାର୍ଯ୍ୟାନ୍ୱୟନରେ ୟୁଏଲ୍‌ବିର ଭୂମିକା	5.3.2	175
5.6	ୟୁଏଲ୍‌ବିର ସଂପୃକ୍ତ ଅଧିକାରୀ ଥିବା କାର୍ଯ୍ୟଗୁଡ଼ିକର ବିବରଣୀ	5.3.2	176
5.7	ୟୁଏଲ୍‌ବି ଦ୍ୱାରା କାର୍ଯ୍ୟଗୁଡ଼ିକର କାର୍ଯ୍ୟାନ୍ୱୟନର ପ୍ରକୃତ ସ୍ଥିତିକୁ ଦର୍ଶାଉଥିବା ବିବରଣୀ	5.3.2	177
5.8	ୟୁଏଲ୍‌ବି ନିର୍ବାଚନର ସ୍ଥିତି ଏବଂ ଓଡ଼ିଶାରେ ପରିଷଦ ଗଠନ	5.3.3.2	182
5.9	ରାଜ୍ୟ ଅର୍ଥ ଆୟୋଗ ଗଠନରେ ବିଳମ୍ବ, ଏବଂ ସୁପାରିଶର କାର୍ଯ୍ୟକାରିତା	5.3.3.4.1	185
5.10	ୟୁଏଲ୍‌ବି ଉପରେ ରାଜ୍ୟ ସରକାରଙ୍କ ପ୍ରତ୍ୟାଦେଶ କ୍ଷମତା	5.3.3.6	186
5.11	ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିବା ରାସ୍ତା ଗୁଡ଼ିକର ସ୍ଥିତି	5.3.3.8.2	187
5.12	ଏସ୍‌ଏଫ୍‌ସି ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ସପାରିଶ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ସଂଶୋଧନ	5.4.1.1.2	194
5.13	ହୋଲ୍ଡିଂ ଟ୍ୟାକ୍ସର ଦାବୀ, ଆଦାୟ ଓ ଅବଶେଷ (ଟଙ୍କା ଲକ୍ଷରେ)	5.4.1.1.5	195
5.14	ପ୍ରକୃତ ପ୍ରାପ୍ତି ଓ ବ୍ୟୟର ବଜେଟ ଅଟକଳ(ଟଙ୍କା କୋଟିରେ)	5.4.2.1	198
5.15	2015-16 ରୁ 2019-20 ମଧ୍ୟରେ ପରୀକ୍ଷା ଯାଞ୍ଚ କରାଯାଇଥିବା ପୌରସଂସ୍ଥା ପ୍ରକୃତ ପ୍ରାପ୍ତି ଏବଂ ଖର୍ଚ୍ଚ ଦର୍ଶାଯାଇଥିବା ବିବରଣ	5.4.2.2	203
5.16	ନିଜସ୍ୱ ରାଜସ୍ୱ ରାଜସ୍ୱ ବ୍ୟୟକୁ	5.4.2.3	209
5.17	କର୍ମଚାରୀ କ୍ଷମତା ଏବଂ ପଦବୀରେ ଥିବା ବ୍ୟକ୍ତିଙ୍କର ସବିଶେଷ ବିବରଣୀ	5.6.2.1	213
6.1	ଦୋକାନ ଗୃହର ଭଡ଼ା ସଂଶୋଧନ ନହେବାରୁ ରାଜସ୍ୱ ହାନୀର ବିବରଣ	6.7.1	214
6.2	ଅଗଷ୍ଟ 2017 ରୁ ନଭେମ୍ବର 2021 ମଧ୍ୟରେ ୟୁଏଲ୍‌ବି ଗଠନ ବର୍ଜ୍ୟବସ୍ତୁ ପରିବହନ	6.7.3	217
6.3	କେନ୍ଦ୍ରୀୟ ପାଣ୍ଠିର ଅନ୍ୟତ୍ର ସ୍ଥାନାନ୍ତରଣ	6.7.4	220
6.4	ନିଜସ୍ୱ ଚେକ୍ ମାଧ୍ୟମରେ ଅର୍ଥ ଉଠାଣ	6.7.4	221
6.5	ୟୁଏଲ୍‌ବି ଗୁଡ଼ିକରେ ଆଜଡଷ୍ଟମେଣ୍ଟ ହୋଇନଥିବା ଅଗ୍ରୀମର ସବିଶେଷ ସ୍ଥିତି ଦର୍ଶାଉଥିବା ବିବରଣୀ	6.7.6	222
	ସଂକ୍ଷେପଣ ଶବ୍ଦକୋଷ		225-229

ମୁଖବନ୍ଧ

ସିଏଜିଙ୍କର (ଡିପିସି) ଅଧିନିୟମ 1971 ଅନୁସାରେ ଓଡ଼ିଶାର ରାଜ୍ୟପାଳଙ୍କୁ ପ୍ରଦାନ କରିବା ନିମନ୍ତେ ମାର୍ଚ୍ଚ 2021 ରେ ସମାପ୍ତ ହୋଇଥିବା ବର୍ଷ ପାଇଁ ଏହି ପ୍ରତିବେଦନ ପ୍ରସ୍ତୁତ ହୋଇଛି ।

ଏହି ପ୍ରତିବେଦନରେ ରାଜ୍ୟର ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର ସମୀକ୍ଷାର ମହତ୍ୱପୂର୍ଣ୍ଣ ଫଳାଫଳ ଅନ୍ତର୍ଭୁକ୍ତ ।

ଏଥିରେ 2020-21 ନମୁନା ଯାଞ୍ଚ ସମୀକ୍ଷାରେ ନଜରକୁ ଆସିଥିବା ପ୍ରସଙ୍ଗ ସହିତ ଅନ୍ୟାନ୍ୟ ପ୍ରସଙ୍ଗ ଯାହା ପୂର୍ବ ବର୍ଷ ମାନଙ୍କରେ ଦୃଷ୍ଟିଗୋଚର ହୋଇଥିଲା କିନ୍ତୁ ସେହି ବର୍ଷର ପ୍ରତିବେଦନରେ ସ୍ଥାନିତ ହୋଇନଥିଲା, ଆବଶ୍ୟକ ସ୍ଥଳେ ଅନ୍ତର୍ଭୁକ୍ତ କରାଯାଇଛି ।

ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନାଙ୍କ ଅନୁସାରେ ଏହି ସମୀକ୍ଷା କରାଯାଇଛି ।

ଅନୁବାଦିତ ପାଠାନ୍ତରରେ ଯଦି କୌଣସି ସନ୍ଦେହ ଉପୁଜେ, ତେବେ ଇଂରାଜୀ ପାଠାନ୍ତରକୁ ପ୍ରାମାଣିକ ଭାବେ ଗ୍ରହଣ କରାଯିବା ବିଧେୟ ।

ବିହଙ୍ଗାବଲୋକନ

ବିହଙ୍ଗାବଲୋକନ

ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକ ଯଥାକ୍ରମେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ନଗର ଉନ୍ନୟନ ବିଭାଗ ଅଧିନରେ କାର୍ଯ୍ୟରତ । ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକଙ୍କ ଏହି ପ୍ରତିବେଦନରେ ଦୁଇଟି ସମ୍ପାଦନ ସମୀକ୍ଷା, ତିନୋଟି ବିଶଦ ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଏବଂ ୟୁଏଲ୍‌ବି ଉପରେ ଛଅଟି ଚିଠା ଅନୁଚ୍ଛେଦ ସାମିଲ ହୋଇଅଛି । ଏଥି ମଧ୍ୟରେ ଅନ୍ତର୍ଭୁକ୍ତ:

- ପିଏମ୍‌ ଏ ୱାଇ-ଗ୍ରାମୀଣ ଯୋଜନାର କାର୍ଯ୍ୟାନ୍ୱୟନ ଉପରେ ସମ୍ପାଦନ ସମୀକ୍ଷା
- ଚତୁର୍ଦ୍ଦଶ ଅର୍ଥ କମିଶନରଙ୍କର ଗୃହିତ ଅନୁଦାନଗୁଡ଼ିକର ବ୍ୟବହାର ଉପରେ ବିଶଦ ଅନୁପାଳନ ସମୀକ୍ଷା
- ଆମ ଗାଁ ଏବଂ ଆମ ବିକାଶ ପାଣ୍ଠିର ବ୍ୟବହାର ସମ୍ବନ୍ଧରେ ବିଶଦ ଅନୁପାଳନ ସମୀକ୍ଷା
- ସ୍ୱଚ୍ଛ ଭାରତ ମିଶନ-ଗ୍ରାମୀଣର କାର୍ଯ୍ୟାନ୍ୱୟନ ଉପରେ ବିଶଦ ଅନୁପାଳନ ସମୀକ୍ଷା
- 74 ତମ ସମ୍ବିଧାନ ପରିବର୍ତ୍ତିତ ନିୟମର କାର୍ଯ୍ୟାନ୍ୱୟନର ଦକ୍ଷତା ଉପରେ ସମ୍ପାଦନ ସମୀକ୍ଷା
- ୟୁଏଲ୍‌ବି ଉପରେ ଜିଲ୍ଲା କେନ୍ଦ୍ରିକ ସମୀକ୍ଷା

କିଛି ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ଅବଲୋକନ ନିମ୍ନରେ ଆଲୋଚନା କରାଗଲା:

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ

ପିଏମ୍‌ଜିୱାଇ-ଗ୍ରାମୀଣର କାର୍ଯ୍ୟାନ୍ୱୟନ ଉପରେ ସମ୍ପାଦନ ସମୀକ୍ଷା

- 8.59 ଲକ୍ଷ ହିତାଧିକାରୀ ଯେଉଁମାନେ ଗ୍ରାମ ସଭା ଦ୍ୱାରା ଯୋଗ୍ୟ ବିବେଚିତ ହେଉଥିଲେ, ସେମାନେ ବାଦ୍ ପଡ଼ିଲେ ।

(ଅନୁଚ୍ଛେଦ 2.1.5.1)

- ଯାଞ୍ଚ ହୋଇଥିବା ସମସ୍ତ 24 ଟି ଗ୍ରାମ ପଞ୍ଚାୟତ ସମିତିରେ ବାସଗୃହ ଅଗ୍ରାଧିକାର ସଂଖ୍ୟା ଅନୁସାରେ ମଞ୍ଜୁରୀ କରାଯାଇନାହିଁ । ଅନେକ କ୍ଷେତ୍ରରେ ସ୍ଥାୟୀ ଅପେକ୍ଷାରତ ତାଲିକାରେ ପ୍ରାଥମିକତା ଥାଇ ମଧ୍ୟ ଭିତରେ ଥିବା ହିତାଧିକାରୀମାନଙ୍କ ପରିବର୍ତ୍ତେ ବାସଗୃହ ମଞ୍ଜୁର କରାଯାଇଥିଲା ।

(ଅନୁଚ୍ଛେଦ ସଂଖ୍ୟା- 2.1.5.6)

- ଜାଲିଆତି କାର୍ଯ୍ୟ ନିର୍ଦ୍ଦେଶ ଜାରି କରାଯାଇଥିଲା ଏବଂ ଅଣ-ହିତାଧିକାରୀମାନଙ୍କୁ ଦେୟ ପ୍ରଦାନ କରାଯାଇଥିଲା ।

(ଅନୁଚ୍ଛେଦ ସଂଖ୍ୟା - 2.1.5.7)

- ଯୋଜନାରେ ପ୍ରକୃତ ଯୋଗଦାନ ଉପରେ ମିସ୍ତ୍ରୀ ତାଲିମ ସନ୍ଦେହ ସୃଷ୍ଟି କରୁଥିଲା, ଯେହେତୁ ବିସ୍ତୃତ ସୂଚନା ଗୃହ ଟ୍ୟାଗରେ ଦର୍ଶାଯାଇନଥିଲା । ମିସ୍ତ୍ରୀ ତାଲିମ ସନ୍ଦେହଜନକ ଥିଲା କାରଣ ଟ୍ୟାଗ୍ ହୋଇଥିବା ଘର ସଂଖ୍ୟା ମିସ୍ତ୍ରୀ ତାଲିମ ମାଧ୍ୟମରେ ସମ୍ପୂର୍ଣ୍ଣ ଘର ସଂଖ୍ୟା ବିଷୟରେ କୌଣସି ବିସ୍ତୃତ ସୂଚନା ଉପଲବ୍ଧ ନଥିଲା । ଆହୁରି ମଧ୍ୟ ସଂପୂର୍ଣ୍ଣ ଗୃହ ଟ୍ୟାଗିଙ୍ଗରୁ ଜଣାପଡ଼ିଲା ଯେ, ଏକା ଦିନରେ ମିସ୍ତ୍ରୀ ଉଭୟ ପିଏମ ଜିୱାଇ କାର୍ଯ୍ୟ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ କରୁଥିଲା ।

(ଅନୁଚ୍ଛେଦ 2.1.5.10)

- ଯେହେତୁ 0.41 ଲକ୍ଷ ହିତାଧିକାରୀଙ୍କୁ ଏପର୍ଯ୍ୟନ୍ତ ଘର ମଞ୍ଜୁର କରାଯାଇ ନାହିଁ । ତେଣୁ, ରାଜ୍ୟ ସରକାରଙ୍କୁ 295 କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ବହନ କରିବାକୁ ପଡ଼ିବ ।

(ଅନୁଚ୍ଛେଦ 2.1.6.3)

- ଅସମ୍ପୂର୍ଣ୍ଣ ଘର ଗୁଡ଼ିକ ଆୱାସସଫ୍ଟରେ ଘର ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଥିଲା । ବ୍ୟବସାୟିକ ଉଦ୍ଦେଶ୍ୟରେ ଘର ନିର୍ମାଣ କରାଯାଇଥିଲା ଏବଂ ବଡ଼ ଆକାରର ଘର ନିର୍ମାଣ ହେବାର ଦେଖାଯାଇଥିଲା ।

(ଅନୁଚ୍ଛେଦ 2.1.6.5)

- ଅନ୍ୟାନ୍ୟ ଯୋଜନାରୁ ପାଣ୍ଠି ସଂଗ୍ରହ କରିବାରେ ବିଫଳ ହେବା କାରଣରୁ ହିତାଧିକାରୀମାନଙ୍କୁ ମୌଳିକ ସୁବିଧା ଯେପରିକି ପାନୀୟ ଜଳ, ଶୌଚାଳୟ, ବିଦ୍ୟୁତ୍ ସଂଯୋଗ ଇତ୍ୟାଦିରୁ ବାଦ୍ ଦିଆଯାଇଥିଲା । ଅଡିଟ୍ ତଦାରଖ କରିଥିବା 647 ଟି ସମ୍ପୂର୍ଣ୍ଣ ଘର ମଧ୍ୟରୁ, 347 ଟି ଘରେ କୌଣସି ଶୌଚାଳୟ ନଥିଲା, 122 ଟି ଘରେ ପାନୀୟ ଜଳ ସୁବିଧା ନଥିଲା, 199 ଟି ଘରେ କୌଣସି ବିଦ୍ୟୁତ୍ ସଂଯୋଗ ନଥିଲା, 291 ଟି ଘରେ କୌଣସି ଏଲ୍‌ପିଜି ବ୍ୟବସ୍ଥା ନଥିଲା ଏବଂ 22 ଟି ଘରର କୌଣସି ଆପ୍ରୋଚ୍ ରୋଡ୍ ନଥିଲା ।

(ଅନୁଚ୍ଛେଦ 2.1.7)

- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହିତ ସମନ୍ୱୟରେ ମଜୁରୀ ଦେୟର ଅଯୌକ୍ତିକ ବ୍ୟବସ୍ଥା ହେତୁ, ପ୍ରଥମ କିସ୍ତି ମୁକ୍ତ ହେବା ପୂର୍ବରୁ ପୂର୍ଣ୍ଣ ମଜୁରୀ ଉପାଦାନ ପ୍ରଦାନ କରାଯାଇଥିଲା କିମ୍ବା ଛାତ ସ୍ତର ପର୍ଯ୍ୟନ୍ତ ଘର ସମାପ୍ତ ହେବା ପରେ ମଧ୍ୟ ମଜୁରୀ ପ୍ରଦାନ କରାଯାଇନଥିଲା ।

(ଅନୁଚ୍ଛେଦ 2.1.7.1)

- ପିଏମ୍‌ଏୱାଇ-ଜି ପାଇଁ ରାଜ୍ୟ ନୋଡାଲ ଆକାଉଣ୍ଟ ବ୍ୟତୀତ, ଆଇସିଆଇସିଆଇ ବ୍ୟାଙ୍କର ଅନ୍ୟ ଆକାଉଣ୍ଟ ବ୍ୟବହାର କରାଯାଉଥିଲା ଏବଂ 18.10 କୋଟି ଟଙ୍କା ଅନିୟମିତ ଭାବରେ ସ୍ଥାନାନ୍ତର କରାଯାଇଥିଲା ।

(ଅନୁଚ୍ଛେଦ - 2.1.8.1)

- 41,146 ମାମଲାରେ, 07 ରୁ 1,576 ଦିନ ପର୍ଯ୍ୟନ୍ତ ବିଳମ୍ବରେ ପ୍ରଥମ କିସ୍ତି ସଂପୃକ୍ତ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା ।

(ଅନୁଚ୍ଛେଦ 2.1.8.3)

- ପ୍ରଶାସନିକ ପାଣ୍ଠିରୁ ଅଗ୍ରାହ୍ୟ ସାମଗ୍ରୀ ଉପରେ 7.83 କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା ।

(ଅନୁଚ୍ଛେଦ 2.1.8.7)

- ନମୁନା ଜିଲ୍ଲାଗୁଡ଼ିକରେ ଥିବା ଘରଗୁଡ଼ିକର ଭୌଗୋଳିକ ସ୍ଥିତି ଆୱାସସଫ୍ଟ ତଥ୍ୟରେ ଭୁଲ ଦର୍ଶାଯାଇଥିଲା କାରଣ 3,521 କ୍ଷେତ୍ରରେ ଘର ଗୁଡ଼ିକ ରାଜ୍ୟ ବାହାରେ ଦେଖାଯାଇଥିଲା ।

(ଅନୁଚ୍ଛେଦ 2.1.9.4)

ଚତୁର୍ଦ୍ଦଶ ଅର୍ଥ ଆୟୋଗ ଠାରୁ ପ୍ରାପ୍ତ ପିଆର୍‌ଆଇଙ୍କ ଦ୍ୱାରା ଅନୁଦାନର ବ୍ୟବହାର

- 20 ଟି ନମୁନା ଯାଞ୍ଚ ଗ୍ରାମ ପଞ୍ଚାୟତ ମଧ୍ୟରୁ ବିତ୍ତୀୟ ବର୍ଷ 2018-19 ଏବଂ 2019-20 ରେ 19 ଟି ଗ୍ରାମ ପଞ୍ଚାୟତ ନିଜସ୍ୱ ରାଜସ୍ୱ ହାର ବୃଦ୍ଧି ନକରାଇବା ହେତୁ 68.66 ଲକ୍ଷ ଟଙ୍କା ସମ୍ପାଦନ ଅନୁଦାନ ହରାଇଛନ୍ତି ।

(ଅନୁଚ୍ଛେଦ 3.2.1)

- ବିତ୍ତୀୟ ବର୍ଷ 2018-19 ରୁ 2020-21 ମଧ୍ୟରେ, 20 ଟି ନମୁନା ଯାଞ୍ଚ ଗ୍ରାମ ପଞ୍ଚାୟତରୁ 13 ଟିରେ 13.34 ଲକ୍ଷ ଟଙ୍କା (6.93 ଲକ୍ଷ ଟଙ୍କାର ରାଜଭାଗ ଏବଂ 6.41 ଲକ୍ଷ ଟଙ୍କାର ସେସ୍) ରାଜ୍ୟ ସରକାରଙ୍କର ତହବିଲରେ ସରକାରଙ୍କ ପ୍ରାପ୍ତିରେ ଜମା କରିନଥିଲେ ।

(ଅନୁଚ୍ଛେଦ 3.2.3)

- 10 ଟି ନମୁନା ଯାଞ୍ଚ ଗ୍ରାମ ପଞ୍ଚାୟତରେ କାର୍ଯ୍ୟ ଉପରେ 52.98 ଲକ୍ଷ ଟଙ୍କାର ବ୍ୟୟ ଅସ୍ୱୀକାର୍ଯ୍ୟ ଥିଲା ।

(ଅନୁଚ୍ଛେଦ 3.2.4)

ଆମ ଗାଁ ଏବଂ ଆମ ବିକାଶ ପ୍ରକଳ୍ପ ପାଣ୍ଠିର ବ୍ୟବହାର

- ଦୁଇଟି ଜିଲ୍ଲାରେ 5,933 ଟି ପ୍ରକଳ୍ପ ରାଜ୍ୟ ସ୍ତରରେ ଅନୁମୋଦିତ ହୋଇଥିଲା ଏବଂ ବ୍ଲକ୍ ତଥା ଜିଲ୍ଲା ସ୍ତରରେ ଏକତ୍ରିତ ହେବାକୁ ଥିବା ଗ୍ରାମ ପଞ୍ଚାୟତଓ୍ୱାରୀ ପ୍ରକଳ୍ପ ତାଲିକା ସ୍ଥାନୀୟ ଲୋକ ବା ସରକାର ପ୍ରତିନିଧିମାନେ ଇତ୍ୟାଦିଙ୍କ ପ୍ରସ୍ତାବ ଦ୍ୱାରା ବିଭାଗକୁ ପଠାଯାଇନଥିଲା ।

(ଅନୁଚ୍ଛେଦ 3.3.1)

- 13 ଟି ନମୁନା ଯାଞ୍ଚ ଗ୍ରାମ ପଞ୍ଚାୟତରେ 62.64 ଲକ୍ଷ ଟଙ୍କା ଅଗ୍ରାହ୍ୟ ଦ୍ରବ୍ୟରେ ବ୍ୟୟ କରାଯାଇଥିଲା ।

(ଅନୁଚ୍ଛେଦ 3.3.2)

- ଦୁଇ ଜଣ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା 1.50 କୋଟି ଟଙ୍କାରେ 68 ଟି କାର୍ଯ୍ୟ ପ୍ରଶାସନିକ ଅନୁମୋଦନ ପ୍ରାପ୍ତ ନକରି ନିଷ୍ପାଦିତ ହୋଇଛି ।

(ଅନୁଚ୍ଛେଦ 3.3.4)

ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣର କାର୍ଯ୍ୟାନ୍ୱୟନ

- ବାସ୍ତବିକ ସ୍ଥିତି ଯାଞ୍ଚ ସମୟରେ ଦେଖାଗଲା ଯେ, 562 ବ୍ୟକ୍ତିଗତ ଘରୋଇ ପାଇଖାନା (98 ପ୍ରତିଶତ) ରେ ଜଳ ସଂଯୋଗ ନଥିଲା । ଏଥି ମଧ୍ୟରୁ, 200 ହିତାଧିକାରୀ ଦର୍ଶାଇଛନ୍ତି ଯେ ସେମାନେ ନିକଟସ୍ଥ କୂଅ/ ନଳ କୂଅରୁ ଜଳ ପରିବହନ କରି ପାଇଖାନା ବ୍ୟବହାର କରିଛନ୍ତି । ଅବଶିଷ୍ଟ 362 ହିତାଧିକାରୀ ପାଇଖାନାକୁ ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହାର କରୁନଥିଲେ ଏବଂ ଏହା ବଦଳରେ ଜାଳେଣି କାଠ, ନଡ଼ା ଇତ୍ୟାଦି ସଂରକ୍ଷଣ ପାଇଁ ସେଗୁଡ଼ିକୁ ବ୍ୟବହାର କରୁଥିଲେ ।

(ଅନୁଚ୍ଛେଦ 3.4.3)

ଗୃହ ଓ ନଗର ଉନ୍ନୟନ ବିଭାଗ

ପାଣ୍ଠି, କାର୍ଯ୍ୟ ଏବଂ କାର୍ଯ୍ୟକାରିତା ଉପରେ ଧ୍ୟାନ ଦେଇ 74 ତମ ସମ୍ବିଧାନ ସଂଶୋଧନ ଅଧିନିୟମର କାର୍ଯ୍ୟକାରିତା ଉପରେ କାର୍ଯ୍ୟଦକ୍ଷତାର ସମୀକ୍ଷା

- ହସ୍ତାନ୍ତରିତ ହେବାକୁ ଥିବା 18 ଟି କ୍ଷମତା ମଧ୍ୟରୁ ଓଡ଼ିଶାର ୟୁଏଲ୍‌ବି ଗୁଡ଼ିକ ଗୋଟିଏ କ୍ଷମତାରେ କୌଣସି ଭୂମିକା ଗ୍ରହଣ କରିନଥିବା ବେଳେ ଅନ୍ୟ ସମସ୍ତ କ୍ଷମତା ଗୁଡ଼ିକ ଆଂଶିକ ଭାବରେ ୟୁଏଲ୍‌ବି ଦ୍ୱାରା ପରିଚାଳିତ ହେଉଥିଲା କିମ୍ବା ୟୁଏଲ୍‌ବି ଗୁଡ଼ିକ ଅନ୍ୟ ସହଭାଗୀ କାର୍ଯ୍ୟନିର୍ବାହୀ ସଂସ୍ଥା ସହିତ ମିଶି ସଂପାଦନ କରୁଥିଲେ, ଯାହା ସୂଚାଇ ଦେଉଛି କି ଶାସନର ବିକେନ୍ଦ୍ରୀକରଣ ହୋଇନଥିଲା ।

(ଅନୁଚ୍ଛେଦ 5.3.2)

- 114 ୟୁଏଲ୍‌ବି ମଧ୍ୟରୁ 112 ୟୁଏଲ୍‌ବିରେ ନିର୍ବାଚନ ଅନୁଷ୍ଠିତ ହୋଇନଥିଲା, ଯାହାକି ମାର୍ଚ୍ଚ 2021 ସୁଦ୍ଧା 41 ଦିନରୁ 3,252 ଦିନ ବିଳମ୍ବ ହୋଇଥିଲା ।

(ଅନୁଚ୍ଛେଦ 5.3.3.2)

- ଆର୍ଥିକ ବର୍ଷ 2015-16 ରୁ ଆର୍ଥିକ ବର୍ଷ 2019-20 ମଧ୍ୟରେ ରାଜ୍ୟ ଅର୍ଥ କମିଶନ ସୁପାରିଶ ଦୃଷ୍ଟିରୁ ଆର୍ଥିକ ସ୍ଥାନାନ୍ତରଣରେ 196.44 କୋଟି ଟଙ୍କାର ଅଭାବ ଦେଖା ଦେଇଥିଲା ।

(ଅନୁଚ୍ଛେଦ 5.4.1.1(iii))

- ମୁଖ୍ୟତଃ ସହରୀ ସଂସ୍ଥାର ପାଳନ ନକରିବା ଏବଂ ଭାରତ ସରକାରଙ୍କ ଦ୍ୱାରା ସ୍ଥିରିକୃତ ମାନଦଣ୍ଡ ଅପହଞ୍ଚ ହେବା ହେତୁ ଆର୍ଥିକ ବର୍ଷ 2016-17 ରୁ ଆର୍ଥିକ ବର୍ଷ 2019-20 ମଧ୍ୟରେ 14 ତମ କେନ୍ଦ୍ରୀୟ ଅର୍ଥ ଆୟୋଗ ଦ୍ୱାରା 354.51 କୋଟି ଟଙ୍କା କାର୍ଯ୍ୟଦକ୍ଷତା ଅନୁଦାନ ମଞ୍ଜୁର ସ୍ଥଳେ ୟୁଏଲ୍‌ବି ଗୁଡ଼ିକ 286.25 କୋଟି ଟଙ୍କା ଲାଭ କରିପାରିଲେ ନାହିଁ ।

(ଅନୁଚ୍ଛେଦ 5.4.1.1(iv))

- ସମସ୍ତ 20 ଟି ଯାଞ୍ଚ ହୋଇଥିବା ପୌରାଞ୍ଚଳ ନିକାୟ ସଂସ୍ଥାରୁ ଜଣାପଡ଼ିଲା ଯେ ମୁଖ୍ୟ ଯୋଜନା / ବିକାଶ ଯୋଜନା/ ଆଞ୍ଚଳିକ ଯୋଜନା/ ବାଧତାମୂଳକ ମୁଖ୍ୟ ଯୋଜନା ଯାହାକି ପୌରାଞ୍ଚଳ ନିକାୟ ସଂସ୍ଥା ଦ୍ୱାରା ହବାର ଥିଲା ତାହାକୁ ବିକାଶ ପ୍ରାଧିକରଣ ଏବଂ ଜିଲ୍ଲା ଯୋଜନା ପ୍ରାଧିକରଣ ଦ୍ୱାରା କରାଯାଇଥିଲା ।

(ଅନୁଚ୍ଛେଦ 5.5.1.1)

- ଅଧିକାରୀଙ୍କୁ ପଦୋନ୍ନତି ଦେବା, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା, ପୌରାଞ୍ଚଳ ନିକାୟ ସଂସ୍ଥା ଅଧିକାରୀଙ୍କ ଉପରେ ଜୋରିମାନା ଆଦାୟ କରିବା କ୍ଷମତା, ପ୍ରତିନିଯୁକ୍ତି ବ୍ୟତୀତ ପୌରାଞ୍ଚଳ ନିକାୟ ସଂସ୍ଥାକୁ ଦିଆ ଯାଇନଥିଲା, ଯାହାକି ରାଜ୍ୟ ସରକାରଙ୍କର ଉପରେ ନ୍ୟସ୍ତ ଥିଲା ।

(ଅନୁଚ୍ଛେଦ 5.6.1.2)

- ସମସ୍ତ ପଦବୀରେ ବିପୁଳ ମାତ୍ରାରେ ଖାଲି ରହିବା, ବିଶେଷ ଭାବରେ ବୈଷୟିକ ପଦବୀ ଖାଲି ରହିବା ଦ୍ୱାରା ମାନବସମ୍ବଳ ଅନୁପସ୍ଥିତ ପାଇଁ ନାଗରିକ କେନ୍ଦ୍ରିକ ସେବା ପ୍ରଦାନ କରିବାରେ ବିଫଳ ଅଟେ ।

(ଅନୁଚ୍ଛେଦ 5.6.2)

- ୟୁଏଲ୍‌ବି ଗୁଡ଼ିକରେ ଡେପୁଟେସନ୍ ମାଧ୍ୟମରେ ଅନେକ ପଦବୀ ପୂରଣ କରାଯାଇଥିଲା, ବିଶେଷ କରି ଗ୍ରୁପ୍ ଏ ଓ ଗ୍ରୁପ୍ ସି କ୍ୟାଡରରେ ଯାହା ୟୁଏଲ୍‌ବିର ପ୍ରଭାବ ଶାଳୀ କାର୍ଯ୍ୟକୁ ପ୍ରଭାବିତ କରିଥିଲା । ଏଭଳି କର୍ମଚାରୀଙ୍କ ଉତ୍ତରଦାୟିତ୍ୱକୁ ପ୍ରଭାବିତ କରିଥିଲା କାରଣ ୟୁଏଲ୍‌ବି ଗୁଡ଼ିକର ସେମାନଙ୍କ ଉପରେ ସିଧାସଳଖ ପ୍ରଶାସନିକ ନିୟନ୍ତ୍ରଣ ନଥିଲା ।

(ଅନୁଚ୍ଛେଦ 5.6.2.2)

ୟୁଏଲ୍‌ବିର ଜିଲ୍ଲା ଜେନ୍ଦ୍ରୀୟ ସମୀକ୍ଷା

- ନଭେମ୍ବର 2021 ସୁଦ୍ଧା, ବିଭିନ୍ନ ଯୋଜନାର ବ୍ୟାଙ୍କ ଆକାଉଣ୍ଟରେ, 2011-12 ଆର୍ଥିକ ବର୍ଷ ଠାରୁ 8.12 କୋଟି ଟଙ୍କା ଖର୍ଚ୍ଚ ନହୋଇ ପଡ଼ିରହିଛି । ଯଦିଓ ସଂପୃକ୍ତ ଯୋଜନାଗୁଡ଼ିକ ମାର୍ଚ୍ଚ 2017 ଠାରୁ ବନ୍ଦ ହୋଇସାରିଛି ।

(ଅନୁଚ୍ଛେଦ 6.3.1)

- କଟକ ଏବଂ ସମ୍ବଲପୁର ଜିଲ୍ଲାରେ ସମୀକ୍ଷା ହୋଇଥିବା ପୌରାଞ୍ଚଳ ଗୁଡ଼ିକର ରେକର୍ଡରୁ ଜଣାପଡ଼ିଛି ଯେ, ଆର୍ଥିକ ବର୍ଷ 2018-19 ରୁ 2020-21 ମଧ୍ୟରେ ବିଭିନ୍ନ ଶିଳ୍ପ ସଂସ୍ଥା ତଥା ସରକାରୀ ଅନୁଷ୍ଠାନ ଠାରୁ 14.72 କୋଟି ଟଙ୍କା ଧାର୍ଯ୍ୟ ଟିକସ ଅନାଦାୟ ହୋଇପଡ଼ିରହିଛି ।

(ଅନୁଚ୍ଛେଦ 6.3.2.2)

- କଟକ ଓ ସମ୍ବଲପୁର ମହାନଗର ନିଗମ ଦ୍ୱାରା 468 ଖାଦ୍ୟ ନମୁନା ରିପୋର୍ଟର ବିଶ୍ଳେଷଣ ହସ୍ତଗତ ହୋଇଥିଲା ବେଳେ 109 ନମୁନା ନିର୍ଦ୍ଦିଷ୍ଟ ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଥିଲା । ଯାହାହେଉ, ବିଫଳ ହୋଇଥିବା ଏଫ୍‌ବିଓ ମାନଙ୍କର ସୁଧାର ଆଣିବା ପାଇଁ କୌଣସି ନୋଟିସ୍ ଜାରି କରାଯାଇନଥିଲା ।

(ଅନୁଚ୍ଛେଦ 6.4.2)

- ଆର୍ଥିକ ବର୍ଷ 2015-16 ବର୍ଷରେ, 1,379 ଜଣ ହିତାଧିକାରୀ ବ୍ୟକ୍ତିଗତ ଘରୋଇ ପାଇଖାନା (ଆଇଏଚ୍‌ଏଚ୍‌ଏଲ୍) ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା ଏବଂ ଏହି ହିତାଧିକାରୀମାନେ ପ୍ରଥମ କିସ୍ତି ଅର୍ଥ ପାଇଥିଲେ ମଧ୍ୟ ପାଇଖାନା ସଂପୂର୍ଣ୍ଣ କରିପାରି ନଥିଲେ କିମ୍ବା ନେଇଥିବା ଅର୍ଥ ରାଶି ପୌରାଞ୍ଚଳ ନିକାୟ ସଂସ୍ଥାକୁ ଫେରସ୍ତ କରିନଥିଲେ, ଯାହାଦ୍ୱାରା 27.58 ଲକ୍ଷ ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା ।

(ଅନୁଚ୍ଛେଦ 6.5.6)

- ଗୋଷ୍ଠୀ ଶୌଚାଳୟର ଯୁଗ୍ମ ଭୌତିକ ନିରୀକ୍ଷଣରୁ ଜଣାଗଲା ଯେ, ଅନେକ ଶୌଚାଳୟରେ ଜଳ ସଂଯୋଗ ନଥିଲା, ବିଦ୍ୟୁତ୍ ସଂଯୋଗ ନଥିଲା, ରକ୍ଷଣାବେକ୍ଷଣର ଅଭାବ, ପରିଷ୍କାର ପରିଚ୍ଛନ୍ନତାର ଅଭାବ ଏବଂ ବର୍ଜ୍ୟଜଳ ନିକଟସ୍ଥ ନଦୀକୁ ନିଷ୍କାସନ କରିବା ଦେଖାଯାଇଥିଲା ।

(ଅନୁଚ୍ଛେଦ 6.5.7)

- ଆର୍ଥିକ ବର୍ଷ 2016-17 ରୁ 2019-20 ମଧ୍ୟରେ ଗୃହ ନିର୍ମାଣ ପାଇଁ 1,763 ପିଏମ୍ଏୱାଇ-ୟୁ ହିତାଧିକାରୀଙ୍କୁ, 18.37 କୋଟି ଟଙ୍କା ପ୍ରଦାନ କରାଯାଇଥିଲା, ଉକ୍ତ ଗୃହଗୁଡ଼ିକ ଧାର୍ଯ୍ୟ ସମୟ ଏକ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହୋଇନଥିଲା ଫଳତଃ 18.37 କୋଟି ଟଙ୍କା ଅସଫଳ ହେଲା, ଯେହେତୁ ଘରଗୁଡ଼ିକ ସମ୍ପୂର୍ଣ୍ଣ ହେବାର ସମ୍ଭାବନା କମ୍ ଥିଲା ।

(ଅନୁଚ୍ଛେଦ 6.6.3)

- କଟକ ମହାନଗର ନିଗମ ଦ୍ୱାରା ସଂଶୋଧିତ ଭଡ଼ା ଶୁଳ୍କ ଆଦାୟ କରାଯାଉନଥିବାରୁ 2.73 କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଥିଲା ।

(ଅନୁଚ୍ଛେଦ 6.7.1)

- ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସମନ୍ୱୟର ଅଭାବ ହେତୁ 4.98 କୋଟି ଟଙ୍କା ବ୍ୟୟରେ ନିର୍ମିତ ଏକ ନାଳର ପାର୍ଶ୍ୱ ସଂଯୋଗ ଠିକ୍ ଭାବେ କରାଯାଇ ନଥିଲା । ଯାହାଫଳରେ, ପ୍ରବଳ ବର୍ଷା ସମୟରେ ବର୍ଷା ଜଳରାଶି ପ୍ରବାହ ଏବଂ ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇଥିଲା ।

(ଅନୁଚ୍ଛେଦ 6.7.2)

- କଟକ ମହାନଗର ନିଗମ ଦ୍ୱାରା ଚୁକ୍ତିର ଦର କମ୍ ନହେବାରୁ ଠିକାଦାରମାନଙ୍କ ଦ୍ୱାରା ପୌରାଞ୍ଚଳ କଠିନ ବର୍ଜ୍ୟବସ୍ତୁ ପରିବହନ ପାଇଁ ସୁଗମ ରାସ୍ତା ଉପଲବ୍ଧ ଥିଲା ବେଳେ ଯାହାକି ଅତିରିକ୍ତ ଏଡାଇଯିବା ରାଶି 0.76 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

(ଅନୁଚ୍ଛେଦ 6.7.3)

- ଭୁବନେଶ୍ୱର ମହାନଗର ନିଗମ କେନ୍ଦ୍ରୀୟ ପାଣ୍ଠି 5.02 କୋଟି ଟଙ୍କା କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାରୁ ରାଜ୍ୟ ଯୋଜନାକୁ ସ୍ଥାନାନ୍ତର କରିଥିଲେ ।

(ଅନୁଚ୍ଛେଦ 6.7.4)

- ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କ ତତ୍ପରତା ଅଭାବ ହେତୁ, ବାର୍ଦ୍ଧକ୍ୟ ଭତ୍ତା 2.18 ଲକ୍ଷ ଟଙ୍କା ମୃତ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିଲା ।

(ଅନୁଚ୍ଛେଦ 6.7.5)

- ଆଭ୍ୟନ୍ତରୀଣ ନିୟନ୍ତ୍ରଣର ଅନୁପସ୍ଥିତ କର୍ମଚାରୀ ଏବଂ ବିଭିନ୍ନ ସଂସ୍ଥାମାନଙ୍କୁ ଦିଆଯାଇଥିବା ଅଗ୍ରୀମର ଅନୁଧ୍ୟାନ ନକରିବା ଫଳରେ ବ୍ୟବସ୍ଥାପନ/ଅସୁଲ ନହେବା 4.70 କୋଟି ଟଙ୍କାର ବକେୟା ଅଗ୍ରୀମ ପଡ଼ିରହିଛି ।

(ଅନୁଚ୍ଛେଦ 6.7.6)

ଭାଗ-କ

ଅଧ୍ୟାୟ 1

ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର
ବିହଙ୍ଗାବଲୋକନ

ଅଧ୍ୟାୟ I

ବିଭାଗ କ
ରାଜ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନ (ପିଆର୍‌ଆଇ) ଗୁଡ଼ିକର କାର୍ଯ୍ୟକାରିତାର ବିହଙ୍ଗାବଲୋକନ

1.1 ଉପକ୍ରମ

ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ, 1948 ନିୟମ ପ୍ରଣୟନ ସହିତ ଓଡ଼ିଶାରେ 1948 ମସିହାରୁ ପଞ୍ଚାୟତିରାଜ ଅନୁଷ୍ଠାନ (ପିଆର୍‌ଆଇ) ଗୁଡ଼ିକର ସୃଷ୍ଟି ହୋଇଥିଲା । ପରବର୍ତ୍ତୀ ସମୟରେ 1961 ମସିହାରେ ଓଡ଼ିଶା ପଞ୍ଚାୟତ ସମିତି ଅଧିନିୟମ ଓ ଜିଲ୍ଲା ପରିଷଦ ଅଧିନିୟମ 1959 ପ୍ରବର୍ତ୍ତନ ହେବାରୁ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସ୍ଥାପିତ ହେଲା । ସ୍ୱୟତ୍ତ ଭାବରେ ପିଆରଆଇଗୁଡ଼ିକ ଗ୍ରାମାଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଓ ସାମାଜିକ ନ୍ୟାୟକୁ ନିଶ୍ଚିତ କରିବା, କ୍ଷମତାପନ୍ନ କରିବା ପାଇଁ ଉପରୋକ୍ତ ଅଧିନିୟମ ଗୁଡ଼ିକୁ ୭୩ତମ ସମ୍ବିଧାନ ସଂଶୋଧନ ଅଧିନିୟମ, 1992 ଅନୁସାରେ ଅନୁସାରେ ସଂଶୋଧନ କରାଯାଇଥିଲା ।

ସାରଣୀ 1.1: ରାଜ୍ୟର ପାର୍ଶ୍ୱଚିତ୍ର

ସଙ୍କେତକ	ରାଜ୍ୟ ପରିସଂଖ୍ୟାନ	ଏକକ
କ୍ଷେତ୍ରଫଳ	1,55,707	ବର୍ଗ କିଲୋମିଟର
ତହସିଲ	317	ସଂଖ୍ୟା
ଗ୍ରାମ	51,349	ସଂଖ୍ୟା
ମୋଟ ଜନସଂଖ୍ୟା (ଜନଗଣନା 2011)	419.74	ଲକ୍ଷ
ଗ୍ରାମାଞ୍ଚଳ ଜନସଂଖ୍ୟା	83	ପ୍ରତିଶତ
ଗ୍ରାମାଞ୍ଚଳ ଲିଙ୍ଗ ଅନୁପାତ	989	1,000 ପୁରୁଷ ପ୍ରତି
ସାନ୍ଦ୍ରତା	270	ବ୍ୟକ୍ତି/ ବର୍ଗ କିଲୋମିଟର
ପୁରୁଷ ସାକ୍ଷରତା	81.59	ପ୍ରତିଶତ
ମହିଳା ସାକ୍ଷରତା	64.01	ପ୍ରତିଶତ
ଗ୍ରାମାଞ୍ଚଳ ସାକ୍ଷରତା ହାର	70.22	ପ୍ରତିଶତ
ଅନୁସୂଚିତ ଜାତି ଜନସଂଖ୍ୟା	17.13	ପ୍ରତିଶତ
ଅନୁସୂଚିତ ଜନଜାତି ଜନସଂଖ୍ୟା	22.85	ପ୍ରତିଶତ
ଜିଲ୍ଲା ପରିଷଦ	30	ସଂଖ୍ୟା
ପଞ୍ଚାୟତ ସମିତି	314	ସଂଖ୍ୟା
ଗ୍ରାମ ପଞ୍ଚାୟତ	6,794	ସଂଖ୍ୟା
ମୋଟ ଗ୍ରାମ	61,313	ସଂଖ୍ୟା

(ଉତ୍ସ: ଭାରତର ଜନଗଣନା 2011 ଓ ପିଆର୍ ଏବଂ ଡିଡବ୍ଲୁ ବିଭାଗ ଦ୍ୱାରା ପ୍ରଦତ୍ତ ସୂଚନା)

1.2 ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ସାଙ୍ଗଠନିକ ବ୍ୟବସ୍ଥା

ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ତିନୋଟି ସ୍ତରରେ ବିଭକ୍ତ କରାଯାଇଛି, ଯଥା: ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି(ପିଏସ୍) ଏବଂ ଗ୍ରାମ ପଞ୍ଚାୟତ (ଜିପି), ପିଆରଆଇ ଗୁଡ଼ିକର ସାଙ୍ଗଠନିକ ବ୍ୟବସ୍ଥାକୁ ପରପୃଷ୍ଠାରେ ସୂଚିତ କରାଗଲା ।



ପିଆର୍‌ଆଇର ତିନୋଟି ଯାକ ସ୍ତର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ପିଆର୍‌ଆଇଆଣ୍ଡଡିଡବ୍ଲୁ)ର ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରନ୍ତି, ଯାହାର ମୁଖ୍ୟ ସଚିବ ଅଟନ୍ତି । ରାଜ୍ୟ ସ୍ତରରେ ତାଙ୍କୁ ନିର୍ଦ୍ଦେଶକ (ପଞ୍ଚାୟତିରାଜ), ନିର୍ଦ୍ଦେଶକ (ସ୍ୱତନ୍ତ୍ର ପ୍ରକଳ୍ପ) ଓ ନିର୍ଦ୍ଦେଶକ, ପାନୀୟ ଜଳ ଏବଂ ପରିମଳ ସହଯୋଗ କରନ୍ତି ।

ରାଜ୍ୟର ସମସ୍ତ 30 ଟି ଜିଲ୍ଲାରେ ଗୋଟିଏ ଲେଖାଏଁ ଜିଲ୍ଲା ପରିଷଦ (ଜେଡ୍‌ପି) ଅଛି । ଜିଲ୍ଲା ପରିଷଦକୁ ଏକ ନିର୍ବାଚିତ ନିକାୟ ପରିଚାଳନା କରେ, ଯାହାର ଅଧ୍ୟକ୍ଷ ଜିଲ୍ଲା ପରିଷଦର ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରୁ ନିର୍ବାଚିତ ହୁଅନ୍ତି । ଜିଲ୍ଲାପାଳ ପରିଷଦର ପଦପ୍ରଯୁକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବରେ କାଯ୍ୟ କରନ୍ତି । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପରିଷଦ (ଡିଆର୍‌ଡିଏ)ର ପ୍ରକଳ୍ପ ନିର୍ଦ୍ଦେଶକ ପଦପ୍ରଯୁକ୍ତ ନିର୍ବାହୀ ଅଧିକାରୀ (ଇଓ) ଭାବରେ ଜିଲ୍ଲା ପରିଷଦର ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟ ତୁଲାଇଥାନ୍ତି ।

ବ୍ଲକ୍ ସ୍ତରରେ କାର୍ଯ୍ୟ କରୁଥିବା ପଞ୍ଚାୟତ ସମିତି ସଭାଧକ୍ଷଙ୍କ ଅଧକ୍ଷତାରେ ଏକ ନିର୍ବାଚିତ ସଂସ୍ଥା ଦ୍ୱାରା ପରିଚାଳିତ ହୁଏ । ସଭାଧକ୍ଷ ବ୍ଲକର ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରୁ ଯଥାବିଧି ନିର୍ବାଚିତ ହୁଅନ୍ତି । ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ପଞ୍ଚାୟତ ସମିତିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଭାବରେ କାର୍ଯ୍ୟ କରନ୍ତି ।

ଗ୍ରାମ ପଞ୍ଚାୟତ ସ୍ତରରେ ସରପଞ୍ଚଙ୍କ ଅଧକ୍ଷତାରେ ନିର୍ବାଚିତ ସଭ୍ୟ ମାନଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତ ଗଠନ ହୋଇଥାଏ । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ବିଡିଓଙ୍କ ପର୍ଯ୍ୟବେକ୍ଷଣରେ ନିଜର ଦାୟିତ୍ୱ ସଂପାଦନ କରିଥାନ୍ତି । ସେ ଗ୍ରାମ ପଞ୍ଚାୟତର ସାଧାରଣ ଅଧିକ୍ଷଣ ଏବଂ ସାମୁହିକ ନିୟନ୍ତ୍ରଣ ପାଇଁ ଉତ୍ତରଦାୟୀ ଅଟନ୍ତି ।

ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ସମସ୍ତ ସ୍ତର ନିମନ୍ତେ ଶେଷ ଥର ନିର୍ବାଚନ ଫେବୃଆରୀ 2022 ରେ ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତ ଅନୁଷ୍ଠାନର ନିର୍ବାଚିତ ନିକାୟର ଗଠନ ପ୍ରକ୍ରିୟା ନିମ୍ନରେ ପ୍ରଦତ୍ତ ହେଲା: -

ଜିଲ୍ଲା ପରିଷଦ	ପଞ୍ଚାୟତ ସମିତି	ଗ୍ରାମ ପଞ୍ଚାୟତ
ସଭାପତି	ଚେୟାରମ୍ୟାନ	ସରପଞ୍ଚ
ଜିଲ୍ଲା ପରିଷଦ ସଭ୍ୟ	ପଞ୍ଚାୟତ ସମିତି ସଭ୍ୟ	ୱାର୍ଡମେମ୍ବର

1.3 ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟକାରିତା

ସମ୍ବିଧାନର ଧାରା 243 ରେ ରାଜ୍ୟ ସରକାରଙ୍କଠାରୁ କ୍ଷମତା, ସମ୍ବଳ ଏବଂ ଦାୟିତ୍ୱ ନିର୍ବାଚିତ ସ୍ଥାନୀୟ ନିକାୟମାନଙ୍କୁ ହସ୍ତାନ୍ତର କରିବା ନିମନ୍ତେ ବିଧି ବିହିତ କରାଯାଇଛି । ଏଥିରେ ଭାରତୀୟ ସମ୍ବିଧାନର ଏକାଦଶ ଅନୁସୂଚୀରେ ଥିବା 29 ଟି କାର୍ଯ୍ୟବିଧିକୁ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ହସ୍ତାନ୍ତର କରିବା ପାଇଁ ଆଇନ୍ ପ୍ରଣୟନ/ ମୂଳ ଆଇନକୁ ସଂଶୋଧନ କରିବା ନିମନ୍ତେ ରାଜ୍ୟ ବିଧାନ ସଭାକୁ କ୍ଷମତା ଅର୍ପଣ କରାଯାଇଅଛି । ଏହାଦ୍ୱାରା ପଞ୍ଚାୟତିରାଜ ଅନୁଷ୍ଠାନ ଗ୍ରାମ୍ୟ ଜୀବନର ଅର୍ଥନୈତିକ ପ୍ରଗତି ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରଣୟନର ଏକ ମଞ୍ଚ ଭାବରେ ଉଭା ହୋଇପାରିବେ ।

ରାଜ୍ୟ ସରକାର 19 ଟି ବିଭାଗର 29 ଟି କାର୍ଯ୍ୟବିଧି ମଧ୍ୟରୁ 11 ଟି ବିଭାଗର 21 ଟି କାର୍ଯ୍ୟବିଧିକୁ ପଞ୍ଚାୟତି ରାଜ ଅନୁଷ୍ଠାନଗୁଡ଼ିକୁ ହସ୍ତାନ୍ତର କରିଛି (***ପରିଶିଷ୍ଟ 1.1***) । କେନ୍ଦ୍ରୀୟ ଅର୍ଥ ଆୟୋଗ ଓ ରାଜ୍ୟ ଅର୍ଥ ଆୟୋଗଙ୍କ ଦ୍ୱାରା ସୁପାରିଶ କରିଥିବା ପାଣ୍ଠି ସହିତ ରାଜ୍ୟ ସରକାର ମଧ୍ୟ ପାଣ୍ଠି ପ୍ରଦାନ କରିଥାଆନ୍ତି । ଏହି ପାଣ୍ଠି ଗୁଡ଼ିକ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟ ସଂପାଦନ ପାଇଁ ଉଦ୍ଦିଷ୍ଟ ।

1.4 ପିଆର୍‌ଆଇଗୁଡ଼ିକର କର୍ମଚାରୀ ନିଯୁକ୍ତି ପଦ୍ଧତି

ଜିଲ୍ଲାପାଳ ଜିଲ୍ଲା ପରିଷଦର ପ୍ରମୁଖ କାର୍ଯ୍ୟନିର୍ବାହୀ ଅଧିକାରୀ ଅଟନ୍ତି । ସେ ସେହିସବୁ କାର୍ଯ୍ୟ ସମ୍ପାଦନ ଏବଂ କ୍ଷମତା ପ୍ରୟୋଗ କରିଥାନ୍ତି, ଯାହା ବିହିତ ହୋଇଥାଏ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ଜିଲ୍ଲା ପରିଷଦର ପଦପ୍ରଯୁକ୍ତ ସଚିବ ଅଟନ୍ତି । ପ୍ରତ୍ୟେକ ବ୍ଲକର ମୁଖ୍ୟ ଜଣେ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଅଟନ୍ତି, ଯାହାଙ୍କୁ ଜଣେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଏବିଡିଓ) ସହାୟତା କରିଥାନ୍ତି ।

ସେହିପରି, ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ମୁଖ୍ୟ ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀର ଅଟନ୍ତି, ଯିଏକି ଜଣେ ରାଜ୍ୟ ସରକାରୀ କର୍ମଚାରୀ । ସେ ଗ୍ରାମ ପଞ୍ଚାୟତ ବୈଠକର ବିବରଣୀ ନଥିପତ୍ରର ରକ୍ଷଣାବେକ୍ଷଣ କରିଥାନ୍ତି । ସେ ମଧ୍ୟ ସେହି ସମସ୍ତ ନଥିପତ୍ର ଏବଂ ଦସ୍ତାବିଜ, ନଗଦ ଅର୍ଥ ଏବଂ ମୂଲ୍ୟବାନ ସମ୍ପତ୍ତିର ଜିମାଦାର ଅଟନ୍ତି । ସେ ମଧ୍ୟ ନିଧାର୍ଯ୍ୟ କରାଯାଇଥିବା ଅନ୍ୟାନ୍ୟ କ୍ଷମତାର ସଦୁପଯୋଗ କରିବା ସହ ଅନ୍ୟାନ୍ୟ ଦାୟିତ୍ୱ ନିର୍ବାହ କରିବା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ପାଳନ କରନ୍ତି ।

ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତ ମାନଙ୍କରେ ମଞ୍ଜୁରୀପ୍ରାପ୍ତ ପଦବୀ ଓ ଅଧିକୃତ ପଦବୀ ***ସାରଣୀ 1.2*** ରେ ପ୍ରଦତ୍ତ ହେଲା ।

ସାରଣୀ 1.2: ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତରେ ଥିବା ମଞ୍ଜୁରୀ ପ୍ରାପ୍ତ ପଦବୀ ଓ ଅଧିକୃତ ପଦବୀର ବିବରଣୀ

ପଦବୀ	ମଞ୍ଜୁରୀ ପ୍ରାପ୍ତ ପଦବୀ	ଅଧିକୃତ ପଦବୀ	ଶୂନ୍ୟ ପଦବୀ (ପ୍ରତିଶତ)
ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)	314	308	6 (2)
ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)	314	204	110 (35)
କନିଷ୍ଠ ଯନ୍ତ୍ରୀ (ଜେଇ)/ ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକ (ଜିପିଟିଏ)	3,606	1,893	1,713(48)
ପଞ୍ଚାୟତ ସଂପ୍ରସାରଣ ଅଧିକାରୀ	6,799	4,896	1,903 (28)

(ଉତ୍ସ: ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗରୁ ସଂଗୃହୀତ ସୂଚନା)

ଉପରୋକ୍ତ ସାରଣୀରୁ ଦେଖାଯାଏ ଯେ ପଞ୍ଚୟତ ସମିତି ଗୁଡ଼ିକରେ 35 ପ୍ରତିଶତ ଏବଡିଓ ପଦବୀ ଓ ଗ୍ରାମ ପଞ୍ଚାୟତଗୁଡ଼ିକରେ 48 ପ୍ରତିଶତ ଜେଇ/ ଜିପିଟିଏ ଏବଂ 28 ପ୍ରତିଶତ ପିଇଓ ପଦବୀ ଖାଲିଥିଲା । ଏଗୁଡ଼ିକ ପ୍ରଶାସନିକ ସମ୍ବନ୍ଧୀୟ ପଦବୀ ଥିଲା ଏବଂ ବହୁଳ ପରିମାଣର ଖାଲି ପଦବୀ ପିଆର୍‌ଆଇର କାର୍ଯ୍ୟକାରିତାକୁ ପ୍ରଭାବିତ କରିବାର ସମ୍ଭାବନା ରହିଥିଲା ।

1.5 ବିଭିନ୍ନ କମିଟିର କାର୍ଯ୍ୟକାରିତା

ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟ ନିଷ୍ପାଦନ ପାଇଁ ସାତଟି ସ୍ଥାୟୀ କମିଟିସବୁ ପ୍ରତ୍ୟେକ ସ୍ତରରେ ଗଠନ କରାଯାଇଥାଏ (ପ୍ରତ୍ୟେକ ଜିଲ୍ଲାପରିଷଦ, ପଞ୍ଚାୟତ ସମିତି ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ) ଯାହାର ସଭାଧକ୍ଷ ଏବଂ ସଚିବ ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରୁ ବଛାଯାଏ । ***ପରିଶିଷ୍ଟ 1.2*** ରେ ସ୍ଥାୟୀ କମିଟିର ଭୂମିକା ଏବଂ ଦାୟିତ୍ୱ ଉଲ୍ଲେଖ କରାଯାଇଛି ।

ପୁନଶ୍ଚ, ଗ୍ରାମ ଉନ୍ନୟନ ମନ୍ତ୍ରାଳୟ (ଜୁଲାଇ 2016) ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି (ଦିଶା), ତତ୍‌କାଳିକ ସତର୍କତା ପର୍ଯ୍ୟାଲୋଚନ କମିଟି ଗଠନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲା । ଦିଶା କମିଟିଗୁଡ଼ିକ ରାଜ୍ୟ ଏବଂ ଜିଲ୍ଲା ସ୍ତରରେ (କ) ବ୍ୟୟ ଗୁଡ଼ିକର ମୂଲ୍ୟବୋଧ ନିଶ୍ଚିତତା (ଖ) ବିଭିନ୍ନ ଯୋଜନାଗୁଡ଼ିକରେ ପବ୍ଲିକ୍ ପାଣ୍ଠିର ବହୁଳ ବ୍ୟବହାର (ଗ) ଯୋଜନା ଗୁଡ଼ିକର ନିର୍ଦ୍ଦେଶିତ ମାର୍ଗଦର୍ଶିକା ଅନୁସାରେ କାର୍ଯ୍ୟକାରୀ ଏବଂ (ଘ) ବିଭିନ୍ନ କାର୍ଯ୍ୟକ୍ରମରେ ସିନେର୍ଜି ଓ କନ୍‌ଭର୍ଜେନ୍ସିର ବ୍ୟବହାର ଇତ୍ୟାଦିକୁ ଅନୁଧ୍ୟାନ କରିବେ ।

ରାଜ୍ୟ ସ୍ତରରେ ମୁଖ୍ୟମନ୍ତ୍ରୀ ଦିଶା କମିଟିର ସଭାଧକ୍ଷ ଏବଂ ସଚିବ, ପିଆର୍‌ଆଣ୍ଡଡିଡବ୍ଲୁ ବିଭାଗର ସଭ୍ୟସଚିବ ରହିବେ । ଅନ୍ୟାନ୍ୟ ସଭ୍ୟମାନଙ୍କ ମଧ୍ୟରେ ଚାରି ଜଣ ଲୋକସଭା ସଭ୍ୟ, ଜଣେ ରାଜ୍ୟ ସଭା ସଭ୍ୟ, ଛଅ ଜଣ ବିଧାନ ସଭା ସଭ୍ୟ ଏବଂ ବିଭାଗୀୟ ସଚିବମାନେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଦାୟୀ ରହିବେ । କମିଟି ପ୍ରତି ଛଅ ମାସରେ ଅତିକମରେ ଥରେ ବସିବା ଆବଶ୍ୟକ ।

ଜିଲ୍ଲା ସ୍ତରୀୟ ଦିଶା କମିଟିର ସଭାଧକ୍ଷ ଜିଲ୍ଲାରୁ ନିର୍ବାଚିତ ଜଣେ ଲୋକସଭା ସଭ୍ୟ ହେବେ । ଅନ୍ୟାନ୍ୟ ଏମ୍‌ପିମାନେ ସହଯୋଗୀ ସଭାଧକ୍ଷ ଭାବେ ଉଲ୍ଲେଖିତ ହେବେ । ଜିଲ୍ଲାପାଳ ସଭ୍ୟ ସଚିବ ରୂପେ କାର୍ଯ୍ୟ କରିବେ । ଅନ୍ୟାନ୍ୟ ସଭ୍ୟମାନଙ୍କ ମଧ୍ୟରେ, ଜିଲ୍ଲାର ସମସ୍ତ ନିର୍ବାଚିତ ବିଧାନ ସଭା ସଭ୍ୟ, ଜଣେ ରାଜ୍ୟ ସରକାରଙ୍କର ପ୍ରତିନିଧି, ପାଞ୍ଚ ଜଣ ଗ୍ରାମ ପଞ୍ଚାୟତ ମୁଖ୍ୟ, ଜିଲ୍ଲା ପରିଷଦର ସଭାଧକ୍ଷ, ପଞ୍ଚାୟତ ସମିତିର ସଭାଧକ୍ଷ, ପ୍ରକଳ୍ପ ନିର୍ଦ୍ଦେଶକ, ଡିଆର୍‌ଡିଏ, ଜିଲ୍ଲା ସ୍ତରୀୟ ସମସ୍ତ କାର୍ଯ୍ୟର ନୋଡାଲ କାର୍ଯ୍ୟକାରିଣୀ ଏବଂ ଜିଲ୍ଲାର ଅଗ୍ରଣୀ ବ୍ୟାଙ୍କ ଅଧିକାରୀମାନଙ୍କୁ ନେଇ ଗଠିତ ହେବ । କମିଟିର ବୈଠକ ଅତିକମରେ ତିନି ମାସରେ ଥରେ ହେବା ଦରକାର ।

2020-21 ବର୍ଷ ମଧ୍ୟରେ ରାଜ୍ୟ ସ୍ତରରେ କୌଣସି ଦିଶା ସଭା ହୋଇନଥିଲା । ଜିଲ୍ଲା ସ୍ତରରେ ହେବାକୁ ଥିବା ଚାରୋଟି ସଭାରୁ 20 ଜିଲ୍ଲାରେ ଗୋଟିଏ ଲେଖାଏଁ ସଭା ଏବଂ ତିନୋଟି ଜିଲ୍ଲାରେ ଦୁଇଟି ଲେଖାଏଁ ସଭା ହୋଇଥିଲା । ସାତଟି ଜିଲ୍ଲାରେ କୌଣସି ସଭା ହୋଇନଥିଲା ।

1.6 ପାଣ୍ଠିର ପ୍ରବାହିତ ବ୍ୟବସ୍ଥା

ରାଜ୍ୟରେ ପିଆର୍‌ଆଇ ଗୁଡ଼ିକର ପାଣ୍ଠିର ମୁଖ୍ୟ ଉତ୍ସ ହେଲା କେନ୍ଦ୍ର ସରକାରଙ୍କର ବିଭିନ୍ନ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା । ଏଗୁଡ଼ିକ ହେଲା (କ) ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) (ଖ) ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) (ଗ) ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଏନ୍‌ଆର୍‌ଏଲ୍‌ଏମ୍), (ଘ) ସ୍ୱଚ୍ଛ ଭାରତ ମିଶନ (ଏସ୍‌ବିଏମ୍), (ଙ) ଜାତୀୟ ଗ୍ରାମୀଣ ପାନୀୟ ଜଳ କାର୍ଯ୍ୟକ୍ରମ (ଏନ୍‌ଆର୍‌ଡବ୍ଲୁଡିପି) ଇତ୍ୟାଦି । ରାଜ୍ୟ ଅର୍ଥ ଆୟୋଗ (ଏସ୍‌ଏଫ୍‌ସି) ଏବଂ କେନ୍ଦ୍ରୀୟ ଅର୍ଥ ଆୟୋଗ (ସିଏଫ୍‌ସି) ଦ୍ୱାରା ସୁପାରିଶ କ୍ରମେ ମଳୁଥିବା ଅନୁଦାନ ମଧ୍ୟ ଏହି ଉତ୍ସରୁ ଏକ ଅଂଶ । ରାଜ୍ୟ ପ୍ରାୟୋଜିତ ଯୋଜନା ତଥା ବିଜୁ ପକ୍କା ଘର ଯୋଜନା (ବିପିଜିୱାଇ) ଏବଂ ଗୋପବନ୍ଧୁ ଗ୍ରାମୀଣ ଯୋଜନା (ଜିଜିୱାଇ)ରେ ମଧ୍ୟ ପାଣ୍ଠି ପ୍ରାପ୍ତ ହୋଇଥିଲା ।

କେନ୍ଦ୍ର ସରକାର (ଜିଓଆଇ) ଏବଂ ଓଡ଼ିଶା ସରକାର (ଜିଓଓ) ଙ୍କ ବିଭିନ୍ନ ଯୋଜନାରେ ପିଆର୍‌ଆଇଗୁଡ଼ିକୁ ମିଳିଥିବା ପାଣ୍ଠି ଓ ଓଡ଼ିଶା ସରକାରଙ୍କଠାରୁ ମିଳିଥିବା ସହାୟକ ଅନୁଦାନ ସ୍ଥିତି **ଚାର୍ଟ *1.1*** ଓ **ସାରଣୀ *1.3*** ରେ ପ୍ରଦତ୍ତ ହେଲା ।



ସାରଣୀ 1.3: ପିଆର୍‌ଆଇ ଗୁଡ଼ିକ ପାଖରେ 2016-17 ରୁ 2020-21 ମଧ୍ୟରେ ଉପଲବ୍ଧ ପାଣ୍ଠିର ବିବରଣୀ

(ଟଙ୍କା କୋଟିରେ)

ପରିକଳ୍ପନା	2016-17	2017-18	2018-19	2019-20	2020-21
ଆଇଏୱାଇ/ପିଏମ୍‌ଏୱାଇ/ବିପିଜିୱାଇ	3,190.88	4,004.64	4,502.92	3,496.38	4,628.76
ଏମ୍‌ଜିଏନ୍‌ଆର୍‌ଇଜିଏସ୍	732.11	810.86	891.97	989.32	1,600.14
ଏନ୍‌ଆର୍‌ଏଲ୍‌ଏମ୍	216.75	493.49	610.29	897.19	804.63
ଆର୍‌ୟୁଆର୍‌ବି ଏଣ୍ଡ ମିଶନ	62.28	466.33	22.50	9.00	18.00
ଜିଜିୱାଇ	1,000.00	300.00	500.00	00	00
ଏନ୍‌ଆର୍‌ଡିଡବ୍ଲୁପି	00	00	253.35	720.97	1,204.01
ଏସ୍‌ବିଏମ୍	00	00	1,986.97	2,336.27	80.96
ଏସ୍‌ଏଫ୍‌ସି/ କ୍ଲଷ୍ଟର ହାଉସ୍/ ସିସି ରୋଡ୍	1,358.67	1,509.07	1,646.08	1,762.18	2,472.26
ସିଏଫ୍‌ସି ଅନୁଦାନ	1,496.64	1,528.71	1,768.44	2,585.94	2,258.00
ମୋଟ	**8,057.33**	**9,113.10**	**12,182.52**	**12,797.25**	**13,066.76**

(ଉତ୍ସ: ପଞ୍ଚାୟତିରାଜ ଓ ଡିଡବ୍ଲୁ ବିଭାଗ)

ସାରଣୀ 1.3 ରୁ ଜଣାଗଲା ଯେ 2020-21 ଆର୍ଥିକ ବର୍ଷରେ 2016-17 ଆର୍ଥିକ ବର୍ଷ ତୁଳନାରେ ବ୍ୟୟ 62 ପ୍ରତିଶତ ବୃଦ୍ଧି ହୋଇଥିଲା । ଅଧିକ ବୃଦ୍ଧି ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଏନ୍‌ଆର୍‌ଏଲ୍‌ଏମ୍, ଅର୍ଥ ଆୟୋଗ ଅନୁଦାନ (ଏଫ୍‌ସି) ଏବଂ ଏନ୍‌ଆର୍‌ଡିଡବ୍ଲୁପିରେ ହୋଇଥିଲା ।

ଶେଷ ପାଞ୍ଚ ବର୍ଷ ମଧ୍ୟରେ ପିଆର୍‌ଆଇଙ୍କ ପାଇଁ ଯୋଜନା ଏବଂ ଅଣ-ଯୋଜନା କ୍ଷେତ୍ରରେ ବଜେଟ୍ ବ୍ୟବସ୍ଥା ***ଚାର୍ଟ 1.2***, ***1.3*** ଏବଂ ***ସାରଣୀ 1.4*** ରେ ଦର୍ଶାଗଲା ।





ଚାର୍ଟ 1.3 : ପଞ୍ଚାୟତିରାଜ ଅନୁଷ୍ଠାନ ପାଇଁ 2016-21 ମଧ୍ୟରେ ଅଣ-ଯୋଜନା କ୍ଷେତ୍ରରେ ବଜେଟ୍ ବ୍ୟବସ୍ଥା ଏବଂ ଅର୍ଥ ପ୍ରଦାନ

ସାରଣୀ 1.4: ପଞ୍ଚାୟତିରାଜ ଅନୁଷ୍ଠାନ ପାଇଁ ଶେଷ ପାଞ୍ଚ ବର୍ଷ ମଧ୍ୟରେ ଯୋଜନା ଏବଂ ଅଣଯୋଜନା କ୍ଷେତ୍ରରେ ବଜେଟ୍ ବ୍ୟବସ୍ଥା

(ଟଙ୍କା କୋଟିରେ)

ବର୍ଷ	ଯୋଜନା		ଅଣଯୋଜନା	
	ବଜେଟ୍ ବ୍ୟବସ୍ଥା	ପ୍ରଦାନ (ପ୍ରତିଶତରେ)	ବଜେଟ୍ ବ୍ୟବସ୍ଥା	ପ୍ରଦାନ (ପ୍ରତିଶତରେ)
2016-17	5,883.70	5,259.88 (89)	3,127.18	3,086.32 (99)
2017-18	9,855.94	7,774.10 (79)	3,789.64	3,407.57(90)
2018-19	12,744.02	11,958.62(94)	4,132.07	3,769.64 (91)
2019-20	14,280.68	12,144.42 (85)	5,416.18	4,712.89(87)
2020-21	15,052.67	10,243.99 (68)	5,099.29	5,019.48 (98)

(ଉତ୍ସ: ପିଆର୍ଆଣ୍ଡଡିବ୍ଲୁ ବିଭାଗ ଦ୍ୱାରା ଉପଲବ୍ଧ କରାଯାଇଥିବା ଏମ୍ଆଇଏସ୍ର ତଥ୍ୟ)

ଉପରୋକ୍ତ ସାରଣୀ 1.4 ରୁ ଜଣାଗଲା ଯେ ଯୋଜନା କ୍ଷେତ୍ରରେ ପାଣ୍ଠି 2016-21 ବର୍ଷ ମଧ୍ୟରେ ବଜେଟ୍ ବ୍ୟବସ୍ଥା ତୁଳନାରେ 68 ର 94 ପ୍ରତିଶତ ଥିଲା । ସେହିଭଳି ଅଣଯୋଜନା କ୍ଷେତ୍ରରେ ବଜେଟ୍ ବ୍ୟବସ୍ଥା ତୁଳନାରେ ପାଣ୍ଠି 2016-21 ମଧ୍ୟରେ 87 ରୁ 99 ପ୍ରତିଶତ ଥିଲା ।

1.7 ରାଜ୍ୟ ଅର୍ଥ ଆୟୋଗ (ଏସ୍ଏଫ୍ସି)ଙ୍କ ସୁପାରିଶ

ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗ (2015-20) ତଳ ସ୍ତରରେ ଥିବା ଗଣତାନ୍ତ୍ରିକ ଅନୁଷ୍ଠାନକୁ ଦାୟିତ୍ୱ ସମ୍ପନ୍ନ ସ୍ଥାନୀୟ ସରକାର ହିସାବରେ ବିକଶିତ କରିବା ଦିଗରେ ରାଜ୍ୟ ସରକାରଙ୍କୁ ସହାୟତା ଓ ପରାମର୍ଶ ଦେବାକୁ ପ୍ରଚେଷ୍ଟା କରିଥିଲେ । ସେଥିରୁ କେତେକ ସୁପାରିଶ ସ୍ଥାନୀୟ ନିକାୟମାନଙ୍କୁ ସେମାନଙ୍କର ଆର୍ଥିକ ମୂଳଦୁଆକୁ ସୁଦୃଢ଼ କରିବା ସମ୍ପର୍କିତ ଥିଲା । ସୁପାରିଶ ଗୁଡ଼ିକୁ ଚାରୋଟି ମୁଖ୍ୟ ଶୀର୍ଷରେ ବିଭକ୍ତ କରାଯାଇଛି :

1. ପ୍ରତିଷ୍ଠାନିକ ଏବଂ ସଂଚରଣାତ୍ମକ ଦୃଢ଼ୀକରଣ
2. ସମ୍ବଳ ସୃଷ୍ଟି ଏବଂ ତତ୍ସଂକ୍ରାନ୍ତିୟ ଆଇନଗତ ବାଧା
3. ସାଧାରଣ ପ୍ରସଙ୍ଗ ଏବଂ
4. ପାଣ୍ଠି ହସ୍ତାନ୍ତର

ସେହିଭଳି, ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ (2021-26) ଙ୍କ ଦ୍ୱାରା ପ୍ରଦତ୍ତ ସୁପାରିଶ ଗୁଡ଼ିକୁ ଚାରୋଟି ମୁଖ୍ୟ ଶୀର୍ଷରେ ବିଭକ୍ତ କରାଯାଇଛି :

1. ପାଣ୍ଠି ହସ୍ତାନ୍ତର
2. ଆନୁଷ୍ଠାନିକ ଦୃଢ଼ୀକରଣ
3. ସ୍ଥାନୀୟ ସରକାରଙ୍କର ଓଏସ୍ଆର୍ ବୃଦ୍ଧି ଦିଗରେ ପଦକ୍ଷେପର ଆବଶ୍ୟକତା ଏବଂ
4. ସାଧାରଣ ପ୍ରସଙ୍ଗ

ପିଆର୍‌ଆଇ ଗୁଡ଼ିକ ପାଇଁ 2016-17 ରୁ 2020-21 ଅବଧିରେ ରାଜ୍ୟ ଅର୍ଥ ଆୟୋଗ ମାନଙ୍କ ଦ୍ୱାରା ସୁପାରିଶ କରିଥିବା ମୋଟ ସମ୍ବଳ ସ୍ଥାନାନ୍ତରଣ ସାରଣୀ ***1.5*** ରେ ପ୍ରଦତ୍ତ ହେଲା ।

ସାରଣୀ 1.5: ରାଜ୍ୟ ଅର୍ଥ ଆୟୋଗ ସୁପାରିଶ କରିଥିବା ସମ୍ବଳ ହସ୍ତାନ୍ତର

(ଟଙ୍କା କୋଟିରେ)

ବଣ୍ଟନ ପଦ୍ଧତି	2016-17	2017-18	2018-19	2019-20	2020-21	ସମୁଦାୟ
ହସ୍ତାନ୍ତର	493.77	493.77	493.77	493.77	915.09	2,890.17
କର ସମର୍ପଣ	539.60	620.16	672.84	730.79	759.55	3,322.94
ଅନୁଦାନ	368.43	455.12	539.20	581.72	978.99	2,923.46
ମୋଟ	**1,401.8**	**1,569.05**	**1,705.81**	**1,806.28**	**2,653.63**	**9,136.57**

(ଉତ୍ସ: ଚତୁର୍ଥ ଓ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ତଥ୍ୟ)

2020-21 ଆର୍ଥିକ ବର୍ଷରେ ରାଜ୍ୟ ସରକାର 2,485.59 କୋଟି ଟଙ୍କା ପାଣ୍ଠି ରାଜ୍ୟ ଅର୍ଥ ଆୟୋଗ ବାବଦରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ପ୍ରଦାନ କରିଥିଲେ ।

1.8 କେନ୍ଦ୍ରୀୟ ଅର୍ଥ ଆୟୋଗଙ୍କ ସୁପାରିଶ (ସିଏଫ୍‌ସି)

ଚତୁର୍ଦ୍ଦଶ ଅର୍ଥ ଆୟୋଗ (2015-20) ଗ୍ରାମୀଣ ସ୍ଥାନୀୟ ନିକାୟଗୁଡ଼ିକୁ ଏକ ମୂଳ ଅନୁଦାନ ଏବଂ ସମ୍ପାଦନ ଅନୁଦାନ ପାଇଁ ସୁପାରିଶ କରିଥିଲେ । ଏହି ଅନୁଦାନଗୁଡ଼ିକ ମୌଳିକ ନାଗରିକ ସେବାରେ ବ୍ୟବହାର କରିବା ଲକ୍ଷ୍ୟ ଥିଲା । ଏଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା ଜଳଯୋଗାଣ, ସଫେଇ ବ୍ୟବସ୍ଥା, ନାଳନର୍ଦ୍ଦମା ପରିଚାଳନା, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା, ଜନ ସମ୍ପ୍ରଦାୟ ସମ୍ପତ୍ତି ପ୍ରତିପାଳନ, ରାସ୍ତା, ଚଲା ରାସ୍ତା, ରାସ୍ତାର ଆଲୋକୀକରଣ, ମଶାଣି ଏବଂ ସମାଧିସ୍ଥଳ ଇତ୍ୟାଦିର ରକ୍ଷଣାବେକ୍ଷଣ । ରାଜ୍ୟ ଗୁଡ଼ିକୁ ପାଞ୍ଚ ବର୍ଷ ପାଇଁ ମୂଳ ଅନୁଦାନର ସୁବିଧା ଦିଆଯାଇଥିଲା । ତେବେ ସମ୍ପାଦନ ଅନୁଦାନ ଗୁଡ଼ିକ 2016-17 ମସିହାରୁ କେତେକ ମାନଦଣ୍ଡ ପୂରଣ ପରେ ଦିଆଯିବାର ଥିଲା ।

ସେହିଭଳି, ପଞ୍ଚଦଶ ଅର୍ଥ ଆୟୋଗ 50 ପ୍ରତିଶତ ମୂଳ ଅନୁଦାନ ଏବଂ 50 ପ୍ରତିଶତ ଅନୁଦାନ ଦୁଇଟି କାର୍ଯ୍ୟକୁ ମିଶାଇ ଦିଆଯାଇଥିଲା । (କ) ଓଡିଏଫ୍ ଷ୍ଟାଟସରେ ସଫେଇ ବ୍ୟବସ୍ଥା ଏବଂ ପ୍ରତିଫଳନ (ଖ) ପାନୀୟ ଜଳ ଯୋଗାଣ, ବର୍ଷା ଜଳ ସଂରକ୍ଷଣ ଏବଂ ଜଳ ଚକ୍ର ।

ଚତୁର୍ଦ୍ଦଶ ଓ ପଞ୍ଚଦଶ ଅର୍ଥ ଆୟୋଗ ଦ୍ୱାରା ସୁପାରିଶ କରାଯାଇଥିବା ଓଡ଼ିଶାକୁ ବର୍ଷ ଅନୁସାରେ ଅନୁଦାନ ବଣ୍ଟନ ସାରଣୀ ***1.6*** ରେ ଦର୍ଶାଯାଇଛି ।

ସାରଣୀ 1.6: କେନ୍ଦ୍ରୀୟ ଅର୍ଥ ଆୟୋଗଙ୍କ ସୁପାରିଶ

(ଟଙ୍କା କୋଟିରେ)

କ୍ର.ସଂ.	ବିଷୟ	2016-17	2017-18	2018-19	2019-20	2020-21	ମୋଟ
1	ମୂଳ ଅନୁଦାନ	1,323.09	1,528.71	1,768.44	2,389.54	2,258.00[1]	9,267.78
2	ସମ୍ପାଦନ ଅନୁଦାନ	173.55	196.40	223.04	292.05	0	885.04
ମୋଟ		**1,496.64**	**1,725.11**	**1,991.48**	**2,681.59**	**2,258.00**	**10,152.82**

(ଉତ୍ସ: ଚତୁର୍ଦ୍ଦଶ ଏବଂ ପଞ୍ଚଦଶ ଅର୍ଥ ଆୟୋଗ ତଥ୍ୟ)

ସୁପାରିଶ ଅନୁସାରେ ରାଜ୍ୟ ସରକାର 2,258 କୋଟି ଟଙ୍କା ଅର୍ଥ ଆୟୋଗ ବାବଦରେ 2020-21 ଆର୍ଥିକ ବର୍ଷରେ ପାଣ୍ଠି ପ୍ରାପ୍ତ କରିଥିଲେ ।

1.9 ଅଡିଟ୍ ଆଦେଶନାମା

1.9.1 ପ୍ରାଥମିକ ଅଡିଟର

ନିର୍ଦ୍ଦେଶକ, ସ୍ଥାନୀୟ ନିଧି ଅଡିଟ୍ (ଡିଏଲ୍‌ଏଫ୍‌ଏ) ହେଉଛନ୍ତି ରାଜ୍ୟ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ପ୍ରାଥମିକ ଅଡିଟର । ଏହା ରାଜ୍ୟର ଅର୍ଥ ବିଭାଗ ଅଧିନରେ ଏକ ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ସ୍ଥାନୀୟ ନିଧି ସମୀକ୍ଷା ଅଧିନିୟମ, 1948 ଅନୁସାରେ କାର୍ଯ୍ୟ କରେ । ଡିଏଲ୍‌ଏଫ୍‌ଏ 25 ଟି ଜିଲ୍ଲା ଅଡିଟ୍ ଅଫିସ୍ ମାଧ୍ୟମରେ ସମସ୍ତ 30 ଟି ଜିଲ୍ଲାର

[1] ଉଭୟ ଯୁକ୍ତ ଏବଂ ଅଣଯୁକ୍ତ ଅନୁଦାନ

ପିଆର୍‌ଆଇ ଗୁଡ଼ିକୁ ଅଡିଟ୍ କରିଥାନ୍ତି । ମାର୍ଚ୍ଚ 2021 ସୁଦ୍ଧା ଡିଏଲ୍‌ଏଫ୍‌ଏ ଦ୍ୱାରା ଅଡିଟ୍ ହୋଇଥିବା ପିଆର୍‌ଆଇ ଗୁଡ଼ିକର ସ୍ଥିତି ସାରଣୀ ***1.7*** ରେ ପ୍ରଦତ୍ତ ହେଲା ।

ସାରଣୀ 1.7: ଡିଏଲ୍‌ଏଫ୍‌ଏ ଦ୍ୱାରା ମାର୍ଚ୍ଚ 2021 ସୁଦ୍ଧା ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଅଡିଟ୍ ସ୍ଥିତି

ବର୍ଷ	ଅଡିଟ୍ ପାଇଁ ଯୋଜନା ଥିବା ପିଆର୍‌ଆଇ ସଂଖ୍ୟା			ମୋଟ ଅଡିଟ୍ ହୋଇଥିବା ପିଆର୍‌ଆଇ ସଂଖ୍ୟା			ଜମ୍ବି (ପ୍ରତିଶତରେ)		
	ଜିପି	ପିଏସ୍	ଜେଡ୍‌ପି	ଜିପି	ପିଏସ୍	ଜେଡ୍‌ପି	ଜିପି	ପିଏସ୍	ଜେଡ୍‌ପି
2018-19	4,444	314	30	3,932	310	28	512 (12)	4(1)	2(1)
2019-20	3,941	314	30	3,425	305	30	516 (13)	9(3)	0 (0)
2020-21	3,762	314	30	2,543	304	27	1,229(32)	10 (3)	3(10)

(ଉତ୍ସ: ସ୍ଥାନୀୟ ପାଣ୍ଠି ସମୀକ୍ଷା ନିର୍ଦ୍ଦେଶକ, ଓଡ଼ିଶାଙ୍କ ଠାରୁ ପ୍ରାପ୍ତ ତଥ୍ୟ)

ସରକାର/ ଡିଏଲ୍‌ଏଫ୍‌ଏ ଅଡିଟ୍ ହୋଇନଥିବା ଗ୍ରାମ ପଞ୍ଚାୟତ ଗୁଡ଼ିକର ବକେୟା ହ୍ରାସ କରିବା ପାଇଁ ଭାରତର ସାର୍ବଜନିକ ସମୀକ୍ଷକ ଅନୁଷ୍ଠାନ (ଆଇପିଏଆଇ) ଙ୍କୁ ନିୟୋଜନ କରିଥିଲେ (ସେପ୍ଟେମ୍ବର 2010) । ଆଇପିଏଆଇ 2020-21 ଆର୍ଥିକ ବର୍ଷରେ 627 ଗ୍ରାମ ପଞ୍ଚାୟତ ଡିଏଲ୍‌ଏଫ୍‌ଏ ତରଫରୁ ଅଡିଟ୍ କରିଥିଲେ ।

1.9.2 ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକଙ୍କ ଦ୍ୱାରା ଅଡିଟ୍

ତ୍ରୟୋଦଶ ଅର୍ଥ ଆୟୋଗଙ୍କ ସୁପାରଶ ଆଧାରରେ ରାଜ୍ୟ ସରକାର ଅପ୍ରେଲ 2011 ରେ ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକ(ସିଏଜି)ଙ୍କୁ (କାର୍ଯ୍ୟ, କ୍ଷମତା ଓ ସେବା ସର୍ତ୍ତ) ଅଧିନିୟମ 1971 ର ଧାରା 20(କ) ଅନୁସାରେ ସମସ୍ତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଅଡିଟ୍ ପାଇଁ କାର୍ଯ୍ୟ ନ୍ୟସ୍ତ କରିଥିଲେ (ଅପ୍ରେଲ 2011) । ଏହା ବ୍ୟତୀତ, ସ୍ଥାନୀୟ ନିକାୟଗୁଡ଼ିକୁ ସମୀକ୍ଷା କରିବା ପାଇଁ ରାଜ୍ୟ ଅଡିଟ୍ ସଂସ୍ଥା ଯଥା: ସ୍ଥାନୀୟ ନିଧି ଅଡିଟ୍ (ଏଲ୍‌ଏଫ୍‌ଏ) କୁ ବୈଷୟିକ ଦିଗ୍‌ଦର୍ଶନ ଓ ସହାୟତା (ଟିଜିଏସ୍) ଯୋଗାଇବା ପାଇଁ ସିଏଜିଙ୍କୁ ଅନୁରୋଧ କରାଯାଇଥିଲା । ସରକାର ଜୁଲାଇ 2011 ରେ ସରକାରୀ ଗେଜେଟ୍‌ରେ ବୈଷୟିକ ଦିଗ୍‌ଦର୍ଶନ ଓ ସହାୟତାର ମାନଦଣ୍ଡକୁ ଅଧିସୂଚୀତ କଲେ । ଟିଜିଏସ୍ ବ୍ୟବସ୍ଥା ଅନୁସାରେ ଡିଏଲ୍‌ଏଫ୍‌ଏ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଗଲା, ଥେମାଟିକ୍ ଅଡିଟ୍ ପାଇଁ ବିଷୟ ପରାମର୍ଶ ଦିଆଗଲା ଏବଂ ନିର୍ଦ୍ଦେଶାବଳୀ ଜାରି କରାଗଲା ।

1.10 ପ୍ରତିବେଦନ କରିବା ବ୍ୟବସ୍ଥା

1.10.1 ପ୍ରାରମ୍ଭିକ ଅଡିଟରଙ୍କ ଅଡିଟ୍ ପ୍ରତିବେଦନ

ତ୍ରୟୋଦଶ ଅର୍ଥ ଆୟୋଗଙ୍କ ସୁପାରଶ ଏବଂ ଓଏଲ୍‌ଏଫ୍‌ଏ(ସଂଶୋଧିତ) ନିୟମ 2015 ର ବ୍ୟବସ୍ଥା ଅନୁସାରେ ଡିଏଲ୍‌ଏଫ୍‌ଏ ପୂର୍ବ ବର୍ଷର ଏକ ସଂକଳିତ ପ୍ରତିବେଦନ ପ୍ରତିବର୍ଷ ସେପ୍ଟେମ୍ବର 30 ସୁଦ୍ଧା ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କ ପାଖରେ ଦାଖଲ କରିବେ ଯାହାକି ରାଜ୍ୟ ବିଧାନ ସଭାରେ ଆଗତ ହେବ । 2019-20 ବର୍ଷର ବାର୍ଷିକ ପ୍ରତିବେଦନ ଓଡ଼ିଶା ବିଧାନ ସଭାରେ ସେପ୍ଟେମ୍ବର 2021 ରେ ଆଗତ ହୋଇଥିଲା ।

1.10.2 ସ୍ଥାନୀୟ ନିକାୟଗୁଡ଼ିକ ଉପରେ ସିଏଜିଙ୍କ ପ୍ରତିବେଦନ

ମାର୍ଚ୍ଚ 2017 ରେ ସମାପିତ ବର୍ଷ ପାଇଁ ଅଡିଟ୍ ପ୍ରତିବେଦନ 26 ମାର୍ଚ୍ଚ 2018 ରେ ରାଜ୍ୟ ବିଧାନ ସଭାରେ ଉପସ୍ଥାପିତ କରାଯାଇଥିଲା ।

1.10.3 ଅଡିଟ୍ ଅବଲୋକନ ଉପରେ ଜବାବ

2020-21 ଆର୍ଥିକ ବର୍ଷରେ 3,484 ଟି ଅନୁଚ୍ଛେଦ ଏବଂ 554 ଟି ନିରୀକ୍ଷଣ ପ୍ରତିବେଦନର ତ୍ରିକୋଣୀୟ କମିଟି ବୈଠକ[2] ଏବଂ ମୁଖ୍ୟାଳୟ ସ୍ତରରେ ପୁନରୀକ୍ଷଣ ଦ୍ୱାରା ମୀମାଂସିତ ହୋଇଥିଲା । 31 ମାର୍ଚ୍ଚ 2021 ସୁଦ୍ଧା, 3,472 ନିରୀକ୍ଷଣ ପ୍ରତିବେଦନ ସଂପର୍କିତ 16,072 ଟି ଅନୁଚ୍ଛେଦ ଅମୀମାସିତ ରହିଥିଲା ।

2005-06 ରୁ 2014-15 ମଧ୍ୟରେ ମହାଲେଖାକାର (ଅଡିଟ୍-I), ଓଡ଼ିଶାଙ୍କ ତରଫରୁ ପଞ୍ଚାୟତିରାଜ ଅନୁଷ୍ଠାନ ଉପରେ ନଅଟି ବାର୍ଷିକ ବୈଷୟିକ ନିରୀକ୍ଷଣ ପ୍ରତିବେଦନ ଜାରି କରିଥିଲେ । 2016 ଏବଂ 2017 ସମାପିତ ବର୍ଷ ପାଇଁ ସ୍ଥାନୀୟ ନିକାୟଗୁଡ଼ିକ ଉପରେ ସିଏଜି ପ୍ରତିବେଦନ 2016-17 ଏବଂ 2017-18 ଆର୍ଥିକ ବର୍ଷ ମଧ୍ୟରେ ପ୍ରସ୍ତୁତ ହୋଇଥିଲା ଏବଂ ବିଧାନ ସଭାରେ ଯଥାକ୍ରମେ 16 ସେପ୍ଟେମ୍ବର 2017 ଏବଂ 26 ମାର୍ଚ୍ଚ 2018 ରେ ଉପସ୍ଥାପିତ ହୋଇଥିଲା । 2019 ଓ 2020 ଆର୍ଥିକ ବର୍ଷ ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନ ଉପରେ ହୋଇଥିବା ଅଡିଟ୍ ଅବଲୋକନଗୁଡ଼ିକ ସିଏଜିଙ୍କର ଜି ଆଣ୍ଡ ଏସ୍‌ଏସ୍‌ଏ ପ୍ରତିବେଦନ ଯଥାକ୍ରମେ 3 ଅପ୍ରେଲ 2021 ଏବଂ 10 ଡିସେମ୍ବର 2021 ରେ ରାଜ୍ୟ ବିଧାନ ସଭାରେ ଉପସ୍ଥାପିତ ହୋଇଥିଲା । ଏହିସବୁ ପ୍ରତିବେଦନ ଗୁଡ଼ିକର ଜବାବରେ ପଞ୍ଚାୟତିରାଜ ବିଭାଗ ସାଧାରଣ ଅଡିଟ୍ ଆପତ୍ତି ପ୍ରଭୃତିରୁ ଦୂରରେ ରହିବା ପାଇଁ ଏକ ମାର୍ଗଦର୍ଶିକା ପିଡି, ଡିଆର୍‌ଡିଏ ଏବଂ ବିଡିଓ ମାନଙ୍କୁ ଜାରି କରିଥିଲା । ବିଭାଗ ମଧ୍ୟ ଅଡିଟ୍ ରିପୋର୍ଟ ଗୁଡ଼ିକର ଅନୁପାଳନ ସମୀକ୍ଷା ପାଇଁ ଜିଲ୍ଲା ଅଡିଟ୍ ପର୍ଯ୍ୟାଲୋଚନା କମିଟି ଗଠନ କରିଥିଲା (ଫେବୃଆରୀ 2015) ।

[2] ତ୍ରିକୋଣୀୟ କମିଟି ବୈଠକ କାର୍ଯ୍ୟକାରୀ ଏଜେନ୍ସୀ, ସେମାନଙ୍କର ବିଭାଗୀୟ ପ୍ରତିନିଧି ଓ ଅଡିଟ୍ ମଧ୍ୟରେ ପୂର୍ବ ବଳକା ଅନୁଚ୍ଛେଦ ଓ ନିରୀକ୍ଷଣ ପ୍ରତିବେଦନ ମୀମାଂସିତ କରିବା ପାଇଁ ହୁଏ ।

ଭାଗ ଖ

ଦାୟିତ୍ୱଧ୍ନତା ସଂକ୍ରିୟା ଏବଂ ଅର୍ଥନୈତିକ ପ୍ରତିପେଦନ ପ୍ରସଙ୍ଗ

1.11 ଦାୟିତ୍ୱଧ୍ନତା ସଂକ୍ରିୟା

(i) ନ୍ୟାୟପାଳ (ଓମୁଡସ୍‌ମ୍ୟାନ୍)

ନ୍ୟାୟାପାଳ ଏକ ଅନୁଷ୍ଠାନ ଯାହା ଏମ୍‌ଜିଏନ୍‌ଆର୍‌ଇଜିଏ ଧାରା 27 ଅନୁସାରେ ଗଠିତ ଓ ଏହା ଜିଲ୍ଲା ସ୍ତରରେ ଏମ୍‌ଜିଏନ୍‌ଆର୍‌ଇଜି ଅଧିନିୟମ ଏବଂ ଯୋଜନା ସମ୍ବନ୍ଧୀୟ ଅଭିଯୋଗ ଗୁଡ଼ିକର ଶୁଣାଣି ପାଇଁ ଏକ ସ୍ୱାଧୀନ ଅଭିଯୋଗ ପ୍ରତିକାର ସଂସ୍ଥା ରୂପେ କାର୍ଯ୍ୟ କରେ । ଏହା ସମୁଚିତ ପଦାଧିକାରୀମାନଙ୍କୁ ପ୍ରତିକାର ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଭୁଲ୍ କରୁଥିବା ପଦାଧିକାରୀମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ ଓ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥାଏ । ନ୍ୟାୟପାଳଙ୍କର କାର୍ଯ୍ୟକାଳ ଦୁଇ ବର୍ଷ ଅଟେ, ଯାହାକି ଆହୁରି ଏକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ । 2020-21 ଆର୍ଥିକ ବର୍ଷରେ 10 ଜଣ ନ୍ୟାୟପାଳ ଏମ୍‌ଜିଏନ୍‌ଆର୍‌ଇଜି ଅଧିନିୟମ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ପ୍ରତିକାର ନିମନ୍ତେ ନିଯୁକ୍ତି ପାଇଥିଲେ ।

(ii) ଲୋକାୟୁକ୍ତ

ରାଷ୍ଟ୍ରପତି ଜାନୁଆରୀ 2015 ରେ ଓଡ଼ିଶା ଲୋକାୟୁକ୍ତ ବିଲ୍‌କୁ ଅନୁମୋଦନ କରିଥିଲେ । ତଦନୁସାରେ ରାଜ୍ୟ ସରକାର (ମାର୍ଚ୍ଚ 2019) ରେ ଲୋକାୟୁକ୍ତ ପ୍ରତିଷ୍ଠା କରିଥିଲେ । ଓଡ଼ିଶା ଲୋକାୟୁକ୍ତ 2014 ନିୟମର ଧାରା 3 ଅନୁସାରେ ଜଣେ ସଭାଧ୍ୟକ୍ଷ ଏବଂ ପାଞ୍ଚ ଜଣ ସଭ୍ୟଙ୍କୁ ନେଇ ଗଠିତ ହେବ । 2020-21 ବର୍ଷ ମଧ୍ୟରେ ସଂସ୍ଥାଟି 3 ଜଣ ସଭ୍ୟ ଏବଂ ଜଣେ ସଭାଧକ୍ଷଙ୍କୁ ନେଇ କାର୍ଯ୍ୟ କରିଥିଲା ।

(iii) ସାମାଜିକ ଅଡିଟ୍

ରାଜ୍ୟ ସରକାର ସାମାଜିକ ସମୀକ୍ଷା ଦାୟିତ୍ୱଧ୍ନତା ଓ ସଚ୍ଚତା ପାଇଁ ଓଡ଼ିଶା ସମିତି ନାମକ ଏକ ସ୍ୱାଧୀନ ସାମାଜିକ ସମୀକ୍ଷା ସମିତି (ଏସ୍‌ଏସ୍‌ୟୁ) ଗଠନ କରିଛନ୍ତି । ମାର୍ଚ୍ଚ 2021 ସୁଦ୍ଧା ଏହା ଜଣେ ନିର୍ଦ୍ଦେଶକ ଏବଂ ଛଅ ଜଣ ସାମାଜିକ ଅଡିଟ୍ ବିଶେଷଜ୍ଞଙ୍କୁ ନେଇ କାର୍ଯ୍ୟ କରୁଅଛି । ପୁନଶ୍ଚ, 29 ଜଣ ଜିଲ୍ଲା ଉତ୍ସ ବ୍ୟକ୍ତିମାନେ ଜିଲ୍ଲା ସ୍ତରରେ 223 ବ୍ଲକ ଉତ୍ସ ବ୍ୟକ୍ତିମାନେ ପଞ୍ଚାୟତ ସମିତି ସ୍ତରରେ ଏବଂ 9,596 ଗ୍ରାମ ଉତ୍ସ ବ୍ୟକ୍ତିମାନେ ଗ୍ରାମ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରିଥିଲେ । ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟଗୁଡ଼ିକ ଅନ୍ୟାନ୍ୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମଗୁଡ଼ିକ ପାଇଁ ଗ୍ରାମ ପଞ୍ଚାୟତ ସ୍ତରରେ ବର୍ଷକୁ ଦୁଇ ଥର ଲେଖାଏଁ ସାମାଜିକ ଅଡିଟ୍ କରାଯାଇଥିଲା ।

1.12 ଉପଯୋଗ ପ୍ରମାଣ ପତ୍ର (ୟୁସି) ପ୍ରଦାନରେ ବିଳମ୍ବ

ଏହା ଦେଖାଗଲା ଯେ 2020-21 ବର୍ଷରେ ଅଡିଟ୍ ହୋଇଥିବା ଆଠଟି ପଞ୍ଚାୟତ ସମିତି ମଧ୍ୟରୁ ପାଞ୍ଚଟିରେ ବ୍ୟୟ କରାଯାଇଥିବା 117.48 କୋଟି ଟଙ୍କା ମଧ୍ୟରୁ 47.99 କୋଟି ଟଙ୍କାର ୟୁସି ପ୍ରଦାନ କରାଯାଇ ନଥିଲା ।

1.13 ଚଳେୟା ଅଗ୍ରୀମ

ଆଠଟି ପଞ୍ଚାୟତ ସମିତିର ଅଡିଟ୍‌ରୁ ଏହା ଦେଖାଗଲା ଯେ ମାର୍ଚ୍ଚ 2021 ସୁଦ୍ଧା 13.12 କୋଟି ଟଙ୍କାର ଅଗ୍ରୀମ ଅସମାୟୋଜିତ ହୋଇ ରହିଥିଲା । ପଞ୍ଚାୟତ ସମିତି ମାନଙ୍କରେ ଅଗ୍ରୀମ ଖାତା ନଥିବାରୁ ଅଗ୍ରୀମ ପ୍ରଦାନର ତାରିଖ ଓ କାରଣ ପ୍ରଭୃତି ଅଡିଟରେ ଠିକ୍ ଭାବେ ଆକଳନ କରାଯାଇନଥିଲା ।

1.14 କ୍ୟାସ୍ ବହିର ଅବଶେଷ ମେଳକ ନହେବା

2020-21 ବର୍ଷରେ ଅନୁପାଳନ ଅଡିଟରେ ଦେଖାଗଲା ଯେ ଆଠଟିରୁ ସାତଟି ପଞ୍ଚାୟତ ସମିତିରେ 11.46 କୋଟି ଟଙ୍କାର କ୍ୟାସ୍ ବହିର ଅବଶେଷ ଏବଂ ବ୍ୟାଙ୍କ ଖାତା ମଧ୍ୟରେ ତାରତମ୍ୟ ରହିଥିଲା ।

1.15 ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଦ୍ୱାରା ହିସାବ ପରିଚାଳନା

- ପଞ୍ଚାୟତ ସମିତିର ହିସାବ ସଂପୃକ୍ତ ପଞ୍ଚାୟତ ସମିତି ଦ୍ୱାରା ରଖାଯାଏ ଓ ଗ୍ରାମ ପଞ୍ଚାୟତ ମାନଙ୍କର ହିସାବରକ୍ଷଣ ପାଇଁ ଚାଟାର୍ଡ ଆକାଉଣ୍ଟାଣ୍ଟ ନିଯୁକ୍ତି ହୋଇଥାଆନ୍ତି । ଓଡ଼ିଶା ସ୍ଥାନୀୟ ନିଧି ଅଡିଟ୍ ନିୟମାବଳୀ

1951 ର ନିୟମ 20 (ଏଚ୍) ଅନୁଯାୟୀ ପଞ୍ଚାୟତିରାଜ ବିଭାଗ ଗୁଡ଼ିକର ହିସାବ ନିର୍ଦ୍ଦେଶକ, ସ୍ଥାନୀୟ ନିଧି ସମୀକ୍ଷା ଦ୍ୱାରା ପ୍ରମାଣିତ କରାଯାଏ।

- 4,106 ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କ ହିସାବ ମଧ୍ୟରୁ ନିର୍ଦ୍ଦେଶକ, ସ୍ଥାନୀୟ ନିଧି ଅଡିଟ୍ 2020-21 ରେ 2,874 ଟି ହିସାବ ପ୍ରମାଣିତ କରିଥିଲେ।
- ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ (ଏମ୍ଓଆର୍ଡି) ଅପ୍ରେଲ 2020 ରେ ଇ-ଗ୍ରାମ ସ୍ୱରାଜ ନାମକ ଏକ ସରଳ କାର୍ଯ୍ୟ ଉପରେ ନିର୍ଦ୍ଧାରିତ ହିସାବ ପଦ୍ଧତି ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କର ହିସାବ ପରିଚାଳନା ପାଇଁ ପ୍ରଚଳନ କରିଥିଲେ। ମାର୍ଚ୍ଚ୍ 2021 ସୁଦ୍ଧା ସମସ୍ତ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସେମାନଙ୍କର ଭାଉଚର ଇ-ଗ୍ରାମ ସ୍ୱରାଜ୍ୟରେ ଅପ୍ଲୋଡ୍ କରିଥିଲେ।

ଅଧ୍ୟାୟ 2

ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଯୋଜନାର ସମ୍ପାଦନ ସମୀକ୍ଷା

ଅଧ୍ୟାୟ 2

ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣର କାର୍ଯ୍ୟାନ୍ୱୟନର ଦକ୍ଷତା ଉପରେ ସମୀକ୍ଷା

କାର୍ଯ୍ୟନିର୍ବାହୀ

ଭାରତ ସରକାର 2022 ସୁଦ୍ଧା ସମସ୍ତଙ୍କୁ ବାସଗୃହ ଯୋଗାଇବା ଉଦ୍ଦେଶ୍ୟରେ ଇନ୍ଦିରା ଆବାସ ଯୋଜନା(ଆଇଏୱାଇ) କୁ 1 ଅପ୍ରେଲ 2016 ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (ପିଏମ୍ଏୱାଇ-ଜି) ଭାବେ ପୁନର୍ଗଠିତ କଲେ । ପିଏମ୍ଏୱାଇ-ଜିର ଲକ୍ଷ୍ୟ ହେଲା ସମସ୍ତ ବାସହୀନ (ଏଚ୍ଏଚ୍) ଏବଂ ଯେଉଁମାନେ ଚରାଜୀର୍ଣ୍ଣ କଚ୍ଚା ଘରେ ରହୁଛନ୍ତି, ସେମାନଙ୍କୁ 2022 ସୁଦ୍ଧା ମୌଳିକ ସୁବିଧା ସହ ପକ୍କା ଘର ଯୋଗାଇବା ।

ଯେହେତୁ ବାସଗୃହ ଗୋଟିଏ ପ୍ରାଥମିକ ଆବଶ୍ୟକତା ଓ ଗୋଟିଏ ସ୍ଥାୟୀ ବିକାଶର ଲକ୍ଷ୍ୟ, ତେଣୁ ଗ୍ରାମୀଣ ଗରିବ ଲୋକଙ୍କର ଜୀବନଧାରଣମାନର ଉନ୍ନତି ପାଇଁ ଏହି ଯୋଜନାର ଫଳପ୍ରଦ କାର୍ଯ୍ୟକାରିତା ଗୁରୁତ୍ୱପୂର୍ଣ୍ଣ ଅଟେ । ସୁତରାଂ ଏହି ଯୋଜନାର ଲକ୍ଷ୍ୟର ସଫଳତାକୁ ସୁନିଶ୍ଚିତ କରିବା ପାଇଁ ପିଏମ୍ଏୱାଇ-ଗ୍ରାମୀଣର କାର୍ଯ୍ୟଦକ୍ଷତା ଉପରେ ସମୀକ୍ଷା କରାଯାଇଥିଲା । ଏହା 2016-17 ରୁ 2020-21 ଅବଧି ଓ ଆଠଟି ଜିଲ୍ଲା, ତିନୋଟି ପଞ୍ଚାୟତ ସମିତି (ପିଏସ୍) ଚୟନ ହୋଇଥିବା ପ୍ରତି ଜିଲ୍ଲାରୁ ଏବଂ ପ୍ରତି ଚୟନ କରାଯାଇଥିବା ପଞ୍ଚାୟତ ସମିତିରୁ ତିନୋଟି ଗ୍ରାମ ପଞ୍ଚାୟତ(ଜିପି) କୁ ନେଇ କରାଯାଇଥିଲା ।

ଏହି କାର୍ଯ୍ୟଦକ୍ଷତା ସମୀକ୍ଷାର ଉଦ୍ଦେଶ୍ୟ ହେଲା ହିତାଧିକାରୀ ଚିହ୍ନଟ ଓ ଚୟନ ପ୍ରକ୍ରିୟାର ପର୍ଯ୍ୟାପ୍ତତା ଓ ସ୍ୱଚ୍ଛତା ବିଷୟରେ ମୂଲ୍ୟାଙ୍କନ କରିବା, ଉଦ୍ଦିଷ୍ଟ ଫଳାଫଳକୁ ପାଇବା ପାଇଁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଗୃହ ନିର୍ମାଣ, ସଂଯୋଜନାର ସାମର୍ଥ୍ୟ ଅନୁସାରେ ହିତାଧିକାରୀମାନଙ୍କ ମୌଳିକ ସୁବିଧା ବ୍ୟବସ୍ଥା କରିବା, ଯୋଜନା ପାଣ୍ଠିର ଆର୍ଥିକ ପରିଚାଳନା, ତଦାରଖ ଏବଂ ମୂଲ୍ୟାୟନର ପ୍ରକ୍ରିୟାର ପ୍ରଭାବକୁ ଆକଳନ କରିବା ।

କାର୍ଯ୍ୟାନ୍ୱୟନର ସମୀକ୍ଷାର ସାରାଂଶ କହିବାକୁ ଗଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧିନରେ ରାଜ୍ୟ ସରକାରଙ୍କ ଦ୍ୱାରା ସାମାଜିକ ଆର୍ଥିକ ଏବଂ ଜାତି ଜନଗଣନା (ଏସ୍ଇସିସି-2011) ର ତଥ୍ୟ ଏବଂ ଗ୍ରାମ ସଭାରେ ସ୍ଥାୟୀ ଅପେକ୍ଷାରତ ସାରଣୀର ଚୂଡ଼ାନ୍ତକରଣ ସହିତ ଯୋଗ୍ୟ ହିତାଧିକାରୀମାନଙ୍କର ଚିହ୍ନଟ ଓ ଅଗ୍ରୀମ ଦେବାର ଆବଶ୍ୟକ ଥିଲା । ସମୀକ୍ଷା ଦ୍ୱାରା ଜଣାପଡ଼ିଲା ଯେ ପୁନଶ୍ଚ ଗ୍ରାମ ସଭା ଦ୍ୱାରା ଚିହ୍ନଟ ହୋଇଥିବା 8.59 ଲକ୍ଷ ହିତାଧିକାରୀ ଅନିୟମିତ ଭାବରେ ସ୍ଥାୟୀ ଅପେକ୍ଷାରତ ତାଲିକାରୁ ବାଦ୍ ପଡ଼ିଲେ ଏବଂ ଯୋଜନାରୁ ବଞ୍ଚିତ ହେଲେ । ସ୍ଥାୟୀ ପ୍ରତୀକ୍ଷାରତ ତାଲିକା (ପିଡବ୍ଲୁଏଲ୍) ମାର୍ଚ୍ଚ 2021 ସୁଦ୍ଧା ଚୂଡ଼ାନ୍ତ ହୋଇପାରିନଥିଲା ଏବଂ ରାଜ୍ୟ ଯୋଗ୍ୟ ହିତାଧିକାରୀମାନଙ୍କୁ ସ୍ଥାୟୀ ଅପେକ୍ଷାରତ ତାଲିକାରେ ନେବାରେ ବିଫଳ ଯୋଗୁଁ 5.27 ଲକ୍ଷ ମଞ୍ଜୁର ଗୃହ ପ୍ରତ୍ୟର୍ପଣ କରିବାକୁ ପଡ଼ିଲା ।

ଯେହେତୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଦ୍ୱାରା ସ୍ଥିରୀକୃତ ହୋଇଥିବା ସମୟ ସୀମା ମଧ୍ୟରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରିବାରେ ଅସଫଳ ହୋଇଥିଲା । ତେଣୁ 12.25 ଲକ୍ଷ ହିତାଧିକାରୀ ସ୍ଥାୟୀ ଅପେକ୍ଷାର ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିଲେ ନାହିଁ ଏବଂ ଯୋଜନାର ଲାଭ ପାଇବାରୁ ବଞ୍ଚିତ ହେଲେ ।

ଅନ୍ତିମ ସ୍ଥାୟୀ ଅପେକ୍ଷାରତ ତାଲିକାର ଅଭାବ ଯୋଗୁଁ, 24 ଟି ନମୁନା ଯାଞ୍ଚ ବ୍ଲକରେ ବାର୍ଷିକ ଚୟନ ତାଲିକା ତିଆରି ହୋଇପାରିଲା ନାହିଁ ଏବଂ ହିତାଧିକାରୀମାନଙ୍କୁ ବାସଗୃହ ମଞ୍ଜୁରୀ ପାଇଁ ଇଚ୍ଛାନୁଯାୟୀ ବଛା ହେଲା । ସୁତରାଂ ଏସ୍ଇସିସିର ସ୍ୱୟଂକ୍ରିୟ ସଂଖ୍ୟା ସୃଷ୍ଟି ବିନା ଅନେକ କ୍ଷେତ୍ରରେ ବାସଗୃହ ମଞ୍ଜୁର ହୋଇଥିଲା । ପକ୍କାଘର, ଦୁଇ/ ତିନି ଚକିଆ, କିସାନ କ୍ରେଡିଟ୍ କାର୍ଡ (କ୍ରେଡିଟ୍ ସୀମା 50,000 ଟଙ୍କା)ଇତ୍ୟାଦି ଥାଇ ବି ଅଯୋଗ୍ୟ ହିତାଧିକାରୀମାନଙ୍କୁ ବାସଗୃହ ମଞ୍ଜୁର ହୋଇଥିଲା ।

ବାସଗୃହ ସଂପୂର୍ଣ୍ଣକୁ ତ୍ୱରାନ୍ୱିତ କରିବା ପାଇଁ ରାଜମିସ୍ତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେବାର ଥିଲା ଓ ପ୍ରଶିକ୍ଷାର୍ଥୀମାନଙ୍କୁ ଗୃହ ନିର୍ମାଣରେ ବ୍ୟକ୍ତିଗତ ହିତାଧିକାରୀମାନଙ୍କ ସହିତ ଜଡ଼ିତ କରିବାର ଥିଲା । ରାଜମିସ୍ତ୍ରୀ ପ୍ରଶିକ୍ଷାର୍ଥୀମାନଙ୍କୁ ଦୁଇ ଥର ଅର୍ଥ ପ୍ରଦାନ ହୋଇଥିଲା କାରଣ ସେମାନଙ୍କୁ ଗୃହ ନିର୍ମାଣ ପୂର୍ବରୁ ଅର୍ଥ ପ୍ରଦାନ କରାଯାଇଥିଲା କିମ୍ବା ଗୃହ ନିର୍ମାଣ

ପରେ ମିସ୍ତ୍ରୀ ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ପ୍ରଦାନ ହୋଇଥିଲା । ପୁନଶ୍ଚ ଏକା ରାଜମିସ୍ତ୍ରୀକୁ ଦୁଇଟି ଭିନ୍ନ ଭିନ୍ନ କାର୍ଯ୍ୟ ପାଇଁ ଗୋଟିଏ ଦିନରେ ଦୁଇଥର ପ୍ରଦାନ କରାଯାଇଥିଲା ।

ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସହିତ ସଂଯୋଜନା କରି ଗୃହ ନିର୍ମାଣ ପାଇଁ ହିତାଧିକାରୀଙ୍କୁ 90-95 ବ୍ୟକ୍ତିଗତ ଦିନ ହିସାବରେ ଅଣକୁଶଳୀ ମଜୁରୀର ବ୍ୟବସ୍ଥା ଥିଲା । ମାତ୍ର ହାରାହାରି ହିସାବରେ 78.63 ବ୍ୟକ୍ତିଗତ ଦିନ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଥିଲା । ପୁନଶ୍ଚ କେତେକ କ୍ଷେତ୍ରରେ ମଜୁରୀ ପ୍ରଦାନ ସନ୍ଦେହଜନକ କାରଣ ଏହା ଗୃହ ନିର୍ମାଣ ଆରମ୍ଭ ହେବା ପୂର୍ବରୁ କିମ୍ବା ସମ୍ପୂର୍ଣ୍ଣ ହେବା ପରେ ପ୍ରଦାନ କରାଯାଇଛି ।

ପିଏମ୍‌ଏୱାଇ-ଗ୍ରାମୀଣ ରାଜ୍ୟ ସରକାରଙ୍କ ଦ୍ୱାରା ଭୂମିହୀନ ହିତାଧିକାରୀମାନଙ୍କୁ ଘର ତିହ ମଜୁରୀ ନିମିତ୍ତ ନିର୍ଦ୍ଧାରଣ କରିଥାଏ । ମାତ୍ର ମାର୍ଚ୍ଚ 2021 ସୁଦ୍ଧା 57,932 ମଧ୍ୟରୁ 40,608 (70 ପ୍ରତିଶତ) ହିତାଧିକାରୀମାନଙ୍କୁ ଗୃହ ପ୍ରଦାନ କରାଯାଇ ପାରିଲା ନାହିଁ କାରଣ ପିଏମ୍‌ଏୱାଇ-ଗ୍ରାମୀଣ ବାସଗୃହ ଅଧିକାର ସେମାନଙ୍କୁ ଗୃହ ନିର୍ମାଣ କରିବା ପାଇଁ ଘରତିହ ପ୍ରଦାନ ହୋଇପାରିଲା ନାହିଁ । ପୁନଶ୍ଚ କେତେକ କ୍ଷେତ୍ରରେ ପ୍ରବଞ୍ଚନାତ୍ମକ କାର୍ଯ୍ୟାଦେଶ ବିନା ହିତାଧିକାରୀମାନଙ୍କୁ ହିତାଧିକାରୀମାନଙ୍କର ଆଇଡି ନେଇ ଜାରୀ କରାଯାଇଥିଲା ।

ଯେକୌଣସି ପ୍ରଶାସନିକ ସମ୍ବନ୍ଧୀୟ ବ୍ୟୟ ପାଇଁ ରାଜ୍ୟ ଗଚ୍ଛିତ ପାଣ୍ଠିରୁ ବ୍ୟୟ ହେବା ଉଚିତ୍ । ତାହା ପୁଣି ପିଏଫଏମ୍‌ଏସ୍ ଓ ଆୱାସସଫ୍ଟ ବ୍ୟବହାର କରି ପାଣ୍ଠି ସ୍ଥାନାନ୍ତରଣ ଆଦେଶ ଦ୍ୱାରା । ମାତ୍ର ରାଜ୍ୟ ଗଚ୍ଛିତ ପାଣ୍ଠିରୁ 18.10 କୋଟି ଟଙ୍କା ଅନିୟମିତ ଭାବରେ ଅନ୍ୟ ବ୍ୟାଙ୍କ ହିସାବ ଖାତାକୁ ପ୍ରଶାସନିକ ସମ୍ବନ୍ଧୀୟ ଖର୍ଚ୍ଚ କରିବା ପାଇଁ ସ୍ଥାନାନ୍ତରଣ କରାଯାଇଥିଲା ।

ଯଦ୍ୟପି ସହାୟତାର ପ୍ରଥମ କିସ୍ତି ଗୃହ ମଞ୍ଜୁରୀ ହେବାର ପ୍ରଥମ ସପ୍ତାହ ମଧ୍ୟରେ ବାହାରିବାର ଥିଲା, 41,146 କ୍ଷେତ୍ରରେ ହିତାଧିକାରୀମାନଙ୍କୁ ସେମାନଙ୍କର ପ୍ରଥମ କିସ୍ତି 07 ରୁ 1,576 ଦିନ ବିଳମ୍ବରେ ରାଜ୍ୟ ଦ୍ୱାରା ପ୍ରଦାନ କରାଯାଇଥିଲା ।

ଅନ୍ୟ ଯୋଜନା ଗୁଡ଼ିକ ସହିତ ସଂଯୋଜନା ଅଭାବରେ ହିତାଧିକାରୀମାନେ ମୌଳିକ ସେବା ଯେପରିକି-ପାନୀୟ ଜଳ, ଶୌଚାଳୟ, ବିଦ୍ୟୁତ୍, ଇତ୍ୟାଦି ପାଇବାରୁ ବଞ୍ଚିତ ହେଲେ ।

ପିଏମ୍‌ଏୱାଇ-ଗ୍ରାମୀଣର ଗାସନୀୟ ଚିହ୍ନକୁ ସମସ୍ତ ସମ୍ପୂର୍ଣ୍ଣ ହୋଇଥିବା ପିଏମ୍‌ଏୱାଇ-ଗ୍ରାମୀଣ ଗୃହ ଗୁଡ଼ିକରେ ଲଗାଇବାର ଥିଲା । ମାତ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟର ଆପତ୍ତି ସତ୍ତ୍ୱେ, ରାଜ୍ୟର ପ୍ରତୀକ ପିଏମ୍‌ଏୱାଇ-ଗ୍ରାମୀଣ ଗୃହ ସବୁରେ ଲଗାଯାଇଥିଲା ।

ସରକାରୀ ଉତ୍ତରଦାୟିତ୍ୱକୁ ନିଶ୍ଚିତ କରିବା ପାଇଁ ପ୍ରତି ଗ୍ରାମ ପଞ୍ଚାୟତରେ ଅତି କମରେ ବର୍ଷକୁ ଥରେ ସାମାଜିକ ସମୀକ୍ଷା ହେବା ଉଚିତ୍ । ମାତ୍ର ଯାଞ୍ଚ କରାଯାଇଥିବା ଗ୍ରାମ ପଞ୍ଚାୟତରେ କୌଣସି ସାମାଜିକ ସମୀକ୍ଷା ହୋଇନଥିଲା ।

ସମୀକ୍ଷାରୁ ଜଣାଗଲା ଯେ ଆଠଟି ଯାଞ୍ଚ ହୋଇଥିବା ଜିଲ୍ଲା ମଧ୍ୟରୁ ସାତଟି ଏବଂ 24 ଟି ଯାଞ୍ଚ ହୋଇଥିବା ବ୍ଲକ ମଧ୍ୟରୁ 23 ଟିରେ ଅଭିଯୋଗ/ ଅଭିଯୋଗ ଗ୍ରହଣ ଏବଂ ସମାଧାନ ପାଇଁ କୌଣସି ରେକର୍ଡ ରଖାଯାଇନଥିଲା । ଜିଲ୍ଲା ତଥା ବ୍ଲକ ସ୍ତରରେ ଅଭିଯୋଗର ପ୍ରକୃତ ସମାଧାନ ସୁନିଶ୍ଚିତ କରାଯାଇନାହିଁ ଏବଂ ଅଭିଯୋଗର ସମାଧାନ ଅଭିଯୋଗକାରୀଙ୍କୁ ମଧ୍ୟ ଅବଗତ କରାଯାଇ ନାହିଁ ।

ଯୋଜନାର କାର୍ଯ୍ୟାନ୍ୱୟନର ଉପରୋଲିଖିତ ତ୍ରୁଟି ଓ ଅଭାବଗୁଡ଼ିକର ଦୃଷ୍ଟିକୋଣରୁ ନିମ୍ନମତେ ସୁପାରିଶ କରାଯାଏ ।

1. ରାଜ୍ୟ ସରକାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସ୍ଥାୟୀ ଅପେକ୍ଷାରତ ତାଲିକାରେ ଅନ୍ତର୍ଭୁକ୍ତ କରି ଚୂଡ଼ାନ୍ତ କରିବା ଉଚିତ୍ ।
2. ସ୍ୱଚ୍ଛତା ବଜାୟ ରଖିବା ପାଇଁ ଗୃହ ମଞ୍ଜୁରୀ ନିମିତ୍ତ ସ୍ୱୟଂକ୍ରିୟ ସ୍ଥାୟୀ ଅପେକ୍ଷାରତ ତାଲିକାକୁ ନେଇ ବାର୍ଷିକ ଚୟନ ତାଲିକା ପ୍ରସ୍ତୁତ କରିବା ଉଚିତ୍ ।
3. ଭୂମିହୀନ ହିତାଧିକାରୀମାନଙ୍କୁ ଗୃହ ନିର୍ମାଣ ପାଇଁ ଜମି ପ୍ରଦାନ କରାଯିବା ଉଚିତ୍ ଓ ବିକଳାଙ୍ଗ ହିତାଧିକାରୀମାନଙ୍କୁ ସମ୍ପୃକ୍ତ ବିଭାଗ ସହିତ ସମନ୍ୱୟ କରି ଗୃହ ପ୍ରଦାନରେ ପ୍ରାଥମିକତା ଦେବା ଉଚିତ୍ ।
4. ଗୃହ ମଞ୍ଜୁରୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପ୍ରଦାନ ହେବା ଉଚିତ୍ ।

5. *ମିସ୍ତ୍ରୀ ପ୍ରଶିକ୍ଷଣ ନିମିତ୍ତ ସନ୍ଦିଗ୍ଧ ଅର୍ଥ ପ୍ରଦାନ କ୍ଷେତ୍ରରେ ବିସ୍ତୃତ ଅନୁସନ୍ଧାନ ହେବା କଥା । ଅନିୟମିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମଜୁରୀ ପ୍ରଦାନ ଅନ୍ୟ ହିତାଧିକାରୀଙ୍କ ନାମରେ ଗୃହ ମଜୁରୀରେ ମଧ୍ୟ ଅନୁସନ୍ଧାନ ହେବା ଉଚିତ୍ ଓ ସଠିକ୍ କାର୍ଯ୍ୟ ପନ୍ଥା ଆରମ୍ଭ ହେବା ଉଚିତ୍ ।*
6. *ଅନ୍ୟ ନିଶାଣକୃତ ହୋଇଥିବା ଯୋଜନା ଗୁଡ଼ିକ ସହିତ ଏକତ୍ରିକରଣ କରାଯିବା ଉଚିତ୍ ଯାହାଦ୍ୱାରା ହିତାଧିକାରୀମାନେ ମୌଳିକ ସୁବିଧା ପାଇପାରିବେ ।*
7. *କାର୍ଯ୍ୟର ବାସ୍ତବିକ ପ୍ରଗତିକୁ ନେଇ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରୁ ମଜୁରୀ ପାଇଁ କ୍ଷତିପୂରଣ ହେବା ଉଚିତ୍ ।*
8. *ସୁରୁଖୁରରେ ଗୃହ ସମ୍ପୂର୍ଣ୍ଣ କରିବା ପାଇଁ ଉପଯୁକ୍ତ ସମୟରେ କିସ୍ତି ପ୍ରଦାନ ହେବା ଉଚିତ୍ ।*
9. *ଆଓ୍ୱାସ୍ ସଫ୍ଟ ଓ ପିଏଫ୍‌ଏମ୍‌ଏସ୍ ବ୍ୟବହାର କରି ସମସ୍ତ ପ୍ରଦାନ ଓ ତା ସହିତ ସମସ୍ତ ପ୍ରଶାସନିକ ବ୍ୟୟ ପାଣ୍ଠି ସ୍ଥାନାନ୍ତରଣ ଆଦେଶ ଦ୍ୱାରା ହେବା ଉଚିତ୍ ।*
10. *ପ୍ରଶାସନିକ ପାଣ୍ଠିରୁ କେବଳ ବ୍ୟୟଭୁକ୍ତ କ୍ଷେତ୍ରଗୁଡ଼ିକର ଖର୍ଚ୍ଚ ହେବା ଉଚିତ୍ ।*
11. *ଜିଲ୍ଲା ଓ ବ୍ଲକ ସ୍ତରରେ ଥିବା ଶାସକୀୟ ପାଣ୍ଠି ରାଜ୍ୟ ପାଣ୍ଠି ହିସାବ ଖାତାକୁ ଫେରସ୍ତ ହେବା ଉଚିତ୍ ।*
12. *ଯୋଜନାଗୁଡ଼ିକର ସଫ୍ଟ କାର୍ଯ୍ୟାନ୍ୱୟନ ଓ ତ୍ରୁଟିଗୁଡ଼ିକ ସୁଧାରିବା ପାଇଁ ରାଜ୍ୟ ସରକାର ନିର୍ଘଣ୍ଟ ସମୟ ଓ ନିୟମିତ ଭାବେ ନିର୍ଦ୍ଧାରିତ ନୀରିକ୍ଷଣ ବିଭିନ୍ନ ସ୍ତରରେ କରିବା ଉଚିତ୍ । ତା'ସହିତ ଗ୍ରାମ ପଞ୍ଚାୟତ ସ୍ତରରେ ସାମାଜିକ ଲେଖା ପରୀକ୍ଷା କରିବା ଉଚିତ୍ ।*
13. *ସମସ୍ତ ଅଭିଯୋଗ/ ଆପତ୍ତିଗୁଡ଼ିକୁ ଧ୍ୟାନ ଦେବା ସହିତ ସେଗୁଡ଼ିକର ଫଳାଫଳ ଅଭିଯୋଗକାରୀମାନଙ୍କୁ ଜଣାଇବା ଉଚିତ୍ ।*

2.1.1 ଉପକ୍ରମ

ଦାରିଦ୍ର୍ୟ ଦୂରୀକରଣ ପାଇଁ ବାସଗୃହ ଯୋଜନା ଗୁରୁତ୍ୱପୂର୍ଣ୍ଣ ଅଟେ । ଗ୍ରାମୀଣ ବାସଗୃହ ଯୋଜନା ଯାହା ଦେଶର ବାସଗୃହ ଯୋଜନାର ଏକ ବଡ଼ ଅଂଶ, ତାହା ଜାନୁଆରୀ 1996 ରେ ଇନ୍ଦିରା ଆବାସ ଯୋଜନା (ଆଇଏଏ୍ୱାଇ) ନାମରେ ପ୍ରଥମେ ସ୍ୱାଧୀନ ଯୋଜନା ଭାବେ ଗ୍ରହଣ କରାଯାଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଦେଶର ଗ୍ରାମୀଣ ବାସଗୃହର ଆବଶ୍ୟକତାକୁ ପୂରଣ କରିବା । ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକ 2014 ରୁ ପ୍ରତିବେଦନ ସଂଖ୍ୟା 37 ରେ ଓ ପରବର୍ତ୍ତୀ ମୂଲ୍ୟାୟନରେ ଇନ୍ଦିରା ଆବାସ ଯୋଜନା କାର୍ଯ୍ୟାନ୍ୱୟନରେ ନିର୍ଦ୍ଦିଷ୍ଟ ବ୍ୟବଧାନ/ ତ୍ରୁଟି ଚିହ୍ନଟ କରାଯାଇଥିଲା ।

ଏସବୁ ତ୍ରୁଟିକୁ ସୁଧାରିବା ପାଇଁ ଏବଂ 2022 ସୁଦ୍ଧା ସମସ୍ତଙ୍କୁ ଗୃହ ଆବାସ ଯୋଗାଣର ସରକାରଙ୍କ ଲକ୍ଷ୍ୟକୁ ନେଇ ଭାରତ ସରକାର(ଜିଓଆଇ) 01 ଅପ୍ରେଲ 2016 ରୁ ଇନ୍ଦରା ଆବାସ ଯୋଜନାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ(ପିଏମ୍‌ଏ୍ୱାଇ-ଜି) ରେ ପୁନର୍ଗଠନ କଲେ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ସମସ୍ତ ଗୃହହୀନ ଓ ଯେଉଁମାନେ କଚ୍ଚା ଓ ଜରାଜୀର୍ଣ୍ଣ ଗୃହରେ ରହୁଛନ୍ତି, ସେମାନଙ୍କୁ 2022 ସୁଦ୍ଧା ମୌଳିକ ସୁବିଧା ଥିବା ପକ୍କା ଗୃହ ପ୍ରଦାନ କରିବା ।

ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣର ମୁଖ୍ୟ ବିଶେଷତ୍ୱ ହେଲା:

- ପରିଚ୍ଛନ୍ନ ରୋଷାଇଶାଳା ସହିତ ସର୍ବନିମ୍ନ (ଘର) 25 ବର୍ଗ ମିଟରର ଗୃହର ଆକାର ।
- ସମତଳ ଅଞ୍ଚଳରେ ଏକକ ସହାୟତା ରାଶି 1.20 ଲକ୍ଷ ଟଙ୍କା ଓ ପାହାଡ଼ିଆ ଅଞ୍ଚଳରେ 1.30 ଲକ୍ଷ ଟଙ୍କା ଅଟେ । ଦୁର୍ଗମ ଅଞ୍ଚଳ ଓ ସମନ୍ୱିତ କାର୍ଯ୍ୟ ଯୋଜନା (ଆଇଏପି)[3] ଜିଲ୍ଲାଗୁଡ଼ିକରେ ଏହା ପକ୍କା ଗୃହ ନିର୍ମାଣର ଅଗ୍ରଗତିକୁ ସଂପୃକ୍ତ କରି ଚାରୋଟି[4] କିସ୍ତିରେ ପ୍ରଦାନ କରାଯାଏ । ପ୍ରତି ଗୃହ ସହାୟତାର ଖର୍ଚ୍ଚ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ 60:40 ହିସାବରେ ଆବଣ୍ଟିତ ହୋଇଥାଏ ।

[3] ଆଇଏପି-ବାମପନ୍ଥୀ ସନ୍ତ୍ରାସବାଦୀ ଦ୍ୱାରା ଆକ୍ରାନ୍ତ ହୋଇଥିବା ଜିଲ୍ଲାଗୁଡ଼ିକର ଆଇଏପି (ଏଲ୍‌ଡବ୍ଲୁଇ) ଯୋଜନା ଉକ୍ତ ଅଞ୍ଚଳରେ ଭିତ୍ତିଭୂମି ସଂଚାର ଉନ୍ନୟନକୁ ତ୍ୱରାନ୍ୱିତ କରିବା ପାଇଁ କାର୍ଯ୍ୟାନ୍ୱୟନ କରାଯାଇଛି, ଯଦ୍ୱାରା ସେହି ଜିଲ୍ଲାଗୁଡ଼ିକର ଆକ୍ରାନ୍ତ ଲୋକମାନେ ଦୀର୍ଘସ୍ଥାୟୀ ଲାଭ ପାଇବାରେ ଏହା ଗୋଟିଏ ଆଧାର ହୋଇ କାମ କରିବ ।

[4] ଓଡ଼ିଶାରେ ସହାୟତା ଚାରୋଟି କିସ୍ତିରେ ପ୍ରଦାନ କରାଯାଏ ।

- ସ୍ୱଚ୍ଛ ଭାରତ ମିଶନ-ଗ୍ରାମୀଣ, ମହାତ୍ମାଗାନ୍ଧୀ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା କିମ୍ବା ଅନ୍ୟ କୌଣସି ଉତ୍ସର୍ଗୀକୃତ ଆର୍ଥିକ ସ୍ରୋତରୁ ଏକତ୍ରୀକୃତ ଭାବରେ 12,000 ଟଙ୍କା ଶୌଚାଳୟ ନିର୍ମାଣ ପାଇଁ ବ୍ୟବସ୍ଥା ହୋଇଥାଏ ।
- ସମତଳ ଅଞ୍ଚଳ ପାଇଁ ଅଣକୁଶଳୀ ଶ୍ରମିକ ମଜୁରୀ 90 ବ୍ୟକ୍ତି ଦିନ ଏବଂ ସମନ୍ୱିତ କାର୍ଯ୍ୟ ଯୋଜନା (ଆଇଏପି) ଜିଲ୍ଲାଗୁଡ଼ିକ ପାଇଁ 95 ବ୍ୟକ୍ତି ଦିନ ବାସଗୃହ ନିର୍ମାଣ ନିମିତ୍ତ ମହାତ୍ମାଗାନ୍ଧୀ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ଅଧିନରେ ହେବା ଉଚିତ୍ ।
- ହିତାଧିକାରୀମାନଙ୍କୁ ସମସ୍ତ ଅର୍ଥ ପ୍ରଦାନ ସେମାନଙ୍କର ବ୍ୟାଙ୍କ/ ଡାକ ଘର ହିସାବ ଖାତାରେ ବୈଦ୍ୟୁତିକ ମାଧ୍ୟମରେ ହେବା ଉଚିତ୍ ଏବଂ ଏହା ଡିଜିଟାଲ ଦସ୍ତଖତ ମାଧ୍ୟମରେ ପାଣ୍ଠି ସ୍ଥାନାନ୍ତରଣ ଆଦେଶ (ଏଫ୍‌ଟିଓ) ଦ୍ୱାରା ।
- ଅନ୍ୟାନ୍ୟ ଯୋଜନାଗୁଡ଼ିକର ଏକତ୍ରୀକରଣ କରି ବିଭିନ୍ନ ସୁବିଧା ଯେପରିକି, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସଂଯୋଗ, ଏଲ୍‌ପିଜି ସଂଯୋଗ ଇତ୍ୟାଦିର ବ୍ୟବସ୍ଥା ହେବା ଆବଶ୍ୟକ ।
- ଯଦି ହିତାଧିକାରୀ ଚାହେଁ ତାହେଲେ ତାଙ୍କୁ ଆର୍ଥିକ ଅନୁଷ୍ଠାନରୁ 70,000 ଟଙ୍କା ଋଣର ସୁବିଧା ହେବା କଥା ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣର ଗୋଟିଏ ମୁଖ୍ୟ ବିଶେଷତ୍ୱ ହେଲା ହିତାଧିକାରୀ ଚୟନ, ସହାୟତା ରାଶି ଯେପରି ବଞ୍ଚିତ ଜନସାଧାରଣଙ୍କୁ ମିଳେ ଓ ଚୟନ ଯେପରି ନିର୍ଦ୍ଦିଷ୍ଟ ଓ ସତ୍ୟ ପ୍ରମାଣିତ ହୁଏ, ତାକୁ ନିଶ୍ଚିତ କରିବା ପାଇଁ ପିଏମ୍‌ଏୱାଇଏ-ଜିରେ ହିତାଧିକାରୀ ଚୟନ ଓ ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ହିତାଧିକାରୀ, ହାଉସ୍ ହୋଲ୍ଡ (ଏଚ୍‌ଏଚ୍) ରେ ହୁଏ ନାହିଁ କିମ୍ବା ନିର୍ଦ୍ଦିଷ୍ଟ କରାଯାଇ ନାହିଁ ବରଂ ସାମାଜିକ ଓ ଅର୍ଥନୈତିକ ତଥା ଜାତି ଜନଗଣନା-ଏସ୍‌ଇସିସି-2011 ର ତଥ୍ୟ ଅନୁସାରେ ବଞ୍ଚିତ ହିତାଧିକାରୀମାନଙ୍କୁ ଯାହା ଗ୍ରାମ ସଭା ଦ୍ୱାରା ସତ୍ୟ ପ୍ରମାଣିତ ହୁଏ । ତା'ଆଧାରରେ ହୋଇଥାଏ । ଏସ୍‌ଇସିସିର ତଥ୍ୟ ଆଧାରରେ ସ୍ଥାୟୀ ଅପେକ୍ଷାରତ ସାରଣୀର ସୃଷ୍ଟି ରାଜ୍ୟର ଗୋଟଏ ସବୁବେଳେ ଏଚ୍‌ଏଚ୍ ରହିବାକୁ ନିଶ୍ଚିତ କରେ, ଯାହା ଆସନ୍ତା ବର୍ଷ ଗୁଡ଼ିକରେ ବାର୍ଷିକ ଚୟନ ସାରଣୀରେ ଅନ୍ତର୍ଭୁକ୍ତ ହୋଇ ସମସ୍ତ ଭାଗୀଦାରୀମାନଙ୍କ ପାଇଁ ଉତ୍ତମ ଯୋଜନା ଓ କାର୍ଯ୍ୟାନ୍ୱୟନରେ ପାରଦର୍ଶୀ ହେବ । ହିତାଧିକାରୀ ଚୟନଗୁଡ଼ିକର ଅଭିଯୋଗ ସବୁ ଗୋଟିଏ ଅପିଲ ପଦ୍ଧତି ଦ୍ୱାରା ସମାଧାନ ହେବା ଉଚିତ୍ ।

ପିଏମ୍‌ଏୱାଇଏ-ଜି ର କାର୍ଯ୍ୟାନ୍ୱୟନ ଓ ପର୍ଯ୍ୟାଲୋଚନା ଆୱାସସଫ୍ଟ ଯାହା ଗୋଟିଏ ୱେବ୍ ଆଧାରିତ ବୈଦ୍ୟୁତିକ ଦେଣନେଣ ସେବା ପ୍ରଦାନ ପଦ୍ଧତି ଅଟେ, ଯଦ୍ୱାରା କାର୍ଯ୍ୟକାରୀ ହେବା ଆବଶ୍ୟକ । ଏହା ମାଧ୍ୟମରେ ପିଏମ୍‌ଏୱାଇଏ-ଜି ସମ୍ପୃକ୍ତ ପ୍ରକ୍ରିୟା ଯେପରିକି ହିତାଧିକାରୀ ଚିହ୍ନଟ ଠାରୁ ଆରମ୍ଭ କରି ନିର୍ମାଣ ସଂଲଗ୍ନ ସହାୟତା କରିବା ଆବଶ୍ୟକ । ଆୱାସ୍‌ସଫ୍ଟକୁ ସାକ୍ଷ୍ୟ ଆଧାରିତ ଗୃହ ନିର୍ମାଣ ପ୍ରଗତିର ପ୍ରକୃତ ସମୟ ପର୍ଯ୍ୟାଲୋଚନାରେ ବ୍ୟବହାର କରାଯିବା ଆବଶ୍ୟକ । ହିତାଧିକାରୀମାନଙ୍କୁ ସମସ୍ତ ଅର୍ଥ ପ୍ରଦାନ ସିଧାସଳଖ ସୁବିଧା ସ୍ଥାନାନ୍ତର (ଡିବିଡି) ମାଧ୍ୟମରେ ହେବା ଉଚିତ୍ ଏବଂ ତାହା ପୁଣି ସେହି ହିତାଧିକାରୀମାନଙ୍କୁ ପ୍ରଦାନ କରିବା ଉଚିତ୍ ଯାହାଙ୍କର ବ୍ୟାଙ୍କ ହିସାବ ଖାତାସବୁ ଆବାସସଫ୍ଟ ଏମ୍‌ଆଇଏସ୍‌ରେ ପଞ୍ଜୀକୃତ ହୋଇଥିବ ।

ଓଡ଼ିଶା ସରକାରଙ୍କର ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ରାଜ୍ୟରେ ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ନୋଡାଲ ବିଭାଗ ଅଟେ ।

2.1.2 ଅଡିଟ୍ ଉଦ୍ଦେଶ୍ୟ

ଏହି କାର୍ଯ୍ୟଦକ୍ଷତା ଅଡିଟର ମୁଖ୍ୟ ଉଦ୍ଦେଶ୍ୟ ହେଲା:

i) ଯେଉଁ ପଦ୍ଧତି ଦ୍ୱାରା ହିତାଧିକାରୀ ଚିହ୍ନଟ ଓ ଚୟନ ଏହି ଯୋଜନା ନିମିତ୍ତ ହୋଇଥିଲା ତାହା କଣ ସ୍ୱଚ୍ଛ ଓ ଯଥେଷ୍ଟ ଥିଲା;

ii) ଏହି ଯୋଜନାର କାର୍ଯ୍ୟାନ୍ୱୟନ ସହିତ ବାସଗୃହ ନିର୍ମାଣ କଣ ଠିକ୍ ସମୟରେ ହୋଇଥିଲା ଏବଂ ସଂପୃକ୍ତ ଫଳାଫଳକୁ ହାସଲ କରିଥିଲା;

iii) ପିଏମ୍‌ଏୱାଇଏ-ଗ୍ରାମୀଣର ନିର୍ଦ୍ଦେଶାବଳୀ ଅନୁଯାୟୀ କଣ ଅନ୍ୟ ସବୁ ସରକାରୀ ଯୋଜନାଗୁଡ଼ିକର ଏକତ୍ରୀକରଣ କରି ଲାଭ ମିଳିଥିଲା;

iv) ଯୋଜନାର ନିର୍ଦ୍ଦେଶାବଳୀ ଓ ଅନ୍ୟାନ୍ୟ ପ୍ରଯୁଜ୍ୟ ଆର୍ଥିକ ନିୟମ ଅନୁସାରେ ଆର୍ଥିକ ପରିଚାଳନା ଯେପରିକି, ପାଣ୍ଠି ପ୍ରଦାନ, ହିସାବ, ସିଧାସଳଖ ସ୍ଥାନାନ୍ତର ଏବଂ ଉପଯୋଗ କଣ ସଠିକ ଭାବେ ହୋଇଥିଲା; ଏବଂ

v) ଯୋଜନାର ପର୍ଯ୍ୟାଲୋଚନା ଓ ମୂଲ୍ୟାୟନର ପଦ୍ଧତି କଣ ଯଥେଷ୍ଟ ଓ ପ୍ରଭାବଶାଳୀ ଥିଲା ।

2.1.3 ଅଡିଟ୍ ମାନଦଣ୍ଡ

ଏହି କାର୍ଯ୍ୟାଦକ୍ଷତା ଲେଖାପରୀକ୍ଷାର ମାନଦଣ୍ଡ ନିମ୍ନଲିଖିତ ଡକ୍ୟୁମେଣ୍ଟରୁ ନିର୍ଣ୍ଣୟ କରାଯାଇଛି:

1. ଭାରତ ସରକାରଙ୍କ(ଜିଓଆଇ)ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ (ଏମ୍ଓଆର୍ଡି) ଦ୍ୱାରା ନଭେମ୍ବର 2016 ରେ ଜାରି ହୋଇଥିବା ପିଏମ୍ଏଓ୍ୱାଇଏ-ଗ୍ରାମୀଣର କାର୍ଯ୍ୟାନ୍ୱୟନ ଢାଞ୍ଚା(ଏଫ୍ଏଫ୍ଆଇ);
2. ସମୟ ସମୟରେ ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି ହୋଇଥିବା ବିଭିନ୍ନ ବିଜ୍ଞପ୍ତି, ପରିପତ୍ର ଏବଂ ଆଦେଶ;
3. ଏହି ଯୋଜନାର ଓ୍ୱେବ୍ସାଇଟରେ ଉପଲବ୍ଧ ପରିଚାଳନା ସୂଚନା ପଦ୍ଧତି (ଆଓ୍ୱାସଫ୍ଟ) ଦ୍ୱାରା ପ୍ରସ୍ତୁତ ବସ୍ତୁଗତ ଓ ଆର୍ଥିକ ଅଗ୍ରଗତି;
4. ସାମାଜିକ-ଆର୍ଥିକ ତଥା ଜାତିଭିତ୍ତିକ ଜନଗଣନା-2011;
5. ଓଡ଼ିଶା ସାଧାରଣ ବିତ୍ତୀୟ ନିୟମ (ଓଜିଏଫ୍ଆର୍);
6. ଭାରତ ସରକାରଙ୍କର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଦ୍ୱାରା ଜାରି ହୋଇଥିବା ଗ୍ରାମୀଣ ବାସଗୃହ ମୁଦ୍ରଣ ବିଜ୍ଞାନର ସାର ସଂଗ୍ରହ.

2.1.4 ଅଡିଟର ବିସ୍ତୃତ ସୀମା ଓ ପଦ୍ଧତି

ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣର କାର୍ଯ୍ୟଦକ୍ଷତା ଅଡିଟ୍ ଜୁଲାଇ 2021 ରୁ ଜାନୁଆରୀ 2022 ମଧ୍ୟରେ ପାଞ୍ଚ ବର୍ଷ ସମୟ ବିତ୍ତୀୟ ବର୍ଷ 2016-17 ରୁ 2020-21 କୁ ନେଇ କରାଯାଇଥିଲା । ଏହି ଯୋଜନା ରାଜ୍ୟର ସମସ୍ତ 30 ଜିଲ୍ଲାରେ କାର୍ଯ୍ୟାନ୍ୱୟନ କରାଯାଇଅଛି । ଏହି କାର୍ଯ୍ୟଦକ୍ଷତା ଅଡିଟ୍ ପାଇଁ ଆଠଟି[5] ଜିଲ୍ଲାକୁ ସରଳ ଅନିୟମିତ ନମୁନା ସରଳ ଅନିୟତ ପ୍ରମାଣୀକୃତ ମାଧ୍ୟମରେ ଗୋଟିଏ ନମୁନା ଭାବେ ଚୟନ କରାଯାଇଥିଲା । ପ୍ରତି ଜିଲ୍ଲାରୁ ତିନୋଟି ପଞ୍ଚାୟତ ସମିତି ପ୍ରମାଣୀକୃତ ଅନିୟତ ନମୁନା ସଂଗ୍ରହ ମାଧ୍ୟମରେ ଚୟନ କରାଯାଇଥିଲା । ଏହି ପ୍ରମାଣୀକୃତ ପାଇଁ ପ୍ରତି ପଞ୍ଚାୟତ ସମିତିର ଭୌତିକ ଓ ଆର୍ଥିକ ଦକ୍ଷତାକୁ ବିଚାରକୁ ନିଆଯାଇଥିଲା । ଅନିୟତ ନମୁନା ସଂଗ୍ରହ ମାଧ୍ୟମରେ ପ୍ରତି ଚୟନ କରାଯାଇଥିବା ପଞ୍ଚାୟତ ସମିତିରୁ ତିନୋଟି ପଞ୍ଚାୟତକୁ ଚୟନ କରାଯାଇଥିଲା । ସର୍ବନିମ୍ନ ଭାବେ ପ୍ରତି ପଞ୍ଚାୟତରୁ 20 ଟି ଦସ୍ତାବିଜଟ୍ ପରୀକ୍ଷଣ ପାଇଁ ଚୟନ ହୋଇଥିଲା ।

ଏହା ସହିତ ଏହି ଯୋଜନାର କାର୍ଯ୍ୟାନ୍ୱୟନର ମତାମତ ଗ୍ରହଣ କରିବା ପାଇଁ ପ୍ରତି ଚୟନ ହୋଇଥିବା ଗ୍ରାମ ପଞ୍ଚାୟତରୁ 12 ଜଣ ହିତାଧିକାରୀ ଓ ତିନି ଜଣ ବିନା-ହିତାଧିକାରୀଙ୍କୁ ସର୍ବେକ୍ଷଣ କରାଯାଇଥିଲା । ପ୍ରତ୍ୟେକ ଗ୍ରାମ ପଞ୍ଚାୟତର 12 ଜଣ ହିତାଧିକାରୀଙ୍କ ଦ୍ୱାରା ନିର୍ମିତ ବାସଗୃହର ସଂପୃକ୍ତ ବସ୍ତୁଗତ ସତ୍ୟାପଣ ସଂପୃକ୍ତ ଗ୍ରାମ ପଞ୍ଚାୟତ/ ପଞ୍ଚୟତ ସମିତି କର୍ମଚାରୀଙ୍କର ସାହାଯ୍ୟରେ କରାଯାଇଥିଲା ।

ସାମାଜିକ-ଆର୍ଥିକ ଜନଗଣନା-2011 ର ତଥ୍ୟାବଳୀ ସହିତ ଆଓ୍ୱାସ ସଫ୍ଟର ତଥ୍ୟାବଳୀକୁ ପରୀକ୍ଷଣ କରାଯାଇଥିଲା ଯାହା ନିମ୍ନଲିଖିତ ଜିନିଷଗୁଡ଼ିକର ଭରସା ଦେବା ପାଇଁ ବ୍ୟବହୃତ ହୋଇଥିଲା । (କ) କଣ ଯୋଗ୍ୟ ହିତାଧିକାରୀମାନଙ୍କର ଚୟନ ଯୋଜନା ନିର୍ଦ୍ଦେଶାବଳୀ ଅନୁସାରେ ଚୟନ ହୋଇଥିଲା (ଖ) କଣ ଆଓ୍ୱାସସଫ୍ଟରେ ପ୍ରଦତ୍ତ ତଥ୍ୟ ଅନୁସାରେ ଯୋଜନାର କାର୍ଯ୍ୟାନ୍ୱୟନର ଭୌତିକ ଓ ଆର୍ଥିକ ଅଗ୍ରଗତି ବାସ୍ତବିକ କ୍ଷେତ୍ରରେ ସଠିକ୍ ଭାବେ ଦର୍ଶାହୋଇଥିଲା ।

[5] ବରଗଡ଼, ବଲାଙ୍ଗୀର, ଢେଙ୍କାନାଳ, ଗଞ୍ଜାମ, ମୟୁରଭଞ୍ଜ, ନବରଙ୍ଗପୁର, ପୁରୀ ଓ ସୋନପୁର

17 ଅପ୍ରେଲ 2018 ରେ ଗୋଟିଏ ପ୍ରବେଶ ସମ୍ମିଳନୀ[6] ଅନୁଷ୍ଠିତ ହୋଇଥିଲା । ଟିଠା ପ୍ରତିବେଦନ (ଡ୍ରାଫ୍ଟ ରିପୋର୍ଟ) ସଂପୃକ୍ତ ବିଭାଗକୁ 30 ଜୁନ୍ 2022 ରେ ଜାରି ହୋଇଥିଲା ଏବଂ ଏହାର ଉତ୍ତର 28 ଅକ୍ଟୋବର 2022 ରେ ହସ୍ତଗତ ହୋଇଥିଲା । ଅଡିଟର ସିଦ୍ଧାନ୍ତ ସବୁର ଆଲୋଚନା ପାଇଁ ଗୋଟିଏ ପ୍ରସ୍ଥାନ ସମ୍ମିଳନୀ 9 ଡିସେମ୍ବର 2022 ରେ ହୋଇଥିଲା ।

ଅଡିଟ୍ ସିଦ୍ଧାନ୍ତ

2.1.5 ହିତାଧିକାରୀମାନଙ୍କର ଚିହ୍ନଟୀକରଣ

ହିତାଧିକାରୀମାନଙ୍କର ଚିହ୍ନଟରେ ତ୍ୟଟିକ୍ରମ ଯୋଗୁଁ ଯୋଗ୍ୟ ହିତାଧିକାରୀମାନେ ଅନିୟମିତ ଭାବରେ ଅନ୍ତର୍ଭୁକ୍ତ ହୋଇପାରିଲେ ନାହିଁ, ଯୋଗ୍ୟ ହିତାଧିକାରୀମାନେ ବାଦ୍ ପଡ଼ିଲେ, ମଞ୍ଜୁର ଲକ୍ଷ୍ୟକୁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟକୁ ଫେରସ୍ତ ହେଲା । ପୁନଶ୍ଚ, ସ୍ଥାୟୀ ଅପେକ୍ଷାରତ ସାରଣୀକୁ ଚୂଡ଼ାନ୍ତକରଣ ନ କରିବା କାରଣରୁ ଚଛାଚଛି ମାଧ୍ୟମରେ ବିନା ପ୍ରାଥମିକତା ସାରଣୀକୁ ନେଇ ବାସଗୃହ ମଞ୍ଜୁରୀ ହୋଇଥିଲା ଏବଂ ବାସଗୃହ ଅଯୋଗ୍ୟ ହିତାଧିକାରୀମାନଙ୍କୁ ମଧ୍ୟ ମଞ୍ଜୁରୀ କରାଯାଇଥିଲା ।

2.1.5.1 ଗ୍ରାମ ସଭା ଦ୍ୱାରା ସ୍ଥିରୀକୃତ ହୋଇଥିବା ସ୍ଥାୟୀ ଅପେକ୍ଷାରତ ସାରଣୀର ଯୋଗ୍ୟ ହିତାଧିକାରୀମାନଙ୍କୁ ବାଦ୍ ଦେବା

ପିଏମ୍ଏୱାଇ-ଗ୍ରାମୀଣ ଅନ୍ତର୍ଗତ ଏଫ୍ଏଫ୍ଆଇର ଅନୁଚ୍ଛେଦ 4 ଅନୁସାରେ ସାମାଜିକ ଆର୍ଥିକ ତଥା ଜାତି ଜନଗଣନା-2011 ର ତଥ୍ୟାବଳୀକୁ ନେଇ ହିତାଧିକାରୀମାନଙ୍କର ଚୟନ ଓ ପ୍ରାଥମିକତା ବାସଗୃହରୁ ବଞ୍ଚିତ ହିତାଧିକାରୀମାନଙ୍କ ଅନୁଯାୟୀ ହେବାର ଥିଲା । ପୁନଶ୍ଚ ଏସ୍ସି, ଏସ୍ଟି, ସଂଖ୍ୟାଲଘୁ ଏବଂ ଅନ୍ୟାନ୍ୟ ଏପରି ଚାରୋଟି ବର୍ଗକୁ ପ୍ରାଥମିକତା ଦେବାର ଥିଲା ।

ପ୍ରାରମ୍ଭିକ ଭାବେ ବାସଗୃହ ପ୍ରଦାନ କରିବାରେ ଗୃହହୀନତାକୁ ପ୍ରାଥମିକତା ଦେବା ଉଚିତ୍ । ତାପରେ କୋଠରୀ ସଂଖ୍ୟାର ସ୍ଥିତି ଯେପରିକି ଶୂନ୍ୟ, ଏକ ଏବଂ ଦୁଇ, ସେହି କ୍ରମରେ ଥରେ ଯଦି ସାମାଜିକ-ଆର୍ଥିକ ଓ ଜାତି ଭିତ୍ତିକ ଜନଗଣନାର ତଥ୍ୟାବଳୀ ଅନୁସାରେ ବର୍ଗ ଅନୁଯାୟୀ ପ୍ରାଥମିକତା ସାରଣୀ ବାହାରି ଗଲା, ତା'ହେଲେ ଗୋଟିଏ ଗ୍ରାମ ସଭା ଡାକିବା ଆବଶ୍ୟକ । ଗ୍ରାମ ସଭା ହିଁ କେଉଁ ଏଚ୍ଏଚ୍ ମାନେ ଯୋଗ୍ୟ ଅଟନ୍ତି, ତାହା ସତ୍ୟାପିତ କରିବ । ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଗୋଟିଏ ଅପିଲ୍ କମିଟି[7]ଦ୍ୱାରା ଭୁଲ ଭାବରେ ବାଦ୍ ପଡ଼ିଥିବା, ପରିବର୍ତ୍ତନ କରାଯାଇଥିବା ଏପରି ସମସ୍ତ ଅଭିଯୋଗର ପରୀକ୍ଷଣ ହେବା ଆବଶ୍ୟକ । ଏହାପରେ ଗ୍ରାମ ପଞ୍ଚାୟତୀରାଜ ଚୂଡ଼ାନ୍ତ ସ୍ଥାୟୀ ଅପେକ୍ଷାରତ ସାରଣୀ ପ୍ରତି ବର୍ଗ ପାଇଁ ପ୍ରକାଶନ କରିବା କଥା ଏବଂ ଗ୍ରାମ ପଞ୍ଚାୟତର ନୋଟିସ୍ ବୋର୍ଡରେ ବିଜ୍ଞାପନ ଦେବା ସହିତ ଆୱାସ ସଫ୍ଟ ଓ ପିଏମ୍ଏୱାଇ-ଗ୍ରାମୀଣର ୱେବ୍ସାଇଟରେ ଉପଲବ୍ଧ ହେବା ଆବଶ୍ୟକ ।

ଅପ୍ରେଲ 2016 ସୁଦ୍ଧା ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଦ୍ୱାରା ପ୍ରଦତ ତଥ୍ୟ ଅନୁସାରେ ସିଷ୍ଟମର ତିଆରି ସାରଣୀ ଅନୁଯାୟୀ ମୋଟ 41.72 ଲକ୍ଷ ହିତାଧିକାରୀ ରାଜ୍ୟରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ସାମାଜିକ-ଆର୍ଥିକ ତଥା ଜାତୀୟ ଭିତ୍ତିକ ଜନଗଣନା-2011 ତଥ୍ୟକୁ ଭିତ୍ତିକରି, ଗ୍ରାମ ସଭା ମାର୍ଚ୍ଚ 2021 ସୁଦ୍ଧା 27.45 ଲକ୍ଷ ଯୋଗ୍ୟ ହିତାଧିକାରୀମାନଙ୍କୁ ପିଏମ୍ଏୱାଇ-ଗ୍ରାମୀଣ ପାଇଁ ଚିହ୍ନଟ କରାଯାଇଛି ଏବଂ 14.27 ଲକ୍ଷ ହିତାଧିକାରୀମାନଙ୍କୁ ପିଏମ୍ଏୱାଇ-ଗ୍ରାମୀଣ କାର୍ଯ୍ୟାନ୍ୱୟନ ରପରେଖା ନିର୍ଦ୍ଦେଶାବଳୀରେ ସଂଲଗ୍ନ-1 ରେ ଦର୍ଶାଯାଇଥିବା ମାନକ ଯଥା ପକ୍କା ଛାତଘର, ପକ୍କା କାନ୍ଥଥିବା ଘର, ଦୁଇରୁ ଅଧିକ କୋଠରୀ ବିଶିଷ୍ଟ ଘର ମୋଟର ଚାଳିତ ଯାନ, ମତ୍ସ୍ୟଜିବୀ ଡଙ୍ଗା, ତିନି/ଚାରି ଚକିଆ ଯାନ, କୃଷି ଉପକରଣ, ରେଫ୍ରିଜରେଟର, ଲ୍ୟାଣ୍ଡଲାଇନ୍ ଫୋନ୍, କିସାନ କ୍ରେଡିଟ୍ କାର୍ଡ ସହିତ ସୀମା 50,000 ଟଙ୍କାରୁ ଉର୍ଦ୍ଧ୍ୱ, ସରକାରୀ କର୍ମଚାରୀ ଭାବରେ ପରିବାରରେ ଜଣେ ସଦସ୍ୟ ଥିବା, ଆୟକର, ବୃତ୍ତିଗତ ଟିକସ, ଏକ ନିର୍ଦ୍ଦିଷ୍ଟ ପରିମାଣର କୃଷି ଜମି, ପରିବାରର ଆୟ 10,000 ଟଙ୍କାରୁ ଅଧିକ ଇତ୍ୟାଦି ସେମାନଙ୍କର ଅଯୋଗ୍ୟତା ପାଇଁ ବାଦ୍ ଦେବା ପ୍ରସ୍ତାବ ଦିଆଯାଇଥିଲା ।

---

[6] ଯେହେତୁ ଏହି କାର୍ଯ୍ୟଦକ୍ଷତା ଅଡିଟ୍ 2018 ବର୍ଷରେ ବିଳମ୍ବିତ ଅନୁଷ୍ଠିତ ହୋଇଥିବା ଆଇଏୱାଇ/ ପିଏମ୍ଏୱାଇ-ଜି କାର୍ଯ୍ୟଦକ୍ଷତା ଅଡିଟର (ପରିସୀମା ସମୟ 2013-18) ନିରବଚ୍ଛିନ୍ନ/ ଅବିରତ କାର୍ଯ୍ୟଦକ୍ଷତା ଅଡିଟ୍, ତେଣୁ ପ୍ରବେଶ ସମ୍ମିଳନୀ ଅନୁଷ୍ଠିତ ହୋଇନଥିଲା ।

[7] ଜିଲ୍ଲା ମାଜିଷ୍ଟ୍ରେଟ୍/ ଜିଲ୍ଲାପାଳ ବା ତାଙ୍କ ମନୋନୀତ ବ୍ୟକ୍ତି, ଅନ୍ୟ ଜଣେ କର୍ମଚାରୀ, ଏବଂ ଅତି କମରେ ଜଣେ ଅଣ-ସରକାରୀ ସଦସ୍ୟ

ଯଦ୍ୟପି ଗ୍ରାମ ସଭା 27.45 ଲକ୍ଷ ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରିଥିଲା ମାତ୍ର ରାଜ୍ୟର ସ୍ଥାୟୀ ଅପେକ୍ଷାରତ ସାରଣୀରେ 31 ମାର୍ଚ୍ଚ 2021 ସୁଦ୍ଧା 18.86[8] ଲକ୍ଷ ହିତାଧିକାରୀ ଥିଲେ, ଯାହାଫଳରେ 8.59 ଲକ୍ଷ ହିତାଧିକାରୀ ଯେଉଁମାନେ ଗ୍ରାମ ସଭା ଦ୍ୱାରା ଯୋଗ୍ୟ ବିବେଚିତ ହେଉଥିଲେ, ସେମାନେ ବାଦ୍ ପଡ଼ିଲେ । ବିସ୍ତୃତ ବିବରଣୀ ପରିଶିଷ୍ଟ 2.1 ରେ ଦର୍ଶାଯାଇଛି । ଏହା ସହ ଅଡିଟ୍ ଦେଖିଲା ଯେ 31 ମାର୍ଚ୍ଚ 2021 ପର୍ଯ୍ୟନ୍ତ ଗ୍ରାମ ପଞ୍ଚାୟତର ବର୍ଗ ଅନୁସାରେ (ଏସ୍‌ସି, ଏସ୍‌ଟି, ସଂଖ୍ୟାଲଘୁ, ଅନ୍ୟାନ୍ୟ) ପ୍ରାଥମିକତା ତାରିକା ପ୍ରସ୍ତୁତ ହୋଇନଥିଲା ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅକ୍ଟୋବର 2022 ରେ ଉତ୍ତରରେ ଏହା ଉଲ୍ଲେଖ କଲା କି ଯେଉଁ ଏଚ୍‌ଏଚ୍‌ମାନେ ଫିଲ୍‌ଡ ଯାଞ୍ଚ ସମୟରେ ଅଯୋଗ୍ୟ ବିବେଚିତ ହୋଇଛନ୍ତି, ସେମାନଙ୍କୁ ଗ୍ରାମ ସଭାର ଅନୁମୋଦନ କ୍ରମେ ସ୍ଥାୟୀ ଅପେକ୍ଷାରତ ତାଲିକାରୁ ବାଦ୍ ଦିଆଯାଇଥିଲା । ଉତ୍ତର ଗ୍ରହଣୀୟ ନୁହେଁ, କାରଣ ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତଗୁଡ଼ିକରେ ଓ ଜିଲ୍ଲାଗୁଡ଼ିକରେ ଅପିଲ୍ କମିଟିରେ ଗ୍ରାମ ସଭାଦ୍ୱାରା ଅନୁମୋଦନ କ୍ରମେ ଅନ୍ତର୍ଭୁକ୍ତ କରିବା ବା ବାଦ୍ ଦେବାର ସାକ୍ଷ୍ୟ ପ୍ରମାଣ ପାଇନଥିଲା ।

2.1.5.2 ସ୍ଥାୟୀ ଅପେକ୍ଷାରତ ତାଲିକାରୁ ଭୁଲ ଭାବେ ବାଦ୍ ଦେବା

କାର୍ଯ୍ୟାନ୍ୱୟନର ରପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 4.4.1 ଗ୍ରାମ ସଭା ଦ୍ୱାରା ପ୍ରାଥମିକତା ତାଲିକାକୁ ପରୀକ୍ଷଣ କରିବା ପାଇଁ ଦର୍ଶାଇଥାଏ ଏବଂ ବ୍ୟବସ୍ଥିତ କରିଥାଏ କି ଥରେ ଯଦି ସିଷ୍ଟମ ଦ୍ୱାରା ବର୍ଗ ଅନୁସାରେ ପ୍ରାଥମିକତା ତାଲିକା ତିଆରି ହୁଏ ଏବଂ ଉପଯୁକ୍ତ ଭାବେ ପ୍ରକାଶିତ ହୋଇଯାଏ, ତାହେଲେ ଗ୍ରାମ ସଭା ଉକ୍ତ ତଥ୍ୟକୁ ଯାଞ୍ଚ କରିବେ ଓ ତଦନୁସାରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଏଚ୍‌ଏଚ୍ ମାନଙ୍କୁ ଯୋଗ୍ୟ ପାଇଁ ଚିହ୍ନଟ କରିବ । ଯଦି ଭୁଲ ତଥ୍ୟ ଅନୁସାରେ ଅନ୍ତର୍‌ଭୁକ୍ତ କରାଯାଇଛି, କିମ୍ବା ଏଚ୍‌ଏଚ୍ ଗୋଟିଏ ପକ୍କା ଘର କରିଅଛି କିମ୍ବା ଅନ୍ୟ ସରକାରୀ ଯୋଜନାରେ ଗୋଟିଏ ଘର ପ୍ରଦାନ କରାଯାଇଛି କିମ୍ବା ସର୍ବେକ୍ଷଣ ପରେ ପରେ ସ୍ଥାୟୀ ଭାବେ କୌଣସି ସ୍ଥାନକୁ ପଳାୟନ କରିଅଛି କିମ୍ବା ଉତ୍ତରାଧିକାରୀ ବିନା ମୃତ୍ୟୁବରଣ କରିଅଛି, ତାହେଲେ ଗ୍ରାମ ସଭା ଏହିପରି ଏଚ୍‌ଏଚ୍‌ମାନଙ୍କୁ ସିଷ୍ଟମ ଦ୍ୱାରା ପ୍ରସ୍ତୁତ ତାଲିକାରୁ ବାଦ୍ ଦେବା ଆବଶ୍ୟକ । ଏହିପରି ବାଦ୍ ପଡ଼ିଥିବା ଏଚ୍‌ଏଚ୍ ମାନଙ୍କର ତାଲିକା କାରଣ ସହିତ ଗ୍ରାମ ସଭାର ବିବରଣୀର ଅଂଶ ହେବା ଆବଶ୍ୟକ । ପ୍ରସ୍ତାବିତ ଅନ୍ତର୍ଭୁକ୍ତ/ବାଦ୍ ଦେବାର ସାରଣୀକୁ ଏହାପରେ ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ ନିକଟରେ ଗ୍ରାମ ସଭାର ନିର୍ଦ୍ଧାରଣ ସହିତ ପ୍ରେରଣ କରାଯିବା ଉଚିତ୍ । ତଦନୁଯାୟୀ ପରେ ପରେ ଜିଲ୍ଲାର ଅପିଲ୍ କମିଟିକୁ ଯୋଗ୍ୟ ଏଚ୍‌ଏଚ୍ ମାନଙ୍କୁ ସ୍ଥାୟୀ ଅପେକ୍ଷାରତ ତାଲିକାରେ ଅନ୍ତର୍ଭୁକ୍ତ କରଣରେ ସଠିକ୍ ନିଷ୍ପତ୍ତି ନେବା ନିମିତ୍ତ ପ୍ରେରଣ କରିବା ଆବଶ୍ୟକ ।

ଉପର ଲିଖିତ ଅନୁଚ୍ଛେଦରେ ବର୍ଣ୍ଣିତ ଯୋଗ୍ୟ ହିତାଧିକାରୀମାନଙ୍କୁ ବାଦ୍ ଦେବା ସହିତ ଅଡିଟ୍ ଦେଖିଲା ଯେ ଫିଲ୍ଡ କର୍ମଚାରୀଙ୍କ ଦ୍ୱାରା 10,852 ହିତାଧିକାରୀ (2,886[9] ଏସ୍‌ସି/ ଏସ୍‌ଟି ହିତାଧିକାରୀ ସହିତ) ତ୍ରୁଟିପୂର୍ଣ୍ଣ ଭାବରେ ପିଏମ୍‌ଏୱାଇ-ଗ୍ରାମୀଣର ସ୍ଥାୟୀ ଅପେକ୍ଷାରତ ତାଲିକାରୁ ବାଦ୍ ଦିଆଯାଇଛି । ଏହାର କାରଣ ହେଲା ସଂପୃକ୍ତ ଗ୍ରାମ ପଞ୍ଚାୟତରେ ସମାନ ନାମ ଥାଇ ଅନେକ ହିତାଧିକାରୀ ରହିଥିଲେ ଏବଂ ଯେତେବେଳେ ଅଯୋଗ୍ୟ ହିତାଧିକାରୀମାନଙ୍କୁ ବାଦ୍ ଦେଲେ ନାମ ମାତ୍ର ଯୋଗ୍ୟ ହିତାଧିକାରୀମାନଙ୍କୁ ଅଜ୍ଞାନ ଭାବେ ଅଗଷ୍ଟ 2021 ପୂର୍ବରୁ ବାଦ୍ ଦିଆଯାଇଛି ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଭାରତର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟକୁ ଅଗଷ୍ଟ 2021 ରେ ଏହାକୁ ହିତାଧିକାରୀମାନଙ୍କୁ ସ୍ଥାୟୀ ଅପେକ୍ଷାରତ ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁରୋଧ କଲା ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ତ୍ରୁଟିପୂର୍ଣ୍ଣ ଭାବରେ ହିତାଧିକାରୀମାନଙ୍କର ନାମ ସ୍ଥାୟୀ ଅପେକ୍ଷାରତ ତାଲିକାରୁ ବାଦ୍ ପଡ଼ିଥିଲା ଏବଂ ଭାରତର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟଙ୍କୁ ସ୍ଥାୟୀ ଅପେକ୍ଷାରତ ତାଲିକାରୁ ଅଜ୍ଞାନ ଭାବେ ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କୁ ପୁନଃ ଅବସ୍ଥାପିତ କରିବା ପାଇଁ ଅନୁରୋଧ କରାଯାଇଛି ।

[8] ଅନୁଚ୍ଛେଦ 2.1.5.2 ରେ ଆଲୋଚିତ 10,852 ଜଣଙ୍କର ଭୁଲ ଭାବରେ ବାଦ୍ ଦିଆଯିବା

[9] 8.49 ଲକ୍ଷ ଏସ୍‌ସି/ଏସ୍‌ଟି ହିତାଧିକାରୀମାନଙ୍କ ମଧ୍ୟରୁ

2.1.5.3 ସ୍ଥାୟୀ ଅପେକ୍ଷାରତ ତାଲିକାରେ ଯୋଗ୍ୟ ହିତାଧିକାରୀମାନଙ୍କୁ ବିନା ଅନ୍ତର୍ଭୁକ୍ତକରଣ(ସାମାଜିକ-ଆର୍ଥିକ ତଥା ଜାତିଭିତ୍ତିକ ଜନଗଣନାରୁ ତଥ୍ୟାବଳୀ ଅନୁସାରେ ଅନ୍ତର୍ଭୁକ୍ତ ନକରିବା ଏବଂ/ କିମ୍ବା ସିଷ୍ଟମ ପ୍ରସ୍ତୁତ ତାଲିକାରେ ଅନ୍ତର୍ଭୁକ୍ତ ନକରିବା

ଏଫ୍.ଏଫ୍.ଆଇର ଅନୁଚ୍ଛେଦ 4.4.4 ଅନୁଯାୟୀ ଗ୍ରାମ ସଭା ମଧ୍ୟ ସିଷ୍ଟମ ଦ୍ୱାରା ପ୍ରସ୍ତୁତ ହୋଇଥିବା ତାଲିକାରେ ଅନ୍ତର୍ଭୁକ୍ତ ହୋଇନଥିବା ଏଚ୍.ଏଚ୍.ମାନଙ୍କର ଗୋଟିଏ ଅଲଗା ତାଲିକା ନିର୍ଦ୍ଧାରଣ ସମୟରେ ବାରଣା ସହିତ ପ୍ରସ୍ତୁତ କରିବା ଆବଶ୍ୟକ, ଯେଉଁମାନେ ଅନ୍ୟ ପ୍ରକାରର ଉପଯୁକ୍ତ କିମ୍ବା ଯୋଗ୍ୟ ହୋଇଥିବେ । ଏଚ୍.ଏଚ୍.ମାନେ, ଯେଉଁମାନେ ସାମାଜିକ-ଆର୍ଥିକ ତଥା ଜାତିଭିତ୍ତିକ ଜନଗଣନା ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ହୋଇ ପାରିନଥିବେ କିମ୍ବା ଯେଉଁମାନେ ଯୋଗ୍ୟ ହୋଇବି ଯଦ୍ୟପି ସାମାଜିକ-ଆର୍ଥିକ ଜନଗଣନାରେ ଅନ୍ତର୍ଭୁକ୍ତ ହୋଇଥିବେ କିନ୍ତୁ ସିଷ୍ଟମ ପ୍ରସ୍ତୁତ ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରି ନଥିବେ, ସେମାନେ ଗ୍ରାମ ସଭା ଦ୍ୱାରା ପ୍ରସ୍ତୁତ (ଅନୁଚ୍ଛେଦ 4.1 ଏଫ୍.ଏଫ୍.ଆଇ) ପିଏମ୍.ଏୱାଇ-ଗ୍ରାମୀଣରୁ ସହାୟତା ପାଇବାରେ ଯୋଗ୍ୟ ବିବେଚିତମାନଙ୍କୁ ଏହି ତାଲିକାରେ ସ୍ଥାନିତ କରିବା କଥା । ଗ୍ରାମ ସଭାର ନିର୍ଦ୍ଧାରଣ ଅନୁସାରେ ପ୍ରସ୍ତୁତ କରାଯାଇଥିବା ତାଲିକା ପରବର୍ତ୍ତୀ କାର୍ଯ୍ୟ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଥାଏ । ଏହା ସ୍ଥାୟୀ ଅପେକ୍ଷାରତ ତାଲିକା ପ୍ରକାଶନ ପୂର୍ବରୁ କରିବା ଆବଶ୍ୟକ ଯଦ୍ୱାରା ହିତାଧିକାରୀମାନଙ୍କୁ ସ୍ଥାୟୀ ଅପେକ୍ଷାରତ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇପାରିବ ।

ଅଡିଟ୍ ଦେଖିଲା ଯେ କୌଣସି ଯୋଗ୍ୟ ଏଚ୍.ଏଚ୍, ସ୍ଥାୟୀ ଅପେକ୍ଷାରତ ତାଲିକାରେ ବିତ୍ତୀୟ ବର୍ଷ 2016-17 ରୁ 2020-21 ମଧ୍ୟରେ ଅନ୍ତର୍ଭୁକ୍ତ ହୋଇନଥିଲେ । ଏହା ସହିତ ଯେଉଁ ହିତାଧିକାରୀମାନେ ସିଷ୍ଟମଦ୍ୱାରା ପ୍ରସ୍ତୁତ ପ୍ରାଥମିକ ତାଲିକା (ସାମାଜିକ-ଆର୍ଥିକ ତଥା ଜାଦି ଭିତ୍ତିକ ଜନଗଣନା -2011 ର ତଥ୍ୟାବଳୀକୁ ନେଇ) ଅନ୍ତର୍ଭୁକ୍ତ ମଧ୍ୟ ହୋଇଥିଲେ ।

ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟର ନିର୍ଦ୍ଧାରଣ ତାରିଖ ଅନୁସାରେ 7 ମାର୍ଚ୍ଚ 2019 ପର୍ଯ୍ୟନ୍ତ ଯେଉଁ ହିତାଧିକାରୀମାନେ ସାମାଜିକ-ଆର୍ଥିକ ତଥା ଜାତିଭିତ୍ତିକ ଜନଗଣନାର ତଥ୍ୟାବଳୀରେ ଅନ୍ତର୍ଭୁକ୍ତ ହୋଇଥିବେ କିନ୍ତୁ ସେମାନେ ସିଷ୍ଟମ ଦ୍ୱାରା ପ୍ରସ୍ତୁତ ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିନଥିବେ, ସେମାନଙ୍କର ଚିହ୍ନଟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ଆବଶ୍ୟକ । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏହି ସମୟକୁ 31 ଜୁଲାଇ 2019 ପର୍ଯ୍ୟନ୍ତ ବଢ଼ାଇବା ପାଇଁ ଭାରତ ସରକାର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟକୁ ଜୁନ୍ 2019 ରେ ଅନୁରୋଧ କରିଥିଲା, ମାତ୍ର ମନ୍ତ୍ରାଳୟ ଏହାକୁ ଅନୁମୋଦନ ନକରି କହିଲା କି ସ୍ଥାୟୀ ଅପେକ୍ଷାରତ ତାଲିକାର ଏହିପରି ଅତିରିକ୍ତ ହିତାଧିକାରୀମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଶେଷ ତାରିଖ 31 ମାର୍ଚ୍ଚ 2018 ନିର୍ଦ୍ଧାରଣ କରାଯାଇଥିଲା, ଯାହାପରେ ପରେ ଚାରି ଥର ଯଥାକ୍ରମେ 30 ଜୁନ୍ 2018, 30 ସେପ୍ଟେମ୍ବର 2018, 30 ନଭେମ୍ବର 2018 ଏବଂ ଶେଷଥର 07 ମାର୍ଚ୍ଚ 2019 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା ।

ତେଣୁ, ଚିହ୍ନଟ କରିବାରେ ବିଳମ୍ବ ଯୋଗୁଁ ଅଟକଳ ଅନୁଯାୟୀ 12.25 ଲକ୍ଷ ଅତିରିକ୍ତ ଏଚ୍.ଏଚ୍, ସ୍ଥାୟୀ ଅପେକ୍ଷାରତ ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିଲେ ନାହିଁ ଏବଂ ସେମାନେ ଏହି ଯୋଜନାର ଲାଭ ପାଇବାରୁ ବଞ୍ଚିତ ହେଲେ ।

ଅଡିଟ୍ ପର୍ଯ୍ୟାଲୋଚନାକୁ ଗ୍ରହଣ କରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅକ୍ଟୋବର 2022 ରେ ଉଲ୍ଲେଖ କଲା କି ସମସ୍ତ ଦରଖାସ୍ତଗୁଡ଼ିକ ସମ୍ପୂର୍ଣ୍ଣ କରାଯାଇଛି ଏବଂ ଭାରତ ସରକାରଙ୍କର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟକୁ ସ୍ଥାୟୀ ଅପେକ୍ଷାରତ ତାଲିକାରେ ଏମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁରୋଧ କରାଯାଇଛି ।

2.1.5.4 ନିର୍ଦ୍ଧାରିତ ବାସଗୃହଗୁଡ଼ିକର ପ୍ରତ୍ୟର୍ପଣ

ପ୍ରତିବର୍ଷ ଭାରତ ସରକାରଙ୍କର କ୍ଷମତାପନ୍ନ କମିଟି ରାଜ୍ୟ ସରକାରଙ୍କ ସହିତ ପରାମର୍ଶ କରି ପର ବର୍ଷ ପାଇଁ ବାସଗୃହ ନିର୍ମାଣର ଲକ୍ଷ୍ୟ ସ୍ଥିର କରିଥାଏ । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ (ଭାରତ ସରକାର) କ୍ରମିକ ଭାବରେ 24.23 ଲକ୍ଷ ବାସଗୃହ ମାର୍ଚ୍ଚ 2021 ସୁଦ୍ଧା ନିର୍ମାଣ ପାଇଁ ଲକ୍ଷ୍ୟ ସ୍ଥିର କରିଥିଲା ।

ଅଡିଟ୍ ଦେଖିଲା ଯେ ଯେହେତୁ ସେହି ହିତାଧିକାରୀମାନଙ୍କୁ ଗୃହ ଆବଣ୍ଟିତ କରିବା କଥା ଯେଉଁମାନଙ୍କର ନାମ ସ୍ଥାୟୀ ଅପେକ୍ଷାରତ ତାଲିକାରେ ସ୍ଥାପିତ ହୋଇଅଛି । ମାତ୍ର 2019-20 ଏବଂ 2020-21 ଆର୍ଥିକ ବର୍ଷରେ ରାଜ୍ୟ ସରକାର ନିର୍ଦ୍ଧାରିତ 5.27 ଲକ୍ଷ ଆବଣ୍ଟିତ ଗୃହ ଯୋଗ୍ୟ ହିତାଧିକାରୀ ସ୍ଥାୟୀ ଅପେକ୍ଷାରତ ତାଲିକାରେ ନଥିବା କାରଣରୁ ଓ ବିଭିନ୍ନ ବର୍ଗର ଏଚ୍.ଏଚ୍ ସ୍ଥାୟୀ ଅପେକ୍ଷାରତ ତାଲିକାରେ ନହେବା ଯୋଗୁଁ ଫେରସ୍ତ ନେବା ପାଇଁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ, ଭାରତ ସରକାରଙ୍କୁ ମଇ 2021 ରେ ଅନୁରୋଧ କଲେ ।

ଅଡିଟ୍ ସେପ୍ଟେମ୍ବର 2021 ରୁ ଜାନୁଆରୀ 2022 ମଧ୍ୟରେ 72 ଟି ଗ୍ରାମ ପଞ୍ଚାୟତରେ ଯୁଗ୍ମ ଭୌତିକ ନୀରିକ୍ଷଣରୁ ଦେଖିଲା ଯେ 203 ଟି ତାଲିକାର ଯାଞ୍ଚ କରାଯାଇଥିବା ଗ୍ରାମ ପଞ୍ଚାୟତରେ କଚ୍ଚା ଘରେ ରହୁଥିଲେ । ଏଥିରୁ ସୂଚିତ ହୁଏ କି ସଠିକ୍ ସମୟରେ ଚିହ୍ନଟକରଣ ସମ୍ପୂର୍ଣ୍ଣ ନ କରିବା କାରଣରୁ ଅତିରିକ୍ତ ହିତାଧିକାରୀମାନେ ସ୍ଥାୟୀ ଅପେକ୍ଷାରତ ତାଲିକାରେ ଅନ୍ତର୍ଭୁକ୍ତ ନହୋଇ ରହିଗଲେ । ଏହାର ଗୋଟିଏ ଫଟୋକପି ରିପୋର୍ଟରେ ସଂଲଗ୍ନ କରାଯାଇଛି ।

ଫଟୋଚିତ୍ର -2.1 ଏବଂ 2.2: କଚ୍ଚା ଘରେ ରହୁଥିବା ଘରର ଫଟୋ କପି





ଟି ବଙ୍ଗାଳି, ପିତା-ଜେ ଦଣ୍ଡାସି, ଗ୍ରାମ-ଆଇଁଠନ ହରିପୁରଡୁରୁଡି, ଗ୍ରାମ ପଞ୍ଚାୟତ-ସାନରାମଚନ୍ଦ୍ରପୁର, ବ୍ଲକ୍-ଗଞ୍ଜାମ, ପିଏମ୍ଓୱାଇ-ଜି ଯୋଜନାରେ ପିଡବ୍ଲୁ ଏଲ୍‌ରେ ନାମ ନଥିବା, ଘର ଉପରେ ପଲିଥିନ୍ କଭର କରିଥିବାର ଚିତ୍ର

ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଅକ୍ଟୋବର 2022 ରେ ଉଲ୍ଲେଖ କଲା କି ବହୁତଗୁଡ଼ିଏ ଦରଖାସ୍ତ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରାପ୍ତି ହୋଇଥିଲା ଯାହା ଭାରତ ସରକାରଙ୍କର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଦ୍ୱାରା ସ୍ଥିରୀକୃତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇପାରିଲା ନାହିଁ ଏବଂ ନିର୍ଦ୍ଧାରିତ ଗୃହସବୁ ଫେରସ୍ତ ହୋଇଗଲା । ଉତ୍ତର ଗ୍ରହଣୀୟ ନୁହେଁ କାରଣ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ (ଭାରତ ସରକାର) ଅତିରିକ୍ତ ହିତାଧିକାରୀ ଚିହ୍ନଟ କରଣ ପ୍ରକ୍ରିୟାକୁ ସଂପୂର୍ଣ୍ଣ କରିବାର ସମୟକୁ 31 ମାର୍ଚ୍ଚ 2018 ରୁ 07 ମାର୍ଚ୍ଚ 2019 ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ ।

2.1.5.5 ବ୍ଲକ୍ ଦ୍ୱାରା ବାର୍ଷିକ ଚୟନ ତାଲିକା ପ୍ରସ୍ତୁତ ନକରିବା

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 4.7.1 ଏବଂ 4.7.2 ଅନୁସାରେ ଥରେ ଯଦି ମନ୍ତ୍ରାଳୟ ଦ୍ୱାରା ଲକ୍ଷ୍ୟ ସ୍ଥିରୀକୃତ ହୋଇଯାଏ, ତା'ହେଲେ ରାଜ୍ୟ ବର୍ଗ ଅନୁସାରେ ଲକ୍ଷ୍ୟସବୁକୁ ସଂପୃକ୍ତ ଜିଲ୍ଲାଗୁଡ଼ିକୁ ବଣ୍ଟନ କରିବାକୁ ପଡ଼େ ଏବଂ ତାକୁ ମଧ୍ୟ ଆୱାରସଫ୍ଟର ଅନ୍ତର୍ଭୁକ୍ତ କରିବାକୁ ହୋଇଥାଏ । ବାର୍ଷିକ ଚୟନ ତାଲିକାର ସ୍ଥାୟୀ ଅପେକ୍ଷାରତ ତାଲିକାରେ ଥିବା ସେବା ଉପର ଏଚ୍ଏଚ୍ ନାମରୁ ଆରମ୍ଭ ହୋଇଥାଏ ଏବଂ ଉକ୍ତ ପଞ୍ଚାୟତରେ ସେହି ବର୍ଷ ପାଇଁ ପ୍ରତି ବର୍ଗ ଅନୁସାରେ ସ୍ଥିରୀକୃତ ହୋଇଥିବା ଲକ୍ଷ୍ୟରେ ସୀମିତ ହୁଏ । ପୁନଶ୍ଚ, ବାର୍ଷିକ ଚୟନ ତାଲିକା ବିସ୍ତୃତ ଭାବରେ ପ୍ରିଣ୍ଟ ଓ ବୈଦ୍ୟୁତିକ ଗଣମାଧ୍ୟମ ତଥା ଗ୍ରାମର କାନ୍ଥ ପେଣ୍ଟିଂ ମାଧ୍ୟମରେ ପ୍ରକାଶିତ ହେବା ଉଚିତ୍ ।

ଅଡିଟ୍ ଦେଖିଲା ଯେ ଯାଞ୍ଚ କରାଯାଇଥିବା କୌଣସି 24 ଟି ବ୍ଲକରେ ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ ବର୍ଗ ଅନୁସାରେ ବାର୍ଷିକ ଚୟନ ସାରଣୀ ପ୍ରସ୍ତୁତ କରି ନଥିଲେ । ଏହା ସୂଚିତ କରେ କି 31 ମାର୍ଚ୍ଚ 2021 ପର୍ଯ୍ୟନ୍ତ ସ୍ଥାୟୀ ଅପେକ୍ଷାରତ ତାଲିକା ପ୍ରସ୍ତୁତ ହୋଇପାରିନଥିଲା ଏବଂ ଅଯୋଗ୍ୟ ହିତାଧିକାରୀମାନଙ୍କର ଅନ୍ତରଣ ପ୍ରକ୍ରିୟା ପର୍ଯ୍ୟନ୍ତ ଚାଲୁଥିଲା ।

ବାର୍ଷିକ ଚୟନ ତାଲିକାର ଅଭାବ ଯୋଗୁଁ ଅଡିଟ୍ ନିଶ୍ଚିତ ହୋଇପାରିଲା ନାହିଁ କି ଚିହ୍ନିତ ଅଗ୍ରାଧିକାର ଭିତ୍ତିରେ ବ୍ୟକ୍ତିଗତ ମଞ୍ଜୁରୀ ଅନୁମୋଦିତ ହୋଇଥିଲା । ଏହା ମଧ୍ୟ ଯେହେତୁ ବାର୍ଷିକ ଚୟନ ସାରଣୀର ଲଭ୍ୟତା ହିତାଧିକାରୀମାନଙ୍କ ଓ ଭାଗୀଧାରୀମାନଙ୍କ ହିତରେ ସେମାନଙ୍କର ବାର୍ଷିକ ରୟାଙ୍କ ପାଇବା ପାଇଁ ଜଗରଣ କରିବାରେ ସାହାଯ୍ୟ କରେ, ଏହି ବାର୍ଷିକ ଚୟନ ତାଲିକା ପ୍ରସ୍ତୁତ ନହେବା ଯୋଗୁଁ ଏହି ବିଷୟରେ ସ୍ୱଚ୍ଛତା ତଥା ଉତ୍ତରଦାୟିତ୍ୱର ଅଭାବ ଦର୍ଶାଇଥାଏ ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ଭବିଷ୍ୟତରେ ବାର୍ଷିକ ଚୟନ ତଲିକା ପ୍ରସ୍ତୁତ କରିବା ସମୟରେ ସମୀକ୍ଷାର ପର୍ଯ୍ୟାଲୋଚନାକୁ ଅନୁକରଣ କରାଯିବ ।

2.1.5.6 ପିଏମ୍‌ଏୱାଇ-ଗ୍ରାମୀଣ ଅନ୍ତର୍ଗତ ଗୃହ ମଞ୍ଜୁରୀରେ ଅଗ୍ରାଧିକାର ସଂଖ୍ୟାକୁ ପାଳନ ନକରିବା

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀରର ଅନୁଚ୍ଛେଦ 4.2.1, 4.2.2, 4.2.3, 4.3 ଏବଂ 4.4.3 ଅନୁସାରେ ପିଏମ୍‌ଏୱାଇ-ଗ୍ରାମୀଣର ହିତାଧିକାରୀମାନଙ୍କ ମଧ୍ୟରେ ବହୁ ସ୍ତରୀୟ ପ୍ରାଥମିକତା ବାହାର କରିବା ପାଇଁ ନିମ୍ନଲିଖିତ ବିଷୟଗୁଡ଼ିକୁ ଧ୍ୟାନ ଦେବା ଆବଶ୍ୟକ: (i) ପ୍ରାଥମିକତା ସର୍ବ ପ୍ରଥମେ ବାସଗୃହରୁ ବଞ୍ଚିତ ପ୍ରତି ବର୍ଗ (ଏସ୍‌ସି/ଏସ୍‌ଟି, ସଂଖ୍ୟାଲଘୁ ଓ ଅନ୍ୟାନ୍ୟ)ର ମାନକ ଅନୁସାରେ ଦିଆଯିବା ଉଚିତ୍ । ଯେପିରିକ ପ୍ରତି ଉପବର୍ଗ ମଧ୍ୟରେ ଯେଉଁମାନେ ବହୁଳ ଭାବରେ ବାସଗୃହ ପାଇବାରୁ ବଞ୍ଚିତ, ସେମାନେ ପ୍ରଥମେ ସ୍ଥାନ ପାଇବେ । (ii) ପ୍ରତି ଗ୍ରାମ ପଞ୍ଚାୟତର ଏସ୍‌ସି, ଏସ୍‌ଟି , ସଂଖ୍ୟାଲଘୁ ଓ ଅନ୍ୟାନ୍ୟ ମାନଙ୍କ ନିମିତ୍ତ ଗୋଟିଏ ପୃଥକ ଅଗ୍ରାଧିକାର ତାଲିକା ପ୍ରାଥମିକ ନିୟମ ଅନୁସାରେ ପ୍ରସ୍ତୁତ ହେବା ଉଚିତ୍ ।(iii) ସିଷ୍ଟମ ଅନୁସାରେ ପ୍ରସ୍ତୁତ ବର୍ଗ ଅନୁସାରେ ରାଙ୍କ ପ୍ରାଥମିକତା ତାଲିକାକୁ ସଂପୃକ୍ତ ଗ୍ରାମ ପଞ୍ଚାୟତ ଗୁଡ଼ିକରେ ବିଜ୍ଞାପନ ଦେବା ଉଚିତ୍ ଯାହାଫଳରେ ସଂପୃକ୍ତ ଗ୍ରାମ ସଭାଗୁଡ଼ିକ ସେସବୁ ଯାଞ୍ଚ କରିପାରିବେ । (iv) ପ୍ରତି ଏଚ୍‌ଏଚ୍ ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ରାଙ୍କ ଦିଆଯିବା ସହିତ ରାଙ୍କିଙ୍ଗ୍ ସମ୍ପୂର୍ଣ୍ଣ ହେବା ଆବଶ୍ୟକ ।

ଅଡିଟ୍ କିନ୍ତୁ, ଦେଖିଲା ଯେ କୌଣସି ଯାଞ୍ଚ କରାଯାଇଥିବା ଗ୍ରାମ ସଭା/ ଗ୍ରାମ ପଞ୍ଚାୟତରେ ସ୍ୱୟଂକ୍ରିୟ ପ୍ରସ୍ତୁତ ପ୍ରାଥମିକତା ତାଲିକାକୁ ଆଲୋଚନା କରାଯାଇନାହିଁ । ତେଣୁ କୌଣସି ଗ୍ରାମ ପଞ୍ଚାୟତରେ ବହୁ ସ୍ତରୀୟ ପ୍ରାଥମିକତା ତାଲିକା ପ୍ରସ୍ତୁତ ହୋଇ ନାହିଁ ।

ଯଦିଓ ପ୍ରକଳ୍ପ ନିର୍ଦ୍ଦେଶକ (ପିଡି), ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ)/ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଉଲ୍ଲେଖ କଲେ କି ସାମାଜିକ-ଆର୍ଥିକ ତଥା ଜାତିଭିତ୍ତିକ ଜନଗଣନା-2011 ର ତଥ୍ୟାବଳୀ ଅନୁସାରେ ସ୍ୱୟଂକ୍ରିୟ ଭାବେ ପ୍ରାଥମିକତା/ ଅଗ୍ରାଧିକାର ତାଲିକା ପ୍ରସ୍ତୁତ କରିବାରେ ଅନୁକରଣ କରାଯାଇଛି । ଅଡିଟ୍‌ରେ ନିମ୍ନଲିଖିତ ଅନିୟମିତତାକୁ ପ୍ରାଥମିକତା/ ଅଗ୍ରାଧିକାର ସଂଖ୍ୟା ପାଳନ ନକରିବାରେ ଦୃଷ୍ଟିଗୋଚର କରିଛି ।

(i) ବାସଗୃହ ମଞ୍ଜୁରୀ ସମୟରେ ପ୍ରାଥମିକତା/ ଅଗ୍ରାଧିକାର ସଂଖ୍ୟାର ଉଲ୍ଲଙ୍ଘନ

ଅଡିଟ୍ ପିଏମ୍‌ଏୱାଇ-ଗ୍ରାମୀଣର ବର୍ଷ ଅନୁଯାୟୀ କାର୍ଯ୍ୟ ଅଗ୍ରଗତି ରିପୋର୍ଟକୁ ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତରେ ସମୀକ୍ଷା ଏବଂ ଆର୍ଥିକ ବର୍ଷ 2016-17 ରୁ 2020-21 ର ଆୱାସସଫ୍ଟର E4 ରିପୋର୍ଟ[10] ସହିତ ପୁନଃ ଯାଞ୍ଚ କଲା ଏବଂ ଦେଖିଲା କଣ ବାସଗୃହ ମଞ୍ଜୁରୀ ସମୟରେ ପ୍ରାଥମିକତା/ ଅଗ୍ରାଧିକାର ସଂଖ୍ୟା ପାଳନ ହୋଇଛି କି ନାହିଁ ।

ଅଡିଟ୍ ଦେଖିଲା କି ସମସ୍ତ 24 ଯାଞ୍ଚ ହୋଇଥିବା ବ୍ଲକରେ ବାସଗୃହ ଅଗ୍ରାଧିକାର ସଂଖ୍ୟା ଅନୁସାରେ ମଞ୍ଜୁରୀ କରାଯାଇନାହିଁ । ଅନେକ କ୍ଷେତ୍ରରେ ସ୍ଥାୟୀ ଅପେକ୍ଷାରତ ତାଲିକାରେ ନିମ୍ନରେ ପ୍ରାଥମିକତା ଥାଇ ମଧ୍ୟ ଭିତରେ ଥିବା ହିତାଧିକାରୀମାନଙ୍କ ପରିବର୍ତ୍ତେ ବାସଗୃହ ମଞ୍ଜୁର କରାଯାଇଛି (***ପରିଶିଷ୍ଟ 2.2***) ।

(ii) ଏକା ଗ୍ରାମରେ ସମାନ ବର୍ଗରେ ଥିବା ବିଭିନ୍ନ ହିତାଧିକାରୀମାନଙ୍କୁ ସମାନ ପ୍ରାଥମିକତା ସଂଖ୍ୟା ପ୍ରଦାନ କରିବା

ଅଡିଟ୍ 24 ଟି ନମୁନା ଯାଞ୍ଚ କରାଯାଇଥିବା ବ୍ଲକ ମଧ୍ୟରୁ ଦୁଇଟି[11]ରେ ଦେଖିଲା ଯେ ଏକା ବର୍ଗରେ ଥାଇ ବିଭିନ୍ନ ହିତାଧିକାରୀମାନଙ୍କୁ ସମାନ ପ୍ରାଥମିକତା ସଂଖ୍ୟା ବାରମ୍ବାର ପ୍ରଦାନ କରାଯାଇଛି । ଏହିପରି ଗୋଟିଏ କ୍ଷେତ୍ରରେ, ବଜରଗାଡ଼ ଗ୍ରାମ, କୋଷାଗୁମୁଡ଼ା ଗ୍ରାମ ପଞ୍ଚାୟତ/ ପଞ୍ଚାୟତ ସମିତିର ଆଦିବାସୀ ବର୍ଗରେ ଜଣେ ହିତାଧିକାରୀ ଚାରି ପ୍ରାଥମିକତା ସଂଖ୍ୟା ଥାଇ ଆର୍ଥିକ ବର୍ଷ 2017-18 ରେ ଗୋଟିଏ ବାସଗୃହର ମଞ୍ଜୁରୀ ହୋଇଥିଲା । ଯେତେବେଳେ ସେହି ପ୍ରାଥମିକତା ସଂଖ୍ୟା ଥାଇ ଅନ୍ୟ ଜଣେ ହିତାଧିକାରୀଙ୍କୁ ଆର୍ଥିକ ବର୍ଷ 2019-20 ଆଉ ଗୋଟିଏ ବାସଗୃହର ମଞ୍ଜୁରୀ ପ୍ରଦାନ କରାଯାଇଥିଲା । ସେହିପରି 43 ପ୍ରାଥମିକତା ସଂଖ୍ୟା କ୍ଷେତ୍ରରେ ତିନି ଜଣ ବିଭିନ୍ନ ହିତାଧିକାରୀଙ୍କୁ ଆର୍ଥିକ ବର୍ଷ 2017-18 ରେ ତିନୋଟି ଗୃହ ମଞ୍ଜୁର କରାଯାଇଥିଲା ।

ଗ୍ରାମ ପଞ୍ଚାୟତ କର୍ମକର୍ତ୍ତାମାନଙ୍କ ଦ୍ୱାରା ଏପରି ମନମୁଖୀ ପ୍ରାଥମିକତା ସଂଖ୍ୟା ପ୍ରଦାନ ଯୋଜନାର ନିର୍ଦ୍ଦେଶାବଳୀରେ ଉଲ୍ଲିଖିତ ହିତାଧିକାରୀମାନଙ୍କର ଚିହ୍ନଟ ଓ ଚୟନରେ ସ୍ୱଚ୍ଛତା ଓ ପାରଦର୍ଶୀତାକୁ ଉଲ୍ଲଙ୍ଘନ କରେ । ଏହା ମଧ୍ୟ

[10] ଆୱାସସଫ୍ଟର ଇ4 ରିପୋର୍ଟ ସାମାଜିକ-ଆର୍ଥିକ ତଥା ଜାତିଭିତ୍ତିକ ଜନଗଣନାର ତଥ୍ୟାବଳୀ, ସବୁ ହାଉସହୋଲ୍ଡର ସାରାଂଶ, ପ୍ରାଥମିକତା ଦେଇଥିବାକୁ ନିଶ୍ଚିତ ହେବା, ଏବଂ ପ୍ରତ୍ୟକ କ୍ଷେତ୍ରରେ ଅପିଲ୍ କମିଟି ଦ୍ୱାରା ଅନୁମୋଦିତ ହୋଇଥିବାକୁ ସୂଚୀତ କରିଥାଏ ।

[11] ନବରଙ୍ଗପୁର ଜିଲ୍ଲାର କୋଷଗୁମୁଡ଼ା ବ୍ଲକ୍ ଏବଂ ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକ

ଯୋଜନାର ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପଦ୍ଧତିର ଅଭାବକୁ ସୂଚିତ କରିଥାଏ ଯାହା ଯୋଗୁଁ ପ୍ରାଥମିକତା ସଂଖ୍ୟା ପ୍ରଦାନରେ କାରସାତି ହେବାର ସମ୍ଭାବନାକୁ ଏଡ଼ାଇ ହେବା ନାହିଁ ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, କୋଷାଗୁଡ଼ା ବ୍ଲକରେ ହୋଇଥିବା ତ୍ରୁଟିକୁ ଅନୁସନ୍ଧାନ କରାଯିବ । ପୁନଶ୍ଚ, ଅନ୍ୟାନ୍ୟ କ୍ଷେତ୍ରରେ ଏହା ଉଲ୍ଲେଖ କରାଗଲା କି ଜଣେ ହିତାଧିକାରୀ ଯଦି ଅଯୋଗ୍ୟତା ଆରୋପର ଅନୁସନ୍ଧାନ ଚୂଡ଼ାନ୍ତ ନହେବା କାରଣରୁ ବାସଗୃହ ମଞ୍ଜୁରୀର ଅସୁବିଧା ହେଉଛି, ତା'ହେଲେ ପ୍ରାଥମିକତା ନିମ୍ନରେ ଥାଇ ମଧ୍ୟ ଏଚ୍‌ଏଚ୍ ମାନଙ୍କୁ ବାସଗୃହ ପ୍ରଦାନ କରାଯାଇଛି । ଉତ୍ତର ଗ୍ରହଣୀୟ ନୁହେଁ କାରଣ ବାସଗୃହ ମଞ୍ଜୁରୀ ପ୍ରଦାନ କ୍ଷେତ୍ରରେ ପ୍ରାଥମିକତା ସଂଖ୍ୟାର ଉଲ୍ଲଙ୍ଘନ 86 ପ୍ରତିଶତ ପର୍ଯ୍ୟନ୍ତ ହୋଇଅଛି ।

2.1.5.7 ଅଣ-ହିତାଧିକାରୀମାନଙ୍କୁ ପ୍ରବଞ୍ଚନା ଭାବରେ କାର୍ଯ୍ୟାଦେଶ ଓ ଅର୍ଥ ପ୍ରଦାନ

ପିଏମ୍‌ଏୱାଇ-ଗ୍ରାମୀଣର କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀରର ଅନୁଚ୍ଛେଦ 5.3.1 ଅନୁସାରେ ହିତାଧିକାରୀମାନଙ୍କର ସ୍ଥାୟୀ ଅପେକ୍ଷାରତ ତାଲିକାରୁ ଆନୀତ ବାର୍ଷିକ ଚୟନ ତାଲିକା ଏମ୍‌ଆଇଏସ୍ ଆୱାସସଫ୍ଟରେ ପଞ୍ଜିକୃତ ହେବା ଆବଶ୍ୟକ । ପଞ୍ଜୀକୃତ କରିବା ସମୟରେ ବ୍ୟାଙ୍କ୍ ହିସାବ ଖାତା, ମନୋନୀତ ବ୍ୟକ୍ତିଙ୍କର ନାମ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପତ୍ର ସଂଖ୍ୟା ବିସ୍ତୃତ ଭାବରେ ବାଧତାମୂଳକ ଭାବେ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ । ଏହା ସହିତ ମୋବାଇଲ୍ ନମ୍ବର ଓ ଆଧାର ନମ୍ବର ଯେଉଁଠାରେ ଉପଲବ୍ଧ ସେସବୁ ଆୱାସସଫ୍ଟରେ ଅନ୍ତର୍ଭୁକ୍ତ ହେବା ଉଚିତ୍ । ଅନୁଚ୍ଛେଦ 5.3.2 ପୁନଶ୍ଚ ବ୍ୟବସ୍ଥା କରିଥାଏ ଯେ ହିତାଧିକାରୀମାନଙ୍କର ସମସ୍ତ ତଥ୍ୟ ପଞ୍ଜୀକୃତ ହେଲା ପରେ ଓ ସେମାନଙ୍କର ବ୍ୟାଙ୍କ ହିସାବ ଖାତା ସବୁ ବିଦ୍ୟମାନ୍ୟ ହେଲା ପରେ ପ୍ରତ୍ୟେକ ହିତାଧିକାରୀମାନଙ୍କର ଗୋଟିଏ ନିର୍ଦ୍ଦିଷ୍ଟ ପିଏମ୍‌ଏୱାଇ-ଗ୍ରାମୀଣ ଆଇଡି ଓ ତ୍ୱରିତ ଜବାବ (କ୍ୟୁଆର୍) କୋଡ ସହିତ ମଞ୍ଜୁରୀ ପ୍ରଦାନ ଆଦେଶ ଆୱାସସଫ୍ଟରେ ତିଆରି ହେବା ଆବଶ୍ୟକ । ବାସଗୃହ ମିଳିତ ଭାବରେ ସ୍ୱାମୀ ଓ ସ୍ତ୍ରୀ ନାମରେ ବଣ୍ଟିତ ହେବା ଆବଶ୍ୟକ ଓ ରାଜ୍ୟ ମଧ୍ୟ କେବଳ ମହିଳାଙ୍କ ନାମରେ ବାସଗୃହ ବଣ୍ଟନ କରିପାରିବ । ସଂପୃକ୍ତ ହିତାଧିକାରୀମାନଙ୍କୁ ମଧ୍ୟ ବାସଗୃହ ମଞ୍ଜୁରୀ ପ୍ରଦାନକୁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଜଣାଇବା ଉଚିତ୍ ।

ବ୍ଲକ ସ୍ତରରେ ଉପଲବ୍ଧ ଥିବା ଦସ୍ତାବିଜରେ ନମୁନା ଯାଞ୍ଚରୁ ଏବଂ ଆୱାସସଫ୍ଟ ତଥ୍ୟରୁ ଜଣାଗଲା ଯେ 13 ଟି ମାମଲାରେ[12] (ବିସ୍ତୃତ ***ପରିଶିଷ୍ଟ-2.3***) ଆର୍ଥିକ ବର୍ଷ 2016-21 ମଧ୍ୟରେ ଅଣ-ହିତାଧିକାରୀମାନଙ୍କୁ ବାସଗୃହ ମଞ୍ଜୁରୀ ଓ ଅର୍ଥ ପ୍ରଦାନ କରାଯାଇଥିଲା । ଏହିସବୁ କ୍ଷେତ୍ରରେ କେବଳ ପଞ୍ଜିକୃତ ହିତାଧିକାରୀମାନଙ୍କର ପିଏମ୍‌ଏୱାଇ-ଗ୍ରାମୀଣର ପରିଚୟ ସଠିକ୍ ଥିଲା ମାତ୍ର ଅନ୍ୟାନ୍ୟ ସମସ୍ତ ଦସ୍ତାବିଜ୍ ଯେପରିକି ବ୍ୟାଙ୍କ ହିସାବ ଖାତା, ଭୋଟର ଆଇଡି କାର୍ଡ, ଆଧାର କାର୍ଡ ସବୁ ଅଣ-ହିତାଧିକାରୀମାନେ ଯେଉଁମାନେ ହିତାଧିକାରୀ ନୁହଁନ୍ତି, ସେମାନଙ୍କର ଥିଲା । ଏହିସବୁ ଚଞ୍ଚକତାପୂର୍ଣ୍ଣ ବାସଗୃହର ମଞ୍ଜୁରୀ ପ୍ରଦାନ ମଧ୍ୟ କର୍ମଚାରୀମାନଙ୍କ ଦ୍ୱାରା ଭୌତିକ ସତ୍ୟାପନ/ ନିରୀକ୍ଷଣରେ ସନ୍ଦେହ ପ୍ରକାଶ କରେ । ସୁତରାଂ ପ୍ରକୃତ ହିତାଧିକାରୀମାନେ ବାସଗୃହ ପାଇବାରୁ ବଞ୍ଚିତ ହେଲେ କାରଣ ସେମାନଙ୍କର ଆଇଡି ସବୁକୁ ଅଣ-ହିତାଧିକାରୀମାନଙ୍କର ଲାଭ ପାଇଁ ବ୍ୟବହାର କରାଯାଇଥିଲା । ଏପରି ଗୋଟିଏ କ୍ଷେତ୍ର ନିମ୍ନରେ ଦର୍ଶାଯାଇଛି ।

ଜିଲ୍ଲା ମୟୁରଭଞ୍ଜ, ବ୍ଲକ-ବିଶୋଇ, ଗ୍ରାମ-ଅସନ, ଖଡିଆସୁଳରେ ଶ୍ରୀମତୀ ପୁନମ୍ ନାଏକ, ଶ୍ରୀ ଚନ୍ଦ୍ର ମୋହନ ନାଏକଙ୍କ ସ୍ତ୍ରୀ ଦ୍ୱାରା ସେହି ଗ୍ରାମରେ ଥିବା ଗାର ନାଏକଙ୍କ ଝିଅ ଡୁଗି ବିରୁଆଙ୍କର ହିତାଧିକାରୀ ଆଇଡି ସଂଖ୍ୟା ଓଆର୍ 2334406 କୁ ବ୍ୟବହାର କରି 1 ଲକ୍ଷ ଟଙ୍କା ଖର୍ଚ୍ଚ କରି ଲିମ୍‌ଟାଲ୍ ସ୍ତର ପର୍ଯ୍ୟନ୍ତ ଗୋଟିଏ ବାସଗୃହ ନିର୍ମାଣ କରାଯାଇଥିଲା । (ନିମ୍ନରେ ଏହାର ଫଟୋ ଦର୍ଶାଯାଇଛି) । ତେଣୁ ଡୁଗି ବିରୁଆ ସେହି ସୁବିଧା ପାଇବାରୁ ବଞ୍ଚିତ ହେଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ବ୍ୟକ୍ତ କଲେ (ଜାନୁଆରୀ 2022) ଯେ ଉକ୍ତ ବଷୟକୁ ଅନୁସନ୍ଧାନ କରାଯିବ ।

[12] ବିଶୋଇ ବ୍ଲକ(ଅସନ ଗ୍ରାମ ପଞ୍ଚାୟତ): 11 ଟି ମାମଲା, ଚନ୍ଦାହାଣ୍ଡି ବ୍ଲକ୍, (ପଟଖଲିଆ ଗ୍ରାମ ପଞ୍ଚାୟତ): 1 ଟି ମାମଲା ଏବଂ ପଦମପୁର ବ୍ଲକ୍ (ଦହିତା ଗ୍ରାମ ପଞ୍ଚାୟତ): 1 ମାମଲା

ଫଟୋଗ୍ରାଫ୍-2.3: ପିଏମ୍ଏୱାଇ-ଜି ଗୃହ ଅଣ-ହିତାଧିକାରୀକୁ ବଣ୍ଟନ କରାଯାଇଛି, ଶ୍ରୀମତୀ ପୁନମ ନାଏକ, ହିତାଧିକାରୀଙ୍କ ଦ୍ୱାରା ବ୍ୟବହୃତ ଆଇଡି ସଂଖ୍ୟା ଓଆର୍2334406 ଡୁଗି ବିରୁଆଙ୍କର



ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ ଉକ୍ତ ବଷୟକୁ ଅନୁସନ୍ଧାନ କରାଯିବ ଏବଂ ଅନୁପାଳନ ଏହାପରେ ପ୍ରଦାନ କରାଯିବ ।

2.1.5.8 ଜିଲ୍ଲା ମାନଙ୍କରେ ବିସ୍ତୃତ ବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ନକରିବା

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀରର ଅନୁଚ୍ଛେଦ 3.6.1 ଏବଂ 3.6.2 ଦର୍ଶାଏ ଯେ (କ) ପିଏମ୍ଏୱାଇ-ଗ୍ରାମୀଣର କାର୍ଯ୍ୟକାରିତା ପାଇଁ ରାଜ୍ୟ ଏକ ବିସ୍ତୃତ ବାର୍ଷିକ କାର୍ଯ୍ୟ ଖସଡ଼ା (ଏଏପି) ପ୍ରସ୍ତୁତ କରିବେ (ଖ) ଅନ୍ୟାନ୍ୟ ବିଷୟ ସହିତ, ମଞ୍ଜୁର କରାଯାଇଥିବା ଘର ଗୁଡ଼ିକର ସମନ୍ୱୟିତ ନିର୍ମାଣ ଏବଂ ଅନ୍ୟାନ୍ୟ ଯୋଜନା ସହିତ ସମ୍ମିଳନୀର ଏକ ଚିତ୍ର କାର୍ଯ୍ୟ ଖସଡ଼ାରେ ଅନ୍ତର୍ଭୁକ୍ତ ହେବା କଥା (ଗ) ପ୍ରାଥମିକତା ଭିତ୍ତିର ଏଚ୍ଏଚ୍ ଗୁଡ଼ିକର ପରିପୂର୍ଣ୍ଣତା ପାଇଁ ଜିଲ୍ଲାଭିତ୍ତିକ ରଣନୀତୀକୁ ଏଏପି ମଧ୍ୟରେ ଉଲ୍ଲେଖ କରାଯିବା ଆବଶ୍ୟକ (ଘ) ଜିଲ୍ଲାଭିତ୍ତିକ କାର୍ଯ୍ୟ ଖସଡ଼ାରେ ଅନ୍ୟାନ୍ୟ ବିଷୟ ସହିତ, ମିସ୍ତ୍ରୀଙ୍କ ପ୍ରଶିକ୍ଷଣ, ନିର୍ମାଣ ସାମଗ୍ରୀ, ଉପଲବ୍ଧ ସ୍ଥାନ, ହିତାଧିକାରୀଙ୍କ ପାଇଁ ଋଣର ସୁବିଧା, ଗୃହ ନିର୍ମାଣ ନକ୍ସାର ବିକାଶ, ହିତାଧିକାରୀଙ୍କ ସଚେତନତା ଶିବିର ଏବଂ ଅନ୍ୟାନ୍ୟ ଯୋଜନାରୁ ମିଳୁଥିବା ସମସ୍ତ ଲାଭ ବିଷୟରେ ହିତାଧିକାରୀ ସଚେତନ କରାଇବା ଆଦି ବିଷୟ ଅନ୍ତର୍ଭୁକ୍ତ ହୋଇଥିବା ଆବଶ୍ୟକ ।

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 7.4 ମଧ୍ୟ ଦର୍ଶାଇଥାଏ ଯେ ଏଏପି ଅନୁଯାୟୀ ପିଏମ୍ଏୱାଇ-ଗ୍ରାମୀଣର କାର୍ଯ୍ୟକାରିତାରେ ନିର୍ଦ୍ଦେଶ ଓ ପରାମର୍ଶ ଦେବା ପାଇଁ ଉଭୟ ରାଜ୍ୟ ଏବଂ ଜିଲ୍ଲା ସ୍ତରୀୟ କମିଟି ରାଜ୍ୟ ସରକାର ଗଠନ କରିବେ । ରାଜ୍ୟ ସ୍ତରୀୟ କମିଟି(ଏସ୍ଏଲ୍ସି)ର ମୁଖ୍ୟ ରହିବେ ମୁଖ୍ୟ ସଚିବ, ଏହି କମିଟି ବର୍ଷକୁ ଦୁଇଥର ବସିବ ।

ଆର୍ଥିକ ବର୍ଷ 2019-20 ପୂର୍ବରୁ ରାଜ୍ୟ ପାଇଁ କୌଣସି ଏଏପି ପ୍ରସ୍ତୁତ କରାଯାଇ ନଥିଲା । ଯାହାହେଉ, ରାଜ୍ୟ ଦ୍ୱାରା ପ୍ରସ୍ତୁତ ଏକ ବିସ୍ତୃତ ଚିତ୍ର ଏମ୍ଓଆର୍ଡିଙ୍କ ଅଧିକୃତ କମିଟି[13] (ଇସି) ର ଆଲୋଚନା କରାଯାଇଥିଲା (ଫେବୃଆରୀରୁ ମାର୍ଚ୍ଚ) ଏବଂ ପରବର୍ତ୍ତୀ ବର୍ଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । 2020-21 ଆର୍ଥିକ ବର୍ଷ ଠାରୁ ତଥ୍ୟ ପ୍ରଦାନ ପାଇଁ ଏକ ଫର୍ମାଟ୍ ଜାରି କରାଯାଇଥିଲା, ଯାହାକି ଇସିଙ୍କ ବୈଠକରେ ଚୂଡ଼ାନ୍ତ ହୋଇଥିଲା ।

ଅଡିଟ୍ ପରିଲକ୍ଷିତ କରିଥିଲା ଯେ:

- ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ, ରାଜ୍ୟର ଜିଲ୍ଲାଭିତ୍ତିକ ଯୋଜନା ସମ୍ବଳିତ ବିସ୍ତୃତ କାର୍ଯ୍ୟ ଖସଡ଼ା ପ୍ରକୃତ କରାଯାଇନଥିଲା ।
- ରାଜ୍ୟ ପାଇଁ ଏଏପି ପ୍ରସ୍ତୁତ କରିବା ସମୟରେ, ଜିଲ୍ଲାଗୁଡ଼ିକ ଠାରୁ ମିସ୍ତ୍ରୀ ପ୍ରଶିକ୍ଷଣ, ଅନ୍ୟ ଯୋଜନା ସହିତ ସମନ୍ୱୟ ତଥ୍ୟଗୁଡ଼ିକ ସଂଗ୍ରହ କରାଯାଇ ନଥିଲା ।
- ଏମ୍ଓଆର୍ଡିଙ୍କ ଅଧିକୃତ କମିଟି ଦ୍ୱାରା ଅନୁମୋଦନ ହୋଇଥିବା କାର୍ଯ୍ୟାବଳୀ ଗୁଡ଼ିକୁ ଧ୍ୟାନ ଦିଆଯାଇ ନଥିଲା, ଯାହାକି ନିମ୍ନ ସାରଣୀ 2.1 ରେ ଦର୍ଶାଗଲା ।

[13] ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏଏପିକୁ ଅନୁମୋଦନ କରିବାକୁ ଏମ୍ଓଆର୍ଡିର ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା ।

ସାରଣୀ -2.1: ଅଧିକୃତ କମିଟି ଦ୍ୱାରା ଅନୁମୋଦିତ କାର୍ଯ୍ୟାବଳୀ

ସବୁ ବର୍ଷ ପାଇଁ ଏଏପିରେ ଦର୍ଶାଯାଇଥିବା କାର୍ଯ୍ୟଧାରା	ହାସଲ ହୋଇଥିଲା
ରାଜମିସ୍ତ୍ରୀଙ୍କ ପ୍ରଶିକ୍ଷଣ	ପାଞ୍ଚ ବର୍ଷ ମଧ୍ୟରେ ବହୁତ କମ୍ ହାସଲ ହୋଇଥିଲା ଯାହାଫଳରେ ଅସମ୍ପୂର୍ଣ୍ଣ ଘରର ସଂଖ୍ୟା ବଢ଼ି ବଢ଼ି ଚାଲିଥିଲା
ଭୂମିହୀନ ହିତାଧିକାରୀଙ୍କୁ ଜମି ପ୍ରଦାନ	ଏହି ବିଷୟ ପ୍ରତ୍ୟେକ ଏଏପିରେ ଆଲୋଚନା ହୋଇଥିଲେ ମଧ୍ୟ ପାଞ୍ଚ ବର୍ଷ ମଧ୍ୟରେ ଆଶାତୀତ ସଫଳତା ମିଳିନଥିଲା
ଘର ନକ୍ସାର ଉନ୍ନତିକରଣ	ଏଏପି 2018-19 ରେ ମାତ୍ର 13 ଟି ନକ୍ସାର ବିକଶିତ କରାଯାଇଥିଲା । ଏଏପି 2019-20 ରେ ମାତ୍ର 11 ଟି ନକ୍ସା ବିକାଶିତ କରାଯାଇଥିଲା । ମାତ୍ର ଏହି ନକ୍ସାଗୁଡ଼ିକରେ କାର୍ଯ୍ୟକାରୀ ସ୍ଥିତି ବିଭାଗ ସ୍ତରରେ ଉପଲବ୍ଧ ହୋଇନଥିଲା ।
ଅନ୍ୟ ଯୋଜନାଗୁଡ଼ିକ ସହିତ ସହବଦ୍ଧତା	ଯଦିଓ ପ୍ରତି ବର୍ଷ ଲକ୍ଷ୍ୟ ଧାର୍ଯ୍ୟ କରାଯାଉଥିଲା, ପାଞ୍ଚ ବର୍ଷ ମଧ୍ୟରେ ଫଳପ୍ରଦ ହୋଇପାରି ନଥିଲା ।

- ପୁନଶ୍ଚ, କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 7.4 ଅନୁଯାୟୀ, ରାଜ୍ୟ ସ୍ତରୀୟ କମିଟି (ଏସଏଲ୍‌ସି) ବର୍ଷକୁ ଦୁଇ ଥର ବୈଠକ କରିବା କଥା । 2016-17 ରୁ 2020-21 ଆର୍ଥିକ ବର୍ଷ ମଧ୍ୟରେ 10 ଟି ବୈଠକ ହେବାକୁ ଥିବା ସ୍ଥଳେ ଏସ୍‌ଏଲ୍‌ସିର ମାତ୍ର ଗୋଟିଏ ବୈଠକ ଅନୁଷ୍ଠିତ ହୋଇଥିଲା (25 ଜୁନ୍ 2018) । ଏହିପରି ଭାବରେ, ଏଏପିର ନିୟମ ଅନୁଯାୟୀ ଯୋଜନାର ସଫଳ ରୂପାୟନ ପାଇଁ ନିର୍ଦ୍ଦେଶ ଓ ପରୀବେକ୍ଷଣ ଏସ୍‌ଏଲ୍‌ସି ବୈଠକରେ ଉପଲବ୍ଧ ଥିଲେ ମଧ୍ୟ ହାସଲ ହୋଇପାରି ନଥିଲା ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ସେମାନେ ଜିଲ୍ଲାମାନଙ୍କ ଠାରୁ ତଥ୍ୟ ସଂଗ୍ରହ କଲା ପରେ ଏଏପି ପ୍ରସ୍ତୁତ କରିଥିଲେ । ଉତ୍ତର ଗ୍ରହଣୀୟ ନଥିଲା କାରଣ ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀ ଅନୁଯାୟୀ ଜିଲ୍ଲା ସ୍ତରୀୟ ଯୋଜନାର ଅଭାବରେ ଜିଲ୍ଲା ସ୍ତରରେ ବିଚାରଣୀୟ ବିଷୟଗୁଡ଼ିକ ପ୍ରତି ଯୋଜନା ପ୍ରସ୍ତୁତ ସମୟରେ ଦୃଷ୍ଟି ଦିଆଯାଇ ପାରିନଥିଲା ।

2.1.5.9 ହିତାଧିକାରୀଙ୍କ ଦ୍ୱାରା ଘରର ନକ୍ସାଗୁଡ଼ିକ ଗ୍ରହଣ ନହେବା

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 6.2.2.1 ଏବଂ 6.2.2.3 ରେ ଦର୍ଶାଯାଇଛି ଯେ ହିତାଧିକାରୀମାନଙ୍କୁ ସେମାନଙ୍କ ବାସସ୍ଥାନ ଅଞ୍ଚଳ ପାଇଁ ଉପଯୁକ୍ତ ପ୍ରଯୁକ୍ତି ବିଦ୍ୟା ବ୍ୟବହାର କରି ସ୍ଥାନୀୟ ଅବସ୍ଥା ଅନୁଯାୟୀ କେତେକ ବିକଳ୍ପ ପ୍ରଦାନ କରିବା ଆବଶ୍ୟକ । କୋର ହାଉସ୍ ରୂପରେଖରେ ରୋଷେଇ ଘର, ଶୌଚାଳୟ ଓ ଗାଧୁଆ ଘର ମଧ୍ୟ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ । ଅଧିକନ୍ତୁ, ମଞ୍ଜୁରୀ ଆଦେଶ ସହିତ ହିତାଧିକାରୀଙ୍କୁ ଚିହ୍ନିତ ଘରର ରୂପରେଖ ଓ ପ୍ରଯୁକ୍ତ ବିଦ୍ୟାର ବିକଳ୍ପ ଗୁଡ଼ିକ ପ୍ରଦାନ କରାଯିବା ଆବଶ୍ୟକ ।

ପୁନଶ୍ଚ, କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 7.2.1 ଅନୁଯାୟୀ ହିତାଧିକାରୀମାନଙ୍କୁ ସେମାନଙ୍କ ଗୃହ ନିର୍ମାଣର ବୈଷୟିକ ସହାୟତା ଯୋଗାଇଦେବାକୁ ରାଜ୍ୟ ବୈଷୟିକ ଅନୁଷ୍ଠାନଗୁଡ଼ିକୁ ଚିହ୍ନଟ କରିବା ଆବଶ୍ୟକ । ଅନୁଷ୍ଠାନଗୁଡ଼ିକ ହିତାଧିକାରୀମାନଙ୍କୁ ସେହି ଅଞ୍ଚଳ ପାଇଁ ଉପଯୁକ୍ତ ଗୃହ ନିର୍ମାଣ ରୂପରେଖ ଏବଂ ସେ ଅଞ୍ଚଳରେ ଉପଲବ୍ଧ ପ୍ରଯୁକ୍ତି ବିଦ୍ୟା ବିଷୟରେ ଅବଗତ କରିବେ, ଯାହା କି ହିତାଧିକାରୀମାନଙ୍କୁ ସହାୟକ ହେବ ।

ଏହାଛଡ଼ା କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 9.3.1.2 ରେ ଉଲ୍ଲେଖ ଅଛି ଯେ, ପ୍ରତ୍ୟେକ କିସ୍ତି ପ୍ରଦାନ କରାଯିବା ପୂର୍ବରୁ ଗୃହର ପ୍ରତ୍ୟେକ ସ୍ତରର ଅଗ୍ରଗତିକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)/ ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ଙ୍କ ଦ୍ୱାରା ସରଜମିନ ତଦନ୍ତ କରାଯିବ ଏବଂ ଜିଓ ଟ୍ୟାଗରେ ଫଟୋ ସନିବେଶ କରାଯିବ ।

ତଦନୁସାରେ, ଓଡ଼ିଶା ସରକାର କେନ୍ଦ୍ରୀୟ ଭବନ ଗବେଷଣା ଅନୁଷ୍ଠାନ (ସିବିଆର୍‌ଆଇ) ରୁର୍‌କି ସହିତ ଏକ ବୁଝାମଣା ପତ୍ର (ଏମ୍‌ଓଏ)[14] ଡିସେମ୍ବର 2016 ରେ ସ୍ୱାକ୍ଷର କରିଥିଲେ ଏବଂ ତାଙ୍କୁ 1.05 କୋଟି ଟଙ୍କା ଦୁଇଟି କିସ୍ତିରେ ପ୍ରଦାନ କରିଥିଲେ । ବୁଝାମଣା ଅନୁଯାୟୀ, ସିବିଆର୍‌ଆଇ (କ) ସୁବିଧା ମୂଲ୍ୟରେ ଉପଯୁକ୍ତ ନିର୍ମାଣ ସାମଗ୍ରୀ ଏବଂ ବୈଷୟିକ

[14] ଜୁନ୍ 2020 ଯାଏ ସଂପ୍ରସାରଣ ହୋଇଥିଲା

ଜ୍ଞାନ ପ୍ରଦାନ କରିବେ, ନିର୍ମାଣ ମୂଲ୍ୟର ସାମଗ୍ରିକ ଉନ୍ନତି, କାର୍ଯ୍ୟଦକ୍ଷତା, ସୁବିଧା, ଶକ୍ତି ଓ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ (ଖ) ବିଭିନ୍ନ କାର୍ଯ୍ୟକଳାପ ପାଇଁ ବୈଷୟିକ ମାର୍ଗଦର୍ଶନ ପ୍ରଦାନ କରିବେ ।

ଅଡିଟ୍ ଅବଲୋକନ କଲା ଯେ (i) ସିବିଆର୍ଆଇ ସହିତ ପରାମର୍ଶ କରି ରାଜ୍ୟ 11 ପ୍ରକାର ଘର ନକ୍ସା ବିକଶିତ କରିଥିଲା । (ii) ଚିହ୍ନିତ ଘରର ନକ୍ସା ଓ ବୈଷୟିକ ବିଜଳ୍ପଗୁଡ଼ିକ ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁରୀ/ କାର୍ଯ୍ୟାଦେଶ ପ୍ରଦାନ ସମୟରେ ନେବାକୁ ଥିଲା । ତଥାପି, ଯାଞ୍ଚ କରାଯାଇଥିବା କୌଣସି ଜିଲ୍ଲାରେ ବି ହିତାଧିକାରୀଙ୍କ ଦ୍ୱାରା ଏପରି ଜ୍ଞାନକୌଶଳକୁ ପ୍ରୟୋଗ କରିବାର ଦୃଷ୍ଟାନ୍ତ ଅଡିଟ୍ ଦେଖିବାକୁ ପାଇନଥିଲା । ଅଡିଟ୍ ମଧ୍ୟ 1,440 ଟି ମାମଲା ନଥିକୁ ବଛାବଛା ବ୍ଲକରେ ଯାଞ୍ଚ କରିଥିଲା ଯେଉଁଥିରେ କି କାର୍ଯ୍ୟାଦେଶ ସଂଲଗ୍ନ ସମୟରେ 864 ଜଣ ହିତାଧିକାରୀ କହିଥିଲେ ଯେ ସେମାନଙ୍କୁ ଘରର ରୂପରେଖ ପ୍ରଦାନ କରାଯାଇ ନାହିଁ । ଅର୍ଥାତ୍ ଅନୁମୋଦିତ ରୂପରେଖଗୁଡ଼ିକ ହିତାଧିକାରୀଙ୍କ ଦ୍ୱାରା ସ୍ୱିକୃତ ଭାବରେ ଗ୍ରହଣୀୟ ହୋଇପାରିନଥିଲା । ହିତାଧିକାରୀମାନଙ୍କୁ କିସ୍ତି ପ୍ରଦାନ ପୂର୍ବରୁ, ରୂପରେଖ ଗୁଡ଼ିକର ଅନୁପାଳନ ଠିକ୍ ଭାବେ ହେଉଛି କି ନାହିଁ ସୁନିଶ୍ଚିତ କରିବାକୁ ପର୍ଯ୍ୟାପ୍ତ ଅନୁସନ୍ଧାନର ଅଭାବ ପରିଲକ୍ଷିତ ହୋଇଥିଲା । ଅନୁଚ୍ଛେଦ 2.1.6.5 ରେ ବର୍ଣ୍ଣନା ଅନୁଯାୟୀ ଏହି ସବୁ ପରିସ୍ଥିତି ଯୋଗୁଁ ଅପର୍ଯ୍ୟାପ୍ତ ଅର୍ଥ ପାଇଁ ଗୃହଗୁଡ଼ିକ ପରବର୍ତ୍ତୀ ସମୟରେ ଅସମ୍ପୂର୍ଣ୍ଣ ରହିଥିଲା ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ଯେହେତୁ ପିଏମ୍ଏୱାଇ-ଜି ଏକ ବ୍ୟକ୍ତିଗତ ଲାଭଦାୟକ ଯୋଜନା, ହିତାଧିକାରୀମାନେ ସେମାନଙ୍କ ଇଚ୍ଛା ଅନୁଯାୟୀ ଘର ନିର୍ମାଣ କରିବାର ସ୍ୱାଧୀନତା ରହିଛି ତଥାପି, ସେମାନଙ୍କୁ ସେମାନଙ୍କର ଭୌଗୋଳିକ ସ୍ଥିତି ଅନୁସାରେ ଘରର ରୂପରେଖ ବିଷୟରେ ଅବଗତ କରାଯାଇଥିଲା ।

ଉତ୍ତର ଗ୍ରହଣୀୟ ନଥିଲା କାରଣ 1.05 କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ, ଯାଞ୍ଚ କରାଯାଇଥିବା କୌଣସି ଜିଲ୍ଲାରେ ବି କୌଣସି ଘରର ରୂପରେଖ ପରିଲକ୍ଷିତ କରିପାରିନଥିଲା ।

2.1.5.10 ସନ୍ଦେହାତ୍ମକ ମିସ୍ତ୍ରୀ ପ୍ରଶିକ୍ଷଣ

ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 6.2.3.1 ଦର୍ଶାଏ ଯେ, ଉତ୍ତମ ଗୁଣବତ୍ତାରେ ଘର ଗୁଡ଼ିକ ନିର୍ମାଣ କରାଯାଇଥିବାକୁ ସୁନିଶ୍ଚିତ କରିବାକୁ ଗ୍ରାମାଞ୍ଚଳରେ କୁଶଳୀ କାରିଗରଙ୍କର ଉପସ୍ଥିତି ଜରୁରୀ ଅଟେ । ତେଣୁ, ନିର୍ମାଣର ପ୍ରଖରତା ଆକଳନ କରାଯାଇଥିବା ଅଞ୍ଚଳ ଗୁଡ଼ିକରେ ସରକାର କାରିଗର ମାନଙ୍କର ତାଲିମ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ । ପୁନଶ୍ଚ, ରାଜ୍ୟଗୁଡ଼ିକ (i) ତାଲିମ ନେବାକୁ ଇଚ୍ଛୁକ ଅର୍ଦ୍ଧକୁଶଳୀ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ମନୋନୀତ କରିବେ, (ii) ତାଲିମ ପ୍ରଦାନକାରୀଙ୍କୁ ଚିହ୍ନଟ କରି ନିୟୋଜିତ କରିବା ଏବଂ (iii) ତାଲିମପ୍ରାପ୍ତ କାରିଗର ମାନଙ୍କର ମୂଲ୍ୟାଙ୍କନ କରି ପ୍ରମାଣ ପତ୍ର ଯୋଗାଇବାକୁ ଏକ ମୂଲ୍ୟାଙ୍କନ ସଂସ୍ଥାର ବ୍ୟବସ୍ଥା କରିବା ଆବଶ୍ୟକ ।

ରାଜ୍ୟ ସ୍ତରରେ, ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି (ଓରମାସ୍[15])), ପ୍ରକଳ୍ପ ନିୟୋଜନ ମାଧ୍ୟମରେ ମିସ୍ତ୍ରୀ ତାଲିମ ପ୍ରଦାନ କରୁଥିଲା । ଜିଲ୍ଲା ଗୁଡ଼ିକର ଅସମ୍ପୂର୍ଣ୍ଣ ଘର ସଂଖ୍ୟାକୁ ଦୃଷ୍ଟିରେ ରଖି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏକ ବର୍ଷ ପାଇଁ ମିସ୍ତ୍ରୀ ତାଲିମ ଲକ୍ଷ୍ୟ ସ୍ଥିର କରିଥାଏ ।

ଅଡିଟ୍ ପରିଲକ୍ଷିତ କରିଥିଲା ଯେ 2019-20 ଏବଂ 2020-21 ଆର୍ଥିକ ବର୍ଷରେ 43,057 ଜଣ ପ୍ରାର୍ଥୀଙ୍କୁ ବିଭାଗ ସ୍ଥିର କରିଥିବା ସ୍ଥଳେ 35,733 ଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । କିନ୍ତୁ, ମୂଲ୍ୟାଙ୍କନ ପରେ ମାତ୍ର 13,726 (38 ପ୍ରତିଶତ) ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

ବ୍ଲକ ସ୍ତରରେ ତାଲିମ ପ୍ରଦାନକାରୀଙ୍କ ଦ୍ୱାରା ଦିଆଯାଇଥିବା ମିସ୍ତ୍ରୀ ତାଲିମରେ ନିମ୍ନଲିଖିତ ଅନିୟମିତତାଗୁଡ଼ିକ ଲକ୍ଷ୍ୟ କରାଯାଇଥିଲା:

(i) ପ୍ରଶିକ୍ଷିତମାନଙ୍କ ପାଇଁ ଅପର୍ଯ୍ୟାପ୍ତ ଲକ୍ଷ୍ୟଧାର୍ଯ୍ୟ କରିବା:

ପ୍ରତ୍ୟେକ ବ୍ୟକ୍ତିଙ୍କୁ ଘର ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିବାକୁ ବିଭାଗ ଏକ ନିର୍ଦ୍ଦେଶ ଜାରି କରିଥିଲେ (ଫେବୃଆରୀ 2017) ଯେ, ପ୍ରତ୍ୟେକ ବ୍ୟକ୍ତି ତାଙ୍କ ତାଲିମ ଅବଧି ମଧ୍ୟରେ ଅତିକମରେ ଦୁଇଟି ନୂତନ ଗୃହ ଏବଂ ତିନୋଟି ଅସମ୍ପୂର୍ଣ୍ଣ

[15] ପିଆର୍ଆଣ୍ଡଡିବ୍ଲୁ ଅଧିନରେ ଓରମାସ ଏକ ପଞ୍ଜୀକୃତ ସଂସ୍ଥା ଏବଂ ବିଭିନ୍ନ ଯୋଜନା ଅଧିନରେ ବିଭିନ୍ନ ଦକ୍ଷତା ବିକାଶ ପାଠ୍ୟକ୍ରମରେ ତାଲିମ ପ୍ରଦାନ କରିବାକୁ ଅଧିକୃତ ।

ଗୃହର ନିର୍ମାଣ କାମ ସାରିବେ । ଏହି କ୍ରମରେ ତାଲିମ ପ୍ରଦାନ ପୂର୍ବରୁ ହିତାଧିକାରୀଙ୍କ ଘରକୁ ତାଲିମ ପାଇବାକୁ ଥିବା ବ୍ୟକ୍ତିଙ୍କ ସହିତ ମ୍ୟାପିଂ କରିବାର ଥିଲା ।

ନଥି ଅନୁଯାୟୀ 24 ଟି ଯାଞ୍ଚ କରାଯାଥିବା ବ୍ଲକରୁ ମାତ୍ର 15 ଟି ବ୍ଲକ 1730 ଜଣ ରାଜମିସ୍ତ୍ରୀଙ୍କୁ ପ୍ରଶିକ୍ଷଣ ବା ତାଲିମ ପ୍ରଦାନ କରିଥିଲେ । ଅଡିଟ୍ ପରିଲକ୍ଷିତ କରୁଥିଲା ଯେ 15 ଟି ବ୍ଲକରେ 920 ଜଣ ରାଜମିସ୍ତ୍ରୀ ତାଲିମ ପାଇଥିଲେ, ଲକ୍ଷ୍ୟଧାର୍ଯ୍ୟ ହୋଇଥିବା 4,600[16] ଘର ମଧ୍ୟରୁ ମାତ୍ର 896 ଟି ଘରକୁ ଯୋଡ଼ା ଯାଇଥିଲା । ଯାହାଫଳରେ 3,704 ଜଣ ହିତାଧିକାରଙ୍କ ପାଖରେ ଏହି ଯୋଜନାର ଲାଭ ପହଞ୍ଚିପାରି ନଥିଲା ।

(ii) ସନ୍ଦେହାତ୍ମକ ମଜୁରୀ କ୍ଷତିପୂରଣ ଦେୟ:

ଯାଞ୍ଚ କରାଯାଇଥିବା 24 ଟି ବ୍ଲକ ମଧ୍ୟରୁ 15[17] ଟି ବ୍ଲକରେ ଦେଖାଯାଇଥିଲା ଯେ 1,730 ଜଣ ରାଜମିସ୍ତ୍ରୀ ତାଲିମ୍ ପାଇଥିବା ଦର୍ଶାଯାଇଥିଲା ଏବଂ ସଂପୃକ୍ତ ବ୍ଲକ ଗୁଡ଼ିକ ତାଲିମପ୍ରାପ୍ତ ବ୍ୟକ୍ତିମାନଙ୍କୁ 1.33 କୋଟି ଟଙ୍କା ମଜୁରୀ କ୍ଷତିପୂରଣ ବାବଦକୁ ପ୍ରଦାନ କରିଥିଲେ । ଏଥିମଧ୍ୟରୁ ଆଠଟି[18] ବ୍ଲକ୍ ଯେଉଁଠାରେ 810 ଜଣ ମିସ୍ତ୍ରୀଙ୍କୁ ତାଲିମ ଦିଆଯାଇ 66.35 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ଜଣାଯାଇଥିଲା । ସେଠାରେ ଯୋଡ଼ା ଯାଇଥିବା ଘର ସଂଖ୍ୟା ତାଲିମ ମାଧ୍ୟମରେ ସମ୍ପୂର୍ଣ୍ଣ ହୋଇଥିବା ଘର ସଂଖ୍ୟା ଇତ୍ୟାଦିର କୌଣସି ବିସ୍ତୃତ ସୂଚନା ମିଳିପାରି ନଥିଲା । ଯାହାର ଅନୁପସ୍ଥିତିରେ ପ୍ରଦାନ କରାଯାଇଥିବା ରାଶିର ସତ୍ୟତାକୁ ଅଡିଟ୍ ପ୍ରମାଣିତ କରିପାରିନଥିଲା ।

ପୁନଶ୍ଚ, ଅବଶିଷ୍ଟ ସାତଟି ବ୍ଲକରେ[19] କରାଯାଇଥିବା ପ୍ରଶିକ୍ଷଣର ସତ୍ୟତା ଉପରେ ସନ୍ଦେହ ଜାତ ହୋଇଥିଲା ଏବଂ ନିମ୍ନ ପ୍ରକାରେ ଅନିୟମିତତା ପରିଲକ୍ଷିତ ହୋଇଥିଲା:

- ପାଞ୍ଚଟି ବ୍ଲକରେ[20], 69 ଟି ଗୃହ ମିସ୍ତ୍ରୀ ତାଲିମ ବେଳେ ଯୋଡ଼ା ଯାଇଥିଲା, ହେଲେ ସେ ଗୃହ ଗୁଡ଼ିକ ସମ୍ପୂର୍ଣ୍ଣ ହୋଇସାରିଥିଲା କିମ୍ବା ସମ୍ପୂର୍ଣ୍ଣ ହେବା ସମୟରେ ମିସ୍ତ୍ରୀଙ୍କ କାର୍ଯ୍ୟ ଆବଶ୍ୟକ କରୁଥିଲା । ଗୋଟିଏ [21] ମାମଲାରେ ଯଦିଓ ଘର କାର୍ଯ୍ୟ ଆରମ୍ଭ ହୋଇନଥିଲା (ଜାନୁଆରୀ 2022) ତଥାପି, ସେ ଗୃହକୁ ସେପ୍ଟେମ୍ବର 2020 ରୁ ଡିସେମ୍ବର 2020 ମଧ୍ୟରେ ମିସ୍ତ୍ରୀ ତାଲିମ ସହିତ ଯୋଡ଼ା ଯାଇଥିଲା ଏବଂ ମଜୁରୀ କ୍ଷତିପୂରଣ ମଧ୍ୟ ପ୍ରଦାନ କରାଯାଇଥିଲା ।
- ଯେତେବେଳେ 15 ଜଣ ପିଏମ୍ଏୱାଇ ହିତାଧିକାରୀ ନିଜେ ତାଲିମ ନେଉଥିଲେ ସେତେବେଳେ ସେମାନଙ୍କ ନିଜ ଘର ଗୁଡ଼ିକ ତିଆରି ଚାଲିଥିଲା ଏବଂ ସେମାନଙ୍କ ଘର ଗୁଡ଼ିକ ଅନ୍ୟ ମିସ୍ତ୍ରୀଙ୍କ ସହିତ ଯୋଡ଼ା ଯାଇଥିଲା, ଯାହାର ସବିଶେଷ ତଥ୍ୟ ***ପରିଶିଷ୍ଟ 2.4*** ରେ ଦର୍ଶାଯାଇଛି । ପୁନଶ୍ଚ, 15 ଜଣ ମଧ୍ୟରୁ ପାଞ୍ଚ ଜଣ ହିତାଧିକାରୀଙ୍କୁ ଏହି ସମୟ ମଧ୍ୟରେ ନିଜ ଘର ସହିତ ଯୋଡ଼ା ଯିବା ସହ ଅନ୍ୟ ହିତାଧିକାରଙ୍କ ସହିତ ଯୋଡ଼ା ଯାଇଥିଲା ।
- ପୁନଶ୍ଚ, 22 ଜଣ ହିତାଧିକାରୀ, ଯେଉଁମାନେ ନଥିପତ୍ର ଅନୁଯାୟୀ ପିଏମ୍ଏୱାଇ ଯୋଜନାର କାର୍ଯ୍ୟ କରୁଥିଲେ । ସେହି ଦିନ ଗୁଡ଼ିକରେ ସେମାନେ ଏମ୍ଜିଏନ୍ଆର୍ଇଜିଏସ୍ ଯୋଜନାରେ ମଧ୍ୟ କାର୍ଯ୍ୟ କରୁଥିବା ଦେଖାଯାଇଥିଲା ଯାହାର ତଥ୍ୟ ***ପରିଶିଷ୍ଟ 2.5*** ରେ ଦର୍ଶାଯାଇଛି । ଯାହାଫଳରେ, କେବଳ ନଥିପତ୍ର ଉପରେ ନୁହେଁ ବରଂ କୌଣସି ଏକ ଯୋଜନାରେ ପ୍ରକୃତ ଯୋଗଦାନ ଉପରେ ସନ୍ଦେହ ସୃଷ୍ଟି କରୁଥିଲା ।
- ମିଳିତ ସରଜମିନ୍ ତଦନ୍ତ ସମୟରେ ଅଡିଟ୍ ପରିଲକ୍ଷିତ କରିଥିଲା ଯେ, ମିସ୍ତ୍ରୀ ତାଲିକା ସହିତ ଯୋଡ଼ା ଯାଇଥିବା 54 ଜଣ ହିତାଧିକାରୀଙ୍କ ମଧ୍ୟରୁ 25 ଜଣ ହିତାଧିକାରୀ କହିଥିଲେ ଯେ, ତାଙ୍କ ଘରକୁ କୌଣସି ମିସ୍ତ୍ରୀଙ୍କ ସହିତ ଯୋଡ଼ାଯାଇ ନଥିଲା । 23 ଜଣ ହିତାଧିକାରୀ ଜାଣିନଥିଲେ ଯେ ତାଙ୍କ ଘର ମିସ୍ତ୍ରୀଙ୍କ ସହ ଯୋଡ଼ାଯାଇଛି । ମାତ୍ର ଛଅ ଜଣ ହିତାଧିକାରୀଙ୍କ ଘର ମିସ୍ତ୍ରୀଙ୍କ ସହ ଯୋଡ଼ାଯିବା ବିଷୟକୁ ସ୍ୱୀକାର କରିଥିଲେ ।

---

16 920 ତାଲିମଧାରୀ X 5 ଗୃହ

17 ଅତାବିରା, ଭଟଲି, ପଦମପୁର, ଲୋଇସିଂହା, ଟିଟିଲାଗଡ଼, କୋଷାଗୁମୁଡ଼ା, ଝୋରିଗାଁ, ଚନ୍ଦାହାଣ୍ଡି, ହିନ୍ଦୋଳ, ବଡ଼ସାହି, ବିଶୋଇ, ବିଜତଳା, ବିରମହାରାଜାପୁର, ଡୁଙ୍ଗୁରିପାଲି ଓ ସୋନପୁର

18 ଅତାବିରା, ଭଟଲି, ପଦମପୁର, ଲୋଇସିଂହା, ଟିଟିଲାଗଡ଼, କୋଷାଗୁମୁଡ଼ା, ଝୋରିଗାଁ ଏବଂ ଚନ୍ଦାହାଣ୍ଡି

19 ହିନ୍ଦୋଳ, ବଡ଼ସାହି, ବିଶୋଇ, ବିଜତଳା, ବିରମହାରାଜାପୁର, ଡୁଙ୍ଗୁରିପାଲି ଓ ସୋନପୁର

20 ବଡ଼ସାହି -11, ବିଶୋଇ -17, ବିଜତଳା -5, ଝୋରିଗାଁ -18 ଏବଂ ଚନ୍ଦାହାଣ୍ଡି -18

21 ବନମାଳୀ ନାୟକ (OR1349994), ଗ୍ରାମ- ବଡ଼ଜାମ୍ବିଳା, ଗ୍ରାମ ପଞ୍ଚାୟତ-ଅସନା, ବିଶୋଇ ବ୍ଲକ୍

ଉକ୍ତ ଦୃଷ୍ଟିରୁ ମିସ୍ତ୍ରୀ ତାଲିମ ପ୍ରଦାନ କରାଯିବା ଏବଂ ମଜୁରୀ କ୍ଷତିପୂରଣ ବାବଦକୁ 1.33 କୋଟି ଟଙ୍କା ପ୍ରଦାନ କରାଯିବାର ସତ୍ୟତା ଉପରେ ଅଡିଟ୍ କୌଣସି ନିସ୍କର୍ଷରେ ପହଞ୍ଚିବାରେ ଅସମର୍ଥ ହୋଇଥିଲା ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦର୍ଶାଇଥିଲେ (ଅକ୍ଟୋବର 2022) ଯେ, ଅଡିଟ୍ ଦ୍ୱାରା ଉଠାଯାଇଥିବା ଅନିୟମିତତାର ସବିଶେଷ ଅନୁଧାନ କରାଯିବ ଏବଂ ପରବର୍ତ୍ତୀ ସମୟରେ ଉତ୍ତର ପ୍ରଦାନ କରାଯିବ ।

2.1.5.11 ଭିନ୍ନକ୍ଷମଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 3.4.6 ଅନୁଯାୟୀ ଏହା ନିଶ୍ଚିତ ହେବା ଆବଶ୍ୟକ ଯେ ରାଜ୍ୟ ସ୍ତରରେ ଭୀନ୍ନକ୍ଷମଙ୍କ ମଧ୍ୟରୁ ତିନି ପ୍ରତିଶତ ଘର ପାଇବାକୁ ବିବେଚିତ ହେବା ଆବଶ୍ୟକ । ନିର୍ଦ୍ଦିଷ୍ଟ ମାନଦଣ୍ଡ ଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସଂରକ୍ଷଣକୁ ପିଏମ୍ଏୱାଇ-ଜି ଅଧିନରେ ଭାରତ ସରକାର 19 ଅପ୍ରେଲ 2017 ଠାରୁ ପାଞ୍ଚ ପ୍ରତିଶତକୁ ବୃଦ୍ଧି କରିଥିଲେ ।

ଓଡ଼ିଶା ସରକାରଙ୍କ ଭିନ୍ନକ୍ଷମ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ପିଆର୍ଆଣ୍ଡଡିଡବ୍ଲୁ ବିଭାଗକୁ ଜଣାଇଥିଲେ (ଡିସେମ୍ବର 2019) ଯେ ପିଏମ୍ଏୱାଇ-ଜି ଅଧିନରେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିବା ଗୃହ ଆବଶ୍ୟକ ପାଞ୍ଚ ପ୍ରତିଶତ ଠାରୁ ବହୁ ନିମ୍ନରେ ଥିଲା ଏବଂ ଓଡ଼ିଶାର ସମସ୍ତ ଜିଲ୍ଲାମାନଙ୍କରେ ପିଏମ୍ଏୱାଇ-ଜି ଅଧିନରେ ଦିଆଯାଉଥିବା ସମୁଦାୟ ଗୃହର ପାଞ୍ଚ ପ୍ରତିଶତକୁ ଧାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ ।

ଜନଗଣନା 2011 ର ତଥ୍ୟ ଅନୁଯାୟୀ ସମୁଦାୟ ଭିନ୍ନକ୍ଷମ ପରିବାର ସଂଖ୍ୟା ରାଜ୍ୟରେ 6.42 ଲକ୍ଷ ଥିଲା । ସେଥିମଧ୍ୟରୁ 0, 1 କିମ୍ବା 2 କୋଠରୀରେ ରହୁଥିବା 3.45 ଲକ୍ଷ ଭିନ୍ନକ୍ଷମ ବ୍ୟକ୍ତି ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଯୋଗ୍ୟ ।

ଆୱାସସଫ୍ଟ ତଥ୍ୟ ଅନୁଯାୟୀ, ଭିନ୍ନକ୍ଷମଙ୍କୁ ମଞ୍ଜୁର ଏବଂ ସମ୍ପୂର୍ଣ୍ଣ ହୋଇଥିବା ଘର ସ୍ଥିତି ନିମ୍ନ ସାରଣୀରେ ଦର୍ଶାଗଲା ।

ସାରଣୀ -2.2: ସମୁଦାୟ ମଞ୍ଜୁରୀରୁ ଭିନ୍ନକ୍ଷମଙ୍କୁ ମଞ୍ଜୁର ହୋଇଥିବା ଘର

ଆର୍ଥିକ ବର୍ଷ	ସମସ୍ତ ବର୍ଗ ପାଇଁ ସମୁଦାୟ ଅନୁମୋଦନ	ଭିନ୍ନକ୍ଷମଙ୍କୁ ଅନୁମୋଦନ	ସଂପୂର୍ଣ୍ଣ ଘର ସଂଖ୍ୟା	ଭିନ୍ନକ୍ଷମଙ୍କ ସଂପୂର୍ଣ୍ଣ ହୋଇଥିବା ଘର ସଂଖ୍ୟା	ଭିନ୍ନକ୍ଷମଙ୍କ ଅସମ୍ପୂର୍ଣ୍ଣ ଘର ସଂଖ୍ୟା
2016-17	3,96,078	684	3,74,027	659	25
2017-18	3,40,488	536	3,19,775	505	31
2018-19	2,55,951	337	2,36,755	302	35
2019-20	6,54,858	428	5,29,633	372	56
2020-21	1,90,302	148	1,18,965	77	71
ମୋଟ	**18,37,677**	**2,133**	**15,79,155**	**1,915**	**218**

(ଉତ୍ସ: ପିଆର୍ ଆଣ୍ଡ ଡିଡବ୍ଲୁ ବିଭାଗ ଦ୍ୱାରା ପ୍ରଦତ୍ତ ତଥ୍ୟ)

ଉପରୋକ୍ତ ତଥ୍ୟରୁ ଏହା ସ୍ପଷ୍ଟ ହେଉଛି ଯେ, ଅନୁମୋଦିତ ସମୁଦାୟ ଘରର ମାତ୍ର 0.12 ପ୍ରତିଶତ ଘର ଭିନ୍ନକ୍ଷମ ବର୍ଗ ପାଇଁ ମଞ୍ଜୁର କରାଯାଇଥିଲା ।

ପୁନଶ୍ଚ, ଅଡିଟ୍ ପରିଲକ୍ଷିତ କଲା ଯେ, ଏସ୍ଇସିସି ତଥ୍ୟ ଅନୁଯାୟୀ ରାଜ୍ୟରେ 3.45 ଲକ୍ଷ ଯୋଗ୍ୟ ଭିନ୍ନକ୍ଷମ ପରିବାର ଥିବା ସ୍ଥଳେ ଏହି ଯୋଜନାରେ ନିର୍ଦ୍ଧାରିତ ନିୟମାବଳୀ ପୂରଣ କରିବା ପାଇଁ 83,962[22] ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତା ଥିଲା । ଏହି ଭିନ୍ନକ୍ଷମ ପରିବାର ମଧ୍ୟରୁ ଆବଶ୍ୟକ ପ୍ରତିଶତ ହିତାଧିକାରୀଙ୍କୁ ଘର ଯୋଗାଇ ଦେବାକୁ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରିଥିବା କଥା ନଥିପତ୍ରରୁ ସୂଚୀତ ହେଉନଥିଲା ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦର୍ଶାଇଥିଲେ (ଅକ୍ଟୋବର 2022) ଯେ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ତାଲିକା ପୂରଣ ହୋଇସାରିଛି ଏବଂ ସମସ୍ତ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଭିନ୍ନକ୍ଷମ ତାଲିକାରୁ ଘର ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଘର ଯୋଗାଇ ଦିଆଯାଇଛି । ଉତ୍ତର ଗ୍ରହଣୀୟ ନଥିଲା କାରଣ ଯୁଗ୍ମ ସରଜମିନ ତଦନ୍ତ ସମୟରେ ଦେଖାଯାଇଥିଲା ଯେ ଚାରି ଜଣ

[22] 2016-17:ସମୁଦାୟ ଅନୁମୋଦନ 3,96,078 ରୁ ତିନି ପ୍ରତଶତ: 11,882; 2017-18: ସମୁଦାୟ ଅନୁମୋଦନ 3,40,488 ରୁ ପାଞ୍ଚ ପ୍ରତଶତ : 17,024; 2018-19: ସମୁଦାୟ ଅନୁମୋଦନ 2,55,951 ରୁ ପାଞ୍ଚ ପ୍ରତଶତ : 12,798; 2019-20: ସମୁଦାୟ ଅନୁମୋଦନ 6,54,858 ରୁ ପାଞ୍ଚ ପ୍ରତଶତ : 32,743 ଏବଂ 2020-21: ସମୁଦାୟ ଅନୁମୋଦନ 1,90,302 ରୁ ପାଞ୍ଚ ପ୍ରତଶତ: 9,515

ଭିନ୍ନକ୍ଷମ ବ୍ୟକ୍ତି କଚ୍ଚା ଗୃହରେ ବସବାସ କରୁଥିଲେ ଯେଉଁମାନେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିଲେ ଏବଂ ସେମାନଙ୍କ ନାମ ଭିନ୍ନକ୍ଷମ ତାଲିକାରେ ନଥିଲା ।

2.1.5.12 ଭୂମିହୀନ ହିତାଧିକାରୀଙ୍କୁ ଗୃହପୋଯୋଗୀ ସ୍ଥାନ ବ୍ୟବସ୍ଥା

ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 5.22 ଦର୍ଶାଏ ଯେ ଭୂମିହୀନଙ୍କ କ୍ଷେତ୍ରରେ ରାଜ୍ୟ ସୁନିଶ୍ଚିତ କରିବେ ଯେ ସେମାନଙ୍କୁ ସରକାରୀ ତଥା ବେସରକାରୀ ଜମି ଯୋଗାଇ ଦିଆଯାଇଛି । ପିଡବ୍ଲୁଏଲ୍ ଚୂଡ଼ାନ୍ତ ହେବା ପରେ, ଭୂମିହୀନ ପରିବାରକୁ ଜମି ଯୋଗାଇ ଦିଆଯିବା ବିଷୟ ରାଜ୍ୟ ନିଶ୍ଚିତ କରିବା ଆବଶ୍ୟକ । ଘର ନିର୍ମାଣ ପାଇଁ ଗୃହପୋଯୋଗୀ ଜମି ନଥିବା ପରିବାରଗୁଡ଼ିକ ହିଁ ଅନ୍ୟ ପରିବାର ଗୁଡ଼ିକ ମଧ୍ୟରେ ଜମି ପାଇବାକୁ ସବୁଠାରୁ ଯୋଗ୍ୟ ତେଣୁ ଓଡ଼ିଶା ସରକାର ସମସ୍ତ ଜିଲ୍ଲାପାଳ/ ପିଡି, ଡିଆର୍‌ଡିଏଙ୍କୁ ନିର୍ଦ୍ଦେଶ ଦେଇଥିଲେ (ଅଗଷ୍ଟ 2019) ଯେ ଭୂମିହୀନ ପରିବାରମାନେ ଯେଉଁଠାରେ ବାସଗୃହ ନିର୍ମାଣ କରି ରହିଛନ୍ତି ସେହି ସ୍ଥାନରେ ସେମାନଙ୍କୁ ଜମି ଯୋଗାଇ ଦେବା ବିଷୟକୁ ତଦାରଖ କରିବାକୁ ଏକ ସବ୍-ଡିଭିଜନାଲ ଗମିଟି ଗଠନ କରିବାକୁ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ସମସ୍ତ ଜିଲ୍ଲାକୁ ନିର୍ଦ୍ଦେଶ ଦେଇଥିଲେ (ଜୁଲାଇ 2018) । କମିଟି, ଚିହ୍ନିତ ଭୂମିହୀନ ପରିବାରର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିବାକୁ ଥିଲା । ଗ୍ରାମୀଣ ଗୃହ ଯୋଗାଣ ଯୋଜନାରେ ବଛାଯାଇଥିବା ଭୂମିହୀନ ହିତାଧିକାରୀଙ୍କୁ ଜମି ପ୍ରଦାନ ପାଇଁ ବେସରକାରୀ ଜମି କିଣିବା କ୍ଷେତ୍ରରେ ଜିଲ୍ଲା ରାଶି ପାଣ୍ଠିକୁ ବ୍ୟବହାର କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ (ଜାନୁଆରୀ 2018) ।

ଅଡିଟ୍ ପରିଲକ୍ଷିତ କରିଥିଲା ଯେ ମାର୍ଚ୍ଚ 2021 ସୁଦ୍ଧା ଅନୁମୋଦିତ ପିଡବ୍ଲୁଏଲ୍ ଅନୁଯାୟୀ ରାଜ୍ୟରେ 57,932 ଭୂମିହୀନ ହିତାଧିକାରୀ ଥିଲେ । ଅଗଷ୍ଟ, 2021 ସୁଦ୍ଧା ଏଥି ମଧ୍ୟରୁ 40,608 (70 ପ୍ରତିଶତ) ଭୂମିହୀନ ରହିଥିଲେ । ସେମାନଙ୍କୁ ଏକ ବାସଗୃହ ପ୍ରଦାନ କରାଯାଇପାରି ନଥିଲା । ଅଡିଟ୍ ଏହା ମଧ୍ୟ ଲକ୍ଷ୍ୟ କରିଥିଲା ଯେ ଚିହ୍ନଟ ହୋଇଥିବା ଭୂମିହୀନ ପରିବାରକୁ ବାସପୋଯୋଗୀ ଜମି ଯୋଗାଇ ଦେବାକୁ ଜିଲ୍ଲା ସ୍ତରୀୟ ସବ୍-ଡିଭିଜନାଲ ଜମିଟିଗୁଡ଼ିକ, ଯାଞ୍ଚ କରାଯାଇଥିବା କୌଣସିଟି ଜିଲ୍ଲାରେ, ଗଠନ କରାଯାଇ ନଥିଲା ।

ଅଡିଟ୍ ପୁନ) ପରିଲକ୍ଷିତ କରିଥିଲା ଯେ କୋଷାଗୁମୁଡ଼ା ବିଡିଓ 28 ଜଣ ଭୂମିହୀନଙ୍କୁ ଚିହ୍ନଟ କରିଥିଲେ ଏବଂ ପିଏମ୍‌ଏୱାଇ-ଜି ଅଧିନରେ ଗୃହ ନିର୍ମାଣ ପାଇଁ ଜମି ଯୋଗାଣକୁ ସୁନିଶ୍ଚିତ କରିବାକୁ ସଂପୃକ୍ତ କୋଡିଗାଁ ତହସିଲଦାରଙ୍କୁ ଅନୁରୋଧ କରିଥିଲେ (ଅଗଷ୍ଟ 2019) । ଏହି 28 ଜଣ ଭୂମିହୀନ ହିତାଧିକାରୀଙ୍କ ମଧ୍ୟରୁ ମାତ୍ର ସାତ ଜଣଙ୍କୁ ଗୃହ ଯୋଗାଇ ଦିଆଯାଇଥିଲା ବେଳେ ଅବଶିଷ୍ଟ 21 ଜଣ ହିତାଧିକାରୀଙ୍କ ନାମକୁ ବିନା କୌଣସି କାରଣ ଦର୍ଶାଇ ତାଲିକାରୁ ବାଦ୍ ଦିଆଯାଇଥିଲା ।

ଏହିପରି ଭାବରେ, ପିଏମ୍‌ଜିଏୱାଇ-ଜି ଅଧିନରେ ଭୂମିହୀନମାନଙ୍କୁ ଗୃହ ମଞ୍ଜୁର ପାଇଁ ଜମି ଯୋଗାଇ ଦେବାର ଉଦ୍ଦେଶ୍ୟ, ଯାଞ୍ଚ କରାଯାଇଥିବା ଜିଲ୍ଲା ଗୁଡ଼ିକରେ, ସାଧିତ ହୋଇପାରି ନଥିଲା ଏବଂ ସବୁଠାରୁ ଅସୁରକ୍ଷିତ ଓ ବଞ୍ଚିତ ନାଗରିକ ଭାବରେ ଏହି ବର୍ଗର ହିତାଧିକାରୀମାନେ ପିଏମ୍‌ଜିଏୱାଇ-ଜି ଯୋଜନାର ଅନ୍ତର୍ଭୁକ୍ତ ହୋଇପାରି ନଥିଲେ । ସତ୍ୟତାକୁ ସ୍ୱୀକାର କରି, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦର୍ଶାଇଥିଲେ (ଅକ୍ଟୋବର 2022) ଯେ ଭୂମିହୀନ ହିତାଧିକାରୀଙ୍କୁ ଗୃହ ଜମି ଯୋଗାଇ ଦେବାକୁ ରାଜ୍ୟର ଆର୍‌ଡିଏମ୍, ନିର୍ମାଣ, ଇସ୍ପାତ୍ ଓ ଖଣି, ଆଇନ୍, ଜଙ୍ଗଲ, ଏସ୍‌ଟି ଆଣ୍ଡ ଏସ୍‌ସି ବିଭାଗ ଗୁଡ଼ିକ ମଧ୍ୟରେ ସମନ୍ୱୟ ପ୍ରକ୍ରିୟା ଚାଲୁରହିଛି ।

2.1.5.13 ମହିଳା ସଦସ୍ୟା ଓ ଭିନ୍ନକ୍ଷମଙ୍କ ନାମରେ ଘର ମଞ୍ଜୁର

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 5.3.2 ରେ ଧାର୍ଯ୍ୟ କରାଯାଇଛି ଯେ ଘର ଆବଣ୍ଟନ ମିଳିତ ଭାବରେ ସ୍ୱାମୀ ଓ ସ୍ତ୍ରୀ ଙ୍କ ନାମରେ କିମ୍ବା କେବଳ ମହିଳାଙ୍କ ନାମରେ କରାଯିବ । ପୁନଶ୍ଚ, ଭିନ୍ନକ୍ଷମ ସଂରକ୍ଷଣ ତାଲିକାରୁ ଚିହ୍ନଟ କରାଯାଇଥିବା ହିତାଧିକାରଙ୍କ କ୍ଷେତ୍ରରେ ମଞ୍ଜୁର କେବଳ ଭିନ୍ନକ୍ଷମ ବ୍ୟକ୍ତିଙ୍କ ନାମରେ ହେବା ଆବଶ୍ୟକ ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଦେଇଥିବା ସୂଚନା ମୁତାବକ 2016-17 ଠାରୁ 2020-21 ଆର୍ଥିକ ବର୍ଷ ମଧ୍ୟରେ ମଞ୍ଜୁର ହୋଇଥିବା ସମୁଦାୟ 18.38 ଲକ୍ଷ ଘର ମଧ୍ୟରୁ 7.31 ଲକ୍ଷ ଘର ପୁରୁଷ ସଦସ୍ୟଙ୍କ ନାମରେ ମଞ୍ଜୁର କରାଯାଇଥିଲା ।

ପୁନଶ୍ଚ, ଏହି ସମୟ ମଧ୍ୟରେ 2,133 ଟି ଗୃହ ଭିନ୍ନକ୍ଷମ ସଂରକ୍ଷିତ ତାଲିକାରୁ ବଛାଯାଇଥିବା ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ଦର୍ଶାଯାଇଥିଲା ବେଳେ କେବଳ ଭିନ୍ନକ୍ଷମଙ୍କ ନାମରେ ମଞ୍ଜୁର କରାଯାଇଥିବା ଗୃହର ସଂଖ୍ୟା ବିଭାଗ ପାଖରେ ଉପଲବ୍ଧ ନଥିଲା ।

ପିଆର୍‌ଆଣ୍ଡଡିଡବ୍ଲୁ ବିଭାଗ ସତ୍ୟକୁ ସ୍ୱୀକାର କରି ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ ଏହି ବିଷୟରେ ସୂଚନା ପ୍ରଦାନ କରାଯାଇଛି ଏବଂ ଏହାକୁ ଅନୁସରଣ କରାଯିବ ।

ସୁପାରିଶ :

1. *ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରି ରାଜ୍ୟ ସରକାର ପିଡବ୍ଲୁଏଲ୍‌କୁ ଚୂଡ଼ାନ୍ତ କରିପାରନ୍ତି ।*
2. *ଅଟୋଜେନେରେଟେଡ୍ ପିଡବ୍ଲୁଏଲ୍ ଅନୁଯାୟୀ ଘରଗୁଡ଼ିକୁ ଅନୁମତି ଦେବାରେ ସ୍ୱଚ୍ଛତା ବିଷୟ ରଖିବାକୁ ବାଷିକ ଚୟନ ତାଲିକା ପ୍ରସ୍ତୁତ କରାଯାଇପାରେ ।*
3. *ରାଜମିସ୍ତ୍ରୀ ପ୍ରଶିକ୍ଷଣ ବାବଦରେ ସନ୍ଦେହାତ୍ମକ ଦେୟ ଉପରେ ବିସ୍ତୃତ ଭାବେ ଅନୁସନ୍ଧାନ କରାଯାଇପାରେ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇପାରେ ।*

2.1.6 ରାଜ୍ୟରେ ଏହି ଯୋଜନାର ଭୌତିକ ପ୍ରଗତି

ଯେହେତୁ 0.41 ଲକ୍ଷ ଘର ଠିକ୍ ସମୟରେ ସମାପ୍ତ ହୋଇପାରିଲା ନାହିଁ, 295 କୋଟି ଟଙ୍କାର ଏଡ଼ାଇବା ଯୋଗ୍ୟ ଆର୍ଥିକ ବୋଝ ଆହୁରି ମଧ୍ୟ, ଅସମ୍ପୂର୍ଣ୍ଣ ଘରଗୁଡ଼ିକ ଆଓ୍ୱାସସଫ୍‌ଟରେ ସମ୍ପର୍ଣ୍ଣ ହୋଇଥିବା ପରି ଦେଖାଯାଇଥିଲା, ବ୍ୟବସାୟିକ ଉଦ୍ଦେଶ୍ୟରେ ଘର ନିର୍ମାଣ କରାଯାଇଥିଲା ଏବଂ ବଡ଼ ଆକାରର ଘର ନିର୍ମାଣ ଲକ୍ଷ୍ୟ କରାଯାଇଥିଲା ।

2.1.6.1 ଲକ୍ଷ୍ୟ ଏବଂ ସଫଳତା

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 5.6.2 ପ୍ରଦାନ କରେ ଯେ ମଞ୍ଜୁରୀ ତାରିଖ ଠାରୁ 12 ମାସ ମଧ୍ୟରେ ଘର ନିର୍ମାଣ ଶେଷ ହେବାର ଥିଲା । ପିଏମ୍‌ଏଓ୍ୱାଇ-ଜି ଅଧିନରେ ଘର ନିର୍ମାଣର ଲକ୍ଷ୍ୟ ଏବଂ 31 ମାର୍ଚ୍ଚ 2021 ସୁଦ୍ଧା ସେଠାରେ ସଫଳତାର ସ୍ଥିତି ସାରଣୀ 2.3 ରେ ଦର୍ଶାଯାଇଛି ।

ସାରଣୀ 2.3: ଲକ୍ଷ୍ୟ ଏବଂ ସଫଳତା (ଲକ୍ଷରେ)

ଆର୍ଥିକ ବର୍ଷ	ନିର୍ମାଣ ପାଇଁ ଲକ୍ଷ୍ୟ	ଅନୁମୋଦିତ ସଂଖ୍ୟା	ସମ୍ପୂର୍ଣ୍ଣ ହୋଇଥିବା ସମୁଦାୟ ଘର ସଂଖ୍ୟା (ମାର୍ଚ୍ଚ 2021 ସୁଦ୍ଧା)	ସମାପ୍ତି ପ୍ରତିଶତ	ଅସମ୍ପୂର୍ଣ୍ଣ ଘର ସଂଖ୍ୟା (ମାର୍ଚ୍ଚ 2021 ସୁଦ୍ଧା)
1	2	3	4	5	6=(3-4)
2016-17	3.96	3.96	3.74	94	0.22
2017-18	3.40	3.41	3.20	94	0.21
2018-19	2.56	2.56	2.37	93	0.19
2019-20	6.91	6.55	5.30	81	1.25
2020-21	2.02	1.90	1.19	63	0.71
ମୋଟ	18.85	18.38	15.80	86	2.58

(ଉତ୍ସ: ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ପ୍ରଦତ୍ତ ତଥ୍ୟ)

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ 18.38 ଲକ୍ଷ ଘର ମଞ୍ଜୁର ମଧ୍ୟରୁ, ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ କେବଳ 15.80 ଲକ୍ଷ ଘର (86 ପ୍ରତିଶତ) ନିର୍ମାଣ ଶେଷ ହୋଇଥିଲା । ତଥାପି, ଘର ସମାପ୍ତ ହେବାର ପ୍ରତିଶତ ହ୍ରାସ ପାଇଛି, ଯାହା 2016-17 ଆର୍ଥିକ ବର୍ଷରେ 94 ପ୍ରତିଶତରୁ 2020-21 ଆର୍ଥିକ ବର୍ଷରେ 63 ପ୍ରତିଶତକୁ ହ୍ରାସ ପାଇଛି ଯାହା ଚାର୍ଟ ***2.1*** ରେ ଦର୍ଶାଯାଇଛି ।

ଚାର୍ଟ-2.1: ଲକ୍ଷ୍ୟ ଏବଂ ସଫଳତା



ପୁନଶ୍ଚ, 2019-20 ଏବଂ 2020-21 ଆର୍ଥିକ ବର୍ଷ ମଧ୍ୟରେ, ସ୍ଥାୟୀ ପ୍ରତୀକ୍ଷା ତାଲିକାରେ ପର୍ଯ୍ୟାପ୍ତ ସଂଖ୍ୟକ ଯୋଗ୍ୟ ହିତାଧିକାରୀଙ୍କ ଅଭାବରୁ ସମଗ୍ର ଆବଣ୍ଟିତ ଲକ୍ଷ୍ୟ ମଞ୍ଜୁର ହୋଇପାରିଲା ନାହିଁ । ଏହା ବ୍ୟତୀତ ସ୍ଥାୟୀ ପ୍ରତୀକ୍ଷା ତାଲିକାରେ ହରିଜନ/ ଆଦିବାସୀ ହିତାଧିକାରୀମାନେ ଶେଷ ହୋଇସାରିଥିଲେ, ତେଣୁ ଏସ୍‌ସି/ ଏସ୍‌ଟି ହିତାଧିକାରୀମାନଙ୍କ ପାଇଁ ସର୍ବନିମ୍ନ 60 ପ୍ରତିଶତ ମଞ୍ଜୁରୀ ପ୍ରଦାନ କରାଯାଇପାରିଲା ନାହିଁ ।

2.1.6.2 ଅସମ୍ପୂର୍ଣ୍ଣ ଘର

ଅଡିଟ୍ ଦେଖିଲା ଯେ, ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ, ଘର ନିର୍ମାଣ ପାଇଁ 18.38 ଲକ୍ଷ ମଞ୍ଜୁରୀ ପ୍ରଦାନ କରାଯାଇଥିଲା, ମାତ୍ର 31 ମାର୍ଚ୍ଚ 2021 ସୁଦ୍ଧା 2.58 ଲକ୍ଷ ଘର ଅସମ୍ପୂର୍ଣ୍ଣ ରହିଲା । ଏହି 2.58 ଲକ୍ଷ ଅସମ୍ପୂର୍ଣ୍ଣ ଘର ମଧ୍ୟରୁ 1.87 ଲକ୍ଷ ଘର ଏକ ବର୍ଷରୁ ଅଧିକ ସମୟ ଧରି ଅସମ୍ପୂର୍ଣ୍ଣ ରହିଥିଲା । ଅସମ୍ପୂର୍ଣ୍ଣ ଘରର ବର୍ଷ ଅନୁଯାୟୀ ବିବରଣୀ ଏବଂ ପରବର୍ତ୍ତୀ ସମୟରେ କିସ୍ତି ପ୍ରଦାନ ତାହା ସାରଣୀ 2.4 ରେ ପ୍ରଦାନ କରାଯାଇଛି ।

ସାରଣୀ 2.4: ଅସମ୍ପୂର୍ଣ୍ଣ ଘର

ଆର୍ଥିକ ବର୍ଷ	ଅସମ୍ପୂର୍ଣ୍ଣ ଘର	କିସ୍ତି ପ୍ରଦାନ ହୋଇନାହିଁ	ପ୍ରଥମ କିସ୍ତି ପୈଠ	ଦ୍ୱିତିୟ କିସ୍ତି ପୈଠ	ତୃତୀୟ କିସ୍ତି ପୈଠ
1	2	3	4	5	6
2016-17	22,051	97	9,695	7,627	4,632
2017-18	20,713	98	7,814	7,417	5,384
2018-19	19,196	108	6,954	7,414	4,720
2019-20	1,25,225	11,124	40,000	53,297	20,804
2020-21	71,337	12,456	20,279	33,473	5,129
ମୋଟ	**2,58,522**	**23,883**	**84,742**	**1,09,228**	**40,669**

(ଉତ୍ସ: ପିଆର୍ ଆଣ୍ଡ ଡିଡବ୍ଲୁ ବିଭାଗ ଦ୍ୱାରା ପ୍ରଦତ୍ତ ତଥ୍ୟ)

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ, (କ) 23,883 ମାମଲାରେ ହିତାଧିକାରୀଙ୍କୁ କୌଣସି କିସ୍ତି ସହାୟତା ପ୍ରଦାନ କରାଯାଇ ନାହିଁ । ଯଦିଓ, ଘର ନିର୍ମାଣ ପାଇଁ ପ୍ରତିବନ୍ଧକ ଜାରି କରାଯାଇଥିଲା, ବିଭାଗ ଦ୍ୱାରା ଦର୍ଶାଯାଇଥିବା ଅନୁଯାୟୀ ହିତାଧିକାରୀମାନେ ମୂଳଦୁଆ ଖୋଳି ନଥିବାରୁ ପ୍ରଥମ କିସ୍ତି ପ୍ରଦାନ କରାଯାଇ ନାହିଁ । ଆହୁରି ମଧ୍ୟ, 2.35 ଲକ୍ଷ ମାମଲାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ କିସ୍ତି ପ୍ରଦାନରେ ଘରଗୁଡ଼ିକ ସମ୍ପୂର୍ଣ୍ଣ ହୋଇନାହିଁ ।

(ii) ପୁନଶ୍ଚ, ଆୱାସସଫ୍ଟ ତଥ୍ୟ (ଅଗଷ୍ଟ 2021) ର ବିଶ୍ଳେଷଣରୁ ଜଣାପଡ଼ିଲା ଯେ ରାଜ୍ୟ ହାରାହାରି 14.04 ପ୍ରତିଶତ ଅସମ୍ପୂର୍ଣ୍ଣ ଘରର ତୁଳନାରେ ଓଡ଼ିଶାର ଜିଲ୍ଲାରେ ଅସମ୍ପୂର୍ଣ୍ଣ ଘରର ପ୍ରତିଶତ 0.66 ପ୍ରତିଶତ (ସମ୍ବଲପୁର) ରୁ

24.57 ପ୍ରତିଶତ (ବୌଦ୍ଧ) ପର୍ଯ୍ୟନ୍ତ ଭିନ୍ନ ଥିଲା, ଯାହାର ସବିଶେଷ ବିବରଣୀ ପରିଶିଷ୍ଟ 2.6 ରେ ଦର୍ଶାଯାଇଅଛି । ଆହୁରି ମଧ୍ୟ, ଅସମ୍ପୂର୍ଣ୍ଣ ଘରର ପ୍ରତିଶତ ନଅଟି ଜିଲ୍ଲା[23]ରେ ରାଜ୍ୟ ହାରାହାରି (14.07 ଅତିକ୍ରମ କରିଥିଲା ।

ଚାର୍ଟ 2.2: ଜିଲ୍ଲାୱାରୀ ଅସମ୍ପୂର୍ଣ୍ଣ ଘର ପ୍ରତିଶତ



ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ଚଳିତ ଆର୍ଥିକ ବର୍ଷରେ ସମସ୍ତ ଅସମ୍ପୂର୍ଣ୍ଣ ଘର ସମ୍ପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନିଆଯାଇଛି । ବିଭାଗୀୟ ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ବିଭାଗ, କ୍ଷେତ୍ର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଘର ମଞ୍ଜୁର ହେବାର ଏକ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିବା ସୁନିଶ୍ଚିତ କରିବାର ଥିଲା ।

2.1.6.3 ନିର୍ଦ୍ଧାରିତ ସମୟ ମଧ୍ୟରେ ଘର ମଞ୍ଜୁର ନକରିବା ଫଳରେ ରାଜ୍ୟ ସରକାରଙ୍କ ଉପରେ ଅତିରିକ୍ତ ବୋଝ

କାର୍ଯ୍ୟାନ୍ୱୟନ ରୂପରେଖ ନିର୍ଦ୍ଦେଶାବଳୀ ଅନୁଚ୍ଛେଦ 9.2.1 ରେ ଦର୍ଶାଯାଇଛି ଯେ, କେନ୍ଦ୍ର ଦ୍ୱାରା ଦିଆଯାଇଥିବା ରାଜ୍ୟର ଧାର୍ଯ୍ୟଲକ୍ଷ୍ୟ ତିନି ମାସ ମଧ୍ୟରେ ଘର ମଞ୍ଜୁର ପ୍ରଦାନ କରାଯିବ ଏବଂ ମଞ୍ଜୁରୀର 15 ଦିନ ମଧ୍ୟରେ ପ୍ରଥମ କିସ୍ତି ପ୍ରଦାନ କରାଯିବ ।

ଅଡିଟ୍ ସୂଚନା ପାଇଲା ଯେ, ରାଜ୍ୟଗୁଡ଼ିକ ଦ୍ୱାରା ଗୃହ ମଞ୍ଜୁରୀର ବିଳମ୍ବ ହେତୁ (ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଲକ୍ଷ୍ୟ ଅନୁଯାୟୀ) ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ରାଜ୍ୟଗୁଡ଼ିକୁ ଜୁନ୍ 2021 ରେ ଅନୁରୋଧ କରିଥିଲେ ଯେ ଆର୍ଥିକ ବର୍ଷ 2016-17 ରୁ 2020-21 ଯାହାକି 31 ଜୁଲାଇ 2021 ସୁଦ୍ଧା ମଞ୍ଜୁର ସମସ୍ତ ବିଚାରାଧିନ ଗୃହକୁ ସମ୍ପୂର୍ଣ୍ଣ କରିବେ । 31 ଜୁଲାଇ 2021 ପରେ ମଞ୍ଜୁରୀ ପାଇଁ ବିଚାରାଧିନ ଥିବା ଘର ଗୁଡ଼ିକ ସଂପୃକ୍ତ ରାଜ୍ୟ ଗୁଡ଼ିକର ଦାୟିତ୍ୱ ନେବେ ଏବଂ ରାଜ୍ୟ ସମ୍ବଳରୁ ଏହାକୁ ସମ୍ପୂର୍ଣ୍ଣ କରିବେ ଏବଂ ମନ୍ତ୍ରାଳୟ ଦ୍ୱାରା ଏହି ଗୃହ ସମ୍ପୂର୍ଣ୍ଣ କରିବା ପାଇଁ କୌଣସି କେନ୍ଦ୍ରୀୟ ଆର୍ଥିକ ସହାୟତା ପ୍ରଦାନ କରାଯିବ ନାହିଁ । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ରାଜ୍ୟଗୁଡ଼ିକର ହାସଲ ହୋଇନଥିବା ଧାର୍ଯ୍ୟ ଲକ୍ଷ୍ୟ ସମର୍ପଣ କରିବାକୁ କୁହାଯାଇଛି ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ 31 ଜୁଲାଇ 2021 ସୁଦ୍ଧା ଆର୍ଥିକ ବର୍ଷ 2016-17 ରୁ 2020-21 ଅବଧି ମଧ୍ୟରେ ପଞ୍ଜୀକରଣ ଏବଂ ମଞ୍ଜୁର ହୋଇଥିବା ଘରର ତଥ୍ୟ ପ୍ରଦାନ କରିପାରିଲେ ନାହିଁ ।

ପୁନଶ୍ଚ, ଅଡିଟ୍ ଉଲ୍ଲେଖ କରିଛି ଯେ, 18.85 ଲକ୍ଷ ଗୃହ ଲକ୍ଷ୍ୟ ପ୍ରାବଧରେ 2020-21 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବିଭାଗ କେବଳ 18.38 ଲକ୍ଷ ଘର (ମାର୍ଚ୍ଚ 2021) ମଞ୍ଜୁରୀ କରିପାରିବ ଯାହା 0.47 ଲକ୍ଷ ଘର ସନ୍ତୁଳନ ଛାଡ଼ିପାରିବ । ତେବେ ବିଭାଗର ଉତ୍ତର (ଅକ୍ଟୋବର 2022) ଅନୁଯାୟୀ, 0.41 ଲକ୍ଷ ହିତାଧିକାରୀଙ୍କୁ ଏପର୍ଯ୍ୟନ୍ତ ଘର ମଞ୍ଜୁର କରାଯାଇନଥିଲା । ତେଣୁ, ରାଜ୍ୟ ସରକାରଙ୍କୁ ଏହି 0.41 ଲକ୍ଷ ଘର ମୂଲ୍ୟ ବହନ କରିବାକୁ ପଡ଼ିବ ଯାହାଫଳରେ

[23] ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କଳାହାଣ୍ଡି, କେନ୍ଦ୍ରାପଡ଼ା, ମୟୁରଭଞ୍ଜ, ନୂଆପଡ଼ା ଏବଂ ସୋନପୁର

ରାଜ୍ୟକୁ 295[24]କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ପଡ଼ିଲା ଯାହାକୁ ଏଡ଼ାଯାଇ ପାରିଥାନ୍ତା, ଯଦି ନିର୍ଦ୍ଧାରିତ ଅବଧି ମଧ୍ୟରେ ଏହି ପ୍ରତିବନ୍ଧକ ଲଗାଯାଇଥାଆନ୍ତା ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ପିଡବ୍ଲୁଏଲ୍‌ରେ ଯୋଗ୍ୟ ଏଚ୍‌ଏଚ୍ ଉପଲବ୍ଧ ନଥିବାରୁ ଭୂମିହୀନ ଏଚ୍‌ଏଚ୍ ଏବଂ ଏଚ୍‌ଏଚ୍ ଜମି ବିବାଦ ଥିବାରୁ ଘର ଗୁଡ଼ିକୁ ମଞ୍ଜୁର କରାଯାଇପାରିଲା ନାହିଁ । ତଥାପି, ବାସ୍ତବତା ରହିଲା ଯେ ରାଜ୍ୟ ସରକାର କେନ୍ଦ୍ରୀୟ ଅଂଶ ହରାଇଲେ ଯାହାଫଳରେ ରାଜ୍ୟ ରାଜକୋଷ ପାଇଁ ଅତିରିକ୍ତ ବୋଝ ପଡ଼ିଲା ।

2.1.6.4 ଆଇନଗତ ଉତ୍ତରାଧିକାରୀଙ୍କ ବିନା ମୃତ୍ୟୁ ବରଣ କରିଥିବା ହିତାଧିକାରୀଙ୍କ ଅସମ୍ପୂର୍ଣ୍ଣ ଘର

ଏମ୍‌ଓଆର୍‌ଡି ପିଏମ୍‌ଏୱାଇ-ଜିର ମୃତ ହିତାଧିକାରୀଙ୍କ ସହ କାରବାର ପାଇଁ ଗ୍ରହଣ କରାଯିବାକୁ ଥିବା ବିସ୍ତୃତ ପ୍ରକ୍ରିୟା ଜାରି କରାଯାଇଅଛି (ଫେବୃଆରୀ 2020)। ଯେଉଁମାନଙ୍କର ଆଇନଗତ ଉତ୍ତରାଧିକାରୀ ନାହାନ୍ତି ଯଥା - ଅବ୍ୟବହୃତ ସହାୟତା, ପୁନରୁଦ୍ଧାର, ଗାଆଁରେ ଭୂମିହୀନ ହିତାଧିକାରଙ୍କୁ ମୃତ ବ୍ୟକ୍ତିଙ୍କ ଜମି ଆବଣ୍ଟନ ଇତ୍ୟାଦି ।

ଅଡିଟ୍ ଲକ୍ଷ୍ୟ କରିଛି ଯେ, ନବରଙ୍ଗପୁର ଓ ସମ୍ବଲପୁର ଜିଲ୍ଲାରେ 95 ଟି ଅସମ୍ପୂର୍ଣ୍ଣ ଘର ଥିଲା, ଯାହା ବିରୁଦ୍ଧରେ ରାଜ୍ୟ ଦ୍ୱାରା ହିତାଧିକାରଙ୍କୁ 44.80 ଲକ୍ଷ ଟଙ୍କା ଦେୟ ପ୍ରଦାନ କରାଯାଇଅଛି । ଅଡିଟ୍ ଉଲ୍ଲେଖ କରିଛି ଯେ, ଏହି ଅସମ୍ପୂର୍ଣ୍ଣ ଘରର ହିତାଧିକାରୀମାନେ କୌଣସି ଆଇନଗତ ଉତ୍ତରାଧିକାରୀ ନଛାଡ଼ି ସମସ୍ତ ସମାପ୍ତ କରିଛନ୍ତି ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ରାଜସ୍ୱ ଆଇନର ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ, ଏହି ମାମଲା ଗୁଡ଼ିକର ମୁକାବିଲା ପାଇଁ ଜିଲ୍ଲା ଗୁଡ଼ିକୁ (ମାର୍ଚ୍ଚ 2022) ନିର୍ଦ୍ଦେଶ ଦିଆଯାଇଛି ।

2.1.6.5 ଘରଗୁଡ଼ିକର ଭୌତିକ ଯାଞ୍ଚ

ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁସାରେ ଆର୍ଥିକ ବର୍ଷ 2016-21 ଅବଧିରେ 18.38 ଲକ୍ଷ ଘର ମଞ୍ଜୁରୀ ହୋଇଥିଲା, 15.80 ଲକ୍ଷ ଘର ସମ୍ପୂର୍ଣ୍ଣ ହୋଇଥିଲା ଏବଂ 2.58 ଲକ୍ଷ ଘର ଅସମ୍ପୂର୍ଣ୍ଣ ରହିଥିଲା । ନମୁନା ଯାଞ୍ଚ ଜିଲ୍ଲାଗୁଡ଼ିକରୁ ଦେଖାଗଲା ଯେ 7.31 ଲକ୍ଷ ଘର ମଞ୍ଜୁରୀ ମଧ୍ୟରୁ, 6.27 ଲକ୍ଷ ଘର ସଂପୂର୍ଣ୍ଣ ହୋଇଛି ଓ ଅବଶିଷ୍ଟ 1.04 ଲକ୍ଷ ଘର ଅସମ୍ପୂର୍ଣ୍ଣ ଥିବାର ଦେଖାଗଲା । ଆଠଟି ନମୁନା ଯାଞ୍ଚ ଜିଲ୍ଲାରେ, ଆୱାସଫ୍ଟରେ ସମ୍ପୂର୍ଣ୍ଣ ହୋଇଥିବା 647 ଟି ଘରର ମିଳିତ ଭୌତିକ ଯାଞ୍ଚ (ଜେପିଆଇ) କରାଯାଇଥିଲା ଏବଂ ନିମ୍ନଲିଖିତ ଲକ୍ଷ୍ୟ କରାଯାଇଥିଲା:

- ହିତାଧିକାରୀଙ୍କ ଦ୍ୱାରା 370 (57 *ପ୍ରତିଶତ*) ଘର ବ୍ୟବହାର କରାଯାଉଥିଲା ।
- ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ 3.31 କୋଟି ଟଙ୍କା ପ୍ରଦାନ ସହିତ ଆୱାସଫ୍ଟରେ 277 (43 ପତିଶତ) ଘର ଯାହା ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଥିଲା, ପ୍ରକୃତରେ ସମ୍ପୂର୍ଣ୍ଣ ହୋଇନଥିଲା ଯେପରି ନିମ୍ନରେ ଫଟୋଗ୍ରାଫ ଗୁଡ଼ିକ ଦର୍ଶାଯାଇଛି ।

ଫଟୋଗ୍ରାଫ୍-2.4 ଏବଂ 2.5: ଆୱାସଫ୍ଟରେ ଅସମ୍ପୂର୍ଣ୍ଣ ଘର ଗୁଡ଼ିକ ସମ୍ପୂର୍ଣ୍ଣ ହୋଇଛି



ପାଟି ଜାନିର, ଆଇଡି ସଂଖ୍ୟା ଓଆର୍ 4666180 ଅସମ୍ପୂର୍ଣ୍ଣ ଘର (ଛାତ ଢାଙ୍କିଂ ବିନା) ଚଳଲାପଦର ଜିପି, ଝରିଗାଁ ପିଏସ୍, ନବରଙ୍ଗପୁର ଜିଲ୍ଲାର ଆୱାସ ସଫ୍ଟରେ ସମ୍ପୂର୍ଣ୍ଣ ହେବା ଦର୍ଶାଇ ପୂର୍ଣ୍ଣ ସହାୟତା ରାଶି 1.30 ଲକ୍ଷ ଟଙ୍କା ପ୍ରଦାନ



ଅସମ୍ପୂର୍ଣ୍ଣ ଘର (ଛାତ ଢାଙ୍କିଂ ବିନା) ନିନିମଣୀ ହରିଜନ, ଆଇଡି ସଂଖ୍ୟା ଓଆର୍ *4703427 କୋଷାଗୁମୁଡ଼ା ଜିପି/ ବ୍ଲକ୍, ନବରଙ୍ଗପୁର ଜିଲ୍ଲା ଆୱାସ ସଫ୍ଟରେ ଘର ସମ୍ପୂର୍ଣ୍ଣ ଦର୍ଶାଇ ପୂର୍ଣ୍ଣ ସହାୟତା ରାଶି 1.30 ଲକ୍ଷ ଟଙ୍କା ପ୍ରଦାନ*

[24] ଘରଗୁଡ଼ିକ 40,968 X କେନ୍ଦ୍ରୀୟ ଅଂଶ ଘର ପ୍ରତି ସର୍ବନିମ୍ନ 72,000 ଟଙ୍କା

- ସାତ ଜଣ ହିତାଧିକାରୀ ଘର ନିର୍ମାଣ କରିବା ପରିବର୍ତ୍ତେ ଦୋକାନ ଘର ନିର୍ମାଣ କରିଥିଲେ, ଏହିପରି ଏକ ମାମଲାର ଫଟୋଗ୍ରାଫ୍ ନିମ୍ନରେ ସଂଲଗ୍ନ ହୋଇଛି ।

ଫଟୋଗ୍ରାଫ୍ -2.6: ପିଏମ୍ଏୱାଇ-ଜି ଘର ଦୋକାନ ଘର ଭାବେ ବ୍ୟବହୃତ



ହରେକୃଷ୍ଣ ପ୍ରଧାନ (ଆଇଡି ନମ୍ବର 1210182) ମାନଗୋବିନ୍ଦପୁର ଜିପି, ବଡ଼ସାହି ବ୍ଲକ୍ ନିର୍ମିତ ଦୋକାନଘର ଦୁଇଟି କୋଠରୀ ସହିତ.

ପୁନଶ୍ଚ, ଅଡିଟ୍ ଅସମ୍ପୂର୍ଣ୍ଣ ଘରର ମିଳିତ ଭୌତିକ ଯାଞ୍ଚ କରିଥିଲା ଏବଂ ଜାଣିବାକୁ ପାଇଲା ଯେ 143 ଟି ଘର (**ପରିଶିଷ୍ଟ 2.7**) ରେ ବିବରଣୀ ବୃହତ ପ୍ଲିନ୍ଥ ଅଞ୍ଚଳ ସହିତ ନିର୍ମାଣ କରାଯାଇଥିଲା ଯାହା 28 ରୁ 149 ବର୍ଗ କିଲୋମିଟର ପର୍ଯ୍ୟନ୍ତ ଥିଲା ଏବଂ ଏହିପରି ଅସମ୍ପୂର୍ଣ୍ଣ ରହିଲା ।

ଆୱାସ ସଫ୍ଟରେ ରକ୍ଷଣାବେକ୍ଷଣ କରାଯାଇଥିବା ପ୍ରକଳ୍ପ ଏବଂ ତଥ୍ୟର ଭୌତିକ ପ୍ରଗତି ଉପରେ ନଜର ରଖିବାରେ ଉପରୋକ୍ତ ଅଭାବ ତଥ୍ୟ, ଅଖଣ୍ଡତା ଏବଂ ବିଶ୍ୱସନୀୟତାର ଅଭାବ ଦେଖାଏ ।

ମିଳିତ ଭୌତିକ ଯାଞ୍ଚକୁ ଆଧାର କରି ନିମ୍ନଲିଖିତ ଅନିୟମିତତାଗୁଡ଼ିକ ଉଲ୍ଲେଖ କରାଗଲା-

- 53 ଟି କ୍ଷେତ୍ରରେ 50,000 କିମ୍ବା ତାଠାରୁ ଅଧିକ କ୍ରେଡିଟ୍ ସୀମା ସହିତ ପୂର୍ବରୁ ପକ୍କା ଘର ଦୁଇ/ ତିନି ଚକିଆ ଯାନ ଏବଂ କିଷାନ କ୍ରେଡିଟ୍ କାର୍ଡ ଥିବା ହିତାଧିକାରୀଙ୍କୁ ଘର ମଞ୍ଜୁର କରାଯାଇଥିଲା । ଏହି ହିତାଧିକାରୀମାନଙ୍କୁ 62.05 ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା । ଏହା ହୋଇଥିବାର କାରଣ ପିଡବ୍ଲ୍ୟୁଏଲର ଚୂଡ଼ାନ୍ତକରଣ ପାଇଁ ଆବଶ୍ୟକ ପ୍ରକ୍ରିୟା ଗ୍ରାମ ସଭା ଦ୍ୱାରା ଅନୁସରଣ କରାଯାଇନଥିଲା ।
- 103 ଟି ମାମଲାରେ 46 ବର୍ଗ ମିଟରରୁ ଆରମ୍ଭ କରି ବୃହତ ଅଞ୍ଚଳରେ ଘର ନିର୍ମାଣ କରାଯାଇଥିଲା । 167 ବର୍ଗ ମିଟର ପର୍ଯ୍ୟନ୍ତ 30.00 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯାଇଥିଲା, ଯେପରି ନିମ୍ନ ଫଟୋରେ ଦର୍ଶାଯାଇଛି ତାହା ସୂଚିତ କରୁଅଛି ଯେ, ଅଯୋଗ୍ୟ ହିତାଧିକାରୀ ଯେଉଁମାନେ ନିଜ ଘର ନିର୍ମାଣ କରିବାରେ ସକ୍ଷମ ଥିଲେ, ସେମାନଙ୍କୁ ପିଏମ୍ଏୱାଇ-ଜି ଅଧିନରେ ଘର ମଞ୍ଜୁର କରାଯାଇଛି । ଏହି ହିତାଧିକାରୀମାନଙ୍କୁ 1.30 କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା ।

ଫଟୋଗ୍ରାଫ୍ -2.7 ଏବଂ 2.8: ବୃହତ ପ୍ଲିନ୍ଥ ଅଞ୍ଚଳରେ ନିର୍ମିତ ଉଚ୍ଚ ମୂଲ୍ୟର ପିଏମ୍ଏୱାଇ-ଜି ଘର





ସୋମନାଥ ପୂଜାରୀଙ୍କ ପିଏମ୍ଏୱାଇ-ଜି ଘର, ହିତାଧିକାରୀ ଆଇଡି ସଂଖ୍ୟା ଓଆର୍ 4705700 ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ଗ୍ରାମ ପଞ୍ଚାୟତ/ ବ୍ଲକର ଛଅଟି କୋଠରୀ ସହିତ ସମାପ୍ତ ହୋଇଛି

ବିଡିଓ ବ୍ୟକ୍ତ କଲେ (ଅକ୍ଟୋବର 2021 ରୁ ଜାନୁଆରୀ 2022) ଯେ, (i) ଅସମ୍ପୂର୍ଣ୍ଣ ଗୃହ ଗୁଡ଼ିକର କାର୍ଯ୍ୟ ଶେଷ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଅଡିଟ୍ ଦ୍ୱାରା ଦର୍ଶାଯାଇଥିବା ଅନ୍ୟାନ୍ୟ ତ୍ରୁଟିର ସମୀକ୍ଷା କରାଯିବ। (ii) ଅଡିଟ୍ ଦ୍ୱାରା ଦର୍ଶାଯାଇଥିବା ଅନ୍ୟାନ୍ୟ ତ୍ରୁଟିର ସମୀକ୍ଷା କରାଯିବ । ଉତ୍ତର ଗ୍ରହଣୀୟ ନଥିଲା କାରଣ କ୍ଷେତ୍ର କାର୍ଯ୍ୟକର୍ତ୍ତାମାନେ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ ଲୋକ ଏବଂ ଅନ୍ୟ ଅଯୋଗ୍ୟ ହିତାଧିକାରୀଙ୍କ ପାଇଁ ଘର ମଞ୍ଜୁରୀ ଉପରେ ପ୍ରତିବନ୍ଧକ ଲଗାଇବାକୁ ନିଶ୍ଚିତ କରିନାହାଁନ୍ତି ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ଆବାସିକ ଉଦ୍ଦେଶ୍ୟରେ ଘର ବ୍ୟବହାର କରିବାକୁ ହିତାଧିକାରୀଙ୍କୁ ସମ୍ବେଦନଶୀଳ କରାଯାଇଛି ଏବଂ ଏହା ମଧ୍ୟ ଦର୍ଶାଯାଇଛି ଯେ, ଅଡିଟ୍ ଦ୍ୱାରା ଦର୍ଶାଯାଇଥିବା ହିତାଧିକାରୀ ଚୟନରେ ଅନିୟମିତତା ବିସ୍ତୃତ ଭାବେ ଅନୁସନ୍ଧାନ କରାଯିବ ।

2.1.6.6 ପିଏମ୍‌ଏୱାଇ-ଜିର ଅଫିସିଆଲ୍ ଲୋଗୋ ପ୍ରଦର୍ଶନ

ଏମ୍‌ଓଆର୍‌ଡି ନିର୍ଦ୍ଦେଶିତ (ଜୁଲାଇ 2017) ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, ଓଡ଼ିଶା ଯେ ପିଏମ୍‌ଏୱାଇ-ଜିର ଲୋଗୋ ସମସ୍ତ ସମ୍ପୂର୍ଣ୍ଣ ହୋଇଥିବା ଘରେ ପ୍ରଦର୍ଶିତ ହେବ । ପିଏମ୍‌ଏୱାଇ-ଜି ଅଫିସିଆଲ୍ ଲୋଗୋ ମଧ୍ୟ ପିଏମ୍‌ଏୱାଇ-ଜିର ୱେବ୍ ସାଇଟ୍‌ରେ ଅପ୍ ଲୋଡ୍ କରାଯାଇଥିଲା ।

ଏହା ଲକ୍ଷ୍ୟ କରାଯାଇଥିଲା ଯେ, ରାଜ୍ୟ ସରକାର ସମସ୍ତ ପିଏମ୍‌ଏୱାଇ-ଜି ଘରେ ପିଏମ୍‌ଏୱାଇ-ଜି ଏବଂ ବିପିଜିୱାଇର ଲୋଗୋ ଲଗାଇବାକୁ ଜିଲ୍ଲାପାଳମାନଙ୍କୁ ଡିସେମ୍ବର 2020 ଏବଂ ଜାନୁଆରୀ 2021 ରେ ନିର୍ଦ୍ଦେଶ ଦେଇଥିଲେ । ଯେହେତୁ ଏମ୍‌ଓଆର୍‌ଡି (ଫେବୃଆରୀ 2021) ଏହିପରି ସହ-ବ୍ରାଣ୍ଡିଂ ଉପରେ ଆପତ୍ତି ଉଠାଇଥିଲେ । ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ (ମାର୍ଚ୍ଚ 2021) ସ୍ପଷ୍ଟ କରିଥିଲେ ଯେ ପିଏମ୍‌ଏୱାଇ-ଜି ଗୃହରେ ଏହାର ଆର୍ଥିକ ଅବଦାନକୁ ଦୃଷ୍ଟିରେ ରଖି ସହ-ବ୍ରାଣ୍ଡ କରିବାକୁ ନିଷ୍ପତ୍ତି ନେଇଛି । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଗ୍ରହଣ କରିନଥିଲେ (ମାର୍ଚ୍ଚ 2021) । ସ୍ପଷ୍ଟୀକରଣରେ ଦର୍ଶାଇଥିଲେ ଯେ ସର୍ବନିମ୍ନ ରାଜ୍ୟ ଅଂଶର ଅବଦାନ କେନ୍ଦ୍ର ପ୍ରାୟୋଜିତ ଯୋଜନାର କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ପ୍ରତିବଦ୍ଧତା ଏବଂ ଏହା ପିଏମ୍‌ଏୱାଇ-ଜି ଲୋଗୋ ବ୍ୟତୀତ ଅନ୍ୟ କୌଣସି ଲୋଗୋ ବ୍ୟବହାର ପାଇଁ ରାଜ୍ୟ ସରକାରଙ୍କୁ ଅଧିକାର ପ୍ରଦାନ କରାଯାଇନାହିଁ । ମିଳିତ ଭୌତିକ ଯାଞ୍ଚ ସମୟରେ ଅଡିଟ୍ ଜାଣିବାକୁ ପାଇଲା ଯେ, 194 ପିଏମ୍‌ଏୱାଇ-ଜି ଘରେ ଏମ୍‌ଓଆର୍‌ଡି ନିର୍ଦ୍ଦେଶ ସତ୍ତ୍ୱେ, ସହ-ବ୍ରାଣ୍ଡଡ୍ ଲୋଗୋ ଲଗାଯାଇଛି, ଯାହାର ଫଟୋଗ୍ରାଫ୍ ନିମ୍ନରେ ଦର୍ଶାଯାଇଛି ।

ଫଟୋଚିତ୍ର -2.9 ଏବଂ 2.10: ପିଏମ୍‌ଏୱାଇ-ଜି ଘରରେ ବିପିଜିୱାଇ ଲୋଗୋ ଲଗାଯାଇଛି



*ପିଏମ୍‌ଏୱାଇ-ଜି ଘର ସନ୍ତୋଷ ବିଶ୍ୱାଳ ଆଇଡି ନମ୍ବର ଓଆର୍ **4160960** ରାଜା ଗ୍ରାମ, ପୁଇଁତଳା ବ୍ଲକ, ବଲାଙ୍ଗୀର ଜିଲ୍ଲା*



*ପିଏମ୍‌ଏୱାଇ-ଜି ଘର ହରିବୋଲ ମାଥାରୀ ଆଇଡି ନମ୍ବର ଓଆର୍**4095104** ବାବଜା ଗ୍ରାମ ବଣିପାଲି ଗ୍ରାମ ପଞ୍ଚାୟତ ଅଧିନ ଲୋଇସିଂହା ବ୍ଲକ, ବଲାଙ୍ଗୀର ଜିଲ୍ଲା*

ପୁନଶ୍ଚ, 18 ଟି ଘରେ ପିଏମ୍‌ଏୱାଇ-ଜି ଯୋଜନା ଅଧିନରେ ନିର୍ମିତ ଘରର କାନ୍ଥରେ ବିଜୁ ପକ୍କା ଘର ଯୋଜନା ଲୋଗୋ ଲଗାଯାଇଥିଲା । ଏହିପରି ଉଦାହରଣ ଗୁଡ଼ିକ ବିପଦର ସୂଚକ ଥିଲା ଯେ କେବଳ ଗୋଟିଏ ଘର ନିର୍ମାଣ ହେବା ସତ୍ତ୍ୱେ, ଉଭୟ ଯୋଜନା ଅଧିନରେ ପାଣ୍ଠି ବ୍ୟବହାର କରାଯାଇଥିବା ରିପୋର୍ଟ କରାଯାଇଥିଲା, ଯାହା ଦ୍ୱାରା ଗୋଟିଏ କିମ୍ବା ଉଭୟ ଯୋଜନା ଅଧିନରେ ପାଣ୍ଠିର ଅପବ୍ୟବହାର/ ବିଭ୍ରାଟ ହେବାର ସମ୍ଭାବନା ସୃଷ୍ଟି ହୋଇଥିଲା ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ପିଏମ୍‌ଏୱାଇ-ଜି ଘରର କାନ୍ଥରେ ପିଏମ୍‌ଏୱାଇ-ଜି ଲୋଗୋକୁ ଉପଯୁକ୍ତ ପ୍ରାଧାନ୍ୟ ଦିଆଯାଇଛି । ଉତ୍ତରଟି ଗ୍ରହଣୀୟ ନଥିଲା କାରଣ କେବଳ ପିଏମ୍‌ଏୱାଇ-ଜି ଲୋଗୋ ପିଏମ୍‌ଏୱାଇ-ଜି ଗୃହରେ ଲଗାଯିବ ।

ସୁପାରିଶ:

4. ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଗୃହଗୁଡ଼ିକ ମଞ୍ଜୁର କରାଯିବା କଥା ।

5. ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମଜୁରୀର ଅନିୟମିତ ଦେୟ ଅନ୍ୟ ହିତାଧିକାରୀଙ୍କ ନାମରେ ଘର ମଞ୍ଜୁରୀ ଉପରେ ବିସ୍ତୃତ ଅନୁସନ୍ଧାନ କରାଯାଇପାରେ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇପାରେ ।

2.1.7 ଅନ୍ୟ ଯୋଜନା ଗୁଡ଼ିକ ସହିତ ସମନ୍ୱୟ

ଅନ୍ୟ ପ୍ରାସଙ୍ଗିକ ଯୋଜନାରୁ ପାଣ୍ଠି ଏକତ୍ରିତ କରିବାରେ ବିଫଳତା ହେତୁ ହିତାଧିକାରୀମାନେ ପାନୀୟ ଜଳ, ଶୌଚାଳୟ, ବିଦ୍ୟୁତ୍ ଇତ୍ୟାଦି ମୌଳିକ ସେବାରୁ ବଞ୍ଚିତ ହୋଇଥିଲେ । ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହିତ ସମନ୍ୱୟରେ ମଜୁରୀ ଦେୟର ଅଯୌକ୍ତିକ ବ୍ୟବସ୍ଥା ମଧ୍ୟ ଥିଲା କାରଣ ପ୍ରଥମ କିସ୍ତି ମୁକ୍ତ ହେବା ପୂର୍ବରୁ ପୂର୍ଣ୍ଣ ମଜୁରୀ ଉପାଦାନ ପ୍ରଦାନ କରାଯାଇଥିଲା କିମ୍ବା ଛାତ ସ୍ତର ପର୍ଯ୍ୟନ୍ତ ଘର ସମାପ୍ତ ହେବା ପରେ ମଧ୍ୟ ମଜୁରୀ ପ୍ରଦାନ କରାଯାଇନଥିଲା ।

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 8.1 ଏବଂ 8.3 ରେ ଦର୍ଶାଯାଇଛି ଯେ ମୌଳିକ ସୁବିଧା ପ୍ରଦାନ କରିବା ପାଇଁ ପିଏମ୍‌ଏୱାଇ-ଜି ଅଧିନରେ ଗୃହ ନିର୍ମାଣ ପାଇଁ ପ୍ରଦାନ କରାଯାଉଥିବା ସହାୟତା ବ୍ୟତୀତ ଉଭୟ କେନ୍ଦ୍ର ଏବଂ ରାଜ୍ୟର ବିଦ୍ୟମାନ ଯୋଜନାଗୁଡ଼ିକର ସମନ୍ୱୟ ସୁନିଶ୍ଚିତ କରାଯିବା ଉଚିତ୍ । ଏହିପରି ସୁବିଧାଗୁଡ଼ିକ ମଧ୍ୟରେ ଶୌଚାଳୟ ନିର୍ମାଣ, ମନେରେଗା ଅଧିନରେ 90/95 ବ୍ୟକ୍ତି-ଦିନର ସମର୍ଥନ, ପାନୀୟ ଜଳ, ବିଦ୍ୟୁତ୍ ସଂଯୋଗ ଏବଂ ସ୍ୱଚ୍ଛ ଏବଂ ଅଧିକ ଦକ୍ଷ, ରନ୍ଧନ ଇନ୍ଧନ ଅନ୍ତର୍ଭୁକ୍ତ ହୋଇପାରେ । ଆହୁରି ମଧ୍ୟ ସମନ୍ୱୟ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ଏବଂ ଜିଲ୍ଲା ସ୍ତରୀୟ କମିଟି ଗୁଡ଼ିକ ପର୍ଯ୍ୟାୟକ୍ରମେ ତଦାରଖ ଏବଂ ସେମାନଙ୍କର ସମୀକ୍ଷା ପାଇଁ ବୈଠକ କରିବା ଆବଶ୍ୟକ ।

ଶୌଚାଳୟ, ପାନୀୟ ଜଳ ଏବଂ ବିଦ୍ୟୁତ୍, ଏଲ୍‌ପିଜି ସଂଯୋଗ ବ୍ୟତୀତ ଅନ୍ୟ ଯୋଜନା ସହିତ ସଂଯୋଜନା କରିବା ପାଇଁ ବିଭାଗ ପାଖରେ କୌଣସି ସୂଚନା ନଥିଲା । ଅଡିଟ୍ ଆଠଟି ଜିଲ୍ଲାର 24 ବ୍ଲକର 72 ଟି ଗ୍ରାମ ପଞ୍ଚାୟତର 647 ଟି ଜେପିଆଇ (ଯୁଗ୍ମ ଭୌତିକ ନିରୀକ୍ଷଣ) ସଂପୂର୍ଣ୍ଣ ଘରର କରାଯାଇଥିଲା ଏବଂ ନିମ୍ନ ସାରଣୀ 2.5 ରେ ଦର୍ଶାଯାଇଥିବା ସମନ୍ୱୟ ତଥ୍ୟ ଦର୍ଶାଗଲା ।

ସାରଣୀ 2.5: ଆଠଟି ଭୌତିକ ମିଳିତ ଯାଞ୍ଚ ଜିଲ୍ଲାଗୁଡ଼ିକର ସମନ୍ୱୟର ତଥ୍ୟ

ଜିଲ୍ଲା	*ଜିପି ସଂଖ୍ୟା*	*ସର୍ଭେ ହୋଇଥିବା ଘର ସଂଖ୍ୟା*	*ଶୌଚାଳୟ ସହିତ ଏଚ୍‌ଏଚ୍*	*ସୁରକ୍ଷିତ ପାନୀୟ ଜଳ ସୁବିଧା*	*ବିଦ୍ୟୁତ୍ ସଂଯୋଗ*	*ଏଲ୍‌ପିଜି ସଂଯୋଗ*	*ରାସ୍ତା ସଂଯୋଗୀକରଣ*
ବରଗଡ଼	9	94	37	54	78	44	93
ବଲାଙ୍ଗିର	9	84	37	33	46	41	68
ଢେଙ୍କାନାଳ	9	80	34	71	37	38	79
ଗଞ୍ଜାମ	9	98	48	98	74	58	98
ମୟୁରଭଞ୍ଜ	9	72	38	65	33	33	71
ନବରଙ୍ଗପୁର	9	72	21	68	42	25	70
ପୁରୀ	9	75	49	69	71	65	75
ସୋନପୁର	9	72	36	67	67	52	71
ସର୍ବମୋଟ	**72**	**647**	**300**	**525**	**448**	**356**	**625**

(ଉତ୍ସ: ଜିପିଗୁଡ଼ିକରେ ଜେପିଆଇ ହୋଇଥିବା ଜିପିର ନମୁନା ଯାଞ୍ଚ ତଥ୍ୟ)

ତେଣୁ,: (i) 347 ଘରେ କୌଣସି ଶୌଚାଳୟ ନଥିଲା (ii) 122 ଟି ଘରେ ପାନୀୟ ଜଳ ସୁବିଧା ନଥିଲା (iii) 199 ଘରେ କୌଣସି ବିଦ୍ୟୁତ୍ ସଂଯୋଗ ନଥିଲା (iv) 291 ଘରେ କୌଣସି ଏଲ୍‌ପିଜି ବ୍ୟବସ୍ଥା ନଥିଲା ଏବଂ (v) 22 ଟି ଘର କୌଣସି ଆପ୍ରୋଚ୍ ରୋଡ୍ ନଥିଲା, ଯେପରି ନିମ୍ନ ***ଚାର୍ଟ 2.3*** ରେ ଦର୍ଶାଯାଇଛି ।

ଚାର୍ଟ 2.3: 647 ସମ୍ପୂର୍ଣ୍ଣ ଗୃହରେ ସମନ୍ୱୟର ଅଭାବ



ଉପରୋକ୍ତ ତଥ୍ୟଗୁଡ଼ିକ ପିଏମ୍‌ଏୱାଇ-ଜି ହିତାଧିକାରୀଙ୍କୁ ମୌଳିକ ସୁବିଧାର ବ୍ୟବସ୍ଥାରେ ଅନ୍ୟ ଯୋଜନା ସହିତ ସମନ୍ୱୟର ଅନୁପସ୍ଥିତିକୁ ସୂଚିତ କରେ ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଉତ୍ତରରେ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ସଂପୃକ୍ତ ବିଭାଗ ସହିତ ଜଡ଼ିତ ଅନ୍ୟାନ୍ୟ ଯୋଜନ ସହିତ ପିଏମ୍‌ଏୱାଇ-ଜିର ସମନ୍ୱୟ ପଇଁ ପଦକ୍ଷେପ ନିଆଯାଇଛି ।

ତଥାପି, ବାସ୍ତବତା ରହିଲା ଯେ ଆବଶ୍ୟକ 10 ଟି ସଭା ପରିବର୍ତ୍ତେ କେବଳ ଗୋଟିଏ ରାଜ୍ୟସ୍ତରୀୟ କମିଟି ବୈଠକ (ଜୁନ୍ 2018) ଅନୁଷ୍ଠିତ ହୋଇଥିଲା ଏବଂ ଜିଲ୍ଲା ସ୍ତରରେ, ସମନ୍ୱୟ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ କୌଣସି ବୈଠକ ଅନୁଷ୍ଠିତ ହୋଇନଥିଲା, ଯାହା ଦ୍ୱାରା ହିତାଧିକାରୀମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯାଇପାରଲା ନାହିଁ ।

2.1.7.1 ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ବ୍ୟକ୍ତି ଦିବସର ଅଣକୁଶଳୀ ଶ୍ରମ

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 8.1(b) ସର୍ତ୍ତ ରଖିଛି ଯେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହିତ ସମନ୍ୱୟ ରକ୍ଷା କରି ଘର ନିର୍ମାଣ ପାଇଁ ବର୍ତ୍ତମାନ ହାରରେ, ପିଏମ୍‌ଏୱାଇ-ଜି ହିତାଧିକାରୀଙ୍କୁ 90[25] ବ୍ୟକ୍ତି-ଦିବସ ଅଣକୁଶଳୀ ମଜୁରୀ ନିଯୁକ୍ତିର ସହାୟତା ପ୍ରଦାନ କରିବା ବାଧତାମୂଳକ ଅଟେ । ଦୁଇଟି ଏମ୍‌ଆଇଏସ୍ ମଧ୍ୟରେ ସର୍ଭର ଏକୀକରଣକୁ ସର୍ଭର, ଉଦାହରଣ ସ୍ୱରୂପ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପିଏମ୍‌ଏୱାଇ-ଜିର ଆୱାସ ସଫ୍ଟ ଏବଂ ଏନ୍‌ଆର୍‌ଇଜିଏ ସଫ୍ଟ ବିକଶିତ କରାଯାଇଛି । ଏହା ସୁନିଶ୍ଚିତ କରିବା ପାଇଁ ଘର ନିର୍ମାଣ କାର୍ଯ୍ୟ ଥରେ ଆୱାସସଫ୍ଟରେ ମଞ୍ଜୁରୀ ଜାରି ହେବା ପରେ, ସ୍ୱତଃସୃତ ଭାବେ ଏନ୍‌ଆର୍‌ଇଜିଏ ସଫ୍ଟରେ ସୃଷ୍ଟି ହେବ ।

ପିଏମ୍‌ଏୱାଇ-ଜି ହିତାଧିକାରୀଙ୍କୁ ମଜୁରୀ ନିଯୁକ୍ତି ସହାୟତା ପ୍ରଦାନ କରିବାରେ ନିମ୍ନଲିଖିତ ଅଭାବ ଏବଂ ଅନିୟମିତତାକୁ ଅଡିଟ୍ ଲକ୍ଷ୍ୟ କରିଥିଲେ:

(i) ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ, ମୋଟ 18.38 ଲକ୍ଷ ଘର ମଧ୍ୟରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ କେବଳ 18.22 ଲକ୍ଷ ହିତାଧିକାରୀଙ୍କୁ କାର୍ଯ୍ୟ ଆବଣ୍ଟନ[26] କରାଯାଇଥିଲା ।

(ii) 18.22 ଲକ୍ଷ ହିତାଧିକାରୀଙ୍କ ବିରୁଦ୍ଧରେ, ଯେଉଁମାନଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ କାର୍ଯ୍ୟ ଆବଣ୍ଟନ କରାଯାଇଥିଲା, ପ୍ରକୃତ କାର୍ଯ୍ୟ କେବଳ 18.13 ଲକ୍ଷ ହିତାଧିକାରୀଙ୍କୁ ପ୍ରଦାନ[27] କରାଯାଇଥିଲା ।

[25] ପାହାଡ଼ିଆ ରାଜ୍ୟ, କଠିନ ଅଞ୍ଚଳ ଏବଂ ଆଇଏପି ଜିଲ୍ଲାରେ ଦିନକୁ 95 ଜଣ ବ୍ୟକ୍ତି

[26] ହିତାଧିକାରୀଙ୍କୁ ଏକ ନିର୍ଦ୍ଦିଷ୍ଟ ଘରେ କାମ କରିବାକୁ ଅନୁମତି ଦିଆଯାଇଛି ।

[27] ହିତାଧିକାରୀ ପ୍ରକୃତରେ ଘରେ କାମ କରିଥିଲେ ।

(iii) ଆହୁରି ମଧ୍ୟ, ଯେଉଁମାନଙ୍କୁ କାର୍ଯ୍ୟ ପ୍ରଦାନ କରାଯାଇଥିଲା ସେମାନଙ୍କ ମଧ୍ୟରୁ 2,449.57 କୋଟି ଟଙ୍କାର ମଜୁରୀ ସହାୟତା କେବଳ 13.36 କୋଟି ବ୍ୟକ୍ତିଗତ ଦିବସ ପାଇଁ ପ୍ରଦାନ କରାଯାଇଥିଲା, ଯେତେବେଳେ 1.15 ଲକ୍ଷ ହିତାଧିକାରୀଙ୍କ ସମ୍ବନ୍ଧରେ 31 ମାର୍ଚ୍ଚ 2021 ସୁଦ୍ଧା, ମଜୁରୀ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ ।

(iv) 90 ଦିନର ବ୍ୟବସ୍ଥା ବୁରୁଦ୍ଧରେ, ହାରାହାରୀ 78.63 ବ୍ୟକ୍ତି-ଦିବସ[28] ପିଏମ୍‌ଏୱାଇ-ଜି ହିତାଧିକାରୀଙ୍କୁ ଏକ ଘର ନିର୍ମାଣ ପାଇଁ ପ୍ରଦାନ କରାଯାଇଥିଲା, ଯାହାଫଳରେ ହିତାଧିକାରୀଙ୍କ ପାଇଁ ହାରାହାରି 11.37 ବ୍ୟକ୍ତି-ଦିବସର ଅଭାବ ହୋଇଥିଲା ।

(v) ଆଠଟି ନମୁନା ଯାଞ୍ଚ ହୋଇଥିବା ଜିଲ୍ଲାରେ, ବ୍ୟକ୍ତି-ଦିବସର ଅଭାବ (***ପରିଶିଷ୍ଟ 2.8***) 07 to 23 ପର୍ଯ୍ୟନ୍ତ ଥିଲା ।

ତେଣୁ, ହିତାଧିକାରୀଙ୍କ ପିଛା 90 ଟି ବ୍ୟକ୍ତିଗତ-ଦିବସର ବ୍ୟବସ୍ଥାକୁ ବିଚାରକୁ ନେଇ ହିତାଧିକାରୀମାନେ 193.07 ଲକ୍ଷ[29] ଅତିରିକ୍ତ ବ୍ୟକ୍ତି-ଦିବସ ପର୍ଯ୍ୟନ୍ତ ଜୀବିକା ଅର୍ଜନ କରିବାର ସୁଯୋଗରୁ ବଞ୍ଚିତ ହୋଇଥିଲେ ।

ଏହି ସତ୍ୟତାକୁ ସ୍ୱୀକାର କରି ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ ଏନ୍‌ଆର୍‌ଇଜିଏସ୍ ସଫ୍ଟରେ ବୈଷୟିକ କାରଣ ହେତୁ 28 ଦିନରୁ ଅଧିକ ସମୟ ଧରି ମଷ୍ଟର ରୋଲ ସୃଷ୍ଟି ହୋଇପାରିନାହିଁ । ଏହି ସମସ୍ୟାର ସମାଧାନ ପରେ, ବିଡିଓମାନଙ୍କୁ ଏନ୍‌ଆର୍‌ଇଜିଏର ବ୍ୟବସ୍ଥା ପାଳନ କରୁଥିବା ପିଏମ୍‌ଏୱାଇ-ଜି ହିତାଧିକାରୀଙ୍କ ପାଇଁ ମଷ୍ଟର ରୋଲ୍ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

2.1.7.2 ବ୍ୟକ୍ତି-ଦିବସର ଅଯୌକ୍ତିକ ବ୍ୟବସ୍ଥା

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ଅନୁଯାୟୀ (ମଇ 2017) ହିତାଧିକାରୀଙ୍କୁ ଟ୍ୟାଗ୍ ହୋଇଥିବା ଅଧିକାରୀ ହିତାଧିକାରୀଙ୍କ ଠାରୁ ଚାହିଦା ସଂଗ୍ରହ କରିବେ ଏବଂ ମଜୁରୀ ସହାୟତା ପ୍ରଦାନ ପାଇଁ ଇ-ମଷ୍ଟର ରୋଲ୍ ତିଆରି କରିବା ପାଇଁ ଏହାକୁ ବିଡିଓଙ୍କ ପାଖରେ ଦାଖଲ କରିବେ ।

ଫଟୋଗ୍ରାଫ୍ -2.11 ଏବଂ 2.12 ପିଏମ୍‌ଏୱାଇ-ଜି ଅନିୟମିତ ମଜୁରୀ ପ୍ରଦାନ ସହିତ



ଫରମାନ୍ ମାଝି, ରାଇଛରି ଜିପି, ବିଜଚଳା ବ୍ଲକ୍, ମୟୁରଭଞ୍ଜ ଜିଲ୍ଲା ଛାତ ସ୍ତର ପର୍ଯ୍ୟନ୍ତ ସମାପ୍ତ ହେବା ସତ୍ତ୍ୱେ, କୌଣସି ମଜୁରୀ ସହାୟତା ପ୍ରଦାନ କରାଯାଇନଥିଲା ।



ଲୁହାଗିଲା ଜିପିର ଟୁନା ବାଘି, ବିଜଚଳା ବ୍ଲକ୍, ମୟୁରଭଞ୍ଜ ଜିଲ୍ଲାରେ 76 ଜଣ ବ୍ୟକ୍ତି ଦିନ ପାଇଁ ଦେୟ ଦିଆଯାଇଥିଲା, ଯଦିଓ ଘରଟି ପ୍ଲିନ୍ଥ ସ୍ତର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଥିଲା ।

ଅଡିଟ୍ ଉଲ୍ଲେଖ କରିଛନ୍ତି ଯେ, ନିର୍ମାଣର ପର୍ଯ୍ୟାୟ ଉପରେ ଆଧାର କରି ହିତାଧିକାରୀଙ୍କୁ ବ୍ୟକ୍ତି-ଦିବସ ଆବଣ୍ଟନ କରିବାରେ କୌଣସି ସମାନତା ଏବଂ ଯୁକ୍ତିଯୁକ୍ତତା ନାହିଁ । 864 ଟି ପରୀକ୍ଷା ଯାଞ୍ଚ ମାମଲାରେ ଅଡିଟ୍ ଜାଣିବାକୁ ପାଇଲା ଯେ ଛାତ ସ୍ତର ପର୍ଯ୍ୟନ୍ତ ଘର ସମାପ୍ତ ହେବା ସତ୍ତ୍ୱେ, 59[30] ହିତାଧିକାରୀଙ୍କୁ କୌଣସି ମଜୁରୀ ସହାୟତା ପ୍ରଦାନ କରାଯାଇନାହିଁ । ଯେତେବେଳେ ଅନ୍ୟ 59[31] ହିତାଧିକାରୀଙ୍କୁ 70 ବ୍ୟକ୍ତି-ଦିବସଙ୍କୁ ଦୈନିକ ଅଧିକ ମଜୁରୀ ପ୍ରଦାନ

[28] 13,35,52,644 ବ୍ୟକ୍ତି ଦିବସ / 16,98,444 ହିତାଧିକାରୀ= 78.63

[29] ମାନ ଅନୁଯାୟୀ ଯୋଗାଇବାକୁ ଥିବା ବ୍ୟକ୍ତି ଦିବସ ସଂଖ୍ୟା, 15,28,59,960 ପ୍ରକୃତରେ ଯୋଗାଯାଇଥିବା ବ୍ୟକ୍ତି ଦିବସ ସଂଖ୍ୟା କମ୍, 13,35,52,644

[30] ବରଗଡ଼ ବ୍ୟତୀତ ସମସ୍ତ ନମୁନା ଯାଞ୍ଚ ହୋଇଥିବା ଜିଲ୍ଲା

[31] ବଲାଙ୍ଗୀର ବ୍ୟତୀତ ସମସ୍ତ ନମୁନା ଯାଞ୍ଚ ହୋଇଥିବା ଜିଲ୍ଲା

କରାଯାଇଥିଲା, ଯଦିଓ ସେମାନେ କେବଳ ପ୍ଲିନ୍ଥ ସ୍ତର/ ଲିଣ୍ଟେଲ୍ ସ୍ତର ପର୍ଯ୍ୟନ୍ତ ନିର୍ମାଣ ସମାପ୍ତ କରିଥିଲେ, ଯାହା ଫଟୋଗ୍ରାଫରେ ଦର୍ଶାଯାଇଛି:

ଅଡିଟ୍ ଆହୁରି ମଧ୍ୟ ଲକ୍ଷ୍ୟ କରିଛନ୍ତି ଯେ, ତିନୋଟି[32] କ୍ଷେତ୍ରରେ ହିତାଧିକାରୀମାନଙ୍କୁ 72 ରୁ 90 ଜଣ ବ୍ୟକ୍ତି ଦିବସ ପାଇଁ ମଜୁରୀ ପ୍ରଦାନ କରାଯାଇଥିଲା, ଯଦିଓ ପିଏମ୍ଏୱାଇ-ଜି ଅଧିନରେ ପ୍ରଥମ କିସ୍ତି ସେମାନଙ୍କୁ ପ୍ରଦାନ କରାଯାଇନଥିଲା ।

ବିଡିଓମାନେ ଜଣାଇଥିଲେ (ଅକ୍ଟୋବର 2021 ରୁ ଜାନୁଆରୀ 2022) ଯେ, ପିଇଓ ଏବଂ ଜିଆର୍ଏସ୍ଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରାଯିବ ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ଘର ନିର୍ମାଣର ପର୍ଯ୍ୟାୟ ଏବଂ ମଜୁରୀ ନିଯୁକ୍ତି ଦେୟ ମଧ୍ୟରେ କୌଣସି ସମ୍ପର୍କ ନାହିଁ । ତେବେ ଛାତ ସ୍ତର ପର୍ଯ୍ୟନ୍ତ ଘର ଶେଷ ହେବା ସତ୍ତ୍ୱେ, ହିତାଧିକାରୀଙ୍କୁ ମଜୁରୀ ସହାୟତା ପ୍ରଦାନ ନକରିବା ସମ୍ପର୍କରେ ଉତ୍ତରରେ ଚୁପ୍ ରହିଥିଲେ ।

ଫଟୋଗ୍ରାଫ୍ - 2.13 ଏବଂ 2.14 ପିଏମ୍ଏୱାଇ-ଜି ଅନିୟମିତ ମଜୁରୀ ପ୍ରଦାନ ସହିତ



ନରେନ୍ଦ୍ର ମହାକୁଡ଼, ଗ୍ରାମ ମାହୁଭଣ୍ଡାର, ଜିପି-ଚାଉଟିଦେଢ଼ା, ବ୍ଲକ୍-ଚିଖୋଇ, ଜିଲ୍ଲା- ମୟୁରଭଞ୍ଜକୁ ଛାତ ସ୍ତର ପର୍ଯ୍ୟନ୍ତ ସମାପ୍ତ ହେବା ସତ୍ତ୍ୱେ, କୌଣସି ମଜୁରୀ ସହାୟତା ଦିଆଯାଇନଥିଲା ।



ଠାକୁର ଦାସ, ଥୁଲୁଜଟାଣୀ, ଜିପି-ଚାଉଟିଦେଢ଼ା, ବ୍ଲକ୍-ଚିଖୋଇ, ଜିଲ୍ଲା- ମୟୁରଭଞ୍ଜକୁ କେବଳ ପ୍ଲିନ୍ଥ ସ୍ତର ପର୍ଯ୍ୟନ୍ତ ସମାପ୍ତ ହେବା ସତ୍ତ୍ୱେ, 95 (ପୂର୍ଣ୍ଣ) ମଜୁରୀ ସ୍ତର ସହାୟତା ପ୍ରଦାନ କରାଯାଇଥିଲା ।

2.1.7.3 ନଥିପତ୍ର ରକ୍ଷଣାବେକ୍ଷଣରେ ଅନିୟମିତତା

ଅଡିଟ୍ ଦ୍ୱାରା ନମୁନା ଯାଞ୍ଚ ହୋଇଥିବା ବ୍ଲକରେ ପିଏମ୍ଏୱାଇ-ଜି ହିତାଧିକାରୀଙ୍କ 1,440 ନଥିପତ୍ର ଅଡିଟ୍ ନମୁନା ଯାଞ୍ଚ କରି ନିମ୍ନଲିଖିତ ଅନିୟମିତତା ପାଇଥିଲେ:

(i) ଯୋଗ୍ୟ ହିତାଧିକାରୀମାନଙ୍କ ତାଲିକାରେ ଅନୁପସ୍ଥିତି/ ଅଧିପ୍ରମାଣ ବିନା ତଦନ୍ତ ରିପୋର୍ଟ

ପିଏମ୍ଏୱାଇ-ଜି ଘର ମଞ୍ଜୁର ହେବା ପୂର୍ବରୁ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପରିପତ୍ର (ଜୁନ୍ 2016) ଅନୁଯାୟୀ ସଂପୃକ୍ତ ହିତାଧିକାରଙ୍କ ଯୋଗ୍ୟତା ତଦନ୍ତ ରିପୋର୍ଟ ମାଧ୍ୟମରେ ଜଣାପଡ଼ିବ । ଅଡିଟ୍ ଜାଣିବାକୁ ପାଇଲା ଯେ, 145 ଟି ମାମଲାରେ, ସେପରି କୌଣସି ରିପୋର୍ଟ ଉପଲବ୍ଧ ନାହିଁ ଏବଂ ଅନ୍ୟ 57 ଟି ମାମଲାରେ ତଦନ୍ତ ରିପୋର୍ଟ ଯଦିଓ ଉପଲବ୍ଧ ତଦନ୍ତ ଅଧିକାରଙ୍କ ଦ୍ୱାରା ପ୍ରାମାଣିକ ହୋଇନାହିଁ । ତଦନ୍ତ ରିପୋର୍ଟର ଅନୁପସ୍ଥିତି ସଚ୍ଚତାର ଅଭାବକୁ ସୂଚିତ କରେ । ଫଳସ୍ୱରୂପ, ଅଯୋଗ୍ୟ ହିତାଧିକାରୀଙ୍କୁ ଘର ଆବଣ୍ଟନ କରାଯାଇଥିଲା ।

(ii) ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅଧିପ୍ରମାଣ ବିନା କାର୍ଯ୍ୟାଦେଶ ଜାରି କରାଯିବା

484 ମାମଲାରେ, 1,440 ଟି ମାମଲା ମଧ୍ୟରୁ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । (କ) ସଂପୃକ୍ତ ବିଡିଓ ଏବଂ (ଖ) ଏଥିରେ ରେକର୍ଡ ହୋଇଥିବା ସଂଖ୍ୟା ଏବଂ ତାରିଖର ଦସ୍ତଖତ ବିନା ।

ଉତ୍ତରରେ ବିଭାଗ ଉଲ୍ଲେଖ କଲେ (ଅକ୍ଟୋବର 2022) ଯେ ଭବିଷ୍ୟତର ମାର୍ଗଦର୍ଶନ ପାଇଁ ଅଡିଟର ପର୍ଯ୍ୟବେକ୍ଷଣ କରାଯିବ ।

[32] ସିଆଣ୍ଡି ଗ୍ରାମ ପଞ୍ଚାୟତ, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି, ପୁରୀ ଜିଲ୍ଲା: 72 ବ୍ୟକ୍ତି ଦିବସ; ମେଲଛମୁଣ୍ଡା ଗ୍ରାମ ପଞ୍ଚାୟତ, ପଦମପୁର ପଞ୍ଚାୟତ ସମିତି, ବରଗଡ଼ ଜିଲ୍ଲା: 80 ବ୍ୟକ୍ତି ଦିବସ; ଖରମୁଣ୍ଡା ଗ୍ରାମ ପଞ୍ଚାୟତ, ଅତାବିରା ପଞ୍ଚାୟତ ସମିତି, ବରଗଡ଼ ଜିଲ୍ଲା:90 ବ୍ୟକ୍ତି ଦିବସ

ସୁପାରିଶ:

6. ହିତାଧିକାରୀଙ୍କ ମୌଳିକ ଆବଶ୍ୟକତା ଯୋଗାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଜନା ସହିତ ସମନ୍ୱୟ ଗ୍ରହଣ କରାଯାଇପାରେ ।

7. କାର୍ଯ୍ୟର ପ୍ରକୃତ ପ୍ରଗତି ଆଧାରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ରୁ ମଜୁରୀ କ୍ଷତିପୂରଣ ଦିଆଯାଇପାରେ ।

2.1.8 ଆର୍ଥିକ ପରିଚାଳନା

4,146 ଟି ମାମଲାରେ 1576 ଦିନ ପର୍ଯ୍ୟନ୍ତ ପ୍ରଥମ କିସ୍ତି ପ୍ରଦାନ କରିବାରେ ବିଳମ୍ବ ହୋଇଥିଲା । ପ୍ରଶାସନିକ ଖର୍ଚ୍ଚର ଆବେଦନରେ 18.10 କୋଟି ଟଙ୍କା ଅନିୟମିତ ଭାବରେ ଅନ୍ୟ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା ।

ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 10.2 (b ରୁ d) ମନନ କରାଯାଇଅଛି ଯେ, ରାଜ୍ୟ ଗୁଡ଼ିକୁ ବାର୍ଷିକ କେନ୍ଦ୍ରୀୟ ଆବଣ୍ଟନ (ଘର ନିର୍ମାଣ ପାଇଁ ସହାୟତା) ଦୁଇଟି କିସ୍ତିରେ ପ୍ରଦାନ କରାଯିବ । ରାଜ୍ୟକୁ ଏକତ୍ରୀକୃତ ପାଣ୍ଠି ପ୍ରଦାନ କରିବା ପାଇଁ କେନ୍ଦ୍ରୀୟ ବଜେଟରେ କରାଯାଇଥିବା ବ୍ୟବସ୍ଥା ଅନୁଯାୟୀ ମନ୍ତ୍ରାଳୟକୁ ପ୍ରଥମେ ରାଜ୍ୟର ସମନ୍ୱିତ ପାଣ୍ଠିକୁ ପାଣ୍ଠି ପ୍ରଦାନ କରିବାକୁ ପଡ଼ିବ । ପିଏମ୍‌ଏୱାଇ-ଜି ପାଣ୍ଠିରେ ପ୍ରାପ୍ତ ବିବିଧ ରସିଦ୍ ଏବଂ ସୁଧକୁ ଯୋଜନା ସମ୍ବଳର ଏକ ଅଂଶ ଭାବରେ ବିବେଚନା କରାଯିବ ।

ଅନୁଚ୍ଛେଦ 10.6.1 ଏବଂ 10.7 ପୁନଃ ବ୍ୟବସ୍ଥା କରାଯାଇଅଛି ଯେ, କେନ୍ଦ୍ରୀୟ ଅଂଶ ପ୍ରଦାନ ହେବାର 15 ଦିନ ମଧ୍ୟରେ ରାଜ୍ୟ ସରକାର କେନ୍ଦ୍ରୀୟ ଅଂଶ ସହିତ ଅନୁରୂପ ସମ୍ପୂର୍ଣ୍ଣ ରାଜ୍ୟ ଅଂଶ ପ୍ରଦାନ କରିବେ । ଆହୁରି ମଧ୍ୟ, ରାଜ୍ୟ ସମନ୍ୱିତ ପାଣ୍ଠିକୁ ପଠାଯାଇଥିବା ପ୍ରଶାସନିକ ପାଣ୍ଠି ସମେତ ପାଣ୍ଠିର କେନ୍ଦ୍ରୀୟ ଆବଣ୍ଟନ ରାଜ୍ୟ ସମନ୍ୱିତ ପାଣ୍ଠିରେ ପାଣ୍ଠି ପାଇବା ତାରିଖ ଠାରୁ 15 ଦିନ ମଧ୍ୟରେ ଏସ୍‌ଏନ୍‌ଏକୁ ସ୍ଥାନାନ୍ତର କରାଯିବ । ଯଦି ଏହା ବିଫଳ ହୁଏ, ତେବେ ବାର୍ଷିକ 12 ପ୍ରତିଶତ ଦଣ୍ଡ ବିଧାନ ସୁଧ ହାର ପ୍ରଯୁଜ୍ୟ ହେବ ।

କାର୍ଯ୍ୟକ୍ରମ ଏବଂ ପ୍ରଶାସନିକ ପାଣ୍ଠିରେ ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ ଗୃହର ନିର୍ମାଣ ପାଇଁ ହୋଇଥିବା ମୋଟ ପାଣ୍ଠି ଏବଂ ଖର୍ଚ୍ଚର ବିବରଣୀ ନିମ୍ନ ସାରଣୀ ***2.6*** ରେ ଦର୍ଶାଯାଇଛି ।

ସାରଣୀ-2.6: ପିଏମ୍‌ଏୱାଇ-ଜି ପାଣ୍ଠିର ବର୍ଷୱାରୀ ପ୍ରାପ୍ତି ଏବଂ ଖର୍ଚ୍ଚ

(ଟଙ୍କା କୋଟିରେ)

ଆର୍ଥିକ ବର୍ଷ	କାର୍ଯ୍ୟକ୍ରମ ପାଣ୍ଠି					ପ୍ରଶାସନିକ ପାଣ୍ଠି				
	କେନ୍ଦ୍ରୀୟ ଅଂଶ	ରାଜ୍ୟ ଅଂଶ	ଅନ୍ୟାନ୍ୟ ପ୍ରାପ୍ତି (ସୁଧ)	ମୋଟ ପ୍ରାପ୍ତ ପାଣ୍ଠି	ଖର୍ଚ୍ଚ	କେନ୍ଦ୍ରୀୟ ଅଂଶ	ରାଜ୍ୟ ଅଂଶ	ଅନ୍ୟାନ୍ୟ ପ୍ରାପ୍ତି (ସୁଧ)	ମୋଟ ପ୍ରାପ୍ତ ପାଣ୍ଠି	ଖର୍ଚ୍ଚ
1	**2**	**3**	**4**	**5 (2+3+4)**	**6**	**7**	**8**	**9**	**10 (7+8+9)**	**11**
2016-17	1,239.14	826.09	30.00	2,095.23	482.56	49.57	33.04	0.54	83.15	63.00
2017-18	3,053.67	2,035.79	49.22	5,138.68	5,810.38	70.39	46.92	1.27	118.58	9.77
2018-19	3,238.56	2,127.66	149.41	5,515.63	4,690.68	51.76	34.51	1.85	88.12	180.14
2019-20	2,145.57	1,461.77	122.61	3,729.95	5,563.84	51.76	34.51	2.25	88.52	35.89
2020-21	2,802.43	1,868.29	53.20	4,723.91	4,506.73	19.44	12.96	0.02	32.43	81.82
ମୋଟ	**12,479.37**	**8,319.60**	**404.44**	**21,203.40**	**21,054.19**	**242.92**	**161.94**	**5.93**	**410.80**	**370.62**

(ଉତ୍ସ: ପିଆର୍‌ଆଣ୍ଡଡିଡବ୍ଲୁ ବିଭାଗ ଦ୍ୱାରା ପ୍ରଦତ୍ତ ସୂଚନା)

ଏହି ଯୋଜନାର ଆର୍ଥିକ ପରିଚାଳନା ସମ୍ବନ୍ଧରେ ନିମ୍ନଲିଖିତ ପ୍ରସଙ୍ଗଗୁଡ଼ିକୁ ଅଡିଟ୍ ଉଲ୍ଲେଖ କରିଛନ୍ତି:

2.1.8.1 ଆଇସିଆଇସିଆଇ ବ୍ୟାଙ୍କରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା

ଏଫ୍‌ଏଫ୍‌ଆଇ ଅନୁଚ୍ଛେଦ 10.9 ବ୍ୟବସ୍ଥା କରାଯାଇଅଛି ଯେ, ଏସ୍‌ଏନ୍‌ଏ ରୁ ପ୍ରଶାସନିକ ପାଣ୍ଠି ଆଶ୍ୱାସ ସଫ୍ଟ ଏବଂ ପିଏଫ୍‌ଏମ୍‌ଏସ୍ ପ୍ଲାଟଫର୍ମ ବ୍ୟବହାର କରି ଏଫ୍‌ଟିଓ[33] ମାଧ୍ୟମରେ ସ୍ଥାନାନ୍ତର କରାଯିବ । ଏମ୍‌ଓଆର୍‌ଡି ସ୍ତରରେ ସଶକ୍ତ କମିଟି (ଫେବୃଆରୀ 2021) ର ମିନିଟ୍ ଅନୁଯାୟୀ, ରାଜ୍ୟ ସ୍ତରରେ କେବଳ ଗୋଟିଏ ଆକାଉଣ୍ଟ ଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ବିଭାଗ ଏସ୍‌ଏନ୍‌ଏ ରୁ ଆଇସିଆଇସିଆଇ ବ୍ୟାଙ୍କରେ ରକ୍ଷଣାବେକ୍ଷଣ କରାଯାଉଥିବା ଏକ ବ୍ୟାଙ୍କ ଆକାଉଣ୍ଟକୁ 18.10 କୋଟି ଟଙ୍କା[34] ସ୍ଥାନାନ୍ତର କରିଛନ୍ତି । ବ୍ୟାଙ୍କ ଆକାଉଣ୍ଟ ନମ୍ବର : 028401003117) । ପ୍ରଶାସନିକ ଖର୍ଚ୍ଚ ସମ୍ବନ୍ଧରେ କ୍ଷେତ୍ରର କାର୍ଯ୍ୟକର୍ତ୍ତାମାନଙ୍କୁ ଭ୍ରମଣ / ଗତିଶୀଳତା ସହାୟତା ଉଦ୍ଦେଶ୍ୟରେ ପାଣ୍ଠି ସ୍ଥାନାନ୍ତର କରାଯାଇଥିଲା । ଏହି ପାଣ୍ଠି ବିରୁଦ୍ଧରେ କରାଯାଇଥିବା ଖର୍ଚ୍ଚର ବିବରଣୀ ଆଶ୍ୱାସ ସଫ୍ଟରେ ପ୍ରତିଫଳିତ ହୋଇନଥିଲା କିମ୍ବା ଆଇସିଆଇସିଆଇ ବ୍ୟାଙ୍କ ଆକାଉଣ୍ଟରେ ଉପଲବ୍ଧ ବାଲାନ୍ସ ମଧ୍ୟ ନଥିଲା, ଯାହା ଚାଟାର୍ଡ ଆକାଉଣ୍ଟାଣ୍ଟ (ସିଏ) ଦ୍ୱାରା ପ୍ରସ୍ତୁତ ଅଡିଟ୍ ରିପୋର୍ଟରେ ପ୍ରତିଫଳିତ ହୋଇଥିଲା ।

ଯେହେତୁ, ପିଏମ୍‌ଏଓ୍ୱାଇ-ଜିରୁ ସମସ୍ତ ଖର୍ଚ୍ଚ ଏଫ୍‌ଟିଓ ମାଧ୍ୟମରେ କରାଯିବାର ଥିଲା, ଆଶ୍ୱାସ ସଫ୍‌ଟ ଏବଂ ପିଏଫ୍‌ଏମ୍‌ଏସ୍ ପ୍ଲାଟ୍‌ଫର୍ମ ବ୍ୟବହାର କରି ଏସ୍‌ଏନ୍‌ଏ ରୁ ଆଇସିଆଇସିଆଇ ବ୍ୟାଙ୍କ ଆକାଉଣ୍ଟକୁ 18.10 କୋଟି ଟଙ୍କାର ଅନିୟମିତ ସ୍ଥାନାନ୍ତର ନିର୍ଦ୍ଦେଶାବଳୀ ଅଧିନରେ ଉଦ୍ଦିଷ୍ଟ ପାଣ୍ଠି ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ଏହି ପାଣ୍ଠିର ବ୍ୟବହାରର ଏକ ସାମଗ୍ରିକ ବିପଦ ବହନ କରିଥିଲା ।

ଏହାର ଉତ୍ତରରେ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଦର୍ଶାଇଥିଲେ (ଅକ୍ଟୋବର 2022) ଯେ, ଯେହେତୁ ଆକସ୍ମିକ ଖର୍ଚ୍ଚ ଅନ୍‌ଲାଇନ୍ ପ୍ଲାଟଫର୍ମରେ ନଥିଲା, ତେଣୁ, ଆଇସିଆଇସିଆଇ ବ୍ୟାଙ୍କରେ ଗୋଟିଏ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ଆରଏଚ ପୋର୍ଟାଲକୁ ବ୍ୟବହାର କରି ଡିବିଟି ମୋଡରେ ସମ୍ବନ୍ଧୀୟ ଖର୍ଚ୍ଚ କରାଯାଇଥିଲା । ଏଥିରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ, ଅନ୍‌ଲାଇନ୍ ପ୍ଲାଟ୍ ଫର୍ମରେ ଆକସ୍ମିକ ଖର୍ଚ୍ଚ ଅନୁମତି ଦିଆଯିବା ପରେ ଏହି ଅଭ୍ୟାସ ବନ୍ଦ ହୋଇଯାଇଥିଲା ।

ଯାହାହେଉ, ବିଭାଗ ଏସ୍‌ଏନ୍‌ଏରୁ ଆଇସିଆଇସିଆଇ ବ୍ୟାଙ୍କରେ ରଖାଯାଇଥିବା ଆକାଉଣ୍ଟକୁ ସ୍ଥାନାନ୍ତରିତ ହୋଇଥିବା 18.10 କୋଟି ଟଙ୍କାର ଉପଯୋଗ ଉପରେ କୌଣସି ସୂଚନା ପ୍ରଦାନ କରିପାରିଲା ନାହିଁ । ଅଡିଟ୍ ନିଶ୍ଚିତତା ପାଇବାରେ ଅସମର୍ଥ ହେଲା ଯେ, ଏହି ପାଣ୍ଠି ଗୁଡ଼ିକ ପ୍ରକୃତରେ ପିଏମ୍‌ଏଓ୍ୱାଇ-ଜି ର କାର୍ଯ୍ୟକାରିତା ଦିଗରେ ବ୍ୟବହୃତ ହୋଇଛି କି ନାହିଁ ।

2.1.8.2 ସିଏ ଅଡିଟ୍ ରିପୋର୍ଟ ଦାଖଲ ଏବଂ ପ୍ରସ୍ତୁତିରେ ବିଳମ୍ବ

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 9.5 ଅନୁଯାୟୀ, ରାଜ୍ୟ ଗୁଡ଼ିକ ନିଶ୍ଚିତ କରିବାକୁ ଆବଶ୍ୟକ ଥିଲା ଯେ, ରାଜ୍ୟ ସ୍ତରରେ ପିଏମ୍‌ଏଓ୍ୱାଇ-ଜି ଏବଂ ଜିଲ୍ଲା ସ୍ତରରେ ପ୍ରଶାସନିକ ପାଣ୍ଠି ଆକାଉଣ୍ଟ ସିଆଣ୍ଡଏଜି ଦ୍ୱାରା ଅନୁମୋଦିତ ଏକ ପ୍ୟାନେଲରୁ ଏକ ସିଏ ଦ୍ୱାରା ଅଡିଟ୍ କରାଯାଇଥିଲା । ଆସନ୍ତା ଆର୍ଥିକ ବର୍ଷର 31 ଅଗଷ୍ଟ ପୂର୍ବରୁ ଅଡିଟ୍ ସମାପ୍ତ ହେବାର ଥିଲା ।

ଉଭୟ କାର୍ଯ୍ୟକ୍ରମ ପାଣ୍ଠି ଏବଂ ପ୍ରଶାସନିକ ପାଣ୍ଠିର ଆକାଉଣ୍ଟଗୁଡ଼ିକର ଅଡିଟରେ ଅଡିଟ୍ ନିମ୍ନଲିଖିତ ଅଭାବକୁ ଲକ୍ଷ୍ୟ କଲେ:

- ଆର୍ଥିକ ବର୍ଷ 2016-17, 2018-19 ଏବଂ 2019-20 ପାଇଁ କାର୍ଯ୍ୟକ୍ରମ ପାଣ୍ଠି ପାଇଁ ଅଡିଟ୍ ରିପୋର୍ଟ ଯଥାକ୍ରମେ 293, 170 ଏବଂ 183 ଦିନ ବିଳମ୍ବ ସହିତ ପ୍ରସ୍ତୁତ କରାଯାଇଥିଲା । ଆହୁରି ମଧ୍ୟ, 2020-21 ଆର୍ଥିକ ବର୍ଷ ପାଇଁ ଅଡିଟ୍ ରିପୋର୍ଟ ସେପ୍ଟେମ୍ବର 2021 ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନଥିଲା ।

[33] ଡିଜିଟାଲ ସାକ୍ଷରିତ ପାଣ୍ଠି ସ୍ଥାନାନ୍ତରର ଅର୍ଡର କିମ୍ବା ଏଫ୍‌ଟିଓ ମାଧ୍ୟମରେ ଏସ୍‌ଏନ୍‌ଏ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପାଣ୍ଠି ସ୍ଥାନାନ୍ତର କରାଯାଏ ।

[34] 27 ଅଗଷ୍ଟ 2021: 5 କୋଟି ଟଙ୍କା, 13 ମଇ 2021: 3 କୋଟି ଟଙ୍କା, 9 ଅପ୍ରେଲ 2021: 1 କୋଟି ଟଙ୍କା, 18 ଫେବୃଆରୀ 2021: 1 କୋଟି ଟଙ୍କା, 15 ଫେବୃଆରୀ 2020: 8.10 କୋଟି ଟଙ୍କା

- ସେହିଭଳି, 2016-17 ଆର୍ଥିକ ବର୍ଷ ପାଇଁ ପ୍ରଶାସନିକ ପାଣ୍ଠି ପାଇଁ ଅଡିଟ୍ ରିପୋର୍ଟ 208 ଦିନ ବିଳମ୍ବରେ ପ୍ରସ୍ତୁତ ହୋଇଥିବା ବେଳେ 2018-19 ଆର୍ଥିକ ବର୍ଷ ପାଇଁ ଏହା ଅସ୍ଥାୟୀ ଭାବେ ପ୍ରସ୍ତୁତ କରାଯାଇଥିଲା । ଆହୁରି ମଧ୍ୟ, ଆର୍ଥିକ ବର୍ଷ 2019-20 ଏବଂ 2020-21 ପାଇଁ ଅଡିଟ୍ ରିପୋର୍ଟ ସେପ୍ଟେମ୍ବର 2021 ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନଥିଲା ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ଖର୍ଚ୍ଚର ପ୍ରତିଶତ ଆବଶ୍ୟକ କରିବା ପରେ ଅଡିଟ୍ ରିପୋର୍ଟ ଏମ୍ଓଆର୍ଡିରେ ଦାଖଲ କରାଯାଇଥିଲା । ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ଏଫ୍ଏଫ୍ଆଇ ଖର୍ଚ୍ଚ ନିର୍ବିଶେଷରେ ପରବର୍ତ୍ତୀ ଆର୍ଥିକ ବର୍ଷ ଅଗଷ୍ଟ 31 ପୂର୍ବରୁ ଅଡିଟ୍ ସମାପ୍ତ କରିବାକୁ ପ୍ରଦାନ କରିଥିଲା ।

2.1.8.3 ପ୍ରଥମ କିସ୍ତି ପ୍ରଦାନ କରିବାରେ ବିଳମ୍ବ

ଏଫ୍ଏଫ୍ଆଇର ଅନୁଚ୍ଛେଦ 5.4.1 ଅନୁଯାୟୀ, ପ୍ରଥମ କିସ୍ତି ହିତାଧିକାରୀମାନଙ୍କୁ ବୈଦ୍ୟୁତିକ ଭାବରେ ହିତାଧିକାରୀଙ୍କୁ ପଞ୍ଜିକୃତ ବ୍ୟାଙ୍କ ଆକାଉଣ୍ଟକୁ ମଞ୍ଜୁରୀ ଆଦେଶ ଜାରି ହେବା ତାରିଖ ଠାରୁ ଏକ ସପ୍ତାହ (ସାତ କାର୍ଯ୍ୟ ଦିବସ) ମଧ୍ୟରେ ପ୍ରଦାନ କରାଯିବା କଥା । ରାଜ୍ୟଗୁଡ଼ିକ ନିଶ୍ଚିତ କରିବା ଆବଶ୍ୟକ, ଯେଉଁ ବ୍ୟାଙ୍କରେ ରାଜ୍ୟ ନୋଡାଲ ଆକାଉଣ୍ଟ (ଏସ୍ଏନ୍ଏ) ରକ୍ଷଣାବେକ୍ଷଣ କରାଯାଏ, ପ୍ରଥମ କିସ୍ତି ସ୍ଥାନାନ୍ତରକୁ ଜଣାଇ ହିତାଧିକାରୀଙ୍କୁ ଏକ ଏସ୍ଏମ୍ଏସ୍ ପଠାଯାଏ ।

ଅଡିଟ୍ କିନ୍ତୁ, ନିମ୍ନରେ ବିସ୍ତୃତ ଭାବରେ ଉଲ୍ଲେଖ କରିଛନ୍ତି ଯେ ପ୍ରଥମ କିସ୍ତି ପ୍ରଦାନ କରିବାରେ ବିଳମ୍ବ ହୋଇଛି ।

- ଆୱାସ ସଫ୍ଟ ତଥ୍ୟର ବିଶ୍ଳେଷଣରୁ ଜଣାପଡ଼ିଛି ଯେ 41,146[35] ମାମଲାରେ ପ୍ରଥମ କିସ୍ତି ସଂପୃକ୍ତ ହିତାଧିକାରୀଙ୍କୁ ଜାରି କରାଯାଇଥିଲା, 07 ରୁ 1,576 ଦିନ ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା ।
- ଆଠଟି ନମୁନା ଯାଞ୍ଚ ହୋଇଥିବା ଜିଲ୍ଲାରେ 2,001 ଟି ମାମଲାରେ ଘର ମଞ୍ଜୁରୀ ହେବା ସତ୍ତ୍ୱେ, ପ୍ରଥମ କିସ୍ତି ଏକ ରୁ ଚାରି ବର୍ଷରୁ ଅଧିକ ସମୟ ଧରି ପ୍ରଦାନ ହୋଇନଥିଲା । ଆହୁରି ମଧ୍ୟ, ଅନ୍ୟ 13,443 ହିତାଧିକାରୀଙ୍କ ସମ୍ବନ୍ଧରେ ପ୍ରଥମ କିସ୍ତି 07 ରୁ 1,383 ଦନ ମଧ୍ୟରେ ବିଳମ୍ବ ସହିତ ପ୍ରଦାନ କରାଯାଇଥିଲା ।
- ଅଡିଟ୍ ମଧ୍ୟ 24 ନମୁନା ହୋଇଥିବା ପିଏସ୍ରେ 1,440 ମାମଲା ପରୀକ୍ଷା କରିଥିଲା ଏବଂ ଜାଣିବାକୁ ପାଇଲା ଯେ, 672[36] ମାମଲାରେ ପ୍ରଥମ କିସ୍ତି ଦେୟରେ ଏକ ମାସରୁ ଦୁଇ ବର୍ଷ ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା । ସାତ ଦିନରେ ନିର୍ଦ୍ଧାରିତ ସୀମା ଠାରୁ ଏହା ଅଧିକ । ଏହାର ଫଳସ୍ୱରୁପ ଘର ସମାପ୍ତ ହେବାରେ ବିଳମ୍ବ ହୋଇଥିଲା ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ମୂଳଦୁଆ ଖୋଲିବା ପରେ ହିଁ ପ୍ରଥମ କିସ୍ତି ପ୍ରଦାନ କରିବାକୁ କ୍ଷେତ୍ର କାର୍ଯ୍ୟକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଉତ୍ତର ଗ୍ରହଣୀୟ ନଥିଲା କାରଣ ନିର୍ଦ୍ଦେଶ ଗୃହ ମଞ୍ଜୁରୀ ହେବାର ଏକ ସପ୍ତାହ ମଧ୍ୟରେ ପାଣ୍ଠି କାର୍ଯ୍ୟକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ନିର୍ଦ୍ଦେଶ ଗୃହ ମଞ୍ଜରୀ ହେବାର ଏକ ସପ୍ତାହ ମଧ୍ୟରେ ଏଫ୍ଏଫ୍ଆଇର ସର୍ତ୍ତ ଅନୁଯାୟୀ ପାଣ୍ଠି ପ୍ରଦାନ କରିବ ।

2.1.8.4 ବିଦ୍ୟମାନ ନଥିବା ପିଏମ୍ଏୱାଇ-ଜି ଘର ବିରୁଦ୍ଧରେ ପ୍ରଦାନ କରାଯାଇଥିବା ସହାୟତା ଆଦାୟ ନହେବା

ଏଫ୍ଏଫ୍ଆଇର ଅନୁଚ୍ଛେଦ 5.7.1 ଅନୁଯାୟୀ, ଘରର ପ୍ରଗତି ବିଭିନ୍ନ ପର୍ଯ୍ୟାୟ ଉପରେ ଆଧାର କରି ସହାୟତାର କିସ୍ତି ପ୍ରଦାନ କରାଯିବ । ଆହୁରି ମଧ୍ୟ, ଅନୁଚ୍ଛେଦ 9.3.1.2 ଅନୁଯାୟୀ, ଭୂମିରେ ସ୍ତର ଅନୁଯାୟୀ ନିର୍ମାଣର ଭୌତିକ ଅଗ୍ରଗତି ଜିଓ-ରେଫରେନ୍ସ ତାରିଖ ଏବଂ ସମୟ ଷ୍ଟାମ୍ପ ହୋଇଥିବା ଫଟୋଗ୍ରାଫ୍ ମାଧ୍ୟମରେ ଯାଞ୍ଚ କରାଯିବ । ମୋବାଇଲ୍ ଆପ୍ ଆପ୍ଲିକେସନ ଦ୍ୱାରା କ୍ୟାପ୍ଚର ଏବଂ ଆୱାସ ସଫ୍ଟରେ ଅପ୍ଲୋଡ୍ କରାଯିବ ।

---

[35] ଆୱାସସଫ୍ଟ ଡମ୍ପ ହୋଇଥିବା ଡାଟା ଅନୁଯାୟୀ 18.40 ଲକ୍ଷ ଏଚ୍ଏଚ୍ ମଧ୍ୟରୁ

[36] 618 ମାମଲା: ଗୋଟିଏ ମାସ ରୁ ଛଅ ମାସ, 52 ମାମଲା: ଛଅ ମାସରୁ ଏକ ବର୍ଷ, 2 ମାମଲା: ଗୋଟିଏ ବର୍ଷରୁ ଅଧିକ

ତଥାପି ଅଡିଟ୍ ଲକ୍ଷ୍ୟ କଲେ ଯେ ଡିଆର୍‌ଡିଏ, ନବରଙ୍ଗପୁରରେ ଆର୍ଥିକ ବର୍ଷ 2017-18 ରୁ 2020-21 ମଧ୍ୟରେ 5.8 ଲକ୍ଷ ଟଙ୍କା ଦେୟ ପ୍ରଦାନ କରାଯିବା ସହିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ମଜୁରୀ ପ୍ରଦାନ ସହିତ 5.89 ଲକ୍ଷ ଟଙ୍କାରେ ଚାରୋଟି ଘର[37] ଘର ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଛି । ଏହି ହିତାଧିକାରୀଙ୍କ ଆକାଉଣ୍ଟରେ ଏହି ସମସ୍ତ କ୍ଷେତ୍ରରେ ସମ୍ପୃକ୍ତ ଟ୍ୟାଗ୍ ହୋଇଥିବା ଅଧିକାରୀମାନେ ଆୱାସ ସଫ୍ଟରେ ନକଲି ଫଟୋ ଅପ୍‌ଲୋଡ୍ କରିଥିଲେ ଏବଂ ହିତାଧିକାରୀଙ୍କ ଆକାଉଣ୍ଟରେ ସମସ୍ତ କିସ୍ତି ପ୍ରଦାନ କରିଥିଲେ । ଯେହେତୁ ସମ୍ପୃକ୍ତ ହିତାଧିକାରମାନେ ଏପରି କୌଣସି ଘର ନିର୍ମାଣ ଏବଂ ନିର୍ମାଣ ପାଇଁ ସହାୟତା ପାଇବା ଅସ୍ୱୀକାର କରିଥିଲେ । ଡିଆର୍‌ଡିଏ ଏକ ଅନୁସନ୍ଧାନ କରିଥିଲେ ଏବଂ ଅନୁସନ୍ଧାନ ରିପୋର୍ଟ ଆଧାରରେ ଜିଲ୍ଲାପାଳ (ସେପ୍ଟେମ୍ବର-ଅକ୍ଟୋବର 2021) ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଆରକ୍ଷୀ ଅଧିକ୍ଷକ ଭିଜିଲାନ୍ସ କୋରାପୁଟକୁ ତଥ୍ୟ ଜଣାଇଥିଲେ । ଭିଜିଲାନ୍ସର ଚୂଡ଼ାନ୍ତ ରିପୋର୍ଟକୁ ଅପେକ୍ଷା କରାଯାଇଅଛି ।

ଅଡିଟ୍ ଦେଖିଲା ଯେ, ବିଭିନ୍ନ ଦ୍ରାଘିମା ଏବଂ ଅକ୍ଷାଂଶର ଫଟୋଗ୍ରାଫ ଗ୍ରହଣ କରାଯାଇ ଅପ୍‌ଲୋଡ୍ କରାଯାଇଛି ଏବଂ କିସ୍ତି ପ୍ରଦାନ କରାଯାଇଅଛି । ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାରେ ଦୁର୍ବଳତା ସୂଚିତ କରୁଅଛି ଏବଂ ବିତରଣ ପ୍ରକ୍ରିୟା ସମ୍ବନ୍ଧରେ ସନ୍ଦେହ ସୃଷ୍ଟି କରୁଛି, ଯାହା ଅଧିକାରୀମାନଙ୍କ[38] ଦ୍ୱାରା କରାଯାଇଥିଲା ।

ଏହି ସତ୍ୟକୁ ସ୍ୱୀକାର କରି ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ ଏମ୍‌ଓଆର୍‌ଡି ଦ୍ୱାରା ବିକଶିତ ମୋବାଇଲ୍ ଆପ୍ ଏବଂ ସଫ୍ଟୱେୟାରରେ ଥିବା ସମସ୍ୟାର ସମାଧାନ ପାଇଁ ଏମ୍‌ଓଆର୍‌ଡିକୁ ସ୍ଥାନାନ୍ତର କରାଯିବ ଯାହାଦ୍ୱାରା ସିଷ୍ଟମ ଫଟୋ ଧାରଣ କରିବାରେ ହେରଫେର ଯାଞ୍ଚ କରିପାରିବ ।

2.1.8.5 ଜିଇଏମ୍ ମାଧ୍ୟମରେ ଲୋଗୋ ସଂଗ୍ରହ ନକରିବା

ଅର୍ଥ ବିଭାଗ ଅନୁଯାୟୀ, ଜିଓର ପରିପତ୍ର (2019) ସାଧାରଣ ବ୍ୟବହାରର ସାମଗ୍ରୀ ଏବଂ ସେବା କ୍ରୟ, ସରକାରୀ ଇ-ମାର୍କେଟପ୍ଲେସ୍ (ଜିଇଏମ୍) ମାଧ୍ୟମରେ କରାଯିବ ।

ଆଠଟି ନମୁନା ଯାଞ୍ଚ ହୋଇଥିବା ଡିଆର୍‌ଡିଏରେ, ଅଡିଟ୍ ଉଲ୍ଲେଖ କରିଛି ଯେ ପିଏମ୍‌ଏୱାଇ-ଜି ଏବଂ ବିପିଜିୱାଇ ସହ- ବ୍ରାଣ୍ଡିଂ ଲୋଗୋ 8.74 କୋଟି ଟଙ୍କା ବ୍ୟୟରେ କିଣାଯାଇଛି ।

ହୁଏତ କେନ୍ଦ୍ରୀୟ ଭାବରେ ସଂପୃକ୍ତ ଜିଲ୍ଲା ସ୍ତରରେ କିମ୍ବା ବ୍ଲକ ସ୍ତରରେ ଅଟେ । ଏହି ଲୋକୋଗୁଡ଼ିକ ବିଭିନ୍ନ ହାରରେ କ୍ରୟ କରାଯାଇଥିଲା, ବିଭିନ୍ନ ଜିଲ୍ଲାରେ ଖଣ୍ଡ ପିଛା 62.40 ଟଙ୍କା ରୁ 584 ଟଙ୍କା ପର୍ଯ୍ୟନ୍ତ ଅଟେ । ଏପରିକି ନବରଙ୍ଗପୁର ଜିଲ୍ଲା ମଧ୍ୟରେ ଲୋଗୋ ଖଣ୍ଡ ପିଛା 62.40 ଟଙ୍କା (ଉମରକୋଟ ବ୍ଲକ) ରେ 79 ଟଙ୍କା (କୋଷାଗୁମୁଡ଼ା ବ୍ଲକ) ପର୍ଯ୍ୟନ୍ତ ହାରରେ କିଣାଯାଇଥିଲା ।

ଅଡିଟ୍ ଆହୁରି ମଧ୍ୟ ଅବଲୋକନ କରିଥିଲେ ଯେ ଏହି ଲୋଗୋଗୁଡ଼ିକ ଜିଇଏମ୍ ମାଧ୍ୟମରେ କ୍ରୟ କରିବା ପରିବର୍ତ୍ତେ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ କ୍ରୟ କରାଯାଇଛି । ଜିଇଏମ୍ ବ୍ୟବହାର ନକରିବାର କାରଣ ଲୋଗୋ କ୍ରୟ ପାଇଁ ରେକର୍ଡରେ ଉପଲବ୍ଧ ନଥିଲା ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ସମସ୍ତ ଆର୍ଥିକ ପ୍ରକ୍ରିୟା ପାଳନ କରୁଥିବା ଜିଲ୍ଲା ଏବଂ ପିଏସ୍ ସ୍ତରରେ ଲୋଗ କ୍ରୟ କରାଯାଇଥିଲା । ଜିଇଏମ୍ ମାଧ୍ୟମରେ ସଂଗ୍ରହ ନକରିବା ଦ୍ୱାରା ବିଭିନ୍ନ ପିଏସ୍ ଏବଂ ଜିଲ୍ଲାରେ ସମାନ ଉତ୍ପାଦର ହାରରେ ପରିବର୍ତ୍ତନ ହେତୁ ଉତ୍ତର ସକ୍ଷମ ନୁହେଁ ।

[37] କୋଷାଗୁମୁଡ଼ା ବ୍ଲକର ତିନୋଟି (ଆଇଡି ସଂଖ୍ୟା: ଓଆର୍ 4699114, ଓଆର୍ 4705300 ଏବଂ ଓଆର୍ 4697825) ଏବଂ ନନ୍ଦହାଣ୍ଡି ବ୍ଲକ୍ ମଧ୍ୟରୁ ଗୋଟିଏ (ଆଇଡି ସଂଖ୍ୟା: ଓଆର୍ 4611959)

[38] ଫଟୋଗ୍ରାଫ୍ ଦାଖଲ କରିଥିବା ଅଧିକାରୀ, ବ୍ଲକ ସ୍ତରରେ ବିପିସି ଯେଉଁମାନେ ଅସ୍ତିତ୍ୱହୀନ ଘରର ନକଲି ଫଟୋଗ୍ରାଫ୍ ଗ୍ରହଣ କରିଥିଲେ ଏବଂ ଜିଆର୍‌ଏସ୍ ଯେଉଁମାନେ କୌଣସି କାର୍ଯ୍ୟ କାର୍ଯ୍ୟକାରୀ ନକଲି ମିଥ୍ୟା ମଷ୍ଟର ରୋଲ୍ ସହିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ରୁ ମଜୁରୀ ପ୍ରଦାନ କରିଥିଲେ ।

2.1.8.6 ଜିଲ୍ଲା ଏବଂ ବ୍ଲକ ଦ୍ୱାରା ପ୍ରଶାସନିକ ପାଣ୍ଠି ଫେରସ୍ତ ନକରିବା

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 10.9 ଅନୁପାଳନରେ ଏସ୍ଏନ୍ଏର ପ୍ରଶାସନିକ ପାଣ୍ଠି ସ୍ଥାନାନ୍ତର ଏଫ୍ଟିଓ ମାଧ୍ୟମରେ ଆଓ୍ୱାସସଫ୍ଟ ଏବଂ ପିଏଫ୍ଏମ୍ଏସ୍ ପ୍ଲାଟଫର୍ମ ବ୍ୟବହାର କରି ଏମ୍ଓଆର୍ଡି ନିର୍ଦ୍ଦେଶ ଦେଇଥିଲେ (ଅଗଷ୍ଟ 2019) ଯେ, ଅନ୍ୟ ସମସ୍ତ ଆକାଉଣ୍ଟ ବନ୍ଦ କରିବାକୁ ଯାହା ରାଜ୍ୟ, ଜିଲ୍ଲା ଓ ବ୍ଲକ ସ୍ତରରେ ପ୍ରଶାସନିକ ପାଣ୍ଠି ବିତରଣ ପାଇଁ କାର୍ଯ୍ୟ କରୁଛି ।

ତଦନୁଯାୟୀ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ସମସ୍ତ ଜିଲ୍ଲା ଓ ବ୍ଲକକୁ ମଇ 2021 ସୁଦ୍ଧା ରାଜ୍ୟ ନୋଡାଲ ଆକାଉଣ୍ଟକୁ ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇନଥିବା ଆଇଏଓ୍ୱାଇ/ ପିଏମ୍ଏଓ୍ୱାଇ-ଜି ପାଣ୍ଠି ଫେରସ୍ତ କରିବାକୁ ଅପ୍ରେଲ 2021 ରେ ନିର୍ଦ୍ଦେଶ ଦେଇଛନ୍ତି ।

ଅଡିଟ୍ ଜାଣିବାକୁ ପାଇଲା ଯେ ଆଠଟି ପରୀକ୍ଷା ଯାଞ୍ଚ ହୋଇଥିବା ଜିଲ୍ଲା ଏବଂ 24 ଟି ପରୀକ୍ଷା ଯାଞ୍ଚ ବ୍ଲକ୍ ଏସ୍ଏନ୍ଏକୁ 51.14 କୋଟି ଟଙ୍କା (***ପରିଶିଷ୍ଟ -2.9***) ଖର୍ଚ୍ଚ ହୋଇନଥିବା ରାଶି ଫେରସ୍ତ କରିନାହାଁନ୍ତି ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ଖର୍ଚ୍ଚ ହୋଇନଥିବା ପ୍ରଶାସନିକ ପାଣ୍ଠି ବ୍ଲକ୍ ଏବଂ ଜିଲ୍ଲା ଦ୍ୱାରା ଏସ୍ଏନ୍ଏକୁ ଫେରସ୍ତ କରାଯାଇଛି । ତଥାପି, ତାରିଖ ଏବଂ ଜମା ହୋଇଥିବା ରାଶି ଇତ୍ୟାଦି ସମ୍ବନ୍ଧରେ କୌଣସି ତଥ୍ୟଭିତ୍ତିକ ପ୍ରମାଣ ବିଭାଗ ଦ୍ୱାରା ଉତ୍ତର ସମର୍ଥନରେ ପ୍ରଦାନ କରିନଥିଲେ ।

2.1.8.7 ପ୍ରଶାସନିକ ପାଣ୍ଠି ମଧ୍ୟରୁ ଅଗ୍ରାହ୍ୟ ଖର୍ଚ୍ଚ

ଏଫ୍ଏଫ୍ଆଇର ଅନୁଚ୍ଛେଦ 3.3.1 କାର୍ଯ୍ୟର ତାଲିକା ପ୍ରଦାନ କରେ ଯାହା ପ୍ରଶାସନିକ ଖର୍ଚ୍ଚ ଅଧିନରେ କରିବାକୁ ଅନୁମତି ଦିଆଯାଇଛି, ଯେପରିକି ବ୍ଲକ୍ ଏବଂ ଡିଆର୍ଡିଏର ରେକର୍ଡଗୁଡ଼ିକର କ୍ରମିକ ନମ୍ବର (i) ରୁ (xiii) ରେ ତାଲିକାଭୁକ୍ତ ହୋଇଛି ଏବଂ ଡିଆର୍ଡିଏ ପ୍ରକାଶ କରିଛି ଯେ ନିମ୍ନଲିଖିତ ଅଗ୍ରାହ୍ୟ ସାମଗ୍ରୀ ଉପରେ 7.83 କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ।

- ତିନୋଟି ପରୀକ୍ଷାମୂଳକ ଯାଞ୍ଚ ହୋଇଥିବା ବ୍ଲକ[39] ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ 7.60 କୋଟି ଟଙ୍କା ପ୍ରଦାନ କରିଥିଲେ, ଘର ଶୀଘ୍ର ସମାପ୍ତ କରିବା ପାଇଁ ପ୍ରୋତ୍ସାହନ ଦିଗରେ, ଯଦିଓ ରାଜ୍ୟର ନିଜସ୍ୱ ସମ୍ବଳରୁ ସମାନ ଦେୟ ଦିଆଯାଇଥିଲା ।
- ରାଜ୍ୟ ଯୋଜନା ମୋ ସରକାର[40] ଏବଂ କାଳିଆ ଏବଂ ଶିଶୁ ଦିବସ ପାଳନ ସମ୍ପର୍କରେ ବିଡିଓମାନେ[41] ଝୋରିଗାମ, ଏବଂ ଚନ୍ଦାହାଣ୍ଡି ଫ୍ଲେକ୍ସ ବ୍ୟାନର ଏବଂ ସାଇନ୍ବୋର୍ଡ ମୁଦ୍ରଣ ଏବଂ ଯୋଗାଣ ଦିଗରେ 10.85 ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ ।
- ଡିଆର୍ଡିଏ, ସୋନପୁର, ଇପିଏଫ୍ ଦେୟ ସୁଧ ଏବଂ ଜରିମାନା ପ୍ରଦାନ ଦିଗରେ (ନଭେମ୍ବର 2019) 12.00 ଲକ୍ଷ ଟଙ୍କା ପ୍ରଦାନ କରିଥିଲା ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ସଂପୃକ୍ତ ଯୋଜନାରୁ ପାଣ୍ଠି ପାଇବା ପରେ କୌଣସି ଅଗ୍ରାହ୍ୟ ଆଇଟମ୍ ଦେୟ ପୁନରୁଦ୍ଧାର କରାଯିବ ।

---

[39] ବିଡିଓ ଝରିଗାଁ:6.43 କୋଟି ଟଙ୍କା; ବିଡିଓ ଚନ୍ଦାହାଣ୍ଡି: 0.98 କୋଟି ଟଙ୍କା;; ଏବଂ ବିଡିଓ ଜଗନ୍ନାଥ ପ୍ରସାଦ: 0.19 କୋଟି ଟଙ୍କା;

[40] ମୋ ସରକାରଙ୍କ ପଦକ୍ଷେପ ହେଉଛି ରାଜ୍ୟ ଯୋଜନା ଯାହା ସରକାରଙ୍କ କାର୍ଯ୍ୟକ୍ରମ ଉପରେ ସେମାନଙ୍କର ମତାମତ ଗ୍ରହଣ କରି ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି ।

[41] ବିଡିଓ ଝରିଗାଁ: ମୋ ସରକାର -17,860 ଟଙ୍କା, କାଳିଆ ଫ୍ଲେକ୍ସ - 1. 03 ଲକ୍ଷ ଟଙ୍କା ଏବଂ ଶିଶୁ ଦିବସ ଉତ୍ସବ ପାଳନ- 4.77 ଲକ୍ଷ ଟଙ୍କା; ବିଡିଓ ଚନ୍ଦାହାଣ୍ଡି: ଶିଶୁ ଦିବସ ଉତ୍ସବ ପାଳନ-4.87 ଲକ୍ଷ ଟଙ୍କା

ସୁପାରିଶ:

8. *ଘରଗୁଡ଼ିକ ସୁରୁଖୁରରେ ସମାପ୍ତ ହେବା ପାଇଁ କିସ୍ତିର ଠିକ୍ ସମୟରେ ପ୍ରଦାନ ସୁନିଶ୍ଚିତ କରିବା ।*
9. *ଆୱାସସଫ୍ଟ ଏବଂ ପିଏଫ୍ଏମ୍ଏସ୍ ପ୍ଲାଟଫର୍ମ ବ୍ୟବହାର କରି ଏଫ୍ଟିଓ ମାଧ୍ୟମରେ ପ୍ରଶାସନିକ ଖର୍ଚ୍ଚ ସହିତ ଦେୟ ପ୍ରଦାନ କରିବା ।*
10. *ପ୍ରଶାସନିକ ପାଣ୍ଠିରୁ ଖର୍ଚ୍ଚ କେବଳ ଗ୍ରହଣୀୟ ସାମଗ୍ରୀ ପାଇଁ କରାଯାଇପାରେ ।*
11. *ଜିଲ୍ଲା ଏବଂ ବ୍ଲକସ୍ତରରେ ଉପଲବ୍ଧ ପ୍ରଶାସନିକ ପାଣ୍ଠି ଏସ୍ଏନ୍ଏକୁ ଫେରସ୍ତ କରାଯାଇପାରେ ।*

2.1.9 ତଦାରଖ ଏବଂ ନିରୀକ୍ଷଣ

2.1.9.1 ଜିଲ୍ଲା/ ବ୍ଲକ୍ ସ୍ତର ଅଧିକାରୀଙ୍କ ଦ୍ୱାରା ନିରୀକ୍ଷଣ

ସ୍ୱଚ୍ଛତା ଏବଂ ସାର୍ବଜନିନ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ପରୀକ୍ଷା ଯାଞ୍ଚ ହୋଇଥିବା ଜିପି ଏବଂ ପିଏସ୍ରେ କୌଣସି ସାମାଜିକ ଅଡିଟ୍ କରାଯାଇନାହିଁ । ଅଭିଯୋଗ ସମାଧାନ ବ୍ୟବସ୍ଥା ଦକ୍ଷ ନଥିଲା କାରଣ ଅଭିଯୋଗ ଗୁଡ଼ିକ ଏହାର ଉପଯୁକ୍ତ ନିଷ୍କାସନ ସୁନିଶ୍ଚିତ ନକରି କେବଳ କ୍ଷେତ୍ର କାର୍ଯ୍ୟାଳୟକୁ ଦିଆଯାଇଥିଲା ।

ଏଫ୍ଏଫ୍ଆଇର ଅନୁଚ୍ଛେଦ 9.3.2 ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ଗୁଡ଼ିକରେ କାର୍ଯ୍ୟକ୍ରମ ପରିଚାଳନା ୟୁନିଟ୍ (ପିଏମ୍ୟୁ) ବିଭିନ୍ନ ସ୍ତରରେ ଯୋଜନା କାର୍ଯ୍ୟକାରିତା ଏବଂ ଗୁଣବତ୍ତା ତଦାରଖ ଉପରେ ନଜର ରଖିବା । ଏଥିରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ, (କ) ବ୍ଲକ ସ୍ତରରେ ଅଧିକାରୀମାନେ ନିର୍ମାଣ ସମୟରେ ଯଥାସମ୍ଭବ 10 ପ୍ରତିଶତ ଘର ଯାଞ୍ଚ କରିବା ଉଚିତ୍ (ଖ) ଜିଲ୍ଲା ସ୍ତରୀୟ ଅଧିକାରୀମାନେ ନିର୍ମାଣ ସମୟରେ ଦୁଇ ପ୍ରତିଶତ ଘର ଯାଞ୍ଚ କରିବା ଉଚିତ୍ ଏବଂ (ଗ) ପିଏମ୍ଏୱାଇ-ଜି ଅଧିନରେ ଅନୁମୋଦିତ ପ୍ରତ୍ୟେକ ଘରକୁ ଗ୍ରାମ୍ୟ ସ୍ତରୀୟ କାର୍ଯ୍ୟକର୍ତ୍ତାକୁ ଟ୍ୟାଗ୍ କରାଯିବା ଉଚିତ୍ ଯିଏ ଘର ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ହିତାଧିକାରୀଙ୍କ ସୁବିଧା ଦେଖିବେ ଏବଂ ଅନୁସରଣ କରିବେ ।

ପ୍ରାସଙ୍ଗିକ ରେକର୍ଡର ଅନୁପସ୍ଥିତିରେ ତଥାପି ଅଡିଟ୍ ନିଶ୍ଚିତ କରିପାରିଲେ ନାହିଁ ଯେ, ଆଠଟି ପରୀକ୍ଷା ଯାଞ୍ଚ ହୋଇଥିବା ଜିଲ୍ଲା ଏବଂ 24 ଟି ପରୀକ୍ଷା ଯାଞ୍ଚ ବ୍ଲକରେ କାର୍ଯ୍ୟାନ୍ୱୟନ ରୂପରେଖ ନିୟମ ଅନୁସାରେ ନିରୀକ୍ଷଣ କରାଯାଇଥିଲା କି ନାହିଁ । ଅନୁଚ୍ଛେଦ ସଂଖ୍ୟା 2.1.6.5 ରେ ଆୱାସସଫ୍ଟରେ ଅସମ୍ପୂର୍ଣ୍ଣ ଘରକୁ ସମ୍ପୂର୍ଣ୍ଣ ଦେଖାଇବାର ଉଦାହରଣ ଅଛି । ଏହା ମଧ୍ୟ ନିୟମିତ ଯାଞ୍ଚର ଅନୁପସ୍ଥିତିକୁ ସୂଚିତ କରେ । ତେଣୁ ଯାଞ୍ଚ ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ, ଯାହାକି ଅସମ୍ପୂର୍ଣ୍ଣ ଘରକୁ ସମ୍ପୂର୍ଣ୍ଣ ହେବାର ଦେଖାଯାଇଥିଲା ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ବିଭିନ୍ନ ସ୍ତରରେ ପିଏମ୍ୟୁ କର୍ମଚାରୀମାନେ ଦୈନିକ ଏହି ଯୋଜନା କାର୍ଯ୍ୟକାରିତା ଉପରେ ନଜର ରଖିଛନ୍ତି । ତଥାପି, ନିରୀକ୍ଷଣ ତଦନ୍ତ ଏବଂ ଦିଆଯାଇଥିବା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପରି ତଥ୍ୟଗୁଡ଼ିକୁ ପ୍ରମାଣ କ୍ଷେତ୍ର ଅଡିଟ୍ ସମୟରେ ଦେଖାଯାଉଥିବା ଯେକୌଣସି ପରୀକ୍ଷା ଯାଞ୍ଚ ୟୁନିଟରେ ଉପଲବ୍ଧ ଥିଲା ।

2.1.9.2 ସାମାଜିକ ଅଡିଟ୍

ଏଫ୍ଏଫ୍ଆଇର ଅନୁଚ୍ଛେଦ 9.6.1 ପ୍ରଦାନ କରେ ଯେ, ସମସ୍ତ ଦିଗର ଏକ ବାଧତାମୂଳକ ସମୀକ୍ଷା ସହିତ ଜଡ଼ିତ ଅଡିଟ୍ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ବର୍ଷରେ ଅତି କମରେ ଥରେ କରାଯିବ । ଆହୁରି ମଧ୍ୟ, ଅନୁଚ୍ଛେଦ 9.6.2 ଅନୁଯାୟୀ, ସାମାଜିକ ଅଡିଟର ମୌଳିକ ଉଦ୍ଦେଶ୍ୟ ହେଉଛି ପିଏମ୍ଏୱାଇ-ଜିର କାର୍ଯ୍ୟକାରିତାରେ ଜନସାଧାରଣଙ୍କ ଉତ୍ତରଦାୟିତ୍ୱ ହାସଲ ସୁନିଶ୍ଚିତ କରିବା । ଏହି ପ୍ରକ୍ରିୟା ଅଡିଟ୍ ଅନୁଶାସନର ଆବଶ୍ୟକତା ସହିତ ଲୋକଙ୍କ ଅଂଶ ଗ୍ରହଣ ଏବଂ ତଦାରଖକୁ ମିଶ୍ରଣ କରେ । ଓଡ଼ିଶାରେ ଏହିପରି ଅଡିଟ୍ ପାଇଁ ସାମାଜିକ ଅଡିଟ୍ ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ପାଇଁ ଓଡ଼ିଶା ସୋସାଇଟି ଦାୟୀ ।

ଅଡିଟ୍ ଯାହାହେଉ, ଅବଲୋକନ କଲେ ଯେ ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ, କୌଣସି ପରୀକ୍ଷା ଯାଞ୍ଚ ହୋଇଥିବା ଜିପି ଏବଂ ପିଏସ୍ରେ କୌଣସି ସାମାଜିକ ଅଡିଟ୍ କରାଯାଇନାହିଁ । ସାମାଜିକ ଅଡିଟ୍ ପରିଚାଳନା ନ କରିବା କାରଣରୁ ଏହି ଯୋଜନାର କାର୍ଯ୍ୟକାରିତାରେ ଜନସାଧାରଣଙ୍କ ଉତ୍ତରଦାୟିତ୍ୱରେ ଉଦ୍ଦେଶ୍ୟ ହାସଲ

ହୋଇପାରିଲା ନାହିଁ । ଆହୁରି ମଧ୍ୟ ତଦାରଖ ପ୍ରକ୍ରିୟା ସହିତ ଲୋକଙ୍କ ଅଂଶ ଗ୍ରହଣର ଉଦ୍ଦେଶ୍ୟ ମଧ୍ୟ ହାସଲ ହୋଇପାରିଲା ନାହିଁ ।

ଏହି ସତ୍ୟକୁ ଗ୍ରହଣ କରି ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ସେପ୍ଟେମ୍ବର 2022 ରୁ ସାମାଜିକ ଅଡିଟ୍ କରାଯାଇଥିଲା ।

2.1.9.3 ଅଭିଯୋଗ ସମାଧାନ ପଂକ୍ରିୟା

ଏଫ୍ଏଫ୍ଆଇର ଅନୁଚ୍ଛେଦ 12.1 ଏବଂ 12.2 ପ୍ରଦାନ କରେ ଯେ, ପ୍ରଶାସନର ବିଭିନ୍ନ ସ୍ତରରେ ଏକ ଅଭିଯୋଗ ସମାଧାନ ବ୍ୟବସ୍ଥା ସ୍ଥାପନ କରାଯିବ । ଅର୍ଥାତ୍ ଜିପି, ବ୍ଲକ୍, ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ଅଭିଯୋଗକାରୀଙ୍କ ସନ୍ତୁଷ୍ଟି ପାଇଁ ରାଜ୍ୟସରକାରଙ୍କ ଜଣେ ଅଧିକାରୀଙ୍କୁ ଅଭିଯୋଗର ସମାଧାନ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ସ୍ତରରେ ନିର୍ଦ୍ଦିଷ୍ଟ କରାଯିବ । ପ୍ରତ୍ୟେକ ସ୍ତରରେ ମନୋନୀତ ହୋଇଥିବା ଅଧିକାରୀ ଅଭିଯୋଗ/ ଅଭିଯୋଗ ଗ୍ରହଣ ତାରିଖ ଠାରୁ 15 ଦିନ ମଧ୍ୟରେ ଅଭିଯୋଗ/ ଅଭିଯୋଗର ସମାଧାନ ପାଇଁ ଦାୟୀ ରହିବେ । ଅଡିଟ୍ ବିଭିନ୍ନ ସ୍ତରରେ ଅଭିଯୋଗର ସମାଧାନରେ ନିମ୍ନଲିଖିତ ଅଭାବକୁ ଲକ୍ଷ୍ୟ କରିଛି:

- ରାଜ୍ୟ ସ୍ତରରେ ଆର୍ଥିକ ବର୍ଷ 2016-17 ରୁ 2020-21 ଅବଧିରେ 937 ଟି ଅଭିଯୋଗ ଗ୍ରହଣ କରାଯାଇଥିଲା, ଯେଉଁଥିରୁ 887 ଟି ଅଭିଯୋଗର ସମାଧାନ କରାଯାଇଥିଲା ଏବଂ ଆର୍ଥିକ ବର୍ଷ 2016-17 ଏବଂ 2017-18 ସମ୍ବନ୍ଧୀୟ 50 ଟି ଅଭିଯୋଗ ଅଗଷ୍ଟ 2021 ସୁଦ୍ଧା ସମାଧାନ ପାଇଁ ବିଚାରାଧିନ ରହିଲା । ତିନି ବର୍ଷର ଅବସାନ ପରେ ମଧ୍ୟ ଜିଲ୍ଲା ସ୍ତରରୁ ରିପୋର୍ଟ ନ ମିଳିବା କାରଣରୁ ଏହି ମାମଲା ଗୁଡ଼ିକର ସମାଧାନ ହୋଇପାରିଲା ନାହିଁ ।
- ଆହୁରି ମଧ୍ୟ, ଆଠଟି ପରୀକ୍ଷା ଯାଞ୍ଚ ହୋଇଥିବା ଜିଲ୍ଲା ମଧ୍ୟରୁ ସାତଟି[42] ଜିଲ୍ଲା ଏବଂ 24ଟି ପରୀକ୍ଷା ଯାଞ୍ଚ ହୋଇଥିବା ବ୍ଲକ ମଧ୍ୟରୁ 23[43] ଟିରେ ଅଭିଯୋଗ / ଅଭିଯୋଗର ରସିଦ୍ ଏବଂ ସମାଧାନ ଦେଖିବା ପାଇଁ କୌଣସି ରେକର୍ଡ ସାଇଟି ରଖାଯାଇନଥିଲା । ଜିଲ୍ଲା ସ୍ତରରେ ପ୍ରାପ୍ତ ଅଭିଯୋଗଗୁଡ଼ିକ ଅନୁପାଳନ ପାଇଁ ସଂପୃକ୍ତ ପିଏସ୍କୁ ପଠାଯାଇ ନଥିଲା । ସେହିଭଳି, ପିଏସ୍ ସ୍ତରରେ ପ୍ରାପ୍ତ ଅଭିଯୋଗଗୁଡ଼ିକ ସଂପୃକ୍ତ ପିଇଓଙ୍କୁ ସେମାନଙ୍କ ଶେଷରେ ଅନୁସନ୍ଧାନ ପାଇଁ ଅଗ୍ରଗାମୀ କରାଯାଇଥିଲା । ଏହିପରି ଜିଲ୍ଲା ଏବଂ ବ୍ଲକ ସ୍ତରରେ ଅଭିଯୋଗର ପ୍ରକୃତ ସମାଧାନ ନିଶ୍ଚିତ କରାଯାଇ ନଥିଲା ଏବଂ ଅଭିଯୋଗର ସମାଧାନ ଅଭିଯୋଗକାରୀଙ୍କୁ ଅବଗତ କରାଯାଇ ନଥିଲା ।

ପ୍ରକଳ୍ପ ନିର୍ଦ୍ଦେଶକ, ଡିଆର୍ଡିଏ ଏବଂ ବିଡିଓମାନେ ଭବିଷ୍ୟତରେ ମାର୍ଗଦର୍ଶନ ପାଇଁ ଅଡିଟ୍ ପର୍ଯ୍ୟବେକ୍ଷଣ (ଅକ୍ଟୋବର 2021 ରୁ ଜାନୁଆରୀ 2022) ଉଲ୍ଲେଖ କରିଛନ୍ତି । ଆହୁରି ମଧ୍ୟ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ହିତାଧିକାରୀଙ୍କ ଠାରୁ ପ୍ରାପ୍ତ ଅଭିଯୋଗର ସମାଧାନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ (ଅକ୍ଟୋବର 2022) ଜଣାଇଛନ୍ତି ।

2.1.9.4 ଆୱାସସଫ୍ଟରେ ଭୁଲ୍ ତଥ୍ୟ

ଏଫଏଫ୍ଆଇର ଅନୁଚ୍ଛେଦ 5.2.1 ଏବଂ 9.3.1 ଅନୁଯାୟୀ, ଏକ ମଞ୍ଜୁରୀ ଆଦେଶ ଜାରି କରିବା ପୂର୍ବରୁ ହିତାଧିକାରୀ ବର୍ତ୍ତମାନ ରହୁଥିବା ଘର ସମ୍ମୁଖରେ ହିତାଧିକାରୀଙ୍କ ArcGIS[44] ଜିଓ-ରେଫରେନ୍ସ ହୋଇଥିବା ଫଟୋଗ୍ରାଫ୍କୁ ଧରି ସୁନିଶ୍ଚିତ କରିବା ପାଇଁ ବିଡିଓଙ୍କର ଆବଶ୍ୟକ ଥିଲା । ଏହା ପରେ ସେହି ଜମିର ଏକ ଜିଓ-ଟ୍ୟାଗ୍ ହୋଇଥିବା ଫଟୋଗ୍ରାଫ୍ ଯାହା ଉପରେ ହିତାଧିକାରୀ ଘର ନିର୍ମାଣ ଏବଂ ଏହାକୁ ଆୱାସସଫ୍ଟରେ ଅପ୍ଲୋଡ୍ କରିବାକୁ ପ୍ରସ୍ତାବ ଦେଇଥିଲେ । ଆହୁରି ମଧ୍ୟ, ଭୂମିର ମଞ୍ଜ ଅନୁଯାୟୀ, ନିର୍ମାଣର ଭୌତିକ ଅଗ୍ରଗତି ଜିଓ-ରେଫ୍ରେନ୍ସ ତାରିଖ ଏବଂ

[42] ଡିଆର୍ଡିଏ ବରଗଡ଼ ବ୍ୟତୀତ

[43] ବିଡିଓ, ଗଞ୍ଜାମ ବ୍ୟତୀତ

[44] ArcGIS ଯେକୌଣସି ସ୍ଥାନର ଅକ୍ଷାଂଶ ଓ ଦ୍ରାଘିମା ମ୍ୟାପିଙ୍ଗ ପାଇଁ ଗୋଟିଏ ଆପ୍ଲିକେସନ ସଫ୍ଟୱେୟାର ଏବଂ ମ୍ୟାପ୍ ପ୍ରସ୍ତୁତ

ସମୟ ଷ୍ଟାମ୍ପ ହୋଇଥିବା ଫଟୋଗ୍ରାଫ୍ ମାଧ୍ୟମରେ ଯାଞ୍ଚ ଏବଂ ତଦାରଖ କରାଯାଇ ଇନ୍‌ସ୍ପେକ୍ଟରଙ୍କ ଦ୍ୱାରା କଏଦ କରାଯାଇଥିଲା ।

ଅଡିଟ୍ ନମୁନା ଯାଞ୍ଚ ହୋଇଥିବା ଜିଲ୍ଲାଗୁଡ଼ିକରେ ଘରର ଭୌଗୋଳିକ ଅବସ୍ଥାନ ସମ୍ବନ୍ଧୀୟ ଆୱାସସଫ୍ଟ ତଥ୍ୟକୁ ବିଶ୍ଳେଷଣ କରି ଜାଣିବାକୁ ପାଇଲା ଯେ, 3,521[45] କ୍ଷେତ୍ରରେ ଘର ଗୁଡ଼ିକ ରାଜ୍ୟ ବାହାରେ ଅବସ୍ଥିତ । ଏହା ଆୱାସସଫ୍ଟ ତଥ୍ୟର ଅଖଣ୍ଡତା ଉପରେ ସନ୍ଦେହ ସୃଷ୍ଟି କଲା । ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ (ଅକ୍ଟୋବର 2022) ଜଣାଇଥିଲେ ଯେ, ଆୱାସ୍ ଆପ୍‌ରେ ଘରର ସଠିକ୍ ସ୍ଥାନ ପ୍ରଦର୍ଶନ କଲେ ଏମ୍‌ଓଆର୍‌ଡିକୁ ସ୍ଥାନାନ୍ତର କରାଯିବ ।

ସୁପାରିଶ

12. ରାଜ୍ୟ ସରକାର ବିଭିନ୍ନ ସ୍ତରରେ ବାଧତାମୂଳକ ଯାଞ୍ଚର ସମୟୋଚିତ ଏବଂ ନିୟମିତ ଆଚରଣ ସୁନିଶ୍ଚିତ କରିପାରନ୍ତି ଏବଂ ଜିପି ସ୍ତରରେ ନିୟମିତ ସାମାଜିକ ଅଡିଟ୍ କରିପାରନ୍ତି, ଯୋଜନା କାର୍ଯ୍ୟକାରିତାକୁ ଉନ୍ନତ କରିବା ଏବଂ ଯୋଜନାର କାର୍ଯ୍ୟକାରିତାରେ ତ୍ରୁଟିର ସମାଧାନ କରିପାରନ୍ତି ।

13. ସମସ୍ତ ଅଭିଯୋଗ ସମାଧାନ କରି, ଅଭିଯୋଗକାରୀଙ୍କୁ ସୂଚନା ଦେବା ।

[45] ବରଗଡ଼:339, ବଲାଙ୍ଗୀର:332, ଢେଙ୍କାନାଳ:120, ଗଞ୍ଜାମ:741, ମୟୁରଭଞ୍ଜ:1270, ନବରଙ୍ଗପୁର:628, ପୁରୀ:13 ଏବଂ ସୋନପୁର:78

ଅଧ୍ୟାୟ 3

ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଅନୁପାଳନ ସମୀକ୍ଷା

ଅଧ୍ୟାୟ 3

ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ହିସାବର ଅନୁପାଳନ ସମୀକ୍ଷା

3.1 ଉପକ୍ରମ

ବିତ୍ତୀୟ ବର୍ଷ 2021-22 ରେ କୋଭିଡ୍-19 ମହାମାରୀ ଜନିତ ଲାଗୁ କରାଯାଇଥିବା ଗସ୍ତ କଟକଣା ଏବଂ ସ୍ଥାନୀୟ ବନ୍ଦ ହେତୁ, ରାଜ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ସମୀକ୍ଷାର ମାତ୍ରା ପ୍ରତିକୂଳ ଭାବରେ ପ୍ରଭାବିତ ହୋଇଥିଲା ।

ବିତ୍ତୀୟ ବର୍ଷ 2021-22 ରେ ଚୟନ କରାଯାଇଥିବା ଦୁଇଟି ଜିଲ୍ଲାର (କଟକ ଓ ସମ୍ବଲପୁର), ଦୁଇଟି ଜିଲ୍ଲା ପରିଷଦ, ଚାରିଟି ପଞ୍ଚାୟତ ସମିତି ଓ 20 ଟି ଗ୍ରାମ ପଞ୍ଚାୟତ ଭଳି ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ସମୀକ୍ଷା କରାଯାଇଥିଲା ଯାହାକି ***ପରିଶିଷ୍ଟ 3.1*** ରେ ବିଶଦ ଭାବରେ ବର୍ଣ୍ଣିତ ହୋଇଛି ।

ବିତ୍ତୀୟ ବର୍ଷ 2018-19 ରୁ 2020-21 ସମୟ ସୀମା ମଧ୍ୟରେ ଅନ୍ତର୍ଭୁକ୍ତ ତିନି ପ୍ରକାରର ଅନୁଦାନ ଯଥା: ଚତୁର୍ଦ୍ଦଶ ଅର୍ଥ ଆୟୋଗ ଅନୁଦାନ, ଆମ ଗାଁ ଆମ ବିକାଶ ଯୋଜନା (ଏଜିଏବି) ଅଧିନ ଅନୁଦାନ ଓ ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ (ଏସ୍‌ଜିଏମ୍-ଜି) ଯୋଜନା ଅନ୍ତର୍ଗତ ଅନୁଦାନ ଗୁଡ଼ିକର ଅଡିଟ୍ ଅନୁଧ୍ୟାନ କରିଥିଲେ ।

3.2 ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ପ୍ରାପ୍ତ କରିଥିବା ଚତୁର୍ଦ୍ଦଶ ଅର୍ଥ ଆୟୋଗର ଅନୁଦାନର ବିନିଯୋଗ

ଗ୍ରାମୀଣ ସ୍ଥାନୀୟ ନିକାୟଗୁଡ଼ିକୁ ଦୁଇ ପ୍ରକାରର ଅନୁଦାନ ଯଥା-ଗୋଟିଏ ମୌଳିକ ଅନୁଦାନ ଓ ଅନ୍ୟଟି ପରଫର୍ମାନ୍ସ ଅନୁଦାନ ଦେବା ପାଇଁ ଚତୁର୍ଦ୍ଦଶ ଅର୍ଥ ଆୟୋଗ (ବିତ୍ତୀୟ ବର୍ଷ 2015-20) ପ୍ରସ୍ତାବ ଦେଇଥିଲେ । ଏହି ଅନୁଦାନ ଗୁଡ଼ିକ ଯଥା-ଜଳ ଯୋଗାଣ, ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ବାତ୍ୟା ସମୟରେ ଜଳ ନିଷ୍କାସନ, ସାମ୍ପ୍ରଦାୟିକ ସମ୍ପତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ, ରାସ୍ତା ଏବଂ ଫୁଟ୍ ପାଥ ଗୁଡ଼ିକତର ରକ୍ଷଣାବେକ୍ଷଣ, ରାସ୍ତା ଆଲୋକୀକରଣ ଏବଂ ସମାଧିସ୍ଥଳ ତଥା ଶ୍ମଶାନ ଇତ୍ୟାଦି ବିଭିନ୍ନ ମୌଳିକ ସେବାଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଥିଲା । ମୌଳିକ ଅନୁଦାନ, ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କୁ ପୂର୍ଣ୍ଣ ପାଞ୍ଚ ବର୍ଷ ପାଇଁ ପ୍ରଦାନ କରାଯାଇଥିଲା । ବିନିର୍ଦ୍ଦିଷ୍ଟ ସମ୍ପାଦନ ମାନଦଣ୍ଡଗୁଡ଼ିକୁ ସମ୍ପୂର୍ଣ୍ଣ ହାସଲ କରିବା ପରେ ହିଁ ବିତ୍ତୀୟ ବର୍ଷ 2016-17 ଠାରୁ ସମ୍ପାଦନ ଅନୁଦାନ ପ୍ରଦାନ କରିବା ପ୍ରସ୍ତାବିତ ଥିଲା ।

ବିତ୍ତୀୟ ବର୍ଷ 2015-20 ସମୟ ମଧ୍ୟରେ କଟକ ଏବଂ ସମ୍ବଲପୁର ଜିଲ୍ଲାର ଗ୍ରାମ ପଞ୍ଚାୟତଗୁଡ଼ିକୁ (ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ବିଭାଗ) 598.82 କୋଟି ଟଙ୍କା[46] ପ୍ରଦାନ କରିଥିଲେ । ଅଡିଟ୍ ଏହି ଦୁଇଟି ଜିଲ୍ଲାରେ 20 ଟି ଚୟନ କରାଯାଇଥିବା ଗ୍ରାମ ପଞ୍ଚାୟତରେ ସମ୍ବନ୍ଧିତ ରେକର୍ଡ ଗୁଡ଼ିକରେ ପରୀକ୍ଷଣ କରିଥିଲା ଏବଂ ନିମ୍ନଲିଖିତ ଅନିୟମିତତା ଗୁଡ଼ିକ ଲକ୍ଷ୍ୟ କରିଥିଲା ।

3.2.1 ସମ୍ପାଦନ ଅନୁଦାନ କ୍ଷତି

ମୌଳିକ ଅନୁଦାନ ବ୍ୟତୀତ, କିଛି ନିର୍ଦ୍ଧାରିତ ସର୍ତ୍ତ ପାଳନ କରିପାରିଲେ ଏକ ସମ୍ପାଦନ ଅନୁଦାନର ଅନୁଦାନ ପାଇଁ ଚତୁର୍ଦ୍ଦଶ ଅର୍ଥ ଆୟୋଗ ସୁପାରଶ କରିଥିଲେ । ସେହି ଅଡିଟ୍ କରାଯାଇଥିବା ହିସାବ ପ୍ରଦାନ ଏବଂ ନିଜସ୍ୱ ରାଜସ୍ୱରେ ବୃଦ୍ଧି ଇତ୍ୟାଦି ଏହି ସର୍ତ୍ତଗୁଡ଼ିକର ଅନ୍ତର୍ଭୁକ୍ତ ଥିଲା । 2016 ବର୍ଷରୁ ସମ୍ପାଦନ ଅନୁଦାନ ଲାଗୁ କରାଯିବା ପ୍ରସ୍ତାବିତ ଥିଲା ଏବଂ ରାଜ୍ୟ ସରକାର ପୂର୍ବ ନିର୍ଦ୍ଧାରିତ ମାନଦଣ୍ଡ ଆଧାରରେ ଗ୍ରାମ ପଞ୍ଚାୟତ ଗୁଡ଼ିକର କାର୍ଯ୍ୟ ଦକ୍ଷତା ନିରୂପଣ କରିବା ପାଇଁ ବିଜ୍ଞପ୍ତି ଜାରି କରିଥିଲେ । ସେହି ନିର୍ଦ୍ଧାରିତ ମାନଦଣ୍ଡଗୁଡ଼ିକ ପୂରଣ କରିବା ଆଧାରରେ ଗ୍ରାମ ପଞ୍ଚାୟତ ଗୁଡ଼ିକ 50 ରୁ 100 ପ୍ରତିଶତ ପର୍ଯ୍ୟନ୍ତ ଯଥୋଚିତ ସମ୍ପାଦନ ଅନୁଦାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ।

[46] ଜଟଜ: **ମୌଳିକ ଅନୁଦାନ**-2015-16: 49.56 କୋଟି ଟଙ୍କା, 2016-17: 67.96 କୋଟି ଟଙ୍କା, 2017-18: 78.72 କୋଟି ଟଙ୍କା 2018-19: 91.09 କୋଟି ଟଙ୍କା, 2019-20: 123.09 କୋଟି ଟଙ୍କା; **ସମ୍ପାଦନ ଅନୁଦାନ**- 2016-17: 8.07 କୋଟି ଟଙ୍କା, 2017-18: 9.01 କୋଟି ଟଙ୍କା, ସମ୍ବଲପୁର: **ମୌଳିକ ଅନୁଦାନ**- 2015-16: 20.28 କୋଟି ଟଙ୍କା, 2016-17: 28.07 କୋଟି ଟଙ୍କା, 2017-18: 30.92 କୋଟି ଟଙ୍କା, 2018-19: 35.78 କୋଟି ଟଙ୍କା, 2019-20: 48.35 କୋଟି ଟଙ୍କା; **ସମ୍ପାଦନ ଅନୁଦାନ**-2016-17: 5.72 କୋଟି ଟଙ୍କା, 2017-18: 2.20 କୋଟି ଟଙ୍କା.

ଅଡିଟ୍ ଲକ୍ଷ୍ୟ କରିଥିଲା ଯେ 20 ଟି ନମୁନା ଯାଞ୍ଚ ଗ୍ରାମ ପଞ୍ଚାୟତ ମଧ୍ୟରୁ ବିତ୍ତୀୟ ବର୍ଷ 2018-19 ଏବଂ 2019-20 ରେ 19 ଟି[47] ଗ୍ରାମ ପଞ୍ଚାୟତ ନିଜସ୍ୱ ରାଜସ୍ୱ ହାର ବୃଦ୍ଧି ନକରାଇବା ହେତୁ ସମ୍ପାଦନ ଅନୁଦାନ ହରାଇଛନ୍ତି (ବିଶେଷ ବିବରଣୀ ***ପରିଶିଷ୍ଟ 3.2*** ରେ ପ୍ରଦତ୍ତ) । ନିମ୍ନତମ 50 ପ୍ରତିଶତ ହାରରେ ଗ୍ରାମ ପଞ୍ଚାୟତ ମାନଙ୍କ ପାଇବା ଯୋଗ୍ୟ ସମ୍ପାଦନ ଅନୁଦାନର ଆଧାରରେ ହିସାବ କରାଯାଇଥିବା କ୍ଷତିର ସମୁଦାୟ ପରିମାଣ 68.66 ଲକ୍ଷ[48] ଟଙ୍କା ଥିଲା ।

କଠିନ ବର୍ଜ୍ୟବସ୍ତୁ ପରିଚାଳନା, ରାସ୍ତା ଆଲୋକୀକରଣ ଇତ୍ୟାଦି ଜନକଲ୍ୟାଣ ସେବା ଗୁଡ଼ିକ ପ୍ରଦାନ କରିବା ପାଇଁ ଆବଶ୍ୟକୀୟ ରାଶି ପ୍ରାପ୍ତ କରିବାରେ ଏହି ସମ୍ପାଦନ ଅନୁଦାନରେ ହୋଇଥିବା କ୍ଷତି ପ୍ରତିକୂଳ ପ୍ରଭାବ ପକାଇଥିଲା ।

ଉତ୍ତରରେ , ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ କହିଥିଲେ (ଅକ୍ଟୋବର 2022) ଯେ, ଯେହେତୁ ସମ୍ପାଦନ ଅନୁଦାନ ପାଇବା ପାଇଁ ନିଜସ୍ୱ ରାଜସ୍ୱରେ ବୃଦ୍ଧି କରିବା ଅନ୍ୟାନ୍ୟ ସର୍ତ୍ତ ମଧ୍ୟରେ ଗୋଟିଏ ଅଟେ । ତେଣୁ ଗ୍ରାମ ପଞ୍ଚାୟତ ଗୁଡ଼ିକ ନିଜସ୍ୱ ରାଜସ୍ୱ ବୃଦ୍ଧି କରିବା ଦିଗରେ ଚେଷ୍ଟିତ ଅଛନ୍ତି । ସମ୍ପାଦନ ଅନୁଦାନ ପ୍ରାପ୍ତ କରିବା କିନ୍ତୁ ଏହା ସତ୍ୟ ଯେ, ଚତୁର୍ଦ୍ଦଶ ଅର୍ଥ ଆୟୋଗଙ୍କର ସମାପ୍ତି ପର୍ଯ୍ୟନ୍ତ ଗ୍ରାମ ପଞ୍ଚାୟତ ଗୁଡ଼ିକ ସର୍ତ୍ତ ପାଳନ କରିପାରି ନଥିଲେ ଏବଂ ସମ୍ପାଦନ ଅନୁଦାନରୁ ବଞ୍ଚିତ ହୋଇଥିଲେ ।

3.2.2 ସନ୍ଦେହଜନକ ଅର୍ଥ ଆତ୍ମସାତ୍ କରିବା

ଅନ୍ୟାନ୍ୟ ବିଷୟ ଗୁଡ଼ିକ ମଧ୍ୟରେ ଗ୍ରାମ ପଞ୍ଚାୟତ ଗୁଡ଼ିକ ଦ୍ୱାରା ଚତୁର୍ଦ୍ଦଶ ଆର୍ଥ ଆୟୋଗଙ୍କ ଅନୁଦାନ ବିନିଯୋଗର ପର୍ଯ୍ୟାଲୋଚନା ଏବଂ ପର୍ଯ୍ୟବେକ୍ଷଣକୁ ସୁବ୍ୟବସ୍ଥିତ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ (ଅକ୍ଟୋବର 2015) ଅନୁଦେଶ କରିଥିଲେ । ଏହି ଅନୁଦ୍ଦେଶରେ କାର୍ଯ୍ୟ ସମାପ୍ତି ପରେ ଆର୍‌ଟିଜିଏସ୍ ପଦ୍ଧତି ମାଧ୍ୟମରେ କାର୍ଯ୍ୟକର୍ତ୍ତାମାନଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ କରାଯିବା ନିର୍ଦ୍ଧାରିତ ହୋଇଥିଲା ।

କିନ୍ତୁ, କଟକ ଜିଲ୍ଲାର କଣ୍ଟାପଡ଼ା ପଞ୍ଚାୟତ ସମିତିର ଗୋବିନ୍ଦପୁର ଗ୍ରାମ ପଞ୍ଚାୟତରେ ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ, ଗୋବିନ୍ଦପୁର ଗ୍ରାମ ପଞ୍ଚାୟତରେ ଏକ ସଭାସ୍ଥଳର ନିର୍ମାଣ ପାଇଁ ପାଞ୍ଚ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା । ଉକ୍ତ ରାଶିରୁ (ତତ୍କାଳୀନ ପିଇଓ ଚତୁର୍ଦ୍ଦଶ ଆର୍ଥ ଆୟୋଗ ଅନୁଦାନର ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟରୁ 1.50 ଲକ୍ଷ ଟଙ୍କା ଉଠାଣ କରିଥିଲେ (ସେପ୍ଟେମ୍ବର 2020) ସେହିଦିନର କ୍ୟାସ୍ ବହିରେ ସେହି ଟଙ୍କାକୁ ଖର୍ଚ୍ଚ କରାହୋଇଥିବା ଦର୍ଶାଯାଇଥିଲା । କିନ୍ତୁ, ତାହାର କୌଣସି ବିସ୍ତୃତ ବିବରଣୀ ଲିପିବଦ୍ଧ କରାଯାଇ ନଥିଲା । ପରନ୍ତୁ, ଅକ୍ଟୋବର 2020 ଏବଂ ମଇ 2021 ରେ ଯଥାକ୍ରମେ 2.83 ଲକ୍ଷ ଟଙ୍କା ଓ 1.38 ଲକ୍ଷ ଟଙ୍କା ଏହିପରି ଭାବରେ, ସମୁଦାୟ 4.21 ଲକ୍ଷ ଟଙ୍କା ପ୍ରଥମ ଓ ଦ୍ୱିତୀୟ ଚଳନ୍ତି ଆକାଉଣ୍ଟ ବିଲରେ ପ୍ରଦାନ କରାଯାଇଥିଲା । ସେହି ଦୁଇଟି ବିଲରେ ଉପରୋକ୍ତ ଅଗ୍ରୀମ ରାଶିର କୌଣସି ବ୍ୟବସ୍ଥାପନ କରାଯାଇନଥିଲା । ପରବର୍ତ୍ତୀ ଚଳନ୍ତି ବିଲଗୁଡ଼ିକ ଉପରେ କୌଣସି ବ୍ୟବସ୍ଥାପନ ନକରାଯିବା କାରଣରୁ ଏବଂ ପରବର୍ତ୍ତୀ ଚଳନ୍ତି ବିଲ୍ ଗୁଡ଼ିକରେ ନିଆଯାଇଥିବା ଅଗ୍ରୀମ ରାଶିକୁ ପରବର୍ତ୍ତୀ ଚଳନ୍ତି ବିଲ୍ ଗୁଡ଼ିକରେ କୌଣସି କାର୍ଯ୍ୟ ନକରି ଖର୍ଚ୍ଚ ରୂପରେ ଦର୍ଶାଯିବାର ପରିଣାମ ସନ୍ଦେହଜନକ ଅର୍ଥ ଆତ୍ମସାତ୍ ହୋଇଥିଲା ।

ପିଆର୍ ଆଣ୍ଡ ଡିଡବ୍ଲୁ ବିଭାଗ, ଉତ୍ତରରେ କହିଥିଲେ (ଅକ୍ଟୋବର 2022) ଯେ, ସରକାରୀ ଅର୍ଥ ଆତ୍ମସାତ କରିଥିବା ଉତ୍ତରଦାୟୀ ବ୍ୟକ୍ତିବିଶେଷଙ୍କ ଠାରୁ ଉକ୍ତ ରାଶି ଆଦାୟ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଅଛି ।

3.2.3 ସରକାରୀ ଆକାଉଣ୍ଟରେ ସରକାରୀ ପ୍ରାପ୍ତି ଗୁଡ଼ିକରେ ପ୍ରଦାନ କରାନଯିବା

ଓଡ଼ିଶା ଟ୍ରେଜେରୀ କୋଡ (ଭାଗ-I), ଅନୁଯାୟୀ, ସଂଗୃହୀତ ରାଜଭାଗ ପାଇବାର ତିନି ଦିନି ମଧ୍ୟରେ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଜମା କରିବା ଆବଶ୍ୟକ । ସେହିପରି, ସଂଗ୍ରହଣର 30 ଦିନ ମଧ୍ୟରେ ପ୍ରତିଟି ଶ୍ରମିକ ସେସ୍‌କୁ ଓଡ଼ିଶା ଭବନ ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡଙ୍କ ନିକଟରେ ଜମା କରିବା ଆବଶ୍ୟକ ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ବିତ୍ତୀୟ ବର୍ଷ 2018-19 ରୁ 2020-21 ମଧ୍ୟରେ, 20 ଟି ନମୁନା ଯାଞ୍ଚ ଗ୍ରାମ ପଞ୍ଚାୟତରୁ 13[49] ଟିରେ 20.37 ଲକ୍ଷ ଟଙ୍କା (13.54 ଲକ୍ଷ ଟଙ୍କାର ରାଜଭାଗ ଏବଂ 6.83 ଲକ୍ଷ ଟଙ୍କାର ସେସ୍) ରାଜ୍ୟ ସରକାରଙ୍କର ଦେୟ ସଂଗ୍ରହ କରାଯାଇଥିଲା । କିନ୍ତୁ, ମାତ୍ର 7.03 ଲକ୍ଷ ଟଙ୍କା (6.61 ଲକ୍ଷ ଟଙ୍କାର ପଞ୍ଚାୟତି ଓ 0.42 ଲକ୍ଷ ଟଙ୍କାର ସେସ୍) ହିଁ ସରକାରଙ୍କ ତହବିଲରେ ଜମା କରାଯାଇଥିଲା । ବଳକା 13.34 ଲକ୍ଷ ଟଙ୍କା (6.93 ଲକ୍ଷ

---

47 ସମସ୍ତ ପରୀକ୍ଷିତ ଗ୍ରାମ ପଞ୍ଚାୟତ ଟାଙ୍ଗୀ ଚୌଦ୍ୱାରା ପଞ୍ଚାୟତ ସମିତିର ଉଚ୍ଚପଡ଼ା ଗ୍ରାମ ପଞ୍ଚାୟତ

48 **ମୌଳିକ ଅନୁଦାନ** : 12.36 କୋଟି ଟଙ୍କା (90 ପ୍ରତିଶତ ମୋଟ ଅନୁଦାନର), **ସମ୍ପାଦନ ଅନୁଦାନ** 1.3732 କୋଟି ଟଙ୍କା (10 ପ୍ରତିଶତ ମୋଟ ଅନୁଦାନର), ସର୍ବନିମ୍ନ ସମ୍ପାଦନ ଅନୁଦାନର କ୍ଷତି ପ୍ରତି 50 ପ୍ରତିଶତ 1.3732 କୋଟି ଟଙ୍କା: 68.66 ଲକ୍ଷ ଟଙ୍କା

49 ବାଗଲପୁର, ଅଡଗପୁର, କଣ୍ଟାପଡ଼ା, ଉରଧା, ଗୋବିନ୍ଦପୁର, ବାତେଉରା, ବଦୁଆପଲି, ବରଗାଁ, ପରମାନପୁର, ସାହାସପୁର, ବିଶାଲକିଦା, କୋର୍ଦଲା, ତଲବ

ଟଙ୍କାର ରାଜଭାଗ ଓ 6.41 ଲକ୍ଷ ଟଙ୍କାର ଶ୍ରମିକ ସେସ୍) ନିଜ ପାଖରେ ରଖିଦିଆଯାଇଥିଲା(ପରିଶିଷ୍ଟ 3.3 ରେ ବିସ୍ତୃତ ବିବରଣୀ ଦିଆଯାଇଛି)।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଉତ୍ତରରେ କହିଲେ (ଅକ୍ଟୋବର 2022) ଯେ, ସମ୍ବନ୍ଧିତ କର୍ତ୍ତୃପକ୍ଷଙ୍କ ଦ୍ୱାରା ସଂଗୃହୀତ ହୋଇଥିବା ରାଜଭାଗ ଓ ସେସ୍ ଖୁବ୍ ଶୀଘ୍ର ସରକାରଙ୍କର ତହବିଲରେ ଜମା କରାଯିବ।

3.2.4 ଅସ୍ୱୀକାର୍ଯ୍ୟ କାର୍ଯ୍ୟର କାର୍ଯ୍ୟାନ୍ୱୟନ

କେନ୍ଦ୍ର ସରକାରଙ୍କ ଦ୍ୱାରା ଚତୁର୍ଦ୍ଦଶ ଅର୍ଥ ଆୟୋଗ ଅନୁଦାନର ସୁପାରିଶ ଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଜାରି କରାଯାଇଥିବା (ଅକ୍ଟୋବର 2015) ମାର୍ଗଦର୍ଶିକାର ଅନୁଚ୍ଛେଦ 7 ଅନୁଯାୟୀ, (କ) ମୌଳିକ ସେବା ଗୁଡ଼ିକ ପ୍ରଦାନ କରିବା ପାଇଁ ମୌଳିକ ଅନୁଦାନକୁ ବିନିଯୋଗ କରାଯିବା ଆବଶ୍ୟକ। ଜଳ ଯୋଗାଣ, ମଳଶୋଧନ ପ୍ରବନ୍ଧନ ସହିତ ସ୍ୱଚ୍ଛତା, ପରିମଳ ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା, ବାତ୍ୟା ଜଳ ନିଷ୍କାସନ, ଗୋଷ୍ଠୀଗତ ସମ୍ପତ୍ତି ଗୁଡ଼ିକର ରକ୍ଷଣାବେକ୍ଷଣ, ରାସ୍ତା ଓ ଫୁଟପାଥର ରକ୍ଷଣାବେକ୍ଷଣ, ରାସ୍ତାର ଆଲୋକୀକରଣ, ସମାଧିସ୍ଥଳ, କଲ୍ୟାଣ ମଣ୍ଡପ, ସପିଂ କମ୍ପ୍ଲେକ୍ସ, ଶ୍ମଶାନ ଘାଟର ନିର୍ମାଣ ଏବଂ ପ୍ଲାସଙ୍ଗିକ ବିଧାନ ଅନ୍ତର୍ଗତ କାର୍ଯ୍ୟ ପ୍ରଦାନ କରିବା ଇତ୍ୟାଦି ମୌଳିକ ସେବା ଅନ୍ତର୍ଭୁକ୍ତକ ଅଟେ। (ଖ) ଓ ଆଣ୍ଡ ଏମ୍ ତଥା ମୁଖ୍ୟ ବ୍ୟୟ ବାବଦରେ ହେଉଥିବା ବୈଷୟିକ ଏବଂ ପ୍ରଶାସନିକ ଖର୍ଚ୍ଚ, କୌଣସି ପରିସ୍ଥିତିରେ ଗୋଟିଏ ଗ୍ରାମ ପଞ୍ଚୟାତର 10 % ଆବଣ୍ଟନ ଠାରୁ ଅଧିକ ହେବ ନାହିଁ ଏବଂ ଏହି ବ୍ୟୟ ସ୍ଥାନୀୟ ନିକାୟ କରିପାରିବେ।

ଅଡିଟ୍ କିନ୍ତୁ ଲକ୍ଷ୍ୟ କରିଥିଲେ ଯେ, ଦଶଟି ଗ୍ରାମ ପଞ୍ଚାୟତ, ସରକାରୀ ଭବନ ନିର୍ମାଣ, ଡ୍ରାମା ପେଣ୍ଡାଲ, ଗ୍ରାମ ପଞ୍ଚାୟତ ସଭା ଗୃହ ତଥା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ମରାମତି, ଗ୍ରାମ ପଞ୍ଚାୟତ ଗୋଦାମ, ବୁଥ୍ ଘର ପରି ଅସ୍ୱୀକାର୍ଯ୍ୟ କାର୍ଯ୍ୟ ବାବଦରେ 52.98 ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ଏହାର ବିଶଦ ବିବରଣୀ ***ପରିଶିଷ୍ଟ 3.4*** ରେ ଦର୍ଶାଯାଇଛି।

ଯେହେତୁ ଏହି କାର୍ଯ୍ୟଗୁଡ଼ିକ ଉଦ୍ଦିଷ୍ଟ ମୌଳିକ ସେବା ପ୍ରଦାନ କରିବା ତଥା ନିଜସ୍ୱ ରାଜସ୍ୱ ସୃଷ୍ଟି କରିବା ସମ୍ବନ୍ଧିତ ନଥିଲା, ଚତୁର୍ଦ୍ଦଶ ଅର୍ଥ ଆୟୋଗ ଅନୁଦାନରୁ ଖର୍ଚ୍ଚ୍ କରିବା ପ୍ରତିବଦଳରେ ସେହି କାର୍ଯ୍ୟଗୁଡ଼ିକୁ ନିୟମିତ ବଜେଟ୍‌ରୁ ମଧ୍ୟ କରାଯାଇପାରିଥାନ୍ତା। ତେଣୁ ଏହିସବୁ କାର୍ଯ୍ୟ ଉପରେ 52.98 ଲକ୍ଷ ଟଙ୍କାର ବ୍ୟୟ ଅସ୍ୱୀକାର୍ଯ୍ୟ ଥିଲା।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଉତ୍ତରରେ କହିଥିଲେ (ଅକ୍ଟୋବର 2022) ଯେ ଚତୁର୍ଦ୍ଦଶ ଅର୍ଥ ଆୟୋଗ ଅନୁଦାନରୁ ଗ୍ରାମ ପଞ୍ଚାୟତ ଭବନ ନିର୍ମାଣ କାର୍ଯ୍ୟ ଅନୁମୋଦିତ ହୋଇଥିଲା (ନଭେମ୍ବର 2015)।

ଯେହେତୁ ଗ୍ରାମ ପଞ୍ଚାୟତ ଗୁଡ଼ିକ ନିଜସ୍ୱ ରାଜସ୍ୱ ବୃଦ୍ଧିକୁ ଉପେକ୍ଷା କରି ଗ୍ରାମ ପଞ୍ଚାୟତ ବିଲ୍ଡିଂ ମରାମତି ଓ ଡ୍ରାମା ପେଣ୍ଡାଲ କାର୍ଯ୍ୟ ଇତ୍ୟାଦି ଅସ୍ୱକାର୍ଯ୍ୟ କାର୍ଯ୍ୟରେ ଅନୁଦାନକୁ ଖର୍ଚ୍ଚ କରି, ସମ୍ପାଦନ ଅନୁଦାନ ହରାଇଥିଲେ, ଏହି ଉତ୍ତର ଗ୍ରହଣ ଯୋଗ୍ୟ ନଥିଲା।

ସୁପାରିଶ:

1. *ବିଜ୍ଞାପନ ହୋର୍ଡିଂ, ବାଣିଜ୍ୟ ଭବନ ଗୁଡ଼ିକର ନିର୍ମାଣ, ସାପ୍ତାହିକ କୃଷିଭିତ୍ତିକ ବଜାର ପରିଚାଳନାଅଧିକାରର ନିଲାମ ଏବଂ ସ୍ଥାନୀୟ ଜଳାଶୟ ଗୁଡ଼ିକରେ ମାଛ ଧରିବାର ଅଧିକାର ପରି ଆୟ ଆସେଟ୍ ଉତ୍ପାଦନକାରୀ ଗୁଡ଼ିକ ସୃଷ୍ଟି କରିବା ଦ୍ୱାରା ଗ୍ରାମ ପଞ୍ଚାୟତ ଗୁଡ଼ିକର ନିଜ ଆୟ/ ରାଜସ୍ୱ ବୃଦ୍ଧି କରିବା ଦିଗରେ ଚେଷ୍ଟିତ ହେବା।*

2. *ନିୟମିତ ବଜେଟ ଆବଣ୍ଟନ ଦ୍ୱାରା ଯେଉଁ ଖର୍ଚ୍ଚ ଭାର/ ବ୍ୟୟ ହାର ନିର୍ବାହ କରାଯାଇପାରିବ, ସେହିପରି ଅଗ୍ରହଣୀୟ କାର୍ଯ୍ୟ ଗୁଡ଼ିକରେ ଅର୍ଥ ବ୍ୟୟ କରିବା ଅପେକ୍ଷା ନିଜସ୍ୱ ଆୟ ବୃଦ୍ଧି କରି ନାଗରିକ ମାନଙ୍କୁ ମୌଳିକ ସେବା ଗୁଡ଼ିକର ବ୍ୟାପକତା ଓ ଗୁଣମାନ ବୃଦ୍ଧି କରିବା ଦିଗରେ ଅର୍ଥ ଆୟୋଗଙ୍କ ଅନୁଦାନର ସୁବିନିଯୋଗ ହେବା ଆବଶ୍ୟକ ଅଟେ।*

3.3 ଆମ ଗାଁ ଏବଂ ଆମ ବିକାଶ ଯୋଜନା ପାଣ୍ଠିର ଉପଯୋଗ

ଆଞ୍ଚଳିକ ଗୁରୁତ୍ୱ ବହନ କରୁଥିବା କ୍ଷୁଦ୍ର ଏବଂ ଅତ୍ୟାବଶ୍ୟକ ପ୍ରକଳ୍ପ ଦ୍ୱାରା ଏବଂ ବିକଶିତ ଭିତ୍ତିକୁ ସଂଯୋଗ ପ୍ରଦାନ ଦ୍ୱାରା ଆଞ୍ଚଳିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସରକାର 'ଆମ ଗାଁ ଆମ ବିକାଶ' (ଏଜିଏବି) ଯୋଜନାକୁ କାର୍ଯ୍ୟାନ୍ୱିତ କରିଥିଲେ। ସାମଗ୍ରିକ ଗୋଷ୍ଠୀ ଉନ୍ନୟନ ଏବଂ ସର୍ବସାଧାରଣ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଥିବା ପ୍ରକଳ୍ପଗୁଡ଼ିକୁ ଏହି ଯୋଜନାର ଅନ୍ତର୍ଭୁକ୍ତ କରିବାର ଥିଲା।

ଏହି ଯୋଜନା ଅଧିନରେ ଅନୁମୋଦିତ ହୋଇଥିବା 5,933 ଟି ପ୍ରକଳ୍ପ ପାଇଁ ନମୁନା ଯାଞ୍ଚ ହୋଇଥିବା ଦୁଇଟି ଜିଲ୍ଲାର 23 ଟି ପଞ୍ଚାୟତ ସମିତି 2018-19 ରୁ 2020-21 ବିତ୍ତୀୟ ବର୍ଷ ମଧ୍ୟରେ 115.17 କୋଟି ଟଙ୍କାର ପାଣ୍ଠି ଲାଭ କରିଥିଲେ । ସେଥିମଧ୍ୟରୁ 761 ଟି ପ୍ରକଳ୍ପ[50] 15.13 କୋଟି ଟଙ୍କା ବ୍ୟୟରେ ନିଷ୍ପାଦିତ କରିବାର କାର୍ଯ୍ୟ ହାତକୁ ନିଆଯାଇଥିଲା । ଅଡିଟ୍ ଦ୍ୱାରା ନମୁନା ଯାଞ୍ଚ ହୋଇଥିବା ଚାରିଟି ପଞ୍ଚାୟତ ସମିତିର ପାଣ୍ଠି ବିନିଯୋଗ ସମୀକ୍ଷାରୁ ନିମ୍ନଲିଖିତ ଅନିୟମିତତା ପରିଲକ୍ଷିତ ହୋଇଥିଲା:

3.3.1 ପ୍ରକଳ୍ପ ଚୟନ

'ଆମ ଗାଁ ଆମ ବିକାଶ'ର ମାର୍ଗଦର୍ଶିକା ଅନୁଯାୟୀ (i) ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଅଧିବାସୀ, ଗୋଷ୍ଠୀ ସଂଗଠନ, ଲୋକ ପ୍ରତିନିଧି ଏବଂ ଅନ୍ୟ ହିତାଧିକାରୀମାନଙ୍କ ଦ୍ୱାରା ପ୍ରସ୍ତାବିତ ହୋଇଥିବା ଉଚିତ୍, (ii) ତତ୍ପରେ, ଗ୍ରାମ ପଞ୍ଚାୟତ-ୱାରୀ ପ୍ରକଳ୍ପ ତାଲିକା ଗ୍ରାମ ପଞ୍ଚାୟତ, ବ୍ଲକ୍ ତଥା ଜିଲ୍ଲା ସ୍ତରରେ ଏକତ୍ରିତ କରି ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ବିଭାଗକୁ ପ୍ରେରିତ କରିବାର ଥିଲା, (iii) ପରବର୍ତ୍ତୀ କାଳରେ ସାଧାରଣ ଜନତା ତଥା ସଂପୃକ୍ତ ବ୍ଲକର ଜନପ୍ରତିନିଧିମାନଙ୍କ ସହିତ ଭିଡିଓ ସମ୍ମିଳନୀ ମାଧ୍ୟମରେ ପ୍ରକଳ୍ପଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ହେବାର ଥିଲା ।

ସମୀକ୍ଷାରୁର ପରିଲକ୍ଷିତ ହେଲା ଯେ, ଗ୍ରାମ ପଞ୍ଚାୟତ ସ୍ତରରେ ଏକତ୍ରିତ କରିବା, ସ୍ଥାନୀୟ ଅଧିବାସୀ ଅଥବା ଲୋକ ପ୍ରତିନିଧି ମାନଙ୍କ ଦ୍ୱାରା ପ୍ରସ୍ତାବିତ ହୋଇଥିବାର ଦସ୍ତାବିଜ ପ୍ରମାଣ ବିନା ଏହି ଦୁଇଟି ଜିଲ୍ଲାରେ 5,933 ଟି ପ୍ରକଳ୍ପ ରାଜ୍ୟ ସ୍ତରରେ ଅନୁମୋଦିତ ହୋଇଥିଲା ଏବଂ ବ୍ଲକ୍ ତଥା ଜିଲ୍ଲା ସ୍ତରରେ ଏକତ୍ରିତ ହେବାକୁ ଥିବା ଗ୍ରାମ ପଞ୍ଚାୟତୱାରୀ ପ୍ରକଳ୍ପ ତାଲିକା ବିଭାଗକୁ ପଠାଯାଇନଥିଲା ।

ଅଡିଟ୍ ଜାଣିବାକୁ ପାଇଲା, ତଳସ୍ତରର ତଥ୍ୟ ଅଭାବରୁ, 102[51] ଟି ଅନୁମୋଦିତ ପ୍ରକଳ୍ପ ଯାହାର ଆନୁମାନିକ ମୂଲ୍ୟ 1.43 କୋଟି ଟଙ୍କା ପ୍ରକଳ୍ପ ଯାହାକି କାର୍ଯ୍ୟକାରୀ କରାଯାଇ ନଥିଲା ଯାହାର କାରଣ ଦର୍ଶାଯାଇଥିଲା, ଅନୁପଯୋଗୀ ପ୍ରକଳ୍ପ ସ୍ଥାନ, ନିଅଣ୍ଟିଆ ଅଟକଳ ମୂଲ୍ୟର ପ୍ରକଳ୍ପ ଯାହା ଅନୁମୋଦନ ପୂର୍ବରୁ ପ୍ରକଳ୍ପ ହେବ ବୋଲି ଆଶାକରାଯାଇନଥିଲା ।

ମାର୍ଗଦର୍ଶିକାର ଉଲ୍ଲଙ୍ଘନ କରି, ହିତାଧିକାରୀ ଅଥବା ସେମାନଙ୍କର ପ୍ରତିନିଧିଙ୍କୁ ସାମିଲ୍ ନକରି ପ୍ରକଳ୍ପ ଚୟନ କରାଯିବାରୁ ପାଣ୍ଠି ଅବରୋଧ ହୋଇ ରହିଲା ଯାହା ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ଉପଯୋଗ ହୋଇପାରିଥାଆନ୍ତା, ଯାହାକି ଏଜିଏବି ଯୋଜନାର ମୂଳ ଲକ୍ଷ୍ୟ ଥିଲା ।

ସମୀକ୍ଷା ମନ୍ତବ୍ୟ ଜବାବରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଦର୍ଶାଇଲେ (ଅକ୍ଟୋବର 2022) ଯେ, ସରକାରୀ ଅନୁମୋଦନ ପ୍ରାପ୍ତ କରି ପ୍ରକଳ୍ପ ପାଣ୍ଠିକୁ ଏଜିଏବି ଯୋଜନା ଅଧିନରେ ଚାଲୁରହିଥିବା ପ୍ରକଳ୍ପରେ ବିନିଯୋଗ କରିବା ପାଇଁ ଜିଲ୍ଲାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ।

ମାର୍ଗଦର୍ଶିକା ଉଲ୍ଲଙ୍ଘନ କରି ହିତାଧିକାରୀ ଅଥବା ସେମାନଙ୍କର ପ୍ରତିନିଧିଙ୍କୁ ସଂପୃକ୍ତ ନ କରି ପ୍ରକଳ୍ପ ଚୟନ ହୋଇଥିଲା, ଯଦ୍ୱାରା ହିତାଧିକାରୀମାନେ ଆବଶ୍ୟକ ସୁବିଧାରୁ ବଞ୍ଚିତ ହେଲେ ।

3.3.2 ଅଗ୍ରାହ୍ୟ ପ୍ରକଳ୍ପ କାର୍ଯ୍ୟ ନିଷ୍ପାଦନ

ଏଜିଏବି ମାର୍ଗଦର୍ଶିକା ଅନୁଯାୟୀ ପ୍ରକଳ୍ପଗୁଡ଼ିକ ବିକାଶାତ୍ମକ ହେବା ଉଚିତ୍ ଏବଂ ସାମଗ୍ରିକ ଭାବରେ ଗୋଷ୍ଠୀ ଉନ୍ନୟନ ପାଇଁ ଗୋଷ୍ଠୀ ସମ୍ପଦ ସୃଷ୍ଟି କରୁଥିବା ଉଚିତ୍ ।

ଯାହାହେଉ, ତିନୋଟି[52] ପଞ୍ଚାୟତି ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଗୋଷ୍ଠୀକେନ୍ଦ୍ର ଓ ଯଜ୍ଞ ମଣ୍ଡପ ଇତ୍ୟାଦି ନାମରେ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲେ । 71 ଟି କାର୍ଯ୍ୟର ନଥି ନମୁନା ଯାଞ୍ଚ ଏବଂ ଯୁଗ୍ମ ଭୌତିକ ନିରୀକ୍ଷଣରୁ ଦେଖାଗଲା ଯେ, 33 ଟି କ୍ଷେତ୍ରରେ ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନେ 62.64 ଲକ୍ଷ ଟଙ୍କା ବ୍ୟୟରେ ଧାର୍ମିକ ଢାଞ୍ଚାରେ ନିର୍ମାଣ କାର୍ଯ୍ୟ ନିଷ୍ପାଦନ କରିଥିଲେ (ନିମ୍ନରେ ଦର୍ଶିତ ଚିତ୍ର ଅନୁଯାୟୀ) । ସବିଶେଷ ତଥ୍ୟ ***ପରିଶିଷ୍ଟ 3.5*** ରେ ଦର୍ଶାଯାଇଛି ।

---

[50] କଟକ -528 ଟି ପ୍ରକଳ୍ପ ଏବଂ ସମ୍ବଲପୁର-233 ଟି ପ୍ରକଳ୍ପ

[51] କଣ୍ଟାପଡ଼ା: 10, ଟାଙ୍ଗୀ ଚୌଦ୍ୱାର: 80 ଏବଂ ମାନେଶ୍ୱର: 12

[52] କଣ୍ଟାପଡ଼ା, ଟାଙ୍ଗି ଚୌଦ୍ୱାର ଏବଂ ଧାନକଉଡ଼ା

ଫଟୋଚିତ୍ର :3.1



ଶ୍ରୀ ରାଧାକାନ୍ତ କମ୍ୟୁନିଟି କେନ୍ଦ୍ର, ଶିଶୁଆ, କଣ୍ଟାପଡ଼ା ଜିପି

ଫଟୋଚିତ୍ର :3.2



ମା ମଙ୍ଗଳା କେନ୍ଦ୍ର, କଣ୍ଟାପଡ଼ା ପିଏସର ଅଡଶପୁର ଜିପିରେ

ଫଟୋଚିତ୍ର :3.3



ଧାନକଉଡ଼ା ପଞ୍ଚାୟତ ସମିତିର ତଲବ ଗ୍ରାମ ପଞ୍ଚାୟତର ଯାତ୍ରା ମଣ୍ଡପ

ଫଟୋଚିତ୍ର :3.4



ଧାନକଉଡ଼ା ପଞ୍ଚାୟତ ସମିତିର ତଲବ ଗ୍ରାମ ପଞ୍ଚାୟତର ଯଜ୍ଞ ମଣ୍ଡପ

ଗୋଷ୍ଠୀକେନ୍ଦ୍ର ନାମରେ ଧାର୍ମିକ ଢାଞ୍ଚା ନିର୍ମାଣ କରିବା ଏଜିଏବି ମାର୍ଗଦର୍ଶିକାରେ ପରିପନ୍ଥୀ ଥିଲା ତଥା ଯୋଜନା ଅଧିନରେ ସାମଗ୍ରିକ ଭାବରେ ଗୋଷ୍ଠୀ ଉନ୍ନୟନ କରିବାରେ ଅସଫଳ ହୋଇଥିଲା ।

ସମୀକ୍ଷା ମନ୍ତବ୍ୟ ଜବାବରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ବିଭାଗ ଦର୍ଶାଇଲେ (ଅକ୍ଟୋବର 2022) ଯେ, ଧାର୍ମିକ ଅନୁଷ୍ଠାନ ନିକଟରେ ନିର୍ମାଣ କାର୍ଯ୍ୟ ସମୁହ ସ୍ୱାର୍ଥ ଓ ସାମୁହିକ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଥିଲା ।

ଯେହେତୁ ଗୋଷ୍ଠୀ କେନ୍ଦ୍ର ନାମରେ ଧାର୍ମିକ ଅନୁଷ୍ଠାନ ପରିସରରେ ନିର୍ମାଣ କାର୍ଯ୍ୟ ଚାଲିଥିବାର ସମୀକ୍ଷାରୁ ପରିଲକ୍ଷିତ ହେଲା । ତେଣୁ, ବିଭାଗର ଉତ୍ତର ଗ୍ରହଣ ଯୋଗ୍ୟ ନୁହେଁ ।

3.3.3 ଅସମ୍ପୂର୍ଣ୍ଣ ପ୍ରକଳ୍ପରେ ନିଷ୍ଫଳ ବ୍ୟୟ

ସମୀକ୍ଷାରୁ ଦେଖାଗଲା ଯେ, ତିନି ଜଣ ବ୍ଲକ ଉନ୍ନୟନ ଅଧିକାରୀ (ଟାଙ୍ଗୀ ଚୌଦ୍ୱାରା, କଣ୍ଟାପଡ଼ା ଏବଂ ଧାନକୌଡ଼ା) 2018-19 ରୁ 2020-21 ମଧ୍ୟରେ 44.80 ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ 22[53]ଟି ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇଥିଲେ । ଏହି କାର୍ଯ୍ୟଗୁଡ଼ିକର ସମାପ୍ତି ଜାନୁଆରୀ 2019 ରୁ ମାର୍ଚ୍ଚ 2021 ମଧ୍ୟରେ ଅନ୍ତିମ ବିଲ୍ ପ୍ରଦାନ କରି ହୋଇଥିବାର ନଥିଭୁକ୍ତ ହୋଇଥିଲା । ସବିଶେଷ ତଥ୍ୟ ***ପରିଶିଷ୍ଟ 3.6*** ରେ ଦର୍ଶାଯାଇଛି ।

ଫଟୋଚିତ୍ର :3.5



ଧାନକୌଡ଼ା ପଞ୍ଚାୟତ ସମିତିର ତଲବ ଗ୍ରାମ ପଞ୍ଚାୟତର ସୋନୁଟିକିରାରେ ଯାତ୍ରା ମଣ୍ଡପ ନିର୍ମାଣ

ଫଟୋଚିତ୍ର:3.6



କଣ୍ଟାପଡ଼ା ପଞ୍ଚାୟତ ସମିତିରଅଡଶପୁର ଗ୍ରାମ ପଞ୍ଚାୟତର ଶ୍ରୀ ମୁକ୍ତେଶ୍ୱର ମହାଦେବ ସିସି

[53] କଣ୍ଟାପଡ଼ା ପଞ୍ଚାୟତି ସମିତି: 11 ପ୍ରକଳ୍ପ, ଟାଙ୍ଗୀ ଚୌଦ୍ୱାର: 4 ପ୍ରକଳ୍ପ ଏବଂ ଧାନକୌଡ ପଞ୍ଚାୟତି ସମିତି: 7 ପ୍ରକଳ୍ପ

ଫଟୋଚିତ୍ର:3.7	ଫଟୋଚିତ୍ର:3.8
	
କଣ୍ଟାପଡ଼ା ପଞ୍ଚାୟତ ସମିତିର ସିସି ବାଗଲପୁର ଗ୍ରାମପଞ୍ଚାୟତର ମଙ୍ଗଳା ଠାକୁରାଣୀ	ଧାନକୌଡ଼ା ପଞ୍ଚାୟତ ସମିତିର କୁଦ ଗୁଣ୍ଡେରପୁର ଗ୍ରାମ ପଞ୍ଚାୟତର ଗୋଷ୍ଠୀଜେନ୍ଦ୍ର

ସମୀକ୍ଷାର ଯୁଗ୍ମ ଭୌତିକ ନିରୀକ୍ଷଣ (ଜାନୁଆରୀ ଏବଂ ମଇ 2022) ରୁ ପରିଲକ୍ଷିତ ହେଲା ଯେ, ସମଗ୍ର 44.80 ଲକ୍ଷ ଟଙ୍କାର ପ୍ରକଳ୍ପ ବ୍ୟୟ ଅଟକଳର ବିନିଯୋଗ ସତ୍ତ୍ୱେ, ପ୍ରକଳ୍ପଗୁଡ଼ିକର ବାସ୍ତବ ସ୍ଥିତି ଅସମ୍ପୂର୍ଣ୍ଣ ଥିଲା (ଫଟୋରେ ଉଲ୍ଲେଖ ଅଛି) । ତେଣୁ, ଏହି ପ୍ରକଳ୍ପଗୁଡ଼ିକ ଜନସାଧାରଣଙ୍କ ପାଇଁ ନିର୍ମାଣ ହୋଇଥିବା ଉଦ୍ଦେଶ୍ୟରେ ବିନିଯୋଗ ହୋଇପାରିଲା ନାହିଁ ଏବଂ ପରିଣାମ ସ୍ୱରୂପ 44.80 ଲକ୍ଷ ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା । କାର୍ଯ୍ୟ ଅସମ୍ପୂର୍ଣ୍ଣର କାରଣ ମଧ୍ୟ ନଥିପତ୍ରରେ ଉଲ୍ଲେଖ ନଥିଲା ।

ସମୀକ୍ଷା ମନ୍ତବ୍ୟ ଜବାବରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ପ୍ରକଳ୍ପ ପାଣ୍ଠିକୁ କାର୍ଯ୍ୟ ଚାଲୁ ରହିଥିବା ପ୍ରକଳ୍ପକୁ ସମାପ୍ତ କରିବାରେ ବିନିଯୋଗ କରିବା ପାଇଁ ଜିଲ୍ଲାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି (ଜାନୁଆରୀ 2021) ।

ବସ୍ତୁତଃ, ପାଣ୍ଠି ବିନିଯୋଗ ସତ୍ତ୍ୱେ, ପ୍ରକଳ୍ପଗୁଡ଼ିକ ଆସ୍ତି ବିନିଯୋଗ କରି ଅଭିଳଷିତ ହିତସାଧନ କରିପାରିନଥିଲେ ।

3.3.4 ପ୍ରଶାସନିକ ଅନୁମୋଦନ ବିନା କାର୍ଯ୍ୟ ନିଷ୍ପାଦନ

ଓଡ଼ିଶା ପଞ୍ଚାୟତ ସମିତି ହିସାବ ପଦ୍ଧତି ନିୟମାବଳୀ, 2002ର ନିୟମ 75 (C) ଅନୁସାରେ ଯେକୌଣସି କାର୍ଯ୍ୟର ନିଷ୍ପାଦନ ପୂର୍ବରୁ ପ୍ରଶାସନିକ ଅନୁମୋଦନ ପ୍ରାପ୍ତି ଆବଶ୍ୟକ ।

2018-19 ରୁ 2020-21 ବିତ୍ତୀୟ ବର୍ଷରେ ଦୁଇ[54] ଜଣ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା 1.50 କୋଟି ଟଙ୍କାରେ 68[55] ଟି କାର୍ଯ୍ୟ ପ୍ରଶାସନିକ ଅନୁମୋଦନ ପ୍ରାପ୍ତ ନକରି ନିଷ୍ପାଦିତ ହୋଇଛି । ସବିଶେଷ ତଥ୍ୟ ***ପରିଶିଷ୍ଟ 3.7*** ରେ ଦର୍ଶାଯାଇଛି ।

ଏହି ତଥ୍ୟକୁ ସ୍ୱୀକାର କରି ପଞ୍ଚାୟତି ରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଦର୍ଶାଇଲେ (ଅକ୍ଟୋବର 2022) ଯେ, ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନଙ୍କୁ ନିଷ୍ପାଦିତ କାର୍ଯ୍ୟଗୁଡ଼ିକର କାର୍ଯୋତ୍ତର ପ୍ରଶାସନିକ ଅନୁମୋଦନ ପ୍ରାପ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ସୁପାରିଶ:

3. ***ଏଜିଏବି ମାର୍ଗଦର୍ଶିକାକୁ ଅନୁପାଳନ କରି, ନାଗରିକ ତଥା ସେମାନଙ୍କର ପ୍ରତିନିଧିମାନଙ୍କର ମତାମତକୁ ଗ୍ରାମ ପଞ୍ଚାୟତ, ବ୍ଲକ୍ ଏବଂ ରାଜ୍ୟ ସ୍ତରରେ ଏକତ୍ରିତ କରି ସମ୍ଭବଯୋଗ୍ୟ ପ୍ରକଳ୍ପ ଚୟନ କରାଯାଉ ।***
4. ***ସାମଗ୍ରିକ ଭାବରେ ସାମୁହିକ କଲ୍ୟାଣ ହୋଇପାରୁଥିବା ପ୍ରକଳ୍ପଗୁଡ଼ିକୁ ଅଗ୍ରାଧିକାର ଦିଆଯାଉ ଏବଂ ଅଗ୍ରାହ୍ୟ ପ୍ରକଳ୍ପଗୁଡ଼ିକୁ ଏଜିଏବି ଯୋଜନା ପାଣ୍ଠିର ବିନିଯୋଗ କରି କାର୍ଯ୍ୟକାରୀ କରାନଯାଉ ।***
5. ***ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନିରୀକ୍ଷଣ କରି ଅଭିଳଷିତ କଲ୍ୟାଣ ପ୍ରଦାନ ପାଇଁ ଯଥା ସମୟରେ କରାଯାଉ ।***

[54] ଧାନକୌଡ଼ା ଏବଂ କଣ୍ଟାପଡ଼ା ।

[55] କଟକ ଜିଲ୍ଲା-କଣ୍ଟାପଡ଼ା ପଞ୍ଚାୟତ ସମିତି: 47 ଏବଂ ସମ୍ବଲପୁର ଜିଲ୍ଲା-ଧାନକୌଡ଼ା ପଞ୍ଚାୟତ ସମିତି-21

3.4 ସ୍ୱଚ୍ଛ ଭାରତ ମିଶନ-ଗ୍ରାମୀଣର କାର୍ଯ୍ୟକାରିତା

ସର୍ବଭାରତୀୟ ପରିମଳ କଭରେଜ୍ ହାସଲ କରିବା ତଥା ନିରାପଦ ପରିମଳ ଉପରେ ଧ୍ୟାନ ଦେବା ପାଇଁ ଜିଓଆଇ ଦ୍ୱାରା ଏସ୍‌ବିଏମ୍-ଜି (ଅକ୍ଟୋବର 2014) ରେ ଆରମ୍ଭ କରାଯାଉଥିଲା । କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପରିଚାଳନା (ଏସ୍‌ଏଲ୍-ଡବ୍ଲୁଏମ୍) ର କାର୍ଯ୍ୟକଳାପ ଦ୍ୱାରା ଗ୍ରାମୀଣ ଅଞ୍ଚଳରେ ସ୍ୱଚ୍ଛତାର ସ୍ତରକୁ ଉନ୍ନତ କରିବା ପାଇଁ ଏବଂ 2 ଅକ୍ଟୋବର 2019 ମଧ୍ୟରେ ଗ୍ରାମ ପଞ୍ଚାୟତ ଗୁଡ଼ିକୁ ଖୋଲା ମଳମୁକ୍ତ (ଓଡିଏଫ୍) ପରିଷ୍କାର ଏବଂ ପରିମଳ କରିବା ପାଇଁ ଏହା ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ।

2018-19 ରୁ 2020-21 ଆର୍ଥିକ ବର୍ଷ ମଧ୍ୟରେ, ଦୁଇଟି ମନୋନୀତ ଜିଲ୍ଲାର ଜିଲ୍ଲା ପରିଷଦଗୁଡ଼ିକ 313.05 କୋଟି ଟଙ୍କା ପାଇଲେ ଏବଂ 311.00 କୋଟି ଟଙ୍କା ବ୍ୟୟ କଲେ ଏବଂ ଅବଶିଷ୍ଟ 2.05 କୋଟି ଟଙ୍କା ନିମ୍ନ ସାରଣୀ 3.1 ରେ ବିସ୍ତୃତ ଭାବରେ ଦିଆଗଲା ।

ସାରଣୀ 3.1: ପ୍ରତି ବର୍ଷର ପ୍ରାପ୍ତି ଏବଂ ପାଣ୍ଠିର ଉପଯୋଗ

(ଟଙ୍କା କୋଟିରେ)

ବର୍ଷ	ପ୍ରାରମ୍ଭିକ ଜମା	କେନ୍ଦ୍ର ଅଂଶ	ରାଜ୍ୟ ଅଂଶ	ମୋଟ	ବ୍ୟୟ	ଅବଶେଷ ଜମା
2018-19	2.05	96.85	64.57	163.47	161.42	2.05
2019-20	2.05	70.12	46.74	118.91	116.86	2.05
2020-21	2.05	18.41	14.31	34.77	32.72	2.05
ମୋଟ	2.05	185.38	125.62	313.05	311.00	2.05

ଅଡିଟ୍ ପରୀକ୍ଷା ପାଣ୍ଠିର ବ୍ୟବହାର ଯାଞ୍ଚ କରି ନିମ୍ନଲିଖିତ ଅଭାବକୁ ଲକ୍ଷ୍ୟ କଲା ।

3.4.1 ପାଞ୍ଚ ବର୍ଷର ପ୍ରକଳ୍ପ କାର୍ଯ୍ୟକାରିତା ଯୋଜନା ଏବଂ ବାର୍ଷିକ କାର୍ଯ୍ୟକାରିତା ଯୋଜନାଗୁଡ଼ିକର ଅନୁପସ୍ଥିତି

ଏସ୍‌ବିଏମ୍-ଜି ର ସଂଶୋଧିତ ନିର୍ଦ୍ଦେଶାବଳୀ (ଅକ୍ଟୋବର 2017) ର ଅନୁଚ୍ଛେଦ 5.1.1 ଅନୁଯାୟୀ, ପ୍ରତି ଗ୍ରାମ ପଞ୍ଚାୟତର ସବିଶେଷ ତଥ୍ୟକୁ ଅନ୍ତର୍ଭୁକ୍ତ କରି ଜିଲ୍ଲାଦ୍ୱାରା ଏକ ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ପଡ଼ିବ ଏବଂ ଏହାକୁ ରାଜ୍ୟ ଯୋଜନାରେ ରାଜ୍ୟ ସରକାରଙ୍କ ଦ୍ୱାରା ଯାଞ୍ଚ ଏବଂ ଏକତ୍ରିତ କରିବାକୁ ପଡ଼ିବ । ରାଜ୍ୟ ଯୋଜନାରେ ଆଇଇସି, ବିସିସି, ଟ୍ରିଗର ବ୍ୟାୟାମ, ଦକ୍ଷତା ବିକାଶ, କାର୍ଯ୍ୟାନ୍ୱୟନ, ଆର୍ଥିକ ସହାୟତା ଏବଂ ମନିଟରିଂ କାର୍ଯ୍ୟକଳାପର ସବିଶେଷ ତଥ୍ୟ ପ୍ରଦାନ କରାଯିବ, ଯାହା ସମସ୍ତ ଗ୍ରାମ ପଞ୍ଚାୟତ ପାଇଁ ଏକତ୍ରିତ ହେବ । ଆଗକୁ ରାଜ୍ୟ ଯୋଜନାରେ ପାଞ୍ଚ ବର୍ଷର ପ୍ରକଳ୍ପ କାର୍ଯ୍ୟକାରୀ ଯୋଜନା (ପିଆଇପି) ସହିତ ପାଞ୍ଚଟି ବ୍ୟକ୍ତିଗତ ତଥ୍ୟ ଏବଂ ଏସ୍‌ବିଏମ୍-ଜି ର ସଂଶୋଧିତ ନିୟମକୁ ଆଧାର କରି, ରାଜ୍ୟଗୁଡ଼ିକ ଦ୍ୱାରା ପ୍ରସ୍ତୁତ ରାଜ୍ୟ ପିଆଇପି ଗୁଡ଼ିକ ପୁନଃ ସଂଶୋଧନ କରାଯାଉଥିଲା ।

ଅଡିଟ୍ ଅନୁଧ୍ୟାନ କଲେ (ଡିସେମ୍ବର 2021/ ଅପ୍ରେଲ 2022) ଯେ କଟକ ଏବଂ ସମ୍ବଲପୁର ଜିଲ୍ଲାରେ ଏସ୍‌ବିଏମ୍(ଜି)ର କାର୍ଯ୍ୟକାରୀ କରିବା ପାଇଁ ପାଞ୍ଚ ବର୍ଷର ପିଆଇପି ଏବଂ ପାଞ୍ଚଟି ସ୍ୱତନ୍ତ୍ର ଏଆଇପି ପ୍ରସ୍ତୁତ ହୋଇନାହିଁ । ଏସ୍‌ବିଏମ୍(ଜି) ନିର୍ଦ୍ଦେଶାବଳୀ ଦ୍ୱାରା ପ୍ରଦାନ କରାଯାଇଥିବା ଯୋଜନାଗୁଡ଼ିକର ପ୍ରସ୍ତୁତି ନହେବା କାରଣଗୁଡ଼ିକ ରେକର୍ଡରେ ମିଳିଲା ନାହିଁ ।

ଏଆଇପି ଏବଂ ପାଞ୍ଚ ବର୍ଷର ପିଆଇପି ଗୁଡ଼ିକ ଗୁରୁତର ଆଭ୍ୟନ୍ତରଣ ନିୟନ୍ତ୍ରଣ ଥିଲା, ଯାହା କାର୍ଯ୍ୟର ସଠିକ କ୍ରମ ଏବଂ ପରିସର ଉପରେ ସ୍ପଷ୍ଟତା ପ୍ରଦାନ କରିବାକୁ ଉଦ୍ଦିଷ୍ଟ ଥିଲା । ଏହି ଗୁରୁତର ଦଲିଲଗୁଡ଼ିକର ଅଭାବରେ ଯୋଜନାର ଉଦ୍ଦେଶ୍ୟଗୁଡ଼ିକ ହାସଲ ନକରିବାର ବିପଦକୁ ଯଥେଷ୍ଟ ବୃଦ୍ଧି କରିଥିଲା ।

ଏହାର ଉତ୍ତରରେ, ପିଆର୍‌ଆଣ୍ଡଡିଡବ୍ଲୁ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ (କ) ଏହି ଦୁଇ ଜିଲ୍ଲାର ସମସ୍ତ ଗ୍ରାମରେ ବେସ୍ ଲାଇନ୍ ସର୍ଭେରେ ଚିହ୍ନଟ ଯୋଗ୍ୟ ହିତାଧିକାରୀମାନେ 2019 ପର୍ଯ୍ୟନ୍ତ ପାଞ୍ଚ ବର୍ଷର କାର୍ଯ୍ୟ ଯୋଜନା ଗଠନ କରିଛନ୍ତି (ଖ) ରାଜ୍ୟ ସ୍ତରରେ ଉପଲବ୍ଧ ପିଆଇପି ଏବଂ ଏଆଇପି ଜିଲ୍ଲାମାନଙ୍କ ପରାମର୍ଶରେ ପ୍ରସ୍ତୁତ କରାଯାଇଛି ।

ପ୍ରତି ଗ୍ରାମ ପଞ୍ଚାୟତର ବିବରଣୀ ଅନ୍ତର୍ଭୁକ୍ତ କରି ଆଇଇସି, ଦକ୍ଷତା ବିକାଶ, କାର୍ଯ୍ୟାନ୍ୱୟନ, ମନିଟରିଂ କାର୍ଯ୍ୟକଳାପ ଇତ୍ୟାଦି ପାଇଁ ପ୍ରକଳ୍ପ ପ୍ରସ୍ତାବ ନମୁନା ଜିଲ୍ଲାଗୁଡ଼ିକରେ ଅଡିଟ୍ ସମୟରେ ଉପଲବ୍ଧ ହୋଇ ନଥିବାରୁ ଏହାର ଉତ୍ତର କାର୍ଯ୍ୟକ୍ଷମ ନୁହେଁ ।

3.4.2 ଜିଲ୍ଲା ସ୍ୱଚ୍ଛ ଯୋଜନା ପ୍ରସ୍ତୁତ ନକରିବା

ଏସ୍‌ବିଏମ୍-ଜି ନିର୍ଦ୍ଦେଶାବଳୀର ପାରା 5.1.2 ରେ ଦର୍ଶାଯାଇଛି ଯେ, ଏକ ସମୟ ସୀମା ମଧ୍ୟରେ ଜିଲ୍ଲାକୁ ଖୋଲାଖୋଲି ମଳ ମୁକ୍ତ କରିବା ପାଇଁ ପ୍ରତ୍ୟେକ ଜିଲ୍ଲା ଏକ ରଣନୀତିକ ଯୋଜନା ଅଭ୍ୟାସ କରିବା ଆବଶ୍ୟକ । ବାକି ମିଶନ ଅବଧି ପାଇଁ ଜିଲ୍ଲାଗୁଡ଼ିକ ଜିଲ୍ଲା ସ୍ୱଚ୍ଛ ଯୋଜନା (ଡିଏସ୍‌ପି) ବିକାଶ କରିବାକୁ ଆବଶ୍ୟକ ଥିଲା, ଯାହା ବିରୁଦ୍ଧରେ ଅଗ୍ରଗତି ଉପରେ ନଜର ରଖାଯିବ । ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଯୋଜନା ଏବଂ ବ୍ୟବସ୍ଥା ଯେପରିକି ଚାହିଦା ଉତ୍ପାଦନ, ଟେକ୍ନୋଲୋଜିର ପସନ୍ଦ, ନିର୍ମାଣ ତଦାରଖ, ଶୌଚାଳୟ ଗୁଡ଼ିକର ଜିଓ-ଟ୍ୟାଗିଙ୍ଗ୍, ଓଡିଏଫ୍ ଘୋଷିତ ଗ୍ରାମ ଯାଞ୍ଚ ଇତ୍ୟାଦି ଜିଲ୍ଲା ସ୍ୱଚ୍ଛ ଯୋଜନାରେ ସୂଚିତ କରାଯାଇଥିଲା ।

ଅଡିଟ୍ ଲକ୍ଷ୍ୟ କରିଥିଲା (ଡିସେମ୍ବର 2021/ ଅପ୍ରେଲ 2022) ଯେ କଟକ ଏବଂ ସମ୍ବଲପୁର ଜିଲ୍ଲା ଜଳ ବେଂ ପରିମଳ ମିଶନ 2017-18 ରୁ ଆର୍ଥିକ ବର୍ଷ 2019-20 ପର୍ଯ୍ୟନ୍ତ କୌଣସି ଡିଏସ୍‌ପି ପ୍ରସ୍ତୁତ କରିନାହିଁ । ଏସ୍‌ବିଏମ୍(ଜି) ନିର୍ଦ୍ଦେଶାବଳୀ ଦ୍ୱାରା ପ୍ରଦତ୍ତ ଡିଏସ୍‌ପିର ଏପରି ପ୍ରସ୍ତୁତ ନହେବା କାରଣ ଗୁଡ଼ିକ ରେକର୍ଡରେ ମିଳିଲା ନାହିଁ ।

ଡିଏସ୍‌ପିର ଅନୁପସ୍ଥିତିରେ ଶୌଚାଳୟ ନିର୍ମାଣର ପର୍ଯ୍ୟାପ୍ତ ତତ୍ତ୍ୱାବଧାନ, ଜଳର ଉପଲବ୍ଧତା ନଥିବା ହେତୁ ବ୍ୟକ୍ତିଗତ ଘରର ଶୌଚାଳୟ ବ୍ୟବହାର ନକରିବା ଏବଂ ବ୍ୟକ୍ତିଗତ ଶୌଚାଳୟର ଆଂଶିକ ନିର୍ମାଣ ହେତୁ ଗ୍ରାମାଞ୍ଚଳରେ ଖୋଲା ମଳର ଅବସାନ କରାଗଲା ।

ଏହାର ଉତ୍ତରରେ, ପିଆର୍ ଏବଂ ଡିଡବ୍ଲୁ ବିଭାଗ ବ୍ୟକ୍ତ କଲେ(ଅକ୍ଟୋବର 2022) ଯେ ଜିଲ୍ଲାମାନଙ୍କ ଦ୍ୱାରା ଡିଏସ୍‌ପି ପ୍ରସ୍ତୁତ କରାଯାଇଥିଲା ଏବଂ ରାଜ୍ୟ ସହ ଅଂଶୀଦାର କରାଯାଇଥିଲା । ଅବଶିଷ୍ଟ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ଏଆଇପି ସେହି ଅନୁଯାୟୀ ପ୍ରସ୍ତୁତ ହୋଇଥିଲା ।

ଏହାର ଉତ୍ତର ଗ୍ରହଣୀୟ ନୁହେଁ କାରଣ ଜିଲ୍ଲା ସ୍ତରରେ ନମୁନା ଜିଲ୍ଲାଗୁଡ଼ିକ ସମାନ ପ୍ରସ୍ତୁତିର ସମର୍ଥନରେ ଡିଏସ୍‌ପି ଉପାଦନ ପ୍ରସ୍ତୁତ କରିପାରିଲା ନାହିଁ ।

3.4.3 ଆଇଏଚ୍‌ଏଚ୍‌ଏଲ ର ସ୍ଥିତି

2019-20 ଆର୍ଥିକ ବର୍ଷ ଶେଷରେ ଦୁଇଟି ନମୁନା ଯାଞ୍ଚ ଜିଲ୍ଲା (କଟକ ଏବଂ ସମ୍ବଲପୁର)ରେ 4.04 ଲକ୍ଷ ଆଇଏଚ୍‌ଏଚ୍‌ଏଲ୍ ନିର୍ମାଣ କରାଯାଇଛି । ଅଡିଟ୍ ଏହି ଦୁଇଟି ଜିଲ୍ଲାର 20 ଟି ନମୁନା ଯାଞ୍ଚ ଗ୍ରାମ ପଞ୍ଚାୟତରେ 576 ଟି ଆଇଏଚ୍‌ଏଚ୍‌ଏଲ୍‌ର ମିଳିତ ଭୌତିକ ଯାଞ୍ଚ ପରିଚାଳନା କରିଥିଲା ଏବଂ ନିମ୍ନଲିଖିତ ଅଭାବ ଲକ୍ଷ୍ୟ କଲା:

- ଏସ୍‌ବିଏମ୍(ଜି) ମାର୍ଗଦର୍ଶିକାର ଅନୁଚ୍ଛେଦ 6.4.1 ଧାର୍ଯ୍ୟ କରିଛି ଯେ ଆଇଏଚ୍‌ଏଚ୍‌ଏଲ୍ ଗୁଡ଼ିକର ସ୍ଥାୟିତ୍ୱ ପାଇଁ ସର୍ବନିମ୍ନ ଡିଜାଇନ୍ ନିର୍ଦ୍ଦିଷ୍ଟତା ପୂରଣ କରିବା ଆବଶ୍ୟକ । ସେହି ଅନୁଯାୟୀ ଓଡ଼ିଶା ଜଳ ଓ ପରିମଳ ମିଶନ (ଓଡବ୍ଲୁଏସ୍‌ଏମ୍) ସମସ୍ତ ଜିଲ୍ଲାପାଳଙ୍କୁ ଆଇଏଚ୍‌ଏଚ୍‌ଏଲ୍ ଗଠନ କରିବା ସମୟରେ ଟୁଇନ୍ ପିଟ୍ ୱାଟର ସିଲ୍ ଟେକ୍‌ନୋଲୋଜି ଗ୍ରହଣ କରିବାକୁ ଅପ୍ରେଲ 2018 ରେ ନିର୍ଦ୍ଦେଶ ଦେଇଥିଲା । ପ୍ରତ୍ୟେକ ଆଇଏଚ୍‌ଏଚ୍‌ଏଲ୍ ପାଇଁ ଆନୁମାନିକ ସହାୟତା ମୂଲ୍ୟ (ଯେଉଁଥିରେ ଟୁଇନ୍ ପିଟ୍ ବ୍ୟବସ୍ଥା ଅନ୍ତର୍ଭୁକ୍ତ) ଥିଲା 12,000 ଟଙ୍କା ।

ମିଳିତ ବାସ୍ତବିକ ସ୍ଥିତି ଯାଞ୍ଚ ସମୟରେ, ଦେଖାଗଲା ଯେ ଯାଞ୍ଚ କରାଯାଇଥିବା 576 ଆଇଏଚ୍‌ଏଚ୍‌ଏଲ୍ ମଧ୍ୟରୁ 508 ଆଇଏଚ୍‌ଏଚ୍‌ଏଲ୍ ସେଲ୍‌ଫ୍ ହେଲ୍‌ପ୍ ଗ୍ରୁପ୍ (ଏସ୍‌ଏଚ୍‌ଜିଏସ୍) ଦ୍ୱାରା ନିର୍ମାଣ କରାଯାଇଛି । ଏହି 508 ଆଇଏଚ୍‌ଏଚ୍‌ଏଲ୍ ମଧ୍ୟରୁ କେବଳ 10 ଆଇଏଚ୍‌ଏଚ୍‌ଏଲ୍ ରେ ଟୁଇନ୍ ପିଟ୍ ଥିଲା । 441 ଆଇଏଚ୍‌ଏଚ୍‌ଏଲ୍ ରୁ ସିଙ୍ଗଲ୍ ପିଟ୍ ଥିଲା ଏବଂ 57 ଆଇଏଚ୍‌ଏଚ୍‌ଏଲ୍‌ର ଆଦୌ ପିଟ୍ ନଥିଲା । ଏହା ସତ୍ତ୍ୱେ ଏସ୍‌ଏଚ୍‌ଜି ଗୁଡ଼ିକୁ ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ଅର୍ଥ ପ୍ରଦାନ କରାଯାଇଥିଲା । ଏହି ଏସ୍‌ଏଚ୍‌ଜି ଗୁଡ଼ିକୁ ପୂର୍ଣ୍ଣ ସହାୟତା ପ୍ରଦାନ ସତ୍ତ୍ୱେ, ଭବିଷ୍ୟତରେ ବ୍ୟବହାର ପାଇଁ ଅଡିଟ୍ ଏହି ଆଇଏଚ୍‌ଏଚ୍‌ଏଲ୍ ଗୁଡ଼ିକର ସ୍ଥାୟୀତ୍ୱ ଉପରେ ନିଶ୍ଚିତତା ଦେବାକୁ ଅସମର୍ଥ

ଏହାର ଉତ୍ତରରେ, ପିଆର୍‌ଆଣ୍ଡ ଡିଡବ୍ଲୁ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ ସିଙ୍ଗଲ ସିଟ୍‌କୁ ଟୁଇଟ୍ ପିଟରେ ପରିଣତ କରିବା ପାଇଁ କାର୍ଯ୍ୟକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି (ଫେବୃଆରୀ 2021) ଏବଂ ସମସ୍ତ ସିଙ୍ଗଲ ପିଟ୍‌କୁ ଏବଂ ନୋ ପିଟ୍ ଟଏଲଟ୍ କୁ ଟୁଇନ୍ ପିଟରେ ପରିଣତ କରିବାକୁ ନିଶ୍ଚିତ କରାଯାଇଛି ।

ଉତ୍ତରଟି ଗ୍ରହଣୀୟ ନୁହେଁ, କାରଣ ମିଳିତ ଭୌତିକ ଯାଞ୍ଚ ସମୟରେ ଦିଆଯାଇଥିବା ନିର୍ଦ୍ଦେଶରେ କାର୍ଯ୍ୟକାରିତାକୁ (ଫେବୃଆରୀ 2021) ଅଡିଟ୍ ଖୋଜି ପାଇଲା ନାହିଁ ।

ଫଟୋଚିତ୍ର :3.9



ମାନେଶ୍ୱର ପିଏସ୍‌ର ସାହସପୁର ଜିପିର ଶଶି କୁମାରଙ୍କ ଆଇଏଚ୍‌ଏଚ୍‌ଏଲ୍

ଫଟୋଚିତ୍ର :3.10



ଜଣ୍ଡାପଡ଼ା ପିଏସ୍‌ର ବାଗଲପୁର ଜିପିର ଶ୍ରୀ ବାମ ଭୋଇଙ୍କ ଆଇଏଚ୍‌ଏଚ୍‌ଏଲ୍

ଫଟୋଗ୍ରାଫ୍ :3.11



ଧାନକୌଡ଼ା ପିଏସ୍‌ର ଚଲଚ ଜିପିର ପ୍ରଶ୍ନ ସେଭାଲଙ୍କ ଆଇଏଚ୍‌ଏଚ୍‌ଏଲ୍

ଫଟୋଗ୍ରାଫ୍:3.12



ଧାନକୌଡ଼ା ପିଏସ୍‌ର ବିଶାଳଝୁଙ୍ଗା ଜିପିର ଡେଗୁ ବାଗ ପାଣ୍ଡିଆପାଲିଙ୍କ ଆଇଏଚ୍‌ଏଚ୍‌ଏଲ୍

ଫଟୋଗ୍ରାଫ୍:3.13



ଜଣ୍ଡାପଡ଼ା ପିଏସ୍‌ର ଅଡଶପୁର ଜିପିର ମାୟାଧର ବେହେରାଙ୍କ ଏବଂ ଗୋବର୍ଦ୍ଧନ ବେହେରାଙ୍କ ଆଇଏଚ୍‌ଏଚ୍‌ଏଲ୍

ଫଟୋଗ୍ରାଫ୍:3.14



ଟାଙ୍ଗୀ-ଚୌଦ୍ୱାର ପିଏସ୍‌ର ଜରଞ୍ଜି ଜିପିର ଶାନ୍ତି ପୂର୍ତ୍ତିଙ୍କ ଆଇଏଚ୍‌ଏଚ୍‌ଏଲ୍

- 562 ଆଇଏଚ୍‌ଏଚ୍‌ଏଲ୍ (98 ପ୍ରତିଶତ) ରେ, ଜଳ ସଂଯୋଗ ନଥିଲା । ଏଥି ମଧ୍ୟରୁ, 200 ହିତାଧିକାରୀ ଦର୍ଶାଇଛନ୍ତି ଯେ ସେମାନେ ନିକଟସ୍ଥ କୂଅ/ ନଳ କୂଅରୁ ଜଳ ପରିବହନ କରି ଆଇଏଚ୍‌ଏଚ୍‌ଏଲ୍ ବ୍ୟବହାର କରିଛନ୍ତି । ଅବଶିଷ୍ଟ 362 ହିତାଧିକାରୀ ଆଇଏଚ୍‌ଏଚ୍‌ଏଲ୍‌କୁ ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହାର କରୁନଥିଲେ ଏବଂ ଏହା ବଦଳରେ ନିମ୍ନ ଫଟୋଗ୍ରାଫରେ ଦେଖାଯାଇଥିବା ପରି ଜାଳେଣି କାଠ, ନଡ଼ା ଇତ୍ୟାଦି ସଂରକ୍ଷଣ ପାଇଁ ସେଗୁଡ଼ିକୁ ବ୍ୟବହାର କରୁଥିଲେ, ଯାହାଦ୍ୱାରା 43.08 ଲକ୍ଷ[56] ଟଙ୍କା ଅପଚୟ ବ୍ୟୟ ହେଲା ।
- ଏହି ଅଭାବଗୁଡ଼ିକର ଫଳାଫଳ ଏବଂ ଭିତ୍ତିଭମିର (ଯେପରିକି ଆଇଏଚ୍‌ଏଚ୍‌ଏଲ୍ ପାଇଁ ପାଇପ୍ ଜଳ ସଂଯୋଗ) ଏସ୍‌ବିଏମ୍(ଜି) ଯୋଜନାର ଉଦ୍ଦେଶ୍ୟ । ଯଥା କାର୍ଯ୍ୟକ୍ଷମ ଶୌଚାଳୟର ସୁନିଶ୍ଚିତ କରିବା ସମ୍ଭବ ନୁହେଁ, ଏହି ପରିସ୍ଥିତିରେ, ପିଆର୍‌ଆଇ ଦ୍ୱାରା ରିପୋର୍ଟ ହୋଇଥିବା ଓଡିଏଫ୍‌ର ସ୍ଥିତି ଉପରେ ଅଡିଟ୍ ନିଶ୍ଚିତତା ଚଳାଇବାରେ ଅସମର୍ଥ ।

[56] 359 ଆଇଏଚ୍‌ଏଚ୍‌ଏଲ୍X12000 ଟଙ୍କା

ଏହାର ଉତ୍ତରରେ, ସରକାର ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ପ୍ରବଳ ବର୍ଷା ହେତୁ ହିତାଧିକାରୀମାନେ ଆଇଏଚ୍‌ଏଚ୍‌ଏଲ୍ ଭିତରେ ଜାଳେଣି କାଠ ଏବଂ ଅନ୍ୟାନ୍ୟ ସାମଗ୍ରୀ ରଖିଥାନ୍ତି । ଆହୁରି ମଧ୍ୟ, ନିର୍ମିତ ଶୌଚାଳୟର ନିୟମିତ ବ୍ୟବହାର ନିଶ୍ଚିତ କରିବାକୁ ସରକାର ଦର୍ଶାଇଛନ୍ତି ଯେ ସମସ୍ତ ଓଡିଏଫ୍ ଗ୍ରାମ ପିଡବ୍ଲୁଏସ୍ ଯୋଜନା ଅଧିନରେ ଅନ୍ତର୍ଭୁକ୍ତ ହେବ ଯଥା ଜଳ ଜୀବନ ମିଶନ ଏବଂ ବସୁଧା ଇତ୍ୟାଦି ।

ଏହାର ଉତ୍ତର ଗ୍ରହଣୀୟ ନୁହେଁ କାରଣ 73 ପ୍ରତିଶତ (5.76 ମଧ୍ୟରୁ 419[57]) ଆଇଏଚ୍‌ଏଚ୍‌ଏଲ୍ ଗୁଡ଼ିକ ଜଳ ଉପଲବ୍ଧ ନହେବା ହେତୁ ନମୁନା ବ୍ଲକର ହିତାଧିକାରୀଙ୍କ ଦ୍ୱାରା ବ୍ୟବହାର ହୋଇପାରୁନାହିଁ ଏବଂ ଆଇଏଚ୍‌ଏଚ୍‌ଏଲ୍ ଗୁଡ଼ିକର ପିଟ୍ ନିର୍ମାଣ ନହେବା ପାଇଁ ମିଳିତ ଭୌତିକ ଯାଞ୍ଚ ରେ ନିଶ୍ଚିତ ହୋଇଥିଲା ।

ସୁପାରିଶ:

6. *ନିର୍ଦ୍ଧାରିତ ବାର୍ଷିକ ଯୋଜନା, ଜିଲ୍ଲା ସ୍ୱପଚ୍ଛତା ଯୋଜନା ଏବଂ ପାଞ୍ଚ ବର୍ଷର ପ୍ରକଳ୍ପ କାର୍ଯ୍ୟକାରୀ ଯୋଜନା, ଏସ୍‌ବିଏମ୍(ଜି) ଗ୍ରିମ୍ ମାର୍ଗଦର୍ଶିକା ଅନୁଯାୟୀ ପ୍ରସ୍ତୁତ ହେବା ଆବଶ୍ୟକ ।*
7. *ଭବିଷ୍ୟତରେ ବ୍ୟବହାର ପାଇଁ ସୁନିଶ୍ଚିତ କରିବା ପାଇଁ, ଏସ୍‌ବିଏମ୍(ଜି) ଯୋଜନା ନିର୍ଦ୍ଦେଶାବଳୀ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶାବଳୀରେ ଆଇଏଚ୍‌ଏଚ୍‌ଏଲ୍ ପାଇଁ ନିର୍ଦ୍ଦିଷ୍ଟ ଡିଜାଇନ୍ ନିର୍ଦ୍ଦିଷ୍ଟତା କରିବା ଆବଶ୍ୟକ ।*
8. *ଭିତ୍ତିଭୂମି ସକ୍ଷମ କରିବା ପାଇଁ, ଆଇଏଚ୍‌ଏଚ୍‌ଏଲ୍ ରେ ପାଇପ୍ ଜଳ ଯୋଗାଣ କରିବା ପାଇଁ ଆମ ଗାଁ ଆମ ବିକାଶ ପରି ଅନ୍ୟ ଯୋଜନା ସହିତ ସମିଶ୍ରଣ ମାଧ୍ୟମରେ ନିଶ୍ଚିତ କରିବା ଆବଶ୍ୟକ ।*

[57] 362 ଆଇଏଚ୍‌ଏଚ୍‌ଏଲ୍‌ରେ ଜଳ ଯୋଗାଣ ନାହିଁ ଏବଂ 57 ଆଇଏଚ୍‌ଏଚ୍‌ଏଲ୍‌ରେ ପିଟ୍ ନାହିଁ ।

ଭାଗ - ଖ

ଅଧ୍ୟାୟ 4

ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର

ବିହଙ୍ଗାବଲୋକନ

ଅଧ୍ୟାୟ 4

ବିଭାଗ କ

ରାଜ୍ୟରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର ଏକ ବିହଙ୍ଗାବଲୋକନ

4.1 ଉପକ୍ରମ

74 ତମ ସାମ୍ବିଧାନିକ ସଂଶୋଧନ (1992) ସମ୍ବିଧାନରେ 18 ଟି କାର୍ଯ୍ୟକୁ ନେଇ ଦ୍ୱାଦଶ ଅନୁସୂଚୀ ଯୋଡ଼ିଛି ଏବଂ ସମସ୍ତ ରାଜ୍ୟ ସରକାର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି) କୁ ସ୍ୱାୟତ୍ତ ଶାସନର ଏକକ ଭାବରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଗୁଡ଼ିକ ଏହି 18 ଟି କାର୍ଯ୍ୟ ଏବଂ ଦାୟିତ୍ୱକୁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର ବଣ୍ଟନ କରିବା ଆବଶ୍ୟକ, ସେମାନଙ୍କୁ ସ୍ଥାନୀୟ ସ୍ୱାୟତ୍ତ ଶାସନର ଏକ ଅନୁଷ୍ଠାନ ଭାବରେ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରିବେ । ସେହି ଅନୁଯାୟୀ, 2003 ରେ ପ୍ରଣୀତ ଓଡ଼ିଶା ପୌରପାଳିକା ନିଗମ ନିୟମର 24 ଏବଂ 26 ଅନୁଯାୟୀ, 18 ଟି କାର୍ଯ୍ୟ ମଧ୍ୟରୁ (ଅଗ୍ନିସେବା କାର୍ଯ୍ୟ ବ୍ୟତୀତ, ଯାହା ହସ୍ତାନ୍ତର ହୋଇନାହିଁ) ନଅ ଏବଂ ଆଠଟି କାର୍ଯ୍ୟଗୁଡିକ ଯଥାକ୍ରମେ ସମ୍ବିଧାନର ଦ୍ୱାଦଶ ଅନୁସୂଚୀରେ ତାଲିକାଭୁକ୍ତ ବିଷୟ ଗୁଡ଼ିକ ସମ୍ବନ୍ଧରେ ସୁନିଶ୍ଚିତ କରିବାକୁ ବଣ୍ଟନ କରାଯାଇଥିଲା ।

ରାଜ୍ୟର ସହରାଞ୍ଚଳ ଜନସଂଖ୍ୟାର ପ୍ରୋଫାଇଲ୍ ଏବଂ ଜନସଂଖ୍ୟା ନିମ୍ନ ***ସାରଣୀ 4.1*** ରେ ଦର୍ଶାଯାଇଛି ।

ସାରଣୀ 4.1: ଓଡ଼ିଶା ର ସହରାଞ୍ଚଳ ଜନସଂଖ୍ୟା: ପ୍ରମୁଖ ସୂଚକ ଗୁଡିକ

ସୂଚକ	ରାଜ୍ୟ	ସହରୀ
ଜନସଂଖ୍ୟା(କୋଟିରେ)	4.19	0.70
ପୁରୁଷ (କୋଟିରେ)	2.12	0.36
ମହିଳା (କୋଟିରେ)	2.07	0.34
ଲିଙ୍ଗ ଅନୁପାତ (ପ୍ରତି 1000 ପୁରୁଷରେ)	978	932
ସାକ୍ଷରତା ହାର (ପ୍ରତିଶତ)	72.87	85.75
ପୁରୁଷ ସାକ୍ଷରତା (ପ୍ରତିଶତ)	81.59	90.72
ମହିଳା ସାକ୍ଷରତା (ପ୍ରତିଶତ)	64.01	74.31

(ଉତ୍ସ: ଭାରତର ଜନଗଣନା, 2011)

ମାର୍ଚ୍ଚ 2021 ସୁଦ୍ଧା, ରାଜ୍ୟରେ 114[58] ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ତିନୋଟି ଶ୍ରେଣୀ ଅନୁଯାୟୀ ଗଠନ କରାଯାଇଛି । ପୌରସଂସ୍ଥା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଓଡ଼ିଶା ପୌରପାଳିକା ଅଧିନିୟମ, 1950 ଅନୁଯାୟୀ କାର୍ଯ୍ୟ କରୁଥିବାବେଳେ ପୌରପାଳିକା ନିଗମଗୁଡ଼ିକ ଓଡ଼ିଶା ପୌରପାଳିକା ନିଗମ ଅଧିନିୟମ, 2003 ଅନୁଯାୟୀ କାର୍ଯ୍ୟ ସମ୍ପାଦନ କରୁଛନ୍ତି ।.

[58] ମହାନଗର ନିଗମ: 5, ପୌରପାଳିକା: 48, ବିଜ୍ଞାପିତ ଅଞ୍ଚଳ: 61

4.2 ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର ସାଂଗଠନିକ ସେଟ୍‌ଅପ୍

ପ୍ରତ୍ୟେକ ୟୁଏଲ୍‌ବିକୁ ଅନେକ ୱାର୍ଡରେ ବିଭକ୍ତ କରାଯାଇଛି, ପ୍ରତ୍ୟେକ ୱାର୍ଡକୁ ୱାର୍ଡ କାଉନସିଲର/ କର୍ପୋରେଟର ପ୍ରତିନିଧିତ୍ୱ କରୁଛନ୍ତି । ପୌରପାଳିକା କମିଶନର ପୌରପାଳିକା ନିଗମର କାର୍ଯ୍ୟନିର୍ବାହୀ ମୁଖ୍ୟ ହୋଇଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ହେଉଛନ୍ତି ପୌରପାଳିକା କିମ୍ବା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଟନ୍ତି । ଉଭୟ ପୌରପାଳିକା କମିଶନର ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ, ଗୃହ ଓ ନଗର ଉନ୍ନୟନ (ଏଚ୍‌ଆଣ୍ଡୟୁଡି) ରେ ପୌରପାଳିକା ପ୍ରଶାସନର ନିର୍ଦ୍ଦେଶକଙ୍କୁ ରିପୋର୍ଟ ପ୍ରଦାନ କରିଥାନ୍ତି । ପୌରପାଳିକା ପ୍ରଶାସନ, ନିର୍ଦେଶକ ଯାହାକି ସର୍ବୋଚ୍ଚ ପ୍ରଶାସନିକ ସଂଗଠନ, ରାଜ୍ୟର ସମସ୍ତ ପୌର ନିଗମ, ପୌରପାଳିକା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ କରିବାକୁ ନିୟନ୍ତ୍ରଣ କରିଥାଏ ଏବଂ ଓଡ଼ିଶାରେ ପୌରପାଳିକା ପ୍ରଶାସନକୁ ପରିଚାଳନା କରେ।

ପୌରପାଳିକା ପ୍ରଶାସନିକ ନିର୍ଦ୍ଦେଶାଳୟ, ପ୍ରଶାସନ ନିର୍ଦ୍ଦେଶକ (ଡିଏମ୍‌ଏ)ଙ୍କ ଦ୍ୱାରା ପରିଚାଳିତ ଅଟେ। ପୌରପାଳିକା ପ୍ରଶାସନର ନିର୍ଦ୍ଦେଶାଳୟ, ସମସ୍ତ ସହରାଞ୍ଚଳ ପୌରସଂସ୍ଥାର ବିଭିନ୍ନ କାର୍ଯ୍ୟ କଳାପକୁ ସଂଯୋଜନା କରିଥାଏ । (i) ପୌରପାଳିକା କର ପ୍ରଶାସନ (ii) ଆର୍ଥିକ ପରିଚାଳନା (iii) ଭିତ୍ତିଭୂମି ବିକାଶ (iv) ସହରାଞ୍ଚଳ ଯୋଜନା (v) ସହରୀ ସ୍ୱାସ୍ଥ୍ୟ ଏବଂ ପରିମଳ (vi) ପରିବେଶ ପରିଚାଳନା ଏବଂ (vii) ସହରାଞ୍ଚଳ ଗରିବଙ୍କ ପାଇଁ କାର୍ଯ୍ୟକ୍ରମ ଇତ୍ୟାଦି ।

ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର କାର୍ଯ୍ୟକାରିତାକୁ ତଦାରଖ କରିବା ପାଇଁ ନିର୍ଦ୍ଦେଶାଳୟ ଦାୟୀ ରହିଥାଏ । ଏହା ସହିତ: (i) ଉପଯୁକ୍ତ ମାନବ ସମ୍ବଳ ନୀତି ପ୍ରସ୍ତୁତ କରିବା (ii) ଟିକସ ସଂଗ୍ରହ କାର୍ଯ୍ୟକଳାପ ଉପରେ ନଜର ରଖିବା (iii) ଖର୍ଚ୍ଚରେ ସଚ୍ଚତା ପାଇଁ ନୀତି ପ୍ରଣୟନ କରିବା (iv) ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ନିଷ୍ପତ୍ତି ବିରୁଦ୍ଧରେ ଆବେଦନ ଶୁଣିବା (v) ସରକାରୀ ପାଣ୍ଠି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା କୁ ପ୍ରଦାନ କରିବା ଏବଂ (vi) ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ତଦାରଖ କରିବା ।

ଓଡ଼ିଶାରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ସାଂଗଠନିକ କ୍ରମ, ନିମ୍ନରେ ସୂଚିତ କରାଯାଇଛି ।



ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର ନିର୍ବାଚିତ ପ୍ରତିନିଧିତ୍ୱ ଗଠନ ନିମ୍ନରେ ଦର୍ଶାଯାଇଛି:

ପ୍ରତ୍ୟେକ ପୌରପାଳିକା ନିଗମ ଜଣେ ପୌରାଧ୍ୟକ୍ଷଙ୍କ ଦ୍ୱାରା ପରିଚାଳିତ ହେଉଥିବା ବେଳେ ପ୍ରତ୍ୟେକ ପୌରପାଳିକା/ ବିଜ୍ଞାପିତ ଅଞ୍ଚଳ ପରିଷଦ ଜଣେ ଅଧ୍ୟକ୍ଷଙ୍କ ଦ୍ୱାରା ପରିଚାଳିତ ହୁଏ । ସମ୍ପୃକ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର କର୍ପୋରେଟର/ କାଉନସିଲର ମାନଙ୍କ ମଧ୍ୟରୁ ପୌରାଧ୍ୟକ୍ଷ/ ଅଧ୍ୟକ୍ଷ ନିର୍ବାଚିତ ହୁଅନ୍ତି ।





4.3 ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର କାର୍ଯ୍ୟାବଳୀ

ଭାରତୀୟ ସମ୍ବିଧାନର ଦ୍ୱାଦଶ ଅନୁସୂଚୀ (ଅନୁଚ୍ଛେଦ 243 ଡବ୍ଲୁ) ରେ ଏହାର ପରିକଳ୍ପନା କରାଯାଇଛି ଯେ, ରାଜ୍ୟ ସରକାର ଆଇନ ଦ୍ୱାରା ପୌରପାଳିକାଗୁଡ଼ିକୁ ଏପରି କ୍ଷମତା ଓ ଅଧିକାର ନେଇପାରିବେ, ଯାହା ସେମାନଙ୍କୁ ସ୍ୱୟଂ-ସରକାରର ଅନୁଷ୍ଠାନ ଭାବେ କାର୍ଯ୍ୟ କରିବା ପାଇଁ ସକ୍ଷମ କରିବ । ଏଥିରେ 18 ଟି କାର୍ଯ୍ୟର ତାଲିକା ରହିଛି, ଯାହାକୁ ରାଜ୍ୟ ସରକାରମାନେ ସହରାଞ୍ଚଳ ପୌରସଂସ୍ଥାକୁ ହସ୍ତାନ୍ତର କରିବେ ।

ମାର୍ଚ୍ଚ 2021 ସୁଦ୍ଧା 18 ଟି କାର୍ଯ୍ୟ ମଧ୍ୟରୁ ରାଜ୍ୟ ସରକାର 17 ଟି କାର୍ଯ୍ୟକୁ ସହରାଞ୍ଚଳ ପୌରସଂସ୍ଥାକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ (ଓଏମ୍‌ସି ଅଧିନିୟମ, 2003 ର ଧାରା 24 ଅନୁଯାୟୀ ନଅଟି କାର୍ଯ୍ୟ ବାଧତାମୂଳକ କର୍ତ୍ତବ୍ୟ ଏବଂ ଧାରା 26 ଅନୁଯାୟୀ ଆଠଟି କାର୍ଯ୍ୟକୁ ସାଧାରଣ କ୍ଷମତା ଏବଂ କାର୍ଯ୍ୟ ଭାବରେ) ଦର୍ଶାଯାଇଛି । ଅଗ୍ନିଶମ ସେବା କାର୍ଯ୍ୟ ଏପର୍ଯ୍ୟନ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକୁ ପ୍ରଦାନ କରାଯାଇ ନାହିଁ ।

ସାରଣୀ 4.2: ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସ୍ଥାନାନ୍ତର କରାଯାଇଥିବା କାର୍ଯ୍ୟ

କ୍ରମିକ ସଂଖ୍ୟା	ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ କାର୍ଯ୍ୟଗୁଡ଼ିକର ସ୍ଥାନାନ୍ତରିତ
1.	ପୌରାଞ୍ଚଳ ଯୋଜନା ସହିତ ସହରର ଯୋଜନା
2.	ଜମି ବ୍ୟବହାର ଏବଂ କୋଠା ନିର୍ମାଣର ନିୟମାବଳୀ
3.	ଅର୍ଥନୈତିକ ଏବଂ ସାମାଜିକ ବିକାଶ ପାଇଁ ଯୋଜନା
4.	ରାସ୍ତା ଏବଂ ସେତୁ
5.	ଜଳ ଯୋଗାଣ, ଘରୋଇ, ଶିଳ୍ପ ଏବଂ ବ୍ୟବସାୟିକ
6.	ଜନସ୍ୱାସ୍ଥ୍ୟ ପରିମଳ, ସଂରକ୍ଷଣ ଏବଂ ସ୍ୱେରେଜ୍ ଜଳ ରକ୍ଷଣାବେକ୍ଷଣ
7.	ସହରୀ ବନ ବିଭାଗ, ପରିବେଶର ସୁରକ୍ଷା ଏବଂ ପରିବେଶ ଦିଗ ଗୁଡ଼ିକର ପ୍ରୋତ୍ସାହନ
8.	ଭିନ୍ନକ୍ଷମ ଏବଂ ମାନସିକ ବିକୃତ ସମେତ ସମାଜର ଦୁର୍ବଳ ଶ୍ରେଣୀର ଆଗ୍ରହକୁ ସୁରକ୍ଷିତ ରଖିବା
9.	ବସ୍ତି ଉନ୍ନତି ଏବଂ ଉନ୍ନୟନ
10.	ସହରୀ ଦାରିଦ୍ର୍ୟ ଦୂରୀକରଣ
11.	ସହରୀ ସୁବିଧା ଏବଂ ସୁବିଧାର ବ୍ୟବସ୍ଥା-ପାର୍କ, ଉଦ୍ୟାନ ଏବଂ ଖେଳ ପଡ଼ିଆର
12.	ସାଂସ୍କୃତିକ, ଶିକ୍ଷାଗତ ଏବଂ ସୌନ୍ଦର୍ଯ୍ୟଗତ ଦିଗଗୁଡ଼ିକର ପ୍ରୋତ୍ସାହନ

13.	ସମାଧି ଏବଂ ସମାଧି ସ୍ଥାନ, ଶବଦାହ, ଶବଦାହ ସ୍ଥାନ ଏବଂ ବୈଦ୍ୟୁତିକ ଶବଦାହ
14.	ଗୋଶାଳା ଏବଂ ପଶୁମାନଙ୍କ ପ୍ରତି ଅତ୍ୟାଚାର ରୋକିବା
15.	ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ସହିତ ଗୁରୁତ୍ୱପୂର୍ଣ୍ଣ ପରିସଂଖ୍ୟାନ
16.	ଜନସାଧାରଣଙ୍କ ସୁବିଧା ନିମନ୍ତେ ରାସ୍ତାଘାଟ ଆଲୋକୀକରଣ, ପାର୍କିଂ ସ୍ଥାନ, ବସ୍ ଷ୍ଟପ୍ ଓ ଯାତାୟତର ବ୍ୟବସ୍ଥା
17.	କଂସେଇ ଖାନା ଓ ଚମଡ଼ା ଖାନାର ନିୟନ୍ତ୍ରଣ

4.4 ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର କର୍ମଚାରୀ ବ୍ୟବସ୍ଥିକରଣ

ଓଡ଼ିଶା ମହାନଗର ନିଗମ ଆଇନର ଧାରା 117(1) ଅନୁଯାୟୀ ପ୍ରତ୍ୟେକ ନିଗମରେ ନିମ୍ନଲିଖିତ ଅଧିକାରୀ ରହିବା ଆବଶ୍ୟକ: (i) କମିଶନର (ii) ସହର ଇଞ୍ଜିନିୟର (iii) ସହର ସ୍ୱାସ୍ଥ୍ୟ ଅଧିକାରୀ (iv) ମୁଖ୍ୟ ଅର୍ଥ ଅଧିକାରୀ (v) ମୁଖ୍ୟ ସମୀକ୍ଷକ (vi) ଆଇନ ଅଧିକାରୀ (vii) ସଚିବ (viii) ଉପ ସଚିବ (ix) ପୁନରୁଦ୍ଧାର ଅଧିକାରୀ (x) ପରିବେଶ ଅଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀ ଧାର୍ଯ୍ୟ କରାଯାଇଛି । ତଥାପି, ପ୍ରତ୍ୟେକ ନିଗମ, ସରକାରଙ୍କ ପୂର୍ବ ଅନୁମୋଦନ ସହିତ ଏବଂ ଆଇନର ବ୍ୟବସ୍ଥା ଅନୁଯାୟୀ ଏହାର ପ୍ରତିଷ୍ଠା ନିର୍ଦ୍ଧାରଣ କରିପାରିବେ । ସେହିପରି ପ୍ରତ୍ୟେକ ମ୍ୟୁନିସିପାଲିଟି/ ଏନ୍ଏସିରେ ଜଣେ ନିର୍ବାହୀ ଅଧିକାରୀ, ଜଣେ ଇଞ୍ଜିନିୟର ଓ ଜଣେ ସ୍ୱାସ୍ଥ୍ୟ ଅଧିକାରୀ (ଓଡ଼ିଶା ମ୍ୟୁନିସିପାଲିଟି ଆକ୍ଟ, 1950 ର ଧାରା 74 ଅନୁଯାୟୀ ନିଗମର ରହିବା ଆବଶ୍ୟକ, ଯେଉଁମାନେ ରାଜ୍ୟ ସରକାରଙ୍କ କର୍ମଚାରୀ । ସେମାନଙ୍କୁ ମ୍ୟୁନିସିପାଲିଟି/ ଏନ୍ଏସିରେ ନିଯୁକ୍ତି ଦିଆଯିବା ସହ ସେମାନଙ୍କ କାର୍ଯ୍ୟ ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନର ସାଧାରଣ କ୍ଷମତା ଅଧୀନରେ ରହିବ ।

4.5 ସ୍ଥାୟୀ କମିଟି

ଓଡ଼ିଶା ମ୍ୟୁନିସିପାଲିଟି କର୍ପୋରେସନ ଆକ୍ଟ ଏବଂ ଓଡ଼ିଶା ମ୍ୟୁନିସିପାଲିଟି ଆକ୍ଟ ଅନୁଯାୟୀ, ଷ୍ଟାଡିଂ କମିଟି ଗଠନ କରାଯିବ, ଯାହା କି ମାମଲା ଗୁଡ଼ିକ ସହିତ ଜଡ଼ିତ ରହିବେ: ଯଥା- (i) ଟିକସ (ii) ଅର୍ଥ ଓ ହିସାବ (iii) ଜନସ୍ୱାସ୍ଥ୍ୟ (iv) ବିଜୁଳି ଯୋଗାଣ (v) ଜଳ ଯୋଗାଣ (vi) ଡ୍ରେନେଜ୍ ଓ ପରିବେଶ (vii) ନିର୍ମାଣ (viii) ଯୋଜନା ଓ ବିକାଶ (ix) ଶିକ୍ଷା (x) ମନୋରଞ୍ଜନ ଓ ସଂସ୍କୃତି (xi) ଲାଇସେନ୍ସ ଓ ଅପିଲ୍ (xii) ଚୁକ୍ତିନାମା (xiii) ନିଗମ ପ୍ରତିଷ୍ଠା (xiv) ଅଭିଯୋଗ ଏବଂ ସାମାଜିକ ନ୍ୟାୟ ଏବଂ (xv) ଦୁଇଟି ସଂଲଗ୍ନ ପୌର ନିଗମ ମଧ୍ୟରେ ପାରସ୍ପରିକ ବିବାଦର ସମାଧାନ ।

4.6 ଜିଲ୍ଲା ଯୋଜନା କମିଟି

ଓଡ଼ିଶା ମ୍ୟୁନିସିପାଲିଟି ଆକ୍ଟ, 1950 ର ଧାରା 62(A) (2) ଅନୁଯାୟୀ, ପ୍ରତି ଜିଲ୍ଲାରେ ଏକ ଜିଲ୍ଲା ଯୋଜନା କମିଟି (ଡିପିସି) ଯେଉଁଥିରେ 20 ଜଣ ସଦସ୍ୟ ବିଶିଷ୍ଟ ଏକ କମିଟି ଗଠନ କରାଯିବ, ଜିଲ୍ଲାର ପୌରପାଳିକା ଓ ପଞ୍ଚାୟତି ରାଜ ସଂସ୍ଥା ମାନଙ୍କ ଦ୍ୱାରା ପ୍ରସ୍ତୁତ ଯୋଜନା ଗୁଡ଼ିକୁ ଏକତ୍ରିକରଣ କରିବା, ଏଥି ସହିତ ସମଗ୍ର ଜିଲ୍ଲା ପାଇଁ ଏକ ବିକାଶ ଯୋଜନାର ଚିଠା ପ୍ରସ୍ତୁତ କରିବା । ଜିଲ୍ଲା ଯୋଜନା କମିଟିର 20 ଜଣ ସଦସ୍ୟଙ୍କ ମଧ୍ୟରୁ 16 ଜଣ ଜିଲ୍ଲା ପରିଷଦର ନିର୍ବାଚିତ ସଦସ୍ୟ ଓ ପୌରପାଳିକାର ନିର୍ବାଚିତ କାଉନସିଲରଙ୍କ ମଧ୍ୟରୁ ହେବାକୁ ଥିବା ବେଳେ ଅନ୍ୟ ଚାରିଜଣ ସଦସ୍ୟଙ୍କୁ ରାଜ୍ୟ ସରକାର ମନୋନୀତ କରିବେ :

(i) ରାଜ୍ୟ ମନ୍ତ୍ରୀ ପରିଷଦର ଜଣେ ମନ୍ତ୍ରୀ, ଯିଏ ଅଧ୍ୟକ୍ଷ ହେବେ ;

(ii) ଜିଲ୍ଲାର ଜିଲ୍ଲାପାଳ, ଯିଏ ସଦସ୍ୟ ସଚିବ ହେବେ;

(iii) ଜିଲ୍ଲାର ଜିଲ୍ଲାପରିଷଦର ଅଧ୍ୟକ୍ଷ ଏବଂ;

(iv) ଜିଲ୍ଲାର ଏକ ପୌରପାଳିକାର ଅଧ୍ୟକ୍ଷ

ଡିପିସି ଯେପରି ପ୍ରଭାବଶାଳୀ ଭାବେ କାର୍ଯ୍ୟ କରିବ ସେଥିପାଇଁ ଧ୍ୟାନ ଦେବାକୁ ହେବ ଏହାର ନିୟମିତ ଖର୍ଚ୍ଚ ପୂରଣ ନିମନ୍ତେ ଓଡ଼ିଶା ଟାଉନ୍ ପ୍ଲାନିଂ ଆଣ୍ଡ ଇମ୍ପ୍ରୁଭ୍‌ମେଣ୍ଟ ଟ୍ରଷ୍ଟ ଆକ୍ଟ 1956 ର ଧାରା 85 ଅନୁଯାୟୀ ସମ୍ପୃକ୍ତ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ଆର୍ଥିକ ଅବଦାନ ସହିତ ଏକ ଡିପିସି ପାଣ୍ଠି ଗଠନ କରାଯିବା ଆବଶ୍ୟକ ।

4.7 ପାଣ୍ଠି ପ୍ରବାହ ବ୍ୟବସ୍ଥା

ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ଠାରୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ଅନୁଦାନ ଆକାରରେ ଅର୍ଥ ଗ୍ରହଣ କରିଥାନ୍ତି । ଭାରତ ସରକାରଙ୍କ ଅନୁଦାନ ମଧ୍ୟରେ କେନ୍ଦ୍ରୀୟ ଅର୍ଥ ଆୟୋଗ (ସିଏଫ୍‌ସି)ଙ୍କ ସୁପାରିଶ ଅନୁଯାୟୀ ଦିଆଯାଇଥିବା ଅନୁଦାନ ଏବଂ ଯୋଜନା ଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଦିଆଯାଇଥିବା ଅନୁଦାନ ସାମିଲ୍ ରହିଛି । ସେହିପରି ରାଜ୍ୟସରକାଙ୍କ ଅନୁଦାନର ସମୁଦାୟ ଟିକସ ରାଜସ୍ୱର ସୁଧ ଆୟର ବିନିଯୋଗ ମାଧ୍ୟମରେ ମିଳିଥିବା ଅନୁଦାନ ରାଜ୍ୟ ଅର୍ଥ କମିଶନ (ଏସ୍‌ଏଫ୍‌ସି)ଙ୍କ ସୁପାରିଶ ଉପରେ ତଥା ରାଜ୍ୟ ପ୍ରାୟୋଜିତ ଯୋଜନାର ଅନୁଦାନ ଅନ୍ତର୍ଭୁକ୍ତ ଅଟେ । ଏହା ବ୍ୟତୀତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାମାନଙ୍କର ମଧ୍ୟ ରାଜସ୍ୱ ସଂଗ୍ରହର ନିଜସ୍ୱ ଉତ୍ସ ରହିଛି, ଯେପରିକି (i) ଗୃହ ଟିକସ (ii) ବ୍ୟବସାୟ (iii) ଦୋକାନ ଏବଂ କୋଠା ଉପରେ ଭଡ଼ା ଏବଂ (iv) ଅନ୍ୟାନ୍ୟ ଶୁଳ୍କ ଏବଂ ଦେୟ ଇତ୍ୟାଦି, ଯାହା ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର ରାଜସ୍ୱ ପ୍ରାପ୍ତିକୁ ଗଠନ କରିଥାଏ ।

4.8 ରାଜ୍ୟ ଅର୍ଥ କମିଶନ (ଏସ୍‌ଏଫ୍‌ସି)ଙ୍କ ସୁପାରିଶ

ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗ (2015-20 ଅବଧି) ଏବଂ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ (2020-25 ଅବଧି) ଚତୁର୍ଦ୍ଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ (2015-20 ଅବଧି)ଙ୍କୁ ଏବଂ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ (2020-25 ଅବଧି) ନିକଟରେ ଅନୁରୋଧ କରିଥିଲେ । ରାଜ୍ୟର ସଞ୍ଚିତ ପାଣ୍ଠିକୁ ବୃଦ୍ଧି କରିବା ଯାହାଫଳରେ ସଂସ୍ଥାର ସମ୍ବଳକୁ ପୂରଣ କରିବା ନିମନ୍ତେ ରାଜ୍ୟ ସମ୍ବଳରୁ ହସ୍ତାନ୍ତର ପାଇଁ ସୁପାରିଶ କରାଯାଇଥିବା ପାଣ୍ଠି ପର୍ଯ୍ୟାପ୍ତ ହୋଇପାରିବ । 2016-17 ଆର୍ଥିକ ବର୍ଷରୁ 2020-21 ଆର୍ଥିକ ବର୍ଷ ପାଇଁ ଚତୁର୍ଥ ଏବଂ ପଞ୍ଚମ ଅର୍ଥ ଆୟୋଗ ଦ୍ୱାରା ସୁପାରିଶ କରାଯାଇଥିବା ସହରୀ ସ୍ଥାନୀୟ ସଂସ୍ଥା (ରାଜ୍ୟ ସମ୍ବଳରୁ) କୁ ମୋଟ ସମ୍ବଳ ହସ୍ତାନ୍ତର ନିମ୍ନରେ ଉଲ୍ଲେଖ କରାଯାଇଛି

ସାରଣୀ 4.3: ରାଜ୍ୟ ଅର୍ଥ କମିଶନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ଉତ୍ସ ସ୍ଥାନାନ୍ତର

(ଟଙ୍କା କୋଟିରେ)

ବଣ୍ଟନ ପ୍ରଣାଳୀ	ଆର୍ଥିକ ବର୍ଷ 2016-17	ଆର୍ଥିକ ବର୍ଷ 2017-18	ଆର୍ଥିକ ବର୍ଷ 2018-19	ଆର୍ଥିକ ବର୍ଷ 2019-20	ଆର୍ଥିକ ବର୍ଷ 2020-21	ମୋଟ
ବିଘ୍ନ ହସ୍ତାନ୍ତରିତ	164.60	164.60	164.60	164.60	305.05	963.45
ଟିକସ ନ୍ୟସ୍ତ	644.00	708.40	779.24	857.16	664.89	3,653.69
ଅନୁଦାନ ସହାୟତା	80.48	178.10	180.94	184.08	348.81	972.41
ମୋଟ	**889.08**	**1,051.10**	**1,124.78**	**1,205.84**	**1,318.75**	**5,589.55**

(ଉତ୍ସ: ଚତୁର୍ଥ ଏବଂ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗର ରିପୋର୍ଟଗୁଡ଼ିକ)

4.9 କେନ୍ଦ୍ରୀୟ ଅର୍ଥ ଆୟୋଗର ସୁପାରିଶ (ସିଏଫ୍‌ସି)

ଚତୁର୍ଦ୍ଦଶ ଅର୍ଥ କମିଶନ (2015-20) ଏବଂ ପଞ୍ଚଦଶ ଅର୍ଥ କମିଶନ (ପ୍ରଥମ ରିପୋର୍ଟର ପ୍ରଦତ୍ତ ଅବଧି: 2020-21) ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସେମାନଙ୍କ ଦାୟିତ୍ୱରେ ଥିବା ମୌଳିକ ସେବାର ଯୋଜନା ଏବଂ ବିତରଣ ପାଇଁ ସୁନିଶ୍ଚିତ ଅର୍ଥ ହସ୍ତାନ୍ତର ପାଇଁ ସୁପାରିଶ କରିଥିଲେ । ଚତୁର୍ଦ୍ଦଶ ଅର୍ଥ ଆୟୋଗ ଅଧିନରେ ପୌରପାଳିକାଗୁଡ଼ିକୁ 80:20 ଅନୁପାତରେ

ଦୁଇଟି ଉପାଦାନ ଯଥା ମୌଳିକ ଅନୁଦାନ (ବିନା ସର୍ତ୍ତରେ) ଏବଂ ଏବଂ ପ୍ରଦର୍ଶନ ଅନୁଦାନ (ସର୍ତ୍ତମୂଳକ) ଅଧିନରେ ଅନୁଦାନ ପ୍ରଦାନ କରାଯିବାର ଥିଲା । ଏହାର ପରବର୍ତ୍ତୀ ସୁପାରିଶ ଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା:

- ରାଜ୍ୟଗୁଡ଼ିକ ସମ୍ପତ୍ତି ଟିକସ ସଂସ୍କାରକୁ ସୁନିଶ୍ଚିତ କରିବା ଆବଶ୍ୟକ, ଯେଉଁଥିରେ ମୂଳ ଆଧାରର ବସ୍ତୁନିଷ୍ଠ ନିର୍ଦ୍ଧାରଣ ଏବଂ ଏହାର ନିୟମିତ ସଂଶୋଧନ ସାମିଲ୍ ରହିଛି । ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା, ଆକଳନ ପାଇଁ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଟିକସ ଲାଗୁ କରିବା, ବିଲିଂ ଏବଂ ସଂଗ୍ରହ ଦକ୍ଷତାରେ ସୁଧାର ଆଣିବା ଆବଶ୍ୟକ ।

- ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ପାଇଁ ବିଜ୍ଞାପନ ଟିକସ ଲାଗୁ କରିବା ଏବଂ ନିଜସ୍ୱ ରାଜସ୍ୱରେ ସୁଧାର ଆଣିବା ଲାଗି ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିପାରିବେ ।

- ରାଜ୍ୟଗୁଡ଼ିକ ମନୋରଞ୍ଜନ ଟିକସ ଢାଞ୍ଚାର ସମୀକ୍ଷା କରିପାରିବେ ଏବଂ ଏହାର ପରିସର ବୃଦ୍ଧି କରିବାକୁ, ଅଧିକ ଏବଂ ନୂତନ ମନୋରଞ୍ଜନର ଶୈଳୀ ଗ୍ରହଣ କରିବାକୁ ପଦକ୍ଷେପ ନେଇପାରିବେ ।

- ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ସେମାନଙ୍କ ସେବା ଦେୟକୁ ଏପରି ଭାବରେ ଯୁକ୍ତିଯୁକ୍ତ କରିପାରିବେ ଯାହା ଦ୍ୱାରା ସେମାନେ ହିତାଧିକାରୀଙ୍କ ଠାରୁ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ପୁନରୁଦ୍ଧାର କରିବାରେ ସକ୍ଷମ ହେବେ ।

- 15 ତମ ଅର୍ଥ ଆୟୋଗ ଅଧିନରେ (ପ୍ରଥମ ରିପୋର୍ଟ ପ୍ରଦତ୍ତ ଅବଧି 2020-21), ସୁପାରିଶଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା ।

- 2021-22 ମସିହାରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକ ପାଇଁ ଯେକୌଣସି ଅନୁଦାନ ପାଇବାକୁ ଯୋଗ୍ୟତା ନିମନ୍ତେ ରାଜ୍ୟଗୁଡ଼ିକ ନିର୍ଦ୍ଦିଷ୍ଟ ଦରକୁ ସଠିକ୍ ଭାବରେ ଜଣାଇବାକୁ ପଡ଼ିବ ଏବଂ ତା'ପରେ , ରାଜ୍ୟର ନିଜସ୍ୱ ମୋଟ ଘରୋଇ ଉତ୍ପାଦର ଅଭିବୃଦ୍ଧି ହାର ସହିତ ସଂଗ୍ରହରେ କ୍ରମାଗତ ଉନ୍ନତି ଦେଖାଇବାକୁ ପଡ଼ିବ ।

- ଜଳ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ଉନ୍ନତି ଆଣିବା ଏବଂ ଜନସଂଖ୍ୟା ଆଧାରରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକ ଦ୍ୱାରା ତାରକା ମୂଲ୍ୟାୟନ ହାସଲ କରିବା ପାଇଁ ସେବା ସ୍ତର ମାନଦଣ୍ଡ ଗୁଡ଼ିକ ଶତପ୍ରତିଶତ ଅନୁଦାନ (ମୌଳିକ ଅନୁଦାନ ବ୍ୟତୀତ) ଅଟେ ।

- ମିଲିୟନ୍ ପ୍ଲସ୍ ସହର/ ସହରାଞ୍ଚଳ ଏକତ୍ରୀକରଣ ପାଇଁ, ଜନସଂଖ୍ୟା 2020-21 ପାଇଁ ଅନୁଦାନ ସହର ଅନୁଯାୟୀ ବଣ୍ଟନ କରାଯିବ ।

14 ତମ ଏବଂ 15 ତମ କେନ୍ଦ୍ରୀୟ ଆୟୋଗର ସୁପାରିଶ ଅନୁଯାୟୀ ଜାରି କରାଯାଇଥିବା ପାଣ୍ଠିର ବିବରଣୀ ସାରଣୀ ***4.4*** ରେ ଦିଆଯାଇଛି ।

ସାରଣୀ 4.4: ଚତୁର୍ଦ୍ଦଶ ଓ ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିଶ ଆଧାରରେ ୟୁ ଏଲ୍ ବି ଗୁଡ଼ିକୁ ପ୍ରଦତ୍ତ ପାଣ୍ଠି

(ଟଙ୍କା କୋଟିରେ)

ଆର୍ଥିକ ବର୍ଷ	ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ସୁପାରିଶ କରାଯାଇଥିବା ଅନୁଦାନ		ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ଅନୁଦାନ ପ୍ରଦାନ		ସ୍ୱଳ୍ପ ଅନୁଦାନ ପ୍ରାପ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଦ୍ୱାରା	
	ମୌଳିକ	କାର୍ଯ୍ୟ ସମ୍ପାଦନ/ ବନ୍ଧା	ମୌଳିକ	କାର୍ଯ୍ୟ ସମ୍ପାଦନ/ ବନ୍ଧା	ମୌଳିକ	କାର୍ଯ୍ୟ ସମ୍ପାଦନ
2016-17	235.54	69.52	231.26	68.26	4.28	1.26
2017-18	272.14	78.67	258.84	ନାହିଁ	13.30	78.67
2018-19	314.82	89.34	292.73	ନାହିଁ	22.09	89.34
2019-20	425.39	116.98	426.38	ନାହିଁ	ନାହିଁ	116.98
2020-21	543.50	543.50	543.50	543.50	ନାହିଁ	ନାହିଁ

(ଉତ୍ସ: ଜିଲ୍ଲା ମ୍ୟୁନିସିପାଲିଟି ପ୍ରଶାସନ, ବଜେଟ୍ ଏବଂ 15 ତମ ଅର୍ଥ ଆୟୋଗ ରିପୋର୍ଟ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)

ଉପରୋକ୍ତ ସାରଣୀରୁ ଯେପରି ଦେଖାଯାଏ, 14 ତମ ଅର୍ଥ ଆୟୋଗ ଦ୍ୱାରା ସ୍ଥାପିତ ସେବା ସ୍ତରୀୟ ମାନଦଣ୍ଡ(ଏସ୍ଏଲ୍ବି) ହାସଲ ନକରିବା କାରଣରୁ ରାଜ୍ୟ ସରକାର ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଅନୁଦାନ 286.25 କୋଟି ଟଙ୍କା ହରାଇଛନ୍ତି, ଯାହା ନିମ୍ନରେ ପ୍ରଦାନ କରାଗଲା ।

4.9.1 ସେବା ସ୍ତରୀୟ ମାନଦଣ୍ଡ

ଚତୁର୍ଦ୍ଦଶ ଅର୍ଥ ଆୟୋଗର ସୁପାରିଶକୁ ପାଳନ କରି ରାଜ୍ୟ ସରକାର ସ୍ଥାନୀୟ ସଂସ୍ଥା ଦ୍ୱାରା ପ୍ରଦାନ କରାଯାଇଥିବା ଚାରୋଟି ଜରୁରୀ ସେବା ବିତରଣର ମାନଦଣ୍ଡ (ସେପ୍ଟେମ୍ବର 2015) କୁ ସୂଚିତ କରିଥିଲେ, ଯଥା-(i) ଜଳ ଯୋଗାଣ (ii) ସେରେଜ୍ ପରିଚାଳନା (iii) ବର୍ଷା ଜଳ ନିଷ୍କାସନ (iv) କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ 2015-16 ଆର୍ଥିକ ବର୍ଷ ପାଇଁ ସେବା ସ୍ତରର ଲକ୍ଷ୍ୟ । ପୁନଶ୍ଚ, ଆର୍ଥିକ ବର୍ଷ 2017-18 ଏବଂ ଆର୍ଥିକ ବର୍ଷ 2019-20 ନିମନ୍ତେ ଲକ୍ଷ୍ୟ ମଧ୍ୟ ସ୍ଥିର କରାଯାଇଥିଲା । କେନ୍ଦ୍ରୀୟ ଅର୍ଥ ଆୟୋଗର କାର୍ଯ୍ୟଦକ୍ଷତା ଅନୁଦାନ ଉପରୋକ୍ତ ସେବା ସ୍ତର ମାନଦଣ୍ଡ ଲକ୍ଷ୍ୟ ହାସଲ ପାଇଁ ସଂଯୁକ୍ତ ଥିଲା ।

କେତେକ ସେବା ସ୍ତରର ମାନଦଣ୍ଡ ଗୁଡ଼ିକ ହେଲା:

- 100 ପ୍ରତିଶତ ମିଟର ଜଳ ସଂଯୋଗ
- ଜଳ ଯୋଗାଣ ସଂଯୋଗରେ 100 ପ୍ରତିଶତ ଖର୍ଚ୍ଚର ପୁନରୁଦ୍ଧାର
- 24 ଘଣ୍ଟା/ ଦିନ ଜଳ ଯୋଗାଣ
- ମଇଳାପାଣିର ଶତ ପ୍ରତିଶତ ପୁନଃ ବ୍ୟବହାର ଏବଂ ପୁନଃ ବ୍ୟବହାର ସାପେକ୍ଷ
- କଠିନ ବର୍ଜ୍ୟବସ୍ତୁ ପରିଚାଳନା ସେବାଗୁଡ଼ିକର 100 ପ୍ରତିଶତ ଘରୋଇ ସ୍ତରରେ କଭରେଜ୍
- 100 ପ୍ରତିଶତ ସଂଗ୍ରହ, ଦକ୍ଷତା ପୃଥକୀକରଣ, ବୈଜ୍ଞାନିକ ପଦ୍ଧତିରେ ନିଷ୍କାସନ ଏବଂ ମ୍ୟୁନିସିପାଲ କଠିନ ବର୍ଜ୍ୟବସ୍ତୁର ପୁନରୁଦ୍ଧାର
- ବର୍ଷା ଜଳ ନିଷ୍କାସନ ନେଟ୍ୱାର୍କର ଶତ ପ୍ରତିଶତ କଭରେଜ୍ ଇତ୍ୟାଦି

ସହରାଞ୍ଚଳ ବର୍ଜ୍ୟବସ୍ତୁ ପରିଚାଳନାର ଉପରେ ସିଏଜିର ମାର୍ଚ୍ଚ 2021 ରିପୋର୍ଟର ସେବାସ୍ତର ମାନଦଣ୍ଡ ସମ୍ପର୍କରେ ପାରା 3.6.1ରେ ଦର୍ଶାଯାଇଛି ଯେ, ପୃଥକୀକରଣ, କଠିନ ବର୍ଜ୍ୟବସ୍ତୁ ପୁନରୁଦ୍ଧାର, ବୈଜ୍ଞାନିକ ପଦ୍ଧତିରେ ନିଷ୍କାସନ ଏବଂ କଠିନ ବର୍ଜ୍ୟବସ୍ତୁର ପୁନରୁଦ୍ଧାର କ୍ଷେତ୍ରରେ ଅଧିକାଂଶ ପରୀକ୍ଷଣ କରାଯାଇଥିବା ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଏମ୍ଓୟୁଡି ଦ୍ୱାରା ସ୍ଥିରୀକୃତ ସେବା ମାନଦଣ୍ଡର ଯଥେଷ୍ଟ ତଳେ ଥିଲା ।

ଏହି ପରିପ୍ରେକ୍ଷୀରେ, ଅଡିଟ୍ ଉଲ୍ଲେଖ କରିଛି ଯେ ଓଡ଼ିଶା ସରକାର ଜୁଲାଇ 2019 ଏବଂ ଡିସେମ୍ବର 2020 ରେ ପୌରପାଳିକାର କଠିନ ବର୍ଜ୍ୟବସ୍ତୁର ପୃଥକୀକରଣ, ସଂଗ୍ରହ ଏବଂ ପୁନଃ ବ୍ୟବହାର ସାପେକ୍ଷ ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡର୍ସ (ଏସ୍ଓପି) ଜାରି କରିଛନ୍ତି ।

ସୁପାରିଶ:

1. କାର୍ଯ୍ୟଦକ୍ଷତା ଅନୁଦାନର ପାଣ୍ଠି ପୁନର୍ବାର ନହରାଇବା ପାଇଁ ଅର୍ଥ ଆୟୋଗ ଦ୍ୱାରା ସ୍ଥିର କରାଯାଇଥିବା ସେବା ସ୍ତର ମାନଦଣ୍ଡ ଲକ୍ଷ୍ୟ ହାସଲ କରିବାକୁ ରାଜ୍ୟ ସରକାର ଏକ ସମୟାନୁବର୍ତ୍ତୀ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ଉଚିତ୍ ।

4.10 ଅଡିଟ୍ ଜନାଦେଶ

4.10.1 ପ୍ରାଥମିକ ଅଡିଟର

ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଅଧିନରେ ଥିବା, ଲୋକାଲ ଫଣ୍ଡ ଅଡିଟ୍ ନିର୍ଦ୍ଦେଶକ (ଡିଏଲ୍ଏଫ୍ଏ) 2012 ମସିହାରୁ ରାଜ୍ୟରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର ପ୍ରାଥମିକ ଅଡିଟର ଭାବେ କାର୍ଯ୍ୟ କରୁଛନ୍ତି । ଓଡ଼ିଶା ମ୍ୟୁନିସିପାଲ ଆକ୍ଟ, 1950 ଅନୁଯାୟୀ ଡିଏଲ୍ଏଫ୍ଏ ରାଜ୍ୟର ସମସ୍ତ 30 ଟି ଜିଲ୍ଲାର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର ବିଭାଗୀୟ/ଆଭ୍ୟନ୍ତରୀଣ ଅଡିଟ୍ 26 ଟି ଜିଲ୍ଲା ଅଡିଟ୍ କାର୍ଯ୍ୟାଳୟ ମାଧ୍ୟମରେ କରିଥାଏ । 2020-21 ଆର୍ଥିକ ବର୍ଷରେ ଲୋକାଲ ଫଣ୍ଡ ଅଡିଟ୍ 114 ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଅଡିଟ୍ କରିବାକୁ ଯୋଜନା କରିଥିଲା । କିନ୍ତୁ, କୋଭିଡ୍-19 ମହାମାରି କାରଣରୁ ସମୀକ୍ଷା ଅଭାବରୁ ମାତ୍ର 106 ଟିକୁ ଅନ୍ତର୍ଭୁକ୍ତ କରିବାରେ ସକ୍ଷମ ହୋଇଥିଲା । ଡିଏଲ୍ଏଫ୍ଏ ଦ୍ୱାରା ଅଡିଟ୍ ସମ୍ପାଦନର ବିବରଣୀ ନିମ୍ନରେ ଦିଆଯାଇଛି:

ସାରଣୀ 4.5: ଡିଏଲ୍ଏଫ୍ଏ ଦ୍ୱାରା ୟୁଏଲ୍ବିର ଅଡିଟ୍ ସ୍ଥିତି (ମାର୍ଚ୍ଚ 2021 ସୁଦ୍ଧା)

ଆର୍ଥିକ ବର୍ଷ	ଅଡିଟ୍ ପାଇଁ ଯୋଜନା କରାଯାଇଥିବା ୟୁଏଲ୍ବିର ସମୁଦାୟ ସଂଖ୍ୟା	ସମୁଦାୟ ଅଡିଟ୍ ହୋଇଥିବା ୟୁଏଲ୍ବି ସଂଖ୍ୟା	କମ୍ତି
2018-19	111	109	2
2019-20	113	110	3
2020-21	114	106	8

(ଉତ୍ସ: ନିର୍ଦ୍ଦେଶକ, ଲୋକାଲ ଫଣ୍ଡ ଅଡିଟ୍, ଓଡ଼ିଶା ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)

4.10.2 ଭାରତର ନିୟନ୍ତ୍ରକ ଓ ମହାସମୀକ୍ଷକଙ୍କ ଦ୍ୱାରା ସମୀକ୍ଷା

ତ୍ରୟୋଦଶ ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ, ଭାରତର ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଆଣ୍ଡଏଜି)ଙ୍କୁ ରାଜ୍ୟ ସରକାର (ଜୁଲାଇ 2011) (ସିଏଜି)ଙ୍କ କର୍ତ୍ତବ୍ୟ, କ୍ଷମତା ଓ ସେବା ସର୍ତ୍ତାବଳୀ 1971 ଆଇନର ଧାରା 20 (1) ଅନୁଯାୟୀ ରାଜ୍ୟର ସମସ୍ତ ବର୍ଗର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର ହିସାବ ଅଡିଟ୍ କରିବାକୁ ଅନୁରୋଧ କରିଥିଲେ । ତଦନୁଯାୟୀ କୋଭିଡ୍ 19 ମହାମାରୀ ସତ୍ତ୍ୱେ ଆର୍ଥିକ ବର୍ଷ 2020-21 ରେ ନଅଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ଅନୁପାଳନ ଅଡିଟ୍ ପାଇଁ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହା ବ୍ୟତୀତ 2021-22 ଆର୍ଥିକ ବର୍ଷରେ "ସହରାଞ୍ଚଳ ବର୍ଜ୍ୟବସ୍ତୁ ପରିଚାଳନା" ଏବଂ "74 ତମ ସମ୍ବିଧାନ ସଂଶୋଧନ ଅଧିନିୟମର ପାଣ୍ଠି ପ୍ରଦତ୍ତ, କାର୍ଯ୍ୟାବଳୀ ଏବଂ କାର୍ଯ୍ୟକାରିତା" ଆଦି ଦୁଇଟି ସମ୍ପାଦନ ସମୀକ୍ଷା ଆରମ୍ଭ ହୋଇଥିଲା ଏବଂ ସମ୍ପୂର୍ଣ୍ଣ ମଧ୍ୟ ହୋଇଥିଲା ।

4.10.3 ଭାରତର ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ବୈଷୟିକ ମାର୍ଗଦର୍ଶନ ଏବଂ ସମର୍ଥନ

ଏକାଦଶ ଓ ତ୍ରୟୋଦଶ ଅର୍ଥ ଆୟୋଗଙ୍କ ସୁପାରିଶ ଭିତ୍ତିରେ ଓଡ଼ିଶା ସରକାର, ଭାରତର ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କୁ ରାଜ୍ୟର ଅଡିଟ୍ ସଂସ୍ଥା ଯଥା- ଲୋକାଲ ଫଣ୍ଡ ଅଡିଟକୁ ସହରାଞ୍ଚଳ ପୌରସଂସ୍ଥା ଗୁଡ଼ିକର ଅଡିଟ୍ ସମୟରେ ବୈଷୟିକ ମାର୍ଗଦର୍ଶନ ଓ ସାହାଯ୍ୟ ପ୍ରଦାନ ପାଇଁ ଅନୁବନ୍ଧିତ ହୋଇଥିଲେ । ପରବର୍ତ୍ତୀ ସମୟରେ ବୈଷୟିକ ମାର୍ଗଦର୍ଶନ ଓ ସମର୍ଥନର ବ୍ୟବସ୍ଥା ଏବଂ ମାନଦଣ୍ଡ ସମ୍ବନ୍ଧରେ ସରକାର ଓ ଭାରତର ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ମଧ୍ୟରେ ପର୍ଯ୍ୟାୟକ୍ରମେ ବୈଠକ ହୋଇ ସହମତି ପ୍ରକାଶ ପାଇଥିଲା ଏବଂ ସରକାର ଜୁଲାଇ 2011ରେ ମାନଦଣ୍ଡ ସମ୍ପର୍କରେ ଗେଜେଟେଡ୍ ବିଜ୍ଞପ୍ତି ପ୍ରକାଶ କରିଥିଲେ । ସରକାର ମଧ୍ୟ ଭାରତର ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଅଡିଟର ଧାରା ଓ ବୈଷୟିକ ମାର୍ଗଦର୍ଶନ ଲୋକାଲ ଫଣ୍ଡ ଅଡିଟ୍ ସଂଶୋଧନ ଆଇନ୍ , 2011 ମାଧ୍ୟମରେ ଓଡ଼ିଶା ଲୋକାଲ ଫଣ୍ଡ ଅଡିଟ୍ ନିୟମରେ ସେପ୍ଟେମ୍ବର 2012 ରେ ଅନ୍ତର୍ଭୁକ୍ତ କରିଥିଲେ ଏବଂ ଓଡ଼ିଶା ଲୋକାଲ ଫଣ୍ଡ ଅଡିଟ୍ ସଂଶୋଧନ ଧାରା 2015 ପ୍ରଣୟନ କରିଥିଲେ ।

ବୈଷୟିକ ମାର୍ଗଦର୍ଶନ ଓ ସମର୍ଥନର ବ୍ୟବସ୍ଥା (ଟିଜିଏସ୍) ଅନୁଯାୟୀ ନିର୍ଦ୍ଦେଶକ, ଲୋକାଲ ଫଣ୍ଡ ଅଡିଟ୍ ତାଙ୍କର ବାର୍ଷିକ ଅଡିଟ୍ ପ୍ଲାନର ତ୍ରୈମାସିକ ଅଗ୍ରଗତି ରିପୋର୍ଟ ଏବଂ ଅଡିଟ୍ ରିପୋର୍ଟର ନକଲ ମହାଲେଖାକାରଙ୍କୁ ପ୍ରଦାନ କରିବେ ।

ମହାଲେଖାକାର, ଲୋକାଲ ଫଣ୍ଡ ଅଡିଟ୍ ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା 2017-18 ଏବଂ 2018-19 ଆର୍ଥିକ ବର୍ଷର ଅଡିଟ୍ ରିପୋର୍ଟ ଯାଞ୍ଚ କରିଥିଲେ ଏବଂ ଏଥିରେ ଗୁରୁତର ଅନିୟମିତତା ହୋଇଥିବା ଜାଣିବାକୁ ପାଇଥିଲେ । ଏଭଳି ଅନିୟମିତତା ମଧ୍ୟରେ ବିଭିନ୍ନ ଯୋଜନା ପାଣ୍ଠିର ସୁଧ ରାଶି ବ୍ୟାଙ୍କରୁ ଉଠାଣ ହୋଇଥିଲେ ମଧ୍ୟ ନଗଦ ପୁସ୍ତିକା (କ୍ୟାସ୍ ବୁକ) ରେ ଦର୍ଶାଯାଇ ନଥିଲା, ପ୍ରକୃତ ବିକ୍ରୟ ଅର୍ଥ ରାଶି ତୁଳନାରେ କମ୍ ପରିମାଣରେ ଅର୍ଥ ରାଶି ନଗଦ ପୁସ୍ତକରେ ଦର୍ଶାଯାଇଛି, ଅର୍ଥର ଆତ୍ମସାତକରଣ ଇତ୍ୟାଦି ।

ମହାଲେଖାକାର, ଅଡିଟରେ ଉନ୍ନତି ଏବଂ ରିପୋର୍ଟ ସମ୍ବନ୍ଧରେ ନିର୍ଦ୍ଦେଶକ, ଲୋକାଲ ଫଣ୍ଡ ଅଡିଟ୍‌କୁ ବିଭିନ୍ନ ପରାମର୍ଶ ମଧ୍ୟ ପ୍ରଦାନ କରିଥିଲେ ।

4.11 ରିପୋର୍ଟିଂ ବ୍ୟବସ୍ଥା

4.11.1 ପ୍ରାଥମିକ ଅଡିଟରଙ୍କ ଅଡିଟ୍ ରିପୋର୍ଟ

ତ୍ରୟୋଦଶ ଅର୍ଥ ଆୟୋଗର ସୁପାରିଶ ଏବଂ ଓଡ଼ିଶା ଲୋକାଲ ଫଣ୍ଡ (ସଂଶୋଧନ) ଧାରା 2015 ର ବ୍ୟବସ୍ଥା ଅନୁଯାୟୀ ନିର୍ଦ୍ଦେଶକ, ଲୋକାଲ ଫଣ୍ଡ ଅଡିଟ୍ ପ୍ରତ୍ୟେକ ପୂର୍ବ ବର୍ଷର ଏକ ସମନ୍ୱିତ ରିପୋର୍ଟ ପ୍ରସ୍ତୁତ କରିବେ ଏବଂ ଏହି ରିପୋର୍ଟ ପ୍ରତ୍ୟେକ ବର୍ଷର ସେପ୍ଟେମ୍ବର 30 ତାରିଖ ମଧ୍ୟରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ ଏବଂ ଏହି ରିପୋର୍ଟ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରାଯିବ ।

4.11.2 ଯୁ ଏଲ୍ ବି ଉପରେ ଭାରତର ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ରିପୋର୍ଟ

ଭାରତର ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ସଦ୍ୟତମ ରିପୋର୍ଟ, ଓଡ଼ିଶାର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ସମ୍ପର୍କିତ ମାର୍ଚ୍ଚ 2020 ଶେଷ ସୁଦ୍ଧା ରିପୋର୍ଟ ଓଡ଼ିଶା ବିଧାନ ସଭାରେ 10 ଡିସେମ୍ବର 2021 ରେ ଉପସ୍ଥାପିତ ହୋଇଛି ।

4.11.3 ଅଡିଟ୍ ପର୍ଯ୍ୟବେକ୍ଷଣର ପ୍ରତିକ୍ରିୟା

ଅଡିଟ୍ ସମ୍ପୂର୍ଣ୍ଣ ହେବା ପରେ, ଅଡିଟ୍ ରିପୋର୍ଟ ସମ୍ବଳିତ ନିରୀକ୍ଷଣ ରିପୋର୍ଟ (ଆଇଆର୍) ସମ୍ପୃକ୍ତ ସଂସ୍ଥାର ମୁଖ୍ୟ ମାନଙ୍କ ନିକଟକୁ ପଠାଯାଇଥାଏ । କାର୍ଯ୍ୟାଳୟ ମୁଖ୍ୟଙ୍କ ସହିତ ପରବର୍ତ୍ତୀ ଉଚ୍ଚ ପଦାଧିକାରୀ ସମୀକ୍ଷା ରିପୋର୍ଟର ମତ ଉପରେ ଏକ ମାସ ମଧ୍ୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ । ଆଇଆର୍‌ରେ ଅବଲୋକନ କରାଯାଇଥିବା ଅଡିଟ୍ ପର୍ଯ୍ୟବେକ୍ଷଣ ଗୁଡ଼ିକ ଜିଲ୍ଲା ସ୍ତରରେ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ମହାଲେଖାକାରଙ୍କର ଅଧିକାରୀମାନଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ କରାଯାଇଥିଲା ।

1993-94 ରୁ 2020-21 ମଧ୍ୟରେ 339 ଟି ନିରୀକ୍ଷଣ ରିପୋର୍ଟ (ଆଇଆର୍) ସମ୍ବନ୍ଧୀୟ 4,385 ଅନୁଚ୍ଛେଦ ବିଭିନ୍ନ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାମାନଙ୍କୁ ପ୍ରଦାନ କରାଯାଇଥିଲା ଯାହା 31 ମାର୍ଚ୍ଚ 2021 ସୁଦ୍ଧା ଅସମାହିତ ରହିଛି । ସେଥି ମଧ୍ୟରୁ, 71 ଟି ଆଇଆର ସମ୍ପର୍କରେ ପ୍ରାରମ୍ଭିକ ଉତ୍ତର ମିଳିନାହିଁ । ଏହା ବ୍ୟତୀତ, ଓଡ଼ିଶାର ମହାଲେଖାକାର ଅଡିଟ୍-II କାର୍ଯ୍ୟାଳୟ ପକ୍ଷରୁ ପ୍ରଦାନ ହୋଇଥିବା ନିରୀକ୍ଷଣ ରିପୋର୍ଟ ସମ୍ବନ୍ଧୀୟ 16 ଟି ଅନୁଚ୍ଛେଦକୁ 2020-21 ଆର୍ଥିକ ବର୍ଷରେ ତ୍ରିପାକ୍ଷିକ କମିଟି ବୈଠକ[59]ରେ ସମାଧାନ ହୋଇଥିଲା ।

[59] ବକେୟା ଅଡିଟ ପାରାର ସମାଧାନ ପାଇଁ ସମ୍ପୃକ୍ତ ପ୍ରଶାସନିକ ବିଭାଗର ପ୍ରତିନିଧି ବିଭାଗୀୟ ମୁଖ୍ୟ ଓ ଆକାଉଣ୍ଟାଣ୍ଟ ଜେରେରାଲଙ୍କ ମଧ୍ୟରେ ତ୍ରିକୋଣୀୟ କମିଟି ବୈଠକ (ଟିସିଏମ୍) ଅନୁଷ୍ଠିତ ହୋଇଥାଏ ।

*ସାରଣୀ **4.6:** ସମାଧାନ ପାଇଁ ବିଚାରାଧିନ ଆଇଆର୍ / ପାରା*

ଆର୍ଥିକ ବର୍ଷ	ଆଇଆର୍ ସଂଖ୍ୟା	ପାରା ସଂଖ୍ୟା
2019-20 ପର୍ଯ୍ୟନ୍ତ	330	4,223
2020-21	9	162
ମୋଟ	**339**	**4,385**

(ଉତ୍ସ: ଅଡିଟ୍ ଦ୍ୱାରା ସଂକଳିତ)

4.11.4 ବାର୍ଷିକ ବୈଷୟିକ ଯାଞ୍ଚ ରିପୋର୍ଟ (ଓଟିଆଇଆର୍)

ମହାଲେଖାକାର (ଜି ଆଣ୍ଡ ଏସ୍ଏସ୍ଏ), ଓଡ଼ିଶା ପକ୍ଷରୁ 2005-06 ରୁ 2014-15 ଆର୍ଥିକ ବର୍ଷ ସମ୍ପର୍କରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଉପରେ ନଅଟି ଏଟିଆଇଆର୍ ଜାରି କରାଯାଇଛି । ସେଥିରେ ରାଜ୍ୟର ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର କାରବାର ଉପରେ ପ୍ରମୁଖ ଅଡିଟ୍ ଫଳାଫଳ ରିପୋର୍ଟ ପ୍ରକାଶ କରାଯାଇଛି । ତେବେ ଏହି ଏଟିଆଇଆର ଗୁଡ଼ିକ ମଧ୍ୟରୁ କୌଣସି ବିଷୟରେ ସରକାରଙ୍କ ଜବାବ ମିଳିନାହିଁ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର କମିଶନର-ତଥା-ସଚିବଙ୍କ ସହ ଏକାଧିକ ବୈଠକ ଡକାଯାଇଥିଲା ଏବଂ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ସରକାରୀ ଚିଠି ଲେଖାଯାଇଥିଲା ତେବେ ଜୁନ୍ 2022 ସୁଦ୍ଧା ସରକାର ଏ ଦିଗରେ କୌଣସି ପ୍ରତିକାରମୂଳକ ପଦକ୍ଷେପ ନେଇନଥିଲେ ।

ସୁପାରିଶ :

2. ***ବିଭାଗ ବିଚାରାଧୀନ ଅଡିଟ୍ ଆପତ୍ତିଗୁଡ଼ିକର ପର୍ଯ୍ୟବେକ୍ଷଣ ପାଇଁ ଏକ ସେଲ୍ ଗଠନ କରିବେ ଏବଂ ଏହାର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବେ ।***
3. ***ଅଡିଟ୍ ଦ୍ୱାରା ଦର୍ଶାଯାଇଥିବା ଗୁରୁତର ଅନିୟମିତତା ଏବଂ ଏହା ଉପରେ ପ୍ରତିକାରମୂଳକ କାର୍ଯ୍ୟାନୁଷ୍ଠାନର ସମୀକ୍ଷା କରିବା, ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାରେ ତ୍ରୁଟି ନିରୁପଣ କରିବା ଏବଂ ଭବିଷ୍ୟତରେ ଏଭଳି ଅନିୟମିତତାର ପୁନରାବୃତ୍ତିକୁ ଏଡ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ ।***

ବିଭାଗ ଖ

ଆକାଉଣ୍ଟିଂ ଢାଞ୍ଚା ଏବଂ ଆର୍ଥିକ ରିପୋର୍ଟିଂ ଘଟଣାକ୍ରମ

4.12 ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ହିସାବିତ ଢାଞ୍ଚା

4.12.1 ହିସାବର ରକ୍ଷଣାବେକ୍ଷଣ ଏବଂ ହିସାବର ପ୍ରମାଣିକରଣ

ଭାରତ ସରକାରଙ୍କ ନଗର ଉନ୍ନୟନ ମନ୍ତ୍ରାଳୟ ନଭେମ୍ବର 2004 ରେ ଭାରତରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ପାଇଁ ଜାତୀୟ ମ୍ୟୁନିସିପାଲିଟି ଆକାଉଣ୍ଟ ମାନୁଆଲ(ଏନ୍ଏମ୍ଏଏମ୍) ଜାରି କରିଥିଲା । ପରବର୍ତ୍ତୀ ସମୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଓଡ଼ିଶା ମ୍ୟୁନିସିପାଲିଟି ଆକାଉଣ୍ଟିଂ ନିୟମ, 2012 ପ୍ରକାଶ ପାଇଥିଲା ।

ଓଡ଼ିଶାରେ ଓଡ଼ିଶା ଲୋକାଲ ଫଣ୍ଡ ଅଡିଟ୍ ନିୟମ, 1951 ର ଧାରା 20 (h) ଅନୁଯାୟୀ, ସମ୍ପୃକ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାମାନେ ନିଜର ଆକାଉଣ୍ଟସ୍ ପ୍ରସ୍ତୁତ କରିଥାନ୍ତି, ଯାହା ନିର୍ଦ୍ଦେଶକ, ଲୋକାଲ ଫଣ୍ଡ ଅଡିଟ୍ (ଡିଏଲ୍ଏଫ୍ଏ) ଦ୍ୱାରା ପ୍ରମାଣନ ହୋଇଥାଏ । 2020-21 ଆର୍ଥିକ ବର୍ଷରେ 117[60] ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ବାର୍ଷିକ ଆକାଉଣ୍ଟ ପରମାଣନ କରିବା ପାଇଁ ଅଡିଟ୍ ପ୍ଲାନ୍ କରାଯାଇଥିଲା ବେଳେ, ଡିଏଲ୍ଏଫ୍ଏ 107 ଟି ଆକାଉଣ୍ଟକୁ ପ୍ରମାଣନ କରିଛି, ଯେଉଁଥିରେ ଏହି ଅଭାବକୁ କୋଭିଡ୍-19 ମହାମାରୀ ପାଇଁ ଦାୟୀ କରାଯାଇଛି ।

4.12.2 ଏକୁଆଲ୍ ଆଧାରିତ ଆକାଉଣ୍ଟିଂ ସିଷ୍ଟମ ଗ୍ରହଣ କରିବା

ଓଡ଼ିଶା ମ୍ୟୁନିସିପାଲିଟି ଆକାଉଣ୍ଟସ୍ ନିୟମ, 2012 ର ଧାରା 3 ଅନୁଯାୟୀ, ଜୁଲାଇ 2012 ରୁ ୟୁଏଲ୍ବି ଗୁଡ଼ିକ ପାଇଁ ଆକାଉଣ୍ଟିଂର ଡବଲ୍ ଏଣ୍ଟ୍ରି ବ୍ୟବସ୍ଥା ଗ୍ରହଣ କରିବା ବାଧତାମୂଳକ ଥିଲା । ତେବେ 2021 ମାର୍ଚ୍ଚ ସୁଦ୍ଧା 114 ଟି ୟୁଏଲ୍ବି ମଧ୍ୟରୁ ମାତ୍ର 79 ଟି ୟୁଏଲ୍ବି ଡବଲ୍ ଏଣ୍ଟ୍ରି ଆକାଉଣ୍ଟିଂ ସିଷ୍ଟମକୁ ସ୍ଥାନାନ୍ତରିତ ହୋଇପାରିଛି । ଅନ୍ୟ 35 ଟି ୟୁଏଲ୍ବିରେ ନଗଦ ଆଧାରିତ ମାନୁଆଲ୍ ଆକାଉଣ୍ଟିଂ ସିଷ୍ଟମ ଏବେ ବି ବ୍ୟବହୃତ ହେଉଛି ।

4.13 ନିଜସ୍ୱ ରାଜସ୍ୱ ସୃଷ୍ଟି

4.13.1 ସମ୍ପତ୍ତି ଟିକସ ଉପରେ କେନ୍ଦ୍ରୀୟ ମୂଲ୍ୟାୟନ ବୋର୍ଡ

ଓଡ଼ିଶା ମ୍ୟୁନିସିପାଲିଟି ଆକ୍ଟ, 1950 ର ଧାରା 131(1) (a) ଅନୁଯାୟୀ ପୌରପାଳିକାକୁ ଜମି ଓ କୋଠା ଉପରେ ସମ୍ପତ୍ତି ଟିକସ ଆଦାୟ କରିବାର କ୍ଷମତା ରହିବ । ତ୍ରୟୋଦଶ ଅର୍ଥ ଆୟୋଗ (ଟିଏଫ୍ସି) ପ୍ରତ୍ୟେକ ରାଜ୍ୟରେ ସମ୍ପତ୍ତି ଆକଳନ ଏବଂ ମୂଲ୍ୟାୟନର ମାନକକରଣ ପାଇଁ ଏକ ରାଜ୍ୟ ସ୍ତରୀୟ କେନ୍ଦ୍ରୀୟ ମୂଲ୍ୟାୟନ ବୋର୍ଡ ଗଠନ କରିବାକୁ ସୁପାରିଶ କରିଥିଲେ । ସମ୍ପତ୍ତି ଟିକସ ଆକଳନ ପାଇଁ ଏକ ସ୍ୱାଧୀନ ଏବଂ ସ୍ୱଚ୍ଛ ପ୍ରକ୍ରିୟା ପ୍ରଣୟନ କରିବାରେ ୟୁଏଲ୍ବି ମାନଙ୍କୁ ସାହାଯ୍ୟ କରିବା ପାଇଁ ଟିଏଫ୍ସି ଏକ ସମ୍ପତ୍ତି ଟିକସ ବୋର୍ଡ ଗଠନ କରିବାକୁ ସୁପାରିଶ କରିଥିଲା । ରାଜ୍ୟ ସରକାର ସମସ୍ତ ୟୁଏଲ୍ବିରେ ୟୁନିଟ୍ ଏରିଆ ଭିତ୍ତିକ ଟିକସ ବ୍ୟବସ୍ଥା ପ୍ରଚଳନ କରି ଆଇନ ମାଧ୍ୟମରେ ସମ୍ପତ୍ତି ଟିକସକୁ ଯୁକ୍ତିଯୁକ୍ତ କରିବାକୁ ନିଷ୍ପତ୍ତି ନେଇଥିଲେ । ତଦନୁଯାୟୀ, ରାଜ୍ୟର ସମସ୍ତ ମହାନଗର ନିଗମଗୁଡ଼ିକରେ ସମ୍ପତ୍ତି ମୂଲ୍ୟାଙ୍କନ ଏବଂ ମୂଲ୍ୟାୟନର ମାନକୀକରଣ ପାଇଁ ରାଜ୍ୟ ମହାନଗର ନିଗମ ମୂଲ୍ୟାୟନ କମିଟି (ଏସ୍ଏମ୍ସିଭିସି) ର ଅଧ୍ୟକ୍ଷ ଏବଂ ଅନ୍ୟ ସଦସ୍ୟଙ୍କୁ ନିଯୁକ୍ତି ଦେବା ପାଇଁ ସରକାର ଏକ ଚୟନ କମିଟି (ଅକ୍ଟୋବର 2016) ଗଠନ କରିଥିଲେ । ଚତୁର୍ଦ୍ଦଶ ଅର୍ଥ ଆୟୋଗ (ଏଫ୍ଏଫ୍ସି) ମଧ୍ୟ ୟୁଏଲ୍ବି ଗୁଡ଼ିକର ଆୟ ବୃଦ୍ଧି ପାଇଁ ସମ୍ପତ୍ତି ଟିକସକୁ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଭାବେ ଗୁରୁତ୍ୱାରୋପ କରିଛି । କିନ୍ତୁ ରାଜ୍ୟରେ ସମ୍ପତ୍ତି ଟିକସ ଉପରେ ରାଜ୍ୟ ସ୍ତରୀୟ କେନ୍ଦ୍ରୀୟ

[60] 114 ଟି ବାର୍ଷିକ ହିସାବ ମଧ୍ୟରୁ 113 ଟି ଯୋଜନା କରାଯାଇଥିବା ବେଳେ 117 ଟି ବାର୍ଷିକ ଆକାଉଣ୍ଟ ଅଡିଟ୍ ହୋଇଥିବା ବେଳେ ଚାରୋଟି ବାର୍ଷିକ ହିସାବ ରଖାଯାଇଛି ।

ମୂଲ୍ୟାୟନ ବୋର୍ଡ କିମ୍ବା ଗୋଟିଏ ଏସ୍ଏମ୍ସିଭିସି ପ୍ରତିଷ୍ଠା ହୋଇନାହିଁ । ଯାହା ଫଳରେ, ୟୁଏଲ୍ବି ଗୁଡ଼ିକର ସମ୍ପତ୍ତି ଟିକସ ଆକଳନ ଓ ସଂଶୋଧନ ପାଇଁ ବୈଷୟିକ ମାର୍ଗଦର୍ଶନର ଅଭାବ ଦେଖାଦେଇଥିଲା ।

2020-21 ଆର୍ଥିକ ବର୍ଷରେ ଅଡିଟ୍ ନଅଟି ପୌରସଂସ୍ଥାରେ ଗ୍ରହଣ କରାଯାଇଥିବା ସମ୍ପତ୍ତି ଆକଳନ ପ୍ରକ୍ରିୟାର ଯାଞ୍ଚ କରିଥିଲା ଏବଂ 31 ମାର୍ଚ୍ଚ 2020 ସୁଦ୍ଧା ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରୁ 27.84 କୋଟି ଟଙ୍କାର ହୋଲ୍ଡିଂ ଟ୍ୟାକ୍ସ[61] ଆଦାୟ ହୋଇନଥିବା ଦେଖିବାକୁ ମିଳିଥିଲା । ଏହି ପୌରସଂସ୍ଥାଗୁଡ଼ିକ ସମ୍ପତ୍ତି/ ହୋଲ୍ଡିଂ ଟିକସ ସଂଶୋଧନ ଉପରେ ମଧ୍ୟ ବିଚାର କରିନଥିଲେ ଯାହାଦ୍ୱାରା ସେମାନେ ସମ୍ପତ୍ତି ଟିକସ ପଦ୍ଧତି ମାଧ୍ୟମରେ ନିଜସ୍ୱ ରାଜସ୍ୱ ସୃଷ୍ଟିରୁ ବଞ୍ଚିତ ହୋଇଥିଲେ ।

4.14 ଆର୍ଥିକ ରିପୋର୍ଟିଂ ବିଷୟ

4.14.1 ଉପଯୋଗ ପ୍ରମାଣପତ୍ର ଦାଖଲ

ଉପଯୋଗ ପ୍ରମାଣପତ୍ର ଦାଖଲ କରିବା ଦ୍ୱାରା ପାଣ୍ଠି ପ୍ରଦାନକାରୀ ସଂସ୍ଥାକୁ ଆଶ୍ୱାସନା ମିଳିଥାଏ ଯେ ଯେଉଁ ଉଦ୍ଦେଶ୍ୟରେ ପାଣ୍ଠି ପ୍ରଦାନ କରାଯଇଥିଲା ସେହି ପାଣ୍ଠିର ନିରପେକ୍ଷ ବ୍ୟବହାର କରାଯାଇଛି । ଅନୁପାଳନ ଅଡିଟରେ ଏହା ଦେଖିବାକୁ ମିଳିଥିଲା ଯେ ଆଠଟି (2020-21 ଆର୍ଥିକ ବର୍ଷ ସମୟରେ ଅଡିଟ୍ ହୋଇଥିବା ନଅଟି ପରୀକ୍ଷା ଯାଞ୍ଚ କରାଯାଇଥିବା ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ମଧ୍ୟରୁ) ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ମାର୍ଚ୍ଚ 2020 ସୁଦ୍ଧା 382.67 କୋଟି ଟଙ୍କାର ଉପଯୋଗ ପ୍ରମାଣପତ୍ର ଦାଖଲ କରିନଥିଲେ ।

4.14.2 ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଖୋଲିବା

ଆର୍ଥିକ ବର୍ଷ 2020-21 ସମୟରେ କରାଯାଇଥିବା ନଅଟି ପରୀକ୍ଷଣ ଯାଞ୍ଚ କରାଯାଇଥିବା ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ଅନୁପାଳନ ଅଡିଟ୍ ସମୟରେ ଏହା ଦେଖିବାକୁ ମିଳିଥିଲା ଯେ ଦୁଇଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା [62]ରେ ସମାନ ଯୋଜନା ସମ୍ବନ୍ଧରେ ଏକାଧିକ ବ୍ୟାଙ୍କ ଆକାଉଣ୍ଟ କାର୍ଯ୍ୟକ୍ଷମ ଥିଲା ।

4.14.3 ବ୍ୟାଙ୍କ ଆକାଉଣ୍ଟ ବାଲାନ୍ସ ସହ ନଗଦ ବହିର ସମନ୍ୱୟ ନ ହେବା

ଓଡ଼ିଶା ମହାନଗର ନିଗମ (ଆକାଉଣ୍ଟସ୍), ନିୟମ 2012 ର ନିୟମ 97 ର ଉପନିୟମ 3(ଏ) ରେ ଦର୍ଶାଯାଇଛି ଯେ ପ୍ରତି ମାସ ଶେଷରେ ବ୍ୟାଙ୍କ ସମନ୍ୱୟ ପ୍ରକ୍ରିୟା କରାଯିବ । ଏହା ଦେଖିବାକୁ ମିଳିଥିଲା ଯେ, ନଅଟି ପରୀକ୍ଷା ଯାଞ୍ଚ କରାଯାଇଥିବା ୟୁଏଲ୍ବି (2020-21 ଆର୍ଥିକ ବର୍ଷରେ ଅଡିଟ୍ ହୋଇଥିବା) ମଧ୍ୟରୁ ସାତଟି ୟୁଏଲ୍ବି ପ୍ରତି ମାସ ଶେଷରେ ସେମାନଙ୍କର ନଗଦ ପୁସ୍ତକ ବାଲାନ୍ସକୁ ବ୍ୟାଙ୍କ ବୁକ୍ ବାଲାନ୍ସ ସହିତ ସମନ୍ୱୟ କରୁନାହାନ୍ତି । ବ୍ୟାଙ୍କ ଆକାଉଣ୍ଟ ସହ ନଗଦ ପୁସ୍ତକ ନମିଳିବା ଦ୍ୱାରା ପାଣ୍ଠିର ଅପବ୍ୟବହାର ହେବାର ଆଶଙ୍କା ରହିଛି ।.

---

[61] ହୋଲ୍ଡିଂ ଟ୍ୟାକ୍ସ ବା ସମ୍ପତ୍ତି ଟିକସ ହେଉଛି ମ୍ୟୁନିସିପାଲିଟି ମଧ୍ୟରେ ଥିବା ଏକ ବିଲ୍ଡିଂ ସମ୍ପତ୍ତିର ମାଲିକଙ୍କ ଉପରେ ଆଦାୟ କରାଯାଇଥିବା ଏକ ଟିକସ ଯାହା 131ର ଧାରା 1950 ଓଏମ୍ଏ ସମ୍ପତ୍ତିର ବାର୍ଷିକ ମୂଲ୍ୟ ଉପରେ ଆକଳନ କରାଯାଏ ।

[62] କଟକ ମହାନଗର ନିଗମ , ସମ୍ବଲପୁର ମହାନଗର ନିଗମ

ଅଧ୍ୟାୟ 5

74 ତମ ସମ୍ବିଧାନ ସଂଶୋଧନ ଅଧିନିୟମର କାର୍ଯ୍ୟକାରିତା ଉପରେ କାର୍ଯ୍ୟଦକ୍ଷତା ସମୀକ୍ଷା

ଅଧ୍ୟାୟ 5

3 ଏଫ୍.ଏସ୍ ପାଣ୍ଡି, କାର୍ଯ୍ୟ ଏବଂ କାର୍ଯ୍ୟକାରିତା ଉପରେ ଧ୍ୟାନ ଦେଇ 74 ତମ ସମ୍ବିଧାନ ସଂଶୋଧନ ଅଧିନିୟମର କାର୍ଯ୍ୟକାରିତା ଉପରେ କାର୍ଯ୍ୟଦକ୍ଷତା ସମୀକ୍ଷା

କାର୍ଯ୍ୟନିର୍ବାହୀ ସାରାଂଶ

74 ତମ ସାମ୍ବିଧାନିକ ସଂଶୋଧନ ଆଇନର ଉଦ୍ଦେଶ୍ୟ

74ତମ ସାମ୍ବିଧାନିକ ସଂଶୋଧନ ଅଧିନିୟମ ମାଧ୍ୟମରେ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ପାଇଁ ଭାରତର ସମ୍ବିଧାନ ଏକ ସ୍ପଷ୍ଟ ଆଦେଶ ପ୍ରଦାନ କରିଛି, ତୃଣମୂଳ ସ୍ତରରେ ଗଣତନ୍ତ୍ରର ଅଗ୍ରଗତି ପାଇଁ ସ୍ଥାନୀୟ ଶାସନର ଏକ ଢାଞ୍ଚା ସୃଷ୍ଟି କରିବାକୁ ଚେଷ୍ଟା କଲା । ତଦନୁସାରେ, ଏହି ନିୟମ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ମାନଙ୍କୁ ଦ୍ୱାଦଶ ଅନୁସୂଚୀରରେ ତାଲିକାଭୁକ୍ତ କରାଯାଇଥିବା ପରି 18 କାର୍ଯ୍ୟଗୁଡ଼ିକର ବିନିଯୋଗ ପାଇଁ ବ୍ୟବସ୍ଥା କରାଯାଇଛି । 74 ତମ ସିଏଏ 01 ଜୁନ୍ 1993 ରୁ କାର୍ଯ୍ୟକାରୀ ହେଲା ।.

ଏହି କାର୍ଯ୍ୟଦକ୍ଷତା ଅଡିଟ୍ କାହିଁକି କରାଗଲା ?

ଏହି ଅଡିଟ୍‌ର ଉଦ୍ଦେଶ୍ୟ ହେଉଛି ପୌରସଂସ୍ଥା ଗୁଡ଼ିକୁ ପର୍ଯ୍ୟାପ୍ତ ଭାବରେ କାର୍ଯ୍ୟନ୍ୟସ୍ତ କରାଯାଇଛି କି ନାହିଁ ତାହା ଆକଳନ କରିବା ଏବଂ ସେମାନଙ୍କର କାର୍ଯ୍ୟଗୁଡ଼ିକ ଦାୟିତ୍ୱ ସହିତ ପୂରଣ କରିବାକୁ ସେମାନଙ୍କୁ ପର୍ଯ୍ୟାପ୍ତ କ୍ଷମତା ଏବଂ ସମ୍ବଳ ସହିତ ସଶକ୍ତ କରାଯାଇଥିଲା କି ନାହିଁ ।

ଅଡିଟ୍ ଅବଧି : 2015-16 ରୁ 2019-20

ନମୁନା : ସମସ୍ତ ତିନୋଟି ସ୍ତରରେ 20 ସହରାଞ୍ଚଳ ସ୍ଥାନୀୟ ସଂସ୍ଥା

ଅଡିଟ୍ ଜଣ ପାଇଲା

74ତମ ସିଏଏର ବ୍ୟବସ୍ଥାକୁ ପାଳନ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ମ୍ୟୁନିସିପାଲିଟି(ଓଏମ୍) ଆକ୍ଟ ଏବଂ ଓଡ଼ିଶା ମ୍ୟୁନିସିପାଲିଟି କର୍ପୋରେସନ (ଓଏମ୍‌ସି) ଅଧିନିୟମ ପ୍ରଣୟନ କରିଛନ୍ତି । ଅଡିଟ୍ ଦେଖିଲେ ଯେ ନିର୍ଣ୍ଣାୟକ କାର୍ଯ୍ୟ ଦ୍ୱାରା ଆଇନଗତ ବ୍ୟବସ୍ଥା ସମର୍ଥିତ ନୁହେଁ, ଫଳସ୍ୱରୂପ ଏପରି ପରିସ୍ଥିତି ସୃଷ୍ଟି ହେଲା ଯେଉଁଥିରେ 74 ତମ ସିଏଏର ମୁଖ୍ୟ ଲକ୍ଷ୍ୟ ଫଳପ୍ରଦ ହୋଇନାହିଁ । ପ୍ରଭାବଶାଳୀ ବିକେନ୍ଦ୍ରୀକରଣ ପାଇଁ କାର୍ଯ୍ୟଗୁଡ଼ିକର ବିଭେଦ ଏବଂ ଉପଯୁକ୍ତ ଆନୁଷାନିକ ବ୍ୟବସ୍ଥା ସୃଷ୍ଟି କରିବାରେ ଅଭାବ ରହିଲା ।

74 ତମ ସିଏଏ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକ ପାଇଁ 18 ଟି କାର୍ଯ୍ୟର ବିକେନ୍ଦ୍ରୀକରଣ ଯୋଜନା କରିଥିଲା । ଅଡିଟ୍ ଦେଖିଲେ ଯେ 18 ଟି କାର୍ଯ୍ୟ ମଧ୍ୟରୁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ଗୋଟିଏ କାର୍ଯ୍ୟ ଉପରେ କୌଣସି ଭୂମିକା ନାହିଁ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକ କେବଳ ତିନୋଟି କାର୍ଯ୍ୟ ପାଇଁ କାର୍ଯ୍ୟକାରୀ ସଂସ୍ଥା ଥିଲା । ଗୋଟିଏ କାର୍ଯ୍ୟରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ଦୈତ ଭୂମିକା ଥିଲା ଏବଂ 13 ଟି କାର୍ଯ୍ୟ ସମ୍ବନ୍ଧରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର ସର୍ବନିମ୍ନ ଭୂମିକା ଥିଲା ଏବଂ କିମ୍ବା ରାଜ୍ୟ ସରକାରୀ ବିଭାଗ ଏବଂ କିମ୍ବା ସହଭାଗୀ କାର୍ଯ୍ୟ ନିର୍ବାହୀ ସଂସ୍ଥା ସହିତ ପୁନଃ ଅଧିକାର ଥିଲା ।

ଅଡିଟ୍ ଦେଖିଲେ ଯେ ସମୁଦାୟ 114 ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ମଧ୍ୟରୁ 112 ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ମାର୍ଚ୍ଚ 2021 ସୁଦ୍ଧା 41 ଦିନରୁ 3,252 ଦିନ ବିଳମ୍ବ ପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହୋଇନଥିଲା । ଏହିପରି, ସ୍ଥାନୀୟ ଶାସନରେ ସମ୍ପ୍ରଦାୟର ଅଂଶଗ୍ରହଣ ନହେବା କାରଣରୁ ସେହି ପୌରସଂସ୍ଥା ଗୁଡ଼ିକରେ ୱାଡିଂ କମିଟି ଏବଂ ୱାର୍ଡ କମିଟି ଗଠନ କରାଯାଇନଥିଲା ।

ବିସ୍ତୃତ ଜିଲ୍ଲା ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଜିଲ୍ଲା ଯୋଜନା କମିଟିରେ ସେମାନଙ୍କର ବିସ୍ତୃତ ବିକାଶ ଯୋଜନା ପ୍ରସ୍ତୁତ ଏବଂ ଦାଖଲ କରିବାରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ବିଫଳ ହୋଇଥିଲା । .

ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ନିଜସ୍ୱ ଉତ୍ସରୁ ନିଆଯାଇଥିବା କାର୍ଯ୍ୟଗୁଡ଼ିକ ପାଇଁ ସଂପୃକ୍ତ ପରିଷଦଗୁଡ଼ିକର ପୂର୍ବ ଅନୁମୋଦନ ସତ୍ତ୍ୱେ, ଜିଲ୍ଲା ପ୍ରଶାସନର ଅନୁମୋଦନ ଲୋଡ଼ିବାର ଆବଶ୍ୟକତା ଥିବାରୁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ସ୍ୱାୟତ୍ତତା ବିରୁଦ୍ଧରେ ଯାଇଥିଲା ।

ସହଭାଗୀ କାର୍ଯ୍ୟ ନିର୍ବାହୀ ସଂସ୍ଥାଗୁଡ଼ିକର ଅସ୍ତିତ୍ୱ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର ସ୍ୱାଧୀନତାକୁ ବିଶେଷ କରି ସହରୀ ଯୋଜନା, ବସ୍ତି ଉନ୍ନତି ଏବଂ ଜଳ ଯୋଗାଣ ଏବଂ ସ୍ୱେରେଜ୍ କାର୍ଯ୍ୟଗୁଡ଼ିକର କାର୍ଯ୍ୟାନ୍ୱୟନରେ ଯଥେଷ୍ଟ କ୍ଷୟ କରିଦେଲା ।

ରାଜ୍ୟ ଅର୍ଥ ଆୟୋଗ (ଏସ୍ଏଫ୍ସି) ସମ୍ବିଧାନରେ ବିଳମ୍ବ ଏବଂ ସେମାନଙ୍କ ସୁପାରିଶକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ ହେବା ଦ୍ୱାରା ରାଜ୍ୟ ଆର୍ଥିକ ସ୍ଥାନାନ୍ତରଣରେ ବିଳମ୍ବ ଘଟାଇ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ଆୟ ଉପରେ ପ୍ରଭାବ ପକାଇଲା ।

ରାଜ୍ୟ ସରକାର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ମାନଙ୍କୁ ନିଜସ୍ୱ ରାଜସ୍ୱ ଉତ୍ପାଦନରେ ସ୍ୱାଧୀନତା ପ୍ରଦାନ କରିନାହାଁନ୍ତି । ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର ଗୁଣବତ୍ତା, ଯେପରିକି ଟିକସର ରାଜ୍ୟ ସରକାର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ମାନଙ୍କୁ ନିଜସ୍ୱ ରାଜସ୍ୱ ଉତ୍ପାଦନରେ ସ୍ୱାଧୀନତା ପ୍ରଦାନ କରିନାହାଁନ୍ତି । ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର ଗୁଣବତ୍ତା, ଯେପରିକି ଟିକସର ସଂଶୋଧନ ସ୍ୱେରେଜ୍ ସେସ୍ ସଂଗ୍ରହ ନକରିବା, ଯାହା ପାଇଁ କମ୍ ରାଜସ୍ୱ ଉତ୍ପାଦନ ହୋଇଥିଲା ।

ଅଡିଟ୍ ଅବଧି ମଧ୍ୟରେ (ଆର୍ଥିକ ବର୍ଷ 2015-16 ରୁ ଆର୍ଥିକ ବର୍ଷ 2019-20 ପର୍ଯ୍ୟନ୍ତ) ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକ ମୁଖ୍ୟତଃ ଭାରତ ସରକାର (ଜିଓଆଇ) ଏବଂ ଓଡ଼ିଶା ସରକାର (ଜିଓଓ)ର ଆର୍ଥିକ ହସ୍ତାନ୍ତର ଉପରେ ନିର୍ଭରଶୀଳ ଥିଲେ, ଯାହା ମିଳିତ ଭାବରେ ସେମାନଙ୍କର ମୋଟ ପାଣ୍ଠିର ପ୍ରାୟ 91.64 ପ୍ରତିଶତ ହୋଇଥିବା ବେଳେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର ନିଜସ୍ୱ ରାଜସ୍ୱ ସେମାନଙ୍କ ମୋଟ ପାଣ୍ଠିର ମାତ୍ର 11.22 ପ୍ରତିଶତ ଥିଲା ।.

ଆର୍ଥିକ ବର୍ଷ 2015-16 ରୁ ଆର୍ଥିକ ବର୍ଷ 2019-20 ମଧ୍ୟରେ ଏସ୍ଏଫ୍ସି ର ସୁପାରିଶକୁ ଦୃଷ୍ଟିରେ ରଖି ଆର୍ଥିକ ହସ୍ତାନ୍ତରଣରେ 196.44 କୋଟି ଟଙ୍କାର ଅଭାବ ଦେଖା ଦେଇଥିଲା । 2016-17 ରୁ ଆର୍ଥିକ ବର୍ଷ 2019-20 ମଧ୍ୟରେ ମୁଖ୍ୟତଃ ସହରୀ ସଂସ୍କାରକୁ ପାଳନ କରିବା ଏବଂ ଜିଓଆଇ ଦ୍ୱାରା ସ୍ଥିର ହୋଇଥିବା ମାନଦଣ୍ଡ ସ୍ତର ହାସଲ କରିବାରେ ଅଭାବ ହେତୁ, 14 ତମ କେନ୍ଦ୍ରୀୟ ଅର୍ଥ ଆୟୋଗ (ସିଏଫ୍ସି) 354.51 କୋଟି ଟଙ୍କା କାର୍ଯ୍ୟଦକ୍ଷତା ଅନୁଦାନ ଆବଣ୍ଟନ ବିରୁଦ୍ଧରେ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକ 286.25 କୋଟି ଟଙ୍କା ପ୍ରାପ୍ତ କରିପାରିଲା ନାହିଁ ।

ଆର୍ଥିକ ବର୍ଷ 2015-16 ରୁ ଆର୍ଥିକ ବର୍ଷ 2019-20 ମଧ୍ୟରେ ଯେତେବେଳେ ବଜେଟ୍ ପ୍ରସ୍ତୁତିରେ ତ୍ରୁଟି ଦେଖାଦେଇଥିଲା ଏବଂ ଅବାସ୍ତବ ତଥା ଅଜ୍ଞାନ ବଜେଟ୍ ପ୍ରସ୍ତୁତି ହୋଇଥିଲା, ପୌରସଂସ୍ଥା ଗୁଡ଼ିକ ସେମାନଙ୍କ ସହିତ ଉପଲବ୍ଧ ପାଣ୍ଠିର ମାତ୍ର 29 ରୁ 42 ପ୍ରତିଶତ ଖର୍ଚ୍ଚ କରିଥିଲେ ।

କର୍ମଚାରୀଙ୍କ ଆବଶ୍ୟକତାକୁ ଆକଳନ କରିବାର କ୍ଷମତା ଏବଂ ଏହିପରି କର୍ମଚାରୀଙ୍କ ନିଯୁକ୍ତିକୁ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ କରିଥିଲେ ଯାହା ବିକେନ୍ଦ୍ରୀକରଣର ମୁଖ୍ୟ ଲକ୍ଷ୍ୟ ବିରୁଦ୍ଧରେ ଥିଲା । ବର୍ଗୀକରଣ, ନିଯୁକ୍ତି ପଦ୍ଧତି, ସେବା ସର୍ତ୍ତାବଳୀକୁ ନିୟନ୍ତ୍ରଣ କରିବାର କ୍ଷମତା ଏବଂ ଦେୟ ଏବଂ ଭତ୍ତା, ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର କର୍ମଚାରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକରେ କର୍ମଚାରୀ କିମ୍ବା ଅନ୍ୟାନ୍ୟ ସରକାରୀ ବିଭାଗକୁ ସ୍ଥାନାନ୍ତର କରିବା ମଧ୍ୟ ରାଜ୍ୟ ସରକାରଙ୍କୁ ଦିଆଯାଇଥିଲା ।

ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର କର୍ମଚାରୀଙ୍କ ଅନୁମୋଦିତ ସଂଖ୍ୟା ନିର୍ଣ୍ଣୟ କରିବା ପାଇଁ ଜନସଂଖ୍ୟା ଏକ ମାତ୍ର ମାନଦଣ୍ଡ ଥିଲା । ସମସ୍ତ ପରୀକ୍ଷଣ ଯାଞ୍ଚ ହୋଇଥିବା ୟୁଏଲ୍ବି ଗୁଡ଼ିକରେ ଏକ ଦଶନ୍ଧି ମଧ୍ୟରେ ଜନସଂଖ୍ୟା ବୃଦ୍ଧି ହୋଇଥିଲା କିନ୍ତୁ କର୍ମଚାରୀଙ୍କ ଅନୁମୋଦିତ ସଂଖ୍ୟା ହ୍ରାସ ପାଇଥିଲା ।

ସମସ୍ତ କ୍ୟାଡର ଗୁଡ଼ିକ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ପଦବୀରେ ବିପୁଳ ଖାଲି ପଦବୀ, ନାଗରିକ କେନ୍ଦ୍ରିକ ସେବା ପ୍ରଦାନ ପାଇଁ ପର୍ଯ୍ୟାପ୍ତ ମାନବସମ୍ବଳର ଅଭାବ ଥିଲା ।

ଚୁକ୍ତିଭିତ୍ତିକ ଏବଂ ଡେପୁଟେସନ ଆଧାରରେ ବହୁ ସଂଖ୍ୟକ ପଦବୀ ପୂରଣ କରାଯାଇଥିଲା । ଏହା ପୌରସଂସ୍ଥାର କାର୍ଯ୍ୟଗୁଡ଼ିକର କାର୍ଯ୍ୟଦକ୍ଷତାରେ ଉତ୍ତରଦାୟିତ୍ୱକୁ ପ୍ରଭାବିତ କରିଥିଲା ।

ସୁପାରିଶ :

1. *ଦ୍ୱିତୀୟ ପ୍ରଶାସନିକ ସଂସ୍କାର ଆୟୋଗର ସୁପାରିଶ ଅନୁଯାୟୀ ସରକାର ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ସୀମା ନିର୍ଦ୍ଧାରଣ ଦାୟିତ୍ୱ ଦେଇପାରନ୍ତି ।*
2. *ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ସ୍ଥାନୀୟ ସ୍ୱୟଂ ଶାସନର ପ୍ରଭାବଶାଳୀ ଗଣତାନ୍ତ୍ରିକ ୟୁନିଟ୍ ଭାବରେ କାର୍ଯ୍ୟ କରିବାକୁ ସକ୍ଷମ କରିବାକୁ ରାଜ୍ୟ ସରକାର ଠିକ୍ ସମୟରେ ନିର୍ବାଚନ କରିବାକୁ ବିଚାର କରିପାରନ୍ତି ।*
3. *ପ୍ରତି ପାଞ୍ଚ ବର୍ଷ ଶେଷ ହେବା ପରେ ତୁରନ୍ତ ରାଜ୍ୟ ଅର୍ଥ ଆୟୋଗ ଗଠନ କରିବାକୁ ରାଜ୍ୟ ସରକାର ବିଚାର କରିପାରନ୍ତି ।*
4. *ଦୀର୍ଘକାଳୀନରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକୁ ମଜବୁତ୍ କରିବାକୁ ସରକାର ଆନୁଷ୍ଠାନିକ ପଦକ୍ଷେପ ପାଇଁ ଏସ୍ଏଫ୍ସି ର ସୁପାରିଶ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଚାର କରିପାରନ୍ତି ।*
5. *ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକୁ ସେମାନଙ୍କ ଟିକସ ଢାଞ୍ଚାକୁ ନିୟମିତ ଭାବରେ ସଂଶୋଧନ କରିବାକୁ ସକ୍ଷମ କରିବା ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକୁ ବୈଷୟିକ ଦକ୍ଷତା ପ୍ରଦାନ କରିବା ପାଇଁ ସମ୍ପତ୍ତି ଟିକସ ବୋର୍ଡ ପ୍ରତିଷ୍ଠା କରାଯିବା ଆବଶ୍ୟକ ।*
6. *ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ସଡ଼କ କାର୍ଯ୍ୟ କାର୍ଯ୍ୟକାରିତା କରିବା ପାଇଁ ପୌରସଂସ୍ଥା ସହିତ ପରାମର୍ଶ କରି ସରକାର ଏକ ନିରପେକ୍ଷ ମୂଲ୍ୟାଙ୍କନ ପ୍ରଣାଳୀ ପ୍ରତିଷ୍ଠା କରିପାରନ୍ତି ।*
7. *ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକ ସେମାନଙ୍କର ଆତ୍ମନିର୍ଭରଶୀଳତା ପାଇଁ ନିଜର ରାଜସ୍ୱ ସୃଷ୍ଟି କରିବାର ଉପାୟଗୁଡ଼ିକର ମୂଲ୍ୟାଙ୍କନ ଏବଂ ଅନୁସନ୍ଧାନ କରିବା ଆବଶ୍ୟକ ।।*
8. *ସରକାର ବଳକା ଏସ୍ଏଫ୍ସି ଅନୁଦାନ ଠିକ୍ ସମୟରେ ମୁକ୍ତ କରିବାକୁ ବିଚାର କରିପାରନ୍ତି ଏବଂ ସେମାନଙ୍କ ଖର୍ଚ୍ଚ ପୂରଣ ପାଇଁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ଆର୍ଥିକ ସମ୍ବଳ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାରଙ୍କ ଠାରୁ କାର୍ଯ୍ୟଦକ୍ଷତା ଅନୁଦାନ ପାଇବା ପାଇଁ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ।*
9. *ହୋଲ୍ଡିଂ ଟିକସର ପ୍ରଭାବଶାଳୀ ସଂଗ୍ରହ ପାଇଁ ସରକାର ୟୁଏଲ୍ବିକୁ ନିର୍ଦ୍ଦେଶ ଦେଇପାରନ୍ତି ।*
10. *ପୂର୍ବ ବର୍ଷର ଉଭୟ ରାଜସ୍ୱ ଏବଂ ବ୍ୟୟର ଏକ ବାସ୍ତବବାଦୀ ଆକଳନ ଏବଂ ଆଶା ଥିବା ପାଣ୍ଠି ସଂଗ୍ରହକୁ ଧ୍ୟାନରେ ରଖି ବୈଜ୍ଞାନିକ ପଦ୍ଧତିରେ ବଜେଟ ତିଆରି ପାଇଁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସକ୍ଷମ କରିପାରନ୍ତି ।*
11. *କାର୍ଯ୍ୟର କାର୍ଯ୍ୟକାରିତା ସମସ୍ତ ସୀମାକୁ ପାଳନ କରିବା ପାଇଁ ସରକାର ଅଧିକ କଠୋର ପଦକ୍ଷେପ ଗ୍ରହଣ କରିପାରନ୍ତି ।*
12. *ପ୍ରଭାବଶାଳୀ ବିକେନ୍ଦ୍ରୀକରଣ ହାସଲ କରିବା ପାଇଁ, ପୌରସଂସ୍ଥା ଗୁଡ଼ିକ ଅନ୍ୟ ଏଜେନ୍ସୀ / ସହଭାଗୀ କାର୍ଯ୍ୟନିର୍ବାହୀ ସଂସ୍ଥାଗୁଡ଼ିକର ହସ୍ତକ୍ଷେପ ବିନା ସେମାନଙ୍କୁ ଦିଆଯାଇଥିବା କାର୍ଯ୍ୟଗୁଡ଼ିକ ଉପରେ ପର୍ଯ୍ୟାପ୍ତ ପରିମାଣର ସ୍ୱାଧୀନତା ଉପଭୋଗ କରିବେ । ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ।*
13. *ଜନସଂଖ୍ୟା ଏବଂ ଅନ୍ୟାନ୍ୟ ମାନଦଣ୍ଡ ଉପରେ ଆଧାର କରି ସରକାର ପୌରସଂସ୍ଥା କର୍ମଚାରୀଙ୍କ ଆବଶ୍ୟକ ଅନୁମୋଦିତ ସଂଖ୍ୟାରେ ପହଞ୍ଚିପାରନ୍ତି ଏବଂ ଖାଲିଥିବା ପଦବୀ ପୂରଣ ପାଇଁ ଉପଯୁକ୍ତ ପଦକ୍ଷେପ ନେଇପାରନ୍ତି ।*

ଅଧ୍ୟାୟ -I

ଏହି ଅଧ୍ୟାୟରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ ପୃଷ୍ଠଭୂମି ଆଧାରରେ 74 ତମ ସମ୍ବିଧାନ ସଂଶୋଧନ ଆଇନ୍ ପ୍ରଣୟନ କରାଯାଇଥିଲା । ଏଥିରେ ବର୍ଣ୍ଣନା କରାଯାଇଛି ଯେ ଏହି ଆଇନ୍ କିପରି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକୁ ବିଭିନ୍ନ କାର୍ଯ୍ୟର ହସ୍ତାନ୍ତର ଏବଂ ଆର୍ଥିକ କ୍ଷମତାର ଗଣନା ମାଧ୍ୟମରେ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରେ ଯାହା ଦ୍ୱାରା ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକ ସ୍ୱ-ଶାସନ ଅନୁଷ୍ଠାନ ଭାବରେ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରିବେ । ସହରାଞ୍ଚଳ ସ୍ୱୟଂ ଶାସନ ପାଇଁ ସାଙ୍ଗଠନିକ ଢାଞ୍ଚାର ଉପଲବ୍ଧତା ବିଷୟରେ ଏଠାରେ ଉଲ୍ଲେଖ କରାଯାଇଛି ।

5.1 ଉପକ୍ରମ

5.1.1 74 ତମ ସମ୍ବିଧାନ ସଂଶୋଧନ ଆଇନ୍

ଅନେକ ରାଜ୍ୟରେ ନିୟମିତ ନିର୍ବାଚନ କରାଇବାରେ ବିଫଳତା, ଦୀର୍ଘଦିନ ଧରି କ୍ଷମତା ଓ କାର୍ଯ୍ୟ ହସ୍ତାନ୍ତର ଅପାରଗତା ଭଳି ବିଭିନ୍ନ କାରଣରୁ ସ୍ଥାନୀୟ ସଂସ୍ଥା ଦୁର୍ବଳ ଓ ପ୍ରଭାବହୀନ ହୋଇପଡ଼ିଥିଲା । ଫଳସ୍ୱରୂପ, ସହରୀ ସ୍ଥାନୀୟ ସଂସ୍ଥାଗୁଡ଼ିକ ପ୍ରଭାବଶାଳୀ ଭାବରେ ସ୍ୱୟଂ ଶାସନର ଜୀବନ୍ତ ଗଣତାନ୍ତ୍ରିକ ଅନୁଷ୍ଠାନ ଭାବରେ କାର୍ଯ୍ୟ କରିବାକୁ ସକ୍ଷମ ହୋଇନଥିଲେ । ସେହି ଅନୁଯାୟୀ, ସମ୍ବିଧାନ (74 ତମ ସଂଶୋଧନ) ଅଧିନିୟମ, 1992 (74 ତମ ସିଏଏ), ଯାହା 01 ଜୁନ୍ 1993 ରେ ଲାଗୁ ହେଲା । ଭାରତର ସମ୍ବିଧାନରେ ଭାଗ IX A (ମ୍ୟୁନିସିପାଲିଟି) ପ୍ରବର୍ତ୍ତନ କଲା । ଏହି ଅଧିନିୟମ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି) କୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ କଲା । ସିଏଏ ର ଧାରା 243 ଡବ୍ଲୁ ରାଜ୍ୟ ବିଧାନ ସଭାକୁ ସ୍ଥାନୀୟ ସଂସ୍ଥାଗୁଡ଼ିକୁ କ୍ଷମତା ଏବଂ ଅଧିକାର ପ୍ରଦାନ କରିବାକୁ ଆଇନ୍ ପ୍ରଣୟନ କରିବାକୁ ଅଧିକାର ପ୍ରଦାନ କଲା, ଯେହେତୁ ସେମାନଙ୍କୁ ସ୍ୱୟଂ ଶାସନର ଅନୁଷ୍ଠାନ ଭାବରେ କାର୍ଯ୍ୟ କରିବାକୁ ସକ୍ଷମ କରାଇବା ଏବଂ ବିସ୍ତୃତ କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତା ପାଇଁ ପର୍ଯ୍ୟାପ୍ତ ପାଣ୍ଠି ଏବଂ କାର୍ଯ୍ୟକର୍ତ୍ତାଙ୍କ ପାଇଁ ବ୍ୟବସ୍ଥା କରାଇବା ଆବଶ୍ୟକ । ସମ୍ବିଧାନର ଦ୍ୱାଦଶ, ସୂଚୀରେ 18 ଟି ନିର୍ଦ୍ଦିଷ୍ଟ କାର୍ଯ୍ୟ ଗଣନା କରାଯାଇଛି, ଯାହା ୟୁଏଲ୍‌ବିକୁ ବିଭିନ୍ନ କାର୍ଯ୍ୟଗୁଡ଼ିକର ବିଭେଦ ପ୍ରଦାନ କଲେ ଯାହା ***ପରିଶିଷ୍ଟ 5.1*** ରେ ଦର୍ଶାଯାଇଛି । 74 ତମ ସମ୍ବିଧାନ ସଂଶୋଧନ, ୟୁଏଲ୍‌ବିର ଗଠନ, ଏହି ପୌରସଂସ୍ଥାର ନିର୍ବାଚନ ଏବଂ ଏହି ପୌରସଂସ୍ଥା ଗୁଡ଼ିକରେ କମିଟି ଗଠନ ପାଇଁ ପ୍ରଦାନ କରାଯାଇଛି । ଏହା ମଧ୍ୟ ଗଣନା କରିଛି: (କ) ନିଜସ୍ୱ ରାଜସ୍ୱ ସୃଷ୍ଟି କରିବାକୁ ପୌରସଂସ୍ଥାର କ୍ଷମତା ଏବଂ ଦାୟିତ୍ୱ (ଖ) ରାଜ୍ୟ ସରକାର ଏବଂ ପୌରସଂସ୍ଥା ମଧ୍ୟରେ ରାଜସ୍ୱ ବାଣ୍ଟିବା ଏବଂ (ଗ) ଜିଓଆଇ ଅନୁଦାନ ବ୍ୟତୀତ ରାଜ୍ୟର ଏକତ୍ରିତ ପାଣ୍ଠିରୁ ପାଣ୍ଠି ଆବଣ୍ଟନ । ଯଦିଓ 74 ତମ ସମ୍ବିଧାନ ଜୁନ୍ ସିଏଏ 01 ଜୁନ୍ 1993 ରୁ କାର୍ଯ୍ୟକାରୀ ହେଲା । 2007 ରେ ଓଡ଼ିଶା ମ୍ୟୁନିସିପାଲିଟି ଆକ୍ଟ, 1950 (ଓଏମ୍‌ଏ) ରେ ସଂଶୋଧନ କରାଯାଇଥିଲା । ଦ୍ୱାଦଶ ସୂଚୀରେ ତାଲିକାଭୁକ୍ତ ବିଷୟଗୁଡ଼ିକ ସହିତ କ୍ଷମତାର ଏବଂ ଦାୟିତ୍ୱ ବିଲୋପ ନିଶ୍ଚିତ କରିବାକୁ ଓଡ଼ିଶା ମ୍ୟୁନିସିପାଲିଟି କର୍ପୋରେସନ ଆକ୍ଟ (ଓଏମ୍‌ସିଏ) 2003 ପ୍ରଣୟନ କରାଯାଇଥିଲା, ଯାହା ***ଅଧ୍ୟାୟ* III** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

5.1.2 ଓଡ଼ିଶାରେ ସହରୀକରଣର ଧାରା

ଜନଗଣନା 2011 ଅନୁଯାୟୀ, ରାଜ୍ୟର ମୋଟ 4.20 କୋଟି ଜନସଂଖ୍ୟା ମଧ୍ୟରୁ 0.70 କୋଟି (16.67 ପ୍ରତିଶତ) ସହରାଞ୍ଚଳରେ ବାସ କରନ୍ତି । 2001-2011 ଏବଂ 2011-2020 ଦଶନ୍ଧିରେ ସହରୀ ଜନସଂଖ୍ୟା ବୃଦ୍ଧି ପ୍ରତିଶତ ଯଥାକ୍ରମେ 26.90 ପ୍ରତିଶତ[63] ଏବଂ 36.25 ପ୍ରତିଶତ[64] ଥିଲା । ସହରୀ ଜନସଂଖ୍ୟା ମୁଖ୍ୟତଃ ସହର ଗୁଡ଼ିକରେ ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ରୋଜଗାରର ସୁଯୋଗ ଯୋଗୁ ହୋଇଥିଲା । ସହରାଞ୍ଚଳ ଓଡ଼ିଶା ଜନସଂଖ୍ୟାର ଦ୍ରୁତ ବିସ୍ତାର ହେତୁ ଜନସ୍ୱାସ୍ଥ୍ୟ ସମସ୍ୟା, ଦାରିଦ୍ର୍ୟ ଦୂରୀକରଣ, ବର୍ଜ୍ୟବସ୍ତୁ ପରିଚାଳନା ଇତ୍ୟାଦି

63 ଜନଗଣନା 2011

64 କଠିନ ବର୍ଜ୍ୟବସ୍ତୁର ମାନୁଆଲ ପରିଚାଳନା 2016

ଏକାଧିକ ସମସ୍ୟାର ସମ୍ମୁଖୀନ ହୋଇଛି । ଏହି ପରିପ୍ରେକ୍ଷୀରେ, ୟୁଏଲ୍‌ବି ଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି କାରଣ ଏହି ସମସ୍ୟା ଗୁଡ଼ିକ ମଧ୍ୟରୁ ଅଧିକାଂଶ ସ୍ଥାନୀୟ ସ୍ତରରେ ସର୍ବୋତ୍ତମ ଭାବରେ ପରିଚାଳନା ହୋଇଥାଏ ।

5.1.3 ଓଡ଼ିଶାର ବର୍ଗ ଅନୁଯାୟୀ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା

ଓଡ଼ିଶା ମ୍ୟୁନିସିପାଲିଟି ଆକ୍ଟ ଅନୁଯାୟୀ, ଓଡ଼ିଶାରେ ୟୁଏଲ୍‌ବି ଗୁଡ଼ିକୁ ଜନସଂଖ୍ୟା ଆଧାରରେ ଶ୍ରେଣୀଭୁକ୍ତ କରାଯାଇଛି । ୟୁଏଲ୍‌ବି ସମ୍ବନ୍ଧୀୟ ସମ୍ବିଧାନରେ ଅନ୍ୟାନ୍ୟ ବିଷୟ ସହିତ ତିନୋଟି ପ୍ରକାରର ବ୍ୟବସ୍ଥା କରାଯାଇଛି ଯଥା- (କ) ସହରାଞ୍ଚଳ ପାଇଁ ମହାନଗର ନିଗମ (ଖ) କ୍ଷୁଦ୍ର ସହରାଞ୍ଚଳ ପାଇଁ ପୌରପାଳିକା ଏବଂ (ଗ) ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ପାଞ୍ଚଟି ମହାନଗର ନିଗମ, 45 ଟି ପୌରପାଳିକା ଓ 64 ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ରହିଥିବା ବେଳେ ରାଜ୍ୟରେ ସମୁଦାୟ 114 ଟି ପୌରସଂସ୍ଥା ରହିଛି, ଯାହା ***ପରିଶିଷ୍ଟ 5.2*** ରେ ଦର୍ଶାଯାଇଛି । ପୌରସଂସ୍ଥା ଗୁଡ଼ିକ ଓଡ଼ି ଶା ମୁ ୟନିସିପାଲିଟ୍ ଆକ୍ଟ 1950 ଏବଂ ମ୍ୟୁନିସିପାଲିଟି କର୍ପୋରେସନ ଆକ୍ଟ, 2003 ଦ୍ୱାରା ପରିଚାଳିତ ହୁଏ ।

5.1.4 ୟୁ ଏଲ୍‌ବି ଦ୍ୱାରା ପରିଚାଳିତ କାର୍ଯ୍ୟର ବିସ୍ତୃତ ଢାଞ୍ଚା

74 ତମ ସିଏଏ ଅନୁଯାୟୀ, ପୌରସଂସ୍ଥାଗୁଡ଼ିକୁ ଦ୍ୱାଦଶ ଅନୁସୂଚୀରେ ଉଲ୍ଲେଖ କରାଯାଇଥିବା 18 ଟି କାର୍ଯ୍ୟ କରିବାକୁ ପଡ଼ିବ । ପୌରସଂସ୍ଥା ଦ୍ୱାରା ପରିଚାଳିତ କାର୍ଯ୍ୟର ବ୍ୟାପକ ଢାଞ୍ଚା ***ପରିଶିଷ୍ଟ-5.3*** ରେ ଦର୍ଶାଯାଇଛି ।

5.1.5 ଓଡ଼ିଶାରେ ସହରାଞ୍ଚଳ ସ୍ଥାନୀୟ ସ୍ୱୟଂ ଶାସନ ପାଇଁ ସାଙ୍ଗଠନିକ ଢାଞ୍ଚା

ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ (ଏଚ୍‌ଆଣ୍ଡୟୁଡି) ବିଭାଗ, ଓଡ଼ିଶା ସରକାର (ଜିଓଓ)ର ନେତୃତ୍ୱ8 ନେଉଛନ୍ତି ସରକାରଙ୍କ ପ୍ରମୁଖ ଶାସନ ସଚିବ । ପୌର ପ୍ରଶାସନ ନିର୍ଦ୍ଦେଶାଳୟ (ଡିଏମ୍‌ଏ) ସହରୀ ଯୋଜନା ନିର୍ଦ୍ଦେଶାଳୟ (ଡିଟିପି) ଏବଂ ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ସଂସ୍ଥା (ପିଏଚ୍‌ଇଓ)ର ମୁଖ୍ୟ ଯନ୍ତ୍ରୀ (ସିଇ) ।

ଡିଏମ୍‌ଏ ରାଜ୍ୟରେ ସମସ୍ତ ମହାନଗର ନିଗମ, ପୌରପାଳିକା ଏବଂ ଏନ୍‌ଏସି ଗୁଡ଼ିକର କାର୍ଯ୍ୟକାରିତା ଏବଂ ନିୟାମକ କାର୍ଯ୍ୟକଳାପ ସମ୍ପାଦନ କରିବାରେ ନିୟନ୍ତ୍ରଣ କରିଥାଏ । ଡିଏମ୍‌ଏ ଏହି କ୍ଷେତ୍ରରେ ମହାନଗର ନିଗମ, ପୌରପାଳିକା ଏବଂ ଏନ୍‌ଏସିର ବିଭିନ୍ନ କାର୍ଯ୍ୟକଳାପର ସମନ୍ୱୟନ କରେ/ ପୌରସଂସ୍ଥାର ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କରିବା, ଉପଯୁକ୍ତ ମାନବସମ୍ବଳ ନୀତି ପ୍ରସ୍ତୁତ କରିବା, କର୍ମଚାରୀଙ୍କ ଉପରେ ଶୃଙ୍ଖଳାଗତ ନିୟନ୍ତ୍ରଣ ରଖିବା, ଟିକସ ଆଦାୟ କାର୍ଯ୍ୟକଳାପ ଉପରେ ନଜର ରଖିବା, ବ୍ୟୟରେ ସ୍ୱଚ୍ଛତା ପାଇଁ ନୀତି ନିର୍ଦ୍ଧାରଣ କରିବା, ୟୁଏଲ୍‌ବିର ନିଷ୍ପତ୍ତି ବିରୁଦ୍ଧରେ ଆବେଦନର ଶୁଣାଣି କରିବା, ପୌରସଂସ୍ଥାଗୁଡ଼ିକୁ ସରକାରୀ ପାଣ୍ଠି ପ୍ରଦାନ କରିବା ଏବଂ ଯୋଜନା ଏବଂ କାର୍ଯ୍ୟକ୍ରମ ଗୁଡ଼ିକର କାର୍ଯ୍ୟକାରିତା ତଦାରଖ କରିବା ନିର୍ଦ୍ଦେଶାଳୟର ଦାୟିତ୍ୱ । ତେବେ, ସହରାଞ୍ଚଳ ଭିତ୍ତିଭୂମି ଓ ସେବା ଯୋଗାଇବା କିମ୍ବା ସୁବିଧା ଯୋଗାଇଦେବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗର ଅନ୍ୟ ପ୍ରମୁଖ ସଂସ୍ଥା ରହିଛି ଯେପରିକି ଜଳନିଗମ (ୱାକ୍‌ଟୋ) ଓଡ଼ିଶା ସିଇ/ପିଏଚ୍‌ଇଓ, ଓଡ଼ିଶା ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡ (ଓଡବ୍ଲୁଏସ୍‌ଏସ୍‌ବି) ଓଡ଼ିଶାର ଡିଟିପି ଅଧିନରେ ଥିବା ନଗର ଉନ୍ନୟନ କର୍ତ୍ତୃପକ୍ଷ (ୟୁଡିଏ) ଏବଂ 20 ଟି ସହର ଯୋଜନା କର୍ତ୍ତୃପକ୍ଷ ଡିପିଏ ଏହି କର୍ମକର୍ତ୍ତାମାନେ ପାରାଷ୍ଟାଟାଲ୍ ଏଜେନ୍ସୀ ଭାବରେ କାର୍ଯ୍ୟ କରନ୍ତୁ, ସିଥାସଳଖ ରାଜ୍ୟ ସରକାରଙ୍କ ପ୍ରତି ଉତ୍ତରଦାୟୀ । ସ୍ଥାନୀୟ ସରକାରଙ୍କ ପ୍ରତି ନୁହେଁ । ଏହା ବ୍ୟତୀତ ବସ୍ତିଗୁଡ଼ିକୁ ବସବାସଯୋଗ୍ୟ ଆବାସ ସ୍ଥଳୀରେ ପରିଣତ କରିବା ଏବଂ ଅନ୍ୟାନ୍ୟ ସହରାଞ୍ଚଳ ସେବା ଯୋଗାଇଦେବା ପାଇଁ ସାମାଜିକ ପଞ୍ଜିକରଣ ନିୟମ,1860 ଅଧିନରେ ଓଡ଼ିଶା ବାସଯୋଗ୍ୟ ଆବାସସ୍ଥଳୀ ମିଶନ (ଓଏଲ୍‌ଏଚ୍‌ଏମ୍) ଜାଗା ନାମକ ଅନ୍ୟ ଏକ ଅନୁଷ୍ଠାନ ପଞ୍ଜୀକୃତ ହୋଇଥିଲା । ସହଭାଗୀ କାର୍ଯ୍ୟନିର୍ବାହୀ ସଂସ୍ଥାର ବିବରଣୀ ଏବଂ ଏହାର କାର୍ଯ୍ୟ ବିଷୟରେ ***ଅଧ୍ୟାୟ-V*** ରେ ଆଲୋଚନା କରାଯାଇଛି । ରାଜ୍ୟରେ ପୌରସଂସ୍ଥାଗୁଡ଼ିକର କାର୍ଯ୍ୟକାରିତା ସମ୍ବନ୍ଧରେ ସାଙ୍ଗଠନିକ ଢାଞ୍ଚା ନିମ୍ନରେ ଦର୍ଶାଯାଇଛି:

ଚାର୍ଟ-5.1 ରାଜ୍ୟରେ ପୌରସଂସ୍ଥା ଗୁଡ଼ିକର ସାଙ୍ଗଠନିକ ଢାଞ୍ଚା



ଅଧ୍ୟାୟ -II

ଏହି ଅଧ୍ୟାୟଟି ସମ୍ପାଦନ ଅଡିଟର ବ୍ୟାପକ ଉଦ୍ଦେଶ୍ୟ ବ୍ୟବହୃତ ଅଡିଟ୍ ମାନଦଣ୍ଡର ଉତ୍ସ ଏବଂ ସମାଦନ ଅଡିଟ୍ ପାଇଁ ଗ୍ରହଣ କରାଯାଇଥିବା ପରିସର ଏବଂ ପଦ୍ଧତି ବର୍ଣ୍ଣନା କରାଯାଇଛି ।

5.2 ଅଡିଟ୍ ଫ୍ରେମ୍ କାମ

5.2.1 ଅଡିଟ୍ ଉଦ୍ଦେଶ୍ୟ

ସମ୍ପାଦନ ଅଡିଟର ବ୍ୟାପକ ଉଦ୍ଦେଶ୍ୟ ଥିଲା:

1) କାର୍ଯ୍ୟର ବିବର୍ତ୍ତନ ପାଇଁ ମୌଳିକ ଫ୍ରେମ୍ କାର୍ଯ୍ୟ ଢାଞ୍ଚା 74 ତମ ସିଏଏ ଅନୁଯାୟୀ ଥିଲା କି ନାହିଁ ତାହା ଜାଣିବା ପାଇଁ ।

2) କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସୁପାରିଶ ଅନୁଯାୟୀ ସହରୀ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ପାଣ୍ଠି ବିନିଯୋଗ ହୋଇଛି କି ନାହିଁ ତାହା ଜାଣିବା ପାଇଁ ।

3) 74 ତମ ସାମ୍ବିଧାନିକ ସଂଶୋଧନ କାର୍ଯ୍ୟରେ ଧାର୍ଯ୍ୟ ହୋଇଥିବା ସହରୀ ସ୍ଥାନୀୟ ସଂସ୍ଥା ଗୁଡ଼ିକର କାର୍ଯ୍ୟଗୁଡ଼ିକର ପ୍ରକୃତ ପରିମାଣର ମୂଲ୍ୟାଙ୍କନ କରିବାକୁ ।

4) ସହରୀ ସ୍ଥାନୀୟ ସଂସ୍ଥାଗୁଡ଼ିକ ପର୍ଯ୍ୟାପ୍ତ କାର୍ଯ୍ୟକଳାପ ମାଧ୍ୟମରେ ସେମାନଙ୍କ ନିକଟରେ ଦିଆଯାଇଥିବା କାର୍ଯ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ସକ୍ଷମ କି ନାହିଁ ଆକଳନ କରିବାକୁ ।

5.2.2 ଅଡିଟ୍ ମାନଦଣ୍ଡ

ଅଡିଟ୍ ମାନଦଣ୍ଡର ନିମ୍ନଲିଖିତ ଉତ୍ସଗୁଡ଼ିକ ଅଡିଟ୍ ଦ୍ୱାରା ବିଘ୍ନର ପରିମାଣର ମୂଲ୍ୟାଙ୍କନ ପାଇଁ ବ୍ୟବହୃତ ହୋଇଥିଲା:

(i) 74 ତମ ସାମ୍ବିଧାନିକ ସଂଶୋଧନ ଆଇନ୍, 1992;

(ii) ଓଡ଼ିଶା ମ୍ୟୁନିସିପାଲିଟ୍ ଆକ୍ଟ, 1950;

(iii) ଓଡ଼ିଶା ମ୍ୟୁନିସିପାଲିଟ୍ କର୍ପୋରେସନ ଆକ୍ଟ, 2003;

(iv) ଓଡ଼ିଶା ମ୍ୟୁନିସିପାଲିଟି ଆକାଉଣ୍ଟିଂ ନିୟମ, 2012;

(v) ଓଡ଼ିଶା ମ୍ୟୁନିସିପାଲିଟି ଆଇନ୍ ସଂଶୋଧନ ଅଧିନିୟମ 2015;

(vi) ଓଡ଼ିଶା ବିକାଶ ପ୍ରାଧିକରଣ ସଂଶୋଧନ ଅଧିନିୟମ 2015;

(vii) ଓଡ଼ିଶା ଜଳ ଯୋଗାଣ ଏବଂ ଜଳ ନିଷ୍କାସନ ଆକ୍ଟ, 1991;

(viii) ଓଡ଼ିଶା ବସ୍ତି ବାସିନ୍ଦାଙ୍କ ପାଇଁ ଜମି ଅଧିକାରୀ ଅଧିନିୟମ, 2017;

(ix) କେନ୍ଦ୍ରୀୟ / ରାଜ୍ୟ ଅର୍ଥ ଆୟୋଗ ରିପୋର୍ଟ

(x) ଦ୍ୱିତୀୟ ପ୍ରଶାସନିକ ସଂସ୍କାର ଆୟୋଗର ରିପୋର୍ଟ; ଏବଂ

(xi) ସମୟ ସମୟରେ ଦିଆଯାଇଥିବା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ, ବିଜ୍ଞପ୍ତି, ସର୍କୁଲାର ଏବଂ ନିର୍ଦ୍ଦେଶାବଳୀ।

5.2.3 ଅଡିଟ୍ ପରିସର ଏବଂ ପଦ୍ଧତି

ଏହି ସମ୍ପାଦନ ଅଡିଟ୍ 2015-16 ଆର୍ଥିକ ବର୍ଷରୁ 2019-20 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସମୟକୁ ଅନ୍ତର୍ଭୁକ୍ତ କରି, ଡିସେମ୍ବର 2020 ରୁ ଅପ୍ରେଲ 2021 ଏବଂ ଜୁଲାଇ 2021 ରୁ ସେପ୍ଟେମ୍ବର 2021 ପର୍ଯ୍ୟନ୍ତ ତିନୋଟି ସ୍ତର ଯଥା ମହାନଗର ନିଗମ, ପୌରପାଳିକା ଏବଂ ଏନ୍ଏସିର 20 ଟି ମନୋନୀତ ପୌରସଂସ୍ଥା[65]ରେ ଦୁଇଟି ପର୍ଯ୍ୟାୟରେ କରାଯାଇଥିଲା। ବିସ୍ତୃତ ଯାଞ୍ଚ ପାଇଁ ନିମ୍ନଲିଖିତ କାର୍ଯ୍ୟ ଏବଂ କାର୍ଯ୍ୟକଳାପ ଚୟନ କରାଯାଇଥିଲା।

(i) ଜଳ ଯୋଗାଣ

(ii) ଜନସ୍ୱାସ୍ଥ୍ୟ ଏବଂ ପରିମଳ

(iii) କଠିନ ବର୍ଜ୍ୟବସ୍ତୁ ପରିଚାଳନା

(iv) ସମ୍ପତ୍ତି କର

(v) ଜଳ କର / ଦେୟ

(vi) ରାସ୍ତା ଏବଂ ସେତୁ

ରାଜ୍ୟର 114 ଟି ପୌରସଂସ୍ଥା ମଧ୍ୟରୁ 20 ଟି ମନୋନୀତ ପୌରସଂସ୍ଥାରେ ରେକର୍ଡର ପରୀକ୍ଷା ଯାଞ୍ଚ ବ୍ୟତୀତ ପ୍ରମୁଖ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗଙ୍କ କାର୍ଯ୍ୟାଳୟ, ନିର୍ଦ୍ଦେଶକ, ପୌର ପ୍ରଶାସନ, ମୁଖ୍ୟ ଯନ୍ତ୍ରୀ / ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଙ୍ଗଠନ, ୱାଟ୍‌କୋ, ପୂର୍ତ୍ତ ବିଭାଗ, ଓଡ଼ିଶା ଜଳ ଯୋଗାଣ ଏବଂ ଜଳ ନିଷ୍କାସନ ବୋର୍ଡ, ସହରୀ ବିକାଶ ପ୍ରାଧିକରଣ ଏବଂ ସହର ଯୋଜନା କର୍ତ୍ତୃପକ୍ଷଗୁଡ଼ିକର ନଥିପତ୍ର ମଧ୍ୟ ଯାଞ୍ଚ କରାଯାଇଥିଲା।

17 ଫେବୃଆରୀ 2021ରେ ପ୍ରମୁଖ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସହିତ ଏକ ଆଗମନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଅଡିଟ୍ ଉଦ୍ଦେଶ୍ୟ, ମାନଦଣ୍ଡ, ପରିସର ଏବଂ ପଦ୍ଧତି ବିଷୟରେ ବର୍ଣ୍ଣନା

[65] ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଶଦ, ବରଗଡ଼ ପୌରପାଳିକା, ବ୍ରହ୍ମପୁର ମହାନଗର ନିଗମ, ଭଦ୍ରକ ପୌରପାଳିକା, ଭବାନୀପାଟଣା ପୌରପାଳିକା, ଭୁବନେଶ୍ୱର ମହାନଗର ନିଗମ, କଟକ ମହାନଗର ନିଗମ, ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଶଦ, ଯାଜପୁର ପୌରପାଳିକା, ଝାରସୁଗୁଡ଼ା ପୌରପାଳିକା, କେନ୍ଦ୍ରାପଡ଼ା ପୌରପାଳିକା, ଖୋର୍ଦ୍ଧା ପୌରପାଳିକା, କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଶଦ, କୋରାପୁଟ ପୌରପାଳିକା, ପୁରୀ ପୌରପାଳିକା, ରଣପୁର ବିଜ୍ଞାପିତ ଅଞ୍ଚଳ ପରିଶଦ, ରାୟଗଡ଼ା ପୌରପାଳିକା, ରାଉରକେଲା ମହାନଗର ନିଗମ, ସୁନାବେଡ଼ା ପୌରପାଳିକା ଏବଂ ବ୍ୟାସନଗର ପୌରପାଳିକା।

କରାଯାଇଥିଲା । 18 ଅପ୍ରେଲ 2022 ରେ ସରକାରଙ୍କ ପ୍ରମୁଖ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସହିତ ଏକ ପ୍ରସ୍ଥାନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଅଡିଟ୍ ପର୍ଯ୍ୟବେକ୍ଷଣ ଉପରେ ଆଲୋଚନା କରାଯାଇଥିଲା । ବୈଠକରେ ପ୍ରକାଶିତ ମତ ଏବଂ ବିଭାଗ ଦ୍ୱାରା ଦିଆଯାଇଥିବା ଉତ୍ତର ଗୁଡ଼ିକ ରିପୋର୍ଟରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

5.2.4 ସ୍ୱୀକୃତି

କାର୍ଯ୍ୟ ଦକ୍ଷତା ଅଡିଟ୍ ପରିଚାଳନାରେ ରାଜ୍ୟ ସରକାର, ନିର୍ଦ୍ଦେଶକ, ପୌର ପ୍ରଶାସନ ମୁଖ୍ୟ ଯନ୍ତ୍ରୀ/ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂଗଠନ, ୱାଟ୍‌କୋ, ପୂର୍ତ୍ତ ବିଭାଗ, ଓଡ଼ିଶା ଜଳଯୋଗାଣ ଏବଂ ଜଳ ନିଷ୍କାସନ ବୋର୍ଡ, ସହରୀ ବିକାଶ ପ୍ରାଧିକରଣ, ସହର ଯୋଜନା କର୍ତ୍ତୃପକ୍ଷ ଏବଂ ସମସ୍ତ ପରୀକ୍ଷା ଯାଞ୍ଚ ହୋଇଥିବା ସହରୀ ପୌରସଂସ୍ଥା ଦ୍ୱାରା ସହଯୋଗ ଏବଂ ସହାୟତାକୁ ଅଡିଟ୍ ସ୍ୱୀକାର କରେ ।

ଭାଗ -III

ଏହି ଅଧ୍ୟାୟରେ74ତମ ସିଏଏର ସାମ୍ବିଧାନିକ ବ୍ୟବସ୍ଥା ରାଜ୍ୟ ଆଇନ୍ ପ୍ରଣୟନ ମାଧ୍ୟମରେ ରାଜ୍ୟ ସରକାରଙ୍କ ଦ୍ୱାରା ଏହାର ଅନୁପାଳନ ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର କାର୍ଯ୍ୟକାରିତା ବିଷୟରେ ଆଲୋଚନା କରାଯାଇଛି ।

ଓଡ଼ିଶାରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକ ଗୋଟିଏ କାର୍ଯ୍ୟରେ କୌଣସି ଭୂମିକା ଗ୍ରହଣ କରୁନଥିବା ବେଳେ ଅନ୍ୟ ସମସ୍ତ କାର୍ଯ୍ୟ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଦ୍ୱାରା ଆଂଶିକ ଭାବରେ ପରିଚାଳିତ ହେଉଥିଲା କିମ୍ବା ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ଅନ୍ୟ ସହଭାଗୀ କାର୍ଯ୍ୟନିର୍ବାହୀ ସଂସ୍ଥା ସହିତ ଅନ୍ତର୍ଭୁକ୍ତ ଅଧିକାର ଥିଲା, ଯାହା ପ୍ରକୃତରେ ବିକେନ୍ଦ୍ରୀକରଣ ଶାସନକୁ ଏକ ଲମ୍ବା ସ୍ୱପ୍ନରେ ପରିଣତ କରିଥିଲା ।

ସମୁଦାୟ 114 ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ମଧ୍ୟରୁ 112 ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ନିର୍ବାଚନ ହୋଇନଥିବା ବେଳେ 41 ଦିନରୁ 3,252 ଦିନ ପର୍ଯ୍ୟନ୍ତ ବିଳମ୍ବ ହୋଇଛି ମାର୍ଚ୍ଚ 2021 ସୁଦ୍ଧା । ସେଥିପାଇଁ ସେହି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକରେ ଷ୍ଟାଣ୍ଡିଂ କମିଟି ଓ ୱାର୍ଡ କମିଟି ଗଠନ କରାଯାଇ ନଥିବାରୁ ସ୍ଥାନୀୟ ଶାସନରେ ଗୋଷ୍ଠୀର ଅଂଶ ଗ୍ରହଣ ରହୁନଥିଲା ।

ପରୀକ୍ଷଣ କରାଯାଇଥିବା କୌଣସି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ବିସ୍ତୃତ ଜିଲ୍ଲା ଉନ୍ନୟନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସେମାନଙ୍କର ବିକାଶ ଯୋଜନା ପ୍ରସ୍ତୁତ କରିନଥିଲେ ।

ସଂପୃକ୍ତ ପରିଷଦର ପୂର୍ବ ଅନୁମୋଦନ ସତ୍ତ୍ୱେ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ନିଜସ୍ୱ ଉତ୍ସରୁ ନିଆଯିବାକୁ ଥିବା କାର୍ଯ୍ୟ ପାଇଁ ଜିଲ୍ଲା ପ୍ରଶାସନର ଅନୁମୋଦନ ନେବାର ଆବଶ୍ୟକତା ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ସ୍ୱୟଂଶାସିତତା ବିରୁଦ୍ଧରେ ଥିଲା ।

5.3 74ତମ ସିଏଏର ବ୍ୟବସ୍ଥା ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର କାର୍ଯ୍ୟକାରିତା ପାଇଁ ଯୋଜନା

5.3.1 74ତମ ସିଏଏ ତୁଳନାରେ ରାଜ୍ୟ ସ୍ତରୀୟ ଆଇନର ମୂଲ୍ୟାଙ୍କନ

ନିୟମ 243 Q ରୁ 243 ZD ଅନୁଯାୟୀ 74ତମ ସିଏଏରେ ପୌରପାଳିକା ସମ୍ବନ୍ଧୀୟ କିଛି ନିୟମ ପ୍ରଣୟନ କଲା, ରାଜ୍ୟ ସରକାର, ଓଡ଼ିଶା ମ୍ୟୁନିସିପାଲିଟି ଆକ୍ଟ / ଓଡ଼ିଶା ମ୍ୟୁନିସିପାଲିଟି କର୍ପୋରେସନ ଆକ୍ଟରେ ସଂଶୋଧନ ସାମ୍ବିଧାନିକ ସଂଶୋଧନ କରି କାର୍ଯ୍ୟ ନିୟମାବଳୀ ସହିତ ଅନୁରୂପ ବ୍ୟବସ୍ଥା ପ୍ରଣୟନ କରିଥିଲେ, ଯାହା **ପରିଶିଷ୍ଟ 5.4** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ସାମ୍ବିଧାନିକ ବ୍ୟବସ୍ଥା ସହିତ ଅନୁରୂପ ରାଜ୍ୟ ବିଧାନ ସଭାର ପ୍ରମୁଖ ବ୍ୟବସ୍ଥା ନିମ୍ନରେ ବିସ୍ତୃତ ଭାବରେ ଦର୍ଶାଯାଇଛି:

- ନିୟମ 243Q :- ଏହି ନିୟମ ତିନି ପ୍ରକାରର ପୌରପାଳିକାର ସମ୍ବିଧାନ ପ୍ରଦାନ କରେ । ରାଜ୍ୟ ଏହି ବ୍ୟବସ୍ଥାକୁ ଓଡ଼ିଶା ମ୍ୟୁନିସିପାଲିଟ୍ ଆକ୍ଟ 1950 ର ଧାରା 4 ଏବଂ ଓଡ଼ିଶା ମ୍ୟୁନିସିପାଲିଟି କର୍ପୋରେସନ ଆକ୍ଟ 2003 ର ଧାରା 3(1) କୁ ମାନିଛି ।

- ନିୟମ 243R :- ଏକ ପୌରପାଳିକାର ସମସ୍ତ ଆସନ ପ୍ରତ୍ୟକ୍ଷ ନିର୍ବାଚନ ଦ୍ୱାରା ଏବଂ ମ୍ୟୁନିସିପାଲିଟି ପ୍ରଶାସନରେ ବିଶେଷ ଜ୍ଞାନ ଥିବା ବ୍ୟକ୍ତିଙ୍କ ଦ୍ୱାରା ସରକାରଙ୍କ ଦ୍ୱାରା ମନୋନୀତ ହେବେ । ଓଡ଼ିଶା ମ୍ୟୁନିସିପାଲିଟି ଆକ୍ଟ, 1950 ର ଧାରା 8 ଏବଂ ଓଡ଼ିଶା ମ୍ୟୁନିସିପାଲିଟି କର୍ପୋରେସନ ଆକ୍ଟ, 2003 ର ଧାରା 6 ରେ ରାଜ୍ୟ ଏହି ବ୍ୟବସ୍ଥା ଆଣିଛି ।

- ନିୟମ 243X:- ଏହି ନିୟମ ରାଜ୍ୟ ସରକାରଙ୍କୁ ମ୍ୟୁନିସିପାଲିଟିର ଟିକସ ଏବଂ ପାଣ୍ଠିର ଉତ୍ସ ଲଗାଇବା ପାଇଁ କ୍ଷମତା ନିର୍ଦ୍ଧାରଣ କରିବା ପାଇଁ ପ୍ରଦାନ କରିଥାଏ । ରାଜ୍ୟ, ଓଡ଼ିଶା ମ୍ୟୁନିସିପାଲିଟ୍ ଆକ୍ଟ, 1950 ର ଧାରା 131 ଏବଂ ଓଡ଼ିଶା ମ୍ୟୁନିସିପାଲିଟି କର୍ପୋରେସନ ଆକ୍ଟ, 2003 ର ଧାରା 191 ଏବଂ 192 ବ୍ୟବସ୍ଥା ପ୍ରଣୟନ କରିଛି ।

- ନିୟମ 243Y (ନିୟମ 243 I ସହିତ ପଢ଼ନ୍ତୁ):- ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର ଆର୍ଥିକ ସ୍ଥିତି, ପାଣ୍ଠି ଆବଣ୍ଟନ ଏବଂ ଟିକସ, ଶୁଳ୍କ, ଟୋଲ୍ ଏବଂ ନିଟ୍ ଆୟର ରାଜ୍ୟ ତଥା ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ମଧ୍ୟରେ ବଣ୍ଟନ ପାଇଁ ରାଜ୍ୟ ସରକାର ଅର୍ଥ ଆୟୋଗ ଗଠନ କରିବେ, ଯାହା ରାଜ୍ୟ ସରକାରଙ୍କ ଦ୍ୱାରା ଆଦାୟ କରାଯାଏ । ଓଡ଼ିଶା ମ୍ୟୁନିସିପାଲିଟ୍ ଆକ୍ଟ, 1950 ର ଧାରା 120 A ଏବଂ ଓଡ଼ିଶା ମ୍ୟୁନିସିପାଲିଟ୍ କର୍ପୋରେସନ ଆକ୍ଟ, 2003 ର ଧାରା 146 ଅର୍ଥ ଆୟୋଗର ଗଠନ ପାଇଁ ରାଜ୍ୟକୁ କ୍ଷମତା ପ୍ରଦାନ କରେ ।

- ନିୟମ 243ZA (ନିୟମ 243K ସହିତ ପଢ଼ନ୍ତୁ):- ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ନିର୍ବାଚନର ସମସ୍ତ ପ୍ରକ୍ରିୟା ଅଧିକ୍ଷକ, ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ ରାଜ୍ୟ ନିର୍ବାଚନ ଆୟୋଗ (ଏସ୍ଏଇସି) ଙ୍କ ଉପରେ ନ୍ୟସ୍ତ ହେବ । ଏହି ପରିପ୍ରେକ୍ଷୀରେ, ଓଡ଼ିଶା ମ୍ୟୁନିସିପାଲିଟ୍ ଆକ୍ଟ, 1950 ର ଧାରା 11A ଏବଂ ଓଡ଼ିଶା ମ୍ୟୁନିସିପାଲିଟ୍ କର୍ପୋରେସନ ଆକ୍ଟ, 2003 ର ଧାରା 62(1) ଏସ୍ଏଇସିରେ ସମସ୍ତ ନିର୍ବାଚନ କରିବାରେ କ୍ଷମତା ପ୍ରଦାନ କରିଥିଲା ।

ରାଜ୍ୟ ସରକାର ଓଡ଼ିଶା ମ୍ୟୁନିସିପାଲିଟି ଆକ୍ଟ, 1950 ଏବଂ ଓଡ଼ିଶା ମ୍ୟୁନିସିପାଲିଟି କର୍ପୋରେସନ ଆକ୍ଟ, 2003 ମାଧ୍ୟମରେ 74ତମ ସାମ୍ବିଧାନିକ ସଂଶୋଧନ କାର୍ଯ୍ୟର ବ୍ୟବସ୍ଥା ଏବଂ ସମୟ ସମୟରେ ଆବଶ୍ୟକ ସଂଶୋଧନ ଅନୁପାଳନ କରିଥିଲେ । ଯଦି ଏହା ଫଳପ୍ରଦ ଭାବରେ କାର୍ଯ୍ୟକାରୀ ହୁଏ ନାହିଁ, ଏହା ଆଇନ ଦ୍ୱାରା ସାମ୍ବିଧାନିକ ନିୟମାବଳୀକୁ ପାଳନ କରିବା ମୁଖ୍ୟତଃ ପ୍ରଭାବଶାଳୀ, ବିକେନ୍ଦ୍ରୀକରଣର ନିଶ୍ଚିତତା ଦିଏ ନାହିଁ । ଅଡିଟ୍ ନିରୀକ୍ଷଣ କରିଛି ଯେ, ନିର୍ଣ୍ଣାୟକ କାର୍ଯ୍ୟ ଦ୍ୱାରା ଆଇନଗତ ବ୍ୟବସ୍ଥା ସମର୍ଥିତ ନୁହେଁ, ଫଳସ୍ୱରୂପ 74ତମ ସାମ୍ବିଧାନିକ ସଂଶୋଧନ କାର୍ଯ୍ୟର ମୂଳମନ୍ତ୍ର ଫଳପ୍ରଦ ହୋଇନାହିଁ । କାର୍ଯ୍ୟର ବିକେନ୍ଦ୍ରୀକରଣ ଏବଂ ପ୍ରଭାବଶାଳୀ ବିକେନ୍ଦ୍ରୀକରଣ ପାଇଁ ଉପଯୁକ୍ତ ଅନୁଷ୍ଠାନ ପ୍ରଣାଳୀ ସୃଷ୍ଟି ସମ୍ବନ୍ଧୀୟ ବ୍ୟବସ୍ଥାଗୁଡ଼ିକରେ ଏହା ବିଶେଷତଃ ସତ୍ୟ ଥିଲା, ଯାହା ପରବର୍ତ୍ତୀ ଅଧ୍ୟାୟ/ ଅନୁଚ୍ଛେଦରେ ଆଲୋଚନା କରାଯାଇଅଛି ।

ଏହାର ଉତ୍ତରରେ, ସରକାର ଏହାକୁ ଗ୍ରହଣ କରି ବ୍ୟକ୍ତ କଲେ (ମଇ 2022) ଯେ ଦ୍ୱିତୀୟ ପ୍ରଶାସନିକ ସଂସ୍କାର ଆୟୋଗ ଏବଂ 74ତମ ସାମ୍ବିଧାନିକ ସଂଶୋଧନ କାର୍ଯ୍ୟର ସୁପାରିଶ ଅନୁଯାୟୀ ଏକ ପ୍ରଭାବଶାଳୀ ସ୍ଥାନୀୟ ସ୍ୱୟଂ ଶାସନ ଭାବରେ କାର୍ଯ୍ୟ କରିବାକୁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ କ୍ଷମତା ପ୍ରଦାନ କରିବା ପାଇଁ ରାଜ୍ୟ ଦ୍ୱାରା କିଛି କାର୍ଯ୍ୟ ଏବଂ ନିୟମରେ ସଂଶୋଧନ କରାଯାଇଛି ।

5.3.2 କାର୍ଯ୍ୟଗୁଡ଼ିକର ବିତର୍ତ୍ତନ ଓ କାର୍ଯ୍ୟକାରିତା

ଦ୍ୱାଦଶ ସୂଚୀରେ ନିର୍ଦ୍ଦିଷ୍ଟ 18 ଟି କାର୍ଯ୍ୟ କରିବା ଏବଂ ଯୋଜନା କାର୍ଯ୍ୟକାରୀ କରିବା ଏବଂ ଯୋଜନା କରିବା ପାଇଁ 74ତମ ସାମ୍ବିଧାନିକ ସଂଶୋଧନ କାର୍ଯ୍ୟ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ସଶକ୍ତ କରିବାକୁ ଚେଷ୍ଟା କଲା । ପ୍ରତ୍ୟେକ ରାଜ୍ୟ ଏହି ସଂଶୋଧନକୁ କାର୍ଯ୍ୟକାରୀ କରିବା ପାଇଁ ଆଇନ୍ ପ୍ରଣୟନ କରିବେ ବୋଲି ଆଶା କରାଯାଉଥିଲା । ରାଜ୍ୟ ସରକାର ଦାବି କରିଛନ୍ତି ଯେ 74ତମ ସାମ୍ବିଧାନିକ ସଂଶୋଧନ କାର୍ଯ୍ୟ ଅନୁଯାୟୀ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକରେ ପ୍ରାୟ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଛି । ଅବଶ୍ୟ, ଓଡ଼ିଶା ମ୍ୟୁନିସିପାଲିଟି କର୍ପୋରେସନ ଆକ୍ଟ ଅନୁଯାୟୀ, 10 ଟି କାର୍ଯ୍ୟ ବାଧତାମୂଳକ ଥିଲା, ସାତଟି କାର୍ଯ୍ୟ ବିବେକାନୁସାରେ ଏବଂ ଗୋଟିଏ କାର୍ଯ୍ୟ ବାଧତାମୂଳକ କିମ୍ବା ବିବେକାନୁସାରେ ହୋଇନଥିଲା, ଯାହା **ପରିଶିଷ୍ଟ 5.5** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

ସ୍ଥାନାନ୍ତରିତ ହେବାକୁ ଥିବା 18 ଟି କାର୍ଯ୍ୟ ମଧ୍ୟରୁ ରାଜ୍ୟ ସରକାର ଦାବି କରିଛନ୍ତି ଯେ ପ୍ରାୟ ସମସ୍ତ କାର୍ଯ୍ୟ ହସ୍ତାନ୍ତର କରାଯାଇଛି । ଅଡିଟ୍ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଏବଂ ସହଭାଗୀ କାର୍ଯ୍ୟନିର୍ବାହୀ ସଂସ୍ଥା/ ସରକାରୀ ବିଭାଗ ମଧ୍ୟରେ କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତାରେ ଦୈତ ଭୂମିକା ଉପରେ ନଜର ରଖିଛି । 18 ଟି କାର୍ଯ୍ୟ ମଧ୍ୟରୁ, ଅଗ୍ନି ସେବା କାର୍ଯ୍ୟ ଉପରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର କୌଣସି ଭୂମିକା ନଥିଲା, ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକ କେବଳ ତିନୋଟି କାର୍ଯ୍ୟ ପାଇଁ ସଂସ୍ଥାଗୁଡ଼ିକ କାର୍ଯ୍ୟକାରୀ କରୁଥିଲେ । (i) ଅର୍ଥନୈତିକ ଏବଂ ସାମାଜିକ ବିକାଶ ପାଇଁ ଯୋଜନା (ii) ସହରୀ ଦାରିଦ୍ର୍ୟ ଦୂରୀକରଣ, ଏବଂ (iii) ଭିନ୍ନକ୍ଷମ ଏବଂ ମାନସିକ ବିକୃତ ସମେତ ସମାଜର ଦୁର୍ବଳ ବର୍ଗର ସାର୍ଥ ରକ୍ଷା କରିବା, ସଡ଼କ ଏବଂ ସେତୁଗୁଡ଼ିକର ଗୋଟିଏ କାର୍ଯ୍ୟରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ଦୈତ ଭୂମିକା ଥିଲା, ଏବଂ 13 ଟି କାର୍ଯ୍ୟ ସମ୍ବନ୍ଧରେ ରାଜ୍ୟ ସରକାରୀ ବିଭାଗ କିମ୍ବା ସହଭାଗୀ କାର୍ଯ୍ୟନିର୍ବାହୀ ସଂସ୍ଥା ସହିତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର ସର୍ବନିମ୍ନ ଭୂମିକା କିମ୍ବା ଦୈତ ଅଧିକାର ଥିଲା । (i) ସହର ଯୋଜନା ସହିତ ସହରୀ ଯୋଜନା, (ii) ଜମି ବ୍ୟବହାର ଏବଂ କୋଠା ନିର୍ମାଣର ନିୟମାବଳୀ, (iii) ଘରୋଇ, ଶିଳ୍ପ ଏବଂ ବାଣିଜ୍ୟିକ ଉଦ୍ଦେଶ୍ୟରେ ଜଳ ଯୋଗାଣ, (iv) ଜନସ୍ୱାସ୍ଥ୍ୟ, ପରିମଳ ସଂରକ୍ଷଣ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା, (v) ସହରୀ ବନବିଭାଗ, ପରିବେଶର ସୁରକ୍ଷା ଏବଂ ପରିବେଶ ଦିଗଗୁଡ଼ିକର ପ୍ରୋତ୍ସାହନ, (vi) ବସ୍ତି ଉନ୍ନୟନ ଓ ଉନ୍ନତିକରଣ (vii) ପାର୍କ, ଉଦ୍ୟାନ, ଖେଳ ପଡ଼ିଆ ପରି ସହରାଞ୍ଚଳର ସୁବିଧା ତଥା ସୁବଧା ଯୋଗାଇବା, (viii) ସାଂସ୍କୃତିକ, ଶିକ୍ଷାଗତ ଏବଂ ସୌନ୍ଦର୍ଯ୍ୟ ବିଷୟକର ପ୍ରୋତ୍ସାହନ, (ix) କବର ସ୍ଥାନ ଓ କବର ପଡ଼ିଆ, ଶ୍ମଶାନ, ଶ୍ମଶାନ ଘାଟ ଏବଂ ବିଦ୍ୟୁତ୍ ଶ୍ମଶାନ (x) କାଞ୍ଜିଆ ହ୍ରଦ, ପଶୁମାନଙ୍କ ପ୍ରତି ନିଷ୍ଠୁରତା ପ୍ରତିଷେଧକ (xi) ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ ସହିତ ପ୍ରମୁଖ ପରିସଂଖ୍ୟାନ, (xii) ଜନ ସୁବିଧା, ଗଳି ଆଲୋକ ସହିତ, ପାର୍କିଙ୍ଗ ସ୍ଥାନ, ବସ ରହଣି ସ୍ଥଳ ଏବଂ ସରକାରୀ ସୁବିଧା ସୁଯୋଗ ଏବଂ (xiii) ବଧଘର, କଂସେଇଖାନା ଏବଂ ଟାନେରୀର ନିୟମାବଳୀ । ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର ଅନୁରୂପ ଅଧିକାର ସହିତ କାର୍ଯ୍ୟଗୁଡ଼ିକର ବିବରଣୀ ***ପରିଶିଷ୍ଟ 5.6*** ରେ ଦର୍ଶାଯାଇଛି ।

ପରୀକ୍ଷଣ ଯାଞ୍ଚ ହୋଇଥିବା ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକରେ ଉପରୋକ୍ତ କାର୍ଯ୍ୟଗୁଡ଼ିକର କାର୍ଯ୍ୟାନ୍ୱୟନର ବିବରଣୀ ***ପରିଶିଷ୍ଟ 5.7*** ରେ ଦର୍ଶାଯାଇଛି ।

ଏହାର ଉତ୍ତରରେ, ସରକାର ଦର୍ଶାଇଛନ୍ତି (ମଇ 2022) ଯେ, ଦ୍ୱାଦଶ ସୂଚୀ ଅନୁଯାୟୀ ପ୍ରାୟ ସମସ୍ତ କାର୍ଯ୍ୟ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ଦିଆଯାଇଛି । କିନ୍ତୁ, ତିନୋଟି[66] କାର୍ଯ୍ୟ ବ୍ୟତୀତ ଅନ୍ୟ କାର୍ଯ୍ୟଗୁଡ଼ିକର ବିକାଶର ତଥ୍ୟଗତ ପ୍ରମାଣ ପ୍ରଦାନ କରିନାହାଁନ୍ତି ।

ଅଗ୍ନିଶମ ସେବାରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ଭୂମିକା ବିଷୟରେ ସରକାର ପ୍ରକାଶ କରିଛନ୍ତି (ମଇ 2022) ଯେ ଯେହେତୁ ଅଗ୍ନିଶମ ସେବା ଉଚ୍ଚ ଯନ୍ତ୍ରପାତି ଏବଂ ଆଇନ୍ ଶୃଙ୍ଖଳା ପରିସ୍ଥିତି ସହିତ ଉଚ୍ଚ ବୈଷୟିକ କୌଶଳ ଆବଶ୍ୟକ କରେ ଏହି ସେବା ଗୃହ ବିଭାଗ ଉପରେ ନ୍ୟସ୍ତ ହୋଇଛି । ଅବଶ୍ୟ, ଓଏମ୍ଏର ଧାରା 117 (xxx) ଅନୁଯାୟୀ ଅଗ୍ନିଶମ ବିଭାଗର ପ୍ରତିଷ୍ଠା ତଥା ରକ୍ଷଣାବେକ୍ଷଣ ପାଇଁ ମ୍ୟୁନିସିପାଲିଟି ପାଣ୍ଠି ବ୍ୟବହାର କରିବାକୁ

[66] (i) ଜନସ୍ୱାସ୍ଥ୍ୟ, ପରିମଳ ସଂରକ୍ଷଣ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା, ଓଡ଼ିଶା ଗେଜେଟ୍ ରିଜୋଲୁସନ ତାରିଖ: 03.11.2006) (ii) ଆର୍ଥିକ ଏବଂ ସାମାଜିକ ବିକାଶ ପାଇଁ ଯୋଜନା (ଓଡ଼ିଶା ଗେଜେଟ୍ ରିଜୋଲୁସନ୍ ତାରିଖ: 03.11.2006) ଏବଂ (iii) ଜମି ବ୍ୟବହାର ଏବଂ କୋଠା ନିର୍ମାଣ ନିୟମାବଳୀ (ଏଚ୍ଆଣ୍ଡୟୁଡି ଆଦେଶ ସଂଖ୍ୟା.1781, ତାରିଖ: 19.01.2015)

ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ କ୍ଷମତା ଦିଆଯାଇଛି । ଉତ୍ତର ଗ୍ରହଣ ଯୋଗ୍ୟ ନୁହେଁ କାରଣ ଯାଞ୍ଚ କରାଯାଇଥିବା ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ମଧ୍ୟରୁ କୌଣସିଟି ଅଗ୍ନିଶମ ବିଭାଗ ପ୍ରତିଷ୍ଠା କରିନାହାଁନ୍ତି ।

କାର୍ଯ୍ୟଗୁଡ଼ିକ ବିଷୟରେ ଯେଉଁଠାରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକ କେବଳ କାର୍ଯ୍ୟକାରୀ ସଂସ୍ଥା ଭାବରେ କାର୍ଯ୍ୟ କରୁଛନ୍ତି, ରାଜ୍ୟ ସରକାର କହିଲେ ଯେ ତ୍ରିସ୍ତରୀୟ ସରକାର ହୋଇଥିବାରୁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଏହି ଯୋଜନା କିମ୍ବା କାର୍ଯ୍ୟକ୍ରମର କାର୍ଯ୍ୟ ନିର୍ଦ୍ଦେଶାବଳୀ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବା ଆବଶ୍ୟକ । ସରକାରଙ୍କ ଉତ୍ତରରେ ନିଶ୍ଚିତ ହୋଇଛି ଯେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକ କେବଳ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ।

ସଡ଼କ ଏବଂ ସେତୁ ନିର୍ମାଣ କରିବାରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ଯୁଗ୍ମ ଭୂମିକା ବିଷୟରେ ରାଜ୍ୟ ସରକାର ପ୍ରକାଶ କରିଛନ୍ତି (ମଇ 2022) ଯେ ଏକ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଅଞ୍ଚଳରେ ଥିବା ପୌରପାଳିକା ସଡ଼କଗୁଡ଼ିକ ପୌରସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହୋଇଥାଏ ଏବଂ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଇତ୍ୟାଦି ଅନ୍ୟାନ୍ୟ ସଡ଼କ ସ୍ଥାନାନ୍ତରିତ ହୋଇଥାଏ । ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ଅଡିଟ୍ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ସଡ଼କ ସ୍ଥାନାନ୍ତର କରିବାର ଉଦାହରଣ ପାଇଛି ଯାହା କାର୍ଯ୍ୟ ବିଭାଗ ଦ୍ୱାରା ପରିଚାଳିତ ହୋଇନଥିଲା ।

ସରକାରଙ୍କ, ୟୁଏଲ୍‌ବିର ସର୍ବନିମ୍ନ ଭୂମିକା/ ଦୈତ କାର୍ଯ୍ୟଗୁଡ଼ିକ ବିଷୟରେ ବ୍ୟକ୍ତ କଲେ (ମଇ 2022) ଯେ କିଛି କାର୍ଯ୍ୟ ସହଭାଗୀ କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା ଏବଂ କେତେକ କାର୍ଯ୍ୟ ପୌରସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହେଉଛି । ପ୍ରକୃତ କଥା, ତଥାପି ରହିଲା ଯେ 13 ଟି କାର୍ଯ୍ୟ ମଧ୍ୟରୁ ତିନୋଟିର କେବଳ କିଛି ଉପାଦାନ ପୌରସଂସ୍ଥା ଦ୍ୱାରା କାର୍ଯ୍ୟ କରାଯାଉଛି ।

5.3.3 ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ସଶକ୍ତିକରଣ ପାଇଁ ସଂସ୍ଥାଗତ ବ୍ୟବସ୍ଥା

ଉପଯୁକ୍ତ ଅନୁଷ୍ଠାନ ପ୍ରତିଷ୍ଠା ଏବଂ ପର୍ଯ୍ୟାପ୍ତ ସଶକ୍ତ ହେଲେ ହିଁ ହସ୍ତାନ୍ତରିତ କାର୍ଯ୍ୟ ସମ୍ପାଦନ ଫଳପ୍ରଦ ହୋଇପାରିବ । 74 ତମ ସିଏଏରେ ନିମ୍ନରେ ବର୍ଣ୍ଣନା ଅନୁଯାୟୀ ସଂସ୍ଥାଗତ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରାଯାଇଥିଲା ।

5.3.3.1 ରାଜ୍ୟ ନିର୍ବାଚନ ଆୟୋଗ

ଧାରା 243ZA ସହିତ ଓଏମ୍‌ଏ 1950 ର ଧାରା 12 ଏବଂ ଧାରା 62(1) ଓଏମ୍‌ସିଏ 2003 ରେ ଦର୍ଶାଯାଇଅଛି ଯେ ରାଜ୍ୟ ନିର୍ବାଚନ ଆୟୋଗ (ଏସ୍‌ଇସି) ର କ୍ଷମତା ନିର୍ବାଚନ ତାଲିକା ପ୍ରସ୍ତୁତି ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର ସମସ୍ତ ନିର୍ବାଚନ ପରିଚାଳନାକୁ ଅନ୍ତର୍ଭୁକ୍ତ କରେ । ଭାରତ ସରକାର ଦ୍ୱାରା ଗଠିତ ଦ୍ୱିତୀୟ ପ୍ରଶାସନିକ ସଂସ୍ଥାର ଆୟୋଗ ରାଜ୍ୟ ପ୍ରଦାନ କରିବାକୁ ସୁପାରିଶ କରିଥିଲେ । ଓଡ଼ିଶା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିଲା । ଉପରୋକ୍ତ ସୁପାରିଶର ପ୍ରତିକୂଳରୂପେ ୱାର୍ଡର ସୀମା ନିର୍ଦ୍ଧାରଣ, ପରିଷଦ ପାଇଁ ଆସନ ସଂରକ୍ଷଣ ଏବଂ ମେୟର/ ଚେୟାରମ୍ୟାନ୍, ଡେପୁଟି-ମେୟର/ ଉପାଧକ୍ଷ ଏବଂ ୱାର୍ଡ ପଦବୀ ପାଇଁ ଆସନର ଘୂର୍ଣ୍ଣନ ନୀତି ଓଡ଼ିଶା ସରକାରଙ୍କ ଉପରେ ନ୍ୟସ୍ତ ହୋଇଛି ।

ଏହାର ଉତ୍ତରରେ, ଅଡିଟ୍‌ର ପର୍ଯ୍ୟାଲୋଚନା ଟିପ୍ପଣୀଙ୍କକୃତ କରିବାକୁ ସରକାର (ମଇ 2022) ଦର୍ଶାଇଛନ୍ତି ।

ସୁପାରିଶ:

1. ***ଦ୍ୱିତୀୟ ପ୍ରଶାସନିକ ସଂସ୍କାର ଆୟୋଗର ସୁପାରିଶ ଅନୁଯାୟୀ ସରକାର ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ବିଲୋପ କାର୍ଯ୍ୟ ଦାୟିତ୍ୱ ଦେଇପାରନ୍ତି ।***

5.3.3.2 ନିର୍ବାଚନର ସ୍ଥିତି ଓ ପରିଷଦ ଗଠନ

74 ତମ ସିଏଏର ନିୟମ 243 U(3)(a) ଅନୁଚ୍ଛେଦ 3(f) ଏବଂ ଓଏମ୍‌ଏ ଏବଂ ଓଏମ୍‌ସିଏର ବ୍ୟବସ୍ଥା, ପ୍ରଥମ ବୈଠକ ତାରିଖରୁ ୟୁଏଲ୍‌ବିର କର୍ପୋରେଟର/ କାଉନସିଲରଙ୍କ ପାଇଁ ପାଞ୍ଚ ବର୍ଷର ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକାଳ ଧାର୍ଯ୍ୟ କରାଯାଇଛି । ଏହିପରି, ପୌରପାଳିକା / ନିଗମର କାର୍ଯ୍ୟକାଳ ପାଞ୍ଚ ବର୍ଷ ସ୍ଥିର କରାଯାଇଅଛି ଏବଂ ଏହାର ଅବଧି ସମାପ୍ତ ହେବା ପୂର୍ବରୁ ପୁନଃ ନିର୍ବାଚନ ଅନୁଷ୍ଠିତ ହେବ । ଯଦି ଏହାର ପୌରପାଳିକା ଏହାର ଅବଧି ସମାପ୍ତ ହେବା ପୂର୍ବରୁ ବିଲୋପ ହୁଏ, ତେବେ ଏହାର ବିଲୋପ ହେବାର ଛଅ ମାସ ମଧ୍ୟରେ ନିର୍ବାଚନ ହେବ ।

ଅଡିଟ୍ ନିରୀକ୍ଷଣ କରିଛି ଯେ ମୋଟ 114 ୟୁଏଲ୍‌ବି ମଧ୍ୟରୁ କେବଳ ଦୁଇଟି ୟୁଏଲ୍‌ବିରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା (ଅପ୍ରେଲ 2018) ଯଥା ହିନ୍ଦୋଳ ଏନ୍‌ଏସି ଏବଂ ଅତାବିରା ଏନ୍‌ଏସି ଏବଂ ପରିଷଦ କେବଳ ଏହି ୟୁଏଲ୍‌ବି ଗୁଡ଼ିକର ବିଦ୍ୟମାନ ଥିଲା । ଅବଶ୍ୟ (କ) 106 ୟୁଏଲ୍‌ବି ବିଷୟରେ, ଯାହା ବିଲୋପ ହୋଇଯାଇଥିଲା, ଯେଉଁଠାରେ ପରିଷଦର କାର୍ଯ୍ୟକାଳ ଅପ୍ରେଲ 2016 ରୁ ଜାନୁଆରୀ 2021 ମଧ୍ୟରେ ସମାପ୍ତ ହୋଇଥିଲା । ଗତ ନିର୍ବାଚନ ଅପ୍ରେଲ 2011 ରୁ ଜାନୁଆରୀ 2016 ମଧ୍ୟରେ ହୋଇଥିଲା ଏବଂ (ଖ) 6 ୟୁଏଲ୍‌ବି ଅପ୍ରେଲ 2012 ରୁ ଡିସେମ୍ବର 2017 ମଧ୍ୟରେ ନୂତନ ଭାବରେ ଗଠିତ ହୋଇଥିଲା ।

ଏହି ପରିଷଦର ବିଲୋପ/ ଅବଧି ସମାପ୍ତି/ ନୂତନ ସୃଷ୍ଟି ହେବା ପରଠାରୁ, 41 ଦିନରୁ 3,252 ଦିନ (ଛଅ ବର୍ଷ) ପର୍ଯ୍ୟନ୍ତ, ମାର୍ଚ୍ଚ 2021 ସୁଦ୍ଧା 112 ଟି ୟୁଏଲ୍‌ବିରେ ନିର୍ବାଚନ ଅନୁଷ୍ଠିତ ହୋଇନଥିଲା, ଯାହା ***ପରିଶିଷ୍ଟ 5.8*** ରେ ବର୍ଣ୍ଣନା କରାଯାଇଛି ।

ଯେହେତୁ 112 ୟୁଏଲ୍‌ବିରେ କୌଣସି ପରିଷଦ ନଥିଲା, ବିକେନ୍ଦ୍ରୀକରଣ ଶାସନ ପାଇଁ ଜରୁରୀ, ନିଷ୍ପତ୍ତି ଗ୍ରହଣ ଏବଂ କାର୍ଯ୍ୟାନ୍ୱୟନରେ ନିର୍ବାଚିତ ପ୍ରତିନିଧିଙ୍କ ଯୋଗଦାନରେ ଅନୁପସ୍ଥିତି । ଅଧିକନ୍ତୁ, ପରିଷଦ ବିନା ଏକ ୟୁଏଲ୍‌ବି ନାଗରିକଙ୍କ ଆବଶ୍ୟକତା ପାଇଁ ଉପଯୁକ୍ତ ପ୍ରତିନିଧିତ୍ୱ ବିନା ଅକ୍ଷମ ଅଟେ । ଜନସାଧାରଣଙ୍କ ସ୍ୱାର୍ଥ ଏବଂ ତୃଣମୂଳ ସ୍ତରରେ ନିର୍ଦ୍ଦିଷ୍ଟ ଆବଶ୍ୟକତା ସହିତ ଜଡ଼ିତ ନୀତି ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକରେ ଏହା କାର୍ଯ୍ୟ ନିର୍ବାହକୁ ପ୍ରଭାବିତ କରିଥାଏ ।

ଏହାର ଉତ୍ତରରେ ସରକାର ବ୍ୟକ୍ତ କଲେ (ମଇ 2022) ଯେ, କୋର୍ଟ ମାମଲା ଏବଂ କୋଭିଡ୍-19 ମହାମାରୀ ଯୋଗୁଁ ନିର୍ବାଚନ ପ୍ରକ୍ରିୟା ବିଳମ୍ବ ହୋଇଛି । ଅବଶ୍ୟ, ୟୁଏଲ୍‌ବିରେ ନିର୍ବାଚିତ ସଂସ୍ଥାର ଅସ୍ତିତ୍ୱ ହେତୁ ବିଭାଗ ୱାର୍ଡ କାର୍ଯ୍ୟାଳୟ ଗଠନ କରି ୱାର୍ଡ ଅଫିସର ନିଯୁକ୍ତ କରିଥିଲା । ୱାର୍ଡ ଅଧିକାରୀ, ନାଗରିକଙ୍କ ସ୍ଥାନୀୟ ଆବଶ୍ୟକତାକୁ ସମାଧାନ କରିଥିଲେ । ସ୍ଥାନୀୟ ସ୍ୱୟଂ ସହାୟ ଗୋଷ୍ଠୀ, ବସ୍ତିବାସିନ୍ଦା ସଂଗଠନ ଏବଂ ଫେଡେରେସନ୍ ଅଫ୍ ରେସିଡେନ୍ସିଆଲ୍ ଆସୋସିଏସନ୍ ଇତ୍ୟାଦି ସହିତ ପରାମର୍ଶ କରି ବିକାଶ କାର୍ଯ୍ୟକଳାପ ଚୂଡ଼ାନ୍ତ ହୋଇଥିଲା ।

ଏହି ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ସ୍ଥାନୀୟ ଏସ୍‌ଏଚ୍‌ଜି ଗୁଡ଼ିକର ଯୋଗଦାନ, ବସ୍ତିବାସିନ୍ଦା ସଂଗଠନ ଏବଂ ଫେଡେରେସନ ଅଫ୍ ରେସିଡେନ୍‌ସିଆଲ ଆସୋସିଏସନ ଯେକୌଣସି ପରୀକ୍ଷଣରେ ତୃଣମୂଳ ସ୍ତରରେ ୟୁଏଲ୍‌ବି ଗୁଡ଼ିକର ନୀତି ନିର୍ଦ୍ଧାରଣ ଏବଂ ନିର୍ଦ୍ଦିଷ୍ଟ ଆବଶ୍ୟକତା ସମ୍ବନ୍ଧରେ କୌଣସି ନଥି ପ୍ରଦାନ କରିନଥିଲେ । ତେଣୁ, ଏହିପରି ୟୁଏଲ୍‌ବି ଗୁଡ଼ିକର ନିର୍ବାଚନ ନହେବା 74 ତମ ସିଏଏର ଆତ୍ମାକୁ ପରାସ୍ତ କଲା ଏବଂ ନିମ୍ନଲିଖିତ ଭାବରେ ବିକେନ୍ଦ୍ରୀକରଣ ଶାସନ ଉପରେ ପ୍ରତିକୂଳ ପ୍ରଭାବ ପକାଇଲା ।

- ଆର୍ଟିକ୍ଲ **243R** ପୌର ସଂସ୍ଥାର ଗଠନକୁ ଧାର୍ଯ୍ୟ କରିଛି । ଓଏମ୍‌ଏ ଏବଂ ଓଏମ୍‌ସିଏ ଅନୁଯାୟୀ, ମ୍ୟୁନିସିପାଲିଟି ଏବଂ କର୍ପୋରେସନ ନିର୍ବାଚିତ କାଉନସିଲର / କର୍ପୋରେଟରମାନଙ୍କୁ ନେଇ ଗଠିତ । କାଉନସିଲର/ କର୍ପୋରେଟରଙ୍କ ମଧ୍ୟରେ ଚେୟାରମ୍ୟାନ ଏବଂ ମେୟର ମନୋନୀତ ହୁଅନ୍ତି ଏବଂ ଷ୍ଟାଣ୍ଡିଂ କମିଟି ଗୁଡ଼ିକ ସାହାଯ୍ୟ କରନ୍ତି । ନିଗମର ପ୍ରତ୍ୟେକରେ 10 ଟି ଷ୍ଟାଣ୍ଡିଂ କମିଟି, ମ୍ୟୁନିସିପାଲିଟି ଏବଂ ଏନ୍‌ଏସିର ପ୍ରତ୍ୟେକ ପାଞ୍ଚଟି ଷ୍ଟାଣ୍ଡିଂ କମିଟି ଅଛି । ତେବେ, 03 ଅପ୍ରେଲ 2012 ରୁ 19 ଜାନୁଆରୀ 2021 ମଧ୍ୟରେ ୟୁଏଲ୍‌ବି ନିର୍ବାଚନ ନହେବା କାରଣରୁ ତୃଣମୂଳ ସ୍ତରରେ ସମସ୍ୟାର ସମାଧାନ ପାଇଁ 112 ୟୁଏଲ୍‌ବିରେ କୌଣସି ପରିଷଦ ଏବଂ ଷ୍ଟାଣ୍ଡିଂ କମିଟି ବିଦ୍ୟମାନ ନଥିଲେ ।

ଏହାର ଉତ୍ତରରେ, ସରକାର ଦର୍ଶାଇଛନ୍ତି (ମଇ 2022) ଯେ, ଆଜି ପର୍ଯ୍ୟନ୍ତ 110 ୟୁଏଲ୍‌ବି (ଚାରୋଟି ୟୁଏଲ୍‌ବି ବ୍ୟତୀତ) ସଂସ୍ଥା ଚୟନ କରିଛନ୍ତି, ଯେଉଁଥିରେ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ବିଚାରାଧିନ ସ୍ଥିତି ହେତୁ ନିର୍ବାଚନ ହୋଇପାରିବ ନାହିଁ । ତଥାପି, ରହିଲା ଯେ ୟୁଏଲ୍‌ବି ନିର୍ବାଚନର ଅଣଆଚରଣ ହେତୁ 112 ୟୁଏଲ୍‌ବିରେ 41 ରୁ 3,252 ଦିନ (ନଅ ବର୍ଷ) ମାର୍ଚ୍ଚ 2021 ପର୍ଯ୍ୟନ୍ତ କୌଣସି ପରିଷଦ ଏବଂ ସ୍ଥାୟୀ କମିଟି ବିଦ୍ୟମାନ ନଥିଲେ, ଯାହା ***ପରିଶିଷ୍ଟ 5.8*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

- ଆର୍ଟିକ୍ଲ **243S** ସମସ୍ତ ପୌର ସଂସ୍ଥାରେ ତିନି ଲକ୍ଷ କିମ୍ବା ଅଧିକ ଜନସଂଖ୍ୟା ବିଶିଷ୍ଟ ୱାର୍ଡ କମିଟି ପାଇଁ ପ୍ରଦାନ କରାଯାଇଛି । ଓଏମ୍‌ସିଏର ଧାରା 21 ଅନୁଯାୟୀ, ସମସ୍ତ ମ୍ୟୁନିସିପାଲିଟି କର୍ପୋରେସନ୍ ଦ୍ୱାରା ୱାର୍ଡ

କମିଟି ଗଠନ କରାଯିବ । ୱାର୍ଡ କମିଟିଗୁଡ଼ିକ ନିର୍ବାଚିତ ପ୍ରତିନିଧି ତଥା ନାଗରିକଙ୍କ ମଧ୍ୟରେ ନିକଟତରତା ବୃଦ୍ଧି କରି ସ୍ଥାନୀୟ ସ୍ତରୀୟ ଯୋଜନାରେ ନାଗରିକଙ୍କ ଅଂଶଗ୍ରହଣ ପାଇଁ ଏକ ସ୍ଥାନ ପ୍ରଦାନ କରି ପୌରସଂସ୍ଥା ଏବଂ ନାଗରିକଙ୍କ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରିବା ଉଚିତ୍ ।

ଅଡିଟ୍ ଦେଖିଲେ ଯେ ଚାରୋଟି[67] ନମୁନା ହୋଇଥିବା ମ୍ୟୁନିସିପାଲିଟି କର୍ପୋରେସନ୍ ମଧ୍ୟରୁ ୱାର୍ଡ କମିଟି ଗଠନ କରାଯାଇ ନଥିଲା । ଏହା ସ୍ଥାନୀୟ ଶାସନରେ ସମ୍ପ୍ରଦାୟର ଅଂଶ ଗ୍ରହଣକୁ ସୁଗମ କରିବାର ଉଦ୍ଦେଶ୍ୟକୁ ପରାସ୍ତ କଲା ।

ଏହାର ଉତ୍ତରରେ, ସରକାର ଦର୍ଶାଇଲେ (ମଇ 2022) ଯେ ନିର୍ବାଚିତ ସଂସ୍ଥାଗୁଡ଼ିକର ଅନୁପସ୍ଥିତିରେ ସ୍ଥାନୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଗଷ୍ଟ 2019 ରେ ୱାର୍ଡ ଅଧିକାରୀ ନିଯୁକ୍ତ ହୋଇଥିଲେ । ତଥାପି, ବାସ୍ତବତା ରହିଲା ଯେ ସ୍ଥାନୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୟୁଏଲ୍‌ବିର ସର୍ତ୍ତାବଳୀ ସମାପ୍ତ ହେବା ଦିନ ଠାରୁ ଅଗଷ୍ଟ 2019 ପର୍ଯ୍ୟନ୍ତ କୌଣସି ଯନ୍ତ୍ର କୌଶଳ ନଥିଲା ।

ସୁପାରିଶ:

2. ସ୍ଥାନୀୟ ସ୍ୱୟଂ ଶାସନର ପ୍ରଭାବଶାଳୀ ଗଣତାନ୍ତ୍ରିକ ୟୁନିଟ୍ ଗଠନ ପାଇଁ ୟୁଏଲ୍‌ବି ଗୁଡ଼ିକୁ ସକ୍ଷମ କରିବାକୁ, ରାଜ୍ୟ ସରକାର ନିର୍ବାଚନର ଠିକ୍ ସମୟରେ ବିଚାର ପାଇଁ ବିଚାର କରିପାରନ୍ତି ।

5.3.3.3 ଜିଲ୍ଲା ଯୋଜନା କମିଟି

ପଞ୍ଚାୟତ ଏବଂ ପୌର ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରସ୍ତୁତ ବିକାଶ ଯୋଜନାଗୁଡ଼ିକର ଏକୀକରଣ ପାଇଁ ନିୟମ 243ZD ଜିଲ୍ଲା ଯୋଜନା କମିଟି (ଡିପିସି) ର ସମ୍ବିଧାନ ପାଇଁ ପ୍ରଦାନ କରିଛି । ଜିଲ୍ଲା ବିକାଶ ଯୋଜନା ଡିଡିପି ସମସ୍ତ ବିଭାଗରୁ ସୂଚନା/ ତଥ୍ୟ/ ପରିସଂଖ୍ୟାନ ସଂଗ୍ରହ କରି ଜିଲ୍ଲା ପାଇଁ ଜିଲ୍ଲା ଯୋଜନା କମିଟି ଦ୍ୱାରା ପ୍ରସ୍ତୁତ ହେବ ଏବଂ ରାଜ୍ୟ ଯୋଜନାରେ ଏକୀକରଣ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ ।

ଅଡିଟ୍ ଦେଖିଲା ଯେ:

- ଯଦିଓ ଜିଲ୍ଲା ସ୍ତରରେ ଡିପିସି ଗଠନ କରାଯାଇଥିଲା, କୌଣସି ନମୁନା ଯାଞ୍ଚ ହୋଇଥିବା ୟୁଏଲ୍‌ବି ଗୁଡ଼ିକ ଜିଲ୍ଲା ଯୋଜନା କମିଟିରେ ଦାଖଲ ପାଇଁ ସେମାନଙ୍କର ବିସ୍ତୃତ ବିକାଶ ଯୋଜନା ପ୍ରସ୍ତୁତ କରିନାହାଁନ୍ତି ।

- 74 ତମ ସିଏଏ ଜିଲ୍ଲା ଯୋଜନା କମିଟିରେ ପୌରସଂସ୍ଥାର ନିର୍ବାଚିତ ସଦସ୍ୟଙ୍କ ପ୍ରତିନିଧିତ୍ୱ ପାଇଁ ପ୍ରଦାନ କରେ । ଯେହେତୁ 112 ୟୁଏଲ୍‌ବିରେ କୌଣସି ପରିଷଦ ନଥିଲା, ଜିଲ୍ଲା ଯୋଜନା କମିଟିରେ ସହରୀ ସ୍ଥାନୀୟ ସଂସ୍ଥାରୁ କୌଣସି ନିର୍ବାଚିତ ପ୍ରତିନିଧି ନଥିଲେ ।

ପୌରସଂସ୍ଥାଗୁଡ଼ିକ ଦ୍ୱାରା ବିସ୍ତୃତ ବିକାଶ ଯୋଜନା ଗୁଡ଼ିକର ଅଣ-ପ୍ରସ୍ତୁତି କେବଳ ସ୍ଥାନୀୟ ଆବଶ୍ୟକତା ଏବଂ ଜନସାଧାରଣଙ୍କ ସ୍ୱାର୍ଥର ସମାଧାନ କରିବାରେ ବିଫଳତାକୁ ଦର୍ଶାଇଲା ନାହିଁ ବରଂ 74 ତମ ସିଏଏର ନିୟମକୁ ଉଲ୍ଲଙ୍ଘନ କଲା ।

ତଥ୍ୟକୁ ଗ୍ରହଣ କରି ସରକାର ବ୍ୟକ୍ତ କଲେ (ମଇ 2022) ଯେ 111 ସହରୀ ସ୍ଥାନିୟ ସଂସ୍ଥା[68]ରେ ନିର୍ବାଚନ ପ୍ରକ୍ରିୟା ସମାପ୍ତ ହୋଇଥିବାରୁ ନିର୍ବାଚିତ ପ୍ରତିନିଧିମାନେ ଖୁବ୍ ଶୀଘ୍ର ଜିଲ୍ଲା ଯୋଜନା କମିଟିର ସଦସ୍ୟ ହେବେ । ପ୍ରକୃତ କଥା ରହିଲା ଯେ ଚାରୋଟି ସହରୀ ସ୍ଥାନୀୟ ସଂସ୍ଥାରେ ନିର୍ବାଚନ ଏପର୍ଯ୍ୟନ୍ତ ହୋଇନାହିଁ ।

---

[67] ଭୁବନେଶ୍ୱର ମହାନଗର ନିଗମ, କଟକ ମହାନଗର ନିଗମ, ବ୍ରହ୍ମପୁର ମହାନଗର ନିଗମ ଏବଂ ରାଉରକେଲା ମହାନଗର ନିଗମ ।

[68] 111 ପୌରପାଳିକା ସହିତ ଗୋଟିଏ ନୂଆ ଗଠନ ହୋଇଥିବା ପୌରପାଳିକା (ରେମୁଣା ଏନ୍‌ଏସି) ରେ ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଥିଲା ।

5.3.3.4 ରାଜ୍ୟ ଅର୍ଥ ଆୟୋଗ

ଧାରା 243-I ଅନୁଯାୟୀ, ସମ୍ବିଧାନ ସଂଶୋଧନର ଏକ ବର୍ଷ ମଧ୍ୟରେ ଏବଂ ତତ୍ପରେ ପ୍ରତି ପାଞ୍ଚ ବର୍ଷରେ ଏକ ଅର୍ଥ ଆୟୋଗ ଗଠନ କରିବା ରାଜ୍ୟ ସରକାର ପକ୍ଷେ ବାଧ୍ୟତାମୂଳକ ଅଟେ । ରାଜ୍ୟ ଅର୍ଥ ଆୟୋଗ(ଏସ୍ଏଫ୍ସି)ର ବିଧି ହେଉଛି ପୌର ସଂସ୍ଥାଗୁଡ଼ିକର ଆର୍ଥିକ ସ୍ଥିତିକୁ ସମୀକ୍ଷା କରିବା ଏବଂ ଅର୍ଥ ବିନିଯୋଗ ପାଇଁ ରାଜ୍ୟପାଳଙ୍କୁ ସୁପାରିଶ କରିବା ।

(i) ରାଜ୍ୟ ଅର୍ଥ ଆୟୋଗ ଗଠନରେ ବିଳମ୍ବ

73 ତମ ଏବଂ 74 ତମ ସମ୍ବିଧାନ ସଂଶୋଧନ ଆଇନ୍ 01 ଜୁନ୍ 1993 ରୁ ଲାଗୁ ହେଲା । ତେଣୁ, ପ୍ରଥମ ରାଜ୍ୟ ଅର୍ଥ ଆୟୋଗର ଗଠନ 31 ମଇ 1994 ରେ ସମସ୍ତ ରାଜ୍ୟ ପାଇଁ ହେବାର ଥିଲା, ପରବର୍ତ୍ତୀ ରାଜ୍ୟ ଅର୍ଥ ଆୟୋଗଗୁଡ଼ିକ ପ୍ରତି ପଞ୍ଚମ ବର୍ଷର ସମାପ୍ତି ପରେ ସ୍ଥାପିତ ହେବାର ଥିଲା । ରାଜ୍ୟ ଅର୍ଥ ଆୟୋଗ ଗୁଡ଼ିକର ସବିଶେଷ ଗଠନ ***ପରିଶିଷ୍ଟ 5.9*** ରେ ଦର୍ଶାଯାଇଛି । ପ୍ରଥମ ଆୟୋଗର ଗଠନ 903 ଦିନ ବିଳମ୍ବରେ ହୋଇଥିଲା ଯାହା ପରବର୍ତ୍ତୀ ଆୟୋଗ ଗୁଡ଼ିକର ଗଠନରେ ବିଳମ୍ବ ଘଟିଥିଲା ।

ଯଦିଓ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ, ,ଷଷ୍ଠ ଏସ୍ଏଫ୍ସି 01 ଜୁନ୍ 2019 ଠାରୁ ଧାର୍ଯ୍ୟ ହୋଇଥିଲା, ପଞ୍ଚମ ଏଫ୍ଏସ୍ସିର ସୁପାରିଶ ଗୁଡ଼ିକ ଆର୍ଥିକ ବର୍ଷ 2020-21 ରୁ ଆର୍ଥିକ ବର୍ଷ 2024-25 ମଧ୍ୟରେ କାର୍ଯ୍ୟକାରୀ କରାଯାଉଥିଲା । ତେଣୁ, ଏହା ପରିଲକ୍ଷିତ ହେଲା ଯେ, ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ 2003 ରୁ 2018 ମଧ୍ୟରେ ରାଜ୍ୟ ଅର୍ଥ ଆୟୋଗ ଗୁଡ଼ିକର ଗଠନ ଏବଂ ଆୟୋଗ ଗୁଡ଼ିକର ପ୍ରକୃତ ଗଠନ 49 ରୁ 580 ଦିନ ମଧ୍ୟରେ ବିଳମ୍ବ ହେତୁ ଯଥେଷ୍ଟ ଭିନ୍ନତା ରହିଥିଲା ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ମଇ 2022) ଯେ ଯେହେତୁ ରାଜ୍ୟ ଅର୍ଥ ଆୟୋଗର ଗଠନ ଅର୍ଥ ବିଭାଗ ଦ୍ୱାରା ସରକାର ଗଠନ କରିଥାନ୍ତି, ଗୃହ ଓ ନଗର ଉନ୍ନୟନ ବିଭାଗର କୌଣସି ଭୂମିକା ନାହିଁ ।

ସୁପାରିଶ :

3. ପ୍ରତି ପାଞ୍ଚ ବର୍ଷ ଶେଷ ହେବା ପରେ ତୁରନ୍ତ ରାଜ୍ୟ ଅର୍ଥ ଆୟୋଗ ଗଠନ କରିବାକୁ ରାଜ୍ୟ ସରକାର ବିଚାର କରିପାରନ୍ତି ।

(ii) ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ କାର୍ଯ୍ୟକାରୀ ନକରିବା

ଉତ୍ତରାଧିକାରୀ ସୂତ୍ରେ ପ୍ରବର୍ତ୍ତନ ସମ୍ବନ୍ଧୀୟ ସୁପାରିଶ ଗୁଡ଼ିକ ବ୍ୟତୀତ, ଏଫ୍ଏଫ୍ସି ଗୁଡ଼ିକ ଅନେକ ଅନୁଷାନିକ ପଦକ୍ଷେପ ସୁପାରିଶ କରିଛନ୍ତି ଯାହା ଦୀର୍ଘମିଆଦିରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ମଜ୍ବୁତ୍ କରିବ । ସୁପାରିଶ ଗୁଡ଼ିକର ଏକ ଦୃଷ୍ଟାନ୍ତମୂଳକ ତାଲିକା ଯେଉଁଠାରେ କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇନଥିଲା, ନିମ୍ନରେ ସୂଚିତ କରାଯାଇଛି :

- ସରକାରଙ୍କ ଅନୁମୋଦନକୁ ଅପେକ୍ଷା ନକରି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକ ସେମାନଙ୍କର ଆଇନଗତ ପରିଧି ମଧ୍ୟରେ କାର୍ଯ୍ୟ କରିବା ପାଇଁ ଅଦ୍ୟାବଧି ଅଧିକ ସ୍ୱାଧୀନତା ଆବଶ୍ୟକ କରନ୍ତି ।
- ପୌର କ୍ୟାଡରଙ୍କୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯିବା ଉଚିତ୍ । ବର୍ତ୍ତମାନର ସ୍ଥାନୀୟ ପାଣ୍ଠି ସେବା (ଏଲ୍ଏଫ୍ଏସ୍) ଏବଂ ଅଣ-ସ୍ଥାନୀୟ ପାଣ୍ଠି ସେବା ସଂଗଠିତ ପୌର କ୍ୟାଡର ଦ୍ୱାରା ବଦଳା ଯାଇ ନାହିଁ ।
- ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସମନ୍ୱିତ ସହରୀ ଅଭିଗମ୍ୟତା ଯୋଜନା ବିକାଶ କରିବାକୁ ପଡ଼ିବ, ଯାହାକି ଅନ୍ତର୍ଭୁକ୍ତ କରିବା ଆବଶ୍ୟକ । (କ) ତଥ୍ୟ ସଂଗ୍ରହ ଏବଂ ମ୍ୟାପିଙ୍ଗ୍, (ଖ) ସମସ୍ୟାର ପରିମାଣ ବିଶ୍ଳେଷଣ କରିବା, ଏବଂ (ଗ) ବିଭିନ୍ନ ପ୍ରକାର ଆବଶ୍ୟକୀୟ ହସ୍ତକ୍ଷେପ ।

- ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ଜମି ହସ୍ତାନ୍ତର ପାଇଁ ଏକ ନୀତି ପ୍ରସ୍ତୁତ କରିବା ।
- ବୃତ୍ତିଗତ ବିଶେଷଜ୍ଞଙ୍କ ସହ ସହରାଞ୍ଚଳ ପ୍ରଶାସନରେ ନିୟୋଜିତ ମାନବ ସମ୍ବଳ ଏବଂ ନିର୍ବାଚିତ ପ୍ରତିନିଧିଙ୍କୁ ନିୟମିତ ତାଲିମ୍ ଦେବା ପାଇଁ ଏକ ରାଜ୍ୟ ସ୍ତରୀୟ ଅନୁଷ୍ଠାନ ସ୍ଥାପନ କରିବା ।
- ସମାନ୍ତରାଳ ସଂସ୍ଥା ଗୁଡ଼ିକ ଯଥା- ଉନ୍ନୟନ କର୍ତ୍ତୃପକ୍ଷ, ସେରେଜ ବୋର୍ଡ, ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂସ୍ଥା (ପିଏଚ୍ଇଓ), ନିର୍ଦ୍ଦେଶକ, ସହର ଯୋଜନା ଇତ୍ୟାଦି ପୌର ସଂସ୍ଥା ସହିତ କାର୍ଯ୍ୟ କରିବା ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ଢାଞ୍ଚା କାର୍ଯ୍ୟକାରୀ ଆବଶ୍ୟକ, ଯାହା ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନାହିଁ ।
- ସହରୀ ମୁକ୍ତ ସ୍ଥାନ ପରିଚାଳନା ଯୋଜନା ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକଳାପ ଅଂଶ ବିଶେଷ ହେବା ଉଚିତ୍ । ଭାରତ ସରକାରଙ୍କର ସହରୀ ସବୁଜ କରଣ ମାର୍ଗଦର୍ଶିକା 2014 କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏକ ଉପଯୁକ୍ତ ନୀତି ପ୍ରସ୍ତୁତ କରିବା ଆବଶ୍ୟକ ଯାହା ଏପର୍ଯ୍ୟନ୍ତ କରାଯାଇ ନାହିଁ ।
- ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ରହିବା ଉଚ୍ତ, ଯାହା ଅଧିକାଂଶ ନମୁନା ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକରେ ପରିଲକ୍ଷିତ ହୋଇନଥିଲା ।
- ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ପରିଧି ମଧ୍ୟରେ ଅବସ୍ଥିତ ବଜାର ଏବଂ ଦୈନିକ ହାଟ ଗୁଡ଼ିକର[69] ପରିଚାଳନା ଭାର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ପାଖରେ ରହିବା ଉଚିତ୍ ।.

ଉପରୋକ୍ତ ସୁପାରିଶ ଗୁଡ଼ିକର କାର୍ଯ୍ୟାନ୍ୱୟନ 74ତମ ସିଏଏର ଉଦ୍ଦେଶ୍ୟ ହାସଲ କରିବାରେ ଯଥେଷ୍ଟ ସହାୟକ ହୋଇଥାନ୍ତା । ପ୍ରକୃତ ବିକେନ୍ଦ୍ରୀକରଣ ହାସଲ କରିବା ପ୍ରକ୍ରିୟାରେ ଅଣ-କାର୍ଯ୍ୟକାରିତା ଏକ ପ୍ରତିବନ୍ଧକ ଥିଲା ।

ସେମାନଙ୍କର ବୈଧ କାର୍ଯ୍ୟର ପରିସର ମଧ୍ୟରେ କାର୍ଯ୍ୟ କରିବାର ସ୍ୱାଧୀନତା ବିଷୟରେ ସରକାର ପ୍ରକାଶ କରିଛନ୍ତି (ମଇ 2022) ଯେ, ଓଡ଼ିଶା ପୌର (ସଂଶୋଧନ) ନିୟମ 2017 ପ୍ରଣୟନ କରାଯାଇଛି ଯେଉଁଠାରେ ପୌର ପରିଷଦକୁ ନିଜସ୍ୱ ଉତ୍ସ/ ଅନ୍ୟ ଉତ୍ସରୁ ନିଆଯାଇଥିବା ସମସ୍ତ ପ୍ରକଳ୍ପକୁ ଅନୁମୋଦନ କରିବାକୁ କ୍ଷମତା ଦିଆଯାଇଛି । ଏହି ରିପୋର୍ଟର ଅନୁଚ୍ଛେଦ 5.3.3.7, 5.3.3.8(i) ଏବଂ 5.4.2 ରେ ମନ୍ତବ୍ୟ ଅନୁଯାୟୀ ସରକାର/ ଜିଲ୍ଲା ପ୍ରଶାସନର ଅନୁମୋଦନ ପାଇଁ ୟୁଏଲ୍ବିଗୁଡ଼ିକ ସେମାନଙ୍କର କାର୍ଯ୍ୟ ଯୋଜନା ବର୍ଜ୍ୟବସ୍ତୁ ପରିଚାଳନା ଉପ ଆଇନ ଏବଂ ବାର୍ଷିକ ବଜେଟ୍ ଦାଖଲ କରୁଥିବାରୁ ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ।

ପୌର କ୍ୟାଡରଙ୍କ ବିଷୟରେ ସରକାର ପ୍ରକାଶ କରିଛନ୍ତି (ମଇ 2022) ଯେ, ଓଡ଼ିଶା ପୌରସେବା ଆଇନ୍ 2016 ପ୍ରଣୟନ କରାଯାଇଛି ଏବଂ ଉତ୍ସର୍ଗୀକୃତ ପୌର କ୍ୟାଡର ପାଇଁ ଜୁନ୍ 2016 ରେ ପ୍ରକାଶିତ ହୋଇଛି । ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ଏହି ରିପୋର୍ଟର ***ଅନୁଚ୍ଛେଦ 5.6.2.2*** ରେ ଉଲ୍ଲେଖ କରାଯାଇଥିବା ତଥ୍ୟ ଅନୁଯାୟୀ ସମସ୍ତ କ୍ୟାଡର ପୂରଣ ହୋଇନାହିଁ ଏବଂ ଅଧିକାରୀମାନେ ଅନ୍ୟ ବିଭାଗରୁ ଡେପୁଟେସନରେ ଆସିଛନ୍ତି ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର ଦର୍ଶାଇଲେ (ମଇ 2022) ଯେ, ରାଜ୍ୟ ଅର୍ଥ କମିଶନର ସୁପାରିଶକୁ ପାଳନ କରିବା ପାଇଁ ବିଭାଗ ଆବଶ୍ୟକ ପଦକ୍ଷେପ ନେଉଛି ।

ସୁପାରିଶ :

4. ୟୁଏଲ୍ବି ଗୁଡ଼ିକୁ ଦୀର୍ଘକାଳିନ ମଜ୍ବୁତ୍ କରିବାକୁ ସରକାର ରାଜ୍ୟ ଅର୍ଥ କମିଶନର ସୁପାରିଶ ଉପରେ ଆନୁଷ୍ଠାନିକ ପଦକ୍ଷେପ ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଚାର କରିପାରନ୍ତି ।

[69] ଖୋଲା ବାୟୁ ଚଳାଚଳ ଦୋକାନଗୁଡ଼ିକ

5.3.3.5 ସମ୍ପତ୍ତି ଟିକସ ଉପରେ କେନ୍ଦ୍ରୀୟ ମୂଲ୍ୟାଙ୍କନ ବୋର୍ଡର ଅଣ ପ୍ରତିଷ୍ଠାନ

ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକ ସ୍ଥାନୀୟ ପରିଚାଳନା ପାଇଁ ସମ୍ବିଧାନର ଧାରା 243X ରେ ଟିକସ ଆଦାୟ ପାଇଁ ବ୍ୟବସ୍ଥା କରାଯାଇଛି । ସମ୍ପତ୍ତି କରର ଶୋଷଣ ସମ୍ଭାବନାକୁ ଏଡ଼ାଇଯିବା ପାଇଁ ତ୍ରୟୋଦଶ ଅର୍ଥ ଆୟୋଗ (ଟିଏଫ୍‌ସି) ପଶ୍ଚିମବଙ୍ଗ କେନ୍ଦ୍ରୀୟ ମୂଲ୍ୟାୟନ ବୋର୍ଡ ସଦୃଶ ରାଜ୍ୟଗୁଡ଼ିକ ସମ୍ପତ୍ତି ଆକଳନ ଏବଂ ମୂଲ୍ୟାଙ୍କନ ପାଇଁ ଏକ କେନ୍ଦ୍ରୀୟ ମୂଲ୍ୟାୟନ ବୋର୍ଡ ଗଠନ କରିବାକୁ ପରାମର୍ଶ ଦେଇଛନ୍ତି । ବୋର୍ଡ ରାଜ୍ୟର ସମସ୍ତ ପୌର ପାଳିକା ଏବଂ ପୌର ନିଗମକୁ ସମ୍ପତ୍ତି କରର ମୂଲ୍ୟାୟନ ପାଇଁ ଏକ ନିରପେକ୍ଷ ଏବଂ ସ୍ୱଚ୍ଛ ପ୍ରଣାଳୀ ସ୍ଥାପନ କରିବାରେ ସାହାଯ୍ୟ କରିବ ।

ତ୍ରୟୋଦଶ ଅର୍ଥ ଆୟୋଗଙ୍କ ସାମ୍ବିଧାନିକ ବ୍ୟବସ୍ଥା ଏବଂ ସୁପାରିଶକୁ ବିରୋଧାଭାସ କରି ରାଜ୍ୟରେ ସମ୍ପତ୍ତି କର ଉପରେ କେନ୍ଦ୍ରୀୟ ମୂଲ୍ୟାୟନ ବୋର୍ଡ ପ୍ରତିଷ୍ଠା ହୋଇନାହିଁ । ଫଳସ୍ୱରୂପ, ସମ୍ପତ୍ତି ଟ୍ୟାକ୍ସର ମୂଲ୍ୟାଙ୍କନ ଏବଂ ସଂଶୋଧନ ପାଇଁ ପୌର ସଂସ୍ଥା ଗୁଡ଼ିକର ବୈଷୟିକ ମାର୍ଗଦର୍ଶନର ଅଭାବ ଥିଲା । 20 ଟି ନମୁନା ଯାଞ୍ଚ ହୋଇଥିବା ୟୁଏଲ୍‌ବି ମଧ୍ୟରୁ ଅଡିଟ୍ ଦେଖିଲେ ଯେ, ଛଅଟି[70] ୟୁଏଲ୍‌ବି ଗୁଡ଼ିକରେ, ଯଦିଓ ସମ୍ପତ୍ତି କରର ଅନ୍ତିମ ସଂଶୋଧନ ଅପ୍ରେଲ 2004 ରୁ ଅପ୍ରେଲ 2013 ମଧ୍ୟରେ କରାଯାଇଥିଲା, ମାର୍ଚ୍ଚ 2021 ସୁଦ୍ଧା ପରବର୍ତ୍ତୀ ସଂଶୋଧନ ତିନି ରୁ 12 ବର୍ଷ ବିଳମ୍ବରେ ହୋଇଥିଲା । ଗୋଟିଏ ୟୁଏଲ୍‌ବିରେ, ଅନ୍ତିମ ସଂଶୋଧନ ଅପ୍ରେଲ 2020 ରେ ହୋଇଥିବା ବେଳେ ଅନ୍ୟ 13 ଟି ୟୁଏଲ୍‌ବିଗୁଡ଼ିକ ସମ୍ପତ୍ତି କରର ସଂଶୋଧନ ସମ୍ବନ୍ଧୀୟ କୌଣସି ରେକର୍ଡ ପ୍ରଦାନ କରି ନଥିଲେ । ବୈଷୟିକ ମାର୍ଗଦର୍ଶନ ପାଇଁ ଏକ ମୂଲ୍ୟାୟନ ବୋର୍ଡର ଅନୁପସ୍ଥିତି, ଟିକସ ସଂଗ୍ରହରେ ସମାନତାର ଅଭାବ ବ୍ୟତୀତ, **ଅନୁଚ୍ଛେଦ 5.4.1.1(i)** ରେ ଆଲୋଚନା ହୋଇଥିବା ୟୁଏଲ୍‌ବିର ନିଜସ୍ୱ ରାଜସ୍ୱ ଉତ୍ପାଦନ ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପକାଇଲା ।

ଏହାର ଉତ୍ତରରେ, ସରକାର ଦର୍ଶାଇଛନ୍ତି (ମଇ 2022) ଯେ, ସମ୍ପତ୍ତିର ଟିକସ ଆକଳନ କରିବା ପାଇଁ ରାଜ୍ୟର ସମସ୍ତ ପୌର ସଂସ୍ଥା ଗୁଡ଼ିକୁ ସହାୟତା କରିବା ପାଇଁ ଏକ ମୂଲ୍ୟାୟନ ସଂଗଠନ ଗଠନ କରାଯାଇଛି । ଏହି ଉତ୍ତର ଗ୍ରହଣୀୟ ନୁହେଁ, କାରଣ ମୂଲ୍ୟାୟନ ସଂଗଠନ ଗଠନ ସତ୍ତ୍ୱେ ନିୟମିତ ବ୍ୟବଧାନରେ ସମ୍ପତ୍ତି କରର ସଂଶୋଧନ ସମାନ ଢଙ୍ଗରେ କରାଯାଇ ନାହିଁ ।

ସୁପାରିଶ :

5. ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକୁ ନିୟମିତ ଭାବରେ ସେମାନଙ୍କର ଟିକସ ସଂରଚନାକୁ ସଂଶୋଧନ କରିବାକୁ ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାମାନଙ୍କୁ ବୈଷୟିକ କୁଶଳତା ଯୋଗାଇବା ପାଇଁ କେନ୍ଦ୍ରୀୟ ମୂଲ୍ୟାୟନ ବୋର୍ଡ ଗଠନ କରାଯିବା ଆବଶ୍ୟକ ।

5.3.3.6 ୟୁଏଲ୍‌ବି ଗୁଡ଼ିକ ଉପରେ ରାଜ୍ୟ ସରକାରଙ୍କ ଅତିକ୍ରାନ୍ତ କ୍ଷମତା

ସମ୍ବିଧାନର ଧାରା 243W ଅନୁଯାୟୀ, ଏକ ରାଜ୍ୟର ବିଧାନସଭା ଆଇନ୍ ଅନୁଯାୟୀ ପୌର ପାଳିକା ଗୁଡ଼ିକୁ ଆବଶ୍ୟକ ଅନୁଯାୟୀ ଏପରି କ୍ଷମତା ଏବଂ ଅଧିକାର ପ୍ରଦାନ କରିପାରିବେ ଯାହା ସେମାନଙ୍କୁ ସ୍ୱାୟତ୍ତ ଶାସନ ନିର୍ବାହ କରିବାରେ ସକ୍ଷମ ହେବ । ଅଡିଟରେ ଦେଖାଗଲା ଯେ, ରାଜ୍ୟ ସରକାରଙ୍କ ୟୁଏଲ୍‌ବି ଗୁଡ଼ିକ ଉପରେ ଅତିକ୍ରାନ୍ତ କ୍ଷମତା ଅଧିସକ୍ତ ଥିଲା, ଯାହା ସାମ୍ବିଧାନିକ ସଂଶୋଧନର ଉଦ୍ଦେଶ୍ୟ ବିରୁଦ୍ଧରେ ଥିଲା, ***ପରିଶିଷ୍ଟ 5.10*** ରେ କିଛି ବ୍ୟବସ୍ଥା ସୂଚିତ କରାଯାଇଛି ।

ଏହାର ଉତ୍ତରରେ ସରକାର ଦର୍ଶାଇଛନ୍ତି (ମଇ 2022) ଯେ ଧାରା 243W ଅନୁଯାୟୀ ଦିଆଯାଇଥିବା କ୍ଷମତା ଅନୁଯାୟୀ ଓଡ଼ିଶା ପୌର ଆଇନ୍ 1950 ର ଧାରା 287 ଏବଂ ଓଡ଼ିଶା ପୌର ନିଗମ ଆଇନ୍ 2003 ର ଧାରା 656 ଅନୁଯାୟୀ ନିୟମ ପ୍ରଣୟନ କରିବାକୁ ରାଜ୍ୟ ସରକାରଙ୍କୁ କ୍ଷମତା ଦିଆଯାଇଛି । ତଥାପି, ପ୍ରକୃତ କଥା

---

[70] (i) ବିଏମ୍‌ସି (01.01.2005) (ii) ଯାଜପୁର ପୌରପାଳିକା (01.04.2004) (iii) କେନ୍ଦ୍ରାପଡ଼ା ପୌରପାଳିକା (29.03.2006) (iv) କୋଣାର୍କ ଏନ୍‌ଏସି (01.04.2013) (v) ପୁରୀ ପୌରପାଳିକା (01.04.2006) (vi) ବ୍ୟାସନଗର ପୌରପାଳିକା (01.04.2011)

ହେଉଛି ଯେ ପ୍ରକୃତ କ୍ଷମତା ଉତ୍ତରାଧିକାରୀ ସୂତ୍ରେ ପ୍ରବର୍ତ୍ତନ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇ ନାହିଁ, ଯାହା 74 ତମ ସମ୍ବିଧାନ ସଂଶୋଧନର ଲକ୍ଷ୍ୟର ବିରୋଧାଚରଣ କରୁଛି ।

5.3.3.7 ଜିଲ୍ଲା ନଗର ଉନ୍ନୟନ ସଂସ୍ଥା

ରାଜ୍ୟ ନଗର ଉନ୍ନୟନ ସଂସ୍ଥା (ଏସ୍‌ୟୁଡିଏ) (ଡିସେମ୍ବର 1990) ଙ୍କ ଅଧୀନରେ, ପୌର ସଂସ୍ଥା ଗୁଡ଼ିକ ସହଯୋଗରେ କେନ୍ଦ୍ରୀୟ ଏବଂ ରାଜ୍ୟ ସରକାରୀ ଯୋଜନାଗୁଡ଼ିକର ବିକାଶ ଗଠନ ଏବଂ କାର୍ଯ୍ୟକାରୀ କରିବା ପାଇଁ, ଜିଲ୍ଲା ନଗର ଉନ୍ନୟନ ସଂସ୍ଥା (ଡିୟୁଡିଏ) ଗଠନ କରାଯାଇଥିଲା (ମଇ 1999) । ପ୍ରକଳ୍ପ ନିର୍ଦ୍ଦେଶକ, ଡିୟୁଡିଏ, ୟୁଏଲ୍‌ବି ଏବଂ ଜିଲ୍ଲା ସ୍ତରୀୟ ପ୍ରଶାସନ ମଧ୍ୟରେ ମୁଖ୍ୟ ମାଧ୍ୟମ ଭାବରେ କାର୍ଯ୍ୟ କରିବା ଉଚିତ୍ ଥିଲା । ପୌର ପାଣ୍ଠି ସମେତ ବିଭିନ୍ନ ପାଣ୍ଠି ଅଧିନରେ ନିଆଯିବାକୁ ଥିବା ବିକାଶମୂଳକ କାର୍ଯ୍ୟ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ୟୁଏଲ୍‌ବିଗୁଡ଼ିକ ଆବଶ୍ୟକ କରୁଥିଲେ । ଏହି ଯୋଜନାଗୁଡ଼ିକ ଅନୁମୋଦନ ପାଇଁ ସମ୍ପୃକ୍ତ ପରିଷଦ ସମ୍ମୁଖରେ ରଖାଯିବାର ଥିଲା । ତଥାପି, ୟୁଏଲ୍‌ବିଗୁଡ଼ିକ ସେମାନଙ୍କର ପରିଷଦ ଦ୍ୱାରା ଅନୁମୋଦନ ହୋଇଥିବା ଯୋଜନାଗୁଡ଼ିକୁ ଅନୁମୋଦନ ପାଇଁ ଡିୟୁଡିଏରେ ଦାଖଲ କରୁଛନ୍ତି । ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ଅନୁମୋଦନ ପରେ ଡିୟୁଡିଏ ଦ୍ୱାରା ଅନୁମୋଦନ ଲୋଡ଼ିବାର ବ୍ୟବସ୍ଥା, ଦେଶର ଗଣତାନ୍ତ୍ରିକ ଢାଞ୍ଚାରେ ପୌର ସଂସ୍ଥା ମାନଙ୍କୁ ସ୍ୱାୟତ୍ତତା ପ୍ରଦାନ କରିବାକୁ 74 ତମ ସମ୍ବିଧାନ ସଂଶୋଧନର ଉଦ୍ଦେଶ୍ୟ ବିରୁଦ୍ଧ ଅଟେ ।

ଏଡ଼ାର ଉତ୍ତରରେ, ସରକାର ଦର୍ଶାଇଛନ୍ତି (ମଇ 2022) ଯେ, ଓଡ଼ିଶା ପୌର (ସଂଶୋଧନ) ନିୟମ 2017 ପ୍ରଣୟନ କରାଯାଇଛି, ଯେଉଁଥିରେ ପୌର ପରିଷଦକୁ ନିଜସ୍ୱ ଉତ୍ସ/ ଅନ୍ୟ ଉତ୍ସରୁ ନିଆଯାଉଥିବା ସମସ୍ତ ପ୍ରକଳ୍ପକୁ ଅନୁମୋଦନ କରିବାକୁ କ୍ଷମତା ଦିଆଯାଇଛି । ପରିଷଦର ଅନୁମୋଦନ ପରେ ସମସ୍ତ ଯୋଜନା ଅନୁମୋଦନ ପାଇଁ ଡିୟୁଡିଏକୁ ପଠାଯାଇଥିବାରୁ ଉତ୍ତରଟି ଗ୍ରହଣୀୟ ନୁହେଁ ।

5.3.3.8 ନମୁନା ଭାବରେ ନିଆଯାଇଥିବା କାର୍ଯ୍ୟଗୁଡ଼ିକ ଉପରେ ଅନ୍ୟାନ୍ୟ ଅଡିଟ୍ ଫଳାଫଳ

(i) କଠିନ ବର୍ଜ୍ୟବସ୍ତୁ ପରିଚାଳନା

ପୌର କଠିନ ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ,2016 ରେ ଉଲ୍ଲେଖ କରାଯାଇଛି ଯେ ୟୁଏଲ୍‌ବିଗୁଡ଼ିକ:

- ରାଜ୍ୟ ନୀତି ବିଜ୍ଞପ୍ତି ପ୍ରକାଶ ପାଇବା ଦିନ ଠାରୁ ଛଅ ମାସ ମଧ୍ୟରେ, ରାଜ୍ୟ ନୀତି ଏବଂ ରଣନୀତି ଅନୁଯାୟୀ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଏକ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନା ପ୍ରସ୍ତୁତ କରିବେ,
- ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଉପ-ନିୟମ ପ୍ରସ୍ତୁତ କରିବେ,
- ବର୍ଜ୍ୟବସ୍ତୁ ସଂଗ୍ରହ, ପୃଥକୀକରଣ, ସଂରକ୍ଷଣ, ପରିବହନ ଏବଂ ନିଷ୍କାସନ ପାଇଁ ବ୍ୟବସ୍ଥା କରିବେ,
- ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଗଠନ, କାର୍ଯ୍ୟକାରିତା ଏବଂ ପରିଚାଳନା କରିବେ,
- ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାର ତଦାରଖ ଏବଂ ମୂଲ୍ୟାୟନ କରିବେ ।

ଏହା ଲକ୍ଷ୍ୟ କରାଗଲା ଯେ ସମସ୍ତ ନମୁନା ଯାଞ୍ଚ ହୋଇଥିବା ୟୁଏଲ୍‌ବିଗୁଡ଼ିକ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ସେମାନଙ୍କର ନମୁନା ଉପ-ନିୟମ ପ୍ରସ୍ତୁତ କରି ଗେଜେଟ୍ ବିଜ୍ଞପ୍ତି ମାଧ୍ୟମରେ ଅନୁମୋଦନ ଏବଂ ପ୍ରକାଶନ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରିଥିଲେ । ପରୀକ୍ଷଣରେ ଯାଞ୍ଚ କରାଯାଇଥିବା ୟୁଏଲ୍‌ବି ଗୁଡ଼ିକରେ ଅଡିଟ୍ ପାଇଁ ଦିଆଯାଇଥିବା ରେକର୍ଡ ଗୁଡ଼ିକର ଯାଞ୍ଚରୁ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ପରିଲକ୍ଷିତ ହେଲା:

- ରାସ୍ତା କଡ଼ରେ, ପାର୍କର କୋଣରେ, ଜଳାଶୟରେ, ଖାଲି ସ୍ଥାନ ଇତ୍ୟାଦିରେ ବିକ୍ଷିପ୍ତ ବର୍ଜ୍ୟବସ୍ତୁକୁ ପରିଚାଳନା ଏବଂ ସଫା କରିବା ପାଇଁ କୌଣସି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇ ନଥିଲା ।

ସରକାର ବ୍ୟକ୍ତ କଲେ (ମଇ 2022) ଯେ, ପୌର ସଂସ୍ଥାଗୁଡ଼ିକ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପ-ନିୟମକୁ ବିଜ୍ଞାପିତ କରିଛନ୍ତି, ଯେଉଁଥିରେ ନିର୍ଦ୍ଦେଶ ଦିଆଯାଇଛି ଯେ କୌଣସି ବର୍ଜ୍ୟବସ୍ତୁ ଉତ୍ପାଦନ ସେମାନଙ୍କ ଦ୍ୱାରା ଉତ୍ପାଦିତ କଠିନ ବର୍ଜ୍ୟବସ୍ତୁକୁ ରାସ୍ତାରେ, ସେମାନଙ୍କ ଘର ବାହାରେ ଥିବା ସର୍ବସାଧାରଣ ଖାଲି ସ୍ଥାନରେ କିମ୍ବା ନଳାରେ କିମ୍ବା ଜଳାଶୟରେ ପକାଇ ପାରିବେ ନାହିଁ । ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସରକାର କୌଣସି ରାଜ୍ୟ ନୀତି ଏବଂ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରି ନଥିବାରୁ ଉତ୍ତରଟି ଗ୍ରହଣୀୟ ନୁହେଁ ।

- ସର୍ବେକ୍ଷଣ ମାଧ୍ୟମରେ କୌଣସି ମୂଲ୍ୟାୟନ, ବର୍ଜ୍ୟବସ୍ତୁ ଉତ୍ପାଦନ ଏବଂ ବିନ୍ୟାସ ପାଇଁ କରାଯାଇ ନାହିଁ ଏବଂ କୌଣସି ପର୍ଯ୍ୟାୟ ବ୍ୟବଧାନ ବିଶ୍ଳେଷଣ କରାଯାଇ ନାହିଁ ।

ସରକାର ବ୍ୟକ୍ତ କଲେ (ମଇ 2022) ଯେ, କଠିନ ବର୍ଜ୍ୟବସ୍ତୁ ଉତ୍ପାଦର ଆକଳନ ଏବଂ ବିନ୍ୟାସ ଓ ବ୍ୟବଧାନ ବିଶ୍ଳେଷଣ ୟୁଏଲ୍‌ବିଗୁଡ଼ିକ ଦ୍ୱାରା ନମୁନା ସର୍ବେକ୍ଷଣ ମାଧ୍ୟମରେ କରାଯାଇଥିଲା । ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ୟୁଏଲ୍‌ବିଗୁଡ଼ିକ 2015-20 ଅବଧି ମଧ୍ୟରେ ବର୍ଜ୍ୟବସ୍ତୁ ଉତ୍ପାଦନ ଉପରେ କୌଣସି ସର୍ବେକ୍ଷଣ କରିନାହାଁନ୍ତି କିନ୍ତୁ ଜନସଂଖ୍ୟା ଆକଳନ/ ମୁଣ୍ଡପିଛା ପଦ୍ଧତି ଗ୍ରହଣ କରିଛନ୍ତି ।

- ମାନକ ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମ, କଟକ ମହାନଗର ନିଗମ, ଖୋର୍ଦ୍ଧା (ଏମ୍) ପୌରପାଳିକା, ବ୍ରହ୍ମପୁର ମହାନଗର ନିଗମ ଏବଂ କେନ୍ଦ୍ରାପଡ଼ା ପୌରପାଳିକା ଜୈବ-ଚିକିତ୍ସା ବର୍ଜ୍ୟବସ୍ତୁ ଗୁଡ଼ିକର ପୃଥକୀକରଣ ଏବଂ ବିନ୍ୟାସ କରିନାହାଁନ୍ତି ।

ସରକାର ବ୍ୟକ୍ତ କଲେ (ମଇ 2022) ଯେ, ବାୟୋ-ମେଡିକାଲ ବର୍ଜ୍ୟବସ୍ତୁ ସଂଗ୍ରହ, ପୃଥକୀକରଣ ଏବଂ ବିସର୍ଜନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଛି ।

- କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ମାନବ ସମ୍ବଳ ଆବଶ୍ୟକତାକୁ ଆକଳନ କରିବାକୁ ନିର୍ଦ୍ଦିଷ୍ଟ ମାନକ, ଭୁବନେଶ୍ୱର ମହାନଗର ନିଗମରେ ଅନୁସରଣ କରାଯାଇ ନାହିଁ ।

ସରକାର ଏହାର ଉତ୍ତରରେ ବ୍ୟକ୍ତ କଲେ (ମଇ 2022) ଯେ ନିର୍ଦ୍ଦେଶନାମା ଅନୁଯାୟୀ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ମାନବ ସମ୍ବଳ ନିୟୋଜିତ ହୋଇଛନ୍ତି । ତଥାପି, ବିଏମ୍‌ସିରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଆବଶ୍ୟକତା ଏବଂ ପ୍ରକୃତ କର୍ମଚାରୀଙ୍କ ସ୍ଥିତି ସପକ୍ଷରେ ସରକାର କୌଣସି ତଥ୍ୟ ସମ୍ବଳିତ ପ୍ରମାଣ ପ୍ରଦାନ କରିନାହାଁନ୍ତି ।

- ଅଳିଆ ଗଦା ଜାଗା ଗୁଡ଼ିକରେ ଅଗ୍ନିକାଣ୍ଡ ପରିଚାଳନା କରାଯାଇ ନଥିଲା ।

ସରକାର ବ୍ୟକ୍ତ କଲେ (ମଇ 2022) ଯେ, ୟୁଏଲ୍‌ବି ଗୁଡ଼ିକର ଥିବା ଅଳିଆ ଗଦା ଗୁଡ଼ିକରେ ଜୈବ, ପ୍ରତିକାର ପାଇଁ ପଦକ୍ଷେପ ଆରମ୍ଭ ହୋଇସାରିଛି । ତଥାପି, ଅଗ୍ନି ପରିଚାଳନା ପାଇଁ ଅଧିକ ବିସ୍ତୃତ ପଦକ୍ଷେପ ଆବଶ୍ୟକ ।

(ii) ଉଭୟ ୟୁ ଏଲ୍ ବି ଓ ପୂର୍ତ୍ତ ବିଭାଗ ପକ୍ଷରୁ ସଡ଼କ କାର୍ଯ୍ୟର ସମ୍ପାଦନ

74 ତମ ସମ୍ବିଧାନ ସଂଶୋଧନ ଆଇନ୍ ଅନୁଯାୟୀ, ୟୁଏଲ୍‌ବିଗୁଡ଼ିକୁ "ରାସ୍ତା ଓ ସେତୁ" କାର୍ଯ୍ୟ କରିବାକୁ ପଡ଼ିବ । ଓଏମ୍‌ଏର ଧାରା 122 ଅନୁଯାୟୀ, ରାଜ୍ୟ ସରକାର ସମୟ ସମୟରେ ବିଜ୍ଞପ୍ତି ମାଧ୍ୟମରେ, ପୌର ସଂସ୍ଥା ଦ୍ୱାରା ସମ୍ପାଦିତ ହେଉଥିବା କୌଣସି ସାର୍ବଜନୀନ ରାସ୍ତାକୁ ବାଦ୍ ଦେଇ ମରାମତି ଏବଂ ଉତ୍ତମ ରକ୍ଷଣାବେକ୍ଷଣ ପାଇଁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିପାରିବେ ।

ପରିଲକ୍ଷିତ ହେଲା ଯେ, ୟୁଏଲ୍‌ବି ଗୁଡ଼ିକର ସୁପାରିଶ ଯୋଗୁଁ ଗୃହ ଓ ନଗର ଉନ୍ନୟନ ବିଭାଗ ରାଜ୍ୟର 40 ଟି ୟୁଏଲ୍‌ବିର 221 ରାସ୍ତାର ଉନ୍ନତିକରଣ ଓ ମରାମତି / ରକ୍ଷଣାବେକ୍ଷଣ ପାଇଁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ପ୍ରସ୍ତାବ ଦେଇଥିଲେ । ଏଥି ମଧ୍ୟରୁ ପୂର୍ତ୍ତ ବିଭାଗ 37 ଟି ୟୁଏଲ୍‌ବି ଅଧୀନରେ ଥିବା କେବଳ 108 ଟି ରାସ୍ତା କାର୍ଯ୍ୟ ପାଇଁ ସ୍ୱୀକାର କରିଥିଲେ ।

ଏହା ମଧ୍ୟ ଦେଖାଗଲା ଯେ 20 ଟି ନମୁନା ଯାଞ୍ଚ ହୋଇଥିବା ୟୁଏଲ୍‌ବି ମଧ୍ୟରୁ 14 ଟିରେ 98 ଟି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପାଇଁ, ଗୃହ ଓ ନଗର ଉନ୍ନୟନ ବିଭାଗ, ୟୁଏଲ୍‌ବି ଓ ଜିଲ୍ଲା ସ୍ତରୀୟ ତଦାରଖ କମିଟି ଦ୍ୱାରା ପ୍ରସ୍ତାବିତ ହୋଇଥିଲା, ତନ୍ମଧ୍ୟରୁ ପୂର୍ତ୍ତ ବିଭାଗ ଦ୍ୱାରା 42 ଟି ରାସ୍ତା ଗ୍ରହଣ କରାଯାଇଛି, ଯାହା ***ପରିଶିଷ୍ଟ 5.11*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

ଏହାର ଉତ୍ତରରେ, ସରକାର ଦର୍ଶାଇଲେ (ମଇ 2022) ଯେ ରାସ୍ତାଗୁଡ଼ିକ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି । ଗୃହ ଓ ନଗର ଉନ୍ନୟନ ବିଭାଗର କୌଣସି ଭୂମିକା ନାହିଁ । ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହସ୍ତାନ୍ତରିତ ହୋଇଥିବା ସମସ୍ତ ରାସ୍ତା ପୂର୍ତ୍ତ ବିଭାଗ ଗ୍ରହଣ କରିନଥିଲେ । ଫଳସ୍ୱରୂପ, ଚାରି ଗୋଟି ରାସ୍ତାର ରକ୍ଷଣାବେକ୍ଷଣ କୌଣସି ବିଭାଗ ଦ୍ୱାରା ହେଉନଥିଲା ।

ଯାଞ୍ଚ ହୋଇଥିବା ୟୁଏଲ୍‌ବି ଅଧିନରେ ଥିବା ସାତଟି ରାସ୍ତାର ନଥିପତ୍ର ଯାଞ୍ଚ ଏବଂ ମିଳିତ ନିରୀକ୍ଷଣରୁ ନିମ୍ନଲିଖିତ ଘଟଣା ଉନ୍ମୋଚିତ ହେଲା:

(iii) ୟୁଏଲ୍‌ବି ଦ୍ୱାରା ରାସ୍ତାର ରକ୍ଷଣାବେକ୍ଷଣ-ୟୁଏଲ୍‌ବିରୁ ହସ୍ତାନ୍ତର ପାଇଁ ପ୍ରସ୍ତାବିତ ରାସ୍ତା କିନ୍ତୁ ପୂର୍ତ୍ତ ବିଭାଗ ଦ୍ୱାରା ଗ୍ରହଣ କରାଯାଇନାହିଁ

ପୂର୍ବ ଆଲୋଚନା ଅନୁଯାୟୀ, 92 ଟି ସହରାଞ୍ଚଳ ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପାଇଁ ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ, 56 ଟି ରାସ୍ତା ବିଭାଗ ଗ୍ରହଣ କରିନଥିଲା । ତେଣୁ, ସେହି ରାସ୍ତାଗୁଡ଼ିକର ରକ୍ଷଣାବେକ୍ଷଣ ୟୁଏଲ୍‌ବି ଦ୍ୱାରା ହେବା ଆବଶ୍ୟକ ଥିଲା । ଅଡିଟରେ ତଥାପି ଦେଖାଗଲା ଯେ କେତେକ କ୍ଷେତ୍ରରେ, ପୂର୍ତ୍ତ ବିଭାଗକୁ ରାସ୍ତା ହସ୍ତାନ୍ତର ପ୍ରସ୍ତାବ ଦିଆଯିବା ପରେ, ପୂର୍ତ୍ତ ବିଭାଗ ଦ୍ୱାରା ଏହି ରାସ୍ତାଗୁଡ଼ିକୁ ଗ୍ରହଣ ନକରିବା ସତ୍ତ୍ୱେ ୟୁଏଲ୍‌ବି ଗୁଡ଼ିକ ଉକ୍ତ ରାସ୍ତାର ମରାମତି ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରହଣ କରିନଥିଲେ । ଏହିପରି ଚାରୋଟି ରାସ୍ତାରେ କରାଯାଇଥିବା ଜାଗା ନିରୀକ୍ଷଣ ନିମ୍ନଲିଖିତରେ ପ୍ରକାଶ କରାଗଲା:

- ଗୃହ ଓ ନଗର ଉନ୍ନୟନ ବିଭାଗ, କେନ୍ଦ୍ରାପଡ଼ା ପୌରପାଳିକାର ଗୋଟିଏ ରାସ୍ତା ତିନିମୁହାଣୀ ଠାରୁ ଇଚ୍ଛାପୁର, ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଥିଲେ (ମଇ 2015) । ଅଦ୍ୟାବଧି (ଅପ୍ରେଲ 2021) ପୂର୍ତ୍ତ ବିଭାଗ ଅଧିନରେ ଥିବା କେନ୍ଦ୍ରାପଡ଼ା (ରାସ୍ତା ଓ ଘରବାଡ଼ି) ଡିଭିଜନ, ଏହି ରାସ୍ତାକୁ ନିଜ ଅଧିନକୁ ନେଇନାହାଁନ୍ତି । ବର୍ତ୍ତମାନ ଏହି ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ କୌଣସି ବିଭାଗ ସଂସ୍ଥା ଦ୍ୱାରା କରାଯାଉନାହିଁ । ମିଳିତ ସରଜମିନ ତଦନ୍ତ ସମୟରେ ରାସ୍ତାରେ କ୍ଷୟକ୍ଷତି/ ଖାଲଖମା ଗୁଡ଼ିକ ଲକ୍ଷ୍ୟ କରାଯାଇଥିଲା ।

ଫଟୋଚିତ୍ର ସଂଖ୍ୟା.- 5.1



ତିନି ମୁହାଣ ଠାରୁ ଇଚ୍ଛାପୁର ରାସ୍ତା

- ବ୍ୟାସନଗର ପୌରପାଳିକା ଦ୍ୱାରା ଗୋଟିଏ ରାସ୍ତା ଧବଳଗିରି ଛକ ଠାରୁ ମୁଣ୍ଡମାଳ ନିକଟରେ ଜୋଦାବର ଗାଁ ମଧ୍ୟ ଦେଇ ବ୍ୟାସ ସରୋବର ଛକ ପର୍ଯ୍ୟନ୍ତ ହସ୍ତାନ୍ତର ପାଇଁ ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ, ପାଣିକୋଇଲି (ରାସ୍ତା ଓ ଘରବାଡ଼ି) ଡିଭିଜନ ଗ୍ରହଣ କରିନଥିଲେ । ରାସ୍ତାଟିର ରକ୍ଷଣାବେକ୍ଷଣ ଅଥବା ବ୍ୟାସ ନଗର ପୌର ପାଳିକା ଦ୍ୱାରା ହୋଇନାହିଁ କିମ୍ବା ପାଣିକୋଇଲି (ରାସ୍ତା ଓ ଘରବାଡ଼ି) ଡିଭିଜନ ଦ୍ୱାରା ହୋଇନାହିଁ । ଧବଳଗିରି ଛକ ନିକଟରେ 00 ମିଟର, 300 ମିଟର, 400

ଫଟୋଚିତ୍ର ସଂଖ୍ୟା.- 5.2



ଧବଳପୁର ଛକ ଠାରୁ ବ୍ୟାସସରୋବର ଛକ

ମିଟର, 750 ମିଟର, 900 ମିଟର ଏବଂ 950 ମିଟରରେ ରାସ୍ତାରେ କ୍ଷୟକ୍ଷତି ହେବା ସହ ଖାଲଖମା ମଧ୍ୟ ଦେଖାଯାଇଥିଲା ।.

- ଗୃହ ଓ ନଗର ଉନ୍ନୟନ ବିଭାଗ, ବ୍ରହ୍ମପୁର ମହାନଗର ନିଗମ ଅଧିନରେ ଥିବା ଗୋଟିଏ ରାସ୍ତା କଂଗ୍ରେସ ଭବନ ଛକ ଠାରୁ ବିଜିପୁର ଛକ ପର୍ଯ୍ୟନ୍ତ, ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଥିଲେ (ଅପ୍ରେଲ 2013) । କିନ୍ତୁ, ଗଞ୍ଜାମ (ରାସ୍ତା ଓ ଘରବାଡ଼ି) ଡିଭିଜନ ଏହି ରାସ୍ତାକୁ ଗ୍ରହଣ କରିନାହାଁନ୍ତି । ରାସ୍ତାର ରକ୍ଷଣାବେକ୍ଷଣ ଏବଂ ବିକାଶ ମଇ 2013 ଠାରୁ ହେଉନାହିଁ । ମିଳିତ କାର୍ଯ୍ୟ ସ୍ଥଳୀ ତଦନ୍ତ ସମୟରେ ରାସ୍ତାରେ ଖାଲଖମା ଲକ୍ଷ୍ୟ କରାଯାଇଥିଲା ।

ଫଟୋଚିତ୍ର ସଂଖ୍ୟା.- 5.3



କଂଗ୍ରେସ ଭବନ ଛକରୁ ବିଜାପୁର

- ଭଦ୍ରକ ପୌରପାଳିକା (ସେପ୍ଟେମ୍ବର 2019) ରେ ପାରିତ ହୋଇଥିବା ସଂକଳ୍ପ ଅନୁଯାୟୀ, ଜାତୀୟ ରାଜପଥ 16 ରୁ ଶନି ମନ୍ଦିର ପର୍ଯ୍ୟନ୍ତ ନୂତନ ବସ୍ ଷ୍ଟାଣ୍ଡ ଦେଇ ଏକ ରାସ୍ତା, ବିକାଶ ଓ ମରାମତି / ରକ୍ଷଣାବେକ୍ଷଣ ପାଇଁ ଭଦ୍ରକ (ରାସ୍ତା ଓ ଘରବାଡ଼ି) ବିଭାଜନ ହସ୍ତାନ୍ତରିତ ହେବା ଥିଲା । ରାସ୍ତାଟି ଏପର୍ଯ୍ୟନ୍ତ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇନାହିଁ (ଜୁଲାଇ 2021) । ଏହି ରାସ୍ତାର ମିଳିତ କାର୍ଯ୍ୟ ସ୍ଥଳୀ ପରିଦର୍ଶନ ସମୟରେ ଦେଖାଗଲା ଯେ ବିଭିନ୍ନ ସ୍ଥାନରେ କ୍ଷତିଗ୍ରସ୍ତ ହୋଇଥିବା/ ଉଠିଯାଇଥିବା/ ନଷ୍ଟ ହୋଇଯାଇଥିବା ସିମେଣ୍ଟ କଂକ୍ରିଟ୍ ପ୍ୟାଚ୍‌ର ମରାମତି ଆବଶ୍ୟକ ।

ଫଟୋଚିତ୍ର ସଂଖ୍ୟା.-5.4



ଏନ୍‌ଏଚ୍ 16 ରୁ ଶନି ମନ୍ଦିର ଭାୟା ନୂଆ ବସ୍ ଷ୍ଟାଣ୍ଡ

ଏହାର ଉତ୍ତରରେ, ସରକାର ଦର୍ଶାଇଲେ (ମଇ 2022)
ଯେ ଅର୍ଥ କମିଶନ ଠାରୁ ପ୍ରାପ୍ତ ଅନୁଦାନ ଏବଂ ନିଜସ୍ୱ ପାଣ୍ଠିକୁ ବ୍ୟବହାର କରି ୟୁଏଲ୍‌ବିଗୁଡ଼ିକ ସହରାଞ୍ଚଳ ରାସ୍ତାଗୁଡ଼ିକୁ ପର୍ଯ୍ୟାୟକ୍ରମେ ରକ୍ଷଣାବେକ୍ଷଣ କରୁଛନ୍ତି । ତଥାପି, ପୂର୍ତ୍ତ ବିଭାଗକୁ ରାସ୍ତା ହସ୍ତାନ୍ତର ପ୍ରସ୍ତାବକୁ ଗ୍ରହଣ ନକରିବା ପର ଠାରୁ ଦୁଇ ରୁ ଆଠ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ୟୁଏଲ୍‌ବିଗୁଡ଼ିକ ଦ୍ୱାରା ରାସ୍ତା ଗୁଡ଼ିକର ରକ୍ଷଣାବେକ୍ଷଣ ନକରିବା ଘଟଣା ଅଡିଟ୍ ନଜରକୁ ଆସିଥିଲା ।

(iv) ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତାର ରକ୍ଷଣାବେକ୍ଷଣ ନହେବା- ୟୁଏଲ୍‌ବିରୁ ହସ୍ତାନ୍ତରିତ ଏବଂ ପୂର୍ତ୍ତ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ରାସ୍ତା

ଯେପରି ପୂର୍ବରୁ ଆଲୋଚନା କରାଯାଇଛି, ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ପୂର୍ତ୍ତ ବିଭାଗକୁ ହସ୍ତାନ୍ତରିତ ହେବାକୁ ଥିବା 92 ଟି ସହରାଞ୍ଚଳ ରାସ୍ତା ପ୍ରସ୍ତାବ ମଧ୍ୟରୁ କେବଳ 42 ଟି ରାସ୍ତା ପୂର୍ତ୍ତ ବିଭାଗ ଗ୍ରହଣ କରିଥିଲେ । ଏହି 42 ରାସ୍ତା ମଧ୍ୟରୁ କରାଯାଇଥିବା କାର୍ଯ୍ୟ ସ୍ଥଳୀ ନିରୀକ୍ଷଣ ନିମ୍ନରେ ପରିଲକ୍ଷିତ ହେଲା:

- ବ୍ୟାସ ନଗର ପୌରପାଳିକା ଅଧିନରେ ଥିବା ଏକ ରାସ୍ତା ନାହାକା ବାଇ ପାସ୍ ଠାରୁ ଚାନ୍ଦମା ହିଙ୍ଗୁଳା ଦେଇ କହ୍ନେଇପୁର ନିକଟସ୍ଥ ଜାତୀୟ ରାଜପଥ 215 ପର୍ଯ୍ୟନ୍ତ ପାଣିକୋଇଲି (ରାସ୍ତା ଓ ଘରବାଡ଼ି) ବିଭାଜନକୁ ହସ୍ତାନ୍ତରିତ କରାଯାଇଥିଲା (ଜୁଲାଇ 2014) ଏବଂ ଏହା ପୂର୍ତ୍ତ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିଲା । ରାସ୍ତାର ସରଜମିନ ତଦନ୍ତ (ଅଗଷ୍ଟ 2021) ସମୟରେ କ୍ଷୟକ୍ଷତି ଏବଂ ଖାଲଗୁଡ଼ିକ ଲକ୍ଷ୍ୟ କରାଯାଇଥିଲା, ଯାହା ସୁଚାଇ ଦେଉଛି ଯେ କାର୍ଯ୍ୟ ବିଭାଗକୁ ରାସ୍ତା ହସ୍ତାନ୍ତର ସତ୍ତ୍ୱେ, ରାସ୍ତାଗୁଡ଼ିକ ଠିକ୍ ଭାବରେ ରକ୍ଷଣାବେକ୍ଷଣ କରାଯାଇ ନାହିଁ ।

ଫଟୋଚିତ୍ର ସଂଖ୍ୟା 5.5



ନହକା ବାଇ ପାସ୍ ରୁ ଏଚ୍ ଏଚ୍-215

- ଭବାନୀପାଟଣା ୟୁଏଲ୍‌ବି ଅଧୀନରେ ଥିବା ଏକ ରାସ୍ତା ଜାତୀୟ ରାଜପଥ-26 ଠାରୁ ଭବାନୀପାଟଣା ରେଳ ଷ୍ଟେସନ ଦେଇ ଜାତୀୟ ରାଜପଥ-16 ପର୍ଯ୍ୟନ୍ତ ଭବାନୀପାଟଣା ୟୁଏଲ୍‌ବି ଦ୍ୱାରା ପୂର୍ତ୍ତ ବିଭାଗକୁ ହସ୍ତାନ୍ତରିତ କରାଯାଇଥିଲା (ମଇ 2014) । ଛଅ ବର୍ଷ ପୂର୍ବେ ରାସ୍ତା ହସ୍ତାନ୍ତର ସତ୍ତ୍ୱେ, ଏହାର ବିକାଶ ହୋଇପାରି ନାହିଁ । ରାସ୍ତାର ଅବସ୍ଥା ସଂଲଗ୍ନ ଫଟୋଗ୍ରାଫରେ ଦର୍ଶାଯାଇଛି ।

ଫଟୋଚିତ୍ର ସଂଖ୍ୟା 5.6



ଏନ୍ ଏଚ୍-26 ରୁ ଏସ୍ ଏଚ୍-16 ଭାୟା ଭବାନୀପାଟଣା ରେଲୱେ ଷ୍ଟେସନ

- ଏକ ରାସ୍ତା ପୁରୁଣା ବଜାର ଛକ ଠାରୁ ବଖାରୀ ବାବା ଆସ୍ଥାନା ଓ ବାହାଲି ଛକ ଦେଇ ସଂଗତ ଛକ ପର୍ଯ୍ୟନ୍ତ, ଯାହା ଭଦ୍ରକ ପୌରପାଳିକା ଅଧିନରେ ଅବସ୍ଥିତ, ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ପୂର୍ତ୍ତ ବିଭାଗକୁ ହସ୍ତାନ୍ତରିତ (ନଭେମ୍ବର 2014) ହୋଇଥିଲା ଏବଂ ଏହା ପୂର୍ତ୍ତ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିଲା (ଫେବୃଆରୀ 2015) । ତେବେ ରାସ୍ତାଟି ବିଭାଗର ହିସାବକୁ ନିଆଯାଇ ନାହିଁ । ରାସ୍ତାର ମିଳିତ ଯାଞ୍ଚ ବେଳେ ଦେଖାଗଲା ଯେ ସଂଗତ ଛକ ଠାରୁ ବାହାରି ଛକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଖରାପ ଥିଲା ଯାହା ଫଟୋରେ ଦର୍ଶାଯାଇଛି ।

ଫଟୋଚିତ୍ର ସଂଖ୍ୟା -5.7



ପୁରୁଣାବଜାର ଛକରୁ ସଙ୍ଗତ ଛକ

ଏହିପରି ରକ୍ଷଣାବେକ୍ଷଣ ଅଭାବରୁ ଜଣାଗଲା ଯେ ୟୁଏଲ୍‌ବି ଗୁଡ଼ିକ ସେମାନଙ୍କର ଆବଶ୍ୟକତାର ଯତ୍ନ ନେବାକୁ ଯଥେଷ୍ଟ ସକ୍ଷମ ହୋଇନଥିଲେ ଏବଂ ବିଦ୍ୟମାନ ସଂରଚନା ଉପରେ ନିର୍ଭରଶୀଳ ଥିଲେ ଯାହା ପ୍ରତିକ୍ରିୟାଶୀଳ ନଥିଲା ।

ଏହାର ଉତ୍ତରରେ, ବିଭାଗ ବ୍ୟକ୍ତ କଲେ (ମଇ 2022) ଯେ ପୂର୍ତ୍ତ ବିଭାଗରୁ ଏ ସମ୍ପର୍କରେ ସୂଚନା ମଗାଯାଇଛି ଏବଂ ତାହା ହସ୍ତଗତ ହେବା ପରେ ଅନୁପାଳନ ଦାଖଲ କରାଯିବ ।.

ସୁପାରିଶ :

6. ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ରାସ୍ତା କାର୍ଯ୍ୟ କାର୍ଯ୍ୟକାରୀ କରିବା ପାଇଁ ସରକାର ଏକ ନିରପେକ୍ଷ ମୂଲ୍ୟାୟନ ପ୍ରଣାଳୀ ସ୍ଥାପନ କରିପାରନ୍ତି ।

ଭାଗ -IV

ଏହି ଭାଗରେ ୟୁଏଲ୍‌ବିଗୁଡ଼ିକର ଆର୍ଥିକ ସମ୍ବଳ ପରିଚାଳନା ବିଷୟରେ ଆଲୋଚନା କରାଯାଇଛି । ୟୁଏଲ୍‌ବି ଗୁଡ଼ିକ ମୁଖ୍ୟତଃ ବିତ୍ତୀୟ ସ୍ଥାନାନ୍ତର ଉପରେ ଅଧିକ ନିର୍ଭରଶୀଳ ଥିଲେ ଏବଂ ବିତ୍ତୀୟ ସ୍ଥାନାନ୍ତରରେ ଅଭାବ ମୁଖ୍ୟତଃ ନିଜସ୍ୱ ରାଜସ୍ୱ ଉତ୍ପାଦନ ସ୍ଥିର ରହିବା ଏବଂ ୟୁଏଲ୍‌ବି ଗୁଡ଼ିକର ନିର୍ବାଚନ ଆୟୋଜନ, ଅଡିଟ୍ ହୋଇଥିବା ଆକାଉଣ୍ଟ ଦାଖଲ ଏବଂ ସେବା ସ୍ତରର ବେଞ୍ଚମାର୍କ ହାସଲ କରିବା ଭଳି ଅନ୍ୟାନ୍ୟ ସର୍ତ୍ତ ପୂରଣ ନ କରିବା କାରଣରୁ ହୋଇଥିଲା । ଟିକସ ହାରରେ ସଂଶୋଧନ ନହେବା, ଟିକସ ଆଦାୟ ନ କରିବା ଇତ୍ୟାଦି ମଧ୍ୟ ରାଜସ୍ୱ ଆଦାୟ ହ୍ରାସ କରିବାରେ ସହାୟକ ହୋଇଥିଲା ।

ବଜେଟ୍ ଆକଳନ ଏବଂ ବାସ୍ତବ ପାଣ୍ଠି ପ୍ରାପ୍ତି ଏବଂ ବ୍ୟୟ ପ୍ରମାଣ ମଧ୍ୟରେ ବ୍ୟାପକ ପାର୍ଥକ୍ୟ ଅବାସ୍ତବ ବଜେଟ୍ ପ୍ରସ୍ତୁତି ପ୍ରମାଣ ଥିଲା ।

5.4 ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ଆର୍ଥିକ ସମ୍ବଳ ପରିଚାଳନା

ଯେକୌଣସି କାର୍ଯ୍ୟର ଫଳପ୍ରଦ ସମ୍ପାଦନ ସୁନିଶ୍ଚିତ କରିବା ପାଇଁ ସ୍ଥାୟୀ ଅର୍ଥ ବ୍ୟବସ୍ଥା ସର୍ବୋଚ୍ଚ ଅଟେ । ପର୍ଯ୍ୟାପ୍ତ ଆର୍ଥିକ ସମ୍ବଳ ସହିତ ସମର୍ଥିତ ହେଲେ ହିଁ ୟୁଏଲ୍‌ବି ଗୁଡ଼ିକ ଦ୍ୱାରା ଏହି କାର୍ଯ୍ୟଗୁଡ଼ିକ ପ୍ରଭାବଶାଳୀ ଭାବରେ ସମ୍ପାଦନ କରାଯାଇପାରିବ । ୟୁଏଲ୍‌ବି ଗୁଡ଼ିକୁ ପୂର୍ବାନୁମାନ ଯୋଗ୍ୟ ବିତ୍ତୀୟ ହସ୍ତାନ୍ତରକୁ ଏକ ଦୃଢ଼ ବ୍ୟବସ୍ଥା ମାଧ୍ୟମରେ ସୁନିଶ୍ଚିତ କରାଯିବା ଆବଶ୍ୟକ ଯେପକିକି ରାଜ୍ୟ ଏବଂ କେନ୍ଦ୍ରୀୟ ଅର୍ଥ ଆୟୋଗ ସୁପାରିଶକୁ ଅନୁପାଳନ କରିବା, ଏହି ସୁପାରିଶ ଆଧାରରେ ଠିକ୍ ସମୟରେ ପାଣ୍ଠି ପ୍ରଦାନ କରିବା ଏବଂ ନିର୍ଦ୍ଦିଷ୍ଟ ରାଜସ୍ୱ ସ୍ରୋତରୁ ଆଦାୟ କରିବାର କ୍ଷମତା ସହିତ ନିଜସ୍ୱ ରାଜସ୍ୱର ଉତ୍ସରେ ପ୍ରବେଶ କରିବା ।

5.4.1 ୟୁଏଲ୍‌ବି ଗୁଡ଼ିକରେ ପାଣ୍ଠିର ଉତ୍ସ

2015-16 ଆର୍ଥିକ ବର୍ଷରୁ 2019-20 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରାଜ୍ୟରେ ୟୁଏଲ୍‌ବିମାନଙ୍କ ପାଖରେ ପାଣ୍ଠି ଉପଲବ୍ଧତାର ବିବରଣୀ ନିମ୍ନ ସାରଣୀରେ ଦର୍ଶାଯାଇଛି :

ସାରଣୀ 5.1: 2015-16 ଆର୍ଥିକ ବର୍ଷରୁ 2019-20 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରାଜ୍ୟର ୟୁଏଲ୍‌ବିମାନଙ୍କ ନିକଟରେ ଉପଲବ୍ଧ ପାଣ୍ଠି

(ଟଙ୍କା କୋଟିରେ)

ବର୍ଷ	ଅନୁଦାନ					ପାଣ୍ଠି ବଣ୍ଟନ[71]	ନିର୍ଦ୍ଧାରିତ ରାଜସ୍ୱ[72]	ନିଜର ରାଜସ୍ୱ			ସମୁଦାୟ ପାଣ୍ଠି	ମୋଟ ପାଣ୍ଠି ତୁଳନାରେ ପ୍ରତିଶତ
	4 ତମ ଏସ୍‌ଏଫ୍‌ସି	14ତମ ସିଏଫ୍‌ସି	ରକ୍ଷଣାବ୍ୟ ଯୋଜନା	କେନ୍ଦ୍ରୀୟ ଯୋଜନା				ଟିକସ	ଅଣଟିକସ	ମୋଟ		
				ରାଜ୍ୟ	କେନ୍ଦ୍ର							
2015-16	59.61	162.44	0.00	118.95	37.83	164.60	641.02	56.89	96.96	153.85	1,338.30	11.49
2016-17	80.48	299.52	0.00	14.37	41.56	164.60	704.00	82.89	122.50	205.39	1,509.92	13.60
2017-18	178.10	258.84	633.42	89.92	17.05	164.60	773.24	118.15	151.26	269.41	2384.58	11.30
2018-19	180.94	292.73	448.98	13.82	57.00	164.60	850.34	104.38	125.54	229.92	2238.33	10.27
2019-20	184.08	426.38	400.00	476.51	114.77	164.60	935.10	144.29	173.66	317.95	3019.39	10.53
ମୋଟ	**683.21**	**1,439.91**	**1,482.40**	**713.57**	**268.21**	**823. 00**	**3,903.70**	**506.60**	**669.92**	**1176.52**	**10,490.52**	**11.22**

(ଉତ୍ସ: ଏଚ୍‌ଆଣ୍ଡୟୁଡି ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ)

5.4.1.1 ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ବିତ୍ତୀୟ ହସ୍ତାନ୍ତର

ଅନୁଦାନ ଆକାରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତର ମାଧ୍ୟମରେ ୟୁଏଲ୍‌ବିଗୁଡ଼ିକୁ ପାଣ୍ଠି ପ୍ରଦାନ କରାଯାଇଥିଲା । ଉପରୋକ୍ତ ସାରଣୀରୁ ଜଣାପଡୁଛି ଯେ, 2015-16 ଆର୍ଥିକ ବର୍ଷରୁ 2019-20 ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟରେ ୟୁଏଲ୍‌ବି ଗୁଡ଼ିକର ପାଣ୍ଠିର ଏକ ପ୍ରମୁଖ ଅଂଶ (ହାରାହାରି 88.78 ପ୍ରତିଶତ) ସରକାରଙ୍କ ଠାରୁ ବିତ୍ତୀୟ ହସ୍ତାନ୍ତର ଅନ୍ତର୍ଭୁକ୍ତ ଥିଲା । ବିତ୍ତୀୟ ହସ୍ତାନ୍ତର ଅଧିନରେ ତୁଟି ଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଛି:

(i) ନିଜସ୍ୱ ରାଜସ୍ୱର କମ୍ ଉତ୍ପାଦନ

ସମସ୍ତ ୟୁଏଲ୍‌ବିରେ ସମୁଦାୟ ପାଣ୍ଠି ସ୍ଥିତିର ସମନ୍ୱିତ ବର୍ଷୱାରୀ ତଥ୍ୟ ଅଡିଟ୍‌କୁ ପ୍ରଦାନ କରାଯାଇ ନାହିଁ । ତେବେ ଏଚ୍‌ଆଣ୍ଡୟୁଡି ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟରୁ ଜଣାପଡ଼ିଛି ଯେ ରାଜ୍ୟରେ ୟୁଏଲ୍‌ବି ଗୁଡ଼ିକର ନିଜସ୍ୱ ରାଜସ୍ୱ ମାତ୍ର 1176.52 କୋଟି ଟଙ୍କା ଥିବା ବେଳେ ମୋଟ ପାଣ୍ଠି ଉପଲବ୍ଧତା 10,490.52 କୋଟି ଟଙ୍କା ରହିଥିଲା । ଏହା 2015-16 ରୁ 2019-20 ଆର୍ଥିକ ବର୍ଷ ମଧ୍ୟରେ ମୋଟ ପାଣ୍ଠିର ମାତ୍ର 11.22 ପ୍ରତିଶତ ଅଟେ । ୟୁଏଲ୍‌ବିଗୁଡ଼ିକ ଦ୍ୱାରା ନିଜସ୍ୱ ରାଜସ୍ୱ ଉତ୍ପାଦନ ଉକ୍ତ ସମୟ ମଧ୍ୟରେ ଉପଲବ୍ଧ ମୋଟ ପାଣ୍ଠିର ମାତ୍ର 10.27 ରୁ 13.60 ପ୍ରତିଶତ ପର୍ଯ୍ୟନ୍ତ ଥିଲା । ଏହାର ମୁଖ୍ୟ କାରଣ ହେଲା ଟିକସ ଆଦାୟ ପାଇଁ ପର୍ଯ୍ୟାପ୍ତ ମାନବ ସମ୍ବଳ ଅଭାବ, ଟିକସ ଠିକ୍ ସମୟରେ ସଂଶୋଧନ ନହେବା, ଟିକସ ରାଜସ୍ୱ ଆକଳନରେ ଅବହେଳା ଏବଂ ଅଣଟିକସ ଫି ଆଦାୟରେ ଅନିୟମିତତା ଯେପରି କି ଅନୁଚ୍ଛେଦ 5.3.3.5 ଏବଂ 5.6.2.1 ରେ ଆଲୋଚନା କରାଯାଇଛି ।

ଏହା ବ୍ୟତୀତ, ଚତୁର୍ଥ ଏସ୍‌ଏଫ୍‌ସିର ସୁପାରିଶ ଅନୁଯାୟୀ ରାଜ୍ୟରେ ଏକ ପ୍ରଭାବଶାଳୀ କେନ୍ଦ୍ରୀୟ ସମ୍ପତ୍ତି ମୂଲ୍ୟାୟନ ବୋର୍ଡ ଅଭାବରୁ, ଦୀର୍ଘ ଦିନ ଧରି ଅଟକି ରହିଥିବା ସମ୍ପତ୍ତିର ନିୟମିତ ପୁନଃମୂଲ୍ୟାୟନ ମାଧ୍ୟମରେ ୟୁଏଲ୍‌ବି ଗୁଡ଼ିକର ରାଜସ୍ୱ କ୍ଷମତା ବୃଦ୍ଧି କରାଯାଇ ପାରିବ ନାହିଁ ।

---

[71] ପାଣ୍ଠି ବଣ୍ଟନ ହେଉଛି ରାଜ୍ୟ ଅର୍ଥ ଆୟୋଗ ଦ୍ୱାରା ସୁପାରିଶ କରାଯାଇଥିବା ପାଣ୍ଠି ଯାହା ନିର୍ଦ୍ଦିଷ୍ଟ ସହମତି ଅନୁପାତ ଏବଂ ନୀତି ଉପରେ ରାଜ୍ୟ ସମ୍ବଳରୁ ସ୍ଥାନୀୟ ସଂସ୍ଥାଗୁଡ଼ିକର ଅଧିକାର ଭାବରେ ସୁପାରିଶ କରାଯାଏ ଏବଂ ସ୍ଥାନୀୟ ସଂସ୍ଥାଗୁଡ଼ିକର ନିଜସ୍ୱ ପ୍ରାଥମିକତା ଏବଂ ନିଷ୍ପତ୍ତି ଅନୁଯାୟୀ ବ୍ୟବହୃତ ହୁଏ ।

[72] ରାଜ୍ୟ ସରକାରଙ୍କ ଦ୍ୱାରା ଆଦାୟ କରାଯାଇଥିବା ପ୍ରବେଶ ଟିକସରୁ ୟୁଏଲ୍‌ବି ଗୁଡ଼ିକୁ ରାଜ୍ୟ ଦ୍ୱାରା ଦିଆଯାଇଥିବା ରାଜସ୍ୱକୁ ନିର୍ଦ୍ଧାରିତ ରାଜସ୍ୱ କୁହାଯାଏ ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ମଇ 2022) ଯେ ନିଜସ୍ୱ ରାଜସ୍ୱ ଆଦାୟ ପାଇଁ ଏଚ୍‌ଆଣ୍ଡୟୁଡି ବିଭାଗ ବିଭିନ୍ନ ପଦକ୍ଷେପ ନେଉଛି ଯେପରିକି (କ) ଶ୍ରେଷ୍ଠ ପ୍ରଦର୍ଶନ କାରୀ ୟୁଏଲ୍‌ବି ମାନଙ୍କୁ ପ୍ରଶଂସା ଓ ପୁରସ୍କାର ସହିତ ପ୍ରତିଯୋଗିତାମୂଳକ ଢଙ୍ଗରେ ନିଜସ୍ୱ ରାଜସ୍ୱ ଆଦାୟ ଉପରେ ମ୍ୟୁନିସିପାଲିଟି ପ୍ରିମିୟର ଲିଗ୍ ଆୟୋଜନ କରିବା, (ଖ) ଜଳସାଥି ଏବଂ ଅନ୍ୟାନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଆଦାୟ ରାଜସ୍ୱ ବଦଳରେ ନିର୍ଦ୍ଦିଷ୍ଟ ପ୍ରତିଶତ ଆବଣ୍ଟନ ଏବଂ (ଗ) ସମ୍ପତ୍ତିର ଆକଳନ ପାଇଁ ରାଜ୍ୟର ସମସ୍ତ ୟୁଏଲ୍‌ବି ମାନଙ୍କୁ ସହାୟତା କରିବା ପାଇଁ ଏକ ମୂଲ୍ୟାଙ୍କନ ସଂଗଠନ ଗଠନ କରିବା ଟିକସ । ତେବେ ବାସ୍ତବତା ହେଉଛି 2015-16 ରୁ 2019-20 ମଧ୍ୟରେ ମୋଟ ପାଣ୍ଠିର ମାତ୍ର 11.22 ପ୍ରତିଶତ ରାଜସ୍ୱ ଥିଲା ।

ସୁପାରିଶ :

7. ୟୁଏଲ୍‌ବି ମାନେ ସେମାନଙ୍କ ଆତ୍ମନିର୍ଭରତା ପାଇଁ ନିଜସ୍ୱ ରାଜସ୍ୱ ସୃଷ୍ଟି କରିବାର ଉପାୟ ଆକଳନ ଏବଂ ଅନୁସନ୍ଧାନ କରିବା ଆବଶ୍ୟକ ।

(ii) ଏସ୍‌ଏଫ୍‌ସି ସୁପାରିଶ ଉପରେ ରାଜ୍ୟ ସରକାରଙ୍କ ପ୍ରତିକ୍ରିୟା

ଅର୍ଥ ବିଭାଗ, ଜିଓଓ ଦ୍ୱାରା ପ୍ରକାଶିତ ଏସ୍‌ଏଫ୍‌ସି ସୁପାରିଶ ଉପରେ ଆକ୍ସନ ଟେକନ୍ ରିପୋର୍ଟ(ଏଟିଏନ୍) ଅନୁଯାୟୀ ସଂସ୍ଥାଗତ ଏବଂ ଢାଞ୍ଚାଗତ ସୁଦୃଢ଼ୀକରଣ, ସମ୍ବଳ ଉତ୍ପାଦନ ଏବଂ ଆଇନଗତ ପ୍ରତିବନ୍ଧକ ତଥା ସାଧାରଣ ସମସ୍ୟା ସମ୍ବନ୍ଧୀୟ ସୁପାରିଶ ଏବଂ ପରାମର୍ଶକୁ ରାଜ୍ୟ ସରକାର ବିସ୍ତୃତ ଭାବରେ ଅନୁଧ୍ୟାନ କରୁଛନ୍ତି । ସମ୍ପୃକ୍ତ ବିଭାଗ ଗୁଡ଼ିକ ଏକ ଉଚ୍ଚସ୍ତରୀୟ ମନିଟରିଂ କମିଟି ସହ ପରାମର୍ଶ କରି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏଭଳି ସୁପାରିଶ ଏବଂ ପରାମର୍ଶଗୁଡ଼ିକୁ ମେରିଟ୍ ଉପରେ ଅନୁଧ୍ୟାନ କରି ଉପଯୁକ୍ତ ଅନୁସରଣ ପଦକ୍ଷେପ ଗ୍ରହଣ କରିବାର ଥିଲା । ତେଣୁ, ରାଜ୍ୟ ସରକାର ଏସ୍‌ଏଫ୍‌ସିର ସୁପାରିଶକୁ ଟୋଟୋ କିମ୍ବା କେତେକ ସଂଶୋଧନ ସହିତ ଗ୍ରହଣ କରିପାରିବେ ।

ଏ ସଂକ୍ରାନ୍ତରେ ଅଡିଟରୁ ଜଣାପଡ଼ିଛି ଯେ ରାଜ୍ୟ ସରକାର କେତେକ ସୁପାରିଶକୁ ସଂଶୋଧନ ସହ ଗ୍ରହଣ କରିଥିବା ବେଳେ ଅନ୍ୟ ସୁପାରିଶ ଉପରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ପାଣ୍ଠି ହସ୍ତାନ୍ତର ସଂକ୍ରାନ୍ତରେ ରାଜ୍ୟ ସରକାର ଗ୍ରହଣ କରିଥିବା ଏସ୍‌ଏଫ୍‌ସି ଭିତ୍ତିକ ଗୁରୁତ୍ୱପୂର୍ଣ୍ଣ ସୁପାରଶ ଓ ପଦକ୍ଷେପ ଗୁଡ଼ିକ ***ପରିଶିଷ୍ଟ 5.12*** ରେ ଦିଆଯାଇଛି ।

ଉତ୍ତରରେ, ସରକାର ବ୍ୟକ୍ତ କଲେ (ମଇ 2022) ଯେ, ରାଜ୍ୟ ସରକାର ସମସ୍ତ ସୁପାରିଶକୁ ଗ୍ରହଣ କରିଛନ୍ତି ଯାହା କାର୍ଯ୍ୟକାରୀ କରିବା ପାଇଁ ଉପଯୋଗୀ ଅଟେ ଏବଂ ବିଭିନ୍ନ ସମୟରେ ବିଭିନ୍ନ ରାଜ୍ୟ ଫାଇନାନ୍ସ କମିଶନ ଦ୍ୱାରା ଦିଆଯାଇଥିବା ପରାମର୍ଶ ଆଧାରରେ କାର୍ଯ୍ୟ କରିଥାଏ । କିନ୍ତୁ, ବାସ୍ତବତା ହେଉଛି ଯେ ସରକାର ଏସ୍‌ଏଫସିର କେତେକ ସୁପାରିଶକୁ ସଂଶୋଧନ ସହ ଗ୍ରହଣ କରିଛନ୍ତି ଏବଂ ଅନ୍ୟ ସୁପାରିଶ ଗୁଡ଼ିକ ସମ୍ପର୍କରେ କୌଣସି ପଦକ୍ଷେପ ନେଇନାହାଁନ୍ତି ।

(iii) ରାଜ୍ୟ ଅର୍ଥ ଆୟୋଗ ଅନୁଦାନ ପାଣ୍ଠି କମ୍ ପ୍ରଦାନ

74ତମ ସିଏଏ ଅନୁଯାୟୀ, ରାଜ୍ୟ ସରକାରଙ୍କ ଦ୍ୱାରା ଏସ୍‌ଏଫ୍‌ସି ଗଠନ କରିବାକୁ ପଡ଼ିବ । ଏସ୍‌ଏଫ୍‌ସି ଏହାର ରିପୋର୍ଟରେ ୟୁଏଲ୍‌ବି ଗୁଡ଼ିକୁ କେତେ ପରିମାଣର ପାଣ୍ଠି ପ୍ରଦାନ କରିବାକୁ ସୁପାରିଶ କରିଛି । ଏହାପରେ ରାଜ୍ୟ ସରକାର ଏହାର ସ୍ୱୀକୃତି ପାଇଁ ସୁପାରିଶ ଗୁଡ଼ିକୁ ବିଚାର କରିବା ଆବଶ୍ୟକ ଏବଂ ଗ୍ରହଣ କରିବା ପରେ ୟୁଏଲ୍‌ବି ଗୁଡ଼ିକୁ ଅନୁଦାନ ପ୍ରଦାନ କରିବା ଆବଶ୍ୟକ । ଏସ୍‌ଏଫ୍‌ସିର ସୁପାରିଶ ଆଧାରରେ ପ୍ରଦାନ କରାଯାଉଥିବା ଅନୁଦାନ ୟୁଏଲ୍‌ବିର ଅର୍ଥର ଅନ୍ୟତମ ଉତ୍ସ ।

କେତେକ ରାଜ୍ୟ ସରକାର ଏସ୍‌ଏଫ୍‌ସି ଅନୁଦାନ ସମ୍ପୂର୍ଣ୍ଣ ପ୍ରଦାନ କରୁନଥିବା ଅଭିଯୋଗ ହେଉଥିଲା । ଏସ୍‌ଏଫ୍‌ସି ଅନୁଦାନ ଅଧିନରେ ପାଣ୍ଠିର ସଂକ୍ଷିପ୍ତ ମୁକ୍ତି ନିମ୍ନ ସାରଣୀରେ ଦର୍ଶାଯାଇଛି:

ସାରଣୀ 5.2: ଏସ୍‌ଏଫ୍‌ସି ଅନୁଦାନ ଅଧିନରେ ୟୁଏଲ୍‌ବି ଗୁଡ଼ିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପାଣ୍ଠି ପ୍ରଦାନର ସଂକ୍ଷିପ୍ତ ଅବଧି

(ଟଙ୍କା କୋଟିରେ)

ଆର୍ଥିକ ବର୍ଷ	ଏସ୍‌ଏଫ୍‌ସିର ସୁପାରିଶ ଅନୁଯାୟୀ ପାଣ୍ଠି ବଣ୍ଟନ				
	ରାଜ୍ୟର ମୋଟ ନିଟ୍ ଟିକସ ରାଜସ୍ୱ	ଏସ୍‌ଏଫ୍‌ସି ଦ୍ୱାରା ସୁପାରିଶ କରାଯାଇଥିବା ପାଣ୍ଠିର ବଣ୍ଟନ (0.75 *ରାଜ୍ୟର ନିଟ୍ ଟିକସ ରାଜସ୍ୱର ପ୍ରତିଶତ*)	ୟୁଏଲ୍‌ବି ଗୁଡ଼ିକୁ ପ୍ରଦାନ କରାଯାଇଥିବା ପାଣ୍ଠିର ପରିମାଣ	ଅର୍ଥ ଅଭାବ ଦେଖାଦେଇଛି	ଅଭାବର ପ୍ରତିଶତ
2015-16	22,526.96	168.95	164.60	4.35	2.57
2016-17	22,852.39	171.39	164.60	6.79	8.63
2017-18	27,913.81	209.35	164.60	44.75	21.38
2018-19	30,318.33	227.39	164.60	62.79	27.61
2019-20	32,315.18	242.36	164.60	77.76	32.08
ମୋଟ	**1,35,926.67**	**1,019.44**	**823.00**	**196.44**	**19.27**

(ଉତ୍ସ: ମ୍ୟୁନିସିପାଲ ପ୍ରଶାସନ ଏବଂ ରାଜ୍ୟ ଆର୍ଥିକ କମିଶନ ରିପୋର୍ଟ)

ତେଣୁ, 2015-16 ଆର୍ଥିକ ବର୍ଷରୁ 2019-20 ଆର୍ଥିକ ବର୍ଷ ମଧ୍ୟରେ ଏସ୍‌ଏଫ୍‌ସିର ସୁପାରିଶ ସତ୍ତ୍ୱେ ରାଜ୍ୟ ସରକାର କୌଣସି କାରଣ ନ ଦର୍ଶାଇ ୟୁଏଲ୍‌ବି ଗୁଡ଼ିକୁ ସମାନ ଭାବେ ପାଣ୍ଠି ପ୍ରଦାନ କରିଛନ୍ତି । ରାଜ୍ୟ ସରକାରଙ୍କ ଦ୍ୱାରା ୟୁଏଲ୍‌ବିକୁ ପାଣ୍ଠି ହସ୍ତାନ୍ତରରେ ଅଳ୍ପ ହ୍ରାସ ନିମ୍ନ ଚାର୍ଟରେ ଦର୍ଶାଯାଇଛ:

ଚାର୍ଟ: 5.2 ରାଜ୍ୟ ସରକାରଙ୍କ ଦ୍ୱାରା ୟୁ ଏଲ୍‌ବିକୁ ପାଣ୍ଠି ହସ୍ତାନ୍ତରରେ ଅଳ୍ପ ହ୍ରାସ



ଏହାର ଉତ୍ତରରେ କେନ୍ଦ୍ର ସରକାର କହିଲେ ଯେ ଚତୁର୍ଥ ଏସ୍‌ଏଫ୍‌ସି ବାର୍ଷିକ 164.60 କୋଟି ଟଙ୍କାର ନିର୍ଦ୍ଧାରିତ ରାଶି ହସ୍ତାନ୍ତର ପାଇଁ ସୁପାରିଶ କରିଥିଲା । ସେହି ଅନୁଯାୟୀ ସରକାର 2015-20 ଅବଧି ପାଇଁ ଏହି ରାଶି ହସ୍ତାନ୍ତର କରିଥିଲେ ।

ଉତ୍ତର ଗ୍ରହଣୀୟ ନୁହେଁ କାରଣ ଏସ୍‌ଏଫ୍‌ସି ରାଜ୍ୟର ନିଟ୍ ଟିକସ ରାଜସ୍ୱର 0.75 ପ୍ରତିଶତ ହାରରେ ୟୁଏଲ୍‌ବି ଗୁଡ଼ିକୁ ପାଣ୍ଠି ପ୍ରଦାନ କରିବାକୁ ସୁପାରିଶ କରିଥିଲା ଏବଂ ରାଜ୍ୟ ସରକାର ମଧ୍ୟ ଏହି ସୁପାରିଶକୁ ଗ୍ରହଣ କରିଥିଲେ ।

(iv) ଚତୁର୍ଥ କେନ୍ଦ୍ରୀୟ ଅର୍ଥ ଆୟୋଗ କାର୍ଯ୍ୟଦକ୍ଷତା ଅନୁଦାନ ଓ ମୌଳିକ ଅନୁଦାନ ପ୍ରଦାନ

14 ତମ କେନ୍ଦ୍ରୀୟ ଅର୍ଥ ଆୟୋଗ (ସିଏଫ୍‌ସି) ନିମ୍ନଲିଖିତ ପ୍ରସଙ୍ଗଗୁଡ଼ିକର ସମାଧାନ ସତ୍ତ୍ୱେ ଓଡ଼ିଶାର ୟୁଏଲ୍‌ବି ଗୁଡ଼ିକୁ 354.51 କୋଟି ଟଙ୍କାର କାର୍ଯ୍ୟଦକ୍ଷତା ଅନୁଦାନ ଦେବାକୁ ସୁପାରିଶ କରିଥିଲେ: (କ) ଅଡିଟ୍ ହୋଇଥିବା

ହିସାବ ମାଧ୍ୟମରେ ସ୍ଥାନୀୟ ସଂସ୍ଥାଗୁଡ଼ିକର ଆୟ ଏବଂ ଖର୍ଚ୍ଚର ନିର୍ଭରଯୋଗ୍ୟ ତଥ୍ୟ ଉପଲବ୍ଧ କରାଇବା ଏବଂ (ଖ) ନିଜସ୍ୱ ରାଜସ୍ୱ ଉତ୍ପାଦନରେ ଉନ୍ନତି ଆଣିବା । ଏହା ବ୍ୟତୀତ, ମୌଳିକ ସେବା ଗୁଡ଼ିକ ପାଇଁ ସେବା ସ୍ତରୀୟ ବେଞ୍ଚମାର୍କ ମାପ କରିବା ଏବଂ ପ୍ରକାଶ କରିବା ପାଇଁ ୟୁଏଲ୍‌ବି ଗୁଡ଼ିକ ଆବଶ୍ୟକ ଥିଲା ।

ସାରଣୀ 5.3: **ଚତୁର୍ଦ୍ଦଶ ସିଏଫ୍‌ସି ଦ୍ୱାରା ସୁପାରିଶ କରାଯାଇଥିବା ଅନୁଦାନ ପ୍ରଦାନ**

(ଟଙ୍କା କୋଟିରେ)

ବର୍ଷ	ଅନୁଦାନ ସୁପାରିଶ କରାଯାଇଛି		ଅନୁଦାନ ପ୍ରାପ୍ତ ହୋଇଛି		ୟୁଏଲ୍‌ବିକୁ ଅନୁଦାନ ପ୍ରଦାନ		ୟୁଏଲ୍‌ବି ଗୁଡ଼ିକ ଦ୍ୱାରା ଅନୁଦାନ ପ୍ରାପ୍ତିର ସଂକ୍ଷିପ୍ତ ପ୍ରାପ୍ତି	
	ମୌଳିକ	କାର୍ଯ୍ୟଦକ୍ଷତା	ମୌଳିକ	କାର୍ଯ୍ୟଦକ୍ଷତା	ମୌଳିକ	କାର୍ଯ୍ୟଦକ୍ଷତା	ମୌଳିକ	କାର୍ଯ୍ୟଦକ୍ଷତା
2015-16	170.10	ନାହିଁ	162.44	ନାହିଁ	162.44	ନାହିଁ	7.66	ନାହିଁ
2016-17	235.54	69.52	231.26	68.26	231.26	68.26	4.28	1.26
2017-18	272.14	78.67	258.84	ନାହିଁ	258.84	ନାହିଁ	13.30	78.67
2018-19	314.82	89.34	292.73	ନାହିଁ	292.73	ନାହିଁ	22.09	89.34
2019-20	425.39	116.98	425.39	ନାହିଁ	426.38	ନାହିଁ	ନାହିଁ	116.98
ମୋଟ	**1,417.99**	**354.51**	**1,370.66**	**68.26**	**1,371.65**	**68.26**	**47.33**	**286.25**

(ଉତ୍ସ: ପୌର ପ୍ରଶାସନ ନିର୍ଦ୍ଦେଶକ)

2016-17 ରୁ 2019-20 ମଧ୍ୟରେ 354.51 କୋଟି ଟଙ୍କାର କାର୍ଯ୍ୟଦକ୍ଷତା ଅନୁଦାନ ପାଇଁ ସୁପାରିଶ କରାଯାଇଥିବା ବେଳେ 2016-17 ଆର୍ଥିକ ବର୍ଷରେ ରାଜ୍ୟକୁ ମାତ୍ର 68.26 କୋଟି ଟଙ୍କା ମିଳିଥିଲା, ଯାହାଫଳରେ କେନ୍ଦ୍ରୀୟ ଅନୁଦାନ 286.25 କୋଟି ଟଙ୍କା କମ୍ ମିଳିଥିଲା । ନିଜସ୍ୱ ରାଜସ୍ୱ ଉତ୍ପାଦନ ସ୍ଥିର ରହିବା ଏବଂ ୟୁଏଲ୍‌ବି ଗୁଡ଼ିକର ନିର୍ବାଚନ ଆୟୋଜନ, ଅଡିଟ୍ ହୋଇଥିବା ହିସାବ ପ୍ରଦାନ ଏବଂ ଜଳ ଯୋଗାଣ ସଂଯୋଗ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସ୍ୱେରେଜ୍ ସଂଯୋଗରେ ସେବା ସ୍ତରୀୟ ମାନଦଣ୍ଡ ହାସଲ କରିବା ଭଳି ଅନ୍ୟାନ୍ୟ ସର୍ତ୍ତ ପୂରଣ ନହେବା କାରଣରୁ ଏହା ଘଟିଛି ।

ଉତ୍ତରରେ, ସରକାର ବ୍ୟକ୍ତ କଲେ (ମଇ 2022) ଯେ ୟୁଏଲ୍‌ବି ଗୁଡ଼ିକର କାର୍ଯ୍ୟଦକ୍ଷତା ଅନୁଦାନ ଦାବି ପ୍ରଦାନ ପାଇଁ ଭାରତ ସରକାରଙ୍କ ନିକଟରେ ଦାଖଲ କରାଯାଇଛି । କିନ୍ତୁ, ଏହି ପ୍ରସଙ୍ଗ ଉପରେ ଏପର୍ଯ୍ୟନ୍ତ କୌଣସି ଉତ୍ତର ମିଳିନାହିଁ । ଉତ୍ତର ଗ୍ରହଣୀୟ ନୁହେଁ କାରଣ 114 ଟି ୟୁଏଲ୍‌ବି ମଧ୍ୟରୁ ମାତ୍ର ଅଳ୍ପ କିଛି ପ୍ରଦର୍ଶନ ଅନୁଦାନ ପାଇଁ ଯୋଗ୍ୟ ଥିଲେ ।

ସୁପାରିଶ :

8. ସରକାର ବାକି ଥିବା ଏସ୍‌ଏଫ୍‌ସି ଅନୁଦାନ ଠିକ୍ ସମୟରେ ପ୍ରଦାନ କରିବା ଉପରେ ବିଚାର କରିପାରିବେ ଏବଂ ୟୁ ଏଲ୍‌ବି ଗୁଡ଼ିକ ଖର୍ଚ୍ଚ ପୂରଣ କରିବା ପାଇଁ ସେମାନଙ୍କର ଆର୍ଥିକ ସମ୍ବଳ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାରଙ୍କଠାରୁ କାର୍ଯ୍ୟଦକ୍ଷତା ଅନୁଦାନ ପ୍ରାପ୍ତ ହେବେ ।

(v) ହୋଲ୍ଡିଂ ଟିକସ ଆଦାୟ ବାକି ରହିବା

ଓଏମ୍‌ଏ 1950 ର ଧାରା 131 ଅନୁଯାୟୀ, ହୋଲ୍ଡିଂ ଟିକସ ହେଉଛି ମ୍ୟୁନିସିପାଲିଟି ମଧ୍ୟରେ ଥିବା ଏକ ସମ୍ପତ୍ତି (କୋଠା) ର ମାଲିକଙ୍କ ଉପରେ ଆଦାୟ କରାଯାଉଥିବା ଏକ ଟିକସ, ଯାହା ଏହାର ବାର୍ଷିକ ମୂଲ୍ୟ ଆଧାରରେ ଆକଳନ କରାଯାଏ । 2015-16 ଆର୍ଥିକ ବର୍ଷରୁ 2019-20 ଆର୍ଥିକ ବର୍ଷ ମଧ୍ୟରେ ପରୀକ୍ଷଣ କରାଯାଇଥିବା ୟୁଏଲ୍‌ବି ସମ୍ପର୍କରେ ହୋଲ୍ଡିଂ ଟିକସ ସଂଗ୍ରହର ବିବରଣୀ ନିମ୍ନ ସାରଣୀରେ ଦିଆଯାଇଛି:

ସାରଣୀ 5.4: ହୋଲ୍ଡିଂ ଟିକସ ଦାବି ଓ ଆଦାୟ

(ଟଙ୍କା କୋଟିରେ**)**

ବର୍ଷ	ଦାବୀ	ଆଦାୟ	ଅବଶେଷ	ଆଦାୟର ପ୍ରତିଶତ
2015-16	84.95	42.35	42.60	49.86
2016-17	90.86	60.91	29.95	67.04
2017-18	102.21	87.23	14.98	85.34
2018-19	132.14	74.27	57.87	56.21
2019-20	143.99	111.11	32.88	77.17
ମୋଟ	**554.15**	**375.87**	**178.28**	**67.83**

ଉତ୍ସ: ୟୁଏଲ୍‌ବିଗୁଡ଼ିକର ପରୀକ୍ଷା ଯାଞ୍ଚ କରାଯାଇଥିବା ତଥ୍ୟ

2015-16 ଆର୍ଥିକ ବର୍ଷରୁ 2019-20 ଆର୍ଥିକ ବର୍ଷ ମଧ୍ୟରେ ଟିକସ ସଂଗ୍ରହକାରୀଙ୍କ ଅଭାବ ଯୋଗୁଁ 554.15 କୋଟି ଟଙ୍କା ହକ୍‌ଦାର ତୁଳନାରେ 375.87 କୋଟି ଟଙ୍କା ଆଦାୟ ହୋଇଥିବା ବେଳେ 178.28 କୋଟି ଟଙ୍କା ବାକି ରହିଛି । ଉପରୋକ୍ତ ସମୟ ମଧ୍ୟରେ ହୋଲ୍ଡିଂ ଟିକସ ଆଦାୟ 49.86 ପ୍ରତିଶତରୁ 85.34 ପ୍ରତିଶତ ରହିଥିଲା । ୟୁଏଲ୍‌ବି ଅନୁଯାୟୀ ହୋଲ୍ଡିଂ ଟିକସ ଆଦାୟ, ସଂଗ୍ରହ ଏବଂ ବକେୟା ଦେୟର ବିବରଣୀ ***ପରିଶିଷ୍ଟ 5.13*** ରେ ଦିଆଯାଇଛି ।

ଉତ୍ତରରେ, ସରକାର ବ୍ୟକ୍ତ କଲେ (ମଇ 2022) ଯେ ପୌର ରାଜସ୍ୱ ଆଦାୟ ପାଇଁ ଏଚ୍‌ଆଣ୍ଡୟୁଡି ବିଭାଗ ବିଭିନ୍ନ ପଦକ୍ଷେପ ନେଉଛି ଯେପରିକି (i) ଶ୍ରେଷ୍ଠ ପ୍ରଦର୍ଶନକାରୀ ୟୁଏଲ୍‌ବି ଗୁଡ଼ିକୁ ପ୍ରତିଯୋଗିତାମୂଳକ ଢଙ୍ଗରେ ପ୍ରଶଂସା ଓ ପୁରସ୍କାର ସହିତ ନିଜସ୍ୱ ରାଜସ୍ୱ ସଂଗ୍ରହ ଉପରେ ମ୍ୟୁନିସିପାଲିଟି ପ୍ରିମିୟର ଲିଗ୍ ଆୟୋଜନ କରିବା, (ii) ଜଳସାଥୀ ଏବଂ ଅନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଆଦାୟ ରାଜସ୍ୱ ବଦଳରେ ନିର୍ଦ୍ଦିଷ୍ଟ ପ୍ରତିଶତ ଆବଣ୍ଟନ, ଏବଂ (iii) ପୁରା ପୌରପାଳିକାରେ ପରୀକ୍ଷାମୂଳକ ଭିତ୍ତିରେ ଏକୀକୃତ ରାଜସ୍ୱ ସଂଗ୍ରହ ପଦ୍ଧତି । ତେବେ ବାସ୍ତବତା ହେଉଛି 2015-16 ରୁ 2019-20 ମଧ୍ୟରେ ହୋଲ୍ଡିଂ ଟିକସ ଆଦାୟ ଦାବିର ମାତ୍ର 67.83 ପ୍ରତିଶତ ଥିଲା ।

ସୁପାରିଶ :

9. ହୋଲ୍‌ଡିଂ ଟିକସରୁ ଫଳପ୍ରଦ ଆଦାୟ ପାଇଁ ସରକାର ୟୁଏଲ୍‌ବି ଗୁଡ଼ିକୁ ନିର୍ଦ୍ଦେଶ ନାମା ଜାରି କରିପାରିବେ ।

5.4.2 ପାଣ୍ଠି ଖର୍ଚ୍ଚର ଆବଶ୍ୟକତାର ଆକଳନ

ଓଏମ୍‌ଏ ଏବଂ ଓଏମ୍‌ସିଏ ଅନୁଯାୟୀ, ପ୍ରତ୍ୟେକ ୟୁଏଲ୍‌ବି ଏହାର ବଜେଟ୍ ପ୍ରସ୍ତୁତ କରିବା ଏବଂ ଅନୁମୋଦନ ପାଇଁ ଗଭର୍ଣ୍ଣିଂ କାଉନସିଲରେ ଉପସ୍ଥାପନ କରିବା ଆବଶ୍ୟକ । ଗଭର୍ଣ୍ଣିଂ କାଉନସିଲର ଅନୁମୋଦନ ପରେ ୟୁଏଲ୍‌ବିମାନେ ସେମାନଙ୍କ ବଜେଟ୍‌କୁ ଡିଏମ୍‌ଏ ଏବଂ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବା ଆବଶ୍ୟକ ।

74 ତମ ସିଏଏ ରେ ରାଜ୍ୟ ସରକାର / ଡିଏମ୍‌ଏରେ ୟୁଏଲ୍‌ବିମାନଙ୍କ ଦ୍ୱାରା ବଜେଟ୍ ଦାଖଲ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ । ବିକେନ୍ଦ୍ରୀକୃତ ଶାସନର ନୀତିର ବିପରୀତ, ଉଭୟ ଆଇନ୍ (ଅର୍ଥାତ୍ ଓଏମ୍‌ଏ ଏବଂ ଓଏମ୍‌ସିଏ) ବିଶେଷ ଭାବରେ ୟୁଏଲ୍‌ବି ଗୁଡ଼ିକର ବଜେଟକୁ ସଂଶୋଧନ / ଅନୁମୋଦନ କରିବାରେ ରାଜ୍ୟ ସରକାରଙ୍କ ଭୂମିକା ବିଷୟରେ ଉଲ୍ଲେଖ କରିଛନ୍ତି ।

ଯାଞ୍ଚ କରାଯାଇଥିବା ୟୁଏଲ୍‌ବି ଗୁଡ଼ିକରେ ଦେଖିବାକୁ ମିଳିଥିଲା ଯେ ୟୁଏଲ୍‌ବିର ଗଭର୍ଣ୍ଣିଂ କାଉନସିଲମାନେ ସେମାନଙ୍କ ବଜେଟ୍ ଯାଞ୍ଚ ଏବଂ ଚୂଡ଼ାନ୍ତ ଅନୁମୋଦନ ପାଇଁ ଡିଏମ୍‌ଏ ଏବଂ ରାଜ୍ୟ ସରକାରଙ୍କ ନିକଟକୁ ପଠାଇଥିଲେ ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ମଇ 2022) ଯେ, ବାର୍ଷିକ ବଜେଟ୍ ପ୍ରସ୍ତୁତିରେ ୟୁଏଲ୍‌ବି ଗୁଡ଼ିକ ମାଗଣା ୟୁଏଲ୍‌ବି ଗୁଡ଼ିକର ଗଭର୍ଣ୍ଣିଂ କାଉନସିଲମାନେ ସେମାନଙ୍କ ବଜେଟ୍ ଯାଞ୍ଚ ଏବଂ ଚୂଡ଼ାନ୍ତ ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପଠାଇଥିବାରୁ ଏହି ଉତ୍ତର ଗ୍ରହଣୀୟ ନୁହେଁ ।

5.4.2.1 ୟୁଏଲ୍‌ବି ଦ୍ୱାରା ଅବାସ୍ତବ ବଜେଟ୍ ପ୍ରସ୍ତୁତି

ରାଜ୍ୟ ସରକାରଙ୍କ ଦ୍ୱାରା ଆଶାନୁରୂପ ପାଣ୍ଠି ଆବଣ୍ଟନ ଆଧାରରେ ୟୁଏଲ୍‌ବି ଗୁଡ଼ିକ ସେମାନଙ୍କ ବଜେଟ୍ ପ୍ରସ୍ତୁତ କରିବେ ବୋଲି ଆଶା କରାଯାଏ । ବ୍ୟୟ ଆକଳନ ସ୍ଥାନୀୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସେବା ଏବଂ ଏହି ସେବାଗୁଡ଼ିକର ଯୋଗାଣ ସହିତ ଜଡ଼ିତ ଖର୍ଚ୍ଚ ଉପରେ ନିର୍ଭର କରେ ।

ଯାଞ୍ଚ କରାଯାଇଥିବା 20 ଟି ୟୁଏଲ୍‌ବିରେ ଉକ୍ତ ୟୁଏଲ୍‌ବି ଦ୍ୱାରା ପ୍ରସ୍ତୁତ ବଜେଟ୍ ଆକଳନ, ରାଜ୍ୟ ସରକାରଙ୍କ ଠାରୁ ପ୍ରକୃତ ପାଣ୍ଠି ପ୍ରାପ୍ତ ଏବଂ ସମ୍ପୃକ୍ତ ଖର୍ଚ୍ଚ ମଧ୍ୟରେ ଉଲ୍ଲେଖନୀୟ ପାର୍ଥକ୍ୟ ଦେଖିବାକୁ ମିଳିଥିଲା ଯାହା ***ପରିଶିଷ୍ଟ 5.14*** ରେ ବିସ୍ତୃତ ଭାବରେ ଉଲ୍ଲେଖ କରାଯାଇଛି । ଏହା ମଧ୍ୟ ଦେଖିବାକୁ ମିଳିଥିଲା ଯେ ୟୁଏଲ୍‌ବିମାନଙ୍କ

ନିକଟରେ ପୂର୍ବ ବର୍ଷ ଗୁଡ଼ିକର ବିପୁଳ ବଳକା ପାଣ୍ଠି ଉପଲବ୍ଧ ଥିଲା । ବଜେଟ୍ ଆକଳନର ବାସ୍ତବ ଆୟ 1.59 ରୁ 266.59 ପ୍ରତିଶତ ଏବଂ ବଜେଟ୍ ଆକଳନର ବାସ୍ତବ ଖର୍ଚ୍ଚ 0.45 ପ୍ରତିଶତରୁ 230.50 ପ୍ରତିଶତ ମଧ୍ୟରେ ରହିଥିଲା । ବଜେଟ୍ ଆକଳନ ଏବଂ ଆୟ ଓ ଖର୍ଚ୍ଚର ବାସ୍ତବ ତଥ୍ୟ ମଧ୍ୟରେ ବ୍ୟାପକ ପାର୍ଥକ୍ୟ ରହିଥିବାରୁ 2015-16 ରୁ 2019-20 ଆର୍ଥିକ ବର୍ଷ ମଧ୍ୟରେ ପୌର ସେବା ପାଇଁ ବଜେଟ୍ ଆକଳନ ବାସ୍ତବିକ ଭିତ୍ତିରେ ପ୍ରସ୍ତୁତ ହୋଇନଥିବା ସ୍ପଷ୍ଟ ହୋଇଛି ।

ଉତ୍ତରରେ ସରକାର ଜଣାଇଲେ (ମଇ 2022) ଯେ, ୟୁଏଲ୍‌ବିର ବାର୍ଷିକ ବଜେଟ୍‌ର ବିସ୍ତୃତ ପ୍ରସ୍ତୁତିରେ ହସ୍ତକ୍ଷେପ କରୁନାହାଁନ୍ତି ।

ସୁପାରିଶ :

10. ଯେହେତୁ ସରକାରଙ୍କ ଠାରୁ ଅନୁଦାନ ପ୍ରାପ୍ତି ଏବେ ବି ୟୁଏଲ୍‌ବିମାନଙ୍କର ରାଜସ୍ୱର ଏକ ପ୍ରମୁଖ ଅଂଶ ଅଟେ, ତେଣୁ ୟୁଏଲ୍‌ବି ଗୁଡ଼ିକୁ ସେମାନଙ୍କ ବଜେଟ୍ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବାରେ ସକ୍ଷମ କରିବା ପାଇଁ ବିଭାଗ ଏହାକୁ ଅଧିକ ପୂର୍ବାନୁମାନ ଯୋଗ୍ୟ କରିବା ଉଚିତ୍ ।

5.4.2.2 ସଂଗୃହୀତ ପାଣ୍ଠିର ଅବରୋଧ

2015-16 ଆର୍ଥିକ ବର୍ଷରୁ 2019-20 ଆର୍ଥିକ ବର୍ଷ ମଧ୍ୟରେ 20 ଟି ପରୀକ୍ଷିତ ୟୁଏଲ୍‌ବି ଦ୍ୱାରା ରାଜସ୍ୱ, ମିଳିଥିବା ଅନୁଦାନ ଏବଂ ଏଥିରେ ହୋଇଥିବା ଖର୍ଚ୍ଚର ବିବରଣୀ ନିମ୍ନରେ ଦିଆଯାଇଛି (ସମସ୍ତ ୟୁଏଲ୍‌ବିର ତଥ୍ୟ ଡିଏମ୍‌ଏ ଦ୍ୱାରା ପ୍ରଦାନ କରାଯାଇ ନାହିଁ) ।

ସାରଣୀ 5.5: ପରୀକ୍ଷା ଯାଞ୍ଚ କରାଯାଇଥିବା ୟୁଏଲ୍‌ବି ଗୁଡ଼ିକ ଦ୍ୱାରା ହୋଇଥିବା ପ୍ରାପ୍ତି ଏବଂ ଖର୍ଚ୍ଚ

(ଟଙ୍କା କୋଟିରେ)

ବର୍ଷ	ପ୍ରାରମ୍ଭିକ ଜମା	ପ୍ରାପ୍ତି	ମୋଟ ପାଣ୍ଠି	ଖର୍ଚ୍ଚ	ଅବଶିଷ୍ଟ ବଳକା	ମୋଟ ପାଣ୍ଠିରେ ଖର୍ଚ୍ଚ ପ୍ରତିଶତ
2015-16	1,585.16	807.46	2,392.62	718.65	1,673.97	30.04
2016-17	1,673.97	1,170.94	2,844.91	1,084.31	1,760.60	38.11
2017-18	1,760.60	1,125.39	2,885.99	1,021.53	1,864.46	35.40
2018-19	1,864.46	1,107.31	2,971.77	1,084.53	1,887.24	36.49
2019-20	1,887.24	1,413.08	3,300.32	1,028.61	2,271.71	31.17
ମୋଟ		**5,624.18**		**4,937.63**		

(ଉତ୍ସ: ନମୁନା ଯାଞ୍ଚ ହୋଇଥିବା ୟୁଏଲ୍‌ବିଗୁଡ଼ିକର ସଂଗୃହିତ ତଥ୍ୟରୁ ଅଡିଟ୍ ଦ୍ୱାରା ସଂକଳନ କରାଯାଇଛି)

ତେଣୁ, 2020 ମାର୍ଚ୍ଚ ସୁଦ୍ଧା 2,271.71 କୋଟି ଟଙ୍କା ଅବ୍ୟବହୃତ ରହିଥିଲା, ଯାହାକି ***ପରିଶିଷ୍ଟ 5.15*** ରେ ବିସ୍ତୃତ ଭାବେ ଦର୍ଶାଯାଇଛି । ପରୀକ୍ଷିତ ୟୁଏଲ୍‌ବି ଗୁଡ଼ିକରେ ପାଣ୍ଠି, ବ୍ୟୟ ଏବଂ ଅବ୍ୟବହୃତ ବାଲାନ୍ସର ଉପଲବ୍ଧତାର ଧାରା ନିମ୍ନ ***ଚାର୍ଟ 4.2*** ରେ ଦର୍ଶାଯାଇଛି ।

ଚାର୍ଟ:*5.3* ପରୀକ୍ଷିତ ୟୁଏଲ୍‌ବିରେ ପାଣ୍ଠି, ବ୍ୟୟ ଏବଂ ଅବ୍ୟବହୃତ ବାଲାନ୍ସର ଉପଲବ୍ଧତାର ଧାରା



ଏହାର ଉତ୍ତରରେ ସରକାର ବ୍ୟକ୍ତ କଲେ (ମଇ 2022) ଯେ ନିରନ୍ତର ସମୀକ୍ଷା ମାଧ୍ୟମରେ ଏବେ ଅବ୍ୟବହୃତ ପାଣ୍ଠିର ଉପଯୋଗ କରାଯାଉଛି ଏବଂ ୟୁସି ଦାଖଲ କରାଯାଇଛି । ଏହି ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ସରକାର ପାଣ୍ଠିର ବ୍ୟବହୃତ ସପକ୍ଷରେ କୌଣସି ଦସ୍ତାବିଜ୍ ପ୍ରମାଣ ପ୍ରଦାନ କରିନାହାଁନ୍ତି ।

5.4.2.3 ସମ୍ବଳ ବ୍ୟୟ ବ୍ୟବଧାନ

2015-16 ଆର୍ଥିକ ବର୍ଷରୁ 2019-20 ଆର୍ଥିକ ବର୍ଷ ମଧ୍ୟରେ 18 ଟି ୟୁଏଲ୍‌ବି ରାଜସ୍ୱ ଖର୍ଚ୍ଚର ମାତ୍ର 35 ପ୍ରତିଶତ ପର୍ଯ୍ୟନ୍ତ ନିଜସ୍ୱ ରାଜସ୍ୱ ଉତ୍ପାଦନ କରିବାରେ ସକ୍ଷମ ହୋଇଥିଲେ, ଯାହା ***ପରିଶିଷ୍ଟ 5.16*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି । ଏହି ୟୁଏଲ୍‌ବି ଗୁଡ଼ିକର ନିଜସ୍ୱ ରାଜସ୍ୱକୁ ସେମାନଙ୍କର ରାଜସ୍ୱ ବ୍ୟୟ ସହିତ ତୁଳନା କଲେ ***ଚାର୍ଟ 5.4*** ରେ ଦର୍ଶାଯାଇଥିବା ବୃହତ୍ ବ୍ୟବଧାନର ଉପସ୍ଥିତି ଦେଖିବାକୁ ମିଳିଥିଲା ଯାହାକୁ ୟୁଏଲ୍‌ବି ଗୁଡ଼ିକ ସମାଧାନ କରିବା ଆବଶ୍ୟକ ।

ଚାର୍ଟ 5.4: ରାଜସ୍ୱ ବ୍ୟୟ ତୁଳନାରେ ନିଜକୃ ରାଜସ୍ୱ



ଉପରୋକ୍ତ ତଥ୍ୟରୁ ଏହା ସ୍ପଷ୍ଟ ଯେ ଉପରୋକ୍ତ ସମୟ ମଧ୍ୟରେ ପରୀକ୍ଷଣ କରାଯାଇଥିବା ୟୁଏଲ୍‌ବି ଗୁଡ଼ିକ ବିତ୍ତୀୟ ସ୍ୱାଧୀନତା ହାସଲ କରିବାରେ ବିଫଳ ହୋଇଥିଲେ ।

ଏହାର ଉତ୍ତରରେ, ସରକାର ବ୍ୟକ୍ତ କଲେ (ମଇ 2022) ଯେ, ପ୍ରତିଯୋଗିତା ମୂଳକ ଢଙ୍ଗରେ ନିଜସ୍ୱ ରାଜସ୍ୱ ବୃଦ୍ଧି ପାଇଁ ଅନେକ ପଦକ୍ଷେପ ନିଆଯାଇଛି । ତେବେ, ବାସ୍ତବ କଥା ହେଲା ୟୁଏଲ୍‌ବି ଗୁଡ଼ିକର ନିଜସ୍ୱ ରାଜସ୍ୱ ଓ ରାଜସ୍ୱ ବ୍ୟୟ ମଧ୍ୟରେ ବଡ଼ ବ୍ୟବଧାନ ରହିଛି ।

5.4.2.4. ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ଆର୍ଥିକ ତଥ୍ୟର ବିଶ୍ଳେଷଣ

ପରୀକ୍ଷଣ କରାଯାଇଥିବା ୟୁଏଲ୍‌ବି ଗୁଡ଼ିକରେ ଉପଲବ୍ଧ ପାଣ୍ଠି ଏବଂ ଏହାର ଖର୍ଚ୍ଚକୁ ବିଶ୍ଳେଷଣ କରାଯାଇ ସେମାନଙ୍କୁ ଆର୍ଥିକ ସାୟତ୍ତାତାର ପରିମାଣ ଆକଳନ କରାଯାଇଥିଲା । 2015-16 ଆର୍ଥିକ ବର୍ଷରୁ 2019-20 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମ୍ନ ସାରଣୀରେ ଦିଆଯାଇଛି:

ସାରଣୀ 5.6: ୟୁଏଲ୍‌ବି ଗୁଡ଼ିକର ଆର୍ଥିକ ସ୍ୱାଧୀନତା **(ଟଙ୍କା କୋଟିରେ)**

ବର୍ଷ	ମୋଟ ପାଣ୍ଠି ଉପଲବ୍ଧ	ମୋଟ ପାଣ୍ଠିରୁ ନିଜସ୍ୱ ରାଜସ୍ୱ	ମୋଟ ଖର୍ଚ୍ଚ	ମୋଟ ଖର୍ଚ୍ଚରୁ ରାଜସ୍ୱ ଖର୍ଚ୍ଚ	ମୋଟ ପାଣ୍ଠିରେ ନିଜସ୍ୱ ରାଜସ୍ୱର ପ୍ରତିଶତ	ରାଜସ୍ୱ ଖର୍ଚ୍ଚର ପ୍ରତିଶତକୁ ନିଜସ୍ୱ ରାଜସ୍ୱ
ପ୍ରାରମ୍ଭିକ ଜମା	1585.16					
2015-16	807.46	115.84	757.60	592.96	14.35	511.88
2016-16	1170.94	147.02	1,164.5	841.81	12.56	572.58
2017-18	1125.39	226.3	1,130.1	710.10	20.11	313.78
2018-19	1107.31	175.11	1,194.6	834.20	15.81	476.39
2019-20	1413.08	224.48	1,109.8	830.23	15.89	369.85
ମୋଟ	**7209.34**	**888.75**	**5,356.70**	**3,809.30**	**12.33**	**428.61**

(ଉତ୍ସ: ପରୀକ୍ଷଣ ଯାଞ୍ଚ କରାଯାଇଥିବା ୟୁଏଲ୍‌ବିରୁ ସଂଗ୍ରହ କରାଯାଇଥିବା ତଥ୍ୟରୁ ଅଡିଟ୍ ଦ୍ୱାରା ସଂକଳିତ)

ସାରଣୀ 5.6 ରେ ଦର୍ଶାଯାଇଛି ଯେ:

- ପରୀକ୍ଷଣ କରାଯାଇଥିବା ୟୁଏଲ୍‌ବି ଗୁଡ଼ିକରେ ହାରାହାରି ନିଜସ୍ୱ ରାଜସ୍ୱ ମୋଟ ରାଜସ୍ୱର ମାତ୍ର 12 ପ୍ରତିଶତ ଥିଲା, ଯାହା ସୂଚାଇ ଥିଲା ଯେ ୟୁଏଲ୍‌ବି ଗୁଡ଼ିକ ସ୍ଥାନୀୟ ସ୍ୱୟଂ ଶାସନର ଏକ ରୂପ ଭାବରେ ଆତ୍ମ ନିର୍ଭରଶୀଳ ନୁହଁନ୍ତି ।
- ପରୀକ୍ଷଣ ଦ୍ୱାରା ଯାଞ୍ଚ କରାଯାଇଥିବା ୟୁଏଲ୍‌ବି ଗୁଡ଼ିକ ମୁଖ୍ୟତଃ ବିତ୍ତୀୟ ସ୍ଥାନାନ୍ତର ଉପରେ ନିର୍ଭରଶୀଳ ଥିଲେ, ଯାହା ଉପଲବ୍ଧ ମୋଟ ପାଣ୍ଠିର ହାରାହାରି 88 ପ୍ରତିଶତ ଥିଲା ।
- ନିଜସ୍ୱ ରାଜସ୍ୱ ତୁଳନାରେ ରାଜସ୍ୱ ଖର୍ଚ୍ଚ ପରୀକ୍ଷା ନିରୀକ୍ଷିତ ୟୁଏଲ୍‌ବି ଗୁଡ଼ିକରେ ହାରାହାରି 428.61 ପ୍ରତିଶତରୁ ଅଧିକ ଥିଲା ଯାହା ଅନୁଚ୍ଛେଦ 5.4.2.3 ରେ ବିସ୍ତୃତ ଭାବେ ଦର୍ଶାଯାଇଛି ।

ଅଡିଟ୍ ପର୍ଯ୍ୟବେକ୍ଷଣ ଉପରେ ସରକାର କୌଣସି ଉତ୍ତର ଦେଇନଥିଲେ ।

ଭାଗ -V

ଏହି ଅଧ୍ୟାୟରେ ପାରାଷ୍ଟାଟାଲର ଭୂମିକା ଏବଂ ୟୁଏଲ୍‌ବି କାର୍ଯ୍ୟକାରିତା ଉପରେ ଏହାର ପ୍ରଭାବ ବିଷୟରେ ଆଲୋଚନା କରାଯାଇଛି । ବିଶେଷ କରି ସହରାଞ୍ଚଳ ଯୋଜନା, ବସ୍ତି ଉନ୍ନତି ଏବଂ ଜଳ ଯୋଗାଣ ଏବଂ ସ୍ୱେରେଜ୍ କ୍ଷେତ୍ରରେ କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତାରେ ୟୁଏଲ୍‌ବିର ସ୍ୱାଧୀନତାକୁ ପାରାଷ୍ଟାଟାଲର ଅସ୍ତିତ୍ୱ ଯଥେଷ୍ଟ ହ୍ରାସ କରିଛି ।

5.5 ପାରାଷ୍ଟାଟାଲର ଭୂମିକା

5.5.1 ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଉପରେ ପାରାଷ୍ଟାଟାଲ୍ ଏବଂ ସେମାନଙ୍କ କାର୍ଯ୍ୟ ଓ ପ୍ରଭାବ

ପାରାଷ୍ଟାଟାଲ୍ ହେଉଛି ଅନୁଷ୍ଠାନ/ ସଂଗଠନ ଯାହା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ମାଲିକାନାରେ ଏବଂ ସରକାରଙ୍କ ଦ୍ୱାରା ପରିଚାଳିତ (ସ୍ୱୟଂଶାସିତ ସଂସ୍ଥା ଭାବରେ କିମ୍ବା ଏକ ନିର୍ଦ୍ଦିଷ୍ଟ ଆଇନ୍ ମାଧ୍ୟମରେ ଗଠିତ) ଏବଂ ସେମାନେ[73] ୟୁଏଲ୍‌ବିର କେତେକ କାର୍ଯ୍ୟ ଯଥା ସହରାଞ୍ଚଳ/ ସହର ଯୋଜନା, ଜମି ବ୍ୟବହାର ନିୟନ୍ତ୍ରଣ, ଜଳ ଯୋଗାଣ ଏବଂ ପରିମଳ ଏବଂ ବସ୍ତି ବିକାଶ ସମ୍ପାଦନ କରନ୍ତି । ସେମାନେ ୟୁଏଲ୍‌ବି ପରିବର୍ତ୍ତେ ସିଧାସଳଖ ରାଜ୍ୟ ସରକାରଙ୍କ ନିକଟରେ ଉତ୍ତରଦାୟୀ । 74 ତମ ସମ୍ବିଧାନ ସଂଶୋଧନକୁ ପାଳନ କରିବା ଏବଂ ୟୁଏଲ୍‌ବି ପ୍ରତି ପାରାଷ୍ଟାଟାଲ୍ ମାନଙ୍କୁ ଉତ୍ତରଦାୟୀ କରିବା ପାଇଁ ସରକାର ଏହି ଆଇନ ଗୁଡ଼ିକରେ ସଂଶୋଧନ କରିନାହାଁନ୍ତି । ୟୁଏଲ୍‌ବି ଦ୍ୱାରା ପରିଚାଳିତ ହେଉଥିବା କାର୍ଯ୍ୟ ଗୁଡ଼ିକୁ ପାରାଷ୍ଟାଟାଲକୁ ପ୍ରଦାନ କରିବାର ବ୍ୟବସ୍ଥା ବିକେନ୍ଦ୍ରୀକରଣର ଧାରଣାକୁ ଦୁର୍ବଳ କରିଥାଏ । ଏହିପରି ପାରାଷ୍ଟାଟାଲର ଅସ୍ତିତ୍ୱ ୟୁଏଲ୍‌ବିର ସ୍ୱୟଂଶାସିତତାକୁ ଯଥେଷ୍ଟ ହ୍ରାସ କରିଥିଲା ।

ଉତ୍ତରରେ ସରକାର ବ୍ୟକ୍ତ କଲେ ଯେ, ୟୁଏଲ୍‌ବିରେ ବୈଷୟିକ ବ୍ୟକ୍ତି/ ସମ୍ବଳ ବ୍ୟକ୍ତିଙ୍କ ଅନୁପଲବ୍ଧତା ହେତୁ ପାରାଷ୍ଟାଟାଲ୍ ଏଜେନ୍ସୀ ମାନେ ସଂପୃକ୍ତ ପୌର ପରିଷଦର ଅନୁମୋଦନ କ୍ରମେ ୟୁଏଲ୍‌ବିର ବୈଷୟିକ ଜଟିଳ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରୁଛନ୍ତି । ଉତ୍ତର ଗ୍ରହଣୀୟ ନୁହେଁ କାରଣ ୟୁଏଲ୍‌ବିର କାର୍ଯ୍ୟ କରୁଥିବା ପାରାଷ୍ଟାଟାଲ୍ ଗୁଡ଼ିକ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ଏବଂ ୟୁଏଲ୍‌ବି ପରିବର୍ତ୍ତେ ସିଧାସଳଖ ରାଜ୍ୟ ସରକାରଙ୍କ ନିକଟରେ ଉତ୍ତରଦାୟୀ ଅଟନ୍ତି ।

ପରୀକ୍ଷଣ ଯାଞ୍ଚ କରାଯାଇଥିବା ୟୁଏଲ୍‌ବି ଗୁଡ଼ିକରେ ପାରାଷ୍ଟାଟାଲର ଭୂମିକା ଏବଂ ବିଭାଜିତ କାର୍ଯ୍ୟ ଉପରେ ଏହାର ପ୍ରଭାବ ବିଷୟରେ ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

[73] ଏଲ୍‌ଡିଟିପି ଏବଂ ୟୁଡିଏ, 2. ପିଏଚ୍‌ଇଓ ଏବଂ ୱାଟ୍‌କୋ, 3. ଓଡବ୍ଲୁଏସ୍‌ଏସ୍‌ବି 4. ଓଏଲ୍‌ଏଚ୍‌ଏମ୍

5.5.1.1 ସହର ଯୋଜନା ନିର୍ଦ୍ଦେଶାଳୟ(ଡିଟିପି) ଓ ନଗର ଉନ୍ନୟନ କର୍ତ୍ତୃପକ୍ଷ-ସହରାଞ୍ଚଳ ଯୋଜନା, ସହର ଯୋଜନା ଓ ଜମି ବ୍ୟବହାର ନିୟନ୍ତ୍ରଣ

ସହରାଞ୍ଚଳର ଯୋଜନା ବଦ୍ଧ ଭୌତିକ ବିକାଶକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଡିଟିପି ସ୍ଥାପିତ ହୋଇଥିଲା ଏବଂ ଏହା ସମସ୍ତ ସହରାଞ୍ଚଳ ଯୋଜନା ସମ୍ବନ୍ଧୀୟ କାର୍ଯ୍ୟକଳାପ ପାଇଁ ନୋଡାଲ୍ ଏଜେନ୍ସୀ ଅଟେ । ଗ୍ରାମାଞ୍ଚଳର ଜନସଂଖ୍ୟା କ୍ରମାଗତ ଭାବେ ସହରାଞ୍ଚଳକୁ ସ୍ଥାନାନ୍ତରିତ ହେଉଥିବାରୁ ସହର/ ସହରଗୁଡ଼ିକୁ ବାସଯୋଗ୍ୟ, ଅର୍ଥନୈତିକ ଭାବେ ଜୀବନ୍ତ ଓ ସ୍ଥାୟୀ ୟୁନିଟ୍‌ରେ ପରିଣତ କରିବାର ଆବଶ୍ୟକତା ରହିଛି । ଓଡ଼ିଶାରେ ନଅଟି ଉନ୍ନୟନ କର୍ତ୍ତୃପକ୍ଷ, 20 ଟି ଜିଲ୍ଲା ସହର ଯୋଜନା କର୍ତ୍ତୃପକ୍ଷ (ଡିପିଏ), ସାତଟି ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ (ଆର୍‌ଆଇଟି) ଏବଂ 56 ଟି ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷ (ଏସ୍‌ପିଏ) ଅଛି । ଡିଟିପିର ନେତୃତ୍ୱ ନେଉଛନ୍ତି ସହର ଯୋଜନା ନିର୍ଦ୍ଦେଶକ । ଡିଟିପିର ପ୍ରମୁଖ କର୍ତ୍ତବ୍ୟ ଏବଂ ଦାୟିତ୍ୱ ଗୁଡ଼ିକ ହେଲା:

- ସମଗ୍ର ରାଜ୍ୟରେ ସହର ବିକାଶର ଯୋଜନା କରିବା ଏବଂ ସହର ଓ ଦେଶ ଯୋଜନା ଆଇନ୍ ସମ୍ବନ୍ଧୀୟ ନୀତିଗତ ବିଷୟରେ ସରକାରଙ୍କୁ ପରାମର୍ଶ ଦେବା ।
- ଟାଉନ୍ / ମ୍ୟାପ୍ / ମାଷ୍ଟର ପ୍ଲାନ୍ ଅନୁଯାୟୀ କୋଠା ନିର୍ମାଣ ଯୋଜନାକୁ ନିୟନ୍ତ୍ରଣ କରିବା ଏବଂ ଯୋଜନାର ବ୍ଲୁ ପ୍ରିଣ୍ଟ୍ ଅନୁମୋଦନ କରିବା ।
- ମାଷ୍ଟର ପ୍ଲାନ୍ ଅନୁଯାୟୀ ସହରାଞ୍ଚଳରେ ଗୃହ ନିର୍ମାଣ, ଅଣ-ଆବାସିକ ଅଞ୍ଚଳ, ସରକରୀ ଅନୁଷ୍ଠାନ ଓ ଶିକ୍ଷାଞ୍ଚଳ/ ବଜାର ଅଞ୍ଚଳ ପାଇଁ ଜମି ବ୍ୟବହାର ନିର୍ଦ୍ଧାରଣ କରିବା ।
- ଉପଯୁକ୍ତ ପରିବହନ ଯୋଜନା, ବସ୍ ଟର୍ମିନାଲ ପାଇଁ ଯୋଜନା, ପାର୍କିଂ ସ୍ଥାନ ଇତ୍ୟାଦି ବିଷୟରେ ।

ପୁନଶ୍ଚ, ରାଜ୍ୟ ସରକାର ଏକ ଆଦେଶ (ମାର୍ଚ୍ଚ 2010) ଜାରି କରିଥିଲେ, ଯେଉଁଥିରେ ରାଜ୍ୟର ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ ରାଜ୍ୟର ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷ ସହରାଞ୍ଚଳ ଯୋଜନାର କାର୍ଯ୍ୟ, ଟାଉନ୍ ପ୍ଲାନିଂ ଏବଂ ଜମି ବ୍ୟବହାରରେ ନିୟମାବଳୀ ଏବଂ ବିଲ୍‌ଡିଂ ନିର୍ମାଣ ସହିତ ସଂପୃକ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ହସ୍ତାନ୍ତର କରିପାରିବେ । ତେବେ, ପରୀକ୍ଷା ନିର୍ଦ୍ଧାରିତ ୟୁଏଲ୍‌ବିରେ ଅଡିଟ୍‌କୁ ଦେଖିବାକୁ ମିଳିଛି ଯେ:

- ମାଷ୍ଟର ପ୍ଲାନିଂ / ଡେଭ୍‌ଲେପ୍‌ମେଣ୍ଟ ପ୍ଲାନ୍/ ଜୋନାଲ ପ୍ଲାନ୍/ ବାଧତାମୂଳକ ମାଷ୍ଟର ପ୍ଲାନିଂ ନିୟମାବଳୀ, ଯାହା ୟୁଏଲ୍‌ବି ଦ୍ୱାରା ପରିଚାଳିତ ହେବା କଥା, ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ଟିପିଏ ଦ୍ୱାରା ସମସ୍ତ 20 ଟି ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲ୍‌ବିରେ କରାଯାଉଥିଲା ।
- ପରୀକ୍ଷା କରାଯାଇଥିବା ସମସ୍ତ ୟୁଏଲ୍‌ବିରେ ଜମି ବ୍ୟବହାର ସମ୍ପର୍କିତ ମାମଲା ଗୁଡ଼ିକ ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ଟିପିଏରେ ନ୍ୟସ୍ତ ହୋଇରହିଥିଲା ।
- ବିଲ୍ଡିଂ ଲାଇସେନ୍ସ/ ବିଲ୍ଡିଂ ପ୍ଲାନ୍/ ଉଚ୍ଚତାର ଅନୁମୋଦନ ସମ୍ବନ୍ଧୀୟ ପ୍ରସଙ୍ଗ ଗୁଡ଼ିକ ବିଷୟରେ କହିବାକୁ ଗଲେ 20 ଟି ପରୀକ୍ଷିତ ୟୁଏଲ୍‌ବି ମଧ୍ୟରୁ (କ) ତିନୋଟି ମହାନଗର ନିଗମରେ ଉଭୟ ୟୁଏଲ୍‌ବି ଏବଂ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମ୍ପର୍କିତ କାମସବୁ କରାଯାଉଥିଲା (ଖ) ଚାରିଟି ୟୁଏଲ୍‌ବିରେ ଟିପିଏ ଦ୍ୱାରା ସଂପୃକ୍ତ କାର୍ଯ୍ୟକଳାପ କରାଯାଉଥିଲା (ଗ) ଅନ୍ୟ 13 ଟି ୟୁଏଲ୍‌ବିରେ ଏହି କାର୍ଯ୍ୟକଳାପ ଗୁଡ଼ିକ ୟୁଏଲ୍‌ବି ମାନେ ନିଜେ ପରିଚାଳନା କରୁଥିଲେ ।
- ବିଏମ୍‌ସି, ସିଏମ୍‌ସି ଓ ବିଇଏମ୍‌ସି ଭଳି ତିନୋଟି ୟୁଏଲ୍‌ବିରେ ବେଆଇନ୍ କୋଠା ଉଚ୍ଛେଦ କାର୍ଯ୍ୟ କରୁଥିଲେ । ଅନ୍ୟ ସମସ୍ତ 17 ଟି ୟୁଏଲ୍‌ବିରେ ଉନ୍ନୟନ କର୍ତ୍ତୃପକ୍ଷ / ଟିପିଏ ଦ୍ୱାରା ଏହା କରାଯାଉଥିଲା ।

ଏହାର ଅର୍ଥ ହେଉଛି ଯେ ୟୁଏଲ୍‌ବିମାନେ ସେମାନଙ୍କ ଅଧିନରେ ଥିବା ଅଞ୍ଚଳଗୁଡ଼ିକ ପାଇଁ ବ୍ୟାପକ ଯୋଜନା/ ରଣନୈତିକ ସହରୀ ଯୋଜନା କରିବାର ସୁଯୋଗରୁ ବଞ୍ଚିତ ହୋଇଥିଲେ । ତେଣୁ, ସହରାଞ୍ଚଳ ଯୋଜନା ଏବଂ ଜମି

ବ୍ୟବହାର ନିୟନ୍ତ୍ରଣ ସମ୍ବନ୍ଧୀୟ କାର୍ଯ୍ୟ ସମ୍ପାଦନ କରିବାରେ ୟୁଏଲ୍‌ବିର କୌଣସି ଭୂମିକା ନଥିଲା କିମ୍ବା ସୀମିତ ଭୂମିକା ଥିଲା । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଟାଉନ୍ ପ୍ଲାନିଂ ଓ ଜମି ବ୍ୟବହାର ନିୟନ୍ତ୍ରଣ ଓ କୋଠା ନିର୍ମାଣ ସମେତ ସହରାଞ୍ଚଳ ଯୋଜନା ଅଧିନରେ ଅନେକ କାର୍ଯ୍ୟ ସମ୍ପୃକ୍ତ ସହରାଞ୍ଚଳ ଟାଉନ୍ ପ୍ଲାନିଂ କର୍ତ୍ତୃପକ୍ଷ ଓ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ହସ୍ତାନ୍ତର ହୋଇନଥିବାରୁ ସମସ୍ତ ୟୁଏଲ୍‌ବି ଗୁଡ଼ିକ ଦ୍ୱାରା ପରିଚାଳିତ ହୋଇନାହିଁ ।

ଉତ୍ତରରେ, ସରକାର ବ୍ୟକ୍ତ କଲେ ଯେ ୟୁଏଲ୍‌ବି ଗୁଡ଼ିକର ସାମର୍ଥ୍ୟ ଆଧାରରେ ପର୍ଯ୍ୟାୟକ୍ରମେ ୟୁଏଲ୍‌ବି ଗୁଡ଼ିକୁ ସହରୀ ଯୋଜନା ସହିତ ଟାଉନ୍ ପ୍ଲାନିଂ କାର୍ଯ୍ୟ ହସ୍ତାନ୍ତର କରାଯାଇଛି । କିନ୍ତୁ, ବାସ୍ତବ କଥା ହେଉଛି ଯେ ସ୍ୱୟଂ ଶାସିତ ଅନୁଷ୍ଠାନ ଭାବରେ ୟୁଏଲ୍‌ବି ଗୁଡ଼ିକ ସେମାନଙ୍କ ଅଧିନରେ ଥିବା ଅଞ୍ଚଳଗୁଡ଼ିକ ପାଇଁ ବ୍ୟାପକ ଯୋଜନା/ ରଣନୈତିକ ସହରୀ ଯୋଜନା କରିବାର ସୁଯୋଗରୁ ବଞ୍ଚିତ ହୋଇଥିଲେ ।

5.5.1.2 ପିଏଚ୍ ଇଞ୍ଜିନିୟରିଂ ଓ ୱାଟ୍‌କୋ/ ସହରାଞ୍ଚଳ ଜଳ ଯୋଗାଣ

74 ତମ ସିଏଏ ଅନୁଯାୟୀ, ଘରୋଇ, ଶିଳ୍ପ ଏବଂ ବାଣିଜ୍ୟିକ ଉଦ୍ଦେଶ୍ୟରେ ଜଳ ଯୋଗାଣ ହେଉଛି ୟୁଏଲ୍‌ବି ଦ୍ୱାରା ପରିଚାଳିତ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଓଏମ୍‌ଏ ଏବଂ ଓଏମ୍‌ସିଏ, ୟୁଏଲ୍‌ବି ଦ୍ୱାରା ସରକାରୀ ଏବଂ ବେସରକାରୀ ଉଦ୍ଦେଶ୍ୟ ପାଇଁ ସହର ମଧ୍ୟରେ ଉପଯୁକ୍ତ ଏବଂ ପର୍ଯ୍ୟାପ୍ତ ଜଳ ଯୋଗାଣର ବ୍ୟବସ୍ଥା ନିର୍ଦ୍ଧାରଣ କରିଛନ୍ତି ।

ଏହା ଦେଖାଗଲା ଯେ, ଏଚ୍‌ଆଣ୍ଡୟୁଡି ବିଭାଗ ଅଧିନରେ ଥିବା ପିଏଚ୍‌ଇଓ (1956 ରେ ସ୍ଥାପିତ) ରାଜ୍ୟର ସହରାଞ୍ଚଳ ଜଳ ଯୋଗାଣ ବ୍ୟବସ୍ଥାର ଯୋଜନା, କାର୍ଯ୍ୟକାରିତା, ପରିଚାଳନା ଏବଂ ରକ୍ଷଣାବେକ୍ଷଣ କରିବାର ଥିଲା । ଜଳ ଯୋଗାଣ କାର୍ଯ୍ୟ ୟୁଏଲ୍‌ବିକୁ ହସ୍ତାନ୍ତର ସତ୍ତ୍ୱେ ଅନ୍ୟ ଏକ ସଂଗଠନ, ଯଥା ଉପରୋକ୍ତ କାର୍ଯ୍ୟକଳାପନ ସମ୍ପାଦନ ପାଇଁ ୱାଟ୍‌କୋ (ଜୁଲାଇ 2015) ପ୍ରତିଷ୍ଠା କରାଯାଇଥିଲା । ବର୍ତ୍ତମାନ, ଆଠଟି ୟୁଏଲ୍‌ବି ଅଞ୍ଚଳକୁ ୱାଟ୍‌କୋ ପକ୍ଷରୁ ଜଳ ଯୋଗାଣ କରାଯାଇଥିବା ବେଳେ 106 ଟି ୟୁଏଲ୍‌ବି ଅଞ୍ଚଳକୁ ପିଏଚ୍‌ଇଓ ପକ୍ଷରୁ ଜଳ ଯୋଗାଣ କରାଯାଇଛି । ତେଣୁ, ଉଭୟ ପିଏଚ୍‌ଇଓ ଓ ୱାଟ୍‌କୋ ରାଜ୍ୟରେ ସହରାଞ୍ଚଳ ଜଳ ଯୋଗାଣ କାର୍ଯ୍ୟ ସମ୍ପାଦନ କରୁଛନ୍ତି ।

ଅଡିଟ୍ ପାଇଁ ଉପଲବ୍ଧ ରେକର୍ଡ ଏବଂ ସୂଚନା ଯାଞ୍ଚ ଦ୍ୱାରା ନିମ୍ନଲିଖିତ ଜଣାପଡ଼ିଲା:

- ***ପିଏଚ୍ ଇଞ୍ଜିନିୟରିଂ ସଂସ୍ଥା***

i) ସହରାଞ୍ଚଳ ଜଳ ଯୋଗାଣ ପାଇଁ ପାଣ୍ଠିର ବ୍ୟବହାରରେ ଅବହେଳା

2017-18 ରୁ 2019-20 ଆର୍ଥିକ ବର୍ଷ ମଧ୍ୟରେ ଚତୁର୍ଥ ଏସ୍‌ଏଫ୍‌ସି ଅନୁଦାନ ଅଧିନରେ ମିଳିଥିବା 345 କୋଟି ଟଙ୍କା ମଧ୍ୟରୁ ସହରାଞ୍ଚଳ ଜଳ ଯୋଗାଣ ପାଇଁ 125 କୋଟି ଟଙ୍କା (36 ପ୍ରତିଶତ) ଖର୍ଚ୍ଚ ହୋଇଛି । ଫଳରେ ସହରାଞ୍ଚଳରେ ଜଳ ଯୋଗାଣ ଯୋଜନା ପାଇଁ ଆବଣ୍ଟିତ ଅର୍ଥକୁ ଉପଯୋଗ କରିବାରେ ସଂଗଠନ ବିଫଳ ହୋଇଛି ।

2015-16 ରୁ 2019-20 ଆର୍ଥିକ ବର୍ଷ ମଧ୍ୟରେ ଅମୃତ ଯୋଜନା ଅଧିନରେ ସିଇ, ପିଏଚ୍‌ଇଓକୁ 1,790.83 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ସିଇ, ପିଏଚ୍‌ଇଓ ସେଠାରେ 1,173.51 କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ଏହା କେବଳ ଉପଲବ୍ଧ ପାଣ୍ଠିର 66 ପ୍ରତିଶତ ଥିଲା ।

ଉତ୍ତରରେ, ସରକାର ଜଣାଇଲେ (ମଇ 2022) ଯେ ସମ୍ପୃକ୍ତ ପିଏଚ୍ ଡିଭିଜନଗୁଡ଼ିକୁ ଅବଶିଷ୍ଟ ରାଶି ପାଇଁ ବ୍ୟବହାର ପ୍ରମାଣପତ୍ର ଦାଖଲ କରିବାକୁ ଅବଗତ କରାଯାଇଛି ।

(ii) ପିଏଚ୍‌ଇଓ ଦ୍ୱାରା ପାଣି ମିଟର ସ୍ଥାପନ ନହେବା

ପାଣି ମିଟର ଲଗାଇବା ପାଇଁ ପିଏଚ୍‌ଇଓ କୌଣସି ପଦକ୍ଷେପ ନେଇନାହିଁ । ଏହା ରାଜ୍ୟ ସରକାର ଧାର୍ଯ୍ୟ କରିଥିବା ଜଳ ଶୁଳ୍କ ଆଦାୟ କରେ । ଏହା ମଧ୍ୟ ଜନସାଧାରଣଙ୍କଠାରୁ ଆଦାୟ ହେଉଥିବା ଜଳ ଶୁଳ୍କ ଅଧିକ ଜଳ ଯୋଗାଣ ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ଏହା ଖର୍ଚ୍ଚ ବହନ କରିଥାଏ । ପାଣି ମିଟର ନଥିବାରୁ ଜନସାଧାରଣଙ୍କ ଦ୍ୱାରା ନିରବଚ୍ଛିନ୍ନ ଭାବେ ପାଣି ବ୍ୟବହାର ସତ୍ତ୍ୱେ ଜଳ ଶୁଳ୍କ ସମତଳ ହାରରେ ଆଦାୟ କରାଯାଇଛି ।

ଉତ୍ତରରେ ସରକାର ଜଣାଇଲେ (ମଇ 2022) ଯେ ୟୁଏଲ୍‌ବି ଗୁଡ଼ିକର ଘରଗୁଡ଼ିରେ ୱାଟର ମିଟର ଲଗାଇବା କାମ ୱାଟ୍‌କୋ ଦ୍ୱାରା ଆରମ୍ଭ ହୋଇସାରିଛି ।

(iii) ବେଆଇନ୍ / ଅନଧିକୃତ ସଂଯୋଗ ପାଇଁ ଜରିମାନା ଆଦାୟ କରାନଯିବା

ଜନସାଧାରଣଙ୍କ ଦ୍ୱାରା ବେଆଇନ୍/ ଅନଧିକୃତ ସଂଯୋଗ ଏବଂ ଲିକେଜ୍ ଇତ୍ୟାଦି କାରଣରୁ ପାଣି ନଷ୍ଟ ହେବା ଇତ୍ୟାଦି ଚିହ୍ନଟ କରିବା ପାଇଁ ପିଏଚ୍‌ଇଓର କୌଣସି ବ୍ୟବସ୍ଥା ନାହିଁ । ବେଆଇନ୍/ ଅନଧିକୃତ ସଂଯୋଗ ପାଇଁ କୌଣସି ଜରିମାନା ଆଦାୟ କରାଯାଇନାହିଁ ।

ଏହାର ଉତ୍ତରରେ ସରକାର ଜଣାଇଲେ (ମଇ 2022) ଯେ, ବେଆଇନ୍/ ଅନଧିକୃତ ସଂଯୋଗ ଉପରେ କଡ଼ା ନଜର ରଖିବା ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପିଏଚ୍‌ଇଓର ଏକ ଅନ୍ତର୍ନିହିତ ସତର୍କ ବ୍ୟବସ୍ଥା ରହିଛି । ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ସରାକର ବେଆଇନ୍/ ଅନଧିକୃତ ସଂଯୋଗ ପାଇଁ ଆଦାୟ କରାଯାଇଥିବା ଜରିମାନା ପରିମାଣର କୌଣସି ଦସ୍ତାବିଜ୍ କିମ୍ବା ତଥ୍ୟ ପ୍ରଦାନ କରିନାହାଁନ୍ତି ।.

- **ୱାଟ୍‌କୋ**

(i) ପ୍ରକଳ୍ପ ଗୁଡ଼ିକ ସମ୍ପୂର୍ଣ୍ଣ ନହେବା

ଜଳ ଯୋଗାଣ ପାଇଁ 2020 ମାର୍ଚ୍ଚ ମାସରେ ୱାଟ୍‌କୋ ସିଏମ୍‌ସି, କଟକ ଓ ପୁରୀ ପୌରପାଳିକାର ଦାୟିତ୍ୱ ନେଇଥିଲା । ସିଏମ୍‌ସି ଅଞ୍ଚଳରେ ପିଏଚ୍‌ଇଓ (ମାର୍ଚ୍ଚ 2020) 24 ଟି ଜଳ ଯୋଗାଣ ପ୍ରକଳ୍ପ ୱାଟ୍‌କୋକୁ ହସ୍ତାନ୍ତର କରିଥିଲା ଏବଂ ୱାଟ୍‌କୋ ନିଜେ ତିନୋଟି ଜଳ ଯୋଗାଣ ପ୍ରକଳ୍ପ ହାତକୁ ନେଇଥିଲା । ସେଥି ମଧ୍ୟରୁ 12 ଟି ଜଳ ଯୋଗାଣ ପ୍ରକଳ୍ପ[74] 228.28 କୋଟି ଟଙ୍କା ବ୍ୟୟ ବରାଦ ସହ ନିର୍ଦ୍ଧାରିତ ତାରିଖ ଠାରୁ ଏକ ରୁ 38 ମାସ ପର୍ଯ୍ୟନ୍ତ ବିଳମ୍ବରେ ଅଗ୍ରଗତି ଚାଲିଛି । 148.25 କୋଟି ଟଙ୍କା ବ୍ୟୟରେ (ଅଗଷ୍ଟ 2021 ସୁଦ୍ଧା) ଅବଶିଷ୍ଟ 15 ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । କର୍ମଚାରୀଙ୍କ ପିଏଚ୍‌ଇଓ ରୁ ୱାଟ୍‌କୋ ବଦଳିରେ ବିଳମ୍ବ ହେତୁ ଶେଷ ହେବାର ନିର୍ଦ୍ଧାରିତ ତାରିଖ (ଅଗଷ୍ଟ 2021 ସୁଦ୍ଧା) ଠାରୁ ଚାରି ରୁ 48 ମାସ ବିଳମ୍ବରେ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଫଳରେ ୱାଟ୍‌କୋ ହାତକୁ ନେବାର ତାରିଖକୁ ବର୍ଷେ ରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଜନସାଧାରଣଙ୍କୁ ଜଳ ଯୋଗାଣ ହୋଇପାରୁନାହିଁ ।

ଉତ୍ତରରେ, ସରକାର ଜଣାଇଲେ (ମଇ 2022) ଯେ ବର୍ତ୍ତମାନ ସୁଦ୍ଧା ସମସ୍ତ 27 ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇଛି । କିନ୍ତୁ, ବାସ୍ତବ କଥା ହେଉଛି, ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଓ କାର୍ଯ୍ୟକ୍ଷମ କରିବା ସପକ୍ଷରେ ସରକାର କୌଣସି ଦସ୍ତାବିଜ୍ ପ୍ରମାଣ ପ୍ରଦାନ କରିନାହାନ୍ତି ।.

(ii) ୱାଟ୍‌କୋ ଟ୍ୟାଙ୍କ ଆକାଉଣ୍ଟରେ ୱାଟର ଚାର୍ଜ ପାର୍କିଂ

ଓଡ଼ିଶା ସରକାର (ଜିଓଓ) ଦ୍ୱାରା ଗଠିତ ଏକ ସମ୍ପୂର୍ଣ୍ଣ ମାଲିକାନାରେ ଥିବା କମ୍ପାନୀ ୱାଟ୍‌କୋ, ୟୁଏଲ୍‌ବି ତରଫରୁ ଜଳ ସେବା ଶୁଳ୍କ ଆଦାୟ କରିବା ଏବଂ ଏହି ଚାର୍ଜଗୁଡ଼ିକ ସରକାରୀ ରାଜସ୍ୱ ଭାବରେ ସରକାରୀ ଟ୍ରେଜେରୀକୁ ପଠାଯିବା ଆବଶ୍ୟକ । ତେବେ ଜୁନ୍ 2019 ରୁ ମାର୍ଚ୍ଚ 2020 ମଧ୍ୟରେ ୱାଟର ଚାର୍ଜ ବାବଦରେ ୱାଟ୍‌କୋ ଆଦାୟ କରିଥିବା 15.64 କୋଟି ଟଙ୍କା ୟୁଏଲ୍‌ବି କିମ୍ବା ସରକାରୀ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇ ନାହିଁ, ବରଂ ୱାଟ୍‌କୋର ଆକାଉଣ୍ଟରେ ରଖାଯାଇଛି, ଯାହାଫଳରେ ରାଜ୍ୟ ରାଜକୋଷ ଉପରେ ଖରାପ ପ୍ରଭାବ ପଡ଼ିଛି ।

ଯେହେତୁ ୟୁଏଲ୍‌ବିମାନେ ସେମାନଙ୍କ ଅଧିନରେ ଜଳ ଯୋଗାଣ କରୁନାହାଁନ୍ତି କିମ୍ବା ଜଳ ଶୁଳ୍କ ଆଦାୟ କରୁନାହାଁନ୍ତି, ତେଣୁ ସେମାନଙ୍କର ନିଜସ୍ୱ ରାଜସ୍ୱ ବୃଦ୍ଧି ପ୍ରସଙ୍ଗରେ ଏହା ପ୍ରତିକୂଳ ପ୍ରଭାବ ପକାଉଛି ।

---

[74] (କ) କ୍ୟାଣ୍ଟନମେଣ୍ଟ ରୋଡରେ ଥିବା ଟ୍ୟାପ୍ ଗୁଣବତ୍ତାରୁ ପାନୀୟ ସହିତ ଓଡ଼ିଶା ହାଇକୋର୍ଟର ମାନ୍ୟବର ବିଚାରପତିଙ୍କ ବାସଭବନକୁ ଜଳ ଯୋଗାଣର ଉନ୍ନତି 24 ଘଣ୍ଟିଆ ।

(ଖ) କଟକ ଷ୍ଟୋର ପିଏଚ୍ ସେକ୍ସନ ନଂ-1 ଅଧିନରେ ସିଏମ୍‌ସିର ବିଭିନ୍ନ ୱାର୍ଡ (7ନମ୍ବର) ର ଖୋଲା ଅଞ୍ଚଳରେ ଜଳ ଯୋଗାଣ ପାଇପ୍ ଲାଇନ୍ ବିଛାଇବା ।

(ଗ) କଟକ ନୟା ବଜାରସ୍ଥିତ ଷ୍ଟୋର ପିଏଚ୍ ସେକ୍ସନ୍ ନଂ-2 ଅଧିନରେ ସିଏମ୍‌ସିର ବିଭିନ୍ନ ୱାର୍ଡ (42, 43, 46(ପି),47, 48, 49, 54 ଏବଂ 55) ର ଖୋଲା ଅଞ୍ଚଳରେ ଜଳ ଯୋଗାଣ ପାଇପ୍ ଲାଇନ୍ ବିଛାଇବା ।

ଏହାର ଉତ୍ତରରେ, ସରକାର ଜଣାଇଲେ (ମଇ 2022) ଯେ ପାନୀୟ ଜଳ ଯୋଗାଣ, ପରିଚାଳନା ଓ ରକ୍ଷଣାବେକ୍ଷଣ ଦିଗରେ ହେଉଥିବା ଖର୍ଚ୍ଚକୁ ଭରଣା କରିବା ପାଇଁ ୱାଟ୍‌କୋକୁ ଏଚ୍‌ଆଣ୍ଡୟୁଡି ବିଭାଗ ଏହାର ବ୍ୟାଙ୍କ ଆକାଉଣ୍ଟରେ ପାଣି ଶୁଳ୍କ ରଖିବାକୁ ଅନୁମତି ଦେଇଛି । ଏହାର ଉତ୍ତର ଗ୍ରହଣୀୟ ନୁହେଁ, ଓଡ଼ିଶା ଟ୍ରେଜେରୀ କୋଡ ଅନୁଯାୟୀ ଅଯଥା ବିଳମ୍ବ ନକରି ରାଜ୍ୟର ରାଜସ୍ୱ ବାବଦରେ ପ୍ରାପ୍ତ ସମସ୍ତ ଟଙ୍କା କୋଷାଗାରରେ ସମ୍ପୂର୍ଣ୍ଣ ଭାବେ ପୈଠ କରାଯିବ ଏବଂ ଏହାକୁ ରାଜ୍ୟର ପବ୍ଲିକ୍ ଆକାଉଣ୍ଟରେ ଅନ୍ତର୍ଭୁକ୍ତ କରାଯିବ । ଉପରୋକ୍ତ ହିସାବରେ ମିଳିଥିବା ଅର୍ଥ ବିଭାଗୀୟ ଖର୍ଚ୍ଚ ପୂରଣ ପାଇଁ ବ୍ୟବହୃତ ହେବ ନାହିଁ । ତେଣୁ ୱାଟ୍‌କୋର ଏହି କାର୍ଯ୍ୟାନୁଷ୍ଠାନ ଓଡ଼ିଶା ଟ୍ରେଜେରୀ କୋଡର ଉଲ୍ଲଙ୍ଘନ ଅଟେ ।

5.5.1.3 ଓଡ଼ିଶା ଜଳ ଯୋଗାଣ ଓ ସ୍ୱେରେଜ୍ ବୋର୍ଡ-ସହରାଞ୍ଚଳରେ ସ୍ୱେରେଜ୍ ପରିଚାଳନା

ଓଏମ୍‌ଏ ଏବଂ ଓଏମ୍‌ସିଏ ଅନୁଯାୟୀ, ୟୁଏଲ୍‌ବିର ବାଧତାମୂଳକ କର୍ତ୍ତବ୍ୟ ମଧ୍ୟରେ କଠିନ ବର୍ଜ୍ୟବସ୍ତୁ ଏବଂ ନର୍ଦ୍ଦମା ସଂଗ୍ରହ, ଅପସାରଣ, ବିଶୋଧନ ଏବଂ ନିଷ୍କାସନ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା ଅନ୍ତର୍ଭୁକ୍ତ । ଏଚ୍‌ଆଣ୍ଡୟୁଡି ବିଭାଗ ଅଧିନରେ ଥିବା ଓଡବ୍ଲୁଏସ୍‌ଏସ୍‌ବି ହେଉଛି ରାଜ୍ୟର ସହରାଞ୍ଚଳରେ ସ୍ୱେରେଜ୍ ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା । ତେବେ ଜଳ ଯୋଗାଣ ସହ ସ୍ୱେରେଜ୍ ବିଶୋଧନ ଓ ନିଷ୍କାସନ ସମ୍ବନ୍ଧୀୟ କାର୍ଯ୍ୟର ତଦାରଖ ପାଇଁ ସରକାର (ଜୁଲାଇ 2015) ଆଉ ଏକ କମ୍ପାନୀ ଅର୍ଥାତ୍ ୱାଟ୍‌କୋ ପ୍ରତିଷ୍ଠା କରିଥିଲେ । ଗେଜେଟ୍ ବିଜ୍ଞପ୍ତି (ଜୁଲାଇ 2015) ଅନୁଯାୟୀ, ୱାଟ୍‌କୋ ତିନୋଟି ୟୁଏଲ୍‌ବିରେ ପିଏଚ୍‌ଇଓର ଦାୟିତ୍ୱ ନେଇଥିଲା ଏବଂ ଏଚ୍‌ଆଣ୍ଡୟୁଡି ବିଭାଗ ଦ୍ୱାରା ନିଯୁକ୍ତ ଅନ୍ୟ କୌଣସି ୟୁଏଲ୍‌ବିରୁ ନିଜ ଅଭିଆରକୁ ନେବାର ଥିଲା । ବର୍ତ୍ତମାନ ୱାଟ୍‌କୋ କେବଳ ଆଠଟି ୟୁଏଲ୍‌ବିରେ ଜଳ ଯୋଗାଣ କରୁଥିଲା ।

2015-16 ରୁ 2019-20 ଆର୍ଥିକ ବର୍ଷ ମଧ୍ୟରେ ଓଡବ୍ଲୁଏସ୍‌ଏସ୍‌ବି ଦ୍ୱାରା ସ୍ୱେରେଜ୍ ବ୍ୟବସ୍ଥାର ନିର୍ମାଣ ଏବଂ ପରିଚାଳନା ଓ ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ନିମ୍ନଲିଖିତ ତଥ୍ୟ ଯାଞ୍ଚରୁ ଜଣାପଡ଼ିଛି ।

- 2017 ଜାନୁଆରୀରୁ 2018 ଫେବୃଆରୀ ମଧ୍ୟରେ 1258.41 କୋଟି ଟଙ୍କାର ଚୁକ୍ତି ଭିତ୍ତିରେ ଓଡବ୍ଲୁଏସ୍‌ଏସ୍‌ବି ଛଅଟି ସ୍ୱେରେଜ୍ ସିଷ୍ଟମ ପ୍ରକଳ୍ପ (ଭୁବନେଶ୍ୱରରେ ଚାରୋଟି, ସମ୍ବଲପୁରରେ ଗୋଟିଏ ଓ ରାଉରକେଲାରେ ଗୋଟିଏ) ହାତକୁ ନେଇଥିଲା, ଯାହାକି 2020 ଜାନୁଆରୀ ରୁ ନଭେମ୍ବର 2020 ମଧ୍ୟରେ ଶେଷ ହେବାର ଥିଲା । 2020 ଡିସେମ୍ବରରେ ଭୁବନେଶ୍ୱରରେ ଚାରିଟି ପ୍ରକଳ୍ପ ଆଂଶିକ କାର୍ଯ୍ୟକ୍ଷମ ହୋଇଥିବା ଦର୍ଶାଯାଇଥିବା ବେଳେ ଅନ୍ୟ ଦୁଇଟି ପ୍ରକଳ୍ପ (ସମ୍ବଲପୁର ଓ ରାଉରକେଲାରେ) 2021 ମାର୍ଚ୍ଚ ସୁଦ୍ଧା ଚାଲିଥିବା ଜଣାପଡ଼ିଛି ।

- ଆହୁରି ଏହା ମଧ୍ୟ ଦେଖିବାକୁ ମିଳିଛି ଯେ, 860.96 କିଲୋମିଟର ସ୍ୱେରେଜ୍ ବିଛାଇବା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ 514.92 କିଲୋମିଟର (60 ପ୍ରତିଶତ) ଶେଷ ହୋଇଛି ଏବଂ ଅବଶିଷ୍ଟ 346.04 କିଲୋମିଟର କାମ ଶେଷ ହୋଇନାହିଁ । 44 ଟି ସ୍ୱେରେଜ୍ ପମ୍ପିଂ ଷ୍ଟେସନ (ଏସ୍‌ପିଏସ୍) ମଧ୍ୟରୁ 41 ଟି ଚାଲୁଥିବା ବେଳେ ତିନୋଟି କାର୍ଯ୍ୟକ୍ଷମ ହୋଇନାହିଁ ।

- ସେହିପରି ଛଅଟି ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) ମଧ୍ୟରୁ ଗୋଟିଏ ଏସ୍‌ଟିପି ଭୁବନେଶ୍ୱରରେ କାର୍ଯ୍ୟକ୍ଷମ ହୋଇଥିବା ବେଳେ ବାକି ପାଞ୍ଚୋଟି ଏସ୍‌ଟିପି ଚାଲୁ ରହିଛି । 2009-10 ରୁ 2019-20 ଆର୍ଥିକ ବର୍ଷ ମଧ୍ୟରେ ଛଅଟି ସ୍ୱେରେଜ୍ ସିଷ୍ଟମ ପ୍ରକଳ୍ପ ପାଇଁ ମିଳିଥିବା 881.88 କୋଟି ଟଙ୍କା ମଧ୍ୟରୁ 700.39 କୋଟି ଟଙ୍କା ବ୍ୟବହୃତ ହୋଇଛି । ପ୍ରକଳ୍ପଗୁଡ଼ିକ ଏବଂ ଅବ୍ୟବହୃତ ବାଲାନ୍ସ (ଅକ୍ଟୋବର/ ଡିସେମ୍ବର 2019) ଅଧିକ କାର୍ଯ୍ୟ ପାଇଁ ୱାଟ୍‌କୋକୁ ହସ୍ତାନ୍ତର କରାଯାଇଥିଲା । ଫଳରେ ଦୁଇଟି ପାରାଷ୍ଟାଟାଲ୍ ସଂସ୍ଥାର ସଂପୃକ୍ତି ସତ୍ତ୍ୱେ ଦୁଇ ବର୍ଷରୁ ଅଧିକ ସମୟ ଧରି ସ୍ୱେରେଜ୍ ବ୍ୟବସ୍ଥା ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଥିଲା ।

- ଏହା ମଧ୍ୟ ଦେଖିବାକୁ ମିଳିଛି ଯେ, ୟୁଏଲ୍‌ବିଗୁଡ଼ିକ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ କାର୍ଯ୍ୟ ଗ୍ରହଣ କରିନାହାଁନ୍ତି ଏବଂ ସ୍ୱେରେଜ୍ ସେସ୍ ଆଦାୟ କରିନାହାଁନ୍ତି, ଯାହାଫଳରେ ନିଜସ୍ୱ ରାଜସ୍ୱ ସୃଷ୍ଟି ହେଉନାହିଁ ।

ଉତ୍ତରରେ ସରକାର ଜଣାଇଲେ (ମଇ 2022) ଯେ, ଭୁବନେଶ୍ୱରରେ ଥିବା ଛଅଟି ସ୍ୱେରେଜ୍ ମଧ୍ୟରୁ ଗୋଟିଏ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇଛି । 2022 ସେପ୍ଟେମ୍ବର ସୁଦ୍ଧା ଅନ୍ୟ ସ୍ୱେରେଜ୍ ବ୍ୟବସ୍ଥା ଶେଷ ହେବ । ତେବେ ସରକାର ଅବଶିଷ୍ଟ ସ୍ୱେରେଜ୍ ବ୍ୟବସ୍ଥାକୁ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବା ସୁନିଶ୍ଚିତ କରିପାରିବେ

ସୁପାରିଶ :

11. ସରକାର କାର୍ଯ୍ୟ ସମ୍ପାଦନ ପାଇଁ ସମୟ ସୀମାକୁ ଅଧିକ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ବିଚାର କରିପାରନ୍ତି ।

5.5.1.4 ଓଡ଼ିଶା ସକ୍ଷମ ଆବାସସ୍ଥଳୀ ମିଶନ (ଓଏଲ୍ ଏଚ୍ ଏମ୍)-"ଜାଗା"

ଓଏମ୍ଏ ଏବଂ ଓଏମ୍ସିଏ ଅନୁଯାୟୀ, ୟୁଏଲ୍ବି ଗୁଡ଼ିକ ବସ୍ତି ଉନ୍ନତି ଏବଂ ଉନ୍ନତିକରଣ କାର୍ଯ୍ୟ ସମ୍ପାଦନ କରିବାକୁ ପଡ଼ିବ । ଓଡ଼ିଶା ଜମି ଅଧିକାର ଆଇନ୍ 2017 ଅନୁଯାୟୀ ଚିହ୍ନଟ ବସ୍ତି ବାସିନ୍ଦାଙ୍କୁ ଜମି ଅଧିକାର ପ୍ରଦାନ କରାଯିବ । ତେବେ ଏହା ଦେଖିବାକୁ ମିଳିଥିଲା ଯେ, ଓଏଲ୍ଏଚ୍ଏମ୍-"ଜାଗା" ନାମକ ଏକ ସମାଜ, ଏଚ୍ଆଣ୍ଡୟୁଡି ବିଭାଗ ଦ୍ୱାରା (ମଇ 2018) ଗଠନ କରାଯାଇଥିଲା ଏବଂ ସୋସାଇଟି ଆକ୍ଟ, 1860 ଅଧିନରେ ପଞ୍ଜୀକୃତ ହୋଇଥିଲା । ଯାହା ସମସ୍ତ ୟୁଏଲ୍ବି ଅଞ୍ଚଳରେ ବସ୍ତିଗୁଡ଼ିକୁ ସକ୍ଷମ ଆବାସସ୍ଥଳୀରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି । ସୋସାଇଟିର ଗଭର୍ଣ୍ଣିଂ ବଡିରେ ମୁଖ୍ୟ ଶାସନ ସଚିବ ଅଧ୍ୟକ୍ଷ ଏବଂ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ/ ପ୍ରମୁଖ ଶାସନ ସଚିବ/ ଅନ୍ୟ ବିଭାଗର ସଚିବ/ ଡିଏମ୍ଏ ନଅ ଜଣ ସଦସ୍ୟ ରହିଛନ୍ତି । ବିଭିନ୍ନ ବିଭାଗ/ ସହରାଞ୍ଚଳ ସଂସ୍ଥା/ ବେସରକାରୀ ଅନୁଷ୍ଠାନ/ ଆର୍ଥିକ ଅନୁଷ୍ଠାନ/ ଆନ୍ତର୍ଜାତୀୟ ସଂସ୍ଥା/ ଟ୍ରଷ୍ଟ/ ସମୁଦାୟ ଓ ଅଂଶୀଦାରମାନଙ୍କ ମଧ୍ୟରେ ସହଯୋଗକୁ ସୁଦୃଢ଼ କରି ବିଭିନ୍ନ ଯୋଜନା/ କାର୍ଯ୍ୟକ୍ରମ/ ପାଣ୍ଠି ସୁଯୋଗର ଉପଯୋଗ ଓ ସମନ୍ୱୟ କରିବା ଏହି ମିଶନର ଉଦ୍ଦେଶ୍ୟ । ଏହା ବ୍ୟତୀତ, ସହରାଞ୍ଚଳ ଗରିବଙ୍କ ଜୀବନରେ ସ୍ଥାୟୀ ପରିବର୍ତ୍ତନ ପାଇଁ ଆବଶ୍ୟକ ନୀତି ସଂସ୍କାରର ବିକଳ୍ପ ଯାଞ୍ଚ କରିବା ପାଇଁ ଏହା ଓଡ଼ିଶା ସରକାରଙ୍କୁ ପରାମର୍ଶଦାତା ସହାୟତା ପ୍ରଦାନ କରିଥାଏ ।

ସେପ୍ଟମ୍ବର 2020 ରୁ କାର୍ଯ୍ୟକାରୀ ହୋଇଥିବା ବସ୍ତି ଉନ୍ନତିକରଣ ଏବଂ ଡିଲିଷ୍ଟିଂ ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓରରୁ ପ୍ରକାଶିତ ଅନୁଯାୟୀ, ଜାଗା ମିଶନ (i) 1,725 ଟି ବସ୍ତିର ସର୍ବେକ୍ଷଣ ଏବଂ ମ୍ୟାପିଂ ଶେଷ ହୋଇଛି । (ii) 1,68,141 ପରିବାର ପାଇଁ ଘରକୁ ଘର ବୁଲି ସର୍ବେକ୍ଷଣ କରାଯାଇଛି (iii) ସରକାର 60,000 ପରିବାର ପାଇଁ ଜମି ଅଧିକାର ସାର୍ଟିଫିକେଟ୍ ପ୍ରଦାନ କରିବାରେ ସହାୟକ ହୋଇଥିଲା ଏବଂ (iv) ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ 20,000 ବସ୍ତି ପରିବାରକୁ ଆବାସ ପାଇଁ ସହାୟତା ପ୍ରଦାନ କରିଛନ୍ତି । ତେଣୁ ରାଜ୍ୟରେ ବସ୍ତିର ଉନ୍ନତି ପାଇଁ ସମାଜ ଏକ ସଂସ୍ଥା ଭାବେ କାର୍ଯ୍ୟ କରାଯାଇଛି ।

ତେବେ ୟୁଏଲ୍ବି ଗୁଡ଼ିକରେ ବସ୍ତିବାସିନ୍ଦାଙ୍କ ପାଇଁ ରାସ୍ତା ଓ ଘର (ରାଜୀବ ଆବାସ ଯୋଜନା) ନିର୍ମାଣ କାର୍ଯ୍ୟ ସେମାନଙ୍କ ଇଞ୍ଜିନିୟରିଂ ଶାଖା ଦ୍ୱାରା କରାଯାଇଥିଲେ ହେଁ ବସ୍ତି ଉନ୍ନତି ପାଇଁ କୌଣସି ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ନିୟୋଜିତ କରାଯାଇନାହିଁ । ଓଏଲ୍ଏଚ୍ଏମ୍ ସହ ଯୋଗାଯୋଗ କରିବା ଉଦ୍ଦେଶ୍ୟରେ ସ୍ଲମ୍ ଅପ୍ଗ୍ରେଡେସନ୍ ଏବଂ ଡିଲିଷ୍ଟିଂ ପାଇଁ ଓଏଲ୍ଏଚ୍ଏମ୍ ସହ ଯୋଗାଯୋଗ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ୟୁଏଲ୍ବିରେ ଜଣ ଲେଖାଏଁ ୱାର୍ଡ ଅଫିସରଙ୍କୁ ନୋଡାଲ୍ ଅଫିସର ଭାବେ ନିଯୁକ୍ତ କରାଯାଇଥିଲା ।

ଉପରୋକ୍ତ ତଥ୍ୟରୁ ଏହା ସ୍ପଷ୍ଟ ଯେ ୟୁଏଲ୍ବି ଗୁଡ଼ିକୁ ସୁଦୃଢ଼ କରିବା ପାଇଁ ସେମାନଙ୍କୁ ପାଣ୍ଠି ଓ କର୍ମକର୍ତ୍ତା ଯୋଗାଇ ଦେବା ପରିବର୍ତ୍ତେ ଜିଓଓ ବିକେନ୍ଦ୍ରୀୟ ଶାସନର ଉଦ୍ଦେଶ୍ୟରୁ ବିଚ୍ଛିନ୍ନ ହୋଇ ବସ୍ତି ଉନ୍ନତି ପାଇଁ ଆଉ ଏକ ସଂସ୍ଥା ସୃଷ୍ଟି କରିଥିଲେ ।

ଏହାର ଉତ୍ତରରେ ସରକାର ଜଣାଇଲେ (ମଇ 2022) ଯେ, ୟୁଏଲ୍ବିଗୁଡ଼ିକ ସେମାନଙ୍କ କାର୍ଯ୍ୟ ସମ୍ପାଦନ ପାଇଁ ହସ୍ତାନ୍ତର ସହାୟତା ପ୍ରଦାନ କରିବା ଏବଂ ମିଶନ ମୋଡରେ ବସ୍ତିବାସିନ୍ଦାଙ୍କୁ ବାସସ୍ଥାନ ପ୍ରଦାନ କରିବା ପାଇଁ ଜାଗା ମିଶନ ଗଠନ କରାଯାଇଛି । କିନ୍ତୁ, ବାସ୍ତବକଥା ହେଲା ସରକାର ୟୁଏଲ୍ବି ଗୁଡ଼ିକୁ ସୁଦୃଢ଼ କରିବା ପରିବର୍ତ୍ତେ ଅନ୍ୟ ସଂସ୍ଥା ସୃଷ୍ଟି କରିଛନ୍ତି ।

ସୁପାରିଶ :

12. *ପ୍ରଭାବଶାଳୀ ବିକେନ୍ଦ୍ରୀକରଣ ହାସଲ କରିବା ପାଇଁ ୟୁଏଲ୍‌ବିଗୁଡ଼ିକ ଯେପରି ଅନ୍ୟ ସଂସ୍ଥା/ ପାରାଷ୍ଟାଟାଲ୍ ହସ୍ତକ୍ଷେପ ବିନା ସେମାନଙ୍କୁ ଦିଆଯାଇଥିବା କାର୍ଯ୍ୟ ସମ୍ବନ୍ଧରେ ପର୍ଯ୍ୟାପ୍ତ ପରିମାଣର ସ୍ୱୟଂଶାସିତତା ଉପଭୋଜ କରନ୍ତି ତାହା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ଆବଶ୍ୟକ ।*

ଭାଗ VI

ୟୁଏଲ୍‌ବି ଗୁଡ଼ିକରେ ମାନବ ସମ୍ବଳ ପରିଚାଳନା ସମ୍ବନ୍ଧୀୟ ବିଷୟଗୁଡ଼ିକ ଏହି ଅଧ୍ୟାୟରେ ଆଲୋଚନା କରାଯାଇଛି । ରାଜ୍ୟ ସରକାର ନିଜେ ବର୍ଗୀକରଣ, ନିଯୁକ୍ତି ପଦ୍ଧତି, ସେବା ସର୍ତ୍ତ ଏବଂ ବେତନ ଏବଂ ୟୁଏଲ୍‌ବି କର୍ମଚାରୀଙ୍କ ଭତ୍ତା ନିୟନ୍ତ୍ରଣ କରିବା ସହିତ ସେମାନଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ସେମାନଙ୍କୁ ୟୁଏଲ୍‌ବି କିମ୍ବା ଅନ୍ୟାନ୍ୟ ସରକାରୀ ବିଭାଗକୁ ହସ୍ତାନ୍ତର କରିବାର କ୍ଷମତା ପ୍ରଦାନ କରିଛନ୍ତି ।

ଏହି ଦଶନ୍ଧିରୁ ଅଧିକ ସମୟ ଧରି ସମସ୍ତ ପରୀକ୍ଷିତ ୟୁଏଲ୍‌ବିରେ ଜନସଂଖ୍ୟା ବୃଦ୍ଧି ସତ୍ତ୍ୱେ, ମଞ୍ଜୁରୀ ପ୍ରାପ୍ତ କର୍ମଚାରୀ ସଂଖ୍ୟା ହ୍ରାସ ପାଇଛି ।

ବିଶେଷ କରି ଗୁରୁତ୍ୱପୂର୍ଣ୍ଣ ବୈଷୟିକ ପଦବୀରେ ସମସ୍ତ କ୍ୟାଡରରେ ବଡ଼ ପଦବୀ ଖାଲି ପଡ଼ିଥିବାରୁ ସେବା ପ୍ରଦାନ ପ୍ରଭାବିତ ହୋଇଛି ।

5.6 ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ମାନବ ସମ୍ବଳ ପରିଚାଳନା ଓ ଦକ୍ଷତା ବିକାଶ

5.6.1 ମାନବ ଶକ୍ତି ଉପରେ ସୀମିତ ନିୟନ୍ତ୍ରଣ

ୟୁଏଲ୍‌ବିର ସଶକ୍ତିକରଣ ପାଇଁ ପର୍ଯ୍ୟାପ୍ତ ଏବଂ ଯୋଗ୍ୟ ମାନବ ଶକ୍ତି ଆବଶ୍ୟକ । ବିଭିନ୍ନ ମାନଦଣ୍ଡ ଯଥା, ଭୌଗୋଳିକ କ୍ଷେତ୍ରର ପରିମାଣ, ଜନସଂଖ୍ୟା/ ଜନସଂଖ୍ୟା ପ୍ରକୃତିର ସଂଖ୍ୟା, ବିଦ୍ୟମାନ ସମ୍ପତ୍ତିର ପ୍ରକାର ଏବଂ ସଂଖ୍ୟା ଇତ୍ୟାଦିକୁ ବିଚାରକୁ ନେଇ ୟୁଏଲ୍‌ବି ଗୁଡ଼ିକ ନିଜେ ମାନବ ଶକ୍ତି ଆବଶ୍ୟକତାର ଆକଳନ କରିପାରିବେ ।

ଅବଶ୍ୟ, ଓଡ଼ିଶା ପୌର ପ୍ରଶାସନିକ ସେବା (ଓଏମ୍‌ଏଏସ୍) ନିୟମ, 2016 ଅନୁଯାୟୀ କର୍ମଚାରୀଙ୍କ ଆବଶ୍ୟକତା, ନିଯୁକ୍ତି ଓ ବଦଳି ଆକଳନ କରିବା ପାଇଁ ୟୁଏଲ୍‌ବି ଗୁଡ଼ିକର କୌଣସି କ୍ଷମତା ନଥିଲା । ବିଭିନ୍ନ ବର୍ଗର ୟୁଏଲ୍‌ବିରେ କର୍ମଚାରୀଙ୍କ ଆବଶ୍ୟକତା ଆକଳନ କରିବା ସହ ୟୁଏଲ୍‌ବିରେ କର୍ମଚାରୀଙ୍କ ନିଯୁକ୍ତି ଓ ସ୍ଥାନାନ୍ତରର କ୍ଷମତା ରାଜ୍ୟ ସରକାରଙ୍କ ନିକଟରେ ରହିଛି । କିନ୍ତୁ ରାଜ୍ୟ ସରକାର ୟୁଏଲ୍‌ବିର ମାନବ ଶକ୍ତି ଆକଳନକୁ ବାସ୍ତବିକ ଭାବରେ ବିଚାର କରିନଥିଲେ, ଯାହାଫଳରେ ବ୍ୟାପକ ଅଭାବ ଦେଖାଦେଇଥିଲା ଯାହାକି ***ଅନୁଚ୍ଛେଦ 5.6.2.1*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

ଉତ୍ତରରେ ସରକାର ଜଣାଇଲେ (ମଇ 2022) ଯେ, ସେ ଉତ୍ସର୍ଗୀକୃତ ମ୍ୟୁନିସିପାଲିଟି ସର୍ଭିସ୍ କ୍ୟାଡର୍ ପ୍ରତିଷ୍ଠା କରିଛନ୍ତି ଏବଂ ନିଯୁକ୍ତି କେନ୍ଦ୍ରୀୟ ସ୍ତରରେ କରାଯାଉଛି ।.

5.6.1.1 କର୍ମଚାରୀଙ୍କ ନିଯୁକ୍ତି

ୟୁଏଲ୍‌ବିକୁ ନିୟନ୍ତ୍ରଣ କରୁଥିବା ଆଇନ୍ ଅନୁଯାୟୀ, ରାଜ୍ୟ ସରକାର ୟୁଏଲ୍‌ବିର ବର୍ଗୀକରଣ, ନିଯୁକ୍ତି ପଦ୍ଧତି, ଚାକିରୀ ସର୍ତ୍ତାବଳୀ, ବେତନ ଏବଂ ଭତ୍ତା ସହିତ ୟୁଏଲ୍‌ବିର କର୍ମଚାରୀ ଏବଂ ଅଧିକାରୀଙ୍କ ଶୃଙ୍ଖଳା ଏବଂ ଆଚରଣକୁ ନିୟନ୍ତ୍ରଣ କରନ୍ତି । ଓଏମ୍‌ଏଏସ୍ ନିୟମ, 2016 ରେ ବିଭିନ୍ନ ବର୍ଗର ପଦବୀ ପାଇଁ ନିଯୁକ୍ତ କର୍ତ୍ତୃପକ୍ଷଙ୍କୁ ତାଲିକାଭୁକ୍ତ କରାଯାଇଛି, ଯାହା ନିମ୍ନ ସାରଣୀରେ ଦର୍ଶାଯାଇଛି ।

ସାରଣୀ 5.7: ନିଯୁକ୍ତି ପାଇଁ ନିଯୁକ୍ତ କର୍ତ୍ତୃପକ୍ଷଙ୍କୁ ଦର୍ଶାଉଥିବା ବିବୃତ୍ତି

ପଦବୀ ଶ୍ରେଣୀ	ନିଯୁକ୍ତ କର୍ତ୍ତୃପକ୍ଷ
ଗ୍ରୁପ୍ କ	ରାଜ୍ୟ ସରକାର
ଗ୍ରୁପ୍ ବି ଓ ସି	ପୌର ପ୍ରଶାସନ ନିର୍ଦ୍ଦେଶକ (ଡିଏମ୍ଏ)
ଗ୍ରୁପ୍ ଡି	ନିଗମ ଡେପୁଟି କମିଶନର ଏବଂ ପୌରପାଳିକା ଓ ଏନ୍ଏସି ରେ କାର୍ଯ୍ୟନିର୍ବାହୀ ଅଧିକାରୀ

5.6.1.2 କର୍ମଚାରୀଙ୍କ ଉପରେ ନିୟନ୍ତ୍ରଣ

ୟୁଏଲ୍ବିର ଅଧିକାରୀଙ୍କୁ ପଦୋନ୍ନତି ଦେବା, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଜରିମାନା ଆଦାୟ କରିବା କ୍ଷମତା ଇତ୍ୟାଦି ରହିଛି । ଡେପୁଟେସନ୍ ବ୍ୟତୀତ ୟୁଏଲ୍ବିର ଅଧିକାରୀଙ୍କ ସମ୍ପର୍କରେ ମଧ୍ୟ ୟୁଏଲ୍ବିକୁ ହସ୍ତାନ୍ତର କରାଯାଇନାହିଁ ଏବଂ ରାଜ୍ୟ ସରକାରଙ୍କ ନିକଟରେ ନ୍ୟସ୍ତ ହୋଇଛି ।

ଉତ୍ତରରେ ସରକାର ଜଣାଇଲେ (ମଇ 2022) ଯେ, ନିଯୁକ୍ତ କର୍ତ୍ତୃପକ୍ଷ ହେଉଛନ୍ତି କର୍ମଚାରୀଙ୍କ ଶୃଙ୍ଖଳାଗତ କର୍ତ୍ତୃପକ୍ଷ । ସରକାରଙ୍କ ଉତ୍ତରରୁ ସ୍ପଷ୍ଟ ହୋଇଛି ଯେ ୟୁଏଲ୍ବି ଗୁଡ଼ିକର କର୍ମଚାରୀଙ୍କ ଉପରେ ସୀମିତ ନିୟନ୍ତ୍ରଣ ରହିଛି କାରଣ ଓଡ଼ିଶା ମ୍ୟୁନିସିପାଲିଟି ମାନୁଆଲ ଅନୁଯାୟୀ ପୌର ପ୍ରଶାସନ ନିର୍ଦ୍ଦେଶକ ହେଉଛନ୍ତି ଓଡ଼ିଶା ପୌର ସେବା ଅଧିନରେ ଥିବା ସମସ୍ତ ବର୍ଗର ପଦବୀ ପାଇଁ ନିଯୁକ୍ତ କର୍ତ୍ତୃପକ୍ଷ ।

5.6.1.3 ନଗର କର୍ମଚାରୀମାନେ ୟୁ ଏଲ୍ବିର ଜନସଂଖ୍ୟା ସହ ସମାନ ନୁହଁନ୍ତି

2011 ଜନଗଣନା ଅନୁସାରେ, ଓଡ଼ିଶାର ସହରାଞ୍ଚଳ ଜନସଂଖ୍ୟା 0.70 କୋଟି ଥିଲା । 2020 ସୁଦ୍ଧା ଏହା 0.95 କୋଟିକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିଲା । ପରୀକ୍ଷଣ କରାଯାଇଥିବା 20 ଟି ୟୁଏଲ୍ବିରେ ମାନବ ସମ୍ବଳ ସମ୍ବନ୍ଧୀୟ ତଥ୍ୟର ବିଶ୍ଳେଷଣରୁ ଜଣାଗଲା ଯେ ୟୁଏଲ୍ବିରେ ମଞ୍ଜୁରୀ ପ୍ରାପ୍ତ ସଂଖ୍ୟା ଜନସଂଖ୍ୟା ସହିତ ସମାନ ନୁହେଁ । ପରୀକ୍ଷିତ ୟୁଏଲ୍ବି ଗୁଡ଼ିକରେ ପ୍ରତି 1000 ଜନସଂଖ୍ୟାରେ କର୍ମଚାରୀଙ୍କ ସଂଖ୍ୟା (2011 ଜନଗଣନା ତଥ୍ୟ ଅନୁଯାୟୀ) 0.22 ରୁ 3.59 ମଧ୍ୟରେ ଥିଲା । ତେବେ 2020 ର ଆନୁମାନିକ ଜନସଂଖ୍ୟା ଅନୁଯାୟୀ, ଏହା 0.16 ରୁ 2.64 ମଧ୍ୟରେ ହ୍ରାସ ପାଇଛି, ଯାହାକି ନିମ୍ନ ଚାର୍ଟରେ ଦର୍ଶାଯାଇଛି ।:

ଚାର୍ଟ 5.5: ପ୍ରତି 1000 ଜନସଂଖ୍ୟାରେ କର୍ମଚାରୀ



(ଉତ୍ସ: 2011 ଜନଗଣନା ଅନୁଯାୟୀ 20 ଟି ପରୀକ୍ଷଣ କରାଯାଇଥିବା ୟୁ ଏଲ୍ବିରେ 2020 ପାଇଁ ଅଡିଟ୍ ଦ୍ୱାରା ମିଳିଥିବା ତଥ୍ୟ ତୁଳନାରେ)

ଓଏମ୍ଏଏସ୍ ନିୟମ, 2016 ରେ ଅଭାବ ଥିଲା କାରଣ ସେମାନେ ରାଜ୍ୟର ୟୁଏଲ୍ବି ଗୁଡ଼ିକରେ କର୍ମଚାରୀଙ୍କ କାର୍ଯ୍ୟ ଅନୁଯାୟୀ ଆବଶ୍ୟକତାକୁ ନିର୍ଦ୍ଦିଷ୍ଟ କରିବାରେ ବିଫଳ ହୋଇଥିଲେ । ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଥିବା ପରୀକ୍ଷଣରେ ଯାଞ୍ଚ କରାଯାଇଥିବା ୟୁଏଲ୍ବିରେ କର୍ମଚାରୀଙ୍କ ଅପାରଗତା ମଧ୍ୟ ଅଡିଟ୍ ଲକ୍ଷ୍ୟ କଲା ।

ଏହାର ଉତ୍ତରରେ ସରକାର ଜଣାଇଲେ (ମଇ 2022) ଯେ, ପୌର ପ୍ରଶାସନରେ ଆଇସିଟିର ବ୍ୟବହାର ଏବଂ ପରିମଳ ପାଇଁ କର୍ମଚାରୀଙ୍କ ଆଉଟ୍‌ସୋର୍ସିଂ କାରଣରୁ ୟୁଏଲ୍‌ବି ପାଇଁ କର୍ମଚାରୀଙ୍କ ସଂଖ୍ୟା ଓଏମ୍‌ଏଏସ୍ ଆଇନ୍, 2015 ଅନୁଯାୟୀ ପ୍ରଥମରୁ ଅଷ୍ଟମ ବର୍ଗ ପର୍ଯ୍ୟନ୍ତ ୟୁଏଲ୍‌ବି ବର୍ଗ ଆଧାରରେ ସ୍ଥିର କରାଯାଇଛି । ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ସରକାର ୟୁଏଲ୍‌ବି ଗୁଡ଼ିକୁ ବର୍ଗୀକୃତ କରିବା ଏବଂ ମଞ୍ଜୁରୀ ପ୍ରାପ୍ତ ପଦବୀ ଏବଂ ପ୍ରତ୍ୟେକ ବର୍ଗ ପଦବୀରେ ଥିବା ପୁରୁଷଙ୍କୁ ନିର୍ଦ୍ଧାରଣ କରିବା ସପକ୍ଷରେ କୌଣସି ଦସ୍ତାବିଜ୍ ପ୍ରମାଣ ପ୍ରଦାନ କରିନାହାଁନ୍ତି ।

5.6.2 କର୍ମଚାରୀଙ୍କ ଦକ୍ଷତା ଏବଂ କାର୍ଯ୍ୟକାରିତା

5.6.2.1 ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ଅଯୋଗ୍ୟ କର୍ମଚାରୀ

ପରୀକ୍ଷଣ କରାଯାଇଥିବା ୟୁଏଲ୍‌ବି ଗୁଡ଼ିକରେ, ୟୁଏଲ୍‌ବିର କର୍ମଚାରୀ ସ୍ଥିତିର ଯାଞ୍ଚରୁ ଜଣାଗଲା ଯେ 5,617 କର୍ମଚାରୀଙ୍କ ମଞ୍ଜୁରୀ ପ୍ରାପ୍ତ କର୍ମଚାରୀଙ୍କ ତୁଳନାରେ ପ୍ରକୃତ ଏମ୍‌ଆଇପି 3,466 ଥିଲା, ଯେଉଁଥିରେ ବିଭିନ୍ନ ବର୍ଗ ଯଥା, ମ୍ୟୁନିସିପାଲ୍ ଇଞ୍ଜିନିୟର, ମେଡିକାଲ୍ ଅଫିସର କନିଷ୍ଠ ଯନ୍ତ୍ରୀ, ବରିଷ୍ଠ/ ଜୁନିୟର ଆସିଷ୍ଟାଣ୍ଟ, ଟିକସ ସଂଗ୍ରହକାରୀ ଇତ୍ୟାଦିରେ 2,151 କର୍ମଚାରୀ ପଦବୀ ଖାଲି ପଡ଼ିଛି । ଯାହା ମଞ୍ଜୁର ହୋଇଥିବା ପଦବୀର 38 ପ୍ରତିଶତ ଅଟେ । ପରୀକ୍ଷା ନିରୀକ୍ଷିତ ୟୁଏଲ୍‌ବିରେ ଖାଲି ପଡ଼ିଥିବା ପଦବୀ ସଂଖ୍ୟା ରାୟଗଡ଼ା ପୌରପାଳିକାରେ 15 ପ୍ରତିଶତରୁ ପୁରୀ ପୌରପାଳିକାରେ 72 ପ୍ରତିଶତ ରହିଛି ଯାହା ***ପରିଶିଷ୍ଟ 5.17*** ରେ ବିସ୍ତୃତ ଭାବେ ଦର୍ଶାଯାଇଛି । ଓଡ଼ିଶା ମ୍ୟୁନିସିପାଲିଟି ସର୍ଭିସ୍ ଆକ୍ଟ 2015 ଅନୁଯାୟୀ ୟୁଏଲ୍‌ବିର ପ୍ରତ୍ୟେକ ବର୍ଗ ପାଇଁ ପଦବୀ ସଂଖ୍ୟା ନିର୍ଦ୍ଧାରଣ କରାଯାଏ ଏବଂ ୟୁଏଲ୍‌ବିର ବର୍ଗ ଜନସଂଖ୍ୟା ଉପରେ ଆଧାରିତ । ତେଣୁ ଜନସଂଖ୍ୟା ବଢ଼ିଲେ ୟୁଏଲ୍‌ବିର ସଂଶୋଧିତ ସ୍ଥିତି ଅନୁଯାୟୀ ପଦବୀ ମଧ୍ୟ ବୃଦ୍ଧି କରାଯାଏ । ଯଦିଓ ଜନସଂଖ୍ୟା ବୃଦ୍ଧି ପାଉଥିଲା, ତଥାପି ୟୁଏଲ୍‌ବିର ଆବଶ୍ୟକତା ପୂରଣ ପାଇଁ ମଞ୍ଜୁରୀ ପ୍ରାପ୍ତ ଶକ୍ତି ଏବଂ ଏମ୍‌ଆଇପି ଜନସଂଖ୍ୟା ସହିତ ସମାନ ନଥିଲା । 2011 ଏବଂ 2020 ରେ 20 ଟି ପରୀକ୍ଷିତ ୟୁଏଲ୍‌ବିରେ ପ୍ରତି 1000 ଜନସଂଖ୍ୟାରେ ମଞ୍ଜୁରୀ ପ୍ରାପ୍ତ ସଂଖ୍ୟା ଯଥାକ୍ରମେ 1.68 ଏବଂ 1.24 ଥିଲା । କର୍ମଚାରୀଙ୍କ ସଂଖ୍ୟା ଅଭାବର ପ୍ରଭାବ ବିଷୟରେ ଅନୁଚ୍ଛେଦ 5.3.3.8(i) ଏବଂ 5.6.2.2 ରେ ଆଲୋଚନା କରାଯାଇଛି ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର ଦର୍ଶାଇଲେ (ମଇ 2022) ଯେ, ୟୁଏଲ୍‌ବିର ବର୍ତ୍ତମାନର ମଞ୍ଜୁରୀ ପ୍ରାପ୍ତ ପଦବୀକୁ ଯୁକ୍ତିଯୁକ୍ତ କରିବା ଏବଂ ପର୍ଯ୍ୟାୟକ୍ରମେ ସମସ୍ତ ଖାଲି ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଉଛି ।

5.6.2.2 ଡେପୁଟେସନ/ ଚୁକ୍ତିଭିତ୍ତିକ/ ବୈଦେଶିକ ସେବା ଇତ୍ୟାଦି ଆଧାରରେ ୟୁଏଲ୍‌ବିର ପଦବୀ ପୂରଣ

ଓଏମ୍‌ଏଏସ୍ ଧାରା, 2015 ଏବଂ ଓଏମ୍‌ଏଏସ୍ ନିୟମ, 2016 ରେ ଓଡ଼ିଶା ପୌର ପ୍ରଶାସନିକ ସେବାରେ ନିଯୁକ୍ତ ବ୍ୟକ୍ତିଙ୍କ ନିଯୁକ୍ତି ପଦ୍ଧତି ଏବଂ ସେବାର ସର୍ତ୍ତାବଳୀକୁ ନିୟନ୍ତ୍ରଣ କରାଯାଏ ।

ଅଡିଟ ଲକ୍ଷ୍ୟ କଲା ଯେ ୟୁଏଲ୍‌ବି ଗୁଡ଼ିକରେ ଡେପୁଟେସନ୍ ମାଧ୍ୟମରେ ଅନେକ ପଦବୀ ପୂରଣ କରାଯାଇଥିଲା, ବିଶେଷ କରି ଗ୍ରୁପ୍ ଏ ଓ ଗ୍ରୁପ୍ ସି କ୍ୟାଡରରେ ଯାହା ୟୁଏଲ୍‌ବିର ପ୍ରଭାବ ଶାଳୀ କାର୍ଯ୍ୟକୁ ପ୍ରଭାବିତ କରିଥିଲା । ଡେପୁଟେସନ୍ ଜରିଆରେ ପଦବୀ ପୂରଣ ହୋଇଥିବାରୁ ୟୁଏଲ୍‌ବିରେ ନିୟମିତ କର୍ମଚାରୀଙ୍କ ଅଭାବ ଦେଖାଦେଇଥିଲା । ଏହା ବ୍ୟତୀତ, ନିୟୋଜିତ କର୍ମଚାରୀମାନେ ୟୁଏଲ୍‌ବିରେ ନିଜର ଦାୟିତ୍ୱ ନିର୍ବାହ କରିବା ସହ ମୂଳ ବିଭାଗରେ ଦାୟିତ୍ୱ ମଧ୍ୟ ନିର୍ବାହ କରୁଥିଲେ । ଏହା ଏଭଳି କର୍ମଚାରୀଙ୍କ ଉତ୍ତରଦାୟିତ୍ୱକୁ ପ୍ରଭାବିତ କରିଥିଲା କାରଣ ୟୁଏଲ୍‌ବି ଗୁଡ଼ିକର ସେମାନଙ୍କ ଉପରେ ସିଧାସଳଖ ପ୍ରଶାସନିକ ନିୟନ୍ତ୍ରଣ ନଥିଲା ।
ଜିଓଓ ର ଅନ୍ୟାନ୍ୟ ବିଭାଗରୁ ଡେପୁଟେସନ୍/ ବୈଦେଶିକ ସେବା/ ଚୁକ୍ତି/ ନିୟୋଜନ ଆଧାରରେ ୟୁଏଲ୍‌ବିର ପଦବୀ ପୂରଣର ନିମ୍ନରେ ଦିଆଯାଇଛି:

- ପରୀକ୍ଷା କରାଯାଇଥିବା କୌଣସି ୟୁଏଲ୍‌ବିରେ ସ୍ୱାସ୍ଥ୍ୟ ଅଧିକାରୀ ପାଇଁ ପଦବୀ ନଥିଲା । ନିୟୋଜିତ ସ୍ୱାସ୍ଥ୍ୟ ଅଧିକାରୀମାନେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ୟାଡରରେ ଥିଲେ । କେବଳ ସେତିକି ନୁହେଁ, ପରୀକ୍ଷା କରାଯାଇଥିବା ଏନ୍‌ଏସିରେ କୌଣସି ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିୟୋଜିତ କରାଯାଇନାହିଁ ।
- ବିଏମ୍‌ସିରେ ଡେପୁଟେସନ୍ ଭିତ୍ତିରେ ପରିବେଶ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା ।

- ଯାଜପୁର ପୌରପାଳିକାରେ ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଡେପୁଟେସନ୍ (ବୈଦେଶିକ ସେବା) ଭିତ୍ତିରେ ଅବସ୍ଥାପିତ କରାଯାଇଥିବା ବେଳେ, ଯାଜପୁର ଡିଆର୍‌ଡିଏରୁ ବ୍ୟାସନଗର ପୌରପାଳିକାରେ ଅତିରିକ୍ତ ଦାୟିତ୍ୱ ସହ ଜଣେ ସହକାରୀ ଯନ୍ତ୍ରୀଙ୍କୁ ଅବସ୍ଥାପିତ କରାଯାଇଛି ।
- ଯାଜପୁର ଜିଲ୍ଲାପାଳ, ବ୍ୟାସନଗର ପୌରପାଳିକାରେ ଜଣେ କନିଷ୍ଠ ଯନ୍ତ୍ରୀ (ଜେଇ) ଙ୍କୁ ବ୍ୟାସନଗର ସ୍ଥିତ କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷ (କେଏନ୍‌ଡିଏ) ରୁ ପାର୍ଟ ଟାଇମ୍ ଜେଇ ଭାବେ ନିଯୁକ୍ତି ଦେଇଥିଲେ ।
- ପୂର୍ତ୍ତ ବିଭାଗ, ଜିଓଓରୁ ଡେପୁଟେସନ୍ ଭିତ୍ତିରେ ଆର୍‌ଏମ୍‌ସିରେ ଜଣେ ନିର୍ବାହି ଯନ୍ତ୍ରୀଙ୍କୁ ଅବସ୍ଥାପିତ କରାଯାଇଥିଲା ।
- ଜଳ ସମ୍ପଦ ବିଭାଗ ପକ୍ଷରୁ ଡେପୁଟେସନ୍ ଭିତ୍ତିରେ ଜଣେ କନିଷ୍ଠ ଯନ୍ତ୍ରୀ ଓ ଜଣେ ସହକାରୀ ଯନ୍ତ୍ରୀଙ୍କୁ ଆର୍‌ଏମ୍‌ସିରେ ଆବସ୍ଥାପିତ କରାଯାଇଥିଲା ।
- ବ୍ୟାସ ନଗର ପୌର ପାଳିକାରେ ଡେପୁଟେସନ୍ ଭିତ୍ତିରେ ଜଣେ ସାନିଟାରୀ ଏକ୍ସପର୍ଟଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ରାୟଗଡ଼ା ପୌରପାଳିକାରେ ଚାରିଜଣ ସାନିଟାରୀ ଏକ୍ସପର୍ଟଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜିଓଓର ଡେପୁଟେସନ୍ ଭିତ୍ତିରେ ଅବସ୍ଥାପିତ କରାଯାଇଅଛି ।
- ବ୍ୟାସ ନଗର ପୌରପାଳିକାରେ ଜଣେ ଆକାଉଣ୍ଟାଣ୍ଟ ଓ ଦୁଇ ଜଣ କମ୍ୟୁନିଟି ଅର୍ଗାନାଇଜରଙ୍କୁ ଚୁକ୍ତି ଭିତ୍ତିରେ ନିଯୁକ୍ତି ଦିଆଯାଇଥିଲା । ମ୍ୟୁନିସିପାଲିଟିରେ ଚୁକ୍ତି ଭିତ୍ତିରେ ଏମ୍‌ଆଇଏସ୍ ପାଇଁ ଗୋଟିଏ ପଦବୀ ମଧ୍ୟ ପୂରଣ କରାଯାଇଥିଲା ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର ଜଣାଇଲେ (ମଇ 2022) ଯେ ପୌର କ୍ୟାଡରରେ ଗୁଣାତ୍ମକ ମାନବ ସମ୍ବଳର ଅଭାବ ହେତୁ ଅନ୍ୟ ସେବାର ଅଧିକାରୀମାନଙ୍କୁ ଡେପୁଟେସନ ଭିତ୍ତିରେ ନିୟମିତ କରାଯାଉଛି । ପୌର କ୍ୟାଡରର ଅଧିକାରୀମାନଙ୍କର ପୂର୍ଣ୍ଣାଙ୍ଗ ନିଯୁକ୍ତି ଆରମ୍ଭ ହେବା ପରେ ଏହି ପ୍ରଥା ବନ୍ଦ ହୋଇଯିବ ଯେଉଁଥିପାଇଁ ସମୟ ଲାଗିପାରେ ।

ସୁପାରିଶ :

13. ଜନସଂଖ୍ୟା ଭୌଗୋଳିକ କ୍ଷେତ୍ରର ଜନସଂଖ୍ୟା ପ୍ରକୃତି ଆଧାରରେ ସରକାର ୟୁଏଲ୍‌ବି ଅଧିକାରୀଙ୍କ ଏକ ଇଚ୍ଛାକୃତ ଅନୁମୋଦିତ ପ୍ରାପ୍ତ ପଦବୀରେ ପହଞ୍ଚିପାରିବେ ଏବଂ ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ ।

5.6.3 ଦକ୍ଷତା ବିକାଶ

ସେବାରେ ଦକ୍ଷ ଏବଂ ପ୍ରଭାବଶାଳୀ ବିତରଣ ପାଇଁ ୟୁଏଲ୍‌ବିର କର୍ମଚାରୀ ଏବଂ ନିର୍ବାଚିତ ପ୍ରତିନିଧିମାନଙ୍କ ଦକ୍ଷତା ବିକାଶ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଏସ୍‌ୟୁଡିଏ) ଙ୍କୁ ୟୁଏଲ୍‌ବି ମାନଙ୍କ ପାଇଁ ସମ୍ପୂର୍ଣ୍ଣ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପାଇଁ ସମ୍ବଳ ପ୍ରଶିକ୍ଷଣ ଅନୁଷ୍ଠାନ ଭାବରେ (ଡିସେମ୍ବର 1990) ଦାୟିତ୍ୱ ଦିଆଯାଇଥିଲା । ଏହାପରେ ପୌର କର୍ମଚାରୀ ଓ ନିର୍ବାଚିତ ପ୍ରତିନିଧିଙ୍କ ପାଇଁ ଏସ୍‌ୟୁଡିଏ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚଳାଇଛି । 2015-16 ରୁ 2019-20 ଆର୍ଥିକ ବର୍ଷ ମଧ୍ୟରେ ଏସ୍‌ୟୁଡିଏ ପକ୍ଷରୁ ସର୍ବବ୍ୟାପି ପ୍ରଶିକ୍ଷଣ ବ୍ୟବସ୍ଥା ନିମ୍ନରେ ଦିଆଯାଇଛି ।

ସାରଣୀ 5.8: 2015-20 ରେ ଅନୁଷ୍ଠିତ ପ୍ରଶିକ୍ଷଣ *(ଟଙ୍କା ଲକ୍ଷରେ)*

ବର୍ଷ	ସ୍ଲଟ୍ ସଂଖ୍ୟା	ମନୋନୀତ ଅଂଶଗ୍ରହଣକାରୀ	ଅଂଶଗ୍ରହଣକାରୀମାନେ ଯୋଗଦେଇଥିଲେ	ଖର୍ଚ୍ଚ
2015-16	24	1,551	ଉପଲବ୍ଧ ନାହିଁ	69.70
2016-17	47	3,027		46.63
2017-18	21	1,797		25.85
2018-19	34	3,887		59.98
2019-20	19	1,866		16.65
ମୋଟ	**145**	**12,128**		**218.81**

(ଉତ୍ସ: ଏସ୍‌ୟୁଡିଏ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)

ସମୁଦାୟ 145 ଟି ସ୍ଲମ୍ ମଧ୍ୟରୁ 39 ଟି ସ୍ଲମ୍ସରେ 2,659 ଜଣ ଅଂଶଗ୍ରହଣ କାରୀଙ୍କୁ ନେଇ ଏସ୍ୟୁଡିଏରେ ସମୀକ୍ଷା ବୈଠକ କିମ୍ବା ବୈଠକ ଅନୁଷ୍ଠିତ କରାଯାଇଥିଲା ଏବଂ ତେଣୁ ସେମାନେ ପ୍ରଶିକ୍ଷଣ ଭିତ୍ତିକ ନଥିଲେ । ପ୍ରଶିକ୍ଷଣ ସୁବିଧା ଗୁଡ଼ିକର ଖରାପ ବ୍ୟବହାର ସୂଚାଇଲା ଯେ ୟୁଏଲ୍ବିରେ କର୍ମଚାରୀ ଏବଂ ନିର୍ବାଚିତ ପ୍ରତିନିଧି ମାନେ ଦକ୍ଷତା ହାସଲ କରିବାରେ ଅସମର୍ଥ ଥିଲେ ଯାହା ସେବା ପ୍ରଦାନ ବୃଦ୍ଧି ପାଇଁ ଜରୁରୀ ଥିଲା/ ସେମାନଙ୍କ କାର୍ଯ୍ୟର ଅଧିକ ଦକ୍ଷ ସମ୍ପାଦନ ପାଇଁ ଜରୁରୀ ଥିଲା ଏବଂ ୟୁଏଲ୍ବିର ଫଳପ୍ରଦତା ସେହି ପରିମାଣରେ ପ୍ରଭାବିତ ହେବାର ସମ୍ଭାବନା ଥିଲା ।

ପ୍ରଶିକ୍ଷଣ ସୁବିଧାର ଅବ୍ୟବହୃତତା ସମ୍ପର୍କରେ ସରକାର କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେଇନାହାଁନ୍ତି ।

5.6.3.1 ମୂଲ୍ୟାଙ୍କନର ଅନୁପସ୍ଥିତି

ପ୍ରଶିକ୍ଷଣ ଏକ ନିରନ୍ତର ପ୍ରକ୍ରିୟା ଏବଂ ମୂଲ୍ୟାୟନ ମାଧ୍ୟମରେ କ୍ରମାଗତ ଭାବରେ ସମୀକ୍ଷା କରାଯିବା ଆବଶ୍ୟକ । ପାଠ୍ୟକ୍ରମକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ପାଠ୍ୟକ୍ରମକୁ ସଂଶୋଧନ ଏବଂ ପୁନଃ ସଂଶୋଧିତ ତରିବା ପାଇଁ ଇଚ୍ଛିତ ଆଶା ପୂରଣ ହୋଇଛି କି ନାହିଁ ତାହା ଜାଣିବା ପାଇଁ ମୂଲ୍ୟାୟନ ଆବଶ୍ୟକ । ଅଡିଟ୍ରୁ ଜଣାପଡ଼ିଛି ଯେ ୟୁଏଲ୍ବିର କର୍ମଚାରୀମାନଙ୍କୁ ଦିଆଯାଉଥିବା ପ୍ରଶିକ୍ଷଣର ପ୍ରଭାବ ଆକଳନ କରିବା ପାଇଁ କୌଣସି ବ୍ୟବସ୍ଥା (ପ୍ରଶିକ୍ଷାର୍ଥୀଙ୍କ ଠାରୁ ମତାମତ ହାସଲ କରି ପ୍ରଶିକ୍ଷଣର ମୂଲ୍ୟାଙ୍କନ ସମେତ) ନାହିଁ ।

ତେଣୁ, କେତେକ ୟୁଏଲ୍ବିରେ ବର୍ତ୍ତମାନ ଖାଲି ଥିବା ପଦବୀ ସେମାନଙ୍କ ମଞ୍ଜୁରୀ ପ୍ରାପ୍ତ ସଂଖ୍ୟାର 72 ପ୍ରତିଶତ ଥିବା ବେଳେ ୟୁଏଲ୍ବି ଗୁଡ଼ିକୁ ସେମାନଙ୍କ ମାନବ ସମ୍ବଳ ଉପରେ ପର୍ଯ୍ୟାପ୍ତ ନିୟନ୍ତ୍ରଣ ରଖିବାର କ୍ଷମତା ଦିଆଯାଇନଥିଲା । ଏହାର ପ୍ରତିକୂଳ ପ୍ରଭାବ ପଡ଼ିଥିଲା କାରଣ ସେମାନଙ୍କର ନିର୍ଦ୍ଧାରିତ କାର୍ଯ୍ୟଗୁଡ଼ିକର ପ୍ରଭାବଶାଳୀ ନିର୍ବାହ, ସିଧାସଳଖ ନିଜସ୍ୱ ରାଜସ୍ୱ ଆଦାୟ, ବିନିଯୋଗ ହୋଇଥିବା ପାଣ୍ଠିର ବ୍ୟବହାର ଏବଂ କାର୍ଯ୍ୟ (ସେଗୁଡ଼ିକୁ ଯେତିକି ପରିମାଣରେ ହସ୍ତାନ୍ତରିତ କରାଯାଇଥିଲା) କରିବାରେ ବାଧା ସୃଷ୍ଟି କରିଥିଲା ଯେପରିକି ପୂର୍ବ ଅନୁଚ୍ଛେଦରେ ଆଲୋଚନା କରାଯାଇଥିଲା ।

ସରକାର ଜଣାଇଲେ (ମଇ 2022) ଯେ ସହରାଞ୍ଚଳ କ୍ୟାଡରରେ ସମସ୍ତ ଖାଲି ପଦବୀରେ ନିଯୁକ୍ତି ଓ ପୂରଣ ପାଇଁ ପ୍ରକ୍ରିୟା ଚାଲିଛି । ୟୁଏଲବିର କର୍ମଚାରୀ ମାନଙ୍କୁ ଦିଆଯାଉଥିବା ପ୍ରଶିକ୍ଷଣର ପ୍ରଭାବ ସଂପର୍କରେ ସରକାର କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେଇନାହାଁନ୍ତି ।

ଅଧ୍ୟାୟ 6

ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର ଅନୁପାଳନ ସମୀକ୍ଷା

ଅଧ୍ୟାୟ 6

ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର ଅନୁପାଳନ ସମୀକ୍ଷା ସହିତ ଜିଲ୍ଲା ଭିତ୍ତିକ ସମୀକ୍ଷା

6.1 ଉପକ୍ରମ

6.1.1 ଜିଲ୍ଲା ଭିତ୍ତିକ ସମୀକ୍ଷାର ଉଦ୍ଦେଶ୍ୟ

ସଂସଦରେ (ଡିସେମ୍ବର 1992) ସ୍ୱୟଂ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ 73 ତମ ଏବଂ 74 ତମ ସମ୍ବିଧାନ ସଂଶୋଧନ ଆଇନ ପ୍ରଣୟନ କରାଯାଇଛି । 73 ତମ ସମ୍ବିଧାନ ସଂଶୋଧନରେ ଗ୍ରାମାଞ୍ଚଳ ପାଇଁ "ପଞ୍ଚାୟତ" ଶୀର୍ଷକକୁ ନବମ ଭାଗରେ ସଂଯୋଗ କରାଯାଇଛି ଏବଂ 74 ତମ ସମ୍ବିଧାନ ସଂଶୋଧନରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ପାଇଁ "ପୌରପାଳିକା" ଶୀର୍ଷକକୁ ଭାଗ ନବମ (କ) ରେ ସଂଯୋଗ କରାଯାଇଛି ।

ଜିଲ୍ଲା ଭିତ୍ତିକ ସମୀକ୍ଷା (ଡିସିଏ) ରେ ଉଭୟ ପଞ୍ଚାୟତିରାଜ ସଂସ୍ଥା (ପିଆର୍‌ଆଇ) ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି) ର ସମୀକ୍ଷାକୁ ପରବର୍ତ୍ତୀ ପର୍ଯ୍ୟାୟରେ ଡିସେମ୍ବର 2021 ରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ସମୀକ୍ଷାର ଉଦ୍ଦେଶ୍ୟ ଥିଲା ଯେ (କ) ବିକେନ୍ଦ୍ରୀକୃତ ଶାସନ ଆଧାରରେ ଜିଲ୍ଲାର ଅଭିବୃଦ୍ଧିର ଆକଳନ କରିବା ଏବଂ (ଖ) ସ୍ଥାନୀୟ ସଂସ୍ଥାର ସମୀକ୍ଷାକୁ ସୁଦୃଢ଼ କରିବା ମାଧ୍ୟମରେ ସୁଶାସନକୁ ବୃଦ୍ଧି କରିବା ।

6.1.2 ସମୀକ୍ଷାର ପରିସୀମା ଓ ପଦ୍ଧତି

ଆର୍ଥିକ ବର୍ଷ 2020-21 ରେ ନଅଟି[75] ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ଅନୁପାଳନ ସମୀକ୍ଷା ସହିତ ଜିଲ୍ଲା ଭିତ୍ତିକ ସମୀକ୍ଷାର ଫଳାଫଳକୁ ଏହି ଅଧ୍ୟାୟରେ ସାମିଲ୍ କରାଯାଇଛି । ଡିସିଏ ଅଧିନରେ କଟକ[76] ଓ ସମ୍ବଲପୁର[77] ଜିଲ୍ଲାର ତିନୋଟି ଲେଖା ପୌରପାଳିକାର ସେବା ଯୋଗାଣ ଓ ଆର୍ଥିକ ପରିଚାଳନା ସମ୍ପର୍କିତ ପ୍ରାସଙ୍ଗିକ ରେକର୍ଡକୁ ଅନୁଧ୍ୟାନ କରାଯାଇଥିଲା । ଏହା ସହିତ ଦୁଇଟି କେନ୍ଦ୍ର ପ୍ରାୟୋଜିତ ଯୋଜନା ଯଥା ସ୍ୱଚ୍ଛ ଭାରତ ମିଶନ (ସହର) ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହର)କୁ ମଧ୍ୟ ଏଥିରେ ସମ୍ପୃକ୍ତ ଆଇନ୍/ ନିୟନ୍ତ୍ରଣ କିମ୍ବା ଅନ୍ୟ ପ୍ରତିଷ୍ଠିତ ମାନଦଣ୍ଡ ଅନୁସାରେ ଅନୁଧ୍ୟାନ କରାଯାଇ (ଡିସିଏରେ) ସାମିଲ୍ କରାଯାଇଥିଲା ।

6.2 ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ଆର୍ଥିକ ପରିଚାଳନା

କଟକ ଓ ସମ୍ବଲପୁର ଜିଲ୍ଲାର ସମସ୍ତ ଛଅଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ସମୀକ୍ଷାରୁ ଜଣାଯାଏ ଯେ ଆର୍ଥିକ ବର୍ଷ 2012-13 ରୁ ଇ-ମ୍ୟୁନିସିପାଲିଟି ସଫ୍ଟୱେର[78]ରେ ହିସାବ ପଦ୍ଧତି ଅନ୍ତର୍ଗତ ଡବଲ ଏଣ୍ଟ୍ରି ଆକାଉଣ୍ଟିଂ ମାଧ୍ୟମରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକର ଆର୍ଥିକ କାରବାରକୁ ରେକର୍ଡ କରାଯାଇଥିଲା । ଏହି ମଡ୍ୟୁଲ ୟୁଏଲ୍‌ବି ଗୁଡ଼ିକର ପ୍ରକୃତ ବାର୍ଷିକ ଆୟ ଏବଂ ବ୍ୟୟ ରିପୋର୍ଟ ପ୍ରସ୍ତୁତ କରିବାରେ ସହାୟକ ଥିଲା । ଉଭୟ ଜିଲ୍ଲାର ସମୀକ୍ଷା ହୋଇଥିବା ପୌରପାଳିକାଗୁଡ଼ିକର ରାଜସ୍ୱ ଉତ୍ସ, ଅନୁଦାନ ଏବଂ ଋଣର ବିବରଣୀ ନିମ୍ନରେ ଦିଆଗଲା:

75 <u>ମହାନଗର ନିଗମ:</u> ଭୁବନେଶ୍ୱର, କଟକ ଏବଂ ସମ୍ବଲପୁର ।
ପୌରପାଳିକା: ବୀରମିତ୍ରପୁର, ଜଟଣୀ, ରାଇରଙ୍ଗପୁର, ସୋନପୁର, ସୁନ୍ଦରଗଡ଼ ଏବଂ ଚାଳଚେର ।

76 କଟକ ମହାନଗର ନିଗମ, ଚୌଦ୍ୱାର ପୌରପାଳିକାଏବଂ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ।

77 ସମ୍ବଲପୁର ମହାନଗର ନିଗମ, କୁଚିଣ୍ଡା ଏନ୍‌ଏସି ଏବଂ ରେଢାଖୋଲ ଏନ୍‌ଏସି

78 'ଇ-ମ୍ୟୁନିସିପାଲିଟି', ଓଡ଼ିଶା ସରକାରଙ୍କ ଏକ ପ୍ରକଳ୍ପ, ଯାହା ଏକ ବହୁମୁଖୀ ରାଜ୍ୟବ୍ୟାପୀ ପୌରପାଳିକାଗୁଡ଼ିକରେ ସୂଚନା ପ୍ରଯୁକ୍ତି ବିତ୍ତାନର ବ୍ୟବହାର, ଯାହାର ଲକ୍ଷ୍ୟ ହେଉଛି ରାଜ୍ୟର ସମସ୍ତ ପୌରପାଳିକାକୁ ଏକକ ୱିଣ୍ଡୋ ଅଧିନରେ କେନ୍ଦ୍ରୀଭୁତ କରିବା । ଏଥିରେ 11 ଟି ମଡ୍ୟୁଲ (ନାଗରିକ ସେବା, ରାଜସ୍ୱ ସଂଗ୍ରହ, ପରିଚାଳନା ସୂଚନା ବ୍ୟବସ୍ଥା ଇତ୍ୟାଦି) ରହିଛି ଏବଂ ଏହା 2012-13 ଆର୍ଥିକ ବର୍ଷରୁ କାର୍ଯ୍ୟ କରୁଛି ।

6.2.1 ରାଜସ୍ୱର ଉତ୍ସ

ସାରଣୀ 6.1: ସମ୍ବଲପୁର ଓ କଟକ ଜିଲ୍ଲାରେ ସମୀକ୍ଷା କରାଯାଇଥିବା ୟୁ ଏଲ୍‌ବିଗୁଡ଼ିକର ରାଜସ୍ୱ ଉତ୍ସ

(ଟଙ୍କା ଜୋଟିରେ)

ଜିଲ୍ଲା	ଆର୍ଥିକ ବର୍ଷ	ଟିକସ ରାଜସ୍ୱ (ହୋଲ୍ଡିଂ ଟ୍ୟାକ୍ସ ଆଣ୍ଡ ପ୍ରଫେସନ ଟ୍ୟାକ୍ସ	ଅଣ ଟିକସ ରାଜସ୍ୱ	ନିର୍ଦ୍ଧାରିତ ରାଜସ୍ୱ	ଅନ୍ୟାନ୍ୟ ରାଜସ୍ୱ	ମୋଟ ରାଜସ୍ୱ
ସମ୍ବଲପୁର	2018-19	4.17	1.10	32.28	2.64	40.19
କଟକ	2018-19	16.65	5.68	62.78	10.22	95.33
ମୋଟ		**20.82**	**6.78**	**95.06**	**12.86**	**135.52**
ସମ୍ବଲପୁର	2019-20	5.47	1.45	36.61	2.56	46.09
କଟକ	2019-20	43.03	4.40	68.14	11.60	127.17
ମୋଟ		**48.50**	**5.85**	**104.75**	**14.16**	**173.26**
ସମ୍ବଲପୁର	2020-21	8.58	1.32	41.99	3.62	55.51
କଟକ	2020-21	23.26	4.20	58.82	12.19	98.47
ମୋଟ		**31.84**	**5.52**	**100.81**	**15.81**	**153.98**
ସର୍ବମୋଟ		**101.16**	**18.15**	**300.62**	**42.83**	**462.76**

(ଉତ୍ସ: ପରୀକ୍ଷା ଦ୍ୱାରା ସମୀକ୍ଷା କରାଯାଇଥିବା ୟୁ ଏଲ୍‌ବି ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)

ଉପରୋକ୍ତ **ସାରଣୀ 6.1** କୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଉଭୟ ଜିଲ୍ଲାର (ଆର୍ଥିକ ବର୍ଷ 2020-21 ରେ କଟକ ଜିଲ୍ଲାକୁ ବାଦ୍ ଦେଇ) ସାମଗ୍ରିକ ରାଜସ୍ୱ ବର୍ଷକୁ ବର୍ଷ ବୃଦ୍ଧି ପାଇଥିଲା । ତେବେ ଅଣ-ଟିକସ ରାଜସ୍ୱ ସଂଗ୍ରହ ବର୍ଷକୁ ବର୍ଷ ହ୍ରାସ ପାଇଥିଲା, ଯାହାର ମୁଖ୍ୟ କାରଣ ଥିଲା ରାଜସ୍ୱ ସଂଗ୍ରହ ଅନୁଧ୍ୟାନରେ ଢିଲାପଣ।

ସାରଣୀ 6.2: ସମ୍ବଲପୁର ଓ କଟକ ଜିଲ୍ଲାର ନମୁନା ଯାଞ୍ଚ ୟୁ ଏଲ୍‌ବିଗୁଡ଼ିକର ରାଜସ୍ୱ ଓ ପୁଞ୍ଜି ଅନୁଦାନ

(ଟଙ୍କା ଜୋଟିରେ)

ଜିଲ୍ଲା	ଆର୍ଥିକ ବର୍ଷ	ରାଜସ୍ୱ ଅନୁଦାନ			ପୁଞ୍ଜି ଅନୁଦାନ					ମୋଟ
		ରାଜ୍ୟ ଅର୍ଥ ଆୟୋଗ ଅନୁଦାନ	ଯୋଜନା	ମୋଟ ରାଜସ୍ୱ ଅନୁଦାନ	କେନ୍ଦ୍ରୀୟ ଅର୍ଥ ଆୟୋଗ ଅନୁଦାନ	ଅନ୍ୟାନ୍ୟ ପୁଞ୍ଜି ଅନୁଦାନ	ଋଣ	ଉପାୟ ଓ ମାଧ୍ୟମ ଅଗ୍ରୀମ[79]	ମୋଟ ପୁଞ୍ଜି ଅନୁଦାନ	
ସମ୍ବଲପୁର	2018-19	11.49	28.41	39.90	30.52	7.34	5.53	0.00	43.39	83.29
କଟକ	2018-19	20.86	88.20	109.06	31.42	3.05	0.32	0.00	34.79	143.85
ମୋଟ		**32.35**	**116.61**	**148.96**	**61.94**	**10.39**	**5.85**	**0.00**	**78.18**	**227.14**
ସମ୍ବଲପୁର	2019-20	11.22	36.04	47.26	53.18	6.73	7.19	-0.05	67.05	114.31
କଟକ	2019-20	21.24	112.21	133.45	42.68	29.37	0.33	0.00	72.38	205.83
ମୋଟ		**32.46**	**148.25**	**180.71**	**95.86**	**36.10**	**7.52**	**-0.05**	**139.43**	**320.14**
ସମ୍ବଲପୁର	2020-21	21.62	48.93	70.55	54.48	7.98	14.00	0.01	76.47	147.02
କଟକ	2020-21	44.97	179.03	224.00	112.07	11.80	0.45	0.00	124.32	348.32
ମୋଟ		**66.59**	**227.96**	**294.55**	**166.55**	**19.78**	**14.45**	**0.01**	**200.79**	**495.34**
ସର୍ବମୋଟ		**131.40**	**492.82**	**624.22**	**324.35**	**66.27**	**27.82**	**-0.04**	**418.40**	**1,042.62**

(ଉତ୍ସ: ୟୁ ଏଲ୍‌ବିଗୁଡ଼ିକର ଚଜେଟ)

[79] ଠିକାଦାରଙ୍କ ଠାରୁ ଆଦାୟ ହୋଇଥିବା ଡିଟିଏସ୍, ସେସ୍ ଓ ରୟାଲ୍ଟି ବାବଦରେ ଦେବାକୁ ଥିବା ଦେୟ।

ଏହିପରି, 2021 ମାର୍ଚ୍ଚ ସୁଦ୍ଧା ନମୁନା ଯାଞ୍ଚ କରାଯାଇଥିବା ୟୁଏଲ୍‌ବି ଗୁଡ଼ିକରେ 886.74 କୋଟି ଟଙ୍କା ଉପଲବ୍ଧ ଥିବା ସତ୍ତ୍ୱେ (ୟୁଏଲ୍‌ବି ଗୁଡ଼ିକର ପ୍ରକୃତ କ୍ଲୋଜିଂ ବାଲାନ୍ସ ଅନୁଯାୟୀ), ୟୁଏଲ୍‌ବି ଗୁଡ଼ିକ ଗତ ତିନି ଆର୍ଥିକ ବର୍ଷରେ 27.82 କୋଟି ଟଙ୍କା ସେବା ଯୋଗାଣ/ ସମ୍ପତ୍ତି ସୃଷ୍ଟି ପାଇଁ ଋଣ ସଂଗ୍ରହ କରିଥିଲେ ।

6.2.2 ଖର୍ଚ୍ଚର ବିତରଣୀ

ସାରଣୀ 6.3: ଆର୍ଥିକ ବର୍ଷ 2018-19 ରୁ 2020-21 ମଧ୍ୟରେ ସମୀକ୍ଷା କରାଯାଇଥିବା ୟୁ ଏଲ୍‌ବିଗୁଡ଼ିକର ଖର୍ଚ୍ଚ

(ଟଙ୍କା କୋଟିରେ)

ସମ୍ବଲପୁର ଏବଂ କଟକ ଜିଲ୍ଲାର ସମୀକ୍ଷା ହୋଇଥିବା ୟୁଏଲ୍‌ବି ଗୁଡ଼ିକର ଖର୍ଚ୍ଚ								
ୟୁଏଲ୍‌ବିର ନାମ	ଆର୍ଥିକ ବର୍ଷ	ପ୍ରତିଷ୍ଠାନ ଓ ଦରମା	ପରିଚାଳନା ଓ ରକ୍ଷଣାବେକ୍ଷଣ	ଋଣ ପରିଶୋଧ ଉପରେ ସୁଧ	ଅନ୍ୟାନ୍ୟ	ମୋଟ ଖର୍ଚ୍ଚ (ପୁଞ୍ଜି ଖର୍ଚ୍ଚ ଏବଂ ଋଣ ପରିଶୋଧ ବ୍ୟତୀତ) (3+4+5+6)	ପୁଞ୍ଜି ଖର୍ଚ୍ଚ ଏବଂ ଋଣ ପରିଶୋଧ	ମୋଟ ଖର୍ଚ୍ଚ (7+8)
1	*2*	*3*	*4*	*5*	*6*	*7*	*8*	*9*
ସମ୍ବଲପୁର	2018-19	31.88	37.32	0.17	0.73	70.10	56.55	126.65
କଟକ	2018-19	86.45	7.07	4.46	1.28	99.26	123.26	222.52
ମୋଟ		**118.33**	**44.39**	**4.63**	**2.01**	**169.36**	**179.81**	**349.17**
ସମ୍ବଲପୁର	2019-20	48.98	37.66	0.58	0.61	87.83	56.58	144.41
କଟକ	2019-20	102.59	7.32	4.53	1.67	116.11	112.34	228.45
ମୋଟ		**151.57**	**44.98**	**5.11**	**2.28**	**203.94**	**168.92**	**372.86**
ସମ୍ବଲପୁର	2020-21	72.01	57.03	1.50	0.47	131.01	72.17	203.18
କଟକ	2020-21	107.36	10.37	5.11	11.98	134.82	146.38	281.20
ମୋଟ		**179.37**	**67.40**	**6.61**	**12.45**	**265.83**	**218.55**	**484.38**
ସର୍ବମୋଟ		**449.27**	**156.77**	**16.35**	**16.74**	**639.13**	**567.28**	**1,206.41**

(ଉତ୍ସ: ପରୀକ୍ଷିତ ୟୁ ଏଲ୍‌ବି ଗୁଡ଼ିକର ବଜେଟ୍)

ସାରଣୀ 6.1 ଏବଂ 6.3 ରୁ ଏହା ସ୍ପଷ୍ଟ ହୋଇଛି ଯେ ପ୍ରତିଷ୍ଠାନ ଏବଂ ଦରମା (449.27 କୋଟି ଟଙ୍କା) ଖର୍ଚ୍ଚ ମୋଟ ରାଜସ୍ୱର 97 ପ୍ରତିଶତ (462.76 କୋଟି ଟଙ୍କା) ।

6.3 ୟୁ ଏଲ୍‌ବି ଗୁଡ଼ିକରେ ସଠିକ୍ ଆର୍ଥିକ ନିୟନ୍ତ୍ରଣ ପରିଚାଳନାର ଅନୁପସ୍ଥିତି

ସମୀକ୍ଷା କରାଯାଇଥିବା ୟୁଏଲ୍‌ବି ଗୁଡ଼ିକର କ୍ୟାସ୍ ବୁକ୍ ଏବଂ ଆନୁସଙ୍ଗିକ ନଥିରୁ ନିମ୍ନଲିଖିତ ନିଷ୍କର୍ଷ ଉପଲବ୍ଧ କରାଗଲା:

6.3.1 ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟରେ ପାଣ୍ଠି ଜମା ରଖିବା

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ର ବ୍ୟାଙ୍କ ଜମା ବହି ଗୁଡ଼ିକର ଅନୁଧ୍ୟାନରୁ ପ୍ରତୀତ ହୋଇଛି ଯେ, ନଭେମ୍ବର 2021 ସୁଦ୍ଧା, ବିଭିନ୍ନ ଯୋଜନାର ବ୍ୟାଙ୍କ ଆକାଉଣ୍ଟରେ, 2011-12 ଆର୍ଥିକ ବର୍ଷ ଠାରୁ 8.12 କୋଟି ଟଙ୍କା ଖର୍ଚ୍ଚ ନହୋଇ ପଡ଼ିରହିଛି । ଯଦିଓ ସଂପୃକ୍ତ ଯୋଜନାଗୁଡ଼ିକ ମାର୍ଚ୍ଚ 2017 ଠାରୁ ବନ୍ଦ ହୋଇସାରିଛି । ଏହି ଅର୍ଥ ରାଶି ବ୍ୟାଙ୍କ ଆକାଉଣ୍ଟରେ ପଡ଼ି ରହିଛି । ଉଦାହରଣ ସ୍ୱରୂପ, ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଇଣ୍ଟିଗ୍ରେଟେଡ୍ ହାଉସିଂ ଆଣ୍ଡ ସ୍ଲିମ୍ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ (ଏଚ୍‌ଏସ୍‌ଡିପି) ଅଧିନରେ ଜମା ରଖାଯାଇଥିବା 8.01 କୋଟି ଟଙ୍କା ବନ୍ଦ ହୋଇ ପଡ଼ିରହିଛି (31 ମାର୍ଚ୍ଚ 2017 ଠାରୁ ଆଇଏଚ୍‌ଏସ୍‌ଡିପି ବନ୍ଦ ହୋଇସାରିଛି) ଯାହା ଏକ ଉଲ୍ଲେଖନୀୟ ପରିମାଣ ଅଟେ । ସେହିପରି ରାଜୀବ ଆବାସ ଯୋଜନା ମଇ 2015 ରେ ବନ୍ଦ ହୋଇସାରିଥିବା ସତ୍ତ୍ୱେ, ଏହି ଯୋଜନା ଅନ୍ତର୍ଗତ 11 ଲକ୍ଷ ଟଙ୍କା (ଆର୍‌ଏୱାଇ ଯାଜନା) ଆଇସିଆଇସିଆଇ ବ୍ୟାଙ୍କରେ ପଡ଼ିରହିଥିଲା । ଯୋଜନା ମାର୍ଗଦର୍ଶିକା/ ନିର୍ଦ୍ଦେଶ[80] ପାଳନ ନକରି ଅବ୍ୟବହୃତ ରାଶିକୁ ବିଭାଗକୁ ଫେରସ୍ତ କରିବା ପାଇଁ ସମ୍ବଲପୁର

[80] ଗୃହ ଏବଂ ନଗର ଦାରିଦ୍ର୍ୟ ଦୂରୀକରଣ ମନ୍ତ୍ରାଳୟ ଅନ୍ତର୍ଗତ ନ୍ୟାସନାଲ ବିଲ୍ଡିଂ ଅର୍ଗାନାଇଜେସନ୍, ଭାରତ ସରକାରଙ୍କ ଚିଠି ସଂଖ୍ୟା 15011 ତାରିଖ 11.04.2017 ଅନୁଯାୟୀ, ଆଇଏଚ୍‌ଏସ୍‌ଡିପି ଯୋଜନାରେ ଖର୍ଚ୍ଚ ହୋଇନଥିବା ଅର୍ଥ ଫେରସ୍ତ କରାଯିବାର ଥିଲା ।

ମହାନଗର ନିଗମ ଦ୍ୱାରା କୌଣସି ପଦକ୍ଷେପ ନିଆଯାଇ ନଥିଲା । ସେହିଭଳି, କଟକ ଜିଲ୍ଲାରେ ସମୀକ୍ଷା ହୋଇଥିବା ୟୁଏଲ୍‌ବି ଗୁଡ଼ିକରେ ଆର୍ଥିକ ବର୍ଷ 2018-19 ଠାରୁ 39 ଲକ୍ଷ ବ୍ୟାଙ୍କ ଆକାଉଣ୍ଟରେ ପଡ଼ି ରହିଥିଲା । କଟକ ମହାନଗର ନିଗମରେ, ଆଇଏଚ୍‌ଏସ୍‌ଡିପି ଯୋଜନା, ସାଂସଦଙ୍କ ସ୍ଥାନୀୟ କ୍ଷେତ୍ର ବିକାଶ ଯୋଜନା (ଏମ୍‌ପିଏଲ୍‌ଏଡି), ନିଜସ୍ୱ ପାଣ୍ଠି, ରାସ୍ତା ଏବଂ ସେତୁ, ପର୍ଯ୍ୟଟନ ଏବଂ ବାଲିଯାତ୍ରା ପାଣ୍ଠି ଇତ୍ୟାଦି ବ୍ୟାଙ୍କ ଆକାଉଣ୍ଟରେ ଅବ୍ୟବହୃତ ହୋଇ ପଡ଼ିଥିବାର ଦେଖିବାକୁ ମିଳିଥିଲା । ଅଦ୍ୟାବଧି ବ୍ୟାଙ୍କ ଆକାଉଣ୍ଟରେ ଏପରି ପାଣ୍ଠିକୁ ଅବ୍ୟବହୃତ ହୋଇ ରଖିବାର କାରଣ, ଅଡିଟ୍‌କୁ ବୁଝାଯାଇନଥିଲା । ଯେହେତୁ ଯୋଜନା ଗୁଡ଼ିକ ବନ୍ଦ ହୋଇ ସାରିଛି, ଏହି ପାଣ୍ଠି ଉପଯୋଗର ପରିସର ବହୁତ କମ୍ ଅଟେ । ଏହି ନିଷ୍କ୍ରିୟ ଆକାଉଣ୍ଟରେ ଥିବା ପାଣ୍ଠିର ଅପବ୍ୟବହାର ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ।

6.3.2 ସମ୍ପତ୍ତି କର/ ହୋଲ୍ଡିଂ ଟ୍ୟାକ୍ସ

6.3.2.1 ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ବସବାସ କରୁଥିବା ପରିବାର ମାନଙ୍କ ଠାରୁ 24.91 କୋଟି ଟଙ୍କାର ହୋଲ୍ଡିଂ ଟ୍ୟାକ୍ସ ଅନାଦେୟ

ଭାରତର ସମ୍ବିଧାନ ଧାରା 243X ଅନୁସାରେ ରାଜ୍ୟ ବିଧାନସଭାକୁ କ୍ଷମତା ଦିଆଯାଇଛି: (କ) ଏହା ୟୁଏଲ୍‌ବି ମାନଙ୍କୁ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଏବଂ ନିର୍ଦ୍ଦିଷ୍ଟ ସୀମା ଅନୁଯାୟୀ, ବିଭିନ୍ନ ଟିକସ, ଶୁଳ୍କ, ଟୋଲ୍ ଏବଂ ଫି ନିର୍ଦ୍ଧାରଣ, ଆଦାୟ, ସଂଗ୍ରହ କରିବା ପାଇଁ ଅନୁମତି ଦେଇପାରିବେ, (ଖ) ରାଜ୍ୟ ସରକାର ମଧ୍ୟ ପୌରପାଳିକାକୁ ତାଙ୍କ ଦ୍ୱାରା ନିର୍ଦ୍ଧାରିତ ବିଭିନ୍ନ କର, ଶୁଳ୍କ, ଟୋଲ୍ ଏବଂ ଫି କୁ ନିର୍ଦ୍ଦିଷ୍ଟ ସର୍ତ୍ତ ଏବଂ ସୀମା ଅନୁଯାୟୀ ଆଦାୟ ଏବଂ ସଂଗ୍ରହ କରିବା ପାଇଁ ଦାୟିତ୍ୱ ଦେଇପାରିବେ ।

ଓଡ଼ିଶା ମହାନଗର ନିଗମ (ଓଏମ୍‌ସି) ନିୟମ, 2003 ର ଧାରା 192 ଅନୁସାରେ ମହାନଗର ନିଗମ ଅନ୍ତର୍ଗତ ଜମି ଏବଂ କୋଠା ଉପରେ ସମ୍ପତ୍ତି[81] ଟିକସ ଆଦାୟ କରିବାର କ୍ଷମତା ନିଗମର ରହିବ । କଟକ ଏବଂ ସମ୍ବଲପୁର ଜିଲ୍ଲାର, ବର୍ଷ 2018-19 ରୁ 2020-21 ପର୍ଯ୍ୟନ୍ତ, ୟୁଏଲ୍‌ବି ଗୁଡ଼ିକରେ 155 ଟି ୱାର୍ଡର ହୋଲ୍ଡିଂ ଟ୍ୟାକ୍ସ[82] ସମ୍ବନ୍ଧୀୟ ରେକର୍ଡଗୁଡ଼ିକର ଦାବି, ସଂଗ୍ରହ ଏବଂ ବାଲାନ୍ସର (ଡିସିବି) ସମୀକ୍ଷା କରାଯାଇଥିଲା । ସମୀକ୍ଷାରୁ ଜଣାଯାଏ ଯେ ମାର୍ଚ୍ଚ 2021 ସୁଦ୍ଧା ମୋଟ 139.79 କୋଟି ଟଙ୍କାର ଦାବି ଥିଲାବେଳେ, ସଂପୃକ୍ତ ୟୁଏଲ୍‌ବିଗୁଡ଼ିକ ମାତ୍ର 89.21 କୋଟି ଟଙ୍କା ଆଦାୟ କରିଛନ୍ତି (25.67 କୋଟି ଟଙ୍କା ରିହାତି ଦେବା ପରେ), ଏବଂ 24.91 କୋଟି ଟଙ୍କା ଅନାଦାୟ ଅଛି । ବକେୟା ହୋଲ୍ଡିଂ ଟ୍ୟାକ୍ସର ଜିଲ୍ଲାଭିତ୍ତିକ ବିବରଣୀ ସାରଣୀ **6.4** ରେ ଦର୍ଶାଯାଇଛି ।

ସାରଣୀ 6.4: 2018-19 ରୁ 2020-21 ଆର୍ଥିକ ବର୍ଷର ସମୀକ୍ଷା ହୋଇଥିବା ୟୁଏଲ୍‌ବିରେ ବକେୟା ଥିବା ହୋଲ୍ଡିଂ ଟ୍ୟାକ୍ସର ବିବରଣୀ

(ଟଙ୍କା କୋଟିରେ)

ଜିଲ୍ଲା	ୱାର୍ଡ ସଂଖ୍ୟା	ପରିବାର ସଂଖ୍ୟା	ଦାବୀ	ସଂଗ୍ରହ	ରିହାତି	ଅବଶେଷ
କଟକ	90	1,48,614	115.67	76.49	17.04	22.14
ସମ୍ବଲପୁର	65	85,459	24.12	12.72	8.63	2.77
ମୋଟ	**155**	**2,34,073**	**139.79**	**89.21**	**25.67**	**24.91**

(ଉତ୍ସ: ପରୀକ୍ଷିତ ୟୁଏଲ୍‌ବି ଗୁଡ଼ିକର ବଜେଟ)

ସମୀକ୍ଷା ହୋଇଥିବା ୟୁଏଲ୍‌ବି ଅଧିନରେ 2,34,073 ପରିବାର (ଏଚ୍‌ଏଚ୍) ଟିକସ ପାଇଁ ନିର୍ଦ୍ଧାରଣ ଯୋଗ୍ୟ ହୋଇଥିଲେ । ତଥାପି, ପ୍ରତ୍ୟେକ ଆର୍ଥିକ ବର୍ଷରେ ଟିକସ ପାଇଁ ନିର୍ଦ୍ଧାରଣ ଯୋଗ୍ୟ/ ପୁନଃନିର୍ଦ୍ଧାରଣ ଯୋଗ୍ୟ ହୋଇଥିବା ପରିବାର ସଂଖ୍ୟା ଅଡିଟ୍ ପାଇଁ ପ୍ରକାଶ କରାଯାଇ ନଥିଲା ।

---

[81] ପୌରପାଳିକାରେ ଯେକୌଣସି ଜମି କିମ୍ବା କୋଠାର ବାର୍ଷିକ ମୂଲ୍ୟ ଉପରେ ସମ୍ପତ୍ତି ଟିକସ ନିର୍ଣ୍ଣୟ କରାଯାଏ । ଓଡ଼ିଶାର ପୌରାଞ୍ଚଳରେ କୌଣସି ସମ୍ପତ୍ତି ଟିକସ ଆଦାୟ କରାଯାଏ ନାହିଁ ବରଂ କେବଳ ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରାଯାଏ ।

[82] ପୌରପାଳିକା ସୀମା ମଧ୍ୟରେ ଥିବା କୋଠାର ବାର୍ଷିକ ମୂଲ୍ୟ ଉପରେ ମୂଲ୍ୟାଙ୍କନ କରାଯାଇ ହୋଲ୍ଡିଂ ଟ୍ୟାକ୍ସ ନିର୍ଦ୍ଧାରଣ କରିବା ।

6.3.2.2 ଶିକ୍ଷାଞ୍ଚଳ କ୍ଷେତ୍ର ଏବଂ ସରକାରୀ ଅନୁଷ୍ଠାନଗୁଡ଼ିକରୁ ହୋଲ୍ଡିଂ ଟ୍ୟାକ୍ସ ଅନାଦାୟ

ଓଡ଼ିଶା ୟୁଏଲ୍‌ବି ଅଧିନିୟମ 1950ର ଧାରା 133 ଅନୁଯାୟୀ, ସମ୍ପତ୍ତି, ଟିକସ, ପୌରାଞ୍ଚଳରେ ଥିବା ଜମି କିମ୍ବା କୋଠାର ବାର୍ଷିକ ମୂଲ୍ୟ ଉପରେ ସ୍ଥିରୀକୃତ ହେବ, ଯେପରିକି ରାଜ୍ୟ ସରକାରଙ୍କ ଅଧିନରେ ଥିବା କୌଣସି ଜମି କିମ୍ବା କୋଠା କିମ୍ବା ପୌରପାଳିକା କିମ୍ବା କୌଣସି ନିଗମ କିମ୍ବା ରାଜ୍ୟ ସରକାରୀ ନିଗମ ଅଧିନରେ କିମ୍ବା ପୌରସଂସ୍ଥାର ନିୟନ୍ତ୍ରଣରେ ଥିଲେ ଏହାର ହୋଲ୍‌ଡିଂ ଟ୍ୟାକ୍ସ ପୌରପାଳିକା ଦ୍ୱାରା ଆଦାୟ କରାଯିବ ।

କଟକ ଏବଂ ସମ୍ବଲପୁର ଜିଲ୍ଲାରେ ସମୀକ୍ଷା ହୋଇଥିବା ୟୁଏଲ୍‌ବି ଗୁଡ଼ିକର ରେକର୍ଡରୁ ଜଣାପଡ଼ିଛି ଯେ, ଆର୍ଥିକ ବର୍ଷ 2018-19 ରୁ 2020-21 ମଧ୍ୟରେ ବିଭିନ୍ନ ଶିକ୍ଷ ସଂସ୍ଥା ତଥା ସରକାରୀ ଅନୁଷ୍ଠାନ ଠାରୁ 14.72 କୋଟି ଟଙ୍କା[83] ଧାର୍ଯ୍ୟ ଟିକସ ଅନାଦାୟ ହୋଇପଡ଼ିରହିଛି, ଯାହା ନିମ୍ନଲେ ଉଲ୍ଲେଖ କରାଯାଇଛି ।

- କଟକ ମହାନଗର ନିଗମ (ସିଏମ୍‌ସି) ର ରେକର୍ଡରୁ ଜଣାପଡ଼ିଛି ଯେ, ମାର୍ଚ୍ଚ 2021 ସୁଦ୍ଧା ସରକାରୀ ଅନୁଷ୍ଠାନଗୁଡ଼ିକୁ 8.97 କୋଟି ଟଙ୍କା ହୋଲ୍ଡିଂ ଟ୍ୟାକ୍ସ ଦେବା ପାଇଁ ଦାବୀ ପତ୍ର ଜାରି କରିଥିଲେ । କିନ୍ତୁ ଏହି ସଂସ୍ଥା ଗୁଡ଼ିକରୁ ହୋଲ୍‌ଡିଂ ଟ୍ୟାକ୍ସ ଆଦାୟ ହୋଇପାରି ନାହିଁ । ଏହା ଆର୍ଥିକ ବର୍ଷ 1980-81 ପରଠାରୁ ଅନାଦାୟ ହୋଇ ପଡ଼ିରହିଛି । ସମୀକ୍ଷାରୁ ଏହାର ମୁଖ୍ୟ କାରଣ ଜଣାଯାଏ ଯେ, ଛଅଟି ପ୍ରମୁଖ ଅନୁଷ୍ଠାନ[84] ଠାରୁ 6.59 କୋଟି ଟଙ୍କାର ଟ୍ୟାକ୍ସ ଆଦାୟ କରିବା ପାଇଁ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ସ୍ମାରକ ପତ୍ର ଏବଂ ଦାବି ବିଜ୍ଞପ୍ତି ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା ।

- ଚୌଦ୍ୱାର ପୌରପାଳିକାର ରେକର୍ଡଗୁଡ଼ିକ ଅନୁଧ୍ୟାନରୁ ଜଣାଯାଏ ଯେ ବିଭିନ୍ନ ଶିକ୍ଷ ସଂସ୍ଥା ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକର ଟ୍ୟାକ୍ସ ଧାର୍ଯ୍ୟ ହାରର ପୁନବିଚାର ପରେ ଆର୍ଥିକ ବର୍ଷ 2015-16 ଠାରୁ ହୋଲ୍ଡିଂ ଟ୍ୟାକ୍ସ ଦେଉନାହାଁନ୍ତି । ଏହି ସଂସ୍ଥାଗୁଡ଼ିକ ଟିକସ ଧାରଣ ହାରର ପୁନଃବିଚାର ବିରୋଧରେ ବିଭିନ୍ନ ଆଇନ୍ ଅଦାଲତରେ ମାମଲା ଦାୟର କରିଥିଲେ ଯାହା ନିମ୍ନରେ ଉଲ୍ଲେଖ କରାଯାଇଅଛି ।

  (କ) ମେସର୍ସ ଓଡ଼ିଶା ଟେକ୍ସଟାଇଲ୍ ମିଲର ହୋଲ୍ଡିଂ ଟ୍ୟାକ୍ସ ସମ୍ବନ୍ଧୀୟ ମାମଲା ଲିକ୍ୱିଡେଟର୍ ମାନ୍ୟବର ଓଡ଼ିଶା ହାଇକୋର୍ଟରେ ବିଚାରାଧୀନ ଅଛି ।

  (ଖ) ଉପସଭାପତି, ଇଣ୍ଡିଆନ୍ ମେଟାଲ୍ ଏବଂ ଫେରୋ ଆଲୋଇସ୍(ଆଇଏମ୍‌ଏଫ୍‌ଏ) ଙ୍କ ମାମଲା ଜୁଲାଇ 2018 ଠାରୁ କଟକ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ (ଡିଏମ୍)ଙ୍କ କୋର୍ଟରେ ବିଚାରାଧୀନ ଥିଲା । ଜିଲ୍ଲାପାଳ ଏବଂ ଡିଏମ୍, କଟକଙ୍କ କୋର୍ଟର ନିର୍ଦ୍ଦେଶ (ଜୁଲାଇ 2018) ଅନୁଯାୟୀ, ଏହି ମାମଲାର ଶୁଣାଣି ପାଇଁ ଆଇଏମ୍‌ଏଫ୍‌ଏକୁ ହୋଲ୍‌ଡିଂ ଟ୍ୟାକ୍ସ ଦାବିର 50 ପ୍ରତିଶତ ଜମା କରିବାକୁ ପଡ଼ିବ । ତଥାପି, ଆଇଏମ୍‌ଏଫ୍‌ଏ 50 ପ୍ରତିଶତ ଜମା କରିନଥିଲେ ଏବଂ ଏହି ମାମଲା ଏବେବି ବିଚାରାଧୀନ ଅଛି ।

  (ଗ) ମେସର୍ସ ବଲାରପୁର ଶିକ୍ଷ ଟିକସ ସଂଗ୍ରହ ଉପରେ ରହିତାଦେଶ ପାଇଁ ମାନ୍ୟବର ହାଇକୋର୍ଟରେ (2016) ଏକ ମାମଲା ଦାୟର କରିଥିଲେ । ମାନ୍ୟବର କୋର୍ଟ, 19 ଡିସେମ୍ବର 2018 ରେ, ସଂପୃକ୍ତ ୟୁଏଲ୍‌ବି ଦ୍ୱାରା ଆଦାୟ କରାଯାଉଥିବା ସମସ୍ତ ପ୍ରକାରର ଟ୍ୟାକ୍ସକୁ ଜମା କରିବା ପାଇଁ ନିର୍ଦ୍ଦେଶ ଦେଇ ଏହି ମାମଲାକୁ ଖାରଜ କରିଥିଲେ । ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ ନକରି କାର୍ଯ୍ୟନିର୍ବାହୀ ଅଧିକାରୀ(ଇଓ)ଙ୍କ କାର୍ଯ୍ୟ କରିବାର ଢିଲାପଣ ହେତୁ, 13.41 ଲକ୍ଷ ଟଙ୍କା ବକେୟା ଟିକସ ମେସର୍ସ ବଲାରପୁର ଶିକ୍ଷ ଉପରେ (ମାର୍ଚ୍ଚ 2021 ସୁଦ୍ଧା) ରହିଛି ।

---

[83] 2020-21, ମସିହାରେ, ସରକାରୀ ଅନୁଷ୍ଠାନ/ ଶିକ୍ଷଗୁଡ଼ିକରୁ ହୋଲ୍ଡିଂ ଟ୍ୟାକ୍ସ ବକେୟା ଥିଲା: (i) କଟକ ମହାନଗର ନିଗମ = 8.97 କୋଟି ଟଙ୍କା (ii) ସମ୍ବଲପୁର ମହାନଗର ନିଗମ = 19 ଲକ୍ଷ ଟଙ୍କା (iii) କୁଚିଣ୍ଡା = 6 ଲକ୍ଷ ଟଙ୍କା (iv) ଚୌଦ୍ୱାର = 3.98 କୋଟି ଟଙ୍କା (v) ଆଠଗଡ଼= 1.52 କୋଟି ଟଙ୍କା

[84] (i) ରେଭେନ୍ସା ବିଶ୍ୱବିଦ୍ୟାଳୟ (ii) ଜେକେବିକେ ସରକାରୀ ମହାବିଦ୍ୟାଳୟ (iii) ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ (iv) ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଇନ୍‌ଫର୍‌ମେସନ ଟେକ୍ନୋଲୋଜି (v) ନିର୍ଦ୍ଦେଶକ, ଜଳ ଜମି ପରିଚାଳନା ପ୍ରତିଷ୍ଠାନ, କଟକ ଏବଂ (vi) ସିଡିଏ, କଟକ

(ଘ) ମେସର୍ସ ଲିବ୍ରା ରପ୍ତାନି ଲିମିଟେଡ୍ ଏବଂ ଏଆଇ ଚମ୍ପାଡାନି ଶିଳ୍ପ ଲିମିଟେଡ୍ ହୋଲ୍ଡିଂ ଟ୍ୟାକ୍ସ ସମ୍ବନ୍ଧରେ ପ୍ରତିନିଧିତ୍ୱ କରି କହିଥିଲେ ଯେ ଟିକସ ଧାରଣର ସଂଶୋଧିତ ହାର ଲାଗୁ ହେବା ପୂର୍ବରୁ ସେମାନେ ସେମାନଙ୍କର କାର୍ଯ୍ୟକଳାପକୁ ସ୍ଥଗିତ ରଖିଥିଲେ । ସହକାରୀ ଜିଲ୍ଲାପାଳ, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ମ୍ୟୁନିସିପାଲିଟି ଇଞ୍ଜିନିୟରଙ୍କୁ ନେଇ ଏକ ଟିମ୍ ପରିସ୍ଥିତିର ଆକଳନ କରିବାକୁ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ଏହି ଟିମ୍ ରିପୋର୍ଟ କରିଥିଲେ (ଫେବୃଆରୀ 2020) ଯେ ରେଟ୍ ସଂଶୋଧନ ପୂର୍ବରୁ ଏହି ୟୁନିଟ୍ ଗୁଡ଼ିକର କାର୍ଯ୍ୟକଳାପ ବନ୍ଦ ହୋଇଯାଇଥିଲା । ଏହିପରି, ଫେବୃଆରୀ 2022 ସୁଦ୍ଧା, ଏହି ୟୁନିଟ୍ ଗୁଡ଼ିକ ଉପରେ ଲାଗୁ ହୋଇଥିବା ହୋଲ୍ଡିଂ ଟ୍ୟାକ୍ସ ବା ଅନ୍ୟ କୌଣସି ନିଷ୍ପତ୍ତି ଏପର୍ଯ୍ୟନ୍ତ ନିଆଯାଇ ନାହିଁ ।

ଉପରୋକ୍ତ ଉଦାହରଣଗୁଡ଼ିକ ସୂଚିତ କରେ ଯେ, ଅନେକ କ୍ଷେତ୍ରରେ, ୟୁଏଲ୍‌ବି ଗୁଡ଼ିକ ବକେୟା ପରିମାଣର ଟିକସ ହାସଲ ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନେଇ ନଥିଲେ । .

6.3.3 ବାଣିଜ୍ୟ ଲାଇସେନ୍ସ ଉପରେ ରାଜସ୍ୱର ସ୍ୱଳ୍প ଆଦାୟ

ଓଡ଼ିଶା ମହାନଗର ନିଗମ ନିୟମ, 2003 ର ଧାରା 123 ଅନୁଯାୟୀ, ପୁନରୁଦ୍ଧାର ଅଧିକାରୀ[85]ମହାନଗର ନିଗମର ସମସ୍ତ ପ୍ରାପ୍ୟ ଆଦାୟ କରିବା ପାଇଁ ଦାୟୀ ରହିବେ । ଏହି ଅଧିକାରୀ ଯେପରିକି ଟିକସ, ଜରିମାନା ଏବଂ ଅନ୍ୟାନ୍ୟ ପ୍ରାପ୍ୟ, ଆଇନ୍ ଏବଂ ନିୟମାବଳୀ ଅନୁଯାୟୀ, ଟିକସ ପରିଶୋଧ କରିବାକୁ ଦାୟୀ ବ୍ୟକ୍ତି/ ଅନୁଷ୍ଠାନରୁ ଆଦାୟ କରିବେ । କଟକ ମହାନଗର ନିଗମ ଏବଂ ସମ୍ବଲପୁର ମହାନଗର ନିଗମ ଏକ ଆୟର ଉତ୍ସ ଭାବରେ ବାଣିଜ୍ୟ ଲାଇସେନ୍ସ ଉପରେ ଶୁଳ୍କ ସଂଗ୍ରହ କରୁଥିଲେ ।

ଉଭୟ ନିଗମର ଆର୍ଥିକ ବର୍ଷ 2020-21 ପାଇଁ ବାଣିଜ୍ୟ ଲାଇସେନ୍ସ ଶୁଳ୍କ ସମ୍ବନ୍ଧୀୟ ଦାବି, ଆଦାୟ ଏବଂ ଅନାଦାୟ (ଡିସିବି) ରେଜିଷ୍ଟରଗୁଡ଼ିକର ପରୀକ୍ଷାରୁ ଜଣାପଡ଼ିଛି ଯେ ଏହି ରେଜିଷ୍ଟରଗୁଡ଼ିକ ସଠିକ୍ ଭାବରେ ରକ୍ଷଣାବେକ୍ଷଣ କରାଯାଇ ନଥିଲା । ବର୍ଷ ଭିତ୍ତିକ ମୂଲ୍ୟାଙ୍କନ ଏବଂ ବାଣିଜ୍ୟ ଲାଇସେନ୍ସ ଶୁଳ୍କ ସଂଗ୍ରହ ସମ୍ବନ୍ଧୀୟ ରେକର୍ଡଗୁଡ଼ିକ ମଧ୍ୟ ରକ୍ଷଣାବେକ୍ଷଣ କରାଯାଇ ନଥିଲା । ଅଧିକନ୍ତୁ, ବାଣିଜ୍ୟ ଲାଇସେନ୍ସ ଶୁଳ୍କ ସଂଗ୍ରହ ପାଇଁ କୌଣସି ଆର୍ଥିକ ବର୍ଷ ଭିତ୍ତିକ ଧାର୍ଯ୍ୟ ଲକ୍ଷ୍ୟ ସ୍ଥିର କରାଯାଇନଥିଲା । ଆର୍ଥିକ ବର୍ଷ ଭିତ୍ତିକ ଦାବି, ଆଦାୟ ଏବଂ ଅନାଦାୟ (ଡିସିବି) ରେଜିଷ୍ଟରଗୁଡ଼ିକର ଅନୁପଯୁକ୍ତ ରକ୍ଷଣାବେକ୍ଷଣ ହେତୁ, ଅଡିଟ୍ 2018-19 ରୁ 2020-21 ଆର୍ଥିକ ବର୍ଷ ପାଇଁ ଦାବି ଏବଂ ସଂଗ୍ରହର ସତ୍ୟତା ନିଶ୍ଚିତ କରିପାରିଲା ନାହିଁ ।

ଅଡିଟ୍‌କୁ ଦିଆଯାଇଥିବା ବାଣିଜ୍ୟ ଲାଇସେନ୍ସ ସମ୍ବନ୍ଧୀୟ ଫାଇଲ୍ ଏବଂ ସୂଚନା ଗୁଡ଼ିକର ପରୀକ୍ଷାରୁ ଜଣାପଡ଼ିଥିଲା ଯେ ମାର୍ଚ୍ଚ 2021 ପର୍ଯ୍ୟନ୍ତ ଉଭୟ ମହାନଗର ନିଗମ 7,151 ଟି ବାଣିଜ୍ୟ ଲାଇସେନ୍ସ ପ୍ରଦାନ କରିଥିଲେ । ଅବଶ୍ୟ, ସେମାନେ ବାଣିଜ୍ୟ ଲାଇସେନ୍ସ ଫି ବାବଦକୁ ମୋଟ 3.34 କୋଟି ଟଙ୍କା ଦାବି କରିଥିବା ବେଳେ କେବଳ 1.21 କୋଟି ଟଙ୍କା ସଂଗ୍ରହ କରିଥିଲେ ଏବଂ 2.13 କୋଟି ଟଙ୍କା ମାର୍ଚ୍ଚ 2021 ସୁଦ୍ଧା ଅନାଦାୟ ଭାବରେ ଦର୍ଶାଇଥିଲେ ।

ସମୀକ୍ଷାରୁ ଏହା ମଧ୍ୟ ସୂଚିତ ହୋଇଥିଲା ଯେ ଯଦିଓ ଉଭୟ ମହାନଗର ନିଗମରେ ପୁନରୁଦ୍ଧାର ଅଧିକାରୀଙ୍କ ଅଧିନରେ ଟିକସ ଏବଂ ଭଡ଼ା ସଂଗ୍ରହ ପାଇଁ ମୋବାଇଲ୍ ସ୍ୱାର୍ଡ କାର୍ଯ୍ୟ କରୁଥିଲା, ସେଭଳି କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ଯଥା ଦାବି ନୋଟିସ୍ ଜାରି କରିବା ଏବଂ ବ୍ୟବସାୟ ପରିସରକୁ ସିଲ୍ କରିବା ଭଳି କାର୍ଯ୍ୟ ଗ୍ରହଣ କରାଯାଇ ନଥିଲା, ଫଳରେ ମୋଟ ଦାବି ମଧ୍ୟରୁ ମାତ୍ର 36.22 ପ୍ରତିଶତ ସଂଗ୍ରହ କରାଯାଇଥିଲା । ଏହିପରି, ପୁନରୁଦ୍ଧାର ଅଧିକାରୀଙ୍କ ଦ୍ୱାରା ପର୍ଯ୍ୟାପ୍ତ କାର୍ଯ୍ୟର ଅଭାବ, ଏବଂ ୟୁଏଲ୍‌ବି ମାନଙ୍କର ଉପଯୁକ୍ତ ମନିଟରିଂ ଏବଂ ତତ୍ତ୍ୱାବଧାନର ଅଭାବ ହେତୁ (ମାର୍ଚ୍ଚ 2021 ସୁଦ୍ଧା) 2.13 କୋଟି ଟଙ୍କା ରାଜସ୍ୱ ଅନାଦାୟ ହୋଇଥିଲା ।

6.4 ସେବା ବିତରଣ

କଟକ ଏବଂ ସମ୍ବଲପୁର ଜିଲ୍ଲାର 2002/2004 ଏବଂ 2021 ମଧ୍ୟରେ ଗୁଗୁଲ୍ ଦ୍ୱାରା ନିଆଯାଇଥିବା ଚିତ୍ରରେ ଏହି ଦଶନ୍ଧି ମଧ୍ୟରେ ଘଟିଥିବା ଦୁଇ ସହରର ଜନାକୀର୍ଣ୍ଣ ସମସ୍ୟାକୁ ଚିତ୍ର ଦ୍ୱାରା ନିମ୍ନରେ ଦର୍ଶାଯାଇଛି ।

[85] ପୁନରୁଦ୍ଧାର ଅଧିକାରୀ (ରିକଭରି ଅଫିସର) କୌଣସି ବ୍ୟକ୍ତି/ ଅନୁଷ୍ଠାନଠାରୁ ଆଦାୟ ହେବାକୁ ଥିବା ଟିକସ, ଜରିମାନା ଏବଂ ନିଗମର ଅନ୍ୟାନ୍ୟ ଦେୟ ପରି ସମସ୍ତ ଦେୟର ପୁନରୁଦ୍ଧାର ପାଇଁ ଦାୟୀ ଅଟନ୍ତି ।

ଫଟୋଚିତ୍ର ସଂଖ୍ୟା-6.1



ଗୁଗୁଲ୍ ଦ୍ୱାରା ନିଆଯାଇଥିବା ଜଟକର ପ୍ରତିଛବି **2002**



ଗୁଗୁଲ୍ ଦ୍ୱାରା ନିଆଯାଇଥିବା ଜଟକର ପ୍ରତିଛବି **2021**

ଫଟୋଚିତ୍ର ସଂଖ୍ୟା-6.2



ଗୁଗୁଲ୍ ଦ୍ୱାରା **2004** ରେ ନିଆଯାଇଥିବା ସମ୍ବଲପୁରର ପ୍ରତିଛବି **2004**



ଗୁଗୁଲ୍ ଦ୍ୱାରା **2021** ରେ ନିଆଯାଇଥିବା ସମ୍ବଲପୁରର ପ୍ରତିଛବି **2021**

ଅଡିଟ୍ ଦ୍ୱାରା ସମୀକ୍ଷା କରାଯାଇଥିବା ଛଅଟି[86] ୟୁଏଲ୍‌ବିରେ ନିଗରିକମାନଙ୍କୁ କିଭଳି ଭାବରେ ସେବା ପ୍ରଦାନ କରାଯାଉଛି ତାହା ନିମ୍ନରେ ସୂଚିତ କରାଗଲା ।

6.4.1 ସ୍ୱରେଜ ବ୍ୟବସ୍ଥା

I. କଟକ ମହାନଗର ନିଗମ : ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଖଡ଼ଗପୁରଙ୍କ ଦ୍ୱାରା କଟକ ସହର ପାଇଁ ବ୍ୟାପକ ବିକାଶ ଯୋଜନା ପ୍ରସ୍ତୁତ କରାଯାଇଥିଲା ଯାହା, ଅଗଷ୍ଟ 2011 ରେ ଓଡ଼ିଶା ସରକାର କରିଥିଲେ, ଏଥିରେ ଦର୍ଶାଯାଇଥିଲା କି କଟକ ସହରରେ ଘରୋଇ ବର୍ଜ୍ୟବସ୍ତୁ ନିଷ୍କାସନ ସହିତ ବ୍ୟାପକ ସେରେଜ୍ ସୁବିଧା ନଥିଲା ଏବଂ ବର୍ଷାଜଳ ନିଷ୍କାସନ ପାଇଁ ଉଦ୍ଦିଷ୍ଟ ଡ୍ରେନ୍ ମାଧ୍ୟମରେ ଏହି ବର୍ଜ୍ୟବସ୍ତୁ ନଦୀ ଆଡ଼ିକୁ ନିଷ୍କାସନ ହେବାର ଦର୍ଶାଯାଇଥିଲା । ଫଳସ୍ୱରୂପ, ମହାନଦୀ ଏବଂ କାଠଯୋଡ଼ି ନଦୀରେ ଜଳର ଗୁଣବତ୍ତା ଏକ ଖରାପ ଧାରା ପ୍ରଦର୍ଶନ କରିଥିଲା ଏବଂ ବହୁ ପରିମାଣର ବର୍ଜ୍ୟଜଳ ଉତ୍ପାଦନ ପାଇଁ ଉପଯୁକ୍ତ ବର୍ଜ୍ୟଜଳ ପରିଚାଳନା ବ୍ୟବସ୍ଥାର ପ୍ରୟୋଗ ଆବଶ୍ୟକ ଥିଲା । ଏକ ବିସ୍ତୃତ ଜଳ ନିଷ୍କାସନ ବ୍ୟବସ୍ଥା ପାଇବା ପାଇଁ, ମହାନଗର ନିଗମ ବାହ୍ୟ ଏଜେନ୍ସୀରୁ ପାଣ୍ଠି ପାଇବା ପାଇଁ ପଦକ୍ଷେପ ଆରମ୍ଭ କରିଥିଲା ଏବଂ 2013 ମସିହାରେ ସେରେଜ୍ ନେଟ୍‌ୱାର୍କକୁ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଥିଲା ।

କଟକ ସ୍ଥିତ 424 କିଲୋମିଟର ସେରେଜ୍ ନେଟ୍‌ୱାର୍କ ମଧ୍ୟରୁ 362 କିଲୋମିଟର ସେରେଜ୍ ନେଟ୍‌ୱାର୍କ ଜାପାନ ଆନ୍ତର୍ଜାତୀୟ ସହଯୋଗ ଏଜେନ୍ସି (ଜେଆଇସିଏ) ଦ୍ୱାରା ଓଡ଼ିଶା ଇଣ୍ଟିଗ୍ରେଟେଡ୍ ସାନିଟେସନ୍ ଉନ୍ନତି ପ୍ରକଳ୍ପ (ଓଆଇଏସ୍‌ଆଇପି)ମାଧ୍ୟମରେ ନିର୍ମାଣ ଚାଲିଛି ।

ଜେଆଇସିଏ ସହାୟକ ପ୍ରକଳ୍ପ ମାଧ୍ୟମରେ ନିଆଯାଇଥିବା ସେରେଜ୍ ନିର୍ମାଣ କାର୍ଯ୍ୟଗୁଡ଼ିକର ଏକ ରୂପରେଖ ନିମ୍ନରେ ଦର୍ଶାଯାଇଛି:

ଫଟୋଚିତ୍ର ସଂଖ୍ୟା-6.3



86 (i) କଟକ ମହାନଗର ନିଗମ (ii) ସମ୍ବଲପୁର ମହାନଗର ନିଗମ (iii) ଚୌଦ୍ୱାର ପୌରାଞ୍ଚଳ (iv) କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) (v) ରେଢାଖୋଲ ଏନ୍‌ଏସି ଏବଂ (vi) ଆଠଗଡ଼, ଏନ୍‌ଏସି

ଏହି ପ୍ରକଳ୍ପ (କଟକ ସ୍ୱରେଜ୍ ସ୍କିମ୍) ମେସର୍ସ ଏଲ୍ ଆଣ୍ଡ ଟି ଲିମିଟେଡ୍‌ଙ୍କୁ ପ୍ରକଳ୍ପ ମୂଲ୍ୟ 899.85 କୋଟି ଟଙ୍କା 18 ଫେବୃଆରୀ 2013 ଠାରୁ କାର୍ଯ୍ୟ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା ଏବଂ ଏହା 31 ଡିସେମ୍ବର 2021 ସୁଦ୍ଧା ଶେଷ ହେବାର ଥିଲା । ସେହିପରି, ମେସର୍ସ ଭିଏ ଟେକ୍ ୱାବାଗ୍ ଙ୍କୁ ପ୍ରକଳ୍ପ ମୂଲ୍ୟ 274.10 କୋଟି ଟଙ୍କା ବ୍ୟୟ ଅଟକଳ ମୂଲ୍ୟରେ ଦୁଇଟି ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି) (30 ଏମ୍‌ଏଲ୍‌ଡି + 16 ଏମ୍‌ଏଲ୍‌ଡି) ଏବଂ 36 ଟି ପମ୍ପିଂ ଷ୍ଟେସନର ନିର୍ଣ୍ଣାଣ ସହିତ ଉଭୟ କଟକ ଏବଂ ଭୁବନେଶ୍ୱର ପାଇଁ 380 କିଲୋମିଟର ସ୍ୱେରେଜ୍ ଲାଇନ୍ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା ଯାହା ମାର୍ଚ୍ଚ 2023 ସୁଦ୍ଧା ସମାପ୍ତ ହେବାକୁ ଥିଲା ।

ମାର୍ଚ୍ଚ 2022 ସୁଦ୍ଧା (i) ପ୍ରସ୍ତାବିତ ସମୁଦାୟ 362 କିଲୋମିଟର ସ୍ୱେରେଜ୍ ଲାଇନ୍ ମଧ୍ୟରୁ 338 କିଲୋମିଟର ସ୍ୱେରେଜ୍ ଲାଇନ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି, ଯେଉଁଥିପାଇଁ ପ୍ରକଳ୍ପ ମୂଲ୍ୟରେ 111.66 କୋଟି ଟଙ୍କା ବୃଦ୍ଧି ସହିତ 1,011.51 କୋଟି ଟଙ୍କା ପ୍ରଦାନ କରାଯାଇଛି ଏବଂ (ii) ଏସ୍‌ଟିପି ଏବଂ ଏହାକୁ କାର୍ଯ୍ୟକ୍ଷମ (କମିଶନିଂ) କରିବା ପାଇଁ ଆନୁସଙ୍ଗିକ ଖର୍ଚ୍ଚ ବାବଦରେ 257.14 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

ଏହି କାର୍ଯ୍ୟଗୁଡ଼ିକ ଅସମ୍ପୂର୍ଣ୍ଣ ରହିବାରୁ ସମୟ ଏବଂ ମୂଲ୍ୟ ଅତ୍ୟଧିକ ହେବା ସହିତ ସହରୀ ଜନସାଧାରଣଙ୍କୁ ସେବା ବିତରଣ କରାଯାଇପାରିଲା ନାହିଁ, ଯାହା ନିମ୍ନରେ ଉଲ୍ଲେଖ କରାଯାଇଛି :

- କଟକ ସହରର ବିସ୍ତାରିତ ଅଞ୍ଚଳରେ ଅପ୍ରତ୍ୟାଶିତ ଅଭିବୃଦ୍ଧି ଏବଂ କାର୍ଯ୍ୟ ପରିସରର ପରିବର୍ତ୍ତନ (ଡିସେମ୍ବର 2011) ହେତୁ, ସହରର 12 ଟି ଜୋନକୁ ଆଚ୍ଛାଦନ କରୁଥିବା 24 କିଲୋମିଟର ସ୍ୱେରେଜ୍ ଲାଇନ୍ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ (ଯାହା ପୂର୍ବ ସ୍କେଚରେ ଦର୍ଶାଯାଇଛି) । ଯେପରିକି (କ) ସ୍ୱେରେଜ୍ ଲାଇନଗୁଡ଼ିକର ଲମ୍ବ 241 କିଲୋମିଟରରୁ (ପ୍ରାରମ୍ଭିକ ପ୍ରସ୍ତାବରେ) 380 କିଲୋମିଟର ପର୍ଯ୍ୟନ୍ତ ବୃଦ୍ଧି ଏବଂ (ଖ) ପମ୍ପିଂ ଷ୍ଟେସନ ସଂଖ୍ୟାରେ 42 ରୁ 56 ପର୍ଯ୍ୟନ୍ତ ବୃଦ୍ଧି ଘଟିଥିଲା ।
- 20 ଟି ମନୁଷ୍ୟ ଦ୍ୱାରା ପରିଚାଳିତ ପମ୍ପିଂ ଷ୍ଟେସନ ମଧ୍ୟରୁ 11 ଟି ସମ୍ପୂର୍ଣ୍ଣ ହୋଇସାରିଥିଲା ଏବଂ ନଅଟି କାର୍ଯ୍ୟ ଚାଲିଥିଲା ।
- ଚାରିଟି ଲିଫ୍ଟ ଷ୍ଟେସନ୍[87] ମଧ୍ୟରୁ ଦୁଇଟିର କାର୍ଯ୍ୟ ଏପର୍ଯ୍ୟନ୍ତ ଚାଲିଥିଲା ।
- କଟକର ପଶ୍ଚିମ ଭାଗରେ ଥିବା ନୂତନ ବିଡ଼ାନାସି ଏବଂ ଚାନ୍ଦିନିଚୌକ ଅଞ୍ଚଳରେ କେବଳ ଦୁଇଟି ଜୋନରେ ସ୍ୱେରେଜ୍ ଲାଇନ୍ (14 ଜୋନ ବଦଳରେ) ପ୍ରାୟ 10,000 ଘରକୁ ଅନ୍ତର୍ଭୁକ୍ତ କରି (55,0000 ଘର ମଧ୍ୟରୁ ଯାହା କାର୍ଯ୍ୟ ପରିସର ଅନ୍ତର୍ଭୁକ୍ତ) କାର୍ଯ୍ୟକ୍ଷମ (କମିଶନ) କରାଯାଇଥିଲା ।

II. ସମ୍ବଲପୁର ମହାନଗର ନିଗମ : ସମ୍ବଲପୁର ସହରରେ କୌଣସି ସ୍ୱେରେଜ୍ ସୁବିଧା ନାହିଁ । ବର୍ଜ୍ୟ ଜଳ ଏବଂ ସ୍ୱେରେଜ ବର୍ଜ୍ୟବସ୍ତୁ ଦୁଇଟି ପ୍ରାକୃତିକ ଡ୍ରେନ୍ (ନାଳ) ଯଥା, (କ) ଧୋବି ଜୋର ନାଳ ଏବଂ (ଖ) ହର୍ଦନ ଜୋର ନାଳ ଦ୍ୱାରା ପ୍ରଭାବିତ ହୋଇ ଶେଷରେ ବିନାଖଣ୍ଡି ଠାରେ ମହାନଦୀରେ ପ୍ରବାହିତ ହେଉଥିଲା ।

ସମ୍ବଲପୁର ମହାନଗର ନିଗମ ଏକ ବିସ୍ତୃତ ସ୍ୱେରେଜ୍ ସିଷ୍ଟମ୍ ସ୍ଥାପନ (2016) କରିବା ପାଇଁ ସମ୍ବଲପୁର ଟାଉନର ସ୍ୱେରେଜ୍ ନିର୍ମାଣ କାର୍ଯ୍ୟ ଘରପୁର ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକ୍ସନ୍ (ପି) ଲିମିଟେଡ୍ ପୁନେ ସହିତ (ଜାନୁଆରୀ 2017) ଏକ ଇଞ୍ଜିନିୟରିଂ କ୍ରୟ ଏବଂ ନିର୍ମାଣ (ଇପିସି) ମାଧ୍ୟମରେ କାର୍ଯ୍ୟ କରିବା ପାଇଁ ଚୁକ୍ତିନାମା କରିଥିଲେ । ଏହି ଚୁକ୍ତିନାମାର ମୂଲ୍ୟ 294.93 କୋଟି ଟଙ୍କା (ନିର୍ମାଣ ମୂଲ୍ୟ) ଥିଲା ଏବଂ ଏହା ଜାନୁଆରୀ 2020 ସୁଦ୍ଧା ସମାପ୍ତ ହେବାକୁ ଥିଲା । ଏହି କାର୍ଯ୍ୟର ପରିସରରେ (କ) 252.73 କିଲୋମିଟର ସ୍ୱେରେଜ୍ ଲାଇନ୍ ସ୍ଥାପନ (ଖ) ଆଠଟି ସ୍ୱେରେଜ୍ ପମ୍ପିଂ ଷ୍ଟେସନ୍ ନିର୍ମାଣ ଏବଂ (ଗ) ଗୋଟିଏ ଏସ୍‌ଟିପି ନିର୍ମାଣ ଅନ୍ତର୍ଭୁକ୍ତ ଥିଲା । ଅଡିଟ୍ ସମୀକ୍ଷାରୁ ଜଣାଯାଏ ଯେ, ପ୍ରସ୍ତାବିତ ସ୍ୱେରେଜ୍ ଲାଇନ୍ ଗୁଡ଼ିକର ମୋଟ ଦୈର୍ଘ୍ୟ ମଧ୍ୟରୁ 252.73 କିଲୋମିଟର, 91.35 କିଲୋମିଟର ସ୍ୱେରେଜ୍ ଲାଇନ୍ ସମାପ୍ତ ହୋଇଛି ଏବଂ

[87] ଏକ ଲିଫ୍ଟ ଷ୍ଟେସନ ହେଉଛି ଏକ ପମ୍ପିଂ ଷ୍ଟେସନ ଯାହା ବର୍ଜ୍ୟଜଳକୁ ନିମ୍ନ ଉଚ୍ଚତାରୁ ଉଚ୍ଚ ଉଚ୍ଚତାକୁ ନେଇଥାଏ

123.35 କୋଟି ଟଙ୍କା ଦେୟ ପ୍ରଦାନ କରାଯାଇଛି । ସମ୍ବଲପୁର ସହରର ସେରେଜ୍ ନେଟ୍ୱାର୍କର ଏକ ସ୍କେଚ୍ ନିମ୍ନରେ ଦିଆଯାଇଛି:

ଫଟୋଚିତ୍ର ସଂଖ୍ୟା-6.4



ଏହି ପରିପ୍ରେକ୍ଷୀରେ, ଅଡିଟ୍ ନିମ୍ନଲିଖିତ ସ୍ଥିତିକୁ ଜାଣିବାକୁ ପାଇଛି (ଡିସେମ୍ବର 2021 ସୁଦ୍ଧା):

- ଠିକାଦାର, ଚୁକ୍ତି ଅନୁସାରେ 252.73 କିଲୋମିଟର ଲମ୍ବ ପାଇପ୍‌ଲାଇନ୍ ପକାଇବାର ଥିଲା, କିନ୍ତୁ ଖନନ କାର୍ଯ୍ୟ କରିବା ସମୟରେ କଠିନ ପଥରର ସମ୍ମୁଖୀନ ହେତୁ ଠିକାଦାର (ନଭେମ୍ବର 2021) ଏହି ପରିପ୍ରେକ୍ଷୀରେ ମୂଲ୍ୟ ବ୍ରେକ୍ ଅପ୍ ଦାଖଲ କରିଥିଲେ । ଯେଉଁ କାରଣରୁ କାର୍ଯ୍ୟର ଅଗ୍ରଗତି ବିଳମ୍ବ ହୋଇଥିଲା । ତେଣୁ, ମୁଖ୍ୟ ଯନ୍ତ୍ରୀ ଓଡ଼ିଶା ଜଳଯୋଗାଣ ଏବଂ ସ୍ୱେରେଜ୍ ବୋର୍ଡଙ୍କ ଦ୍ୱାରା ମାର୍ଚ୍ଚ 2023 କୁ କାର୍ଯ୍ୟ ସରିବାର ସଂଶୋଧନ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ସମ୍ବଲପୁର ସହରର ଆଠଟି ସ୍ୱେରେଜ୍ କ୍ୟାଚ୍‌ମେଣ୍ଟରେ 161.376 କିଲୋମିଟରର ମାଧ୍ୟାକର୍ଷଣ ସ୍ୱେୟେର ଲାଇନ୍[88]ଉପର ସ୍କେଚ୍‌ରେ ଦର୍ଶାଯାଇଛି । ଆବଶ୍ୟକ ବ୍ୟକ୍ତିଗତ ଜମି ଅଧିଗ୍ରହଣ ଏବଂ ସ୍ୱେରେଜ୍ ଲାଇନ୍‌ର ପୁନଃ ନିର୍ମାଣ ପରି କାର୍ଯ୍ୟର ପରିସର ପରିବର୍ତ୍ତନ ହେତୁ ସଂପୂର୍ଣ୍ଣ ହୋଇପାରିଲା ନାହିଁ ।
- ଆଠଟି ମଧ୍ୟବର୍ତ୍ତୀ ପମ୍ପିଂ ଷ୍ଟେସନ (ଆଇପିଏସ୍) ମଧ୍ୟରୁ କେବଳ ଗୋଟିଏ (ଅକ୍ଟୋବର 2022 ସୁଦ୍ଧା) ସମ୍ପୂର୍ଣ୍ଣ ହୋଇସାରିଥିଲା । ସ୍ୱେରେଜ ଲାଇନ୍ ଗୁଡ଼ିକ ସମ୍ପୂର୍ଣ୍ଣ ହୋଇନଥିବାରୁ ପମ୍ପିଂ ଷ୍ଟେସନ ଗୁଡ଼ିକରେ ପ୍ରବାହ ଗ୍ରହଣ କରାଯାଇ ନାହିଁ ଯାହା ସେମାନଙ୍କର କାର୍ଯ୍ୟକ୍ଷମ (କମିଶନିଂ) ହେବାର ସକ୍ଷମ ହୋଇନାହିଁ । ପ୍ରସ୍ତାବିତ 40 ଏମ୍‌ଏଲ୍‌ଡି କ୍ଷମତା ବିଶିଷ୍ଟ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଏବଂ ଧନୁପାଲିରେ ଥିବା ମୁଖ୍ୟ ପମ୍ପିଂ ଷ୍ଟେସନ୍ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇନାହିଁ ଯାହା ୟୁଏଲ୍‌ବି ଦ୍ୱାରା ଏହି କାର୍ଯ୍ୟଗୁଡ଼ିକର ତଦାରଖର ଅଭାବ ଦର୍ଶାଉଛି ।
- ବିଭିନ୍ନ ସ୍ଥାନରେ କଠିନ ଗ୍ରାନାଇଟ୍ ପଥର ହେତୁ ମ୍ୟାନ୍ ହୋଲ୍ ନିର୍ମାଣର ଅଗ୍ରଗତି ଏବଂ ଟ୍ରଙ୍କ ମୁଖ୍ୟ[89]ନିର୍ମାଣର ଅଗ୍ରଗତିରେ ବାଧାପ୍ରାପ୍ତ ହୋଇଥିଲା । ସେହି ଅନୁଯାୟୀ, 14,018 ମ୍ୟାନହୋଲ୍ ଚାମ୍ବର ମଧ୍ୟରୁ କେବଳ 4,277 ନିର୍ମାଣ କରାଯାଇଥିଲା (ମାର୍ଚ୍ଚ 2022) ଯାହା ମୁଖ୍ୟ ଟ୍ରଙ୍କର ଆଲାଇନ୍ ମେଣ୍ଟରେ ତ୍ରୁଟିପୂର୍ଣ୍ଣ ସର୍ବେକ୍ଷଣ ଏବଂ ଅନୁସନ୍ଧାନକୁ ସୁଚାଇଥିଲା ।
- ଏସ୍‌ଏମ୍‌ସି ଦ୍ୱାରା ତିନୋଟି ସେସ୍‌ପୁଲ୍ ଗାଡ଼ି ମାଧ୍ୟମରେ ପରିବାରରୁ ସଂଗୃହିତ ମଇଳା ଏକ ଘରୋଇ ସଂସ୍ଥା ମାଧ୍ୟମରେ ଖଣ୍ଡୁଆଳ ଠାରେ ଥିବା ଫେକାଲ୍ ସ୍ଲଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏଫ୍‌ଏସ୍‌ଟିପି) ରେ ନିର୍ଗତ କରାଯାଉଥିଲା । ସମୀକ୍ଷାରୁ ଜଣାପଡ଼ିଛି ଯେ, ମହାନଗର ନିଗମ ଅଞ୍ଚଳରେ ଥିବା ସର୍ବସାଧାରଣ ସୌଚାଳୟରୁ ନିର୍ଗତ ହେଉଥିବା ମଇଳା ସହିତ ଦୂଷିତ ଜଳ ନିଷ୍କାସିତ ହୋଇ ସିଧାସଳଖ ଖୋଲା ଡ୍ରେନରେ ନିର୍ଗତ ହେଉଛି, ଯାହାଫଳରେ ମହାନଦୀର ଜଳ ପ୍ରଦୂଷଣକୁ ବଢ଼ାଇଦେଇଛି ।
- କୁଚିଣ୍ଡା ଏବଂ ରେଢାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ମାନଙ୍କରେ କୌଣସି ଭୂତଳ ଜଳ ନିଷ୍କାସନ ବ୍ୟବସ୍ଥା ନଥିଲା । ଯେହେତୁ ଏନ୍‌ଏସି ସ୍ତରରେ ଏଫ୍‌ଏସ୍‌ଟିପି ଗୁଡ଼ିକର ନିର୍ମାଣ ଚାଲିଥିଲା । ଉକ୍ତ ଏନ୍‌ଏସି ଗୁଡ଼ିକ ସେସ୍‌ପୁଲ୍ ଯାନ ମାଧ୍ୟମରେ ସ୍ୱେରେଜ୍ ସଂଗ୍ରହ କରୁଥିଲେ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଏହାକୁ ନିଷ୍କାସନ କରୁଥିଲେ । ତେଣୁ, ଏହି ପୌରପାଳିକା ଗୁଡ଼ିକରେ ରହୁଥିବା ବ୍ୟକ୍ତିମାନେ ସ୍ୱେରେଜ୍ ସୁବିଧା ପାଇପାରିଲେ ନାହିଁ ।

ସୁପାରିଶ :

1. ଉଭୟ ୟୁଏଲ୍‌ବିରେ ନିର୍ଦ୍ଦିଷ୍ଟ ସମୟ ସୀମା ଅନୁଯାୟୀ ସ୍ୱେରେଜ୍ ସିଷ୍ଟମକୁ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ ଅଟେ ।

6.4.2 ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ଖାଦ୍ୟ ସୁରକ୍ଷା ପରିଚାଳନା ବ୍ୟବସ୍ଥା

ଓଡ଼ିଶା ମହାନଗର ନିଗମ ନିୟମର ଧାରା 576 ଅନୁଯାୟୀ, ନିଗମ ଅଞ୍ଚଳରେ ଅପମିଶ୍ରିତ ହୋଇନଥିବା ଖାଦ୍ୟ କ୍ରୟ/ ବିକ୍ରୟର ସୁନିଶ୍ଚିତ କରିବାର ଦାୟିତ୍ୱ ମହାନଗର ନିଗମର ରହିଛି । ଖାଦ୍ୟ ନିରାପତ୍ତା ଏବଂ ମାନକ (ଏଫ୍‌ଏସ୍‌ଏସ୍) ଅଧିନିୟମ, 2006 ରେ ଧାର୍ଯ୍ୟ କରାଯାଇଛି ଯେ, (କ) ଧାରା 31 ଅନୁଯାୟୀ, ଯେକୌଣସି ଖାଦ୍ୟ ବ୍ୟବସାୟ ଆରମ୍ଭ କିମ୍ବା କରିବାକୁ ଚାହୁଁଥିବା ବ୍ୟକ୍ତି ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ଲାଇସେନ୍ସ ପ୍ରାପ୍ତି ପାଇଁ ଏକ

[88] ଅବାଞ୍ଛିତ ଜଳକୁ ହଟାଇବା ପାଇଁ ଉଚ୍ଚତାର ପାର୍ଥକ୍ୟରୁ ଶକ୍ତି ବ୍ୟବହାର କରୁଥିବା ଏକ ଚ୍ୟାନେଲ୍ ।

[89] 'ଟ୍ରଙ୍କ୍ ମେନ୍' ଜଳ ଉତ୍ସରୁ ସାଧାରଣତଃ ଏକ ସେବା ଜଳ ଭଣ୍ଡାରକୁ ବହୁଳ ଭାବରେ ଜଳ ପରିବହନକୁ ବୁଝାଏ ।

ଆବେଦନ କରିବା ଆବଶ୍ୟକ ଅଛି ଏବଂ (ଖ) ଧାରା 37 ଅନୁଯାୟୀ ଖାଦ୍ୟ ନିରାପତ୍ତା କମିଶନରଙ୍କ[90] ଦ୍ୱାରା ଖାଦ୍ୟ ନିରାପତ୍ତା ଅଧିକାରୀ (ଏଫ୍ଏସ୍ଓ) ନିଯୁକ୍ତ କରିବା ଆବଶ୍ୟକ, ଯିଏକି ତଦାରଖ, ଖାଦ୍ୟର ନମୁନା ସଂଗ୍ରହ, ଖାଦ୍ୟ ଯାଞ୍ଚ ଏବଂ ଜବତ୍ ଇତ୍ୟାଦି କରିପାରିବେ ।

ପୁନଃ ଏଫ୍ଏସ୍ଏସ୍ ନିୟମ 2011 ର ଅନୁଚ୍ଛେଦ 2.1.3 (4) ଅନୁଯାୟୀ ଖାଦ୍ୟ ନିରାପତ୍ତା ଅଧିକାରୀମାନେ ନିଜ ଅଧିନରେ ଥିବା ସମସ୍ତ ଖାଦ୍ୟ ବ୍ୟବସାୟ ପରିଚାଳକ (ଏଫ୍ବିଓ) ମାନଙ୍କର ଡାଟାବେସ୍ ରଖିବା ଆବଶ୍ୟକ । ଏଫ୍ଏସ୍ଏସ୍ ଅଧିନିୟମ, 2006 ର ଧାରା 32 ଅନୁଯାୟୀ, ଯେଉଁ ଖାଦ୍ୟ ବ୍ୟବସାୟୀ ପରିଚାଳକ ନିୟମାବଳୀ ପାଳନ କରିବାରେ ବିଫଳ ହୁଅନ୍ତି, ସେମାନଙ୍କୁ ଖାଦ୍ୟ ବ୍ୟବସାୟର ସଠିକତା ପାଇଁ ଉନ୍ନତି ନୋଟିସ୍[91] ପ୍ରଦାନ କରାଯିବ ।

ଏହି ପରିପ୍ରେକ୍ଷୀରେ, ଅଡିଟ୍ ନିମ୍ନଲିଖିତ ଅନିୟମିତତାଗୁଡ଼ିକୁ ଉଲ୍ଲେଖ କରିଛି :

(i) ସିଏମ୍ସି ଏବଂ ଏସ୍ଏମ୍ସି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ଖାଦ୍ୟ ବ୍ୟବସାୟ ପରିଚାଳକ (ଏଫ୍ବିଓ) ମାନଙ୍କର କୌଣସି ଡାଟାବେସ୍ ରଖାଯାଇ ନଥିଲା । ମାର୍ଚ୍ଚ 2021 ସୁଦ୍ଧା ଉଭୟ ନିଗମ କ୍ଷେତ୍ରରେ (କ) 1,670 (1,028+642) ଏଫ୍ବିଓଙ୍କ ସପକ୍ଷରେ ଲାଇସେନ୍ସ ପ୍ରଦାନ କରାଯାଇଥିଲା, ଯେଉଁମାନେ ନିଜେ ଲାଇସେନ୍ସ ପ୍ରଦାନ ପାଇଁ ଆବେଦନ କରିଥିଲେ ଏବଂ (ଖ) ବିଭିନ୍ନ ରାସ୍ତା କଡ଼ ବିକ୍ରେତା/ ଛୋଟ ଦୋକାନ ମାଲିକଙ୍କୁ 3,439 (2,052+1387) ପଞ୍ଜୀକରଣ ପ୍ରମାଣପତ୍ର ଦିଆଯାଇଥିଲା । ତଥାପି ଡାଟାବେସ୍ର ଅଭାବ ହେତୁ, ଲାଇସେନ୍ସ ବିନା ମହାନଗର ନିଗମ ଅଞ୍ଚଳରେ କାର୍ଯ୍ୟ କରୁଥିବା ଏଫ୍ବିଓ/ ରାସ୍ତାକଡ଼ ବିକ୍ରେତା/ ଛୋଟ ଦୋକାନ ମାଲିକଙ୍କ ସଂଖ୍ୟା ବିଷୟରେ ସେମାନଙ୍କର କୌଣସି ସୂଚନା ନଥିଲା ।

(ii) କମିଶନର ଖାଦ୍ୟ ସୁରକ୍ଷାଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ, 2018-19, 2019-20 ଏବଂ 2020-21ଆର୍ଥିକ ବର୍ଷ ପାଇଁ ସିଏମ୍ସି ଏବଂ ଏସ୍ଏମ୍ସିରେ ଯଥାକ୍ରମେ ମାସକୁ 15, 10 ଏବଂ 7 ଟି ତଦାରଖ[92] ନମୁନା ଏବଂ 4, 4 ଏବଂ 5 ଟି ଆଇନଗତ ନମୁନା ସଂଗ୍ରହ କରିବାକୁ ପଡ଼ିବ, ଯାହା ନିମ୍ନ ***ସାରଣୀ 6.5*** ରେ ସବିଶେଷ ତଥ୍ୟ ଦର୍ଶାଯାଇଛି ।

ସାରଣୀ 6.5: ସବିଶେଷ ସଂଗୃହିତ ଖାଦ୍ୟ ନମୁନା ଗୁଡ଼ିକର ତଥ୍ୟ, ଏବଂ ଏହା ସହିତ ପରୀକ୍ଷିତ ନମୁନା

ୟୁଏଲ୍ବି	ଆଇନଗତ ନମୁନା ପାଇଁ ଧାର୍ଯ୍ୟ ଲକ୍ଷ୍ୟ	ବିଶ୍ଳେଷଣ ପାଇଁ ପଠାଯାଇଥିବା ଆଇନଗତ ନମୁନା	ଆଇନଗତ ନମୁନା ସମ୍ବନ୍ଧରେ ଗ୍ରହଣ କରାଯାଇଥିବା ରିପୋର୍ଟ	ଆଇନଗତ ନମୁନାଗୁଡ଼ିକ ମଧ୍ୟରୁ ଯୋଗ୍ୟ ନମୁନା	ନିରୀକ୍ଷଣ ନମୁନା ପାଇଁ ଧାର୍ଯ୍ୟ ଲକ୍ଷ୍ୟ	ବିଶ୍ଳେଷଣ ପାଇଁ ପଠାଯାଇଥିବା ନୀରିକ୍ଷଣ ନମୁନା	ନୀରିକ୍ଷଣ ନମୁନା ମଧ୍ୟରୁ ଗ୍ରହଣ କରାଯାଇଥିବା ରିପୋର୍ଟ	ନୀରିକ୍ଷଣ ନମୁନା ମଧ୍ୟରୁ ଯୋଗ୍ୟତା ଅର୍ଜନ କରିଛି
1	***2***	***3***	***4***	***5***	***6***	***7***	***8***	***9***
ସିଏମ୍ସି	**156**	42	42	31	384	364	364	284
ଏସ୍ଏମ୍ସି	**156**	57	57	38	384	154	104	75
ମୋଟ	**312**	**99**	**99**	**69**	**768**	**518**	**468**	**359**

ଯାହା ବ୍ୟବହାର ପାଇଁ ଯୋଗ୍ୟ ଅଟେ (ଆର୍ଥିକ ବର୍ଷ 2018-19 ରୁ 2020-21)

(ଉତ୍ସ: ସିଏମ୍ସି ଏବଂ ଏସ୍ଏମ୍ସି ଠାରୁ ମିଳିଥିବା ସୂଚନା)

ଏହିପରି, ଆର୍ଥିକ ବର୍ଷ 2018-19 ରୁ 2020-21ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ପ୍ରତ୍ୟେକ ୟୁଏଲ୍ବି ଆବଶ୍ୟକ ଥିବା 156 ଟି ଆଇନଗତ ନମୁନା ସଂଗୃହିତ କରିବା କଥା, କିନ୍ତୁ ସିଏମ୍ସି 42 ଟି ନମୁନା (ଆଇନଗତ ନମୁନା ସଂଗ୍ରହରେ 114 ଟିର ଅଭାବ ଦର୍ଶାଇ) ସଂଗ୍ରହ କରି ବିଶ୍ଳେଷଣ ପାଇଁ ପଠାଇଥିଲେ ଏବଂ ଏସ୍ଏମ୍ସି 57 ଟି ନମୁନା ସଂଗ୍ରହ କରି (ଆଇନଗତ ନମୁନା ସଂଗ୍ରହରେ 99 ଟିର ଅଭାବକୁ ଦର୍ଶାଇ) ବିଶ୍ଳେଷଣ ପାଇଁ ପଠାଇଥିଲେ ।

---

[90] ଖାଦ୍ୟ ସୁରକ୍ଷା କମିଶନର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ (ଯିଏକି ୟୁଏଲବି ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀ (ଏଫ୍ଏସ୍ଓ) ନିଯୁକ୍ତ କରନ୍ତି) ଅଧିନରେ କାର୍ଯ୍ୟ କରନ୍ତି ।

[91] ଖାଦ୍ୟ ସୁରକ୍ଷା ଏବଂ ମାନକ ଅଧିନିୟମ 2006 ଅନୁଯାୟୀ ଯେକୌଣସି ପ୍ରତିଷ୍ଠାନର ତଦାରଖ ସମୟରେ ଦେଖାଯାଇଥିବା ତ୍ରୁଟିଗୁଡ଼ିକ ଉପରେ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବ ।

[92] 'ସର୍ଭିଲାନ୍ସ ନମୁନା' ହେଉଛି ଏକ ନମୁନା ଯାହାକି ସର୍ବେକ୍ଷଣ, ସର୍ଭେ କିମ୍ବା ଅଧ୍ୟୟନ ଉଦ୍ଦେଶ୍ୟରେ ନିଆଯାଇଛି, ଯାହା କୋର୍ଟରେ ବ୍ୟବହାର କରାଯାଇପାରିବ ନାହିଁ ।

ଆହୁରି ମଧ୍ୟ, ଉଭୟ ନଗର ନିଗମ ଦ୍ୱାରା ବିଶ୍ଳେଷଣ ପାଇଁ ରାଜ୍ୟ ଜନସ୍ୱାସ୍ଥ୍ୟ ଲାବୋରୋଟୋରୀ (ଏସ୍‌ପିଏଚ୍‌ଏଲ୍) ଭୁବନେଶ୍ୱରଙ୍କୁ, 768 ଟି (ପ୍ରତ୍ୟେକ 384 ଟି) ନିରୀକ୍ଷଣ ନମୁନା ପଠାଇବାର ଆବଶ୍ୟକ ଥିବା ବେଳେ ସେମାନେ 518 ଟି ନିରୀକ୍ଷଣ ନମୁନା ପଠାଇଥିଲେ । ଏହି ପଠାଇଥିବା 518 ନିରୀକ୍ଷଣ ନମୁନା ମଧ୍ୟରୁ, 468 ରିପୋର୍ଟର ବିଶ୍ଳେଷଣ ହସ୍ତଗତ ହୋଇଥିଲା । ଏହି 468 ଟି ରିପୋର୍ଟର ବିଶ୍ଳେଷଣରୁ, ଜଣାପଡ଼ିଛି ଯେ, 359 ନମୁନା ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରିଥିବା ବେଳେ 109 ନମୁନା ନିର୍ଦ୍ଦିଷ୍ଟ ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଥିଲା । ଅଡିଟ୍ ତଥାପି ଜାଣିବାକୁ ପାଇଲା ଯେ ଏଫ୍‌ଏସ୍‌ଏସ୍, ଆକ୍ଟ, 2006 ର ଧାରା 32 ଅନୁଯାୟୀ ନିୟମ ପାଳନ କରିବାରେ ବିଫଳ ହୋଇଥିବା ଏଫ୍‌ବିଓ ମାନଙ୍କର ସୁଧାର ଆଣିବା ପାଇଁ କୌଣସି ନୋଟିସ୍ ଜାରି କରାଯାଇନାହିଁ ।

(iii) ସମୀକ୍ଷା ହୋଇଥିବା ଅନ୍ୟ ୟୁଏଲ୍‌ବି ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ଗୁଡ଼ିକରେ କୌଣସି ଖାଦ୍ୟ ନିରାପତ୍ତା ଅଧିକାରୀ ନିଯୁକ୍ତ କରାଯାଇନଥିଲା ।

ସୁପାରିଶ :

2. ଖାଦ୍ୟ ଉପରେ ଖାଦ୍ୟ ଗୁଣବତ୍ତାର ତଦାରଖ ପାଇଁ ୟୁଏଲ୍‌ବି ରେ ପର୍ଯ୍ୟାପ୍ତ ସଂଖ୍ୟକ ଖାଦ୍ୟ ନିରାପତ୍ତା ଅଧିକାରୀ ନିଯୁକ୍ତ କରିବାକୁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବା ଦରକାର ।

6.4.3 ସହରର ରାସ୍ତା ନିର୍ମାଣ, ବିକାଶ ଏବଂ ରକ୍ଷଣାବେକ୍ଷଣ

ଓଡ଼ିଶା ମହାନଗର ନିଗମ ଅଧିନିୟମ, 2003 ରେ ସହରାଞ୍ଚଳ ପୌରସଂସ୍ଥା (ୟୁଏଲ୍‌ବି) ମାନଙ୍କୁ ନିଜ ଅଧିନରେ ଥିବା ସଡ଼କ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ କ୍ଷମତା ପ୍ରଦାନ କରାଯାଇଛି । ସଡ଼କ ନିର୍ମାଣ, ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକ ସାଧାରଣ ପାଉଥିବା ସଡ଼କ ବିକାଶ ଅନୁଦାନ ବ୍ୟବହାର କରିବା ସହିତ କେନ୍ଦ୍ରୀୟ ଏବଂ ରାଜ୍ୟ ଅର୍ଥ ଆୟୋଗଙ୍କ ଦ୍ୱାରା ଉପଲବ୍ଧ ପାଣ୍ଠି ବ୍ୟବହାର କରନ୍ତି ।

ମାର୍ଚ୍ଚ 2021 ସୁଦ୍ଧା, କଟକ ଜିଲ୍ଲାର ତିନିଟି ସମୀକ୍ଷା ହୋଇଥିବା ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ସଡ଼କ ଏବଂ ଡ୍ରେନର ମୋଟ ଲମ୍ବ ଯଥାକ୍ରମେ 1,074.57 କିଲୋମିଟର ଏବଂ 1,773.64 କିଲୋମିଟର ଥିଲା । ସେହିଭଳି, ସମାନ ସମୟ ମଧ୍ୟରେ ସମ୍ବଲପୁର ଜିଲ୍ଲାର ତିନୋଟି ଯାକ ସମୀକ୍ଷା ହୋଇଥିବା ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ସଡ଼କ ଏବଂ ଡ୍ରେନର ସମୁଦାୟ ଲମ୍ବ ଯଥାକ୍ରମେ, 1277.39 କିଲୋମିଟର ଏବଂ 652.54 କିଲୋମିଟର ଥିଲା । ବର୍ଷ 2018-19 ରୁ 2020-21 ମଧ୍ୟରେ ସମୀକ୍ଷା ହୋଇଥିବା ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଦ୍ୱାରା ପରିଚାଳିତ ସଡ଼କ ଏବଂ ଡ୍ରେନଗୁଡ଼ିକର ସବିଶେଷ ବିବରଣୀ ସାରଣୀ **6.6** ରେ ଦର୍ଶାଯାଇଛି ।

ସାରଣୀ 6.6: ପରୀକ୍ଷିତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ବର୍ଷ 2018-19 ରୁ 2020-21) ଦ୍ୱାରା ନିର୍ମିତ ଏବଂ ରକ୍ଷଣାବେକ୍ଷଣ କରାଯାଉଥିବା ସଡ଼କ ଏବଂ ଡ୍ରେନ ଗୁଡ଼ିକର ପ୍ରକାର

(କିଲୋମିଟରରେ)

ଜିଲ୍ଲାର ବଛାଯାଇଥିବା ୟୁଏଲ୍‌ବି	ରାସ୍ତାର ପ୍ରକାର							ଡ୍ରେନ୍		
	ସିମେଣ୍ଟ କଂକ୍ରିଟ୍ ରାସ୍ତା[93]	ବ୍ଲାକ୍ ଟପ୍[94] ରାସ୍ତା	ଡବ୍ଲୁବିଏମ୍ ରାସ୍ତା[95]	ମୋରମ ରାସ୍ତା[96]	ମାଟି ରାସ୍ତା[97]	ମୋଟ	ପକା ରାସ୍ତା ପାଇଁ ରାସ୍ତା ଉନ୍ନତିକରଣ	ପକ୍କା ଡ୍ରେନ	କଚ୍ଚା ଡ୍ରେନ୍	ମୋଟ ଲମ୍ବ
କଟକ	909.3520	14.4830	75.750	22.517	52.47	1,074.572	74.987	742.214	1,031.426	1,773.64
ସମ୍ବଲପୁର	594.9640	157.7200	294.836	128.410	101.46	1,277.390	229.870	345.040	307.500	652.54
ମୋଟ	**1,504.3160**	**172.2030**	**370.586**	**150.927**	**153.93**	**2,351.962**	**304.857**	**1,087.254**	**1,338.926**	**2,426.18**

(ଉତ୍ସ: ୟୁଏଲ୍‌ବି ଗୁଡ଼ିକରୁ ମିଳିଥିବା ତଥ୍ୟ)

[93] ସିମେଣ୍ଟ କଂକ୍ରିଟ୍ ରାସ୍ତା

[94] 'ବ୍ଲାକ୍ ଟପ୍ ରାସ୍ତା' ଏକ ବିଟୁମିନସ୍ ପକ୍କା ରାସ୍ତା

[95] 'ୱାଟର ବାଉଣ୍ଡ ମାକାଡାମ୍' ରାସ୍ତା କଞ୍ଚା ସାମଗ୍ରୀ' ଯେପରିକି କ୍ରଷ୍ଟ ଏଗ୍ରିଗେଟ୍, ସ୍ପ୍ରିନିଂ ଏବଂ ବାଇଣ୍ଡିଂ ସାମଗ୍ରୀ

[96] 'ମୋରମ ରୋଡ୍' ହେଉଛି ଏକ ରାସ୍ତା ଯାହାକି ମାଟି, ବାଲି ଏବଂ କଂକଣର ମିଶ୍ରଣ ସହିତ ନିର୍ମିତ

[97] ମାଟିକୁ ସୂକ୍ଷ୍ମ କଂକଣ ସହିତ ମିଶ୍ରଣ କରି ଏକ 'ମାଟି ରାସ୍ତା' ନିର୍ମାଣ କରାଯାଇଛି ।

(i) ପକ୍କା[98] ରାସ୍ତା ନିର୍ମାଣ ନହେବା

ଜାଗା ମିଶନ[99] ର ଷ୍ଟାଣ୍ଡାର୍ଡ ଅପ୍‌ରେଟିଂ ପ୍ରଣାଳୀ ଅନୁଯାୟୀ ବସ୍ତି ଉନ୍ନତିକରଣ ଏବଂ ଡିଲିଷ୍ଟିଂ କରିବା ପାଇଁ ୟୁଏଲ୍‌ବିରେ ବସ୍ତି ବାସିନ୍ଦାଙ୍କ ପାଇଁ ପକ୍କା ସଡ଼କ ଯୋଗାଇବା ଏକ ବାଧତାମୂଳକ କାର୍ଯ୍ୟ[100] ଥିଲା । ସମୀକ୍ଷା ହୋଇଥିବା ୟୁଏଲ୍‌ବି ଗୁଡ଼ିକରେ ଆର୍ଥିକ ବର୍ଷ 2018-19 ରୁ 2020-21 ମଧ୍ୟରେ, ମୋଟ ସଡ଼କ ଲମ୍ବ 2,351.962 କିମି ମଧ୍ୟରୁ 370.586 କିମି ଡବ୍ଲୁବିଏମ୍ ରାସ୍ତା, 150.927 କିମି ମୋରମ୍ ରାସ୍ତା ଏବଂ 153.93 କିମି ମାଟି ରାସ୍ତା ଥିଲା । ଏହା ମଧ୍ୟ ସୂଚିତ ହୁଏ ଯେ ସଡ଼କ ଭିତ୍ତିଭୂମି ସୃଷ୍ଟି ପାଇଁ ବିଭିନ୍ନ ଯୋଜନା ଅଧିନରେ ଅର୍ଥ ଉପଲବ୍ଧ ଥିବା ସତ୍ତ୍ୱେ 304.857 କିଲୋମିଟର ମାଟି ରାସ୍ତା/ ମୋରମ୍ ରାସ୍ତା, ପକ୍କା ରାସ୍ତାରେ ନବୀକରଣ ନକରି ରହିଥିଲା ।

(ii) ଯୋଜନା ବିନା କାର୍ଯ୍ୟଗୁଡ଼ିକ ରୂପଦେବା

ସମୀକ୍ଷା ହୋଇଥିବା ୟୁଏଲ୍‌ବି ଗୁଡ଼ିକର ଚୁକ୍ତିନାମା ପଞ୍ଜୀକରଣ ଯାଞ୍ଚରୁ ଜଣାପଡ଼ିଛି ଯେ, ବର୍ଷ 2018-19 ରୁ 2020-21 ମଧ୍ୟରେ କଟକ ମହାନଗର ନିଗମ, ଚୌଦ୍ୱାର ୟୁଏଲ୍‌ବି ଏବଂ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଯଥାକ୍ରମେ ସଡ଼କ ଏବଂ ଡ୍ରେନ୍ କାର୍ଯ୍ୟ ପାଇଁ 1,143, 118 ଏବଂ 152 ଟି ଚୁକ୍ତିନାମା କାର୍ଯ୍ୟକାରୀ କରିଥିଲେ । ସେହିଭଳି, ଜନସାଧାରଣଙ୍କ ସୁବିଧା ପାଇଁ ସମ୍ବଲପୁର ମହାନଗର ନିଗମ, କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ଯଥାକ୍ରମେ ସିମେଣ୍ଟ କଂକ୍ରିଟ୍ ରାସ୍ତା ଏବଂ ଡ୍ରେନ୍ କାର୍ଯ୍ୟର ଉନ୍ନତି ପାଇଁ 481, 112 ଏବଂ 164ଟି ଚୁକ୍ତିନାମା କାର୍ଯ୍ୟକାରୀ କରିଥିଲେ । ସମୀକ୍ଷା ହୋଇଥିବା ୟୁଏଲ୍‌ବି ଗୁଡ଼ିକରୁ ଜଣାଯାଏ ଯେ ବର୍ଷ 2018-19 ରୁ 2020-21 ମଧ୍ୟରେ, 111.07 କୋଟି ଟଙ୍କା (କଟକ: 76.39 କୋଟି ଟଙ୍କା + ସମ୍ବଲପୁର:34.68 କୋଟି ଟଙ୍କା)ଖର୍ଚ୍ଚ କରାଯାଉଥିଲା । ସେହିଭଳି, ସ୍କିମ୍ ପାଣ୍ଠି ସହିତ 473.93 କୋଟି ଟଙ୍କା (କଟକ: 261.13 କୋଟି ଟଙ୍କା+ସମ୍ବଲପୁର: 212.80 କୋଟି ଟଙ୍କା)ଯାହା ମାର୍ଚ୍ଚ 2021 ସୁଦ୍ଧା, ସଡ଼କ ଉନ୍ନତି ପାଇଁ ବ୍ୟବହୃତ ହୋଇପାରି ଥାନ୍ତା ତାହା ଖର୍ଚ୍ଚ ହୋଇପାରି ନଥିଲା । କର୍ପୋରେସନ ସ୍ତରରେ ଇଣ୍ଟିଗ୍ରେଟେଡ୍ କର୍ପୋରେସନ୍ ଡେଭଲପ୍‌ମେଣ୍ଟ ପ୍ଲାନ୍ (ଆଇଆଇସିଡିପି) ଏବଂ ଏନ୍‌ଏସି/ ମ୍ୟୁନିସିପାଲିଟି ସ୍ତରରେ ଜିଲ୍ଲା ଯୋଜନା କମିଟି (ଡିପିସି) ର ଅନୁପସ୍ଥିତି ଯୋଗୁଁ ଏହା ଘଟିଥିଲା । ଯଦିଓ ଏଗୁଡ଼ିକ ଭାରତର ସମ୍ବିଧାନର ଧାରା 243 ZD ଏବଂ ଓଡ଼ିଶା ଓଏମ୍‌ସି ନିୟମ, 2003ର ଧାରା 499 ଅନୁଯାୟୀ ଧାର୍ଯ୍ୟ କରାଯାଇଥିଲା ।

ସୁପାରିଶ :

3. ବିଭିନ୍ନ ଯୋଜନାର ଉପଲବ୍ଧ ପାଣ୍ଠିକୁ ବ୍ୟବହାର କରି ୟୁ ଏଲ୍‌ବି ଗୁଡ଼ିକରେ ଥିବା ମାଟି/ ମୋରମ୍ ରାସ୍ତାର ନବୀକରଣ କରି ପକ୍କା ରାସ୍ତାରେ ପରିଣତ କରିବା ପାଇଁ ରଣନୀତି ପ୍ରସ୍ତୁତ କରିବା ଉଚିତ୍ ।

ଯୋଜନାର କାର୍ଯ୍ୟକାରିତା

6.5 ସ୍ୱଚ୍ଛ ଭାରତ ମିଶନ

ସ୍ୱଚ୍ଛ ଭାରତ ମିଶନ (ଏସ୍‌ବିଏମ୍) ଦେଶର 4,041 ସହର ଏବଂ ନଗରକୁ ଅନ୍ତର୍ଭୁକ୍ତ କରି 2 ଅକ୍ଟୋବର 2014 ରେ ଆରମ୍ଭ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ଯେ ଅକ୍ଟୋବର 2019 ସୁଦ୍ଧା ଖୋଲା ମଳତ୍ୟାଗ (ଓଡି)ର ବିଲୋପ କରିବା, କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ଇତ୍ୟାଦିର ସୁପାରିଚାଳନ କରି ପରିମଳ ସୁବିଧା ଉପଲବ୍ଧ କରାଇବା ଯଥା-ସୌଚାଳୟ, ଗ୍ରାମ୍ୟ ପରିମଳ ସୁବିଧା ଓ ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳର ସୁବିଧା

---

98 'ପକ୍କା' ରାସ୍ତା ହେଉଛି ଏକ ବିଟୁମିନାସ୍ ସ୍ତର / କଂକ୍ରିଟ୍

99 ଜାଗା ମିଶନ ହେଉଛି ଓଡ଼ିଶା ସରକାରଙ୍କର ଏକ ଯୋଜନା ଯାହା ଜମି ଅଧିକାରର ମିଶ୍ରଣ ଏବଂ ବସ୍ତି ଉନ୍ନତିର ଏକ ବିସ୍ତୃତ ପ୍ରକ୍ରିୟା ମାଧ୍ୟମରେ ବସ୍ତିକୁ ଜୀବନ୍ତ ବାସସ୍ଥାନରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି । ଏହି ଯୋଜନା ଅଧିନରେ ବସ୍ତିବାସିନ୍ଦାଙ୍କୁ ଆବଶ୍ୟକ ଶାରୀରିକ ଭିତ୍ତିଭୂମି ଯୋଗାଇଦିଆଯିବ ଯେପରିକି ପାଇପ୍ ଜଳ ଯୋଗାଣ, ପକ୍କା ରୋଡ, ଷ୍ଟ୍ରୀଟ୍ ଲାଇଟ୍ ପରିମଳ ଇତ୍ୟାଦି ।

100 'ବାଧତାମୂଳକ କାର୍ଯ୍ୟ' ଗୁଡ଼ିକ ହେଉଛି କାର୍ଯ୍ୟ ଗୁଡ଼ିକ ଯାହା ନିଗମ ଦ୍ୱାରା ବାଧତାମୂଳକ ଭାବରେ କାର୍ଯ୍ୟକାରୀ ହେବ ।

ଯୋଗାଇଦେବା । ଜାତୀୟ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ପରିବେଶ ସ୍ୱଚ୍ଛତା ସହିତ ବ୍ୟକ୍ତିଗତ ଘରୋଇ ଶୌଚାଳୟ(ଆଇଏଚ୍ଏଚ୍ଏଲ୍) ନିର୍ମାଣ ଏବଂ ବ୍ୟବହାରକୁ ସୁନିଶ୍ଚିତ କରି 2019 ସୁଦ୍ଧା ରାଜ୍ୟକୁ ଖୋଲା ମଳତ୍ୟାଗ ମୁକ୍ତ (ଓଡିଏଫ୍) କରିବାକୁ ପଦକ୍ଷେପ ନେଇଛନ୍ତି ।

6.5.1 ସମୀକ୍ଷା ହୋଇଥିବା ୟୁଏଲ୍ବିରେ ଆଇଏଚ୍ଏଚ୍ଏଲ୍ର ସ୍ଥିତି

ସ୍ୱଚ୍ଛ ଭାରତ ମିଶନ (ସହରୀ) ମାର୍ଗଦର୍ଶିକାର ଅନୁଚ୍ଛେଦ 4.1 ଏବଂ 4.2 ଅନୁଯାୟୀ, ମିଶନର ଉଦ୍ଦେଶ୍ୟ ଏହା ଥିଲା ଯେ (କ) କୌଣସି ପରିବାର ବାହ୍ୟ ମଳତ୍ୟାଗ (ଓଡି) ଅଭ୍ୟାସରେ ନିୟୋଜିତ ହେବେ ନାହିଁ, (ଖ) ମିଶନ ସମୟରେ କୌଣସି ନୂତନ ଅପରିମଳ ଶୌଚାଳୟ ନିର୍ମାଣ କରାଯିବ ନାହିଁ, (ଗ) ପିଟ୍ ଶୌଚାଳୟକୁ ସାନିଟାରୀ ଶୌଚାଳୟରେ ପରିଣତ ହେବ (ଘ) ଘରୋଇ ଶୌଚାଳୟ, ଏସ୍ଇଏମ୍ ଅଧିନରେ ନିର୍ମିତ, ଏକ ସୁପର ଷ୍ଟ୍ରକ୍ଚର (ଯାହା ପ୍ୟାଟ୍ ଏବଂ ୱାଟର ଟ୍ୟାଙ୍କ ଅନ୍ତର୍ଭୁକ୍ତ କରି) ଏବଂ ଏକ ସବ୍ଷ୍ଟ୍ରକ୍ଚର (ଏକ ଅନ୍ତର୍ନିହିତ ସ୍ୱରେଜ୍ ବ୍ୟବସ୍ଥା କିମ୍ବା ବିଦ୍ୟମାନ ଥିବା ସ୍ୱରେଜ୍ ବ୍ୟବସ୍ଥା ସହିତ ସଂଯୋଗ କରିବା) ରେ ନିର୍ମାଣ କରିବାକୁ ହେବ ।

ଆର୍ଥିକ ବର୍ଷ 2015-16 ରୁ 2020-21 ମଧ୍ୟରେ ଦୁଇଟି ସମୀକ୍ଷା ହୋଇଥିବା ଜିଲ୍ଲାରେ ନିର୍ମିତ ଘରୋଇ ଶୌଚାଳୟ (ଆଇଏଚ୍ଏଚ୍ଏଲ୍) ଗୁଡ଼ିକର ବିବରଣୀ ***ସାରଣୀ 6.7*** ରେ ଦର୍ଶାଯାଇଛି ।

ସାରଣୀ 6.7: ସ୍ୱଚ୍ଛ ଭାରତ ଅଧିନରେ ନିର୍ମାଣ ହୋଇଥିବା ଶୌଚାଳୟ

ଜିଲ୍ଲାର ନାମ	ଉପାଦାନ	ଗ୍ରହଣ ହୋଇଥିବା ଶୌଚାଳୟ ପାଇଁ ଆବେଦନ	ଆବେଦନ ଯାଞ୍ଚ ଏବଂ କାର୍ଯ୍ୟାଦେଶ	ସମାପ୍ତ ଶୌଚାଳୟ	ନିର୍ମାଣଧୀନ ଶୌଚାଳୟ	ନିର୍ମାଣ ଆରମ୍ଭ ହୋଇନଥିବା ଶୌଚାଳୟ	ନିର୍ମାଣ ପାଇଁ ବ୍ୟୟ (ଟଙ୍କା କୋଟିରେ)
କଟକ	ଆଇଏଚ୍ଏଚ୍ଏଲ୍	16,232	12,094	9,329	22	2,743	7.50
ସମ୍ବଲପୁର	ଆଇଏଚ୍ଏଚ୍ଏଲ୍	15,093	2,983	2,912	71	0	2.38
ମୋଟ		**31,325**	**15,077**	**12,241**	**93**	**2,743**	**9.88**

(ଉତ୍ସ: ଏସ୍ବିଏମ୍ର ଡ୍ୟାସ୍ବୋର୍ଡରୁ ମିଳିଥିବା ତଥ୍ୟ)

ଘରୋଇ ଶୌଚାଳୟ ଗୁଡ଼ିକର ନିର୍ମାଣରେ ଦେଖାଯାଇଥିବା ତ୍ରୁଟିବିଚ୍ୟୁତି ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

6.5.2 ଆର୍ଥିକ ସ୍ଥିତି

ସମୀକ୍ଷା ହୋଇଥିବା ୟୁଏଲ୍ବି ଗୁଡ଼ିକ, ଏସ୍ବିଏମ୍ ଯୋଜନା ଅଧିନରେ ଆର୍ଥିକ ବର୍ଷ 2015-16 ରୁ 2020-21ମଧ୍ୟରେ, ଆଇଏଚ୍ଏଚ୍ଏଲ୍ କମ୍ୟୁନିଟି ଶୌଚାଳୟ (ସିଟି)/ ସର୍ବସାଧାରଣ ଶୌଚାଳୟ (ପିଟି) ନିର୍ମାଣ ପାଇଁ (ଉଭୟ କେନ୍ଦ୍ରୀୟ ଏବଂ ରାଜ୍ୟ ଅଂଶ) ପ୍ରାପ୍ତ 74.70[101] କୋଟି ଟଙ୍କାରୁ 28.92[102] କୋଟି ଟଙ୍କା (ସିଟି/ପିଟି, ପରିଶ୍ରାଗାର, ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) କାର୍ଯ୍ୟକଳାପ ଏବଂ କଠିନ ବର୍ଜ୍ୟ ବସ୍ତୁ ପରିଚାଳନା (ଏସ୍ଡବ୍ଲ୍ୟୁଏମ୍) ପାଇଁ ଖର୍ଚ୍ଚ କରିଥିଲେ । ସହରର ପରିମଳ ଯୋଜନା ପ୍ରସ୍ତୁତ କରିବା ଏବଂ ଆଇଏଚ୍ଏଚ୍ଏଲ୍ ନିର୍ମାଣ ପାଇଁ ଆବେଦନ ଗୁଡ଼ିକର ଠିକ୍ ସମୟରେ ଅନୁମୋଦନ, ଉପଲବ୍ଧ ପାଣ୍ଠିର ସର୍ବୋଚ୍ଚ ଉପଯୋଗ ପାଇଁ ସେମାନେ ପଦକ୍ଷେପ ଗ୍ରହଣ କରିନଥିଲେ, ଫଳସ୍ୱରୂପ, ଅବ୍ୟବହୃତ ପାଣ୍ଠି 45.78 କୋଟି ଟଙ୍କା ଏସ୍ପିଏମ୍

[101] ଏସ୍ବିଏମ୍ ଅଧିନରେ ସଂଗ୍ରହ : 35.20 କୋଟି ଟଙ୍କା, ଚୌଦ୍ୱାରା ପୌରପାଳିକା: 6.35 କୋଟି ଟଙ୍କା, ଆଠଗଡ଼ ଏନ୍ଏସି : 2.33 କୋଟି ଟଙ୍କା, ସମ୍ବଲପୁର ମହାନଗର ନିଗମ : 27.29 କୋଟି ଟଙ୍କା, ରେଢ଼ାଖୋଲ ଏନ୍ଏସି : 1.90 କୋଟି ଟଙ୍କା ଏବଂ କୁଚିଣ୍ଡା ଏନ୍ଏସି : 1.63 କୋଟି ଟଙ୍କା

[102] ଏସ୍ବିଏମ୍ ଅଧିନରେ ବ୍ୟୟ: 10.60 କୋଟି ଟଙ୍କା, ଚୌଦ୍ୱାରା ପୌରପାଳିକା : 2.71 କୋଟି ଟଙ୍କା, ଆଠଗଡ଼ ଏନ୍ଏସି : 1.99 କୋଟି ଟଙ୍କା, ସମ୍ବଲପୁର ମହାନଗର ନିଗମ : 11.31 କୋଟି ଟଙ୍କା, ରେଢ଼ାଖୋଲ ଏନ୍ଏସି : 1.28 କୋଟି ଟଙ୍କା ଏବଂ କୁଚିଣ୍ଡା ଏନ୍ଏସି : 1.03 କୋଟି ଟଙ୍କା

(ସହରୀ) ରାଜ୍ୟ ନୋଡାଲ ଆକାଉଣ୍ଟକୁ ଫେରସ୍ତ କରି ଦେଇଥିଲେ । ଅର୍ଥ ଉପଯୋଗ ନହେବାର କାରଣ ଗୁଡ଼ିକ ହେଉଛି, ପାଣ୍ଠିର ବ୍ୟବହାର ପାଇଁ ସଜ୍ଜ ମିଆଦି/ ଦୀର୍ଘ ମିଆଦି/ କଣ୍ଟିଜେନ୍ସି ଯୋଜନା ଏସ୍‌ଡବ୍ଲୁଏମ୍ ଉପାଦାନ ପାଇଁ ସିଟି ସାନିଟେସନ୍ ପ୍ଲାନ୍ ଇତ୍ୟାଦି ପ୍ରସ୍ତୁତ ହୋଇନଥିଲା । ଆଇଏଚ୍‌ଏଚ୍‌ଏଲ୍ ନିର୍ମାଣ ପାଇଁ ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ 8.58 କୋଟି ଟଙ୍କା ଅନୁଦାନ ପାଇଁ ଉପଯୋଗିକରଣ ପ୍ରମାଣପତ୍ର (ୟୁସି) ଏପର୍ଯ୍ୟନ୍ତ ଦାଖଲ ହୋଇନାହିଁ (ଜାନୁଆରୀ 2022)

6.5.3 ସହର ପରିମଳ ଯୋଜନାଗୁଡ଼ିକର ଅଣ-ପ୍ରସ୍ତୁତି

ଏସ୍‌ବିଏମ୍ ମାର୍ଗଦର୍ଶିକାର ଅନୁଚ୍ଛେଦ 2.5 ଏବଂ 3 ରେ ଦର୍ଶାଯାଇଛି ଯେ ରାଜ୍ୟକୁ ଏକ ବ୍ୟାପକ ପରିମଳ ଯୋଜନା ପ୍ରସ୍ତୁତ କରିବା ସହିତ ରାଜ୍ୟର ସମସ୍ତ ୟୁଏଲ୍‌ବି ପାଇଁ ସହର ସ୍ତରୀୟ ପରିମଳ ଯୋଜନା (ସିଏସ୍‌ପି) ପ୍ରସ୍ତୁତ କରିବାକୁ ପଡ଼ିବ । ସେହି ଅନୁଯାୟୀ, ଗୃହ ଏବଂ ନଗର ଉନ୍ନୟନ (ଏଚ୍‌ଆଣ୍ଡୟୁଡି) ବିଭାଗ ସହର ସ୍ତରୀୟ ପରିମଳ ଯୋଜନା ଗୁଡ଼ିକର ପ୍ରସ୍ତୁତି ଏବଂ ତୁରନ୍ତ ଦାଖଲ ପାଇଁ ସମସ୍ତ ୟୁଏଲ୍‌ବିକୁ ନିର୍ଦ୍ଦେଶ (ସେପ୍ଟେମ୍ବର 2015) ଜାରି କରିଥିଲେ । ଡିସେମ୍ବର 2016ରେ ଗୃହ ଏବଂ ନଗର ଉନ୍ନୟନ (ଏଚ୍‌ଆଣ୍ଡୟୁଡି) ବିଭାଗ ପୁନର୍ବାର ୟୁଏଲ୍‌ବି ମାନଙ୍କୁ 15 ଜାନୁଆରୀ 2017 ସୁଦ୍ଧା ଘରକୁ ଘର (ଡିଟୁଡି) ସର୍ଭେ କରିବା ପରେ ଶୌଚାଳୟ ନଥିବା ଘର ଗୁଡ଼ିକୁ ସାମିଲ୍ କରି ସେମାନଙ୍କର ପରିମଳ ଯୋଜନାକୁ ସଂଶୋଧନ କରିବାକୁ କହିଥିଲେ ।

ଏସ୍‌ଏମ୍‌ସି ଏବଂ ସିଏମ୍‌ସିର ରେକର୍ଡଗୁଡ଼ିକର ସମୀକ୍ଷାରୁ ଜଣାପଡ଼ିଛି ଯେ ଉଭୟ ୟୁଏଲ୍‌ବି ଯଥାକ୍ରମେ 2012 ଏବଂ 2017 ମସିହାରେ ସେମାନଙ୍କର ସହର ପରିମଳ ଯୋଜନା ପ୍ରସ୍ତୁତ କରି ସେଗୁଡ଼ିକର ଅନୁମୋଦନ ପାଇଁ ଗୃହ ଏବଂ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କୁ ପଠାଇଥିଲେ । ଅଡିଟ୍‌ରୁ ଜଣାଯାଏ ଯେ ଜାନୁଆରୀ 2022 ସୁଦ୍ଧା ସରକାରଙ୍କ ଠାରୁ ଏହି ସିଏସ୍‌ପି ଗୁଡ଼ିକ ଅନୁମୋଦିତ ହୋଇନଥିଲେ । ସମୀକ୍ଷା ହୋଇଥିବା ଅନ୍ୟ ୟୁଏଲ୍‌ବି ଗୁଡ଼ିକ କୌଣସି ସହର ପରିମଳ ଯୋଜନା ପ୍ରସ୍ତୁତ କରିନଥିଲେ ।

6.5.4 ଆବେଦନ ଗୁଡ଼ିକର ଯାଞ୍ଚ ଏବଂ ଅନୁମୋଦନରେ ବିଳମ୍ବ

ଏସ୍‌ବିଏମ୍ ମାର୍ଗଦର୍ଶିକାର ଅନୁଚ୍ଛେଦ 4.3.1 ରେ ଦର୍ଶାଯାଇଛି ଯେ ହିତାଧିକାରୀଙ୍କ ଠାରୁ ପ୍ରାପ୍ତ ଆଇଏଚ୍‌ଏଚ୍‌ଏଲ୍ ନିର୍ମାଣ ସମ୍ବନ୍ଧୀୟ ଆବେଦନଗୁଡ଼ିକ ସାତ ଦିନ ମଧ୍ୟରେ ଯାଞ୍ଚ କରାଯିବା ସହ ଡେପୁଟି କମିଶନର (ପରିମଳ) କିମ୍ବା ସଂପୃକ୍ତ ୟୁଏଲ୍‌ବିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ ହେବା ଉଚିତ୍ । ରେକର୍ଡ ଗୁଡ଼ିକରୁ ଜଣାଯାଏ ଯେ ବର୍ଷ 2014-15 ରୁ 2020-21 ମଧ୍ୟରେ କଟକ ଏବଂ ସମ୍ବଲପୁର ଜିଲ୍ଲାର ୟୁଏଲ୍‌ବି ଗୁଡ଼ିକ ଆଇଏଚ୍‌ଏଚ୍‌ଏଲ୍ ନିର୍ମାଣ ପାଇଁ 31,325 ଟି ଆବେଦନ ଗ୍ରହଣ କରିଛନ୍ତି, ସେଥିମଧ୍ୟରୁ 575 ଟି ଆବେଦନ ନଭେମ୍ବର 2021 ସୁଦ୍ଧା ଯାଞ୍ଚ ପାଇଁ ବିଚାରାଧୀନ ଅଛି । ସଂପୃକ୍ତ ରେଜିଷ୍ଟର ଗୁଡ଼ିକରେ ଆବେଦନ ଗୁଡ଼ିକର ପ୍ରାପ୍ତ ତାରିଖ, ଯାଞ୍ଚ ତାରିଖ ଏବଂ ଆବେଦନଗୁଡ଼ିକର ଅନୁମୋଦନ ତାରିଖ ଭଳି ସବିଶେଷ ତଥ୍ୟର ରେକର୍ଡିଂ ନହେବା କାରଣରୁ ପଡ଼ିରହିଥିବାର ଅବଧି ଏବଂ କାରଣଗୁଡ଼ିକ ଅଡିଟ୍‌କୁ ବ୍ୟାଖ୍ୟା କରାଯାଇପାରି ନଥିଲା । ଏହିପରି, ଆଇଏଚ୍‌ଏଚ୍‌ଏଲ୍ ଗୁଡ଼ିକର ନିର୍ମାଣ ନହେବା ଦ୍ୱାରା ସଂପୃକ୍ତ ଅଞ୍ଚଳରେ ଖୋଲା ମଳ ତ୍ୟାଗ ହେବାର ଦେଖାଯାଇଥିଲା ।

ଏହା ଡେପୁଟି କମିଶନର (ପରିମଳ) କିମ୍ବା ସଂପୃକ୍ତ ୟୁଏଲ୍‌ବିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉତ୍ତରଦାୟିତ୍ୱର ଅନୁପସ୍ଥିତିକୁ ସୂଚାଇଥାଏ, ଯାହା ଆବେଦନ ଗୁଡ଼ିକର ଯାଞ୍ଚ ଏବଂ ଅନୁମୋଦନରେ ବିଳମ୍ବ ଘଟାଇଥିଲା ।

6.5.5 ଆଇଏଚ୍‌ଏଚ୍‌ଏଲ୍ ହିତାଧିକାରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ବିଳମ୍ବରେ ପ୍ରଦାନ

ଏସ୍‌ବିଏମ୍ ନିର୍ଦ୍ଦେଶାବଳୀ ଅନୁଚ୍ଛେଦ 4.4, 4.4.1 ଏବଂ 4.4.5 ଅନୁଯାୟୀ, (କ) ଘରୋଇ ଶୌଚାଳୟ (ଆଏଚ୍‌ଏଚ୍‌ଏଲ୍) ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ପ୍ରୋତ୍ସାହନ, ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ଚିହ୍ନଟ ହୋଇଥିବା ହିତାଧିକାରୀଙ୍କ ପାଇଁ ପ୍ରତି ଘରୋଇ ଶୌଚାଳୟ ନିର୍ମାଣ ପାଇଁ 4,000 ଟଙ୍କା ସ୍ଥିର କରାଯାଇଥିଲା ।

(ଖ) କେନ୍ଦ୍ର ସରକାରଙ୍କ ପ୍ରୋତ୍ସାହନର 50 ପ୍ରତିଶତ ଚିହ୍ନଟ ହିତାଧିକାରୀ ପରିବାରଙ୍କୁ ପ୍ରଥମ କିସ୍ତି ଭାବରେ ୟୁଏଲ୍‌ବିର ଅନୁମୋଦନ କ୍ରମେ ରାଜ୍ୟ ସରକାରଙ୍କ ଅଂଶ ଧନ ସହିତ ପ୍ରଦାନ କରିବାର ଥିଲା । (ଗ) ରାଜ୍ୟ ସରକାର/ ୟୁଏଲ୍‌ବି ଦ୍ୱାରା କୌଣସି ପର୍ଯ୍ୟାୟରେ କୌଣସି ଅତିରିକ୍ତ ପାଣ୍ଠି ମୁକ୍ତ କରିବାରେ କିଛି ପ୍ରତିବନ୍ଧକ ନଥିଲା । (ଘ) ଠିକ୍ ସମୟରେ ଏବଂ ଅସୁବିଧା ମୁକ୍ତ ଢଙ୍ଗରେ ହିତାଧିକାରୀଙ୍କ ପରିବାରଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ନିଶ୍ଚିତ କରିବାକୁ ୟୁଏଲ୍‌ବି ଗୁଡ଼ିକର ଆବଶ୍ୟକତା ଥିଲା ।

ସମୀକ୍ଷା ହୋଇଥିବା ୟୁଏଲ୍‌ବି ଗୁଡ଼ିକର ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଛି ଯେ ଆର୍ଥିକ ବର୍ଷ 2015-16 ରୁ 2020-21 ମଧ୍ୟରେ 9.87 କୋଟି ଟଙ୍କା ଆଇଏଚ୍‌ଏଚ୍‌ଏଲ୍ ନିର୍ମାଣ ପାଇଁ 12,241 ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ଏହି 12,241 ଜଣ ହିତାଧିକାରୀଙ୍କ ମଧ୍ୟରୁ 10,279 ହିତାଧିକାରୀ ଆଇଏଚ୍‌ଏଚ୍‌ଏଲ୍ ସମାପ୍ତ ହେବା ପରେ, ପ୍ରଥମ କିସ୍ତିର ଲାଭ ନ ପାଇ ସମସ୍ତ ପ୍ରୋତ୍ସାହନ ରାଶି ପ୍ରାପ୍ତ କରିଥିଲେ । ଉପଯୁକ୍ତ ତଦାରଖ ଓ ସମନ୍ୱୟର ଅଭାବ ହେତୁ, ସଂପୃକ୍ତ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ନ ଦେଇ ଆଇଏଚ୍‌ଏଚ୍‌ଏଲ୍ ନିର୍ମାଣ ସମାପ୍ତ ପରେ ସମସ୍ତ ପ୍ରାପ୍ୟ ଦିଆଯାଇଥିଲା । ଏହିପରି ଏହି ହିତାଧିକାରୀମାନେ ଆଇଏଚଏଚଏଲ୍‌ଗୁଡ଼ିକର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବା ପାଇଁ ବାଧ ହୋଇଥିଲେ କାରଣ ଆଇଏଚ୍‌ଏଚ୍‌ଏଲ୍ ସମାପ୍ତ ହେବା ପରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଏହା ମଧ୍ୟ ସୂଚାଇ ଦେଇଛି ଯେ, ହିତାଧିକାରୀମାନେ ୟୁଏଲ୍‌ବି ଦ୍ୱାରା ପ୍ରାରମ୍ଭିକ ପାଣ୍ଠି ପାଇବାକୁ ଉତ୍ସାହିତ କରାଯାଇନଥିଲା । ତେଣୁ, ସେମାନେ ଆଇଏଚ୍‌ଏଚ୍‌ଏଲ୍‌ର ସମାପ୍ତ ହେବା ପାଇଁ ଆର୍ଥିକ ବୋଝ ବହନ କରିବାକୁ ବାଧ ହୋଇଥିଲେ ।

6.5.6 ଘରୋଇ ଶୌଚାଳୟ ନିର୍ମାଣ ଦିଗରେ 27.58 ଲକ୍ଷ ଟଙ୍କାର ଅଫଳପ୍ରଦ ଖର୍ଚ୍ଚ

ସମୀକ୍ଷା ହୋଇଥିବା ୟୁଏଲ୍‌ବି (ଚୌଦ୍ୱାର, ଆଠଗଡ଼, କୁଚିଣ୍ଡା ଏବଂ ରେଢାଖୋଲ) ଗୁଡ଼ିକର ରେକର୍ଡ ଏବଂ ସୂଚନାରୁ ଜଣାପଡ଼ିଛି ଯେ ଆର୍ଥିକ ପ୍ରୋତ୍ସାହନ ଭାବରେ 2000 ଟଙ୍କା ଲେଖାଏ ପ୍ରଥମ କିସ୍ତି 3,111 ହିତାଧିକାରୀଙ୍କୁ ଆଇଏଚ୍‌ଏଚ୍‌ଏଲ୍ ନିର୍ମାଣ ପାଇଁ ଆର୍ଥିକ ବର୍ଷ 2015-16 ଠାରୁ ମଞ୍ଜୁର ପ୍ରଦାନ କରାଯାଇଥିଲା । ଏହି 3,111 ହିତାଧିକାରୀଙ୍କ ମଧ୍ୟରୁ କେବଳ 1,713 ହିତାଧିକାରୀ ଉଭୟ କିସ୍ତି ପାଇବା ପରେ ଆଇଏଚଏଚଏଲ ନିର୍ମାଣ କରିଥିଲେ । 19 ଜଣ ହିତାଧିକାରୀ ସେମାନଙ୍କ ଦ୍ୱାରା ପ୍ରାପ୍ତ ପ୍ରଥମ କିସ୍ତି ଫେରସ୍ତ କରିଥିଲେ । ଅବଶିଷ୍ଟ, 1,379 ଜଣ ହିତାଧିକାରୀ ପ୍ରଥମ କିସ୍ତି ଗ୍ରହଣ କରିଥିଲେ, କିନ୍ତୁ ଆଇଏଚ୍‌ଏଚ୍‌ଏଲ୍ ସମାପ୍ତ କରିନଥିଲେ କିମ୍ବା ୟୁଏଲ୍‌ବି ଗୁଡ଼ିକୁ ପ୍ରାପ୍ତ ଅର୍ଥ ଫେରସ୍ତ କରିନଥିଲେ । ଯଦିଓ କାରଣ ଦର୍ଶାଅ ନୋଟିସ୍ ପରବର୍ତ୍ତୀ ସମୟରେ ଏହି ହିତାଧିକାରୀଙ୍କୁ ଦିଆଯାଇଥିଲା, ଅଡିଟ୍ ଲକ୍ଷ୍ୟ କରିଛି ଯେ ଏସ୍‌ବିଏମ୍ ନିର୍ଦ୍ଦେଶାବଳୀ ଅନୁଯାୟୀ, ଏହିପରି ହିତାଧିକାରୀଙ୍କ ଠାରୁ ଅର୍ଥ ଫେରସ୍ତ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ 27.58 ଲକ୍ଷ ଟଙ୍କା ଖର୍ଚ୍ଚ ସମ୍ପୂର୍ଣ୍ଣ ଅଫଳପ୍ରଦ ହେଲା ।

6.5.7 ସମ୍ପ୍ରଦାୟ ଶୌଚାଳୟର ପରିଚାଳନା ଏବଂ ରକ୍ଷଣାବେକ୍ଷଣ

ସମୀକ୍ଷା ହୋଇଥିବା ୟୁଏଲ୍‌ବିର ବ୍ୟକ୍ତିଗତ ଏବଂ ସମ୍ପ୍ରଦାୟ ଶୌଚାଳୟ ଗୁଡ଼ିକର ୟୁଏଲ୍‌ବି ପ୍ରତିନିଧି ଏବଂ ଅଡିଟ୍ ସହିତ ସରଜମିନ ତଦନ୍ତ (ଫେବୃଆରୀ 2022) ସମୟରେ ଦେଖାଯାଇଥିଲା ଯେ ଅନେକ ଶୌଚାଳୟରେ ଜଳ ସଂଯୋଗ ନାହିଁ, ବିଦ୍ୟୁତ୍ ସଂଯୋଗ ନାହିଁ, ମରାମତି ଏବଂ ରକ୍ଷଣାବେକ୍ଷଣର ଅଭାବ, ପରିଷ୍କାରର ଅଭାବ ଏବଂ ନିକଟସ୍ଥ ନଦୀ ଗୁଡ଼ିକୁ ବର୍ଜ୍ୟଜଳ ନିଷ୍କାସନ କରିବା ଦେଖାଯାଇଥିଲା । ଏହିପରି କେତେକ ଉଦାହରଣ ନିମ୍ନରେ ଦର୍ଶାଯାଇଛି ।

ଫଟୋଚିତ୍ର ସଂଖ୍ୟା.-6.5	ଫଟୋଚିତ୍ର ସଂଖ୍ୟା -6.6	ଫଟୋଚିତ୍ର ସଂଖ୍ୟା -6.7
		

ସୁପାରିଶ :

4. ରାଜ୍ୟ ସରକାର ଏକ ବ୍ୟାପକ ପରିମଳ ଯୋଜନା ପ୍ରସ୍ତୁତ କରି ନିରନ୍ତର ପରିମଳ ସେବା ସୁନିଶ୍ଚିତ କରିବା ଉଚିତ୍ ।

5. ୟୁଏଲ୍‌ବି ଗୁଡ଼ିକ ବିଶେଷତଃ ଯେଉଁ ଘରୋଇ ଶୌଚାଳୟ ନିର୍ମାଣ ପାଇଁ ହିତାଧିକାରୀଙ୍କୁ ପାଣ୍ଠି ଆବଣ୍ଟନ କରାଯାଇ ସାରିଛି (ଆଇଏଚ୍‌ଏଚ୍‌ଏଲ୍) ସେ ସବୁ କାର୍ଯ୍ୟ ସମାପ୍ତ ହେବା ଉପରେ ଧ୍ୟାନ ଦେବା ଉଚିତ୍ ।

6. ୟୁଏଲ୍‌ବି ଗୁଡ଼ିକ ଆଇଏଚ୍‌ଏଚ୍‌ଏଲ୍ ପାଇଁ ଆବେଦନଗୁଡ଼ିକର ଯାଞ୍ଚ ଏବଂ ଅନୁମୋଦନ ପ୍ରକ୍ରିୟାକୁ ସରଳ କରିବା ଏବଂ ସେମାନଙ୍କର ନିର୍ମାଣ ପାଇଁ ପାଣ୍ଠିର ଠିକ୍ ସମୟରେ ମୁକ୍ତ କରିବା ଉଚିତ୍ ।

7. ୟୁଏଲ୍‌ବି ଗୁଡ଼ିକ କମ୍ୟୁନିଟ୍ ଶୌଚାଳୟର ସଠିକ୍ ରକ୍ଷଣାବେକ୍ଷଣ ଯଥା ଏଥିରେ ଜଳ ଯୋଗାଣ, ବିଦ୍ୟୁତ୍ ସଂଯୋଗ ଏବଂ ପରିଷ୍କାର ପରିଚ୍ଛନ୍ନତାକୁ ପ୍ରାଥମିକତା ଦେବା ଆବଶ୍ୟକ ।

6.6 ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ)

ଭାରତ ସରକାର (ଜିଓଆଇ) ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରୀ) (ପିଏମ୍‌ଏୱାଇ-ୟୁ) ମାଧ୍ୟମରେ (ଜୁନ୍ 2015) ସମସ୍ତ ଯୋଗ୍ୟ ପରିବାରଙ୍କୁ ମାର୍ଚ୍ଚ 2022 ସୁଦ୍ଧା ଘର ଯୋଗାଇବା ଲକ୍ଷ୍ୟରେ ଆରମ୍ଭ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ଡିସେମ୍ବର 2024 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା (ଅଗଷ୍ଟ 2022) । ରାଜ୍ୟ ସରକାର ଏହି ଯୋଜନାକୁ ସଫଳତାର ସହିତ କାର୍ଯ୍ୟ କରିବା ପାଇଁ ଆବଶ୍ୟକତା ଥିଲା । ରାଜ୍ୟ ସରକାର (ଜାନୁଆରୀ 2016) ହିତାଧିକାରୀଙ୍କ ପାଇଁ ବ୍ୟକ୍ତିଗତ ଗୃହ ନିର୍ମାଣ କିମ୍ବା ଉନ୍ନତି (ବିଏଲ୍‌ସି) ପାଇଁ ସବ୍‌ସିଡ୍ ଥିବା ଉପାଦାନ ଉପରେ ଧ୍ୟାନ ଦେଇ ଏହାର କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହି ଉପାଦାନ ଅଧିନରେ ଅର୍ଥନିତୀକ ଦୁର୍ବଳ ଶ୍ରେଣୀ (ଇଡବ୍ଲୁଏସ୍) ର ଯୋଗ୍ୟ ପରିବାର ମାନେ ନୂତନ ଗୃହ ନିର୍ମାଣ କରିପାରିବେ କିମ୍ବା ବିଦ୍ୟମାନ ଥିବା ଘରଗୁଡ଼ିକର ନବୀକରଣ କରି ବୃଦ୍ଧି କରିପାରିବେ । ଏହି ନିର୍ମାଣ ପାଇଁ ହିତାଧିକାରୀମାନେ ନିଜ ନିଜର ଆର୍ଥିକ ଅବଦାନ ସହିତ ଭାରତ ସରକାର (ଜିଓଆଇ)/ ଓଡ଼ିଶା ସରକାରଙ୍କ ଆର୍ଥିକ ସହଯୋଗରେ ନିର୍ମାଣ କାର୍ଯ୍ୟ କରିବେ । ନିର୍ମାଣର ପର୍ଯ୍ୟାୟ ପ୍ରଗତି ଉପରେ ଆଧାର କରି ଆନୁପାତିକ ଭାବରେ ସରକାରଙ୍କ ଦ୍ୱାରା ଅର୍ଥ ପ୍ରଦାନ କରାଯିବ ।

6.6.1 ସମସ୍ତଙ୍କ ପାଇଁ "ଗୃହ ଯୋଗାଇବା କାର୍ଯ୍ୟର ଯୋଜନା ପ୍ରସ୍ତୁତି ନକରିବା"

ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ମାର୍ଗଦର୍ଶିକାର ଅନୁଚ୍ଛେଦ 8.3 ଅନୁଯାୟୀ, ସହରଗୁଡ଼ିକରେ ଗୃହର ପ୍ରକୃତ ଚାହିଦା ଆକଳନ କରିବା ପାଇଁ ଉପଯୁକ୍ତ ଉପାୟ ମାଧ୍ୟମରେ ଚାହିଦା ସର୍ବେକ୍ଷଣ କରିବାର ଆବଶ୍ୟକତା ଥିଲା । ଏହି ଘରର ଆବଶ୍ୟକତା ସର୍ଭେ ଏବଂ ଅନ୍ୟାନ୍ୟ ଉପଲବ୍ଧ ତଥ୍ୟ ଆଧାରରେ ସହରଗୁଡ଼ିକ "ସମସ୍ତଙ୍କ ପାଇଁ ଗୃହ ଯୋଜନା ଆକ୍ସନ୍" (ଏଚ୍‌ଏଫ୍‌ଏପିଓଏ) ପ୍ରସ୍ତୁତ କରିବା ଆବଶ୍ୟକ ଥିଲା । ପୁନଶ୍ଚ ମାର୍ଗଦର୍ଶିକାର ଅନୁଚ୍ଛେଦ 8.5 ଅନୁଯାୟୀ,

ଏଚ୍‌ଏଫ୍‌ଏପିଓଏ ଆଧାରରେ ରାଜ୍ୟ/ ସହରଗୁଡ଼ିକ ସେମାନଙ୍କର ବାର୍ଷିକ କାର୍ଯ୍ୟାନ୍ୱୟନ ଯୋଜନା (ଏଆଇପି) ପ୍ରସ୍ତୁତ କରିବାର ଥିଲା । ଏହି ଅନୁସାରେ ଆର୍ଥିକ ଉତ୍ସର ଉପଲବ୍ଧତା ଏବଂ ପ୍ରାଥମିକତାକୁ ଦୃଷ୍ଟିରେ ରଖି 2022 ପର୍ଯ୍ୟନ୍ତ ଏହି କାର୍ଯ୍ୟକୁ ଭାଗଭାଗ କରାଯିବାର ଥିଲା । ବୃହତ୍ ସହରଗୁଡ଼ିକ ପାଇଁ ସଂପୃକ୍ତ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳର (ୟୁଟି) ସରକାରଙ୍କ ଅନୁମୋଦନ କ୍ରମେ ଉପ-ସହର (ୱାର୍ଡ-ଜୋନ୍ ଇତ୍ୟାଦି) ସ୍ତରରେ ଏଚ୍‌ଏଫ୍‌ଏପିଓଏ ଏବଂ ଏଆଇପି ପ୍ରସ୍ତୁତ କରାଯାଇପାରିବ ।

ସମୀକ୍ଷା ହୋଇଥିବା ଦୁଇଟି ୟୁଏଲ୍‌ବି (ସିଏମ୍‌ସି ଏବଂ ଏସ୍‌ଏମ୍‌ସି) ର ରେକର୍ଡଗୁଡ଼ିକରୁ ଜଣାପଡ଼ିଛି ଯେ ସହରରେ ବାସଗୃହର ପ୍ରକୃତ ଚାହିଦା ଆକଳନ କରିବା ପାଇଁ ସେମାନେ ସର୍ଭେ (ମାର୍ଚ୍ଚ 2019) କରିଥିଲେ ଏବଂ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ 44,356 ହିତାଧିକାରୀଙ୍କୁ ମଧ୍ୟ ଚିହ୍ନଟ କରିଥିଲେ । ଏହା ମଧ୍ୟ ଜଣାଯାଏ ଯେ ମାର୍ଚ୍ଚ 2021 ସୁଦ୍ଧା ଉଭୟ ମହାନଗର ନିଗମ ନିର୍ଦ୍ଦେଶାବଳୀ ଅନୁଯାୟୀ ଏପର୍ଯ୍ୟନ୍ତ ସେମାନଙ୍କର ଏଚ୍‌ଏଫ୍‌ଏପିଓଏ ପ୍ରସ୍ତୁତ କରିନଥିଲେ । ଫଳସ୍ୱରୂପ, ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଏହି ଯୋଜନାର ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ । ଅବଶିଷ୍ଟ ସମୀକ୍ଷା ହୋଇଥିବା ୟୁଏଲ୍‌ବି[103]ଗୁଡ଼ିକ ମଧ୍ୟ ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସେମାନଙ୍କର ଏଆଇପି ପ୍ରସ୍ତୁତ କରିନଥିଲେ । ହିତାଧିକାରୀଙ୍କ ପାଇଁ ବ୍ୟକ୍ତିଗତ ଗୃହ ନିର୍ମାଣ କିମ୍ବା ଉନ୍ନତି (ବିଏଲ୍‌ସି)[104] ପାଇଁ ସବ୍‌ସିଡି ଥିବା ଉପାଦାନର କାର୍ଯ୍ୟକାରିତା ସମ୍ବନ୍ଧରେ ଦେଖାଯାଇଥିବା ଅଭାବଗୁଡ଼ିକ ପରବର୍ତ୍ତୀ ଅନୁଚ୍ଛେଦରେ ଉଲ୍ଲେଖ କରାଯାଇଛି ।

6.6.2 ଯୋଜନା କାର୍ଯ୍ୟକାରୀ କରିବାରେ ମନ୍ଥରତା

କଟକ ମହାନଗର ନିଗମ ଏବଂ ସମ୍ବଲପୁର ମହାନଗର ନିଗମ ବିଏଲ୍‌ସି ଉପାଦାନ ଅଧିନରେ ଥିବା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପ୍ରକଳ୍ପର ବିସ୍ତୃତ ବିବରଣୀ (ଡିପିଆର୍) ପ୍ରସ୍ତୁତ କରିଥିଲେ । ଡିସେମ୍ବର 2021 ସୁଦ୍ଧା ଏହି ୟୁଏଲ୍‌ବିର ଅଧିନରେ ଯୋଗ୍ୟ ହିତାଧିକାରୀଙ୍କ କାର୍ଯ୍ୟକାରିତାର ସ୍ଥିତି ସାରଣୀ **6.8** ରେ ସୂଚିତ କରାଯାଇଅଛି ।

ସାରଣୀ 6.8: ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ ପିଏମ୍‌ଏୱାଇ-ୟୁ ଅଧିନରେ ଯୋଗ୍ୟ ହିତାଧିକାରୀଙ୍କ କାର୍ଯ୍ୟର ସ୍ଥିତି

ଜିଲ୍ଲାର ନାମ	ୟୁଏଲ୍‌ବିରେ ପ୍ରସ୍ତାବିତ ନିର୍ମାଣ ଚାଲୁଥିବା ଗୃହଗୁଡ଼ିକର ଲକ୍ଷ୍ୟ	ଦିଆଯାଇଥିବା କାର୍ଯ୍ୟାଦେଶ ସଂଖ୍ୟା	ନିର୍ମାଣ ହୋଇସାରିଥିବା ଗୃହ ଗୁଡ଼ିକର ସଂଖ୍ୟା	ଗୃହ କାର୍ଯ୍ୟ ଚାଲୁରହିଥିବା ସଂଖ୍ୟା	ଗୃହ କାର୍ଯ୍ୟ ଆଗ ହୋଇନଥିବା ସଂଖ୍ୟା	ଗୃହ କାର୍ଯ୍ୟ ନିର୍ମାଣ ଲକ୍ଷ୍ୟ ତୁଳନାରେ କାର୍ଯ୍ୟ
କଟକ	6,950	4,374	3,568	771	35	51.34
ସମ୍ବଲପୁର	6,995	5,981	3,289	1,369	1,323	47.01
	13,945	**10,355**	**6,857**	**2,140**	**1,358**	**49.17**

(ଉତ୍ସ: ୟୁଏଲ୍‌ବି ଦ୍ୱାରା ପ୍ରଦତ୍ତ ସୂଚନା)

ପୂର୍ବ ସାରଣୀରୁ ସୂଚିତ ହୁଏ ଯେ ବର୍ଷ 2016-17 ରୁ 2020-21 ମଧ୍ୟରେ ଏହି ୟୁଏଲ୍‌ବି ଗୁଡ଼ିକ କେବଳ 49.17 ପ୍ରତିଶତ ଲକ୍ଷ୍ୟ ହାସଲ କରିବାରେ ସକ୍ଷମ ହୋଇଥିଲେ । ଅଡିଟ୍ ଦ୍ୱାରା ସୂଚିତ ହୋଇଛି ଯେ ନିର୍ଦ୍ଦେଶନାମା ଅନୁଯାୟୀ, କାର୍ଯ୍ୟାଦେଶ ଜାରି ହେବାର 90 ଦିନ ମଧ୍ୟରେ ଗୃହକାର୍ଯ୍ୟ ଆରମ୍ଭ ହେବା ଆବଶ୍ୟକ ଥିବା ସତ୍ତ୍ୱେ

[103] (i) ଚୌଦ୍ୱାର ପୌରପାଳିକା (ii) ଆଠଗଡ଼, ଏନ୍‌ଏସି (iii) କୁଚିଣ୍ଡା, ଏନ୍‌ଏସି ଏବଂ (iv) ରେଢାଖୋଲ, ଏନ୍‌ଏସି

[104] ଏହି ଉପାଦାନ ଅଧିନରେ, ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲୁଏସ୍) ର ଯୋଗ୍ୟ ପରିବାରମାନେ ନିଜ ନିଜର ଆର୍ଥିକ ଅବଦାନ ସହିତ ଭାରିତ ସରକାର (ଜିଓଆଇ) ଏବଂ ଓଡ଼ିଶା ସରକାର (ଜିଓଓ) ଙ୍କ ଆର୍ଥିକ ସହାୟତାରେ ନୂତନ ଗୃହ ନିର୍ମାଣ କିମ୍ବା ବିଦ୍ୟମାନ ଥିବା ଗୃହକୁ ବୃଦ୍ଧି କରିପାରିବେ । ନିର୍ମାଣର ପର୍ଯ୍ୟାୟକୁ ଭିତ୍ତି କରି ଉଭୟ ସରକାରଙ୍କ ଠାରୁ ଆନୁପାତିକ ଭାବରେ ଅର୍ଥ ପ୍ରାପ୍ତି ହେବେ ।

1,358 ଜଣ ହିତାଧିକାରୀ ଆଜି ପର୍ଯ୍ୟନ୍ତ (ମାର୍ଚ୍ଚ 2022) ସେମାନଙ୍କ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରି ନାହାନ୍ତି । ହିତାଧିକାରୀଙ୍କ ଆର୍ଥିକ ପ୍ରତିବନ୍ଧକ ଯୋଗୁଁ ଏହି ଘରଗୁଡ଼ିକର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନଥିଲା ।

ଏଚ୍‌ଏଫ୍‌ଏପିଓଏ ର ଅନୁପସ୍ଥିତିରେ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟ ସରକାର ୟୁଏଲ୍‌ବି ପାଇଁ କୌଣସି ବାର୍ଷିକ ଧାର୍ଯ୍ୟ ଲକ୍ଷ୍ୟ ସ୍ଥିର କରିନାହାଁନ୍ତି । ୟୁଏଲ୍‌ବି ଦ୍ୱାରା ସ୍ଥିର କରାଯାଇଥିବା ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟ ହାସଲ ହୋଇପାରି ନଥିଲା । କାରଣ ହିତାଧିକାରୀଙ୍କ ଗୃହ ନିର୍ମାଣ କାର୍ଯ୍ୟ କରିବାର ଅର୍ଥନୈତିକ ଯୋଗ୍ୟତା ସଠିକ୍ ଭାବରେ ଯାଞ୍ଚ ନକରି କାର୍ଯ୍ୟାଦେଶ ପ୍ରଦାନ କରିବା ହେତୁ ଏହି ଲକ୍ଷ୍ୟ ହାସଲ ହୋଇପାରି ନଥିଲା । ଏହି ଗତିରେ ଯୋଜନାର ଅଗ୍ରଗତି ହେଲେ, ଯୋଜନାର ସମୟସୀମା ଅନୁଯାୟୀ ୟୁଏଲ୍‌ବି ଅଧିନରେ ଥିବା ସମସ୍ତ ଯୋଗ୍ୟ ପରିବାରଙ୍କୁ ଅନ୍ତର୍ଭୁକ୍ତ କରି ଲକ୍ଷ୍ୟ ହାସଲ ହେବା ଜଣାଯାଉନାହିଁ ।

6.6.3 ଅଫଳପ୍ରଦ ଖର୍ଚ୍ଚ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ର ନିର୍ଦ୍ଦେଶାବଳୀ ଅନୁଯାୟୀ:

(i) କାର୍ଯ୍ୟାଦେଶ ପ୍ରଦାନ ତାରିଖ ଠାରୁ 12 ମାସ ମଧ୍ୟରେ ଗୃହ ଗୁଡ଼ିକ ସମ୍ପୂର୍ଣ୍ଣ ହେବାର ଥିଲା । ସେହି ଗୃହରେ ବାସୋପଯୋଗୀ ପାଇଁ ସେମାନଙ୍କର ମୌଳିକ ସୁବିଧା ଯଥା ଜଳ, ଶୌଚାଳୟ, ସେରେଜ୍, ବିଦ୍ୟୁତ୍, ରାସ୍ତା ଇତ୍ୟାଦି ଆବଶ୍ୟକ ପୂରଣ କରିବାକୁ ଥିଲା ।

(ii) ହିତାଧିକାରଙ୍କ ପାଇଁ ଗୃହ ସହାୟତା ରାଶି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପାଣ୍ଠି 75:25 ଅନୁପାତରେ ସର୍ବମୋଟ 2.00 ଲକ୍ଷ ଟଙ୍କା ରହିବ । ଗୃହର ନିର୍ମାଣ କାର୍ଯ୍ୟ ଅନୁସାରେ, ଡିସେମ୍ବର 2017 ପର୍ଯ୍ୟନ୍ତ, ଗୋଟିଏ ଗୃହକୁ ସହାୟତା ରାଶି ଚାରୋଟି ପର୍ଯ୍ୟାୟରେ ଯଥା: (କ) ଘର ପାଇଁ ମାଟି ଖନନ ଏବଂ ମୂଳଦୁଆ ପର୍ଯ୍ୟାୟ (ଇଇ) (ଖ) ପ୍ଲିଣ୍ଥ୍ ସ୍ତର ପର୍ଯ୍ୟାୟ (ପିଏଲ୍), (ଗ) ଛାତ ସ୍ତର ପର୍ଯ୍ୟାୟ (ଆର୍‌ଏଲ୍) ଏବଂ (ଘ) ଗୃହ ସମାପ୍ତି ପର୍ଯ୍ୟାୟ (ସମ୍ପୂର୍ଣ୍ଣ) ପାଇଁ 70,000 (ଇଇ), 60,000 (ପିଏଲ୍), 50,000 ଟଙ୍କା (ଆର୍‌ଏଲ୍), 20,000 ଟଙ୍କା (ସମ୍ପୂର୍ଣ୍ଣ) ପ୍ରଦାନ କରାଯିବାର ବ୍ୟବସ୍ଥା ଥିଲା । ଜାନୁଆରୀ 2018 ଠାରୁ ସହାୟତା ରାଶି ଯଥାକ୍ରମେ 40,000 ଟଙ୍କା, 60,000 ଟଙ୍କା, 60,000 ଟଙ୍କା ଓ 40,000 ଟଙ୍କା ହିସାବରେ ସଂଶୋଧିତ ହୋଇ ପ୍ରଦାନ କରାଯାଉଛି ।

ଛଅଟି ୟୁଏଲ୍‌ବି ଯଥା: ସମ୍ବଲପୁର ଏବଂ କଟକ ମହାନଗର ନିଗମ, ଚୌଦ୍ୱାର ୟୁଏଲ୍‌ବି ଏବଂ କୁଚିଣ୍ଡା, ରେଢାଖୋଲ ଓ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଇତ୍ୟାଦିରେ ସମୀକ୍ଷା ହୋଇଥିବା ଆର୍ଥିକ ବର୍ଷ 2016-17 ରୁ 2019-20 ମଧ୍ୟରେ ଗୃହ ନିର୍ମାଣ ପାଇଁ 8,567 ଟି କାର୍ଯ୍ୟାଦେଶ ଜାରି କରାଯାଇଥିଲା । କାର୍ଯ୍ୟାଦେଶ ଦିଆଯାଇଥିବା 8,567 ଟି ମଧ୍ୟରୁ, ଡିସେମ୍ବର 2021 ସୁଦ୍ଧା କେବଳ 6,804 ଟି ଘର ନିର୍ମାଣ ହୋଇଥିଲା ବେଳେ 1,763 ଟି ଘର (518 ଇଇ+541 ପିଏଲ୍+704 ଆର୍‌ଏଲ୍) ବିଭିନ୍ନ ପର୍ଯ୍ୟାୟରେ ଅସମ୍ପୂର୍ଣ୍ଣ ହୋଇ ଗତ ଏକ ବର୍ଷରୁ ପାଞ୍ଚ ବର୍ଷ ମଧ୍ୟରେ ପଡ଼ିରହିଥିଲା । ହିତାଧିକାରୀଙ୍କ ଆର୍ଥିକ ଅଭାବ ଯୋଗୁଁ ଏହି ଘରଗୁଡ଼ିକ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ ।

ସରଜମିନ ତଦନ୍ତ ସମୟରେ, 20 ଘରର ହିତାଧିକାରୀମାନେ ଆର୍ଥିକ ଅଭାବ ଅନାଟନ ହେତୁ ଘର ନିର୍ମାଣ/ ସଂପୂର୍ଣ୍ଣ କରିବାରେ ଅକ୍ଷମତା ପ୍ରକାଶ କରିଥିଲେ । ଅଡିଟ୍ ଏହା ଦେଖିଲେ ଯେ, (କ) ହିତାଧିକାରୀଙ୍କ ନିଜ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତି ପାଇଁ ନିଜସ୍ୱ ସମ୍ବଳ ନଥିଲା କିମ୍ବା କୌଣସି ସନ୍ନିଶ୍ରଣ ଯୋଜନା ମାଧ୍ୟମରେ କିମ୍ବା ସ୍ୱୟଂ ଅର୍ଥ ପ୍ରଦାନ ଦ୍ୱାରା ସେମାନଙ୍କର ଅର୍ଥ ପାଇବାର ସୁବିଧା ନଥିଲା (ଖ) ଯଦିଓ, ଆର୍ଥିକ ବର୍ଷ 2016-17 ରୁ 2019-20 ମଧ୍ୟରେ, 1,763 ହିତାଧିକାରୀଙ୍କୁ, 18.37 କୋଟି ଟଙ୍କା ପ୍ରଦାନ କରାଯାଇଥିଲା, ଉକ୍ତ ଗୃହଗୁଡ଼ିକ ଧାର୍ଯ୍ୟ ସମୟ ଏକ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହୋଇନଥିଲା ଫଳତଃ ଗତ ଏକ ରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ହୋଇପଡ଼ି ରହିଥିଲା । ଯେହେତୁ ଘରଗୁଡ଼ିକ ସମ୍ପୂର୍ଣ୍ଣ ହେବାର ସମ୍ଭାବନା କ୍ଷୀଣ ଅଟେ, ଖର୍ଚ୍ଚ ହୋଇଥିବା 18.37 କୋଟି ଟଙ୍କା ଅଫଳପ୍ରଦ ହୋଇଥିଲା ।

କିଛି ଅସମ୍ପୂର୍ଣ୍ଣ ଘରର ଫଟୋ ନିମ୍ନରେ ଦିଆଯାଇଛି ।

ଫଟୋଚିତ୍ର ସଂଖ୍ୟା - 6.8	ଫଟୋଚିତ୍ର ସଂଖ୍ୟା -6.9	ଫଟୋଚିତ୍ର ସଂଖ୍ୟା -6.10
କଟକ ମହାନଗର ନିଗମ	ଏନ୍‌ଏସି, କୁଚିଣ୍ଡା	ସମଲପୁର ମହାନଗର ନିଗମ
		

ମାର୍ଚ୍ଚ 2022 ସୁଦ୍ଧା, ୟୁଏଲ୍‌ବି ଗୁଡ଼ିକ ଏ ବାବଦରେ କରାଯାଇଥିବା ଅଡିଟ୍ ଅନୁସନ୍ଧାନର କୌଣସି ପ୍ରତିକ୍ରିୟା ପ୍ରଦାନ କରିନାହାଁନ୍ତି ।

6.6.4 ଦକ୍ଷତା ବୃଦ୍ଧି କାର୍ଯ୍ୟକଳାପ

ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 12.1 ଅନୁଯାୟୀ, ୟୁଏଲ୍‌ବି ଗୁଡ଼ିକ ମିଶନର କାର୍ଯ୍ୟାନ୍ୱୟନରେ, ବିଭିନ୍ନ ହିତାଧିକାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ, ଦକ୍ଷତା ବିକାଶ (ଟ୍ରେନିଂ, କର୍ମଶାଳା, ଅଧ୍ୟୟନ/ ଏକ୍ସପୋଜର ପରିଦର୍ଶନ ଇତ୍ୟାଦି ଅନ୍ତର୍ଭୁକ୍ତ କରି) ଉଦ୍ଦେଶ୍ୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କରିବାର ଆବଶ୍ୟକ ଥିଲା । ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପାଇଁ ସେମାନଙ୍କୁ (କ) ଅନୁସନ୍ଧାନ ଅଧ୍ୟୟନ, (ଖ) ଡକ୍ୟୁମେଣ୍ଟେସନ୍ ଏବଂ ସର୍ବୋତ୍ତମ ଅଭ୍ୟାସ ବିସ୍ତାର ଏବଂ (ଗ) ଅନ୍ୟାନ୍ୟ ଯୋଜନା ସମ୍ବନ୍ଧୀୟ ସାମଗ୍ରୀର ପ୍ରସ୍ତୁତି ମଧ୍ୟ କରିବା ଆବଶ୍ୟକ ଥିଲା ।

ଏହା ମଧ୍ୟ ଜାଣିବାକୁ ମିଳିଲା ଯେ, ସମୀକ୍ଷା ହୋଇଥିବା ୟୁଏଲ୍‌ବି ଗୁଡ଼ିକରେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ କରାଯାଇ ନଥିଲା । ଯାହା ସୂଚାଇ ଦେଇଛି ଯେ, କାର୍ଯ୍ୟକାରୀ ଅଧିକାରୀମାନେ ଯୋଜନାର ସଫଳ 2022 ସୁଦ୍ଧା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗୃହ ରୂପାୟନ କରିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ଦକ୍ଷ ହୋଇନଥିଲେ ।

6.6.5 ନିର୍ମିତ ଗୃହଗୁଡ଼ିକର ମାନକ ଗୁଣବତ୍ତା ନିଶ୍ଚିତ ନହେବା

ମାର୍ଗଦର୍ଶିକାର ଅନୁଚ୍ଛେଦ 12.10 ଧାର୍ଯ୍ୟ କରିଛି ଯେ, ଗୃହ ନିର୍ମାଣର ଗୁଣବତ୍ତା ନିଶ୍ଚିତ କରିବାକୁ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳ(ୟୁଟି) ଏକ ତୃତୀୟ ପକ୍ଷ ଗୁଣବତ୍ତା ମନିଟରିଂ ଏଜେନ୍ସି (ଟିପିକ୍ୟୁଏମ୍‌ଏ) ନିୟୋଜିତ କରିବେ । ରାଜ୍ୟ/ ୟୁଟି ଗୁଡ଼ିକ ସେମାନଙ୍କର ଗୁଣବତ୍ତା ମନିଟରିଂ ଏବଂ ନିଶ୍ଚିତତା ତୃତୀୟ ପକ୍ଷ ଏଜେନ୍ସୀକୁ ଜଡ଼ିତ କରି ଯୋଜନା ପ୍ରସ୍ତୁତ କରିବାର ଅବଶ୍ୟକତା ଥିଲା । ଏହି ଯୋଜନାଗୁଡ଼ିକରେ ତୃତୀୟ ପକ୍ଷ ଏଜେନ୍ସୀଗୁଡ଼ିକ ଗୃହ ନିର୍ମାଣ ସ୍ଥାନ ପରିଦର୍ଶନ କରି ଗୃହ ଗୁଡ଼ିକର ଗୁଣାତ୍ମକ ସମ୍ବନ୍ଧୀୟ ପ୍ରସଙ୍ଗରେ ରାଜ୍ୟ ଏବଂ ୟୁଏଲ୍‌ବି ମାନଙ୍କୁ ପରାମର୍ଶ ଦେବେ । ମିଶନ ଅଧିନରେ ମାନକ ଗୁଣବତ୍ତା ଏବଂ ଭିତ୍ତିଭୂମି ଗୃହ ନିର୍ମାଣ ହେବା ନିଶ୍ଚିତ କରିବାକୁ ରାଜ୍ୟ ତଥା ୟୁଏଲ୍‌ବି ଗୁଡ଼ିକ ପ୍ରତିଷେଧକ ତଥା ପ୍ରତିକାର ଯାହା (କ) ଏଜେନ୍ସିଗୁଡ଼ିକ ଦ୍ୱାରା ଦିଆଯାଇଥିବା ଗୁଣାତ୍ମକ ନିଶ୍ଚିତତା ରିପୋର୍ଟ ଏବଂ (ଖ) ସେମାନଙ୍କର ନିଜସ୍ୱ ବୈଷୟିକ କର୍ମଚାରୀଙ୍କ ରିପୋର୍ଟ ଆଧାରରେ ମିଶନର ବିଭିନ୍ନ ଉପାଦାନ ଅଧିନରେ ପଦକ୍ଷେପ ଗ୍ରହଣ କରିବାର ଥିଲା ।

ସମୀକ୍ଷା ହୋଇଥିବା ୟୁଏଲ୍‌ବି ଗୁଡ଼ିକରେ, ତୃତୀୟ ପକ୍ଷ ଗୁଣାତ୍ମକ ମନିଟରିଂ ରିପୋର୍ଟରୁ ଜଣାଗଲା ଯେ , ନିର୍ମାଣରେ ବ୍ୟବହୃତ ସାମଗ୍ରୀ ଗୁଡ଼ିକ ଗୃହ ନିର୍ମାଣ ପାଇଁ ପରୀକ୍ଷା କରାଯାଇ ନାହିଁ, ତେଣୁ ବ୍ୟବହୃତ ସାମଗ୍ରୀର ଉପାଦେୟତାର ସୁନିଶ୍ଚିତତା କରାଯାଇ ନାହିଁ । ଅଧିକନ୍ତୁ, ମୌଳିକ ଭିତ୍ତିଭୂମିର ସୁନିଶ୍ଚିତ ଓ ଉପଲବ୍ଧତା ଯଥା: ଜଳ ଯୋଗାଣ, ସେରେଜ୍, ଡ୍ରେନେଜ୍, ରାସ୍ତା ଇତ୍ୟାଦି, ତୃତୀୟ ପକ୍ଷ ଏଜେନ୍ସି ଦ୍ୱାରା ଦେଖାଯାଇ ନଥିଲା ଯାହା ଟିପିକ୍ୟୁଏମ୍‌ଏ ରିପୋର୍ଟରୁ ସ୍ପଷ୍ଟ ହୋଇଛି ।

ସୁପାରିଶ :

8. ୟୁଏଲ୍‌ବି ଗୁଡ଼ିକ ସେମାନଙ୍କର ମନିଟରିଂ କୌଶଳକୁ ମଜ୍‌ବୁତ୍ କରିବା ପାଇଁ ପଦକ୍ଷେପ ନେବେ, ଯାହା ଫଳରେ (କ) ସେମାନଙ୍କୁ ଦିଆଯାଇଥିବା ପାଣ୍ଠିର ଉପଯୁକ୍ତ ଉପଯୋଗ ଏବଂ (ଖ) ଯୋଜନା ଆଧାରରେ ଘରଗୁଡ଼ିକର ଠିକ୍ ସମୟରେ ସମାପ୍ତ ହେବାର କାର୍ଯ୍ୟ ସମାପନ ହେବ।

6.7 ଅଡିଟ୍ ଅନୁଚ୍ଛେଦ

6.7.1 କଟକ ମହାନଗର ନିଗମ ଦ୍ୱାରା ସଂଶୋଧିତ ଭଡ଼ା ଶୁଳ୍କ ଆଦାୟ କରାଯାଉନଥିବାରୁ 2.73 କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି

ଓଡ଼ିଶା ମହାନଗର ନିଗମ (ଓଏମ୍‌ସି) ଆଇନ୍,2003 ର ଧାରା 194(b) (iii), 9(1)(vi) ଏବଂ 29 ରେ ଉଲ୍ଲେଖ ରହିଛି ଯେ, (i) ବେସରକାରୀ ବଜାର ପାଇଁ ବ୍ୟବହୃତ ହେଉଥିବା ପରିସରର ଲାଇସେନ୍ସ ପାଇଁଫି ଆଦାୟ କରିବାର କ୍ଷମତା ନିଗମର, (ii) ଲାଇସେନ୍ସ ଏବଂ ଅପିଲ୍ ସମ୍ବନ୍ଧୀୟ ମାମଲାଗୁଡ଼ିକର ତଦାରଖ ପାଇଁ ନିଗମର ଏକ ଷ୍ଟାଣ୍ଡିଂ କମିଟି ରହିବ ଏବଂ (iii) ନିଗମରେ ଥିବା କ୍ଷମତା, କର୍ତ୍ତବ୍ୟ ଏବଂ କାର୍ଯ୍ୟ ଷ୍ଟାଣ୍ଡିଂ କମିଟିର ଅନୁମୋଦନ କ୍ରମେ କମିଶନର କିମ୍ବା ନିଗମର ଅନ୍ୟ କୌଣସି ମନୋନିତ ଅଧିକାରଙ୍କ ଦ୍ୱାରା ପରିଚାଳିତ ହେବ।

ସମୀକ୍ଷାରୁ ଜଣାଗଲା ଯେ କଟକ ମହାନଗର ନିଗମ (ସିଏମ୍‌ସି) ର ଲାଇସେନ୍ସ ଏବଂ ଅପିଲ୍ ଷ୍ଟାଣ୍ଡିଂ କମିଟି ଏହାର 44 ତମ ବୈଠକ (2 ଅଗଷ୍ଟ 2018)ରେ ମହାନଗର ନିଗମ ଦ୍ୱାରା ଆବଣ୍ଟିତ ବଜାର କମ୍ପ୍ଲେକ୍ସଗୁଡ଼ିକ ପାଇଁ ଭଡ଼ା ଶୁଳ୍କକୁ ସଂଶୋଧନ କରି ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାପରେ 28 ସେପ୍ଟେମ୍ବର 2018 ରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଏହି ସୁପାରିଶକୁ ଅନୁମୋଦନ କରାଯାଇଥିଲା। ସେହି ଅନୁଯାୟୀ, 21 ଟି ସ୍ଥାନୀୟ ଅଞ୍ଚଳର ମାର୍କେଟ କମ୍ପ୍ଲେକ୍ସରେ ଥିବା 763ଟି ଦୋକାନ ପାଇଁ ପୁରୁଣା ହାରରେ ଭଡ଼ା ଦିଆଯାଇଥିବା ଦୋକାନ ଗୁଡ଼ିକ (ମାସିକ 40 ଟଙ୍କାରୁ 6,991 ଟଙ୍କା ମଧ୍ୟରେ) ନୂତନ ହାରରେ (ମାସିକ 1,299 ଟଙ୍କା ରୁ 16,200 ମଧ୍ୟରେ) ଭଡ଼ା ଦେବା ପାଇଁ ସଂଶୋଧିତ କରାଯାଇଥିଲା। ସଂଶୋଧିତ ଦରକୁ ଷ୍ଟାଣ୍ଡିଂ କମିଟି ଏବଂ ସାଧାରଣ ପରିଷଦ ଅନୁମୋଦନ କରିବା ସହ କାର୍ଯ୍ୟ କରିବା ପାଇଁ 05 ଅକ୍ଟୋବର 2018 ରେ ସିଏମ୍‌ସି କମିଶନରଙ୍କୁ ଅବଗତ କରାଯାଇଥିଲା।

ଆର୍ଥିକ ବର୍ଷ 2019-20 ଏବଂ 2020-21 ପାଇଁ ଚାହିଦା/ ଦାବୀ, ସଂଗ୍ରହ ଏବଂ ସନ୍ତୁଳନ (ଡିସିବି) ରେଜିଷ୍ଟର ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ରେକର୍ଡଗୁଡ଼ିକର ସମୀକ୍ଷାରୁ ଜଣାପଡ଼ିଛି ଯେ ସଂଶୋଧିତ ଭଡ଼ା ଆଦାୟ କରିବା ପରିବର୍ତ୍ତେ ଡେପୁଟି କମିଶନର (ସିଏମ୍‌ସି) ପୁରୁଣା ହାରରେ ଭଡ଼ା ସଂଗ୍ରହ ଜାରି ରଖିଥିଲେ । ତଦନୁସାରେ, 2019-20 ଏବଂ 2020-21 ଆର୍ଥିକ ବର୍ଷ ପାଇଁ ସଂଶୋଧିତ ହାରରେ 3.32 କୋଟି ଟଙ୍କାର ଭଡ଼ା ଆଦାୟ କରିବା ପାଇଁ ଥିବା ବେଳେ ମହାନଗର ନିଗମ ଏହି ଦୋକାନଗୁଡ଼ିକରୁ କେବଳ 0.59 କୋଟି ଟଙ୍କା ସଂଗ୍ରହ କରିଥିଲେ, ଯାହାଫଳରେ ନିର୍ଦ୍ଧାରିତ ହାର ଠାରୁ 2.73 କୋଟି ଟଙ୍କା କମ୍ ଆଦାୟ ହୋଇଥିଲା ଯାହା ପରିଶିଷ୍ଟ 6.1 ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

ଡେପୁଟି କମିଶନର (ସିଏମ୍‌ସି) (06 ଡିସେମ୍ବର 2021) କହିଛନ୍ତି ଯେ ସଂଶୋଧିତ/ ବକେୟା ଭଡ଼ା ଆଦାୟ ପାଇଁ ପଦକ୍ଷେପ ନିଆଯିବ । ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ଚାରି ବର୍ଷ ବିତିଯାଇଥିଲେ ମଧ୍ୟ ଷ୍ଟାଣ୍ଡିଂ କମିଟି/ ସାଧାରଣ ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ ନହେବା ପାଇଁ କୌଣସି ଯଥାର୍ଥତା ପ୍ରଦାନ କରାଯାଇ ନାହିଁ । ଯାହାଫଳରେ, ସିଏମ୍‌ସିର ରାଜସ୍ୱ କ୍ଷତି ହୋଇଥିଲା।

6.7.2 ଅସଫଳ ବ୍ୟୟ

ବିଏମ୍‌ସି ଏବଂ ବିଡିଏ ମଧ୍ୟରେ ସମନ୍ୱୟର ଅଭାବ ହେତୁ 4.98 କୋଟି ଟଙ୍କା ବ୍ୟୟରେ ନିର୍ମିତ ଏକ ଡ୍ରେନର ପାର୍ଶ୍ୱ ସଂଯୋଗୀକରଣରେ ବ୍ୟାହତ ହୋଇଥିଲା । ଯାହାଫଳରେ, ପ୍ରବଳ ବର୍ଷା ସମୟରେ ବର୍ଷା ଜଳରାଶି ପ୍ରବାହ ଏବଂ ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇଥିଲା ।

ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତା (ଓପିଡବ୍ଲୁଡି କୋଡ) ଅନୁଚ୍ଛେଦ 3.7.4 ଅନୁଯାୟୀ, ଯେଉଁ ଜମିକୁ ବିଧିବଦ୍ଧ ଭାବେ ନିର୍ମାଣ ବିଭାଗକୁ ଦିଆଯାଇ ନାହିଁ, ଜଣେ ଦାୟିତ୍ୱବାନ୍ ସରକାରୀ ଅଧିକାରୀ (ଜମି ହସ୍ତାନ୍ତର ନ କରିବା ପର୍ଯ୍ୟନ୍ତ) ସଂପୃକ୍ତ ସ୍ଥାନରେ କୌଣସି କାର୍ଯ୍ୟ କରିବା ଉଚିତ୍ ନୁହେଁ । ଓପିଡବ୍ଲୁଡି କୋଡରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ଇଞ୍ଜିନିୟର କିମ୍ବା ଠିକାଦାର କାର୍ଯ୍ୟ ସମ୍ପାଦନରେ ସମସ୍ୟା କିମ୍ବା ପ୍ରତିବନ୍ଧକ ବିଷୟରେ ଆଲୋଚନା କରିବା ପାଇଁ ଠିକା ପରିଚାଳନା ବୈଠକ ଆବଶ୍ୟକତା କରିପାରେ, ସେଗୁଡ଼ିକ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧିନରେ ଥିବା ଭୁବନେଶ୍ୱର ସହରର ଡ୍ରେନ୍ ନମ୍ବର 1ସି, ଓଡ଼ିଶା ଦୁଗ୍ଧ ଫେଡେରେସନ୍ (ଓଏମ୍‌ଏଫ୍‌ଇଡି) କାରଖାନା ଠାରୁ ଆରମ୍ଭ କରି ୱାର୍ଡ ସଂଖ୍ୟା 9 ଦମଣା ଗ୍ରାମର ମୁଖ୍ୟ ଡ୍ରେନ୍ ସଂଖ୍ୟା 1 ପର୍ଯ୍ୟନ୍ତ ଏକ ପ୍ରାକୃତିକ ଡ୍ରେନ୍ ଅଟେ । ଉପରୋକ୍ତ ବିଷୟ ବସ୍ତୁ ଅନୁଯାୟୀ, ଡ୍ରେନଟି ପ୍ରାକୃତିକ ଭାବରେ ପ୍ରବାହିତ ହେଉଥିଲା । କିନ୍ତୁ, ସହରୀକରଣ, ନିର୍ମାଣ ଇତ୍ୟାଦି କାର୍ଯ୍ୟ କାରଣରୁ ଏହାର ପ୍ରାକୃତିକ ପ୍ରବାହ ବାଧାପ୍ରାପ୍ତ ହୋଇଥିଲା । ଫଳସ୍ୱରୂପ, ସଂଲଗ୍ନ ଅଞ୍ଚଳରେ ବିଶେଷ ଭାବରେ ପ୍ରବଳ ବର୍ଷା ସମୟରେ ଜଳ ନିଷ୍କାସନ ହେବାରେ ବ୍ୟାଘାତ ହେଉଥିଲା ଏବଂ ବର୍ଷା ଜଳ ଜମି ରହୁଥିଲା ।

ଫଟୋଚିତ୍ର ସଂଖ୍ୟା- 6.11



ୱାର୍ଡ ସଂଖ୍ୟା 9 ରେ ଥିବା ଚନ୍ଦ୍ରଶେଖରପୁରର ପୋଖରାନ ଗ୍ରାମ ବିକାଶ ସଂଘ ଏବଂ ଚନ୍ଦ୍ରବିହାରର ଅଧିବାସୀମାନଙ୍କ ଠାରୁ ପ୍ରାପ୍ତ ଆବେଦନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିଏମ୍‌ସି (ଜାନୁଆରୀ 2019) ଡ୍ରେନ୍‌ର[105] ଉନ୍ନତି ତଥା ଜଳ ନିଷ୍କାସନ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ ।

ତଦନୁସାରେ ସହରୀ ଯନ୍ତ୍ରୀ, ବିଏମ୍‌ସି ଡ୍ରେନର ଉନ୍ନତି ପାଇଁ (ସିମେଣ୍ଟ କଂକ୍ରିଟ ଏବଂ କଲଭର୍ଟର ନିର୍ମାଣ) ନିର୍ମାଣ କାର୍ଯ୍ୟର ଅନୁମତି ଦେଇଥିଲେ ଯାହା ନିମ୍ନଲିଖିତ ଭାବରେ କାର୍ଯ୍ୟକାରୀ କରାଯାଇଥିଲା:

(i) ଓଏମ୍‌ଏଫ୍‌ଇଡି କାରଖାନା ଠାରୁ ଆରମ୍ଭ କରି ରାଧାକୃଷ୍ଣ ନଗର ଡ୍ରେନ୍ ପର୍ଯ୍ୟନ୍ତ କଲଭର୍ଟ ସହିତ 930 ମିଟର ଡ୍ରେନ୍ ନିର୍ମାଣକୁ ଅନୁମତି ଦିଆଯାଇଥିଲା (ଜାନୁଆରୀ 2019) । ଯାହା 3.81 କୋଟି ଟଙ୍କା ମୂଲ୍ୟରେ ଚୁକ୍ତିନାମା (ସେପ୍ଟେମ୍ବର 2019) କରି ମାର୍ଚ୍ଚ 2020 ସୁଦ୍ଧା ସଂପୂର୍ଣ୍ଣ ହେବା ପାଇଁ ଲକ୍ଷ୍ୟ ରଖାଯାଇଥିଲା । ଏହି କାର୍ଯ୍ୟ ସେପ୍ଟେମ୍ବର 2021 ରେ 3.47 କୋଟି ଟଙ୍କା ଖର୍ଚ୍ଚ ହୋଇ ସମାପ୍ତ ହୋଇଥିଲା ।

[105] ନିରାପତ୍ତାକୁ ଲକ୍ଷ୍ୟ ରଖି ଡ୍ରେନେଜ୍ ଢାଞ୍ଚାରେ ପରିବର୍ତ୍ତନ, ସମସ୍ୟାର ସମାଧାନ, କ୍ଷମତା ବୃଦ୍ଧି କିମ୍ବା ଜଳ ପ୍ରବାହ କିମ୍ବା ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରିବା ।

(ii) ରାଧାକୃଷ୍ଣ ନଗର ଠାରୁ ମୁଖ୍ୟ ଡ୍ରେନ୍ ନମ୍ବର 1 ପର୍ଯ୍ୟନ୍ତ ବକ୍ସ କଲଭର୍ଟ ସହିତ 690 ମିଟର ଡ୍ରେନ୍ ନିର୍ମାଣ ପାଇଁ (ଜାନୁଆରୀ 2019) 3.05 କୋଟି ଟଙ୍କା ମଞ୍ଜୁର କରାଯାଇଥିଲା । ଏହାକୁ 2.79 କୋଟି ଟଙ୍କା ମୂଲ୍ୟରେ ଚୁକ୍ତିନାମା ମଇ 2020 କରି କାର୍ଯ୍ୟାଦେଶ ଦିଆଯାଇଥିଲା ଯାହା ନଭେମ୍ବର 2020 ସୁଦ୍ଧା ସମାପ୍ତ ହେବା ପାଇଁ ଧାର୍ଯ୍ୟ କରାଯାଇଥିଲା ।

କାର୍ଯ୍ୟ (ii) ସମ୍ବନ୍ଧରେ ରେକର୍ଡ ଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଛି ଯେ ସେପ୍ଟେମ୍ବର 2021 ସୁଦ୍ଧା ମୋଟ 690 ମିଟର ଦୈର୍ଘ୍ୟ ଡ୍ରେନ୍ ମଧ୍ୟରୁ 590 ମିଟର (ଆନୁମାନିକ) କାର୍ଯ୍ୟ 1.51 କୋଟି ଟଙ୍କା ଖର୍ଚ୍ଚ ହେବା ପରେ ସମାପ୍ତ ହୋଇଛି । ତଥାପି, ଅବଶିଷ୍ଟ 100 ମିଟର ଡ୍ରେନର କାର୍ଯ୍ୟକାରିତା ନିର୍ବାହ କରିବା ପାଇଁ କାର୍ଯ୍ୟ ନିର୍ବାହୀ ଏଜେନ୍ସୀ ଅସମର୍ଥ ଥିଲେ । କାରଣ ଏ ରାସ୍ତାରେ ଏକ ବକ୍ସ କଲଭର୍ଟ ନିର୍ମାଣ ଦ୍ୱାରା ଡମଣା କେଳୁଚରଣ ପାର୍କ ରୋଡ୍ (ଡମଣା ହାଇସ୍କୁଲ ଛକ ନିକଟରେ) ଅତିକ୍ରମ କରି ଡ୍ରେନର ଏହି ଅଂଶ ଡ୍ରେନର ଅବଶିଷ୍ଟ ଅଂଶକୁ ସଂଯୋଗ କରିବାର ଆବଶ୍ୟକତା ଥିଲା କିନ୍ତୁ ଏହି ଅଂଶ ଭୁବନେଶ୍ୱର ବିକାଶ ପ୍ରାଧିକରଣ (ବିଡିଏ) ଅଧିନରେ ଥିବାରୁ କାର୍ଯ୍ୟ ସମାପନ ହୋଇପାରି ନଥିଲା । ବିଏମ୍ସି ଏହି ଡ୍ରେନ୍ ନିର୍ମାଣ ପାଇଁ ବିଡିଏଙ୍କୁ ବାରମ୍ବାର ଚିଠି[106] ମାଧ୍ୟମରେ ଅନୁମତି ମାଗିଥିଲେ ମଧ୍ୟ ଅଡିଟ୍ ତାରିଖ (ନଭେମ୍ବର ଓ ଡିସେମ୍ବର 2021) ପର୍ଯ୍ୟନ୍ତ ବିଡିଏ ନିର୍ମାଣ ପାଇଁ ଅନୁମତି ଦେଇନଥିଲେ । ଅଧିକନ୍ତୁ, ଦୁଇ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଗୃହ ଏବଂ ସହର ବିକାଶ ବିଭାଗ ଓଡ଼ିଶା ସରକାରଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ପ୍ରଭାବଶାଳୀ ଭାବରେ ଏହି କାର୍ଯ୍ୟ ସମ୍ପାଦନ ପାଇଁ କାର୍ଯ୍ୟ ବିଧି ଗ୍ରହଣ କରାଯିବାର ନଜିର ରେକର୍ଡରେ ଦେଖାଯାଇ ନଥିଲା ।

ଫଟୋଚିତ୍ର ସଂଖ୍ୟା- 6.12



ରାଧାକୃଷ୍ଣ ନଗର ନିକଟରେ ଅସମ୍ପୂର୍ଣ୍ଣ ଡ୍ରେନ୍

ଏହିପରି, 690 ମିଟର ଡ୍ରେନ ନିର୍ମାଣର ଅବଶିଷ୍ଟ କାର୍ଯ୍ୟ ସମାପ୍ତ ହୋଇପାରିଲା ନାହିଁ ଏବଂ ପ୍ରବଳ ବର୍ଷା ସମୟରେ ସଂଲଗ୍ନ ଅଞ୍ଚଳରେ ଜଳସ୍ତର/ ଉଚ୍ଚ ନିଷ୍କାସନ ସମସ୍ୟା ସମାଧାନ ହୋଇପାରି ନଥିଲା ଯାହା ପ୍ରକଳ୍ପର ଖର୍ଚ୍ଚ ହୋଇଥିବା 4.98 କୋଟି ଟଙ୍କା ନିଷ୍ଫଳ ହୋଇଥିଲା ।

ବିଏମ୍ସିରୁ ଉକ୍ତ ସମୀକ୍ଷା(ଡିସେମ୍ବର 2021) ର ଉତ୍ତର ମିଳିନଥିଲା ।

6.7.3 ବର୍ଜ୍ୟବସ୍ତୁ ପରିବହନ ପାଇଁ ଅତିରିକ୍ତ/ ପରିହାର୍ଯ୍ୟ ଯୋଗ୍ୟ ଦେୟ

ଠିକାଦାରମାନଙ୍କ ଦ୍ୱାରା ସ୍ୱଳ୍প ମାର୍ଗର ଉପଲବ୍ଧତା ଏବଂ ବ୍ୟବହାର ସତ୍ତ୍ୱେ, କଠିନ ବର୍ଜ୍ୟବସ୍ତୁ ପରିବହନ ପାଇଁ ସିଏମ୍ସି ଦ୍ୱାରା ଠିକାଦର ହ୍ରାସ ନକରିବା ଫଳରେ0.76 କୋଟି ଟଙ୍କା ଅତିରିକ୍ତ/ ଅପରିହାର୍ଯ୍ୟ ଦେୟ ପ୍ରଦାନ କରାଯାଇଥିଲା ।

ଓଡ଼ିଶା ସାଧାରଣ ଆର୍ଥିକ ନିୟମ 1971 ର ଧାରା 9 ଏବଂ 10 ଅନୁଯାୟୀ, ପ୍ରତ୍ୟେକ ଅଧିକାରୀ ସରକାରୀ ଅର୍ଥ ପରିଚାଳନା କଲାବେଳେ ଉଚ୍ଚମାନର ମାର୍ଗଦର୍ଶନ କରିବା ଉଚିତ୍ ଏବଂ ସାଧାରଣ ଅର୍ଥ ବ୍ୟୟକୁ ଦୃଷ୍ଟିରେ ରଖି ସତର୍କତା, ଚତୁରତା ଏବଂ କଠିନ ଅର୍ଥ ନୀତି ଆପଣେଇବା ଉଚିତ୍ ।

[106] ଜୁଲାଇ 2020, ଜାନୁଆରୀ 2021, ଫେବୃଆରୀ 2021, ମାର୍ଚ୍ଚ 2021, ଅଗଷ୍ଟ 2021 ଏବଂ ଅକ୍ଟୋବର 2021 ର ଚିଠି ଗୁଡ଼ିକ

ଅଡିଟ୍ ଉଲ୍ଲେଖ କରିଛି ଯେ ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ (ଏମ୍ଏସ୍ଡବ୍ଲୁ)[107] ପରିଚାଳନା ପାଇଁ କଟକ ମହାନଗର ନିଗମ (ସିଏମ୍ସି) ମେସର୍ସ ରାମକିଏନ୍ଭିରୋ ଇଞ୍ଜିନିୟରସ୍ ପ୍ରାଇଭେଟ୍ ଲିମିଟେଡ୍ (ଆର୍ଇଇଏଲ୍) ହାଇଦ୍ରାବାଦ ସହିତ ଚୁକ୍ତି କରିଥିଲେ (ମାର୍ଚ୍ଚ 2011) ଯାହାର ଅବଧି ଅପ୍ରେଲ 2011 ରୁ ମାର୍ଚ୍ଚ 2018 ପର୍ଯ୍ୟନ୍ତ ଥିଲା । ସେହିପରି, (ମାର୍ଚ୍ଚ 2018) ଅପ୍ରେଲ 2018 ଠାରୁ ମେସର୍ସ ବିବିଜି ମେଟାଲ୍ ସିଷ୍ଟିକେଟ୍ ପ୍ରାଇଭେଟ୍ ଲିମିଟେଡ୍ ସହିତ କଠିନ ବର୍ଜ୍ୟବସ୍ତୁ (ଏମ୍ଏସ୍ଡବ୍ଲୁ) ପରିଚାଳନା ପାଇଁ ଚୁକ୍ତି କରିଥିଲେ । ଚୁକ୍ତିନାମାର ସାଧାରଣ ସର୍ତ୍ତଗୁଡ଼ିକର ଧାରା 12.1 ର ଅଂଶ ଡି(ବି) ଅନୁଯାୟୀ ଟ୍ରାନ୍ସଫର ଷ୍ଟେସନ ଠାରୁ (ସତୀ ଚଉରା ଠାରେ) ଲ୍ୟାଣ୍ଡ ଫିଲ୍ ସାଇଟ୍ / ଡମ୍ପ ସାଇଟ୍ (ଚକ୍ରଧରପୁର ପର୍ଯ୍ୟନ୍ତ) ଏମ୍ଏସ୍ଡବ୍ଲୁ ପରିବହନ ପାଇଁ ଠିକାଦାରଙ୍କୁ ପ୍ରତି ଟନ୍ ପ୍ରତିଦିନ 153 ଟଙ୍କା ହାରରେ ଅର୍ଥ ପ୍ରଦାନ କରାଯାଉଥିଲା । ଆହୁରି ମଧ୍ୟ, ଜନସ୍ୱଚ୍ଛସ୍ଥ୍ୟ ଷ୍ଟାଣ୍ଡିଂ କମିଟି ଦ୍ୱାରା ନିଷ୍ପତ୍ତି (ଅକ୍ଟୋବର 2017) ନିଆଯାଇଥିଲା ଯେ ପ୍ରତି ବର୍ଷ ମଇ ମାସ ଠାରୁ ପରିବହନ ଦେୟର ହାର ବାର୍ଷିକ ପାଞ୍ଚ ପ୍ରତିଶତ ବୃଦ୍ଧି କରାଯିବ ଯାହା ମଇ 2018 ଠାରୁ କାର୍ଯ୍ୟକାରୀ ହୋଇଥିଲା ।

ଅଡିଟ୍ ଏହା ମଧ୍ୟ ଦେଖିଲେ ଯେ ଚୁକ୍ତି କରିବା ସମୟରେ (ମାର୍ଚ୍ଚ 2011) ସ୍ଥାନାନ୍ତର ଷ୍ଟେସନ୍ (ସତୀଚଉରା ଠାରେ) ଲ୍ୟାଣ୍ଡ ଫିଲ୍ ସାଇଟ୍ / ଡମ୍ପ ସାଇଟ୍ (ଚକ୍ରଧରପୁରରେ) ମଧ୍ୟରେ ଦୂରତା ନରାଜ ସେତୁ ଦେଇ 19.3 କିଲୋମିଟର (ଧୂଷର ରଙ୍ଗର ମାର୍ଗ ନିମ୍ନ ମାନ ଚିତ୍ରରେ) ଥିଲା । ଜୁଲାଇ 2017 ରେ ନେତାଜୀ ସେତୁ (ତ୍ରିଶୁଳିଆ ନିକଟରେ) ର ଉଦ୍ଘାଟନ ପରେ ଏହାର ଦୂରତା 16 କିଲୋମିଟରକୁ ହ୍ରାସ ପାଇଲା (ନୀଳ ରଙ୍ଗର ମାର୍ଗ ନିମ୍ନ ଫଟୋଚିତ୍ର ସଂଖ୍ୟା 6.13 ରେ) ।

ଫଟୋଚିତ୍ର ସଂଖ୍ୟା 6.13



ରେକର୍ଡ ଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଛି ଯେ, ଟ୍ରାନ୍ସଫର ଷ୍ଟେସନ ଏବଂ ଲ୍ୟାଣ୍ଡ ଫିଲ୍ ସାଇଟ୍ / ଡମ୍ପ ସାଇଟ୍ ମଧ୍ୟରେ ଦୂରତା 3.3 କିମି କୁ (ଜୁଲାଇ 2017 ପରଠାରୁ) ହ୍ରାସ ହେବା ସହ ପରିବହନ ଶୁଳ୍କ (ଅକ୍ଟୋବର 2017) ରେ ବାର୍ଷିକ ପାଞ୍ଚ ପ୍ରତିଶତ ବୃଦ୍ଧି ମଇ 2018 ଠାରୁ କାର୍ଯ୍ୟକାରୀ ହୋଇଥିଲା । କିନ୍ତୁ, ଏମ୍ଏସ୍ଡବ୍ଲୁ ପରିବହନ ଚୁକ୍ତିର ମୂଳଲକ୍ଷ୍ୟ (2011) ହ୍ରାସ କରିବାରେ ସିଏମ୍ସି ବିଫଳ ହୋଇଥିଲା । ଯେହେତୁ ଚୁକ୍ତିନାମା ଅନୁଯାୟୀ, ସେହିପରି କୌଣସି ସର୍ତ୍ତ ଧାର୍ଯ୍ୟ କରାଯାଇ ନଥିଲା ଏବଂ କଠିନ ବର୍ଜ୍ୟବସ୍ତୁ (ଏମ୍ଏସ୍ଡବ୍ଲୁ) ପରିଚାଳନା ପାଇଁ ନରାଜ୍ ସେତୁ ଦେଇ କେବଳ ଲମ୍ବା ମାର୍ଗ ଉପଲବ୍ଧ ଥିବା ବେଳେ ଚୁକ୍ତିନାମା କରାଯାଇଥିଲା । ସାନିଟାରୀ ସୁପରଭାଇଜର ସିଏମ୍ସି ସହିତ ଅଡିଟ୍ ଦ୍ୱାରା ମିଳିତ ପ୍ରତ୍ୟକ୍ଷ ଯାଞ୍ଚ ସମୟରେ (ଫେବୃଆରୀ 2022) ଜଣାଯାଏ ଯେ, ଠିକାଦାରମାନେ

[107] ଘର ରୁ ଘର ସଂଗ୍ରହ, ସଂରକ୍ଷଣ, ପରିବହନ, ମାନୁଆଲ ଏବଂ ଯାନ୍ତ୍ରିକ ପରିଷ୍କାର, ସ୍ଥାନାନ୍ତର ଷ୍ଟେସନ୍ ନିର୍ମାଣ ମାଟି ସହିତ ଲ୍ୟାଣ୍ଡଫିଲ୍, ଆବରଣ ଏବଂ ଯାନ୍ତ୍ରିକ ଉପାୟ ଦ୍ୱାରା ସମତଳ କରିବା ।

ଟ୍ରାନ୍ସଫର ଷ୍ଟେସନରୁ ଲ୍ୟାଣ୍ଡଫିଲ୍ ସାଇଟ୍/ ଡମ୍ପ ସାଇଟ୍ ପର୍ଯ୍ୟନ୍ତ ଏମ୍ଏସ୍ଡବ୍ଲୁ ପରିବହନ ପାଇଁ ନେତାଜୀ ସେତୁ ଦେଇ କମ୍ ଦୂରତା ବିଶିଷ୍ଟ ମାର୍ଗ ବ୍ୟବହାର କରୁଥିଲେ । ଏହା ସତ୍ତ୍ୱେ, ଅଗଷ୍ଟ 2017 ଠାରୁ ସିଏମ୍ସି ଠିକାଦାରଙ୍କୁ ପ୍ରତିଦିନ ଟନ୍ ପ୍ରତି 153 ଟଙ୍କା ହାରରେ ଦେୟ ପ୍ରଦାନ ଜାରି ରଖିଥିଲେ ଏବଂ ମଇ 2018 ଠାରୁ ପ୍ରତିବର୍ଷ ପାଞ୍ଚ ପ୍ରତିଶତ ପରିବହନ ଶୁଳ୍କରେ ବୃଦ୍ଧି ଘଟାଇଥିଲେ ।

ଏହିପରି ଏମ୍ଏସ୍ଡବ୍ଲୁର ପରିବହନ ଚୁକ୍ତିର ମୂଳ ଲକ୍ଷ୍ୟ ହ୍ରାସ ନକରିବା ଦ୍ୱାରା 16 କିଲୋମିଟର କ୍ଷୁଦ୍ର ମାର୍ଗ ବ୍ୟବହାର କରୁଥିବା ସତ୍ତ୍ୱେ ସିଏମ୍ସି ଠିକାଦାରଙ୍କୁ ପ୍ରତିଦିନ ଟନ୍ ପ୍ରତି 153 ଟଙ୍କା ହାରରେ ଦେୟ ପ୍ରଦାନ କରୁଥିଲେ । ଫଳରେ ଅଗଷ୍ଟ 2017 ରୁ ଠିକାଦାରଙ୍କୁ ନଭେମ୍ବର 2021 ପର୍ଯ୍ୟନ୍ତ 261933 ମେଟ୍ରିକ୍ ଟନ୍ ଏମ୍ଏସ୍ଡବ୍ଲୁ ପରିବହନ ପାଇଁ 0.76 କୋଟି ଟଙ୍କା (***ପରିଶିଷ୍ଟ 6.2***) ଅନୁଯାୟୀ ଅତିରିକ୍ତ/ ପରିହାର ଯୋଗ୍ୟ ଦେୟ ପ୍ରଦାନ କରାଯାଇଥିଲା ।

କଟକ ମହାନଗର ନିଗମ ଠାରୁ ଏ ବାବଦରେ କୌଣସି ଉତ୍ତର ମିଳିନାହିଁ (ଜାନୁଆରୀ 2022 ସୁଦ୍ଧା) ।

6.7.4 କେନ୍ଦ୍ରୀୟ ଅନୁଦାନର ସ୍ଥାନାନ୍ତର/ ବିବିଧତା

ଭୁବନେଶ୍ୱର ମହାନଗର ନିଗମ କେନ୍ଦ୍ରିୟ ପ୍ରାୟୋଜିତ ଯୋଜନାରୁ5.02 କୋଟି ଟଙ୍କାର କେନ୍ଦ୍ରିୟ ପାଣ୍ଠିକୁ ରାଜ୍ୟ ଯୋଜନାରେ ସ୍ଥାନାନ୍ତର କରିଥିଲା ।

ଭାରତ ସରକାର (ଜିଓଆଇ) ଇନ୍ଦିରା ଗାନ୍ଧୀ ଜାତୀୟ ବୃଦ୍ଧାବୃଦ୍ଧ ପେନ୍ସନ୍ ଯୋଜନା (ଆଇଜିଏନ୍ଓଏପିଏସ୍) ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନ୍ସନ୍ ଯୋଜନା (ଆଇଜିଏନ୍ ଡବ୍ଲୁପିଏସ୍) ସମେତ ବିଭିନ୍ନ ବର୍ଗ/ ଯୋଜନା ଅଧିନରେ ଯୋଗ୍ୟ ହିତାଧିକାରୀଙ୍କୁ କଲ୍ୟାଣକାରୀ ସହାୟତା ପ୍ରଦାନ କରିବାକୁ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଭାବରେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍ଏସ୍ଏପି) ପ୍ରବର୍ତ୍ତନ (ଅଗଷ୍ଟ 1995) କରିଥିଲେ । ଏନ୍ଏସ୍ଏପି ମାର୍ଗଦର୍ଶିକା 1995 ପାରା 7 ଅନୁଯାୟୀ (କ) ଏହା ନିଶ୍ଚିତ ହେବା ଉଚିତ୍ ଯେ, କେନ୍ଦ୍ରୀୟ ସହାୟତା ରାଜ୍ୟଗୁଡ଼ିକର ନିଜସ୍ୱ ଖର୍ଚ୍ଚରେ ସାମିଲ୍ ହୋଇପାରିବ ନାହିଁ (ଖ) ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳ (ୟୁଟି) ଗୁଡ଼ିକ ଯେଉଁ ସମୟରେ ଇଚ୍ଛା ବ୍ୟକ୍ତ କରିବେ ସ୍ୱାଧୀନ ଭାବରେ ନିଜସ୍ୱ ସାମାଜିକ ସହାୟତାର ବିସ୍ତାର କରିପାରିବେ ।

ଓଡ଼ିଶା ସରକାର, ମଧୁବାବୁ ପେନ୍ସନ୍ ଯୋଜନା (ଏମ୍ବିପିୱାଇ) ନିୟମ, 2008 ରେ ଥିବା ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ଯୋଜନା ଭାବରେ ଯୋଗ୍ୟ ହିତାଧିକାରୀଙ୍କୁ କଲ୍ୟାଣକାରୀ ସହାୟତା ପ୍ରଦାନ କରିବା ପାଇଁ ମଧୁବାବୁ ପେନ୍ସନ୍ ଯୋଜନା ପ୍ରବର୍ତ୍ତନ କରିଥିଲେ ।

ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ (ବିଏମ୍ସି) ର ରେକର୍ଡଗୁଡ଼ିକ ଅନୁଧାନ କରି ନିମ୍ନୋକ୍ତ ତଥ୍ୟ ପଦାକୁ ଆସିଥିଲା :

(i) ଏନ୍ଏସ୍ଏପି ମାର୍ଗଦର୍ଶିକା, 1995 ର ସାଧାରଣ ସର୍ତ୍ତାବଳୀ ପାରା 13 (ଗ) ଅନୁଯାୟୀ କାର୍ଯ୍ୟକାରୀ ସଂସ୍ଥାକୁ ପାଣ୍ଠିର ସୁଗମ ପ୍ରବାହକୁ ସଠିକ୍ କରିବା ଏବଂ ଏନ୍ଏସଏପି ଅଧିନରେ ତୁରନ୍ତ ଲାଭ ବଣ୍ଟନ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଜିଲ୍ଲା ସ୍ତରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଉଥିବା ପାଣ୍ଠି ପାଇଁ ଜିଲ୍ଲା ସ୍ତରରେ ପୃଥକ ଖାତା ଖୋଲିବାରେ ବ୍ୟବସ୍ଥା କରିବେ । ଉପରୋକ୍ତ ସର୍ତ୍ତ ସୂଚିତ କରେ ଯେ, ଏନ୍ଏସ୍ଏପି ପାଣ୍ଠି ଅନ୍ୟ କୌଣସି ଯୋଜନାର ଆକାଉଣ୍ଟକୁ ସ୍ଥାନାନ୍ତରିତ ହେବା ଉଚିତ୍ ନୁହେଁ । ଅଡିଟ୍ ଦର୍ଶାଇଥିଲା ଯେ ଭୁବନେଶ୍ୱର ମହାନଗର ନିଗମ ସେପ୍ଟେମ୍ବର 2020 ରୁ ଜୁଲାଇ 2021 ମଧ୍ୟରେ ଚାରୋଟି କାରବାର ମଧ୍ୟରେ ଏନ୍ଏସଏପି[108] ଅଧିନରେ ଆବଣ୍ଟିତ 5.02 କୋଟି ଟଙ୍କା ଏମ୍ବିପିୱାଇ ଅଧିନସ୍ଥ ବ୍ୟାଙ୍କ ଆକାଉଣ୍ଟକୁ (***ପରିଶିଷ୍ଟ 6.3*** ରେ ବିସ୍ତୃତ ଭାବରେ)

[108] ଇନ୍ଦିରା ଗାନ୍ଧୀ ଜାତୀୟ ବୃଦ୍ଧାବୃଦ୍ଧ ପେନ୍ସନ୍ ଯୋଜନା(ଆଇଜିଏନ୍ଓଏପିଏସ୍) ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନ୍ସନ୍ ଯୋଜନା (ଆଇଜିଏନ୍ଡବ୍ଲୁପିଏସ୍)

ସ୍ଥାନାନ୍ତର କରିଛନ୍ତି । ଏହି କେନ୍ଦ୍ରୀୟ ପାଣ୍ଠି ସ୍ଥାନାନ୍ତର ଦ୍ୱାରା ନିର୍ଦ୍ଧାରିତ ଏନ୍.ଏସ୍.ଏପି ନିର୍ଦ୍ଦେଶାବଳୀକୁ ଉଲ୍ଲଙ୍ଘନ କରିଥିଲା ।

(ii) ଏକ ମାସର ଦେୟ ରେକର୍ଡଗୁଡ଼ିକ ଯାଞ୍ଚରୁ ଜଣାପଡ଼ିଛି ଯେ, ବିଏମ୍‌ସି ବ୍ୟାଙ୍କକୁ ଏମ୍‌ବିପିଓ୍ୱାଇ ଆକାଉଣ୍ଟରୁ 21,199 ପେନ୍‌ସନ୍ ଭୋଗୀ ହିତାଧିକାରୀଙ୍କୁ ସୁବିଧା ଦେବା ପାଇଁ 1.12 କୋଟି ଟଙ୍କା ଦେୟ କରିବାକୁ ଅନୁମତି ଦେଇଥିଲେ । ଅବଶ୍ୟ ହିତାଧିକାରୀଙ୍କ ଯୋଜନାଭିତ୍ତିକ ତଥ୍ୟ ଯାହାକୁ ଏହି ଦେୟ ପ୍ରଦାନ କରାଯାଇଥିଲା, ତାହା ଅଡିଟ୍ ପାଇଁ ଉପଲବ୍ଧ କରାଗଲା ନାହିଁ । ଯାହା ଅନୁପସ୍ଥିତିରେ ଏହି ପାଣ୍ଠିର ସଠିକ୍ ଉପଯୋଗ ଜଣାପଡ଼ିଲା ନାହିଁ ।

(iii) ଆହୁରି ମଧ୍ୟ ଦେଖାଗଲା ଯେ ବିଏମ୍‌ସିର ଅଧିକାରୀମାନେ (ଡେପୁଟି କମିଶନର) କଲ୍ୟାଣକାରୀ ଏବଂ ମୁଖ୍ୟ ଅର୍ଥ ଅଧିକାରୀ) ଏନ୍.ଏସଏପି ଏବଂଏମ୍‌ବିପିଓ୍ୱାଇ ବ୍ୟାଙ୍କ ଆକାଉଣ୍ଟରୁ 2.99 କୋଟି ଟଙ୍କା ତିନୋଟି ସ୍ୱୟଂ ଚେକ୍ (ସେଫ୍ ଚେକ୍) ମାଧ୍ୟମରେ ଉଠାଣ କରି କିଛି ବର୍ଗର ପେନ୍‌ସନ୍ ଭୋଗୀ ହିତାଧିକାରୀଙ୍କ ସୁବିଧା ବଣ୍ଟନ ପାଇଁ ନଗଦ ଆକାରରେ ଭଡ଼ା ବଣ୍ଟନ କରିଥିଲେ (ପରିଶିଷ୍ଟ 6.4 ରେ ଦର୍ଶାଯାଇଛି) । ଅତ୍ୟାବଶ୍ୟକ ରେକର୍ଡଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ଚେକ୍ ମାଧ୍ୟମରେ ଉଠାଣ ହୋଇଥିବା ନଗଦ ଅର୍ଥର ବ୍ୟବହାର / ବିଚରଣ ସହିତ ସଂପୃକ୍ତ ଅର୍ଥ ହଡ଼ପ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ।

ଅଡିଟ୍ ପର୍ଯ୍ୟବେକ୍ଷଣ ଗୁଡ଼ିକର ଉତ୍ତର (ଡିସେମ୍ବର 2021) କମିଶନର, ବିଏମ୍‌ସି ଠାରୁ ଅପେକ୍ଷା କରାଯାଇଥିଲା ।

6.7.5 ଜାଲିଆଟି ଦେୟ

ୟୁଏଲ୍‌ବି କର୍ତ୍ତୃପକ୍ଷଙ୍କ ସଠିକ୍ ତଦନ୍ତ ଅଭାବରୁ ମୃତ ହିତାଧିକାରୀଙ୍କ ବିରୋଧରେ 2.18 ଲକ୍ଷ ଟଙ୍କାର ବାର୍ଷିକ୍ୟ ଭତ୍ତା ପ୍ରଦାନରେ ଜାଲିଆଟି କରାଯାଇଥିଲା ।

ଓଡ଼ିଶା ସରକାର (ଜାନୁଆରୀ 2008) ମଧୁ ବାବୁ ପେନ୍‌ସନ୍ ଯୋଜନା (ଏମ୍‌ବିପିଓ୍ୱାଇ) ନିୟମ, 2008 ରେ ଥିବା ବ୍ୟବସ୍ଥା ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ କଲ୍ୟାଣକାରୀ ସହାୟତା ଯୋଗାଇବା ପାଇଁ ରାଜ୍ୟ ଯୋଜନା ଭାବରେ ଏମ୍‌ବିପିଓ୍ୱାଇକୁ ପ୍ରବର୍ତ୍ତନ କରିଥିଲେ । ଏମ୍‌ବିପିଓ୍ୱାଇ ନିୟମ, 2008 ର ଧାରା 16 ଏବଂ 19 ଅନୁଯାୟୀ, ୟୁଏଲ୍‌ବିର କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ) ହିତାଧିକାରୀଙ୍କ ମୃତ୍ୟୁ ଘଟଣାର ବିବୃତି ଉପ-ଜିଲ୍ଲାପାଳଙ୍କୁ ତୁରନ୍ତ ଜଣାଇବା ଆବଶ୍ୟକ । ସାଧାରଣତଃ ପ୍ରତି ବର୍ଷ ଅପ୍ରେଲର ପ୍ରଥମ ସପ୍ତାହରେ, ପେନ୍‌ସନ୍‌ଭୋଗୀଙ୍କ ବାର୍ଷିକ ଯାଞ୍ଚ ଯଥା ପେନ୍‌ସନ୍‌ଭୋଗୀଙ୍କ ଜୀବିତା ଅବସ୍ଥା ସମ୍ପର୍କରେ ଜାଣିବା ଏବଂ ସୁନିଶ୍ଚିତ କରିବା ଯେ ସେମାନେ ଯୋଗ୍ୟତାର ସମସ୍ତ ସର୍ତ୍ତ ପୂରଣ କରୁଛନ୍ତି । ଯଦି ଯାଞ୍ଚର ଫଳାଫଳ କିମ୍ବା ଅନ୍ୟଥା, ଇଓ ସନ୍ତୁଷ୍ଟ ଯେ ପେନ୍‌ସନ୍‌ଭୋଗୀ ଆଉ ଜୀବିତ ନୁହଁନ୍ତି, ଇଓ ତୁରନ୍ତ ପେନ୍‌ସନ୍ ବାତିଲ୍ କରିବା ପାଇଁ ଉପଜିଲ୍ଲାପାଳଙ୍କ ଅନୁମୋଦନ ପାଇଁ ଯୋଗାଯୋଗ କରିବାକୁ ବାଧ ଅଟନ୍ତି । ଆହୁରି ମଧ୍ୟ, ଏହି ଯୋଜନାର ଧାରା 22 ଅନୁଯାୟୀ, ପେନ୍‌ସନ୍‌ଭୋଗୀଙ୍କ ମୃତ୍ୟୁ ତାରିଖ ପରେ ପେନ୍‌ସନ୍ ପ୍ରଦାନ ବନ୍ଦ କରାଯିବ ।

ଦୁଇଟି ୟୁଏଲ୍‌ବିର ରେକର୍ଡ ଯାଞ୍ଚରୁ (ରାଇରଙ୍ଗପୁର ଏବଂ ସୋନପୁର) ଜଣାଯାଏ ଯେ ନିର୍ବାହୀଙ୍କ ଦ୍ୱାରା, ଏମ୍‌ବିପିଓ୍ୱାଇ ଅଧିନରେ ପେନ୍‌ସନ୍ ଗ୍ରହଣ କରୁଥିବା ଜୀବିତ ପେନ୍‌ସନ୍ ଭୋଗୀମାନଙ୍କର ନିଜକୁ ସନ୍ତୁଷ୍ଟ କରିବା ପାଇଁ କୌଣସି ବାର୍ଷିକ ଯାଞ୍ଚ କରାଯାଇନଥିଲା ।

ଅଡିଟ୍ ମୃତ୍ୟୁ ରେଜିଷ୍ଟର ଏବଂ ଆକ୍ୟୁଟାନ୍ସ ରେଜିଷ୍ଟରର ଏକ ଟେଷ୍ଟ ଚେକ୍ କରିଥିଲା ଯାହା (ନଗଦ ଆକାରରେ ପେନ୍‌ସନ୍ ଗ୍ରହଣ କରୁଥିବା ହିତାଧିକାରଙ୍କ ବିବରଣୀ ଧାରଣ କରିଥିବା ରେଜିଷ୍ଟର, ସାକ୍ଷର କିମ୍ବା ଆଙ୍ଗୁଠି ଛାପ ଆକାରରେ, ଏହିପରି ରସିଦ), ରାଇରଙ୍ଗପୁରର ଆଠଟି ୱାର୍ଡ ଏବଂ ସୋନପୁରର ତିନୋଟି ୱାର୍ଟର ଅଟେ । ଏହି ରେଜିଷ୍ଟରରୁ ଜଣାଯାଏ 25 ଜଣ ମୃତ ହିତାଧିକାରୀଙ୍କୁ ଏକ ମାସରୁ 27 ମାସ ପର୍ଯ୍ୟନ୍ତ ପେନ୍‌ସନ୍ ଦେୟ ପ୍ରଦାନ କରାଯାଇଥିଲା ଯାହା ଶେଷ ପେମେଣ୍ଟ ମାସରୁ ପ୍ରଦାନ କରାଯାଇଛି ବୋଲି ଜାଣିବାକୁ ମିଳିଥିଲା । ମୃତ୍ୟୁ ପଞ୍ଜୀକରଣ ଏବଂ ପରିଚିତ ରେଜିଷ୍ଟର ମଧ୍ୟରେ କ୍ରସ୍ ଯାଞ୍ଚ ସମୟରେ ଏହି 25 ଟି ମାମଲା ଦେଖିବାକୁ ମିଳିଥିଲା, ଯାହା ଏହି ୟୁଏଲ୍‌ବି ଗୁଡ଼ିକରେ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପ୍ରଣାଳୀର ବିଫଳତାକୁ ସୂଚାଇଥିଲା ଏବଂ ଅନ୍ୟ

ହିତାଧିକାରୀଙ୍କ ଦସ୍ତଖତ କିମ୍ବା ଆଙ୍ଗୁଠି ଛାପ ବୈଧତାରୁ ମଧ୍ୟ ଜରୁରୀ ଯାଞ୍ଚ ହେବା ଆବଶ୍ୟକ ବୋଲି ଜଣାଯାଇଥିଲା ।

ଉପରୋକ୍ତରୁ ଏହା ସ୍ପଷ୍ଟ ହୋଇଛି ଯେ ପେନ୍‌ସନ୍‌ଭୋଗୀଙ୍କ ପାଇଁ ପେନ୍‌ସନ୍ ବଣ୍ଟନ ସମୟରେ ପୌରପାଳିକା କର୍ତ୍ତୃପକ୍ଷ ମୃତ୍ୟୁ ପଞ୍ଜିକରଣ ଯାଞ୍ଚ କରୁନଥିଲେ କିମ୍ବା ଦେୟ ପ୍ରଦାନକାରୀଙ୍କ ପ୍ରକୃତ ପରିଚୟ ମଧ୍ୟ ଜାଣିବାକୁ ଚାହୁଁନଥିଲେ, ଯାହାଫଳରେ ପେନ୍‌ସନର 2.18 ଲକ୍ଷ ଟଙ୍କା ଠକେଇ ହୋଇଥିଲା ।

ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ମାନେ ଉତ୍ତର ଦେଇଥିଲେ ଯେ (ଡିସେମ୍ବର 2020 ଏବଂ ଜାନୁଆରୀ 2021), ହିତାଧିକାରୀଙ୍କ ଯାଞ୍ଚ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ତଥାପି, ପୌରପାଳିକା କର୍ତ୍ତୃପକ୍ଷଙ୍କ ଦ୍ୱାରା ଉପଯୁକ୍ତ ତତ୍ପରତାର ଅଭାବ ପାଇଁ କୌଣସି ଯଥାର୍ଥତା ଉତ୍ତର ଦିଆଯାଇ ନଥିଲା, ଯାହାଦ୍ୱାରା ଧୋକାଦାରୀ ଭୁକ୍ତାନ ହୋଇଥିଲା ।

6.7.6 କର୍ମଚାରୀ ଏବଂ ଏଜେନ୍ସୀମାନଙ୍କୁ 4.70 କୋଟି ଟଙ୍କାର ଅଦଳବଦଳ ଅଗ୍ରୀମ ପ୍ରଦାନ କରାଯିବା

ଆଭ୍ୟନ୍ତରୀଣ ନିୟନ୍ତ୍ରଣର ଅନୁପସ୍ଥିତି ଓ କର୍ମଚାରୀ ଏବଂ ଏଜେନ୍ସୀମାନଙ୍କୁ ଦିଆଯାଇଥିବା ଅଗ୍ରୀମର ଅନୁଧ୍ୟାନ ନକରିବା ଫଳରେ 4.70 କୋଟି ଟଙ୍କାର ଫେରସ୍ତ କରାଯାଇ ନାହିଁ ।

ଓଡ଼ିଶା ଟ୍ରେଜେରୀ କୋଡ (ଓଟିସି) ଭଲ୍ୟୁମ୍-1 ର ନିୟମ 509 ଏବଂ ଅର୍ଥ ବିଭାଗ ସର୍କୁଲାର ନଭେମ୍ବର 1985 ରେ ସର୍ତ୍ତ ରହିଛି ଯେ ସରକାରୀ କର୍ମଚାରୀଙ୍କୁ ଦିଆଯାଇଥିବା ଅଗ୍ରୀମ ଅର୍ଥ ରାଶି ବିତରଣର ଏକ ମାସ ମଧ୍ୟରେ ଫେରସ୍ତ ହେବା ଉଚିତ୍ । ନିୟମ 507(1)(b)(i) ରେ ମଧ୍ୟ କୁହାଯାଇଛି ଯେ ପୂର୍ବରୁ ଦିଆଯାଇଥିବା ଅଗ୍ରୀମ ଆଡ୍‌ଜଷ୍ଟମେଣ୍ଟ ପରେ ଦ୍ୱିତୀୟ ଅଗ୍ରୀମକୁ ମଞ୍ଜୁର କରାଯିବ ।

ପୁନଶ୍ଚ, ଓଟିସିର ନିୟମ 37 ନିମ୍ନରେ ଥିବା ନୋଟ୍ 9 ଅନୁଯାୟୀ, (କ) ଅଧିକାରୀମାନଙ୍କୁ ଦିଆଯାଇଥିବା ଅଗ୍ରୀମ ଏକ ରେଜିଷ୍ଟର ଅଫ୍ ଆଡଭାନ୍ସରେ ଉଲ୍ଲେଖ କରାଯିବା ଉଚିତ୍, ଯେଉଁଥିରେ ଆଡଭାନ୍ସ ରାଶି ଗ୍ରହଣ କରୁଥିବା ଅଧିକାରୀଙ୍କ ନାମ, ପଦବୀ ଏବଂ ତାରିଖ ସମ୍ବନ୍ଧରେ ସମସ୍ତ ବିଶେଷତା ଏବଂ ଅଗ୍ରୀମ ଯେଉଁ ଉଦ୍ଦେଶ୍ୟ ପାଇଁ ସେମାନଙ୍କୁ ଦିଆଯାଇଛି, ତାହା ଦର୍ଶାଯାଇଥାଏ । ଖାତା ଦାଖଲ କରିବାର ତାରିଖ, ସମୁଦାୟ ପରିମାଣର ଫେରସ୍ତ ଏବଂ ଅବଶେଷ ଫେରସ୍ତ କରାଯାଇଥିବା ଇତ୍ୟାଦି ଏବଂ (ଖ) ଅଗ୍ରୀମଗୁଡ଼ିକର ରେଜିଷ୍ଟରକୁ ବାରମ୍ବାର ସମୀକ୍ଷା କରାଯିବା ଉଚିତ୍, ଯାହା ସମୀକ୍ଷାରୁ ଜଣାଯିବ ସେସବୁ ଅଗ୍ରୀମ ବିଳମ୍ବରେ ଫେରସ୍ତ ହେବ ।

ମାର୍ଚ୍ଚ 2002 ଏବଂ ଜାନୁଆରୀ 2004 ର ଅର୍ଥ ବିଭାଗ ସର୍କୁଲାରରେ ମଧ୍ୟ ସର୍ତ୍ତ ରହିଛି ଯେ, ଏକ ବର୍ଷରୁ ଅଧିକ ସମୟ ଧରି କୌଣସି ବୈଧ କାରଣ ବିନା ଅଗ୍ରୀମ ଆଡଜଷ୍ଟମେଣ୍ଟ ନହୋଇ ରହିଲେ, ଏହା ସଂଗଠନ/ ସରକାରଙ୍କୁ କ୍ଷତି ପରି ବିବେଚନା କରାଯିବା ଉଚିତ୍ ଏବଂ ତୁରନ୍ତ ଅଗ୍ରୀମ ନେଇଥିବା ସମ୍ପୃକ୍ତ ଅଗ୍ରୀମଧାରୀ ଏବଂ ଅଗ୍ରୀମ ମଞ୍ଜୁର କରିଥିବା କର୍ତ୍ତୃପକ୍ଷଙ୍କ ଠାରୁ ଫେରସ୍ତ କରାଯିବା ଉଚିତ୍ ।

